ଭକ୍ତ କବି ମାଧବାଧ୍ୟାପକଙ୍କ କୃତ

ମୋକ୍ଷ-ପୁରାଣ

ଶ୍ରୀ [illegible]

[illegible] ପ୍ରକାଶିତ ।

କଟକ-ଭକ୍ତିପୋଥିଯନ୍ତ୍ରାଳୟରେ ମୁଦ୍ରିତ ।

ପ୍ରାପ୍ତିସ୍ଥାନ—ଭକ୍ତି [illegible]

ପୋ: [illegible]

Digitized by srujanika@gmail.com

ସୂଚିପତ୍ର ।

ବିଷୟ	ପୃଷ୍ଠା
ନାରାୟଣଙ୍କ ବନ୍ଦନା	୧
ମନଚୈତନ୍ୟ ସମ୍ବାଦ ...	୨
ସଙ୍ଗଗୁଣ ଭଲମନ୍ଦ ଶିକ୍ଷା	୪
ନିଜର କର୍ତ୍ତବ୍ୟାକର୍ତ୍ତବ୍ୟ ଧର୍ମ ...	୭
ରାଜଧର୍ମ	୯
ହସ୍ତୀ ଓ ଗଜରାଜ ମୋକ୍ଷଣ ଉପାଖ୍ୟାନ	୧୨
ଅଜାମିଳ ଉଦ୍ଧାରୁ ଉପାଖ୍ୟାନ ଓ ବିଷ୍ଣୁ ଦୂତଙ୍କର ଯମଦୂତଙ୍କୁ ନାନାଦ ଉପଦେଶ	୧୪
ଭକ୍ତ ବିଷ୍ଣୁଦାସ	୨୦
ଅନର୍ଥ ସଞ୍ଚାର	୨୨
ନାମର ମାହାତ୍ମ୍ୟ	୨୭
କୃତକର୍ମର ଭୋଗାଭୋଗ	୩୦
ମାନସିକ ପୂଜା	୩୭
ବିରୂପାକ୍ଷ ଶବରର ଉପାଖ୍ୟାନ	୪୦
ଅନନ୍ତା ଗୋପାଳର ଦୃଢଭକ୍ତି ...	୪୩
ଚନ୍ଦ୍ରଜିତ ରାଜା ପାଟମହାଦେଇ ଚନ୍ଦ୍ରାବତୀ ଅଙ୍ଗେ ବ୍ରହ୍ମରାକ୍ଷସ ପ୍ରବେଶ ଓ ଅନ୍ନ ମହାତ୍ମ୍ୟ	୪୮
ବିରୂପାକ୍ଷ ଶବରର ମୁକ୍ତି	୫୩
କୃଷ୍ଣଦାସ ଓ ଚନ୍ଦ୍ରକଳାର ଉପାଖ୍ୟାନ	୫୭
ସୁରଭଦ୍ର ଉପାଖ୍ୟାନ ...	୫୯
ସୁକର୍ମ ଓ କୁକର୍ମର ଫଳ ...	୬୨
ସାର ଓ ଅନୁକୂଳାଦି କଥନ ଏବଂ ସ୍ତ୍ରୀ ଓ ନୃପତିର ଲକ୍ଷଣ	୬୭
ଦାମୋଦର ଦାସ ଚରିତ ...	୬୯
କଳି ଚରିତ୍ର ଓ ତାହାର ଗୁଣ ...	୮୦
କଳିରେ ଲୋକମାନଙ୍କର ବ୍ୟବହାର	୮୩
କଳିରେ ଜନମାନଙ୍କର ବ୍ୟବହାର	୮୬
କୃଷ୍ଣଦାସ ଚରିତ	୮୯
ଧର୍ମର ପରାକ୍ରମ	୯୨
କଳିଯୁଗର ଶେଷ ବିବରଣ ...	୯୬
ସୋମବଂଶର ଦେଶ ବିଷୟ ବର୍ଣ୍ଣନ	୯୯
କଳ୍କି ଅବତାର ...	୧୦୨

→ ମୋକ୍ଷ ପୁରାଣ ସୂଚିପତ୍ର ସମାପ୍ତ ।←

Digitized by srujanika@gmail.com

ମୋକ୍ଷ ପୁରାଣ

ଶ୍ରୀ ଗଣେଶାୟ ନମଃ ।

ଏକଦନ୍ତଂ ମହାକାୟଂ କପିଳଂ ଗଜ କର୍ଣ୍ଣକଂ ।
ଲମ୍ବୋଦରଂ ଚ ବିକଟଂ ବିଘ୍ନରାଜଂ ନମାମ୍ୟହଂ ॥

* *

ବନ୍ଦନା

ନମୋ ନମୋ ନାରାୟଣ ପରଂବ୍ରହ୍ମ ହରି ।
ଏ ଭବସାଗରୁ ନାଥ ମୋତେ କର ପାରି ॥
ନମୋ ନମୋ ନାରାୟଣ ଅଭୟ ଚରଣ ।
ଯେବଣ ପାଦପଦ୍ମକୁ ଭୃତ୍ୟଙ୍କ ଶରଣ ॥
ନମୋ ନମୋ ନାରାୟଣ ଜଗତ କରତା ।
ନମୋ ନମୋ ନାରାୟଣ ଗତି ମୁକ୍ତିଦାତା ॥
ଅପାରୁଁ ଅପାର ନାଥ ତୁମ୍ଭର ମହିମା ।
ଅନ୍ତକରି ନ ପାରିଲେ ଯାହା ବେଦବ୍ରହ୍ମା ॥
ଈଶ୍ୱରହିଁ ନ ଜାଣନ୍ତି ଯାର ଆଦିଅନ୍ତ ।
ମାନବ ସ୍ତୁତି କହିବା କାହିଁ ସାମରଥ ॥
ହେ ଦୀନବନ୍ଧୁ ତୁ ବାରେ ମୋତେ ଦୟାକର ।
ପଦ ପ୍ରସରିବ ଯେହ୍ନେ ହୃଦରୁ ମୋହର ॥
କାହିଁ ମୋର ଜ୍ଞାନ ଅବା କିସ ଅଟେ ବୁଦ୍ଧି ।
ତୁମ୍ଭେ ଅଟ ମହାପ୍ରଭୁ କରୁଣାବାରିଧି ॥
ସକଳ ଜୀବଙ୍କ ହୃଦେ କରିଅଛ ବାସ ।
ଅନାଥର ନାଥ ପ୍ରଭୁ କମଳାବିଳାସ ॥
ଜୟ ଜୟ ଦେବ ତୁମ୍ଭେ ଆର୍ତ୍ତତ୍ରାଣ ହରି ।
ଏହି ଭବଜଳଧିରୁ ମୋତେ କର ପାରି ॥
ତୁମ୍ଭର ବଚନେ ନାଥ ଅଛି ଏ ଜଗତ ।
ତହୁଁ ଉଦ୍ଧାରି ଦେବାକୁ କେହୁ ସାମରଥ ॥
ଯାକୁ ଯେଉଁ ମାର୍ଗ ତୁମ୍ଭେ ଦିଅ ଭବଗ୍ରାହୀ ।
ସେହୁ ସେହି ମାର୍ଗ ଦେଇ ଆତଯାତ ହୋଇ ॥
ତାହା ଆନ କରିବାକୁ କେ ଅଛି ସ୍ୱଜନ ।
ସକଳ ଲୋକର କର୍ତ୍ତା ଅଟ ଭଗବାନ ॥
ପତିତ ଜନମାନଙ୍କୁ ଉଦ୍ଧାରିବା ପାଇଁ ।
ପତିତପାବନବାନା ଅଛି ତୁମ୍ଭେ ବହି ॥
ତେଣୁକରିଣ ଭରସା ଅଛଇ ଅପାର ।
ହେବା ନୋହିବାକୁ ତୁମ୍ଭେ କରିବ ବିଚାର ॥
ହେବା ନୋହିବାର ତୁମ୍ଭେ ଜାଣ କୃପାନିଧି ।
ତୁମ୍ଭେ ସିନା ଦେଲ ମୋତେ ଏସନେକ ବୁଦ୍ଧି
ଜାଣି ଜାଣି ମନରେ ମୁଁ କରଇ ବିଚାର ।
ଗୋବିନ୍ଦର ନାମ ଗୋଟି ଅଟେ ସୁଧାଧାର ॥
ଏହିରୂପେ କୃପା ମୋତେ କର ନାରାୟଣ ।
ଗୀତ ଅର୍ଥରେ କରିବ ତାହା ଉଚ୍ଚାରଣ ॥
ପୁଣି ବିଚାରଇ ମନେ ଜ୍ଞାନ ମୋର ନାହିଁ ।
କିସ ଲେଖିବ ତଦନ୍ତ କିଛି ନ ଜାଣଇ ॥
ଆହେ ସାଧୁଜନେ ମୋର ନ ଧରିବ ଦୋଷ ।
ସର୍ବଦା ଅଟଇ ମୁହିଁ ତୁମ୍ଭ ନିଜ ଦାସ ॥
ତେଣୁ କରିଣ ତୁମ୍ଭଙ୍କ କୃପା ଅନୁରାଗେ ।
ଥୋକେ ଚରିତ୍ର କହିବି କରି ଗୀତ ଛପାରେ ॥
ସାଧୁଜନେ ନ କରିବ ମୋତେ ଉପହାସ ।
ସୁଜନଙ୍କୁ ସୁଧାସମ ମୂର୍ଖଙ୍କୁ ଏ ବିଷ ॥

Digitized by srujanika@gmail.com

ପିଣ୍ଡେ ଜୀବନ ଜାଣୁଲ ହୋଇଅଛୁ ରହି ।
ବିସ୍ମରିଲେ ଜଳ ବିମ୍ବ ପରାଏ ଅଛଇ ॥
ପରମ ମଙ୍ଗଳ ପ୍ରଭୁ ତୁମ୍ଭ ନାମ ଗୁଣ ।
ପଢ଼ିଲେ ଶୁଣିଲେ ନରେ ପାଇବେ କାରଣ ॥
ଯାହାଙ୍କୁ ଯୋଗିଏ ଧ୍ୟାନମାର୍ଗେ ସଦା ଚିନ୍ତି ।
ହର ବ୍ରହ୍ମା ଯା ଚରଣେ ସର୍ବଦା ସେବନ୍ତି ॥
ଏମନ୍ତ ଯେ ପ୍ରଭୁଙ୍କର ପାଦସେବା ଛାଡ଼ି ।
ସ୍ୱାର୍ଥେ ନ ମର ନରେ ଭବଜଳେ ବୁଡ଼ି ॥
ସେ ମହାପ୍ରଭୁଙ୍କ ପାଦପଦ୍ମରେ ଶରଣ ।
ହେ ମାଧବ ଈଶ୍ୱର ପ୍ରଭୁ ନାରାୟଣ ॥
ସାଧୁଜନ ମାନଙ୍କର ଚରଣକୁ ଆଶ ।
କରୁଣାଚକ୍ଷୁରେ ମୋତେ ରଖ ତୁମ୍ଭ ପାଶ ॥
ଆହେ ସାଧୁମନ ତୁମ୍ଭେ ପରମ ପ୍ରକୃତି ।
ତୁମ୍ଭଙ୍କୁ ଦଇନ ମୁହିଁ କରେଁ କେତେ ନତି ॥
ଅନ୍ୟ ଅନ୍ୟ ମାର୍ଗେ ମୋତେ ନ ଚଳାଅ ପୁଣ ।
ସୁପନ୍ଥେ ଚଳାଇଲେ ଗୀତ କରିବି ବଖାଣ ॥
ଶ୍ରୀହରିଙ୍କି ଆଶ୍ରେ କର ସୁଖେ ଥାଅ ରହି ।
ମୋ ଆଶାକୁ ଅବଗୁଣ କିଛିତ ନ ବହି ॥
ରାମ ନାରାୟଣ ବିଷ୍ଣୁ କୃଷ୍ଣ ନରହରି ।
ଏ ନାମକୁ ଆଶ୍ରେକରି ଭବୁଁ ହେବି ପାରି ॥
ଆହେ ସୁଜ୍ଞଜନେ ମୋର କର ପ୍ରତିକାର ।
ବିନା ଦୋଷେ ନ କରିବ କେବେ ନାରଖାର ॥
ତୁମ୍ଭେ ସଦୟ ଯଦ୍ୟପି ହେବ ଶୁଦ୍ଧଚିତ୍ତେ ।
ଗୋବିନ୍ଦର ଚରିତ୍ର ମୁଁ ଲେଖିବି କିଛିତେ ॥
ସଂସାରଜନଙ୍କୁ ତାହା ଜାଣିଲେ ହେବ ହିତ ।
ତୁମ୍ଭେ ଦୟା ନ କରିଲେ ନୋହିବ କୃତାର୍ଥ ॥
ବିଷ୍ଣୁଙ୍କର ସେବାକାରୀ ଯେତେ ତପଗଣ ।
ତାହାଙ୍କର ଚରଣେ ମୁଁ ସର୍ବଦା ଶରଣ ॥
ତୁମ୍ଭେମାନେ ଅଟ ଯେଣୁ ଶ୍ରୀହରିଙ୍କ ଦାସ ।
କରୁଣାଚକ୍ଷୁରେ ମୋତେ ରଖ ତୁମ୍ଭ ପାଶ ॥
ରବିତଳରେ ଅଛନ୍ତି ଯେତେକ ବ୍ରାହ୍ମଣ ।
ତାହାଙ୍କ ଚରଣେ ମୁହିଁ ସର୍ବଦା ଶରଣ ॥
ସାକ୍ଷାତେ ଦ୍ୱିଜ ଅଟନ୍ତି ବିଷ୍ଣୁଙ୍କର ଦେହୀ ।
ତାହାଙ୍କୁ ଯେ ସେବା କଲେ ପାପ ନ ରହଇ ॥
ଶୁଦ୍ଧଚିତ୍ତେ ସେବା ମୁହିଁ କରେଁ କେତେ କେତେ ।
ହେ ବିପ୍ରରାଜ ମୋହର ଦେଖିବା ଭକତେ ॥

ଆହେ ବିଧାତା ତୁମ୍ଭର ସମସ୍ତ ଆୟୁଷ ।
ମୋତେ ଦୟାକର ପ୍ରଭୁ ଜଗତର ତାତ ॥
ତୁମ୍ଭେ ଯେବେ ପ୍ରାଣିକି ହୋଇବ ଅବଳ ।
ଆଉ ନ ରହିବ ତାଉ କଷ୍ଟ ଥଳ କୂଳ ॥
କିଛିତରେ ଦୟା ମୋତେ କର ଦେବରାଜ ।
ମୋର ସେବା ଘେନ ମୋତେ ଦିଅ ପାଦରଜ ॥
ଗୋବିନ୍ଦର ଚରିତ ଏ ଅଟେ ସୁଧାରସ ।
ଏହା ମୁଁ ଶ୍ରବଣ ପଥେ କରିବଇଁ ଗ୍ରାସ ॥
ଶ୍ରୀକୃଷ୍ଣଙ୍କ ଆଶ୍ରୟରେ ଯାଉ ମୋର ଦିନ ।
ଏହି କୃପାକର ମୋତେ ଚତୁର ବଦନ ॥
ଆହେ ସଦାନନ୍ଦ ସ୍ୱାମି ପାର୍ବତୀର ବର ।
ଯୋଗ ଆରୂଢ଼ ପୁରୁଷ ଅଟ ଅଜାମର ॥
ହେ ମହାଦେବ ତୁମ୍ଭେତ ଅଟ ମହାଜ୍ଞାନୀ ।
ଅଶେଷ ଲୋକଙ୍କର ଯେ ଅଟ ସୁଖଦାନୀ ॥
ଜଗତ ରକ୍ଷାନିମନ୍ତେ ବିଷ ପାନ କଲ ।
ଲଲାଟରେ ଅର୍ଦ୍ଧଇନ୍ଦୁ ଶିରେ ସୁରେଶ୍ୱରୀ ॥
ପିନାକ ଯେ ପାଶୁପତ ସଂଗ୍ରାମରେ ଧରି ।
ପୃଥିବୀକି ସ୍ଥିର କଲ ତ୍ରିପୁର ସଂହାରି ॥
ତେଣୁକରି ତ୍ରିପୁରାରି ନାମ ଯେ ତୁମ୍ଭର ।
ଏ ମୋହର କଳୁଷକୁ ଖଣ୍ଡ ଦେବ ହର ॥
ଭୋଳାଲିଙ୍ଗ ନାଥ ଅଟ ଆହେ ଭୋଳେଶ୍ୱର ।
ସୁପ୍ରସନ୍ନ ହୁଅ ବାରେ ଦେବଦେବ ହର ॥
ଶମଶାନେ ବାସ କର ଭୂତ ପ୍ରେତ ମେଳେ ।
ପୃଥିବୀ ସଂହାର କର ପୁଣି ଅନ୍ତକାଳେ ॥
ତୁମ୍ଭର ଚରଣତଳେ ରହୁ ମୋର ସେବା ।
ଆହେ ସଦାନନ୍ଦ ସ୍ୱାମି ଶରଣ ରଖିବା ॥

ମନ ଚୈତନ୍ୟ ସମ୍ବାଦ ।

ଏଥୁ ଅନ୍ତରେ ସୁମନ ନାମେ ନରନାଥ ।
ଚଇତନ ପାଦେ ପଡ଼ି କରନ୍ତି ଭକତ ॥
ଆହେ ଚଇତନ ମୋତେ ପ୍ରତିକାର କର ।
କେମନ୍ତେ ତରିବ ମୁହିଁ ଏ ଭବସାଗର ॥
ଏହି ଭବଜଳେ ପଡ଼ି ହଜିଲା ମୋ ଜ୍ଞାନ ।
କେମନ୍ତେ ତରିବ ଏହି ଗହନ କାନନ ॥
ଯେମନ୍ତେ ଜଳରେ ବୁଡ଼ି ମରିଯାନ୍ତି ପ୍ରାଣୀ ।
ନାସା ତାଳୁରେ ଝୁଲନ୍ତି ଉଠିବାରୁ ପାଣି ॥

Digitized by srujanika@gmail.com

ପ୍ରାଣ ନିବାବେଳେ ସେହୁ ହୁଅଇ ଯେମନ୍ତ ।
ତେତେବେଳେ ରଖିବାକୁ କେହୁ ସାମରଥ ॥
ଗୃହୁଁ ଗୃହୁଁ ବୟସ ମୋ ହେଉଅଛୁ ଶେଷ ।
ଏ ପିଣ୍ଡରୁ ପ୍ରାଣଗଲେ କରିବ ମୁଁ କିସ ॥
କୁଟୁମ୍ବ ଜଞ୍ଜାଳେ ମୁହିଁ ହରାଇଲି ଜ୍ଞାନ ।
ଧନ ସଞ୍ଚିଁ ରହିଲା ପୁଣି ମୋର ମନ ॥
ପୁତ୍ର ଦାରା ସମ୍ପଦରେ ସଦା ହେଲି ମୋହ ।
ଆତ୍ମାର ଉଦ୍ଧାରପାଇଁ କିଛୁ ନ କଲଇଁ ॥
ସଂସାରରେ ଦେଖିଲି ମୁଁ ବହୁ ଧନବନ୍ତ ।
ବଡ଼ ବଡ଼ ରାଜା ପୁଣି ଆବର ସାମନ୍ତ ॥
ବହୁତ ପ୍ରକାରେ ସେହୁ ଥାଆନ୍ତି ଆବୋରି ।
କେହୁ କାହାର ଉପରେ ଅଧିକାର କରି ॥
କେ କାହାକୁ ବଳେ ଛଳେ ଦ୍ୟନ୍ତି ଦଣ୍ଡ ମଣ୍ଡ ।
କିଏ କାହାକୁ ନେଇଣ ଫିଙ୍ଗେ ନର୍କକୁଣ୍ଡ ॥
ଏହା ବିଗୃରି ବ୍ୟାକୁଳ ମୋର ପର୍ଥିମନ ।
ଏଥି ପ୍ରତିକାର ମୋତେ କୁହ ଚଇତନ ॥
ଏତେକ ଦୁଃଖରେ ଯେହୁ ଧନ ସଞ୍ଚିଥିବ ।
ସେ କେମନ୍ତେ ପରଲୋକେ ପ୍ରାପତ ହୋଇବ ॥
ନରପେଷ ଭୁବନ ଯେ ଅଟେ ଯମପୁର ।
ସେଠାବରେ କେହି ନାହିଁ ଶାଖା ସହୋଦର ॥
ସେଠାବରେ କେଉଁମାନେ ହୋଇବେଟି ଶାଖା ।
ଯେଉଁରୂପେ ପ୍ରବେଶିବ ସେହି ମାର୍ଗ ଦେଖା ॥
ଆଗମ ନିଗମ ଆଦି ଶାସ୍ତ୍ର ଅଛି ଯେତେ ।
ଶୁଣିଲି ଶ୍ରବଣେ ସବୁ ନ ରହିଲା ଚିତ୍ତେ ॥
ସକଳ ଜନ୍ମରୁ ଅଟେ ନରଜନ୍ମ ସାର ।
ସର୍ବ ଜୀବଙ୍କ ଉପରେ କରେ ଅଧିକାର ॥
ଅପଣା ଜୀବର ଆପେ ନ ଜାଣଇ ଗତି ।
ଅନେକ ପ୍ରକାରେ ପୁଣି କରଇ ଅନୀତି ॥
ସବୁଦିନେ ଗାଇଥିବା ସର୍ବସ୍ୱେ ମଣଇ ।
ବଡ଼ମାପଣ କରିଣ କାହାରେ ନ ଗଣଇ ॥
ସାଧୁସନ୍ଥ ଚରଣରେ ନ କରେ ଭକତି ।
ବିଷ୍ଣୁ ପ୍ରୀତି ଅର୍ଥେ ପୁଣି ନାହିଁ ଧର୍ମ କୀର୍ତ୍ତି ॥
ଏବିଚାରି ମନେ ମନେ ଭାଳଇ ମୋ ମତି ।
କେମନ୍ତ ପ୍ରକାର କରି ତରିବ ଏ ଜୀବ ॥
ଗୋ ବିପ୍ରଠାରେ ଭକତି ନ ଥାଇ ଆବର ।
କେମନ୍ତେ ତରିବ ମୁହିଁ ଏ ଭବ ସାଗର ॥

ମାତା ପିତାଙ୍କୁ ମୁଁ ଭ୍ରମେ ନ କଲଇଁ ସେବା ।
ଜନ୍ତ୍ରସନ୍ତି କେଉଁ ଦଣ୍ଡ ମୋତେ ଦେବ ଅବା ॥
ତେସୁକର ଆକୁଳରେ ଭାଳଇ ମୋ ମନ ।
ଅବଶ୍ୟ ପିଣ୍ଡରୁ ଦହନ ଛାଡ଼ି ଯିବ ପ୍ରାଣ ॥
ତେତେବେଳକୁ ମୋହର ବୁଦ୍ଧି ଅଛି କିସ ।
ଗଳାଦେଶେ ଲାଗିଥିବ ଯମ କାଳପାଶ ॥
ଆପଣାର କଲକର୍ମ ଭୁଞ୍ଜିବ ସେ କାଳେ ।
ନୋହିଲେ ନାସିଁ ପଡ଼ିବ ଘୋର ରସାତଳେ ॥
ତେତେବେଳେ ସବୁ ବୁଦ୍ଧି ହୋଇଯିବ ବଣା ।
ଲହୁଡ଼ି ହଜାଇ ଯେସନେ ହେଉଥାଇ କଣା ॥
ଏ ପିଣ୍ଡରୁ ପ୍ରାଣଗଲେ ସର୍ବଗଲା ସରି ।
ଚଉହୋଇ ଏଥି କିଛୁ ନାହିଁନା କାହାରି ॥
ଏଣୁ କରିଣ ମୁହିଁ ଯେ ବିଗୃରଇ ମନ ।
ଶ୍ରୀଗୋବିନ୍ଦଙ୍କର ନାମ ଅଟଇ ମୋକ୍ଷଦାନ ॥
ଶ୍ରୀହରି ଚରିତକୁ ମୁଁ ଗୀତ କୃତ୍ୟ କଲି ।
ସଂସାରରେ ଥିବ ନ୍ୟେଲେ ଦନାକେତେ ବୋଲି ॥
ଏମନ୍ତ ବିଗୃରି କଲି ମନରେ ମୋହର ।
କିସ ମୁଁ ଲେଖିବ ମୋତେ ନୁହଇ ଗୋଚର ॥
ପୁଣି ବିଗୃରେ କହିବେ ମୋତେ ଭଗବାନ ।
ସେହୁ ବିନା ବୁଦ୍ଧି ମୋତେ ଦେଲେକ ଏସନ ॥
ସେ ପ୍ରଭୁ କରିବେ ଯେବେ ମୋତେ ଅନୁରାଗ ।
ତାହା ମୁଁ ଲେଖିବ ବିନା କରି ଗୀତ ଯୋଗ ॥
ମୋହର କୃତ୍ୟରେ କାହିଁ କରିବ ବଖାଣ ।
ହେବା ନୋହିବା ଜାଣନ୍ତି ପ୍ରଭୁ ନାରାୟଣ ॥
ଏତେ ବିଗୃରି ମନରେ କରିଲି ମୁଁ ଦମ୍ଭ ।
ଦରିଦ୍ର ଯେସନେ କରେ ଯାଗକୁ ଆରମ୍ଭ ॥
ତେସନ ପରକାରରେ ହେଲା ମୋର ମତି ।
ଏତେ ବିଗୃରି ସ୍ମରଣ କଲି ଦାଶରଥି ॥
ବାତୁଳ ପ୍ରକାରେ ହୋଇ ଲେଖେ କିସ କିସ ।
ଆହେ ଜ୍ଞାନ ବୃଦ୍ଧମାନେ ନ ଧରିବ ଦୋଷ ॥
ଏଥିଅନନ୍ତରେ ତହୁଁ କହନ୍ତି ଚୈତନ୍ୟ ।
ସାବଧାନ ହୋଇ ଏବେ ଶୁଣ ହୋ ସୁମନ ॥
ଅନ୍ୟ ଉପଦେଶ ଏହୁ ଗୋବର୍ଦ୍ଧନ କୃପାରେ ।
ଯାହା ମୁହିଁ କହୁଅଛି ଶୁଣ ମନସ୍ଥିରେ ॥
ଶ୍ରୀହରିଙ୍କ ନାମଟୋଟ ସଂସାରରେ ସାର ।
ଅମୂଲ୍ୟ ରତନ ଏହି ଜୀବେ ପ୍ରତିକାର ॥

Digitized by srujanika@gmail.com

ପରମଧନ ଏ ନାମ ଜୀବ ପାଏ ଗତି ।
ଏ ଧନ ଘେନି ବଣିଜ କରେ ଯେହୁ ନିତି ॥
ଯେହୁ ସେ ସଂସାର ମଧ୍ୟେ ଅଟଇ ମହାଜନ ।
ସଂସାରେ ତାର ଜୀବନ ଅଟଇ ଧନ୍ୟ ଧନ୍ୟ ॥
ଏ ଧନ ଘେନିଣ ମନ ବଣିଜ ତୁ କର ।
ସକଳ ପାପର ବାଧା ହୃଦୟରୁ ହର ॥
ଅକ୍ଷୟଧନ ଏହୁ ସେ କେବେହେଁ କ୍ଷୟ ନୋହି ।
ଜଳ ସ୍ଥଳ ସଙ୍କଟରୁ ସର୍ବ ଉଦ୍ଧରଇ ॥
ଏ ଧନେରୁ ଗଳୁଅଛି ସଦା ସୁଧାରସ ।
ଶୁଦ୍ଧମନେ ବସି ଏହା କର ତୁହି ଗ୍ରାସ ॥
ସର୍ବବେଦ ବିଦ୍ୟା ପୁଣି ଆଉ ଶାସ୍ତ୍ର ଯେତେ ।
ନାମକୁ ଆଶ୍ରୟ କରି ଅଛନ୍ତି ସମସ୍ତେ ॥
ନାମ ନ ଥିଲେ ଶାସ୍ତ୍ର ଅଟଇ ଅକାରଣ ।
ଲବଣ ବିନା ଅଲୁଣା ତୃଣ ସମାନ ॥
ଗଣିକାର ନୃତ୍ୟ ବୋଲି ଏହା ଜାଣ ତୁହି ।
ଏଥିରେ ରସଇ ଯେହୁ ଅକାରଣ ସେହି ॥
କଳ୍ପନାରେ ଦ୍ରବ୍ୟ ଜାତ ହୋଇବ ପ୍ରାପତ ।
ସ୍ୱପନରେ ଧନ କାହିଁ ହୋଇବ ବିଗତ ॥
ଧନ ନ ଥାଇଣ ଯେହୁ ବୋଲେ ଧନୀ ମୁହିଁ ।
ଆପଣା ବଡ଼ିମାପଣ ଆପେ କହୁଥାଇ ॥
ଭିକ୍ଷାଶୀପାତ୍ର ଯେ ଭିକ୍ଷା କେବେହେଁ ନ ଦିଅଇ ।
ଭଲ ବୋଲିଣ ତାହାକୁ ନ ବୋଲନ୍ତି କେହି ॥
ଏହି ସର୍ବ କଥାମାନ ଅଟଇ ବିଅର୍ଥ ।
କୃଷ୍ଣ ଆଶ୍ରେ ନ ଥିଲେ କି ସ୍ଥିର ଧନବନ୍ତ ॥
ଅନ୍ୟ ଅନ୍ୟ ମାର୍ଗରେ ଯେ ବହୁ ଶାସ୍ତ୍ର ଅଛି ।
ଏଥିରେ କାରଣ ହୋଇ ନ ଥାଇଟି କିଛି ॥
ଏଥିକୁ ତୋହର ମନେ ବିଚାର ତୁ ମନ ।
ରସିଲେ ଅବଶ୍ୟ ନର୍କେ ହୋଇବୁ ପତନ ॥
ପରମବ୍ରହ୍ମ ଅଟନ୍ତି ଯେଉଁ ନରହରି ।
ତାହାଙ୍କୁ ଆଶ୍ରେ କରିଲେ ଭବୁ ହେବୁ ପାରି ॥
ସେ ପ୍ରଭୁ ଯାହାଙ୍କ ପ୍ରତି ହେବେ ଅନୁରାଗ ।
କ୍ଷଣିକରେ ଦୟାକଲେ ଅଇଶ୍ୱର୍ଯ୍ୟ ଭୋଗ ॥
ଏବେ ହୋ ସୁମନ ତୁହି କୃଷ୍ଣ ପାଦ ଭଜ ।
ଅସଦମାର୍ଗ ସକଳ ହୃଦୟରୁ ତେଜ ॥

ସଙ୍ଗଗୁଣେ ଭଲ ମନ୍ଦ ଶିକ୍ଷା ।

ଶୁଣି ସୁମନ ବୋଲଇ ଚୈତନ୍ୟ ଅଗ୍ରତ ।
ଅସଦମାର୍ଗ ବୁଝାଇ କହିବା ଯଥାର୍ଥ ॥
ଅସଦମାର୍ଗର କଥା ମୋତେ କୁହ ଫେଡ଼ି ।
ଯେମନ୍ତେ ସଂଶୟ ମୋର ହୃଦୁ ଯିବ ଛାଡ଼ି ॥
ଚୈତନ୍ୟ ବୋଇଲେ ଏହି କଥା ଅଟଇ ସତ ।
ଉତ୍ତମସଙ୍ଗ ହୋଇଲେ ହୁଅନ୍ତି ଗୁଣବନ୍ତ ॥
ଉତ୍ତମ ଗତିକି ସେହୁ ଲଭେ ଅନ୍ତକାଳେ ।
ଅସଦର ମାର୍ଗେ ଗଲେ ପଡ଼େ ଅନ୍ଧକାଳେ ॥
ପରମବ୍ରହ୍ମ ଅଟନ୍ତି ଯେଉଁ ନାରାୟଣ ।
ତାଙ୍କ ପାଦରେ ସର୍ବଦା ଯେ ପଶେ ଶରଣ ॥
ବିଷ୍ଣୁଙ୍କ ପ୍ରୀତି ଅର୍ଥରେ ସବୁ କର୍ମ କରି ।
ତେବେ ସେହି ଲୋକମାନେ ଭବୁ ଯାନ୍ତି ତରି ।
ନନ୍ଦନରେ ମତ୍ସର ଅଟଇ ଯେଉଁ ନର ।
ଜୀବ ଜନ୍ତୁ ମାରି ଯେହୁ କରନ୍ତି ଆହାର ॥
ଜାତି ଯେହୁ ପରଦ୍ରବ୍ୟ ଆଣେ ଚୋରିକରି ।
ଦେଖି ନ ସହଇ ଯେହୁ ପରଲୋକ ଶିରୀ ॥
ପରକୁ ଯେ ନିନ୍ଦା ବାଦ କରୁଥାଇ ବସି ।
ଅଳସୁଆ ପଣେ ଯେହୁ ନ କରଇ କୃଷି ॥
ପରତନ୍ତ୍ରୀ ପର ପୀଡ଼ା କରି ନିଏ ଧନ ।
ସୂକ୍ଷ୍ମ କରି ଅତିଥିକୁ ଯେ ନ ଦିଏ ଅନ୍ନ ॥
ପରକୁ ପ୍ରମାଦ ଯେହୁ ଚିନ୍ତୁଥାଇ କେତେ ।
ତାର ଉପରେ ପତନ ହୁଅଇ ତୁରିତେ ॥
ଏମନ୍ତ ଲୋକସଙ୍ଗରେ ଦଣ୍ଡେ ନ ବସିବ ।
ବସିଲେ ଅବଶ୍ୟ ତହିଁ ବିରୋଧ ହୋଇବ ॥
ଏମନ୍ତ ଲୋକମାନଙ୍କୁ ବୋଲନ୍ତି ଦୁର୍ଜନ ।
ଏହାଙ୍କ ସଙ୍ଗେ କଦାଚ ନ ବସିବୁ ମନ ॥
ସୁସଙ୍ଗ ପାଇଲେ ଶୁଦ୍ଧ ବୁଦ୍ଧି ହୁଏ ଜାତ ।
ଖଳସଙ୍ଗରେ ବସିଲେ ହୁଏ ଖଳ ମତ ॥
ଏଥିକୁ ସୁମନ ଆହେ କହୁଅଛି ଶୁଣ ।
ସଙ୍ଗଗୁଣରେ ହୁଅଇ ଏମନ୍ତ ଲକ୍ଷଣ ॥
ବନେ ଏକ ବେଣ୍ଟକାର ବୁଲେ ବେଣ୍ଟ କରି ।
ଦୁଇଗୋଟି ଶୁଆପଞ୍ଝା ଆଣିଲା ସେ ଧରି ॥
ବନସ୍ତ ଭିତରେ ଥିଲେ ଗୋଟିଏ ଗୋସାଇଁ ।
ମଠ ବାନ୍ଧି ଏକାଗୋଟି ତପସ୍ୟା କରଇ ॥

Digitized by srujanika@gmail.com

ଘରଗୋଷ୍ଠ ଶିଷ୍ୟ ପୁଣି ଥିଲେ ତାହାଙ୍କର ।
ଏହିରୂପେ ନିଶ୍ଚିନ୍ତରେ ଥାନ୍ତି ମୁନିବର ॥
ଯେ ଅବା ଆସନ୍ତି ତହିଁ ଅତିଥି ଉପାସୀ ।
କୋମଳ କହି ରଖନ୍ତି ଅତିଯତ୍ନ କରି ॥
ସଭୁଙ୍କୁ ଚର୍ଚ୍ଚାକରନ୍ତି ମନ କରି ତୋଷ ।
ତାହାଙ୍କ ଧର୍ମ କହିଲେ ନ ହୁଅଇ ଶେଷ ॥
ବିଷ୍ଣୁଙ୍କ ଭକ୍ତ ଅଟନ୍ତି ସେହୁ ସାଧୁଜନ ।
ଯେତେହେଁ ବ୍ୟୟ କରିଲେ ନ ସରଇ ଧନ ॥
ତେଣୁକରି ସେମାନେ ଅଭ୍ୟାଗତେ ଦେଇ ।
ଏଥୁଅନ୍ତରେ ସୁମନ ଶୁଣ ମନଦେଇ ॥
ସେ ମଠ ବାହାରୁ ହେବ ପାଞ୍ଚକୋଶ ଦୂର ।
ଘରକର ରହିଥାଏ ତହିଁ ଏକ ଚୋର ॥
ନିତ ବାଟ ଲୋକ ପିଟି ଆଣନ୍ତି ସେ ଧନ ।
ଆର ଦିବସକୁ ତାର ନ ଥାଇଟି ଅନ୍ନ ॥
ଯେ ଅବା ଦୈବଯୋଗେ ମଝିରେ ମିଳଇ ।
ତାହାର ସର୍ବ ପଦାର୍ଥ ରଖଇ ଛଡ଼ାଇ ॥
କିଅବା ତାହାକୁ ନେଇ ମାରେ ଜୀବନରେ ।
ଏହିରୂପେ ପ୍ରତିଦିନ ପରଦ୍ରବ୍ୟ ହରେ ॥
ଧର୍ମ କାହାକୁ ବୋଲନ୍ତି ନ ଜାଣେ ସେ ଲେଶ ।
ସୁସ୍ଥହୋଇ ନ ଭୁଞ୍ଜଇ ନ ମିଳଇ ଗ୍ରାସ ॥
ଯେଉଁଦିନ ମିଳେ ତାକୁ ସେଦିନ ଭୁଞ୍ଜଇ ।
ନ ମିଳିଲେ ଦିନ ସେହୁ ଉପାସେ ରହଇ ॥
ଧର୍ମ ନ ଥିଲେ ମନରେ ନ ରହଇ ଧନ ।
ବାଲୁକା ଗାତରେ ମନ ଉଦକ ଯେସନ ॥
ବାଟ ପିଟା ଧନ ତାର ରହିବ ବା କାହିଁ ।
ବାଲିରେ ପାଣି ଢାଳିଲେ ଯେସନେ ନାଶ ଯାଇ
ଧର୍ମବଳ ଦେଖ ମନ ବାଲି ଚୂଆ ପାଣି ।
ଯେତେତେହେଁ ତେଣିଲେ କେବେ ନ ସରଇ ଜାଣି
ଏଣୁକରି ସାଧୁଙ୍କର ଧନେ ନାହିଁ ଲୋଭ ।
ଧର୍ମକୁ ସେ ଆଶ୍ରେକରି ରହିଥାନ୍ତି ସର୍ବ ॥
କେବେହେଁ ତାହାଙ୍କର ଯେ ନ ତୁଟଇ ଧନ ।
ସର୍ବଦା ଦୟାକରନ୍ତି ତାଙ୍କୁ ଭଗବାନ ॥
ଏଥୁଅନନ୍ତରେ ତୁହି ଶୁଣ ମନ ବୀର ।
ସେ ଶୁଆପକ୍ଷୀ ବିକଲ ନେଇଣ ଚୋର ॥
ସେ ବନ ଭିତରେ ଯେଉଁ ଗମ୍ଫା ଥିଲ ରହି ।
ତାଠାରେ ବିକିଲା ଏକଗୋଟି ଶୁଆ ନେଇ ॥

ଆଉ ଶୁଆ ଗୋଟିକ ଘେନିଣ ସେ ଗଲା ।
ବନ ବୈଷ୍ଣବମଠରେ ନେଇଣ ବିକିଲା ॥
ଧନ ଘେନି ଫେରତ ଗଲା ନିଜ ବାସ ।
ଏଥୁଅନନ୍ତରେ ତୁହି ଶୁଣ ମନଈଶ ॥
ବୈଷ୍ଣବଗୋସାଇଁ ଶୁଆ ପକ୍ଷୀ ଡ଼ଆରିଲେ ।
ଶ୍ରୀରାମ ନାମ ଗୋଟିକୁ ରଟ ତୁ ବୋଇଲେ ॥
ତତକ୍ଷଣେ ଶୁଆପକ୍ଷୀ ରାମନାମ ରଟି ।
ସେକ୍ଷଣି ଅମୃତରସ କରିଲାକ ବୃଷ୍ଟି ॥
ଏଥୁଅନନ୍ତରେ ତୁହି ଶୁଣ ରେ ସୁମନ ।
ଏମନ୍ତ ହୋଇଣ ତହୁଁ ଗଲା କେତେଦିନ ॥
ଚନ୍ଦ୍ରଜିତ ନାମଧାରୀ ଏକ ନୃପବର ।
ପାରଧି ଅର୍ଥେ ଚଳିଲା ଘେନି ସୈନ୍ୟ ତାର ॥
ମହାଘୋର ଅରଣ୍ୟରେ ପଶିଲାକ ଯାଇ ।
ଜଗିଲେ ସମସ୍ତ ସୈନ୍ୟ ଜାଲ ବାଡ଼ଦେଇ ॥
ପଛରେ ଥୋକାଏ ବଳ ଆଣିଲେକ ରାଜା ।
ଯୋଧା କାହୁଣିଆ ମାନେ କଲେ ହାଳିହୁଳି ॥
ଅଶ୍ୱ ଆରୋହଣ କରି ରାଜା ଚନ୍ଦ୍ରଜିତ ।
ଲତା ଉହାଡ଼ରେ ଯାଇ ହୋଇଲା ଗୁପତ ॥
ସେହିବାଟରେ ଅଇଲା ଏକଇ ସମ୍ବର ।
ଦେଖି ବେଗରେ ଧାଇଁଲା ତହୁଁ ନୃପବର ॥
ପଳାଇଯାନ୍ତେ ସମ୍ବର ଗୋଡ଼ାନ୍ତି ନୃପତି ।
ଥୋକେ ବଳ ଲଗିଛନ୍ତି ରାଜା କତି କତି ॥
କେତେଦୂର ଯାଇ ସୈନ୍ୟ ପଥ ବଣାହେଲେ ।
ନୃପତିଙ୍କି ନ ଦେଖିଣ କେ କେଣିକି ଗଲେ ॥
ସେ ସମ୍ବର ପଛେ ପଛେ ଧାଇଁ ନୃପବର ।
କେତେହେଁକ ଦୂରେ ଯାଇ ହୋଇଲା ବାହାର ॥
ସମ୍ବରକୁ ନ ଦେଖିଣ ଫେରେ ମହୀପାଳ ।
ଦେଖିଲା ପଛେ ନାହାନ୍ତି କିଛି ସୈନ୍ୟବଳ ॥
କାତର ହୋଇଣ ରାଜା ଆସେ ବେଗହୋଇ ।
ସେ ବନଭିତରେ ଗମ୍ଫା ଯହିଁ ଥିଲା ରହି ॥
ସେଠାରେ ପ୍ରବେଶ ହେଲା ଶ୍ରମ ଅଙ୍ଗ ଫୁଟି ।
ସେହି ଗମ୍ଫା ରଖିଥିଲା ଯେବଣ ଶୁଆଟି ॥
ଦେଖି ନୃପତିଙ୍କ ଶୁଆ [illegible] ମୁନି ।
ଦେଖାଯାଏ ଏହା ଅଙ୍ଗେ ଅଛି ବିନ୍ଦୁ-ଜନ ॥
ଦୈବ ଭେଟାଇଲା ଆଣି ମୋତେ ଏକାଧର ।
ଏତେ [illegible] ସ୍ୱାମୀଙ୍କୁ ଡାକେ ଆଶ୍ରୁକରି ॥

Digitized by srujanika@gmail.com

ବୋଇଲା ସାଧୁ ତୁମ୍ଭେ ହୋ ଆସ ବେଗହୋଇ ।
ଏହାକୁ ମାରଣ ଧନ ରଖିବା ଛଡ଼ାଇ ॥
ଏ ବହୁତ ଅଳଙ୍କାର ହୋଇଛି ମଣ୍ଡି ।
ଏକାକରଣ ଦଇବ ଭେଟାଇଛି ଆଣି ॥
ପଳାଇଣ ଯିବ ଏହାକୁ ବେଗେ ଆସି ଧର ।
ଛଡ଼ାଇବ ଏହାଠାରୁ ରତ୍ନ ଅଳଙ୍କାର ॥
ଏମନ୍ତ କହଣ ଶୁଆ ଡାକେ ଘନ ଘନ ।
ଏକଥା ଶୁଣି କାତର ହୋଇଲେ ରାଜନ ॥
ତୃଷା ଆରତରେ ତାଙ୍କ ଅଙ୍ଗେ ବଳନାହିଁ ।
କେଉଁବାଟେ ଯିବ ବୋଲି ବୁଦ୍ଧି ନ ଘଟଇ ॥
ଅବଶ୍ୟ ଏଠାରେ ଆଜ ହରାଇଲି ପ୍ରାଣ ।
ଏ ବାଟରେ ଅଇଲି ମୁଁ ହୁଡ଼ି ଅକାରଣ ॥
ଶୁଆପକ୍ଷିର ଆଖିକି ଦଶିଲଟି ମୁହିଁ ।
ଏବେ ଅଳଙ୍କାର ମୋର ରଖିବ ଛଡ଼ାଇ ॥
କଅବା ସରାଣେ ମୋତେ କରିବ ଏ ହତ ।
ଏଠାରୁ ପଳାଇ ମୁହିଁ ଖସିବ କେମନ୍ତ ॥
ଏ ଶୁଆର ଡାକ ଶୁଣି କମ୍ପୁଛି ମୋ ପିଣ୍ଡ ।
ଖଣ୍ଡ ଦେଖିଲେ ମୋହର ଫଟାଇବ ମୁଣ୍ଡ ॥
ଆହେ ଦୀନବନ୍ଧୁ ମୋତେ କରିବା ଉଦ୍ଧାର ।
ଏତେବୋଲିଣ ରାଜନ ଯାଏ ଖରତର ॥
ଅରଣ୍ୟରେ ପୁଣି ରାଜା ପଳାଇଣ ପଶି ।
ହୃଦସ୍ଥ ପଦ୍ମମଧ୍ୟରେ ଚିନ୍ତି ବ୍ରହ୍ମରାଶି ॥
ସେ ମହାପ୍ରଭୁଙ୍କୁ ଚିନ୍ତି ଅତ୍ୟନ୍ତ ସରାଗେ ।
ବୈଷ୍ଣବମଠେ ପ୍ରବେଶ ହେଲା ଦୈବଯୋଗେ ॥
ସେଠାରେ ପ୍ରବେଶ ଆସି ହେଲେ ନୃପବର ।
ଦଣ୍ଡଘଡ଼ି ବେଳ ହୋଇଲା ଅଙ୍ଗ ଜର ଜର ॥
ସେ ମଠରେ ଥିଲା ମନ ଯେବଣ ଶୁଆଟି ।
ତତକ୍ଷଣେ ଡାକିଲା ଦେଖି ନୃପ ମୁଖ ଗୋଟି ॥
ବୋଇଲା ଆହେ ବାବାଜି ଆସ ବେଗ ହୋଇ ।
ଅତିଥି ବିଜେ କଲେଣି ଅଙ୍ଗେ ଜ୍ଞାନ ନାହିଁ ॥
ବହୁତ କ୍ଷୁଧାର୍ଥୀ ଏହାଙ୍କୁ ପାଣି ପଣା ଦେବା ।
ବେଗେ ଆସି ଅତିଥିଙ୍କୁ ଆଗେ କର ସେବା ॥
ଶୁଆଠାରୁ ନୃପବର ଏହି ବାକ୍ୟ ଶୁଣି ।
ଦରିଦ୍ର ଧନ ପାଇଲା ପରାଏକ ମଣି ॥
ନିର୍ଭୟ ହୋଇ ରାଜନ ବସିଲେକ ତହିଁ ।
ଶୁଆ ବାକ୍ୟ ଶୁଣି କରି ଅଇଲେ ଗୋସାଇଁ ॥
ନୃପତି ପାଶରେ ଯାଇଁ ହୋଇଲେ ପ୍ରବେଶ ।
ଉଠି ନମସ୍କାର କଲା ତାହାଙ୍କୁ ନରେଶ ॥
ଗୁରୁଶିଷ୍ୟ ଋଷିପାଶେ ମିଳିଲେକ ଯାଇଁ ।
ତାହାଙ୍କୁ ଗୃହିଣୀ ତହୁଁ ବୋଇଲେ ଗୋସାଇଁ ।
ଆଣ ଫଳ ମୂଳ ଆଉ ବିଳମ୍ବ ନ କର ।
ଆଜ୍ଞାପାଇଣ ଧାଇଁଲେ ସେ ଗୁରୁ କୁମର ॥
ନରପତିର ଚରଣ କଲେ ବେଗେ ଆଣି ।
ତକ୍ଷଣେ ସେ ନୃପବର ଭୁଞ୍ଜେ ଅନ୍ନ ପାଣି ॥
ମନୋହର ପାରି ବସିଲେ ଅତି ସୁସ୍ଥ ହୋଇ ।
ରାଜାର ମୁଖକୁ ଚାହିଁ ବୋଲନ୍ତି ଗୋସାଇଁ ॥
କେଉଁ ଦେଶେ ବାସ ଛନ୍ତି କି କାର୍ଯ୍ୟେ ଆସିଛ
ସଙ୍ଗତେ କେହି ନାହିଁ ହେବ ରାଜବସ୍ତୁ ॥
ନୃପତି କହିଲା ତହୁଁ ଯାବତ ବିଧାନ ।
ମୃଗୟା କାମନ୍ତେ ଆମ୍ଭେ ଆସିଥିଲୁ ବନ ॥
ସମ୍ବର ଗୋଟାଏ ଯହୁଁ ଗଲା ମୋର ଆଗେ ।
ତାହାକୁ ମାରିବାପାଇଁ ଗଲି ମୁହିଁ ବେଗେ ॥
ସୈନ୍ୟବଳ ଆଦି ମୋର ରହିଲେ କେ କେଣେ
ଏକା ହୋଇକରି ମୁହିଁ ପଶିଲଇଁ ବଣେ ॥
ସମ୍ବର ଗଲା କେଣିକି ନ ଦେଖିଲି ମୁହିଁ ।
ତେଣୁକରି ଗୋସାଇଁ ମୁଁ ଅଇଲି ଏଠାଇଁ ॥
ଏହି ବନରେ ଦେଖିଲି ଏକ ଗୃହ ଅଛି ।
ସେ ସ୍ଥାନରେ ଅଛି ପୁଣି ଏକ ଶୁଆପକ୍ଷୀ ॥
ଦୂରରୁ ସେ ପକ୍ଷୀ ମୋତେ ଦେଖିଲାକ ଯହୁଁ ।
ଆହ୍ଲାକରି ତା ସାହୁଙ୍କୁ ଡାକିଲାକ ତହୁଁ ॥
ଅଳଙ୍କାରରେ ଭୂଷିତ ହୋଇକରି ଜଣେ ।
ଦଇବ ଭେଟାଇଅଛି ଆଣି କରି ଏଣେ ॥
ଆସ ଆସ ଆହେ ସାଧୁ ବିଳମ୍ବ ନ କର ।
ଛଡ଼ାଇ ନେବା ଏହା ଧନ ଏହାକୁ ପ୍ରାଣେ ମାର ॥
ଏହା ଶୁଣି ମନେ ମୁହିଁ ଅତିଭୟ ପାଇ ।
ସେ ସ୍ଥାନରୁ ଅତିକଷ୍ଟେ ଅଇଲି ପଳାଇ ॥
ତୁମ୍ଭ ଭୁବନରେ ଅଛି ଏ ଯେଉଁ ଶୁଆଟି ।
ତୁମ୍ଭଙ୍କ ଡାକିଲା ମୋତେ ଦୂରୁ କରି ଦୃଷ୍ଟି ॥
ଅତିଥି ଆସିଲେଣି ହୋ ବେଗେ ଚର୍ଚ୍ଚାକର ।
ବିଳମ୍ବ ନ କରିଣ ଯେ ଆସ ତତପର ॥
ତାହା ଶୁଣି ବେଗେ ତୁମ୍ଭେ କଲ ଆଗମନ ।
ଚର୍ଚ୍ଚ କରି ରଖିଲ ମୋହର ଜୀବନ ॥

Digitized by srujanika@gmail.com

ଧନ୍ୟ ଧନ୍ୟ ଏ ପକ୍ଷୀଟି କେଡ଼େ ଗୁଣବନ୍ତ ।
ଏହାପରି ଗୁଣବନ୍ତ ନ ଥିବେ ଜଗତ ॥
କ୍ଷୁଧା ତୃଷା ଯୋଗେ ଉଡ଼ିଥିଲା ମୋ ମାନସ ।
ଏ ପକ୍ଷୀବଚନ ଅଟେ ସୁଧାମୟ ରସ ॥
ଶୁଣିବା ମାତ୍ରକେ ପ୍ରାଣ ହୋଇଲା ତୃପତ ।
ଏ ଶୁଆପକ୍ଷୀ ତୁମ୍ଭର ଅଟେ ଭାଗ୍ୟବନ୍ତ ॥
ଗଣ୍ଡ ଶୁଆ ନେଉଥିଲା ଜୀବନ ମୋହର ।
ବିଧାତାର ବଳେ ମୁହିଁ ହୋଇଲି ଉଦ୍ଧାର ॥
ଧିକ ଧିକ ସେ ଶୁଆକୁ ଏଡ଼େ ଦୁଷ୍ଟମତ ।
ଏମନ୍ତ ପ୍ରକାରେ ନିନ୍ଦା କରନ୍ତେ ନୃପତ ॥
ବାବାଜୀର ଶୁଆ ଶୁଣି କହିଲା ରାଜାଙ୍କୁ ।
କାହିଁପାଇଁ ନିନ୍ଦା କର ଗଣ୍ଡର ଶୁଆକୁ ॥
ତାକୁ ନିନ୍ଦା କର ମୋର ମତେ ଅକାରଣ ।
ଯେମନ୍ତ ସଙ୍ଗରେ ଥିବ ମିଳେ ସେହି ଗୁଣ ॥
ସେହି ବାଟପିଟା ଗଣ୍ଡ କରେ ନିତ ଯାହା ।
ଦେଖି ଶୁଣି ସେ ପକ୍ଷୀଟି ଶିଖିଅଛି ତାହା ॥
ତେଣୁକରି ତାର ପିନା ଦୁଷ୍ଟ ଆଚରଣ ।
ସାଧୁସଙ୍ଗ ଲଭି ମୋର ହେଲା ସାଧୁଗୁଣ ॥
ତାହା ଶୁଣି ନୃପବର ହେଲେ ଆନନ୍ଦିତ ।
ମୋକ୍ଷପୁରାଣ ମାଧବ କହେ କରି ଗୀତ ॥

ରାଜାର କର୍ତ୍ତବ୍ୟାକର୍ତ୍ତବ୍ୟ ଧର୍ମ ।

ମନ ପଶୁରଇ ପୁଣି ଚୈତନ୍ୟ ଆଗରେ ।
ମୁନି ନୃପ କେଉଁକଥା ହେଲେ ପରସ୍ପରେ ॥
କହନ୍ତି ଚଇତନ ତୁ ଶୁଣ ମନ ସ୍ଥିରେ ।
ରାଜାଙ୍କ ଗୃହିଣୀ ମୁନି କହନ୍ତି ସଧୀରେ ॥
ଆମ୍ଭ ଶୁଆ ଯାହା ତୋତେ କହିଲା ରାଜନ ।
ତାହାତ ଆପଣେ ତୁହି ଶୁଣିଲୁ ସେମାନ ॥
ଗଣ୍ଡର ଶୁଆ ତୋହର ନେଉଥିଲା ପ୍ରାଣ ।
କେତେଭାଗ୍ୟରେ ବଞ୍ଚିଲୁ ତୁହି ନରରାଣ ॥
ମୋର ଶୁଆଠାରୁ ରାଜା ତୁ ଅଟୁ ଅଜ୍ଞାନ ।
କାହିଁ ମାରୁ ବନାଶ୍ରିତ ଜୀବଜନ୍ତୁ ମାନ ॥
ସେମାନେ କରନ୍ତି କାହିଁ ତୋର ଶତ୍ରୁପଣ ।
ତାଙ୍କୁ ମାରିବାର ତୋର ଅଟେ ଅକାରଣ ॥
ତେଣୁକରି ତୋହରତ ପ୍ରାଣ ଯାଉଥିଲା ।
ଆମ୍ଭଙ୍କୁ ଭେଟିଲୁ ତୋର କେତେଭାଗ୍ୟ ଥିଲା ॥
ଶୁଣିଲେକି ନର ଯୋଦ୍ଧା କହନ୍ତି ନରସାଇଁ ।
କ୍ଷତ୍ରିୟଙ୍କ ଧର୍ମ ବୋଲି ଶାସ୍ତ୍ରେ ଅଛି କହି ॥
ରାମଚନ୍ଦ୍ର ମହାପ୍ରଭୁ ଅରଣ୍ୟରେ ପଶି ।
ମୃଗ ଶମ୍ବର ସଂହାର କରୁଥିଲେ ରସି ॥
ମହା ମହା ଜନମାନେ କରିଛନ୍ତି ଯାହା ।
ତେଣୁକରି ଆମ୍ଭେମାନେ କରୁଅଛୁ ତାହା ॥
ମୁନି କହୁଛନ୍ତି ପୁଣି ଶୁଣ ଦଣ୍ଡଧାରି ।
ବଡ଼ଲୋକମାନେ ସବୁ ପାରନ୍ତି ଯେ କରି ॥
ସେହି ରାମଚନ୍ଦ୍ର ଯେଣୁ ବ୍ରହ୍ମାଣ୍ଡଠାକୁର ।
ମରିବା ପ୍ରାଣୀ ଯାଆନ୍ତି ଆଜ୍ଞାରେ ଯାହାର ॥
ଉଶ୍ୱାସ କରିବା ପାଇଁ ପୃଥିବୀରୁ ଭାର ।
ମାନବରୂପେ ଜନ୍ମିଲେ ଦେବ ଚକ୍ରଧର ॥
ଭକତର ଅଭିଶାପେ ଭକତ ବତ୍ସଳ ।
ନାନାବିଧ ସ୍ୱରୂପେ ଜାତ ଏ ମହୀମଣ୍ଡଳ ॥
ତେଣୁ ସେହି ରାମଚନ୍ଦ୍ର ତାଙ୍କୁ ବାଣ ମାରି ।
ଏହି ଭବ ଜଳଧିରୁ ନିଅନ୍ତି ଉଦ୍ଧାରି ॥
ସମୁଦ୍ର ମନ୍ଥନୁ ଦେଖ ବିଷ ଜାତ ହେଲା ।
ତିନିପୁର ଲୋକଙ୍କୁ ସେ ତାପିତ କରିଲା ॥
ବିଷ ତାପରେ ଆକୁଳ ହେଲେ ସର୍ବଜନ ।
ତାକୁ ନିବାରିବା ପାଇଁ ନୋହିଲେ ସୁଜନ ॥
ଜଗତର ହିତେ ହର ବିଷ ପାନକଲେ ।
ତିନିପୁର ଲୋକଙ୍କର ଜୀବନ ରଖିଲେ ॥
ବିଷ ଖାଇଣ ଅଜ୍ଞାନ ହେଲେ ଶୂଳପାଣି ।
ଆଜି ଦେଖ ତାଙ୍କ ଶିରେ ଢାଳୁଛନ୍ତି ପାଣି ॥
ମାତାଙ୍କୁ ସେ ବିଡ଼ମ୍ବନ କଲେ ଦେବ ହର ।
ସେ କଥା ଶୁଣି ଅଜ୍ଞାନ ମୂର୍ଖ ଯେଉଁ ନର ॥
ବୋଲନ୍ତି ଈଶ୍ୱର ଦେଖ ବଡ଼ଲୋକ ହୋଇ ।
ମାତାଙ୍କ ବିଡ଼ମ୍ବଣ ଯେ କରିଛନ୍ତି ସେହି ॥
ଆମ୍ଭେମାନେ ସେହିକଥା କରିବୁଁ ଅବଶ୍ୟ ।
ଏଥିରେ ଆମ୍ଭଙ୍କୁ ଅବା ଲାଗିବ କି ଦୋଷ ॥
ସେ ମହାଦେବ ପାରନ୍ତି ସବୁ କାର୍ଯ୍ୟକରି ।
ଅନନ୍ତ ପୃଥିବୀ ରଖନ୍ତି ଗର୍ଭରେ ସଂହରି ॥
ତାହାଙ୍କ ଜନନୀ ଯେଣୁ ଅଟେ ଆଦ୍ୟ ଶକ୍ତି ।
ପୃଥିବୀ ଗୋଟିକ ପୁଣି କରିଛି ଉତ୍ପତ୍ତି ।
ତାହାଙ୍କର ସଙ୍ଗତେ ମାନବ କି ସରି ।
ଅକର୍ମ କରନ୍ତି ସେଥୁ ମନରେ ବିସ୍ମରି ॥

Digitized by srujanika@gmail.com

ଜୀବ ଅନ୍ତକାଳରେ ସେ ମାତା ନକ୍ର ଭୁଲ ।
କୁମ୍ଭୀପାକ ନର୍କକୁଣ୍ଡେ ପଡନ୍ତି ଯାଇ ॥
ଅନେକ ଯୁଗପର୍ଯ୍ୟନ୍ତେ ନର୍କେ ପଡ଼ିଥାନ୍ତି ।
ବହୁତ ପ୍ରକାରେ ଦଣ୍ଡ ଦିଏ ଜନ୍ତ୍ରପତି ॥
କେ ବୋଲଇ ପୁରନ୍ଦର ପରଦାର କଲା ।
ଗନ୍ତମ ନାରୀକ ସେ କପଟେ ହରିଲା ॥
ଦେବେନ୍ଦ୍ରଲୋକ ହୋଇ ଯେବେ କଲାକ ଅନୀତି
ଆମ୍ଭେ କଲେ ଆମ୍ଭକୁ ବା ଅଛି କେଉଁ କ୍ଷତି ॥
ଏମନ୍ତ ବୋଲନ୍ତି ଲୋକେ ପରଦାରୀ କରି ।
ଏହିପାପ କରି ଶୀଘ୍ରେ ଯାଉଛନ୍ତି ମରି ॥
ପୂର୍ବେ ଯାଗ କରିଥିଲେ ରାଜା ଯୁଧିଷ୍ଠିର ।
ସେ ଧର୍ମେ ବସିଲେ ସ୍ୱର୍ଗେ ଯେଣ ସ୍ୱର୍ଗପୁର ॥
ଶତେ ଅଶ୍ୱମେଧ ଯାଗ ପୂର୍ବେ ଥିଲେ କରି ।
ପୁଣ୍ୟବନ୍ତ ପ୍ରାଣୀ ସେହୁ ଧର୍ମ ଦଣ୍ଡଧାରୀ ॥
ଏହି ପ୍ରକାର ସୁକୃତ ଯେହୁ କରୁଥାଇ ।
ସେ ନରକୁ ପାପଭୟ କ କରି ପାରଇ ॥
ପୁଣ୍ୟରୁ ପାତକ ମାନ ହୋଇଯାଏ ନାଶ ।
ସେ ଲୋକର ସୁକୃତ ଯେ କେ କରିବ ଶେଷ ॥
ଏ କଥାକୁ ନ ଜାଣନ୍ତି ମୂର୍ଖ ଲୋକମାନେ ।
ବଡ଼ଲୋକର କଥାକୁ ଆଚରନ୍ତି ମନେ ॥
ବୋଲୁଥାନ୍ତି ଦେବଲୋକ ମଦନରେ ବଶ ।
ଆମ୍ଭେମାନେ ଅଟୁଁ ଅବା କେତେକ ମନୁଷ୍ୟ ॥
ଏମନ୍ତ ବୋଲଣ ନରେ ଅକର୍ମ କରନ୍ତି ।
ପାପ ପୁଣ୍ୟ ଭଲ ମନ୍ଦ କିଛି ନ ଜାଣନ୍ତି ॥
ପୂର୍ବ ସ୍ଥାନ କର୍ମେ ତାଙ୍କୁ ନ ମିଳଇ ଅନ୍ନ ।
ବହୁତ କଷ୍ଟରେ ସେହୁ ବଞ୍ଚୁଥାନ୍ତି ଦିନ ॥
ଏହା ବିଚାରି ନ କରି ସେହୁ ନରସ୍ଥାନ ।
ବଡ଼ଲୋକଙ୍କ ସଙ୍ଗରେ ହୁଅନ୍ତି ସମାନ ॥
ଅକର୍ମ କରଣ ନରେ ଅନ୍ତେ ଯାନ୍ତି ମରି ।
କୁମ୍ଭୀପାକ ନର୍କେ ପଡ଼ ହେଉଥାନ୍ତି ଘାରି ॥
ଜନ୍ମେ ଜନ୍ମେ ତାଙ୍କୁ କେଭେ ନ ମିଳଇ ଅନ୍ନ ।
କେ [illegible]ନ କରିବ ତାଙ୍କ କର୍ମର ଲଙ୍ଘନ ॥
କେହୁ ବୋଲନ୍ତି ବ୍ରାହ୍ମଣ ଶ୍ରେଷ୍ଠ ସ୍ଥାନଲୋକ ।
କାହୁଁ କି କରନ୍ତି ସେ କର୍ମ ଧର୍ମ ଯାକ ॥
ଆମ୍ଭେମାନେ ତାଙ୍କୁ ଆଜ୍ଞ ନ ଯୋଡ଼ିବା କରି ।
ଏତେକ ଅଜ୍ଞାନ ଦେଖ ମୂଢ଼ ମାଗିନର ॥

ସର୍ବ ଜାତିଠାରୁ ବଡ଼ ଅଟଇ ବ୍ରାହ୍ମଣ ।
ତାହାଙ୍କ ସଙ୍ଗେ ସରିକ ହେବ ଅନ୍ୟ ଜଣ ॥
ଅଜ୍ଞାନେ ବ୍ରାହ୍ମଣ ଯେବେ ଅକର୍ମ କରିବ ।
ମନସ୍ଥିର କରି ସେହୁ ଗାୟତ୍ରୀ ଜପିବ ॥
ନିତ୍ୟ ସନ୍ଧ୍ୟା କରିବ ସେ ଜାଣି କାଳ ବେଳେ ।
ଆଉକି ପାତକ ତାର ରହିଥିବ ଭଲେ ॥
ଏ କଥାକୁ ନ ଜାଣନ୍ତି ମହା ମୂର୍ଖ ନର ।
ଆପଣାର ସଙ୍ଗେ ସଙ୍ଗି କରନ୍ତି ବିଚାର ॥
ଏମନ୍ତ ଲୋକ ମାନଙ୍କ ପିଣ୍ଡ ବାଢ଼ ଗ୍ଲରି ।
ମୁଖରେ ଯେ ନ ବୋଲନ୍ତି ରାମ କୃଷ୍ଣ ହରି ॥
ଏମନ୍ତ ଲୋକ ଯଦ୍ୟପି କରନ୍ତି ପାତକ ।
ତାହାର ଅଙ୍ଗରେ ପାଁପ ହୁଅଇ ଅନେକ ॥
କେଭେ ତାହାର ପାତକ ନୁହଇ ମୋଚନ ।
ଅନ୍ତେ କୁମ୍ଭୀପାକେ ଯାଇଁ ହୁଅଇ ପତନ ॥
ଜନ୍ତ୍ରପତିଙ୍କର ତାକୁ ବହୁତ ଆକ୍ରୋଶ ।
ଯେତେ ଜନ୍ମ ଲଭେ ସେହୁ ନ ମିଳଇ ଗ୍ରାସ ।
ଧାର୍ମିକ ବିବେକବନ୍ତ ହୁଅନ୍ତି ଯେଉଁଜନ ।
ତାଙ୍କ କଥା ସର୍ବସ୍ଥାନେ ହୁଏ ଧନ୍ୟ ଧନ୍ୟ ॥
ସେହୁ ଯେବେ ଅଯୋଗରେ ଅକର୍ମ କରିବ ।
ସୁକର୍ମରୁ ତା ପାତକ କାଟିତରେ ଯିବ ॥
ଆଉ ଯେ ସୁକର୍ମ ତାର ରହିବ ବହୁତ ।
ସେ ପାପରେ ଆତ୍ମା ତାର ନ ହୋଇବ ଗ୍ରସ୍ତ ॥
ଏଥକୁ ଉପମା ଏକ କହିବାକ ଶୁଣ ।
ଲକ୍ଷେଟଙ୍କା ଥାଇକରି ଯେଉଁ ମହାଜନ ॥
ସେହି ରଖିଥାଇ ପୁଣି ଯେବଣ ଶୁକର ।
ସେହୁ ହୋଇ ପାରିବ କି ମୁକ୍ତିବ ପ୍ରକାର ॥
ଶତ ପ୍ରତି ମାଚେ ସୁନା ପାରେ ଦାନକରି ।
ଏମନ୍ତ କଲେହେଁ ଧନ ନ ଯିବଟି ସରି ॥
ଭୃତ୍ୟଲୋକ ତାହାପରି ଯଦ୍ୟପି କରିବ ।
ଏକା ଦିନକରେ ତାର ସବୁ ସରିଯିବ ॥
ଆଉଦିନକୁ ପାରିବ କାହୁଁ ତାହାକରି ।
ବଡ଼ଲୋକ ସଙ୍ଗେ ସାନ କାହୁଁ ହେବ ସରି ॥
ସୁକୃତବନ୍ତ ଯେ ଜନ ସେହି ବଡ଼ଲୋକ ।
ସେହି ସେ ଅଟଇ ସିନା ବିଷ୍ଣୁର ସେବକ ॥
ବିଷ୍ଣୁଙ୍କର ଭକ୍ତ ବିନା ଆନ କାର୍ଯ୍ୟ ଯେତେ ।
ସେହି ସିନା ଅରକ୍ଷିତ ଅଟନ୍ତି ଜଗତେ ॥

Digitized by srujanika@gmail.com

ପୂର୍ବ ଜନମରେ ଯେହ୍ନେ ସୁକୃତ ନ କର ।
ତେଣୁ ସେହ୍ନେ ଏ ଜନ୍ମରେ ହୋଇଲୁ ଭିକାର ॥
ନାରାୟଣଙ୍କର ତାର ଠାରେ ନାହିଁ ଦୟା ।
ତେଣୁ ଅନୁଗ୍ରହ ତାକୁ ନ କରନ୍ତି ଶ୍ରିୟା ॥
ଏମନ୍ତ ବୋଲି ବାବାଜି କହିଲେ ରାଜାକୁ ।
ଶୁଣି ନୃପବରଙ୍କର ଚମକିଲା ବୁକୁ ॥
ରାଜା ତୁ ପୂର୍ବଜନମେ ଘୋର ତପ କଲୁ ।
ତେଣୁକରି ଏବେ ତୁହି ନୃପତି ହୋଇଲୁ ॥
ପୂର୍ବ ଜନ୍ମ ତପେ ତୁହି ତୋଷି ନାରାୟଣ ।
ତେଣୁ ଏ ଜନ୍ମରେ ତୁହି କଲୁ ନୃପପଣ ॥
ପୂର୍ବଭାଗ୍ୟ ନ ଥିଲେଟି ନୁହଇ ନୃପତି ।
ରାଜା ହେଲାଠାରୁ କେତେଟି କରଇ ଅନୀତି ॥
ପୂର୍ବ ତପଫଳେ ସେହ୍ନେ ବହୁ ଭୋଗକରେ ।
ଆଉ ସୁଖ ନ ମିଳଇ ପୁଣି ଦେହାନ୍ତରେ ॥

ରାଜ ଧର୍ମ ।

ଶୁଣିକରି ନୃପମଣି ବେନିକର ଯୋଡ଼ି ।
କାର୍ପଣ୍ୟ ହୋଇ ପୁଛିଲେ ମୁନି ପାଦେ ପଡ଼ି ॥
କେମନ୍ତ ପ୍ରକାରେ ଏଥୁ ତରିବଇଁ ମୁହିଁ ।
ଏହିକଥା କୁହ ମୋତେ ସଂଶୟ ଫିଟାଇ ॥
ତୁମ୍ଭେ ତ କହିଲ ନୃପ ପଣର ଯେ ସୁଖ ।
ପରଲୋକରେ ତାହାକୁ ପୁଣି ଯେତେ ଦୁଃଖ ॥
ଏହା ଶୁଣି ମୋର ମନ ବ୍ୟାକୁଳ ଅପାର ।
ତତ୍ତ୍ୱକଥା କହି ତୃପ୍ତ କର ମୁନିବର ॥
ତୁମ୍ଭଙ୍କ ଭେଟିଲି ଆଜ ସୁଫଳ ମୋ ଦିନ ।
ପ୍ରକୃତ ବଚନେ ମୋର ସ୍ଥିରକର ମନ ॥
ଶୁଣିଣ ସନ୍ତୋଷ ମନ ହୋଇଲେ ମହାଯତି ।
ବୋଇଲେ ତୁ ସାବଧାନେ ଶୁଣ ହୋ ନୃପତି ॥
ପୂର୍ବ ଜନ୍ମ ତପଫଳେ ହେଲୁ ମହୀପାଳ ।
ତୁହି ଏବେ ସ୍ୱଧର୍ମରେ ପାଳ ପ୍ରଜା କୁଳ ॥
ନ୍ୟାୟ ଶାସ୍ତ୍ର ପୁରାଣ ଯେ ଶୁଣୁଥିବୁ ନିତ ।
ଦେବତା ବ୍ରାହ୍ମଣେ ସଦା କରିବୁ ଭକତ ॥
ଗ୍ରହଶାନ୍ତି ନିମିତ୍ତରେ କରି ହୋମ ଦାନ ।
କ୍ଷିତ ଦାନ ଦେଉଥିବୁ ଦେବତା ବ୍ରାହ୍ମଣ ॥
ନିରକ୍ଷ ଜନଙ୍କର ତୁ ଗୁହାରି ଶୁଣିବୁ ।
ଦରିଦ୍ର ଲୋକଙ୍କୁ ଦେଖି ଧନ ବସ୍ତ୍ର ଦେବୁ ॥

ଅନ୍ୟାୟର ଶାସ୍ତ୍ରମାନ ନ ଶୁଣିବୁ କେବେ ।
ଜନ୍ତପନ୍ତିଙ୍କ ତୋହର ଭୟ ଅଛି ଯେବେ
ନାରାୟଣ ନାମକୁ ତୁ କରୁଥିବୁ ଜପ ।
ତେବେ ଯେ ଖଣ୍ଡନ ହେବ ସର୍ବ ମହାପାପ ॥
ପ୍ରଜା ମାନଙ୍କର ପୁଣି ଯେତେ ପାପ ପୁଣ୍ୟ ।
ତହିଁରୁ ତୁ ଷଡ଼ଅଂଶ ଲଭିବୁ ରାଜନ ॥
ତେବେ ତାହାଙ୍କର ଦୋଷ ନ ଲାଗିବ ତୋତେ
ଧର୍ମକୁ ଆଶ୍ରୟ କରି ଥିବୁ ଅନୁବ୍ରତେ ॥
ଧର୍ମରେ ଥିବା ପ୍ରାଣିର ସାହା ନାରାୟଣ ।
ଶତ୍ରୁମାନେ ଆସିକରି ପଶନ୍ତି ଶରଣ ॥
ତାଠାରେ ଜନ୍ତପନ୍ତର ନାହିଁ ଅଧିକାର ।
ଚକ୍ର ଉହାଡ଼େ ରଖନ୍ତି ତାକୁ ଚକ୍ରଧର ॥
ତୁହି ଏବେ ରାଜନ ହୋ ମନେ ହେତୁକର ।
ନିର୍ଦ୍ଦୋଷୀ ଜୀବଙ୍କୁ ଆଉ ବୃଥାରେ ନ ମାର ॥
ଯେହ୍ନେ ତୋହର ଆମ୍ଭକୁ ଅଛଇ ବଇର ।
ପାରୁ ଯେବେ ତାହାକୁ ତୁ ମାର ଦଣ୍ଡଧାରି ॥
ବନରେ ପଶି ଅଦୋଷୀ ମୃଗଙ୍କୁ ତୁ ମାରୁ ।
ଏହି ପିଣ୍ଡ ବ୍ରହ୍ମାଣ୍ଡକୁ ବିଚାର ନ କରୁ ॥
ମେଦିନୀରେ ଯେତେ ପ୍ରାଣୀ ଏ ପିଣ୍ଡରେ ତେତେ
ଆଗରେ ଆଇଣ ରାଜା ଖୋଜୁ କି ନିମନ୍ତେ ॥
ଏ ପିଣ୍ଡରେ ପାର୍ଥିମନ ଛନ୍ତି ମୃଗମତେ ।
ଏ ତୋର ଆମ୍ଭକୁ ମନ୍ଦ ଚିନ୍ତନ୍ତି ନିରତେ ॥
ଏହାଙ୍କୁ ଯେ ମାରେ ରାଜା କ୍ଷତ୍ରିବର ସେହି ।
ସବୁଠାରୁ ବଡ଼ ଅଟେ ଆମ୍ଭ ମୃଗ ଗୋଷ୍ଠ ॥
ସେ ମୃଗକୁ ରାଜା ଯେବେ ପାରିବୁ ତୁ ମାରି ।
କ୍ଷତ୍ରିୟ ବୋଲି ଜାଣିବା ତେବେ ଦଣ୍ଡଧାରି ॥
କୃପାସିନ୍ଧୁ ନାମରେ ଯେ ଧନୁ ଆଉ ଗୁଣ ।
ଜ୍ଞାନ ଆମ୍ଭଶର ବନ୍ଧ ପାପ ମୃଗ ହାଣ ॥
ତାକୁ ମାଇଲେ ଆମ୍ଭକୁ ଆଉ ନାହିଁ ଶଙ୍କା ।
ଏହାକୁ ନ ଜାଣି ତୁହି ବନେ ବୁଲୁ ଏକା ॥
ରାଜା ଧନବନ୍ତ ଆଉ ଦରିଦ୍ର ଭିକାରି ।
ସ୍ୱପନରେ ସୁଖ ଦୁଃଖ ଦେଖିଲାର ପରି ॥
ନିଦ୍ରା ବିନାଶରେ ଛନ୍ତି ଏକ ନୁହେ ସତ ।
ମୋହପରି ସିନା ଏହି ସଂସାରକୁ ମନ ॥
ଯେତେବେଳେ ଏ ଘଟରୁ ଛାଡ଼ିବ ପ୍ରାଣ ।
ତେତେବେଳରେ ଥିବ କି ତୋର ରାଜପଣ ॥

Digitized by srujanika@gmail.com

ରାଜ୍ୟ ବଡ଼ପଣ ତୋର ସବୁ ଯିବ ଛାଡ଼ି ।
ଯମଦୂତେ ଶୀଘ୍ର ଆସି ତୋର ଯିବେ ବେଢ଼ି ॥
ଏହି ଭ୍ରମମାନ ତୋର ଯେବେ ହେବ ଦୂର ।
ଏ କଥାକୁ ରାଜା ତୁହି ମନେ ହେଳୁ କର ॥
ଜୀବକୁ ଯେ ହିଂସା କରେ କେବେ ନୁହେ ସୁଖୀ ।
ଦେହାନ୍ତରରେ ତାହାକୁ ଅଛି ବଡ଼ ଦୁଃଖ ॥
ଦେବା ଦୟା ସଂସାରେଷ୍ଟ ଅଟଇ ଯେ ସାର ।
ଆମ୍ଭର କାରଣେ ରାଜା ଭଜ ଚକ୍ରଧର ॥
ତେବେ ଯାଇ ଦେହାନ୍ତରେ ମିଳେ ସ୍ୱର୍ଗସ୍ଥାନ ।
ଅଥବା ବସିବୁ ଯାଇ ବୈକୁଣ୍ଠ ଭୁବନ ॥
ଯେବଣ ନୃପତି ଦେଖ ମଦ୍‌ଗର୍ବ ସତେ ।
ସେବା ନ କରଇ କେବେ ଗୋବିନ୍ଦଚରଣେ ॥
ଗୋବିନ୍ଦ ପ୍ରୀତି ଅର୍ଥରେ ନାହିଁ ଦାନ କୀର୍ତ୍ତି ।
ସର୍ବଦା ମୂର୍ଖପଣରେ ଅରଜେ ଅନୀତ ॥
ପର ଧନ ପର ନାରୀ ଆଣେ ବଳେ ଧରି ।
କ୍ରୋଧ କରଇ ପୁଣି ନ ଶୁଣେ ଗୁହାରି ॥
ଏମନ୍ତ ରାଜାର ଜାଣ କେବେ ନାହିଁ ସୁଖ ।
ଦେହାନ୍ତରରେ ଲଭଇ ସେହି ବଡ଼ ଦୁଃଖ ॥
ପ୍ରାଣ ଥିବାଯାଏ ସେହୁ ଭୁଞ୍ଜେ ସୁଖଶିରୀ ।
ଦେହାନ୍ତରେ ଆଉ କି ସେ ହେବ ଦଣ୍ଡଧାରୀ ॥
ଯେବେ ପୁଣ୍ୟ ପ୍ରାଣୀ ହୋଇ ଲଭଇ ମରଣ ।
ଜୀବନ୍ତରେ ସାଧୁ ସାଧୁ ମଲେ ସ୍ୱର୍ଗସ୍ଥାନ ॥
ଇହ ପରକାଳ ତାର ଅଟଇ ସମସର ।
ଜୀବନ୍ତେ ଐଶ୍ୱର୍ଯ୍ୟ ଭୋଗ ମଲେ ସ୍ୱର୍ଗପୁରୀ ॥
ବ୍ୟାଧିବନ୍ତ ଲୋକ ଯେବେ ଲଭଇ ମରଣ ।
ଜୀବନ୍ତରେ ମହାକଷ୍ଟ ମଲେ ଅକାରଣ ॥
ଇହ ପରଲୋକେ ତାକୁ କିଛି ସୁଖ ନାହିଁ ।
ସେହି ଲୋକମାନେ ପୂର୍ବେ ବିଷ୍ଣୁଙ୍କର ଦ୍ରୋହୀ ॥
ତେଣୁକରି ସେମାନଙ୍କୁ ନ ମିଳଇ ଅନ୍ନ ।
ଅପେ ଅର୍ଜି ଆପେ ପୁଣି ହୁଏ ହୀନମାନ ॥
ଅନ୍ନହୀନ ଯେଉଁ ପ୍ରାଣୀ ସେହୁ ବଡ଼ ପାପୀ ।
ସେ ପୁଣି ପାରିବ କାହିଁ କୃଷ୍ଣନାମ ଜପି ॥
ଲୋକେ କଦର୍ଥନା ତାର ତ୍ରୁଟିଥାଏ କାୟେ ।
ଅନୁକ୍ଷଣେ ଖାଇବାକୁ ସେହୁ ଲୋଡ଼ୁଥାଏ ॥
ପୂର୍ବ ପୁଣ୍ୟ ଅନୁସାରେ ଅନ୍ନ ନ ମିଳଇ ।
କୋଟର ଅଗ୍ନି ପରାୟେ ଜଠର ଜଳଇ ॥

ଲକ୍ଷ୍ମୀଦେବୀଙ୍କର ସେହୁ ଅଟଇ ବଇରୀ ।
ତେଣୁକରି ଲୋକ ତାକୁ ଚତୁର୍ଗୁଣେ କରି ॥
ପୂର୍ବ ଜନ୍ମରେ ନ ଦେଲା ଏ ଜନ୍ମେ ନ ପାଇ ।
ଏବେ ସେ ଲୋଡ଼ିଲେ ଆଉ ପାଇବ ବା କାହିଁ ॥
ଏହି ପ୍ରକାରେ ସଂସାର ବୁଝି ହୋ ରାଜନ ।
ସକଳ କର୍ମ ତେଜିଣ ଭଜ ଭଗବାନ ॥
ଶୁଣିଣ ସନ୍ତୋଷ ମନ ହେଲା ମହୀପାଳ ।
ନୃପତିକୁ ଖୋଜି ଖୋଜି ଅଇଲେକ ବଳ ॥
ମୁନିପାଦେ ପ୍ରଣିପାତ ହୋଇଣ ରାଜନ ।
ମେଲଣି ହୋଇ ଚଳିଲା ଘେନି ନିଜ ସୈନ୍ୟ ॥
ଆପଣା ଦେଶରେ ଯାଇ ହୋଇଲା ପ୍ରବେଶ ।
ପାତ୍ର ଅମାତ୍ୟଙ୍କୁ ସେ ହକାରିଲା ପାଶ ॥
ସମସ୍ତଙ୍କୁ ଗୃହୀକରି ବୋଲେ ନୃପମଣି ।
ରାଜ୍ୟରେ ଢେଙ୍ଗୁରା ମୋର ଦିଆଅ ଏଖଣି ॥
ଆଜଠାରୁ ଅଧର୍ମ ଯେ ନ କରିବ କେହି ।
ଧର୍ମରେ ଚଳିବେ ସର୍ବେ ଅଧର୍ମ ନ ଥାଇ ॥
ବୈଶାଖ କାର୍ତ୍ତିକ ମାଘ ଏହି ମାସ ତିନି ।
ପ୍ରାତଃସ୍ନାନ କରିବେ ବିଷ୍ଣୁ ଆଜ୍ଞା ଘେନି ॥
ବିଷ୍ଣୁଙ୍କ ପ୍ରୀତି ଅର୍ଥରେ କ୍ଷମତା ପ୍ରମାଣେ ।
ନିତି ଦାନ ଦେଉଥିବେ ଦେବତା ବ୍ରାହ୍ମଣେ ॥
ଦେବତା ବ୍ରାହ୍ମଣେ ସଦା କରିବ ଭକତି ।
ତାହାଙ୍କଠାରେ ନୋହିବ କଦାଚ ଅପ୍ରୀତି ॥
ଅତିଥି ଉପବାସରେ ନ ଫେରିବେ ଥରେ ।
ଭଣ୍ଡାରରୁ ଧନ ନେଇ ଦିଅ ସର୍ବଠାରେ ॥
ଗ୍ରାମେ ଗ୍ରାମେ ଏକ ଏକ ହେବ ଧର୍ମଶାଳା ।
ଲୋକ ଶୋଷି ସବୁଙ୍କରି କରିବ ସଙ୍ଖୋଳା ॥
ମୋ ରାଜ୍ୟରେ ଦୁଃଖିପ୍ରଜା ଅଛି ଯେଉଁଜନ ।
ତାକୁ ଦିଅ ମୋ ଭଣ୍ଡାରୁ ନେଇଯାଉ ଧନ ॥
ଆଜଠାରୁ ଜୀବଜନ୍ତୁ ନ ବଧିବ କେହି ।
ଧର୍ମ ଆଚରି ରହିବେ କୃଷ୍ଣ ଗୁଣ ଗାଇ ॥
ଗ୍ରାମେ ଗ୍ରାମେ ସର୍ବ ଲୋକ ଶୁଣିବେ ପୁରାଣ ।
ଶ୍ରୀକୃଷ୍ଣ ଚରଣ ଛଡ଼ା ଅନ୍ୟେ ନ କାରଣ ॥
ଅନ୍ୟାୟ କରିଲେ ଆଉ ନ ସହିବ ମୁହିଁ ।
ରାଜ୍ୟରୁ ନିଶ୍ଚୟ ତାକୁ ଦେବ ଘଉଡ଼ାଇ ॥
ଏମନ୍ତ ବୋଲିଣ ରାଜା ଦେଲାକ ଆଦେଶ ।
ଆଜ୍ଞା ପ୍ରମାଣେ ଡଗର ଗଲେ ଦେଶ ଦେଶ ॥

Digitized by srujanika@gmail.com

ରାଜାଙ୍କର ଆଜ୍ଞାସବୁ ପ୍ରଜାଙ୍କୁ କହିଲେ ।
ଶୁଣି ସାଧୁଜନମାନେ ଆନନ୍ଦିତ ହେଲେ ॥
ଦୁଷ୍ଟଜନମାନଙ୍କର ହୃଦ ଦମ ଦମ ।
ରାଜାଙ୍କୁ ଭୟକରି କଲେ ସର୍ବକର୍ମ ॥
ରାଜା ଯାହା ଯାହା କହେ ସେହୁ ସତ୍ୟ ବାକ୍ୟ ।
ତହିଁରୁ ଉବୁରିଯିବ ଅଛି କାର ଶକ୍ୟ ॥
କେ ବୋଲେ ରାଜା ଜାଣିଲେ ଆମ୍ଭେ ଯିବୁ ନାଶ ।
ତେଣୁକରି ମୂର୍ଖଲୋକ ମନେ କଲେ ତ୍ରାସ ॥
ଏହିରୂପେ ଧର୍ମ ଉଦେ କରିଲେ ନୃପତି ।
ଆପଣେ ହୋଇଲେ ରାଜା ବିଷ୍ଣୁରେ ଭକତି ॥
ଯହୁଁ ସବୁ ନରେ ଧର୍ମ ଉଦେ ହେଲା ପୁଣି ।
ଇନ୍ଦ୍ରବୃଷ୍ଟି କଲେ ତହୁଁ ବେଳ କାଳ ଜାଣି ॥
ଯଥାକାଳେ ବୃଷ୍ଟି ଯହୁଁ ହୋଇଲା ପତନ ।
ରାଜ୍ୟରେ ଫଳିଲା ଶସ୍ୟ ହୋଇ ପରିପୂର୍ଣ୍ଣ ॥
ଦରିଦ୍ର ହୋଇଣ ଜଣେ ନ ରହିଲେ କେହି ।
ରାଜାର ଭଣ୍ଡାରେ ଧନ କଳନା ନ ଯାଇ ॥
ଧର୍ମଥିବାର ସ୍ଥାନରେ ବିଜେ ନାରାୟଣ ।
ଯହିଁ ନାରାୟଣ ତହିଁ ଲକ୍ଷ୍ମୀଥାନ୍ତି ଜାଣ ॥
ତେଣୁକରି ସେ ଭଣ୍ଡାର ଅତୁଟ ତାହାର ।
କହୁଛନ୍ତି ଚଇତନ ଶୁଣ ମନ ସାର ॥
ଅଧର୍ମର ଧନ କାହିଁ ହୋଇବ ପ୍ରାପତ ।
ଧର୍ମରେ ଉଦିତ ପାପେ ହୁଅଇ ପତିତ ॥
ଧର୍ମଥିବାର ପ୍ରାଣୀକି ନାହିଁ ଗ୍ରହ ପୀଡ଼ା ।
ଅଧର୍ମି ଲୋକମାନଙ୍କୁ ଶତ୍ରୁ ଯୋଡ଼ା ଯୋଡ଼ା ॥
ଦେଖ ଏହି ରାଜନକୁ ଧର୍ମ ଦେଲା ଗତି ।
ତେଣୁଟି ଭଣ୍ଡାର ତାର ହୋଇଲା ପୂରିତ ॥
ରାଜ୍ୟ ଜନ ପ୍ରଜା ଆଦି ସର୍ବେ ହେଲେ ସୁଖୀ ।
ରାଜ୍ୟେ ରାଜ୍ୟେ ପରଶଂସା ହେଲା ଶୁଣି ଦେଖି ॥
ଶତ୍ରୁମାନେ ଦୂରହିଁରୁ ନ ପାରନ୍ତି ରହି ।
ଧର୍ମଭଣ୍ଡାର ବତ୍ରିଶ ଦାଢ଼ ଯେ ହୁଅଇ ॥
ଅଧର୍ମର ବଢ଼ି ଯେହ୍ନେ କରିଥାଇ ତୁଳ ।
ଗଲାବେଳକୁ ସେ ଧନ ନ ରହଇ ମୂଳ ॥
କହୁଛନ୍ତି ଚଇତନ ଶୁଣିଲୁ କି ମନ ।
ସାଧୁଙ୍କୁ ଭେଟିଣ ରାଜା ଉଦେ ହେଲା ଜ୍ଞାନ ॥
ଭାଗ୍ୟଅନୁରୂପେ ରାଜା ସୁଖ ଭୋଗକଲା ।
ଦେହାନ୍ତରରେ ପାଇଣ ବୈକୁଣ୍ଠେ ବସିଲା ॥

ମାନବ ଜନ୍ମ ସକଳ ଜନ୍ମୁ ଅଟଇ ସାର ।
ଜାଣି ଶୁଣି କରି ନରେ ନୁହି ନାରଖାର ॥
ନିଜ ହିତକର୍ମ ଯେହୁ ନ କରନ୍ତି ଜାଣି ।
ଚଉରାଶି ଯୋନିରେ ସେ କରନ୍ତି ଭ୍ରମଣି ॥
ଜନନୀର ଗର୍ଭଠାରୁ ନର୍କ ନାହିଁ ଜାଣ ।
ତହିଁ ଭ୍ରମଣ କରନ୍ତି ଯାଇ ଅନୁକ୍ଷଣ ॥
କେହୁ ଜନ୍ମ ହୋଇ ଦିନେ ବଞ୍ଚି ନାଶ ଯାଇ ।
କେହୁ ମାସ ପକ୍ଷକରେ ପ୍ରାଣ ବିସର୍ଜଇ ॥
ଏହିରୂପେ ଚଉରାଶୀ ଯୋନିରେ ଭ୍ରମଣ ।
ଟିକିଏ ତାହାକୁ କେବେ ସୁଖ ନାହିଁ ଜାଣ ॥
ଅନ୍ନ ବସ୍ତ୍ର ସୁଖ ସ୍ଥାନ କେବେ ନ ମିଳେଟି ।
ପୁଣି ପୁଣି ନର୍କେ ସେହୁ ହେଉଥାଏ ଘାଣ୍ଟି ॥
ଏମନ୍ତ ଲୋକ ଯଦ୍ୟପି ସାଧୁମୁଖୁ ଶୁଣି ।
କି ଅବା ଶୁଣିବ ସେହୁ ପୁରାଣର ବାଣୀ ॥
କିବା ତୁଳସୀର ସେବା ସେ ଲୋକ କରିବ ।
ଚଉରାଶୀ ଯୋନିରୁ ସେ ମୁକ୍ତ ହୋଇଯିବ ॥
ପ୍ରତିଦିନ ଦେଉଥିବ ସୁଶୀତଳ ବାରି ।
ପ୍ରଣାମ କରି ବୁଲିବ ପୁଣି ବେଢ଼ା ଗରି ॥
ମୂଳର ମୃତ୍ତିକା ନେଇ ଲଲାଟରେ ଦେବ ।
ପାଦୋଦକ ପାଇ କିଛି ଶିରରେ ବୋଳିବ ॥
ବେନି କରକୁ ଯୋଡ଼ିଣ କରି ତାଙ୍କୁ ସ୍ତୁତି ।
ବୋଲିବ ପୂର୍ବର ପାପ ଫେଡ଼ ବୃନ୍ଦାବତୀ ॥
ଏତେ କଥାକୁ ଯଦ୍ୟପି ନ ପାରିବ କରି ।
ମୁଖେ ଉଚ୍ଚାରୁଥିବ ତେବେ ରାମକୃଷ୍ଣ ହରି ॥
ତେବେ ସେ ଗତଜନ୍ମର ପାପହେବ ନାଶ ।
ପାତକ ଯାଇ ପୁଣ୍ୟର ହୋଇବ ପରକାଶ ॥
ଅନ୍ଧାରଘରକୁ ମନ ପ୍ରଦୀପ ଯେସନ ।
ସେହି ପ୍ରକାରେ ଉଜ୍ଜ୍ୱଳ ହେବ ଆତ୍ମାଜ୍ଞାନ ।
ବଢ଼ିବ ଯେ ପୁଣ୍ୟମାନ ପାପହେବ ନାଶ ।
ତେବେ ସେ ଖଣ୍ଡିବ ପୂର୍ବଜନ୍ମ ମୃତ୍ୟୁକ୍ଲେଶ ॥
ଶ୍ରୀକୃଷ୍ଣ ଚରଣେ ଯାଇ ପଶିବ ଶରଣ ।
ତେବେ ସେ ଖଣ୍ଡିବ ଯାଇ ଅକାଳ ମରଣ ॥
ସେ ପ୍ରଭୁଙ୍କ ମହିମାତ ଏମନ୍ତ ଅଟଇ ।
କହିଁତରେ ଉଦ୍ଧରନ୍ତି କିଛି ଭ୍ରାନ୍ତି ନାହିଁ ॥
ଜ୍ଞାନେ ବା ଅଜ୍ଞାନେ ଯେହୁ ପ୍ରଭୁନାମ ଗୁଣି ।
ନିଶି ଦିବସରେ ଯେହୁ ସୁମରିବ ପୁଣି ॥

Digitized by srujanika@gmail.com

ଅବଶ୍ୟ ସେ ଭବଜଳୁ ହୋଇବେ ପାର ।
କହନ୍ତି ମାଧବ ହରି ଆହେ ଦାମୋଦର ॥
କେବଳ ଦେବାର ଦୟା ହୃଦୟରେ ଥିବ ।
ସ୍ୱପ୍ନରେ ଜୀବବଧ କେବେ ନ କରିବ ॥
ଅପରଙ୍କୁ ମନ୍ଦକଥା ନ ଚିନ୍ତିବ ମନେ ।
ଲୋଭିତ ନୋହିବ ପୁଣି ପରଦାରା ଧନେ ॥
ଜୀବ ବଧ କରିବାକୁ ମନେ ନ ବିଚାର ।
ଜୀବେ ନାରାୟଣ ଛନ୍ତି ସର୍ବଘଟେ ପୂରି ॥
ମନରେ ଭାବିଲେ ପାପ ଘେରିଯାଏ ଆସି ।
ଅକାରଣ କଥାରେ ତୁ ନୁହ ଧର୍ମ ଧ୍ୱଂସି ॥

ହରଣୀ ଓ ଗଜରାଜ ମୋକ୍ଷଣ

ଉପାଖ୍ୟାନ ।

ମୋକ୍ଷଧର୍ମ ଏବେ ମୁହିଁ କହିବଇଁ ମନ ।
ଆଶ୍ୱାସନା କରି ସଦା କହିବ ବଚନ ॥
ପର ଦୁଃଖ ଦେଖିକରି ଆକୁଳ ହୋଇବ ।
ପର ପ୍ରତି ହିଂସା ମନ କେବେ ନ କରିବ ॥
ଶରୀରକୁ ଦୁଃଖଦେଲେ ହରି ଦୁଃଖ ପାଇ ।
ଆତ୍ମାର କାରଣେ ଏକା ଭଜ ଭବତ୍ରାହୀ ॥
କେଶବ ଅନନ୍ତ କୃଷ୍ଣ ଭକ୍ତ ଭବତ୍ରାହୀ ।
ଦୀନବନ୍ଧୁ ଦାଶରଥି ଲକ୍ଷ୍ମୀଙ୍କର ସାଇଁ ॥
ରାମ ନାରାୟଣ ପ୍ରଭୁ ଜଗନ୍ନାଥ ହରି ।
ଶ୍ରୀ ମଧୁସୂଦନ ମଧୁରିପୁ ଦଇତାରି ॥
ଏହିରୂପେ ପ୍ରଭୁଙ୍କର ନାମ ଗୁଣ ଯେତେ ।
ସର୍ବଦା ମନମଧ୍ୟରେ ସୁମରିବ ନିତ୍ୟେ ॥
ତେବେ ଯେ ଆତ୍ମାର ମନ ହୁଅଇ କାରଣ ।
ଏହାକୁ ଛାଡ଼ି ଅନ୍ୟରେ କିସ ପ୍ରୟୋଜନ ॥
ଗୋବିନ୍ଦ ନାମ ଅମୃତମୟ ଅଟେ ରସ ।
ମୁଖରେ ନିରତେ ଯେହୁ କରଇ ଅଭ୍ୟାସ ॥
ଧନ୍ୟ ବଦନ ତାହାର ଧନ୍ୟ ସେହୁ ନର ।
ସର୍ବଦା ପବିତ୍ର ଅଟେ ଶରୀର ତାଙ୍କର ॥
ଏଣୁକରି ବିଷ୍ଣୁଙ୍କର ପାଦେ ଆଶାକରି ।
ହେଲେ ତରିବୁ ମନ ଭବ ସିନ୍ଧୁ ବାରି ॥
କୁହୁକର ବିଦ୍ୟା ଯେହ୍ନେ କରେ ନଟକାର ।
ନାନାବିଧ ରୂପମାନଙ୍କୁ ଦେଖାଏ ଅପାର ॥
ସେ ଯେହ୍ନେ କ୍ଷଣକ ମଧ୍ୟେ ଅନ୍ତର ହୁଅଇ ।
ଏ ସଂସାରର ଭାବନା ତେମନ୍ତ ଅଟଇ ॥
ବିଷ୍ଣୁ ଆଶ୍ରିତ ଲୋକଙ୍କୁ ନାହିଁ ଭବ ତାପ ।
ପଙ୍କଜ ଦଳେ ଯେସନେ ନ ଲାଗଇ ଆପ ॥
ଏବେ ହୋ ସୁମନ ବୁଝି ନାମ ଆଶ୍ରୟକର ।
ତା ନୋହିଲେ ଆନେ ଆଉ ନାହିଁ ପ୍ରତିକାର ॥
ଏ ଯେତେ ଜଞ୍ଜାଳମାନ ଆବୋରିଛୁ ତୁହି ।
ନିଦାନ କାଳେ କାହାର ନ ହୋଇବେ କେହି ॥
ଏହି ଭବଜଳେ ପଡ଼ି ବୁଡ଼ି ତୁ ନ ମର ।
କେ କାହାର ବନ୍ଧୁ ଭାଇ କେ କାହା ପିୟର ॥
ସମସ୍ତ ମିଥ୍ୟା ଅଟଇ ଦାରା ସୁତ ଧନ ।
ଏ ସର୍ବ ଅଟନ୍ତି ମନ ଭ୍ରାନ୍ତିବନ୍ଧନ ॥
ଯେତେବେଳେ ଜୀବ ତୋର ହେବ ଘଟାନ୍ତର ।
ବାନ୍ଧି ଘେନିଯିବେ ତୋତେ ଯମର ଡଗର ॥
ଆପଣାର କଲାକର୍ମ ପାପ ପୁଣ୍ୟ ଦୁଇ ।
ବେଳ ପାରୁଣରେ ଥିବେ ସଙ୍ଗେ ସଙ୍ଗେ ରହି ॥
ଜନ୍ତୁପତିର ଛାମୁରେ କରିବେ ପ୍ରବେଶ ।
ଚିତ୍ରଗୁପ୍ତଙ୍କୁ ପୁଚ୍ଛିବେ ଧର୍ମଙ୍କର ଶିଷ୍ୟ ॥
ପାପ ପୁଣ୍ୟ ଯାହା ତୋର କହିବେଟି ଦୁଇ ।
ଧର୍ମ ସଭାପରେ ବସିଥିବେ ଜନ୍ତୁସାଇଁ ॥
ପୁଣ୍ୟବଳ ଥିଲେ ମନ ହୋଇବୁ ଉଦ୍ଧାର ।
ପାପଥିଲେ ଦଣ୍ଡ ଭୋଗ ଦେବେ ନାଶକର ॥
ଏଣୁକି ସଂସାରେ ଅଟେ ଧର୍ମ ଏକା ମୂଳ ।
ଧର୍ମଥିଲେ ପ୍ରାଣୀ ତରେ ଏହି ମହାଜଳ ॥
ସେ ପ୍ରଭୁଙ୍କ ପଦ୍ମପାଦେ ଚିତ୍ତକୁ ଲଗାଇ ।
ତରିବ ଭବଜଳଧି କିଛି ଭୟ ନାହିଁ ॥
ଏମନ୍ତ ପ୍ରଭୁଙ୍କ ପଦ୍ମପାଦ ସେବା ଛାଡ଼ି ।
ବିଅର୍ଥେ ନ ମର ନରେ ଭବଜଳେ ବୁଡ଼ି ॥
ଦୁର୍ଗମ ପଥକୁ ମନ କୃଷ୍ଣ ନାମ ସଖା ।
ଗୋବିନ୍ଦର ବିନୁ କେହୁ କରିପାରେ ରକ୍ଷା ॥
ପ୍ରାଣକୁ ସଙ୍କଟ ଆସି ପଡ଼ିବ ଯେକାଳେ ।
ଗୋବିନ୍ଦ ରଖ ଡାକିବ ତେବେ ଏକାବେଳେ ॥
ସେହିକ୍ଷଣି ତାହାର ଯେ ବିପତ୍ତି ବିନାଶି ।
ରଖନ୍ତି ପ୍ରଭୁ କରୁଣା ଚକ୍ର ତାକୁ ପେଷି ॥
ସାବଧାନ ହୋଇ ଏବେ ଶୁଣ ମନ ଈଶ ।
ପ୍ରଭୁଙ୍କୁ ସମାନ ଅଟେ ଦୂର ଆଉ ପାଶ ॥

Digitized by srujanika@gmail.com

ସକଳ ବ୍ରହ୍ମାଣ୍ଡ ଅଛି ଯାହା ଗର୍ଭଗତ ।
ସକଳ ଜୀବମଧ୍ୟରେ ସେହି ସେ ମୂରତ ॥
ସେହି ଯେ ମାରନ୍ତି ମନ ସେହି ଯେ ତାରନ୍ତି ।
ତାହାଙ୍କର ବିନା ଆଉ ଅନ୍ୟ କେ ନାହାନ୍ତି ॥
ମହାଘୋର ଅରଣ୍ୟରେ ଚଳନ୍ତି ହରିଣୀ ।
ସଙ୍କଟ ପଡ଼ିଲା ମୋତେ ରଖ ଚକ୍ରପାଣି ॥
ସଙ୍ଗତରେ ବେନି ବାଳ ଗର୍ଭ ଅଷ୍ଟମାସ ।
ବ୍ୟାଧ ଜାଲ ପାତିଅଛି ତାର ଚଉପାଶ ॥
ଆଗେ ପୁଣି ଜଳୁଅଛି ପ୍ରଚଣ୍ଡ ଅନଳ ।
ପଛକତରେ ଲାଗିଛି ଆସି ଶ୍ୱାନକାଳ ॥
ବ୍ୟାଧ ଧନୁରେ ପୂରାଇ ସନ୍ଧିଅଛି ଶର ।
ଏ ସଙ୍କଟୁ ବାରେ ମୋତେ ରଖ ଚକ୍ରଧର ॥
ତୁମ୍ଭେ ବାରେ ନ ରଖିଲେ ଗଲି ମୁହିଁ ନାଶ ।
ଏ ସଙ୍କଟୁ ରଖ ମୋତେ କମଳାବିଳାସ ॥
ଏମନ୍ତ ବୋଲିଣ ଯହୁଁ ଚିନ୍ତିଲା ହରିଣୀ ।
ଚିନ୍ତିବା ମାତ୍ରେ ଜାଣିଲେ ତାହା ଚକ୍ରପାଣି ॥
ଇନ୍ଦ୍ରଙ୍କୁ ଯେ ଆଜ୍ଞାଦେଲେ ବରଷ ତୁ ନୀର ।
ଲିଭାଇ ପକାଅ ତାର ଆଗ ବୈଶ୍ୱାନର ॥
ବ୍ୟାଧକୁ ବଜ୍ର ପ୍ରହାର ତାର ପ୍ରାଣ ହର ।
ଶ୍ୱାନକୁ ସର୍ପାଘାତ ଯେ ହେଉ ତତପର ॥
ପବନର ଘାତେ ଜାଲ ବାଡ଼ ଯାଉ ଛିଡ଼ି ।
ବିଳମ୍ବ ନ କର ଇନ୍ଦ୍ର ବେଗେ ଦିଅ ଧାଡ଼ି ॥
ମହୀନ୍ଦ୍ରକୁ ଆଜ୍ଞା ଯହୁଁ ଦେଲେ ଚକ୍ରଧର ।
ତତକ୍ଷଣରେ ବାସବ ଗଲେକ ସତ୍ୱର ॥
ବୃଷ୍ଟିପବନେ ଅନଳ ଜାଲ ଛିଣ୍ଡିଗଲା ।
ଶ୍ୱାନେ ସର୍ପାଘାତ ବ୍ୟାଧେ ବଜ୍ରପାତ ହେଲା ॥
ଚିନ୍ତିବା ମାତ୍ରେ ଶୁଣିଲେ ତାହା ଚକ୍ରପାଣି ।
ନିଶ୍ଚିନ୍ତ ହୋଇଣ ତହୁଁ ଗଲାକ ହରିଣୀ ॥
ଜାଣିଲୁ କି ମନ ତୁହି ଶ୍ରୀହରି ମହିମା ।
ଅପାରୁ ଅପାର ଯାର ଅଟେ ଗୁଣ ସୀମା ॥
ଏମନ୍ତେ କେତେ ଲୋକଙ୍କୁ ଅଛନ୍ତି ଉଦ୍ଧରି ।
ତହିଁରୁ ଥୋକାଏ ତୋତେ କହିବା ବିସ୍ତାରି ॥
ଶ୍ରୀହରି ଚରିତ ତୁହି କର୍ଣ୍ଣରେ ଶୁଣିଲେ ।
ଘୋର କଳୁଷ ଖଣ୍ଡିବୁ ତୁହି ଅବହେଳେ ॥
ଶୁଣି ସୁମନ ଚୈତନ୍ୟ ପାଦ ଦେଶେ ପଡ଼ି ।
ଉଠି ଭକ୍ତ ହେଲା ପୁଣି ଶିରେ କରଯୋଡ଼ି ॥

ଚୈତନ୍ୟ ବୋଇଲେ ତହୁଁ ଶୁଣ ହେ ସୁମନ ।
ଶ୍ରୋତା ବକ୍ତା ଦୁହେଁ ଯେବେ ହୋଇବେ ସମାନ ॥
ଶୁଣିବୁ କହିବ ତୋତେ ହରିଙ୍କର କଥା ।
ମୂର୍ଖଲୋକଙ୍କ ଆଗରେ ନ କହି ସର୍ବଥା ॥
ଯେଉଁ ଜନ ନ ଜାଣଇ ହରି କଥା ରସ ।
ତାହା ଆଗେ ନ କରିବ ଏହାକୁ ପ୍ରକାଶ ॥
ଶୁଣିଲେ ଶୁଖାଇବ ଯେ ପଗୃହଲେ କହି ।
ତେବେ ସେ ଶ୍ରୋତା ବକତା ଦୁହେଁ ତରିଯାଇ ॥
ଅସୁଗନ୍ଧ ଲୋକଠାରେ ନ କର ପ୍ରକାଶ ।
ସେ କାହିଁ ଜାଣିବ ମନ ନାମାମୃତ ରସ ॥
ତୁହି ଏବେ ସୁମନ ହୋ ପଗୃହଲୁ ଯେବେ ।
ତୋ ଶ୍ରଦ୍ଧା ଦେଖିବାରୁ କିଛି କହିଦେବା ହେବେ ॥
ଶୁଣ ହୋ ସୁମନ ତୁହି କୃଷ୍ଣ ଗୁଣ କୀର୍ତ୍ତି ।
ତୃଷାରେ ପଶିଲା ଦିନେ ଜଳେ ଯାଇ ହସ୍ତୀ ॥
ଜାଣିଣ କୁମ୍ଭୀର ତହୁଁ ଅଇଲାକ ବେଗେ ।
ତତକ୍ଷଣରେ ଧଇଲା ହସ୍ତୀପାଦ ଯୁଗେ ॥
ଗମ୍ଭୀର ଜଳକୁ ପୁଣି ଓଟାରି ଘେନିଲା ।
ସ୍ଥାନ ନ ପାଇଣ ହସ୍ତୀ ଆକୁଳ ହୋଇଲା ॥
ମୃଣାଳ ଗୋଟାଏ ଗଜ ଥୋଇ ହସ୍ତେ ଟାଣି ।
ଧଇଲାକ ସେ ମୃଣାଳ ମେରୁକଳା ଜାଣି ॥
ବଳେ ମହାବଳବନ୍ତ ଅଟେ ସେ କୁମ୍ଭୀର ।
ଜଳରେ ଯେ ଶତଗୁଣ ବଳ ଅଟେ ତାର ॥
ଆତଙ୍କରେ ମହାଗଜ ଡାକେ ଆର୍ତ୍ତକରି ।
ସଙ୍କଟ ପଡ଼ିଲା ମୋତେ ରଖ ଚକ୍ରଧାରୀ ॥
ଶୁଣିକରି ନାରାୟଣ ଚକ୍ର ଦେଲେ ପେଷି ।
ବୋଇଲେ ଗ୍ରାହର ପ୍ରାଣ ସକାଇବୁ ନାଶି ॥
ରଥାଙ୍ଗକୁ ତଆରଣ ବେଗେ ଦେଲେ ପେଷି ।
ରଖିଲୁଁ ରଖିଲୁଁ ଡାକଦେଲେ ବ୍ରହ୍ମରାଶି ॥
କମଳା ବୋଇଲେ ପ୍ରଭୁ ଏହା ଅଟେ ମିଛ ।
କାହାକୁ କେଉଁଠାବରେ ରଖିଲ କହୁଛ ॥
ମୋର ଦାନ ପଡ଼ିଅଛି ଦେଖ ପଥିଁ ଆଡ ।
ତେଣୁକରି ଏହା ମୋତେ କୁହ ଦାଶରଥି ॥
ରଖିଲୁଁ ବୋଇଲେ ଆଜ କଏ ଦେବ ଛାଡ଼ି ।
ଦେଖ ଦେଖ ପଥିଁ ଆଡ ମୋର ଅନ୍ନ ପଡ଼ି ॥
ଏତେବୋଲି ଲକ୍ଷ୍ମୀ ପଶା କାଠିକି ଧଇଲେ ।
ପଶାରେ ହାରିଲ ଆଜ ଛାଡ଼ବ କି ଭଲେ ॥

Digitized by srujanika@gmail.com

ଶ୍ରୀହରି ବୋଇଲେ ତୁମ୍ଭେ ଶୁଣ ଗୋ ସଙ୍ଗାତ ।
ଏଥୁଠାରୁ ଅଟେ ଲକ୍ଷେ ଯୋଜନର ପଥ ॥
ଗଜରାଜକୁ କୁମ୍ଭୀର ଗ୍ରାସିବାର କାଳେ ।
ତେଣୁ ଗଜରାଜ ମୋତେ ଡାକିଲା ବିକଳେ ॥
ରଖିଲି ବୋଲଣ କହି ଚକ୍ର ପେଷିଦେଲି ।
ଗଜ ଉଦ୍ଧାରି ଗ୍ରାହକୁ ସଂହାର ମାରିଲି ॥
ଲକ୍ଷ୍ମୀ ବୋଇଲେ ଦେଖିଲେ ମୁହିଁ ପ୍ରତେ ଯିବ ।
ଅସମ୍ଭବ କଥା କାହୁଁ ପ୍ରତ୍ୟୟ କରିବ ॥
ଶ୍ରୀହରି ବୋଇଲେ ଚାଲ ଦେଖିଯିବ ତହିଁ ।
ଏତେବୋଲି ତତକ୍ଷଣେ ଗରୁଡ଼ ଆରୋହି ॥
ଗରୁଡ଼ ପୃଷ୍ଠରେ ବସି ଲକ୍ଷ୍ମୀ ଦେବରାଜେ ।
ଦକ୍ଷିଣ ସାଗର ତୀରେ ହୋଇଲେକ ବେଗେ ॥
ଗଜ କୁମ୍ଭୀର ଦୁହିଙ୍କ ଅମର୍ଷଣ ଯହିଁ ।
ସେଠାରେ ପ୍ରବେଶ ହେଲେ ଲକ୍ଷ୍ମୀଦେବୀସାଇଁ ॥
ଦେଖିଲେ ରୁଧିରମୟ ହୋଇଅଛି ଜଳ ।
ଅସାଷ୍ଟମ ହୋଇ ଗଜ ରହିଅଛି କୂଳ ॥
ତାହାଦେଖି ମହାଲକ୍ଷ୍ମୀ ହୋଇଲେ କାତର ।
ଜଗପତି ପାଦେ ନେଇ ଲଗାଇଲେ ଶିର ॥
ବୋଇଲେ ମୁଁ ଦ୍ରୋହିକଲି ନ ଧରିବ ଦୋଷ ।
ତୁମ୍ଭେ ମୋର ପତିବ୍ରତ ଅଟ ପୀତବାସ ॥
ତୁମ୍ଭେ ଅଟ ମହାପ୍ରଭୁ ସବୁ କରିପାର ।
ମୁଁ ଛାର ସ୍ତ୍ରୀଜନମ ଦୋଷ ମୋ ନ ଧର ॥
ଏତେ ଦୂର କଥା ପ୍ରଭୁ କେମନ୍ତେ ହେଲା ଦୃଶ୍ୟ ।
ଗଜଉଦ୍ଧାରି ଗ୍ରାହକୁ ପ୍ରାଣେ କଲ ନାଶ ॥
ଶୁଣି ନାରାୟଣ ତହୁଁ ପ୍ରିୟା ଭୁଜଧରି ।
ବୋଇଲେ ଉଠ ସୁନ୍ଦରୀ ମୋର ପ୍ରାଣେଶ୍ୱରି ॥
ଘଟେ ଘଟେ ପୂରିଅଛି ମୁହିଁ ସଙ୍ଗାତୁଣୀ ।
ଅନ୍ତକାଳରେ ମୋତେ ଡାକନ୍ତି ଯେଉଁ ପ୍ରାଣୀ ।
କର୍ଣ୍ଣରେ କହିଲା ପ୍ରାୟ ତାହା ମୁଁ ଶୁଣଇ ।
ସେହିକ୍ଷଣି ତା ବିପତ୍ତି ବିନାଶି ଦିଅଇ ॥
ଏହିକଥା ସତ୍ୟ ମୋର ଶୁଣ ପ୍ରାଣେଶ୍ୱରି ।
ତେଣୁକରି ଅନ୍ତର୍ଯ୍ୟାମୀ ନାମଟି ମୋହର ॥
କେ କାହାକୁ ମାରେ କିଏ କାହାର ଶରଣ ।
ଏ ସକଳ କଥାଯାକ ମୋହର ଭିଆଣ ॥
ଆମ୍ଭେ ବିନା ମାରି ପୁଣି ଆମ୍ଭେ ବିନା ତାରି ।
ଆମ୍ଭ ବିନା ଆଜ୍ଞାରେ କେ କିସ କରିପାରି ॥
ଶୁଣି ମହାଲକ୍ଷ୍ମୀ ତହୁଁ ହୋଇଲେ ସନ୍ତୋଷ ।
ଗଜକୁ ଉଦ୍ଧରି ଦେଲେ କମଳା ବିଳାସ ॥
ଲକ୍ଷ୍ମୀ ନାରାୟଣ ଦୁହେଁ ଖଗପୃଷ୍ଠେ ବସି ।
ବୈକୁଣ୍ଠ ଭୁବନେ ପୁଣି ବିଜେକଲେ ଆସି ॥
ସେ ଲକ୍ଷ୍ମୀନାରାୟଣଙ୍କ ଚରଣେ ଶରଣ ।
କହଇ ମାଧବ କବି ରଖ ନାରାୟଣ ॥
ଗଜରାଜର ମୋକ୍ଷଣ ଶୁଣନ୍ତି ଯେ ପ୍ରାଣୀ ।
ବୈକୁଣ୍ଠରେ ଠାବ ତାକୁ ଦିଅନ୍ତି ଚକ୍ରପାଣି ॥

ଅଜାମିଳ ଉଦ୍ଧାର ଉପାଖ୍ୟାନ ଓ ବିଷ୍ଣୁଦୂତଙ୍କର ଯମଦୂତଙ୍କୁ ନାନାଦି ଉପଦେଶ ।

ଶୁଣି ସୁମନ ମନରେ ଅତି ତୋଷ ହୋଇ
ଚଇତନ ପାଦେ ପଡ଼ି ପୁଣି ପଚାରଇ ॥
ଆଉ କିଛି କହ ମୋତେ ଶ୍ରୀହରି ଚରିତ ।
ତବ ମୁଖୁଁ ଶୁଣି ମୁହିଁ ହୋଇବି ପବିତ୍ର ॥
ପାପିଙ୍କୁ କେଉଁଠି ପ୍ରଭୁ ଅଛନ୍ତି ଉଦ୍ଧରି ।
ଜାଣିଥିଲେ ସେହିକଥା କହିବ ବିସ୍ତାରି ॥
କହୁଛନ୍ତି ଚଇତନ ମନରାଜା ଶୁଣ ।
ଅଜାମିଳ ନାମେ ଏକ ଅଟଇ ବ୍ରାହ୍ମଣ ॥
ଜନ୍ମହୁଁ ମୂରୁଖ ସେହୁ କିଛି ନ ଜାଣଇ ।
ଅନେକ ପ୍ରକାରେ ସେହୁ ଧନ ସଞ୍ଚୁଥାଇ ॥
ତାଠାରୁ ବେପାରି କେହି ସଂସାରରେ ନାହିଁ ।
ମାଛ ମାଉଁସ ବିକଇ ମୁଣ୍ଡେ ବୋହି ~~ନେଇ~~ ॥
ଯାବତ ପଦାର୍ଥ ମାନ ଠୁଳ କରିଥାଇ ।
ଦର ବୃଦ୍ଧି ହେଲେ ସେହି ପଦାର୍ଥ ବିକଇ ॥
ଯେଉଁଠାରେ ବଢ଼ାହୁଏ ଯେଉଁ ପଦାର୍ଥର ।
ବଳଦେ ଲଦାଇ ନେଇ ବିକେ ସେଠାବର ॥
ଦେବା ଦାନପଦ ତାର ହୃଦୟରେ ନାହିଁ ।
ନ ଖାଇ ନ ପିଇ ସେହୁ ଧନ ସଞ୍ଚୁଥାଇ ॥
ବିଚାରଇ ମୋ ସମାନେ ନାହିଁ ଧନବନ୍ତ ।
ଖୋଜିଲେ ନ ଥିବ ଜଣେ କେହି ଏ ଜଗତ ॥
ଭାରିଯାର ନାମ ତାର ଅଟେ ଚନ୍ଦ୍ରକାନ୍ତି ।
ଏକଇ ଭାରିଯା ତାର ଏକଇ ଦୁହିତା ॥
ଏକଗୋଟି ପୁତ୍ର ପୁଣି ନାମ ନାରାୟଣ ।
ବହୁତ ଅନ୍ୟାୟ କରି ବଞ୍ଚଇ ବ୍ରାହ୍ମଣ ॥

Digitized by srujanika@gmail.com

ତାହାଠାରୁ ମହାପାପୀ ସଂସାରରେ ନାହିଁ ।
ବଦନେ ସେହୁ ରାମ ରାମ ଭୁଲେ ନ ବୋଲଇ ॥
ଏମନ୍ତ ହୋଇଣ ତହୁଁ କେତେକାଳ ଗଲା ।
ବ୍ରାହ୍ମଣ ମୃତ୍ୟୁ ସମୟ ପ୍ରବେଶ ହୋଇଲା ॥
ପାପପାଶେ ଯମଦୂତ ହେଲେ ପରବେଶ ।
ଦେଖିଣ ଅଜାମିଳକୁ କରନ୍ତି ସେ ରୋଷ ॥
କେ ବୋଲଇ ମାର ମାର କେ ବୋଲଇ ବାନ୍ଧ
କେହୁ ବୋଲେ ରଜ୍ଜୁରେ ନେଇ ପାଦ ପାଣି ଛନ୍ଦ ॥
କେ ବୋଲଇ ବେଗେ ତାକୁ ଆଣ ରେ ଉଚ୍ଛୁଡ଼
କେହୁ ପୁଣି ଉଠାଇଛି ଧରି ଲୁହା ବାଡ଼ ॥
କେ ଆଖି ତରାଟିକରି ଜିହ୍ୱାକୁ କାମୋଡ଼ ।
ବୋଲଇ ଏହାର ଚକ୍ଷୁ ବେଗେ ପକା ତାଡ଼ ॥
କେହୁ ବୋଲଇ ଏହାକୁ ନ ରଖିବା ଦଣ୍ଡେ ।
ବାନ୍ଧି ପକାଅ ନର୍କରେ ପକାଇବା ଗଣ୍ଡେ ॥
ପୂର୍ବର ପାପ ସମସ୍ତ ତାର ପାଖେ ଯାଇ ।
ଗୃହପାଖରେ ବେଢ଼ିଲେ ମୂର୍ତ୍ତିମନ୍ତ ହୋଇ ॥
ଶ୍ୱାନ ଶୃଗାଳ ବାୟସ ଗୃଧ୍ରରୂପ ଧରି ।
ଘେରିଲେ ପାଖେ ତାହାର ଏହିରୂପ କରି ॥
କେହୁ ଦନ୍ତ ମାରେ କେହୁ ଅଙ୍ଗୁରେ କାମୁଡ଼େ ।
କେହୁ ପାଦକୁ କାମୋଡ଼ି ଦେହକୁ ଘୋଷାଡ଼େ ॥
ତାହା ଦେଖିଣ ବିକଳ ହୋଇଲା ବ୍ରାହ୍ମଣ ।
ପୁତ୍ରକୁ ଡାକିଲା ତାର ରଖ ନାରାୟଣ ॥
ଏତେ ବୋଲିଣ ତାହାର ପ୍ରାଣ ଗଲା ଛାଡ଼ି ।
ତତକ୍ଷଣେ ଯମଦୂତେ ସୂକ୍ଷ୍ମପିଣ୍ଡ କାଢ଼ି ॥
ଚର୍ମ ରଜ୍ଜୁରେ ଭିଡ଼ିଲେ ତାର ପାଦପାଣି ।
କେ ମାରେ ବାଡ଼ା ଚୋଟା କେ ମାରେ କଣ୍ଢୁଣି
ପାପି ଠାରେ ଦୟାପଦ ଏକାବେଳେ ଛାଡ଼ ।
ଗଲ ନ ପାରିଲେ ତାକୁ ନିଅନ୍ତି ଘୋଷାଡ଼ ॥
ଏହିରୂପେ ନେଉଛନ୍ତି ନାନାକଷ୍ଟ ଦେଇ ।
ତା ଜାଣିଲେ ଅନ୍ତର୍ଯ୍ୟାମୀ ଦେବ ଶ୍ରୀବତ୍ସାଙ୍କୀ ॥
ତତକ୍ଷଣେ ବିଷ୍ଣୁଦୂତ ଡକାଇଲେ ପାଶ ।
ବୋଇଲେ ମୋର ଭକ୍ତକୁ ବେଗେ ଘେନିଆସ
ମରିବାର ବେଳେ ସେହୁ ଧରେ ମୋର ନାମ ।
ତାହାଠାରେ ଅଧିକାର କିପାଁ କରେ ଯମ ॥
ଯମଦୂତମାନେ ତାକୁ କୋପଭର ହୋଇ ।
ପ୍ରେତପିଣ୍ଡ ନେଉଛନ୍ତି ତାର ଘୋସଡ଼ାଇ ॥
ରଥ ଘେନି ତୁମ୍ଭେମାନେ ଚଳ ଶୀଘ୍ରତର ।
ମାର ସେ ଯମଦୂତଙ୍କୁ ଅପ୍ରୋଧ ନ କର ॥
ପ୍ରଭୁଙ୍କ ଆଜ୍ଞା ପ୍ରମାଣେ ଗଲେ ବିଷ୍ଣୁ ଦୂତ ।
ବାଟରେ ଭେଟିଲେ ଯମଦୂତଙ୍କ ସହିତ ॥
ତାହାଙ୍କୁ ଗର୍ଜ୍ଜି ବୋଲନ୍ତି ବିଷ୍ଣୁଙ୍କର ଦୂତ ।
ଛାଡ଼ ଛାଡ଼ ଏହାକୁ ଏ ବିଷ୍ଣୁଙ୍କ ଭକତ ॥
ଯମଦୂତେ ବୋଇଲେ ଏ ଅତି ମହାପାପୀ ।
ଏହାର ପାପ କେହୁ କି କହିବ ସଂକ୍ଷେପି ॥
ଏହାର ପରିଯେ ପାପୀ ନ ମିଳିବ ଜଣେ ।
ନ ଜାଣି କିପାଇଁ କୋପ କର ବିଷ୍ଣୁଗଣେ ॥
ଏହାକୁ ନେବ ଯଦ୍ୟପି ବଇକୁଣ୍ଠପୁର ।
ଯମ କରିବ କା ଠାରେ ଆଉ ଅଧିକାର ॥
ବିଷ୍ଣୁଦୂତେ ବୋଇଲେ ଏ ମରଣରକାଳେ ।
କି ଡାକିଲା ନ ଶୁଣିଲ ତୁମ୍ଭ କର୍ଣ୍ଣବଳେ ॥
ଯମଦୂତ ବୋଇଲେ ଏ ଆମ୍ଭର ଭକ୍ଷଣ ।
ପୁତ୍ରକୁ ଡାକିଲା ତାର ରଖ ନାରାୟଣ ॥
ଏତେ ବୋଲି ତା ପିଣ୍ଡରୁ ପ୍ରାଣଗଲା ଛାଡ଼ି ।
ତକ୍ଷଣେ ବାନ୍ଧିଲୁ ଆମ୍ଭେ ଚର୍ମରଜ୍ଜୁ ଭିଡ଼ି ॥
ମହା ପାପୀ ବୋଲି ଆମ୍ଭେ ଦେଉଅଛୁ ଦଣ୍ଡ ।
ଏଥକୁ କାହିଁକି ତୁମ୍ଭେ ହେଉଛ ପ୍ରଚଣ୍ଡ ॥
ବିଷ୍ଣୁ ଦୂତେ ବୋଇଲେ ରେ ଯମଦୂତେ ଶୁଣ
ଯେତେବେଳେ ବୋଇଲା ଏହୁ ନାରାୟଣ ॥
ସେକ୍ଷଣି ତାର ସକଳ ପାପକ୍ଷୟ ଗଲା ।
ତେଣୁ ବଇକୁଣ୍ଠପୁର ଯୋଗ୍ୟ ଏ ହୋଇଲା ॥
ଆଜହୁଁ ଆମ୍ଭର କଥା ତୁମ୍ଭେମାନେ ଶୁଣ ।
ପ୍ରାଣ ଗଲାବେଳେ ବୋଲି ଯେବେ ନାରାୟଣ ॥
ଏକାଥରେ ବୋଲି ଯେବେ ଛାଡ଼ିଯିବ ପ୍ରାଣ ।
ତାର ପାଖକୁ ନ ଯିବ ତୁମ୍ଭେ ଯମଗଣ ॥
ଆମ୍ଭେ ନେବୁ ଏଥେ ତୁମ୍ଭ ଅଧିକାର ନାହିଁ ।
ଏତେ ବୋଲି ବିଷ୍ଣୁଗଣେ ତାଙ୍କ ଆଗେ କହି ॥
ସାବଧାନ ହୋଇ ପୁଣି ଶୁଣ ଯମଗଣ ।
ବିଷ୍ଣୁଙ୍କର ଜଗଧାର ଆଜ୍ଞା ପରମାଣ ॥
ପରଧନ ପରସ୍ତ୍ରୀ ଯାହାର ଲୋଭ ନାହିଁ ।
ପରପ୍ରତି ନିନ୍ଦା ଚିନ୍ତା ଯେହୁ ନ କରଇ ॥
ଯେହୁଁ ଲୋକ ହରିହର ଦର୍ଶନ କରନ୍ତି ।
ନିତ୍ୟ ଜଳ ଦେଇ ଯେହୁ ତୁଳସୀ ସେବନ୍ତି ॥

Digitized by srujanika@gmail.com

ଅତିଥିଙ୍କ ଆରାଧନା ନକରେ ଯେଉଁ ଜନ ।
ବିଷ୍ଣୁ କଥା ଶୁଣି ଯାର ଅନନ୍ଦିତ ମନ ॥
ଯେ ଜନ ନିତ୍ୟ ନିର୍ମାଲ୍ୟ ସେବନ କରଇ ।
ତୁଳସୀ ତିଳକ ଯେହ୍ନୁ ଲଲାଟେ ଲେଖଇ ॥
ଅନ୍ତକାଳରେ ମହାପାପୀ ଯେତେବେ ହୋଇଥିବ ।
ବିଷ୍ଣୁଙ୍କର ନାମ ଶୁଣି ପ୍ରାଣ ବିସର୍ଜିବ ॥
ସେହି ଲୋକମାନଙ୍କର ନ ଯିବୁ ତୁ ପାଶ ।
ଏ ସର୍ବେ ଅଟନ୍ତି ଜାଣ ବିଷ୍ଣୁଙ୍କ ସେବକ ॥
ଏହି ଚରିତ୍ରକୁ ଦିନେ ବୈକୁଣ୍ଠପୁରେ ।
ଶ୍ରୀକୃଷ୍ଣ କହୁଥିଲେ ଯେ କମଳା ଆଗରେ ॥
ଆମ୍ଭେମାନେ ପାର୍ଶ୍ୱରେ ଶୁଣିଅଛୁ ଯାହା ।
ତୁମ୍ଭ ଆଗରେ ସେହିଗଣ କହିଦେଲୁଁ ତାହା ॥
ଶୁଣି କରି ଯମଗଣ କରନ୍ତି ଉତ୍ତର ।
ଆଉ କେଉଁଠି କରିବୁଁ ଯାଇ ଅଧିକାର ॥
ବିଷ୍ଣୁଙ୍କ ଦୂତେ ବୋଇଲେ ଶୁଣ ଯମଦୂତ ।
କମଳା ପଚାରି ଥିଲେ ତହିଁର ତଦନ୍ତ ॥
ତାହା ମଧ୍ୟ ବୁଝାଇଣ କହିବା ତୁମ୍ଭଙ୍କୁ ।
ଯେତେ କଥା କହିଥିଲେ ଦେବୀ କମଳାଙ୍କୁ ॥
କମଳା ବୋଇଲେ ଶୁଣ ପ୍ରଭୁ ଭଗବାନ ।
ଏମନ୍ତ ଲୋକଙ୍କୁ ଆଣ ବୈକୁଣ୍ଠ ଭୁବନ ॥
ଯମ ଅଧିକାର ଆଉ କେଉଁଠି ରହିବ ।
ସେ କଥା ସଂକ୍ଷେପି ମତେ କହିଦିଅ ଦେବ ॥
ତୁମ୍ଭର ଯେ ଏହିବାକ୍ୟ ନିରାଧାର ବାଣୀ ।
ପାପୀମାନେ ତରିଯିବେ ଏହିକଥା ଶୁଣି ॥
ଶ୍ରୀହରି ବୋଇଲେ ତେବେ ଶୁଣ ପ୍ରାଣପ୍ରିୟେ ।
ଠିକ ଠିକ କରି ତୋତେ କହିବୁଁ କଥାଏ ॥
ଯେବଣ ଜନ କରନ୍ତେ ପର ଜୀବ ମାରି ।
ଆତ୍ମାକୁ ପୋଷଇ କେହ୍ନି ବହୁସ୍ୱାଦ କରି ॥
ପରଧନ ପରଦାରେ ଯେ ଜନ ଲମ୍ପଟୀ ।
ଯେଉଁଜନ ସବୁକାଳେ ହୁଅଇ କପଟୀ ॥
ବିଷ୍ଣୁର ଚରିତ ଯହିଁ କଥା ହେଉଥାଇ ।
ତାହା ଛଡ଼ାଇଣ ଯେହ୍ନେ ଆନ କଥା କହି ॥
ପର ପ୍ରତି ଯେଉଁମାନେ ହିଂସାଭାବ ଘେନି ।
ପଶୁଙ୍କପ୍ରାୟେ ବଞ୍ଚନ୍ତି ଦିବସ ରଜନୀ ॥
ରାମ ନାରାୟଣ ଯେହ୍ନୁ ନ ବୋଲନ୍ତି ତୁଣ୍ଡେ ।
ବୃଥାରେ କାଳ କଟାନ୍ତି ଯେବଣ ପାଷାଣ୍ଡେ ॥
ଆପେ ନ ଦେଇ ପରଙ୍କୁ ଯେହ୍ନୁ ମନା କରେ ।
ଆହାର ଦେଇ ଜନ୍ତୁଙ୍କୁ ଯେହ୍ନୁ ନର ମାରେ ॥
ତୃଷାର୍ତ୍ତରେ ଗୋରୁ ଯେତେବେ ପିଉଥିବେ ପାଣି ।
ତାହାଙ୍କୁ ଘଉଡ଼ାଇଣ ଦିଏ ଯେଉଁ ପ୍ରାଣୀ ॥
ବାଟେ ଥିବା ଗଛମାନ ଯେହ୍ନୁ କରେ ନାଶ ।
ସାଧୁଜନଙ୍କୁ ଦେଖି ଯେ କରେ ଉପହାସ ॥
ଅନ୍ୟ ସଙ୍ଗତରେ ବିଷ ଦିଏ ଯେଉଁଜନ ।
ଗୃହ ପୋଡ଼ିଦିଅନ୍ତି ଯେହ୍ନୁ ଗୁଞ୍ଜି ହୁତାଶନ ॥
ପୁରାଣ ଶୁଣି ଯେ ଜନ କରେ ଉପହାସ ।
ଏକାଦଶୀ ଦିନ ଯେହ୍ନୁ ଅନ୍ନ କରେ ଗ୍ରାସ ॥
ଅପମାନ କରେ ଯେହ୍ନୁ ବ୍ରାହ୍ମଣଙ୍କୁ ଦେଖି ।
ନମସ୍କାର ନ କରଇ ଆସନ ଉପେକ୍ଷି ॥
ଦାନ ଦେଇ ଲୋଭକରି ପୁଣି ସେ ହରନ୍ତି ।
କିଅବା ସଭାରେ ପକ୍ଷ ହୋଇଣ କହନ୍ତି ॥
ପରଧର୍ମ କୀର୍ତ୍ତିମାନ ଯେ କରେ ବିନାଶ ।
ସାଧୁଜନଙ୍କୁ ଦେଖିଣ କରନ୍ତି ନିରାଶ ॥
ଆପଣା ବଡ଼ିମା ଆପେ ଯେହ୍ନୁ କହୁଥାଇ ।
ରାଜପଥେ ଯେଉଁଲୋକ ଖାତ ଖୋଳୁଥାଇ ॥
ଖଟୁଆ ବୁଦ୍ଧିରେ ଯେହ୍ନୁ ପରେ କରେ ନାଶ ।
ଜୀବ ଦର୍ଶନେ ଆମିଷ ଯେହ୍ନୁ କରେ ଗ୍ରାସ ॥
ଜଳରେ ଉଲଗ୍ନ ହୋଇ ଯେ ଜନ ପଶଇ ।
ଜଳଘାଟେ ବସି ଯେହ୍ନୁ ଜନ୍ତୁ ବିନାଶଇ ॥
କୁତ୍ସିତ କର୍ମରେ ଯେହ୍ନୁ ବଞ୍ଚୁଥାଇ ଦିନ ।
ଭୋକିଲି ଲୋକ ମାଗିଲେ ଯେ ନ ଦିଅଇ ଅନ୍ନ ॥
ପୋଷିବାର ଜନ୍ତୁକୁ ଯେ କରଇ ବିନାଶ ।
ବାଟରେ କଣ୍ଟା ପକାଏ ଯେବଣ ପୁରୁଷ ॥
ଶ୍ରୀମହା ପ୍ରସାଦ ଯେହ୍ନୁ ଧରି ନିଜ କରେ ।
ଦୋଷ ଥାଉଁ ଥାଉଁ ତାର ଯେ ନିୟମ କରେ ॥
ଆଶା ଦେଇଣ ଯେ ଜନ କରଇ ନିରାଶ ।
ପିତୃଶ୍ରାଦ୍ଧ ଦିନ ଯେହ୍ନୁ ଇଚ୍ଛେ ଉତ୍ତରସ ॥
ଦେବତା ବ୍ରାହ୍ମଣଙ୍କର ହରେ ଯେହ୍ନୁ ବିତ୍ତ ।
ମାତା ପିତା ଛାଡ଼ି ଯେହ୍ନୁ ପରେ କରେ ହିତ ॥
ମାତା ପିତା ଗୁରୁଙ୍କୁ ଯେ କରଇ ନିରାଶ ।
ନ ଦେଇ ବଚନେ ଯେହ୍ନୁ କରଇ ବିରସ
କୃଷ୍ଣରସ ଛାଡ଼ି ଯେହ୍ନୁ ପଶାଘୃତ ଖେଳ
ମୁଖରେ ନ ବୋଲଇ ଯେ ରାମ ବନ ମାଳୀ ॥

Digitized by srujanika@gmail.com

ବିନା କାରଣରେ ଯେହ୍ନେ ପାଉଥାଏ ଦୁଃଖ ।
ହରି କଥା ଶୁଣି ଯେହ୍ନେ ହୁଅଇ ବିମୁଖ ॥
ଗୁରୁଯେ ମୁଖରୁ ଯେହ୍ନେ ମନ୍ତ୍ର କଥା ଶୁଣି ।
~~ମାତା ପିତାଙ୍କୁ~~ ଦଣ୍ଡଇ ପ୍ରକୃତ ନ ଜାଣି ॥
ଯେ ଯାହାକୁ ଅନ୍ନବସ୍ତ୍ର ଦେଇକରି ପୋଷେ ।
ସେ ଯେବେ ନାଶ ପାଇଁଲ ରଜନୀ ଦିବସେ ॥
ବିଶ୍ୱାସ ଦେଖାଇ ଯେହ୍ନେ ପରଧନ ନେଇ ।
ମାଗିଗଲେ ତାହାକୁ ଯେ ମାରି ଘଉଡ଼ାଇ ॥
ବହୁତ ଗୋଧନ ଯେହ୍ନେ ରଖେ ଠୁଳ କରି ।
ମରି ହଜି ଗଲେ ପୁଣି ସଖୋଜି ନ ପାରି ॥
ବ୍ୟାଧିମନ୍ତ ହୋଇଣ ଯେ ମରିଯାନ୍ତି ଦୁଃଖେ ।
ତାଙ୍କୁ ନ ଦେଖଇ ଯେହ୍ନେ ଆପେ ଥାଇ ସୁଖେ ॥
ନ ଥିବା ଲୋକର ଯେହ୍ନେ ସାକ୍ଷୀ ହୋଇଥାଇ ।
ସାନ ମାଣେ ଦେଇ ବଡ଼ ମାଣରେ ନିଅଇ ॥
ନ ଦେଇ ଲେଖିଆଣନ୍ତି ଭଣ୍ଡାଇ ଦେଇ ।
ତାହାଙ୍କୁ ନର୍କବିନାରେ ଆନ ଗତି ନାହିଁ ॥
ଏହି ପରକାରେ ଆଉ ଅଛନ୍ତି ବହୁତ ।
ସାବଧାନ ହୋଇ ତୁମ୍ଭେ ଶୁଣ ଯମଦୂତ ॥
ଏମନ୍ତ ଲୋକର ହାଦେ ପ୍ରାଣ ଯିବାବେଳେ ।
ରାମ ଗୋବିନ୍ଦଙ୍କ ନାମ ବୋଲେ ଏକାବେଳେ ॥
ସକଳ ପାତକ ତାର ଅଙ୍ଗୁ ହୁଏ ନାଶ ।
ତେଣୁ ସେହ୍ନେ ହୁଏ ପୁଣି ବିଷ୍ଣୁଙ୍କର ଦାସ ॥
ସେକ୍ଷଣି ଦୃଶ୍ୟ ହୁଅନ୍ତି ତାକୁ ବନମାଳି ।
ସେଥିପାଇଁକି ସେ ଲୋକ ରାମ ପାଏରି ବୋଲି ॥
ଏମନ୍ତ ବୋଲି ଯେ ନର ନ ଧରିବ ତୁଣ୍ଡେ ।
ସେ ନିଶ୍ଚେ କାରଣ ହେବ ତୁମ୍ଭ କାଳଦଣ୍ଡେ ॥
ତାହାକୁ ବିବିଧଦଣ୍ଡ ତୁମ୍ଭେମାନେ ଦେବ ।
ବାନ୍ଧିନେଇ ନର୍କକୁଣ୍ଡ ମଧ୍ୟେ ପକାଇବ ॥
ଦୋଷା ଦୋଷକୁ ବିଚାରି ଏବେ କାର୍ଯ୍ୟକର ।
ପୂର୍ବ ପୁଣ୍ୟଥିଲେ ସେହ୍ନେ ପାଇବ ଉଦ୍ଧାର ॥
ଏହିରୂପେ କମଳାଙ୍କୁ ହରି ଥିଲେ କହି ।
ଆମ୍ଭେମାନେ ଶୁଣିଅଛୁଁ ପାର୍ଶ୍ୱରେ ଥାଇ ॥
ତୁମ୍ଭେ ଜନ୍ତୁପତିକି ହୋ ଏହା କହ ଯାଇ ।
ଶୁଣିଲେ କିସ ବୋଲିବ ଶୁଣିବୁଁ ତହିଁ ॥
ଏହା ଶୁଣି ଯମଦୂତେ ଯମପୁରେ ଗଲେ ।
ନାଶକର ପାଶେ ସବୁ ବୃତ୍ତାନ୍ତ କହିଲେ ॥

ତାହା ଶୁଣି ଯମରାଜା ହେଲେ ତୋଷତେ ।
ଦୂତଙ୍କୁ ବୋଇଲେ ଏହା ଅଟଇ ଯଥାର୍ଥ ॥
ତୁମ୍ଭଙ୍କୁ କହିଲେ ଯାହା ବିଷ୍ଣୁ ଦୂତଗଣ ।
ଏହିକଥା ନିରାଧାର ଅଟଇ ପ୍ରମାଣ ॥
ଏହି କଥାକୁ ବିଚାରି ଏବେ କାର୍ଯ୍ୟ କର ।
ନୋହିଲେ ନିଶ୍ଚେ ଦଣ୍ଡିବେ ମୋତେ ଚକ୍ରଧର ॥
ଭୃତ୍ୟ ଦୋଷରେ ସାମନ୍ତ ହୁଏ ଦୋଷକାରୀ ।
ଏଣୁକରି କାର୍ଯ୍ୟ ତୁମ୍ଭେ କରିବ ବିଚାରି ॥
ମୋହର ପ୍ରାୟ ଅନେକ ଜାଣ ନାଶକର ।
ହରିଠାରୁ ପାଇଆନ୍ତି ମୋର ଅଧିକାର ॥
ଅଳପ ଦିନରେ ପୁଣି ଛାଡ଼ିଯାଏ ପଣ ।
ମହିମା ସାଗର ସେହ୍ନେ ପ୍ରଭୁ ନାରାୟଣ ॥
ଏହି ଚଉଦ ଭୁବନ ଆଦି ଚରାଚର ।
ସ୍ଥାବର ଜଙ୍ଗମ ପୁଣି ମେଦିନୀ ସାଗର ॥
ବ୍ରହ୍ମା ଶିବମୁଖେ ଛନ୍ତି ଯେତେ ସୁରମୁନି ।
ଲୀଳା କୌତୁକ କରନ୍ତି ତାଙ୍କୁ ସଙ୍ଗେ ଘେନି ॥
ଥୋକାଏକ ଦିନ ପୁଣି କଉତୁକ କରି ।
ପୁନରପି ତାହାଙ୍କର ଗର୍ଭରେ ସଂହରି ॥
ସେହି ନିରାକାର ସ୍ୱାମୀ ଥାନ୍ତି ସଙ୍ଗ ହୋଇ ।
ଏମନ୍ତ ହୋଇଣ ତହିଁ କେତେଦିନ ଯାଇ ॥
ପୁଣି ଯେତେବେଳେ ଲୀଳାକୁ ହୁଏ ତାଙ୍କ ଚଉ ।
ତତକ୍ଷଣେ ଶରୀରରୁ କରନ୍ତି ସେ ଯାତ ॥
ଯେ ଯାହାର ଅନୁରୂପେ ଦିଅନ୍ତି ଅଧିକାର ।
ତତକ୍ଷଣେ ଧରଣୀ ପୁଣି ଦିଶଇ ସୁନ୍ଦର ॥
ନାରାୟଣଙ୍କର ନେତ୍ର ପଲକ ବାରତା ।
ନ ଜାଣନ୍ତି ଶିବ ଆଉ ନ ଜାଣନ୍ତି ଧାତା ॥
ସମସ୍ତ ବ୍ରହ୍ମାଣ୍ଡପାକ ଯାହା ରୋମମୂଳେ ।
ସେବା କରି ରହିଛନ୍ତି ଶ୍ରୀପାଦ କମଳେ ॥
ଏମନ୍ତ ମହିମା ମାନ ଯାର ଅଟେ ପୁଣ ।
ମୋହର ପରାୟେ ଯମ କେତେ ଗଲେ ଜାଣ ॥
କୋଟି କୋଟି ଯୁଗ ଆଉ ଅଛି ଏହିମତେ ।
ବିଷ୍ଣୁଙ୍କର ଲୀଳା ସିନା ଅଟଇ ଜଗତେ ॥
ଶୁଣିଣ ସେ ଯମଗଣେ ମହାତ୍ରାସ ପାଇ ।
ପାଦରେ ପଡ଼ି ଉଠିଲେ ଶିରେ କର ଦେଇ ॥
ବୋଇଲେ ତୁମ୍ଭର ଆଜ୍ଞା ପରମାଣେ ଥିବୁଁ ।
ଯେ ଆଜ୍ଞା କରିବ ପ୍ରଭୁ ସେ ଆଜ୍ଞା କରିବୁଁ ॥

Digitized by srujanika@gmail.com

ଏମନ୍ତ ଶୁଣି ରହିଲେ ତହୁଁ ଯମଗଣ ।
ଏଥୁ ଅନନ୍ତରେ ଶୁଣ ହେ ମନ ସୁଜାଣ ॥
ଯହୁଁ ଏହି ଯମଗଣ ସେଠାରୁ ଚଳିଲେ ।
ଅଜାମିଳକୁ ଘେନିଣ ବିଷ୍ଣୁ ଦୂତେ ଗଲେ ॥
ବୈକୁଣ୍ଠପୁରରେ ଯାଇ ହୋଇଲେ ପ୍ରବେଶ ।
ଦେଖିଣ ତାହାଙ୍କୁ ଦୟା କଲେ ପୀତବାସ ॥
ଅଜାମିଳ ଦେଖିକରି ପ୍ରଭୁ ପଦ୍ମମୁଖ ।
ତତକ୍ଷଣେ ଖଣ୍ଡିଲା ସେହୁ ତାର ସର୍ବ ଦୁଃଖ ॥
ଚରଣ ତଳରେ ପଡ଼ି କହଇ ବଚନ ।
ତ୍ରାହି ତ୍ରାହି ଆହେ ପ୍ରଭୁ ପତିତ ତାରଣ ॥
ମୋ ପରି ଦୁର୍ଜନ ଆଉ ପାପି ମୂର୍ଖପଣେ ।
ଖୋଜିଲେ ନ ଥିବେ କେହି ସଂସାରରେ ଜଣେ
ଅତିଅନ୍ତ ପାପୀ ମୁହିଁ ଅତ୍ୟନ୍ତ ଦୁର୍ଜନ ।
ଧନଲୋଭେ ହରାଇଲି ମୋର ସଦଜ୍ଞାନ ॥
ଧର୍ମଶାସ୍ତ୍ର ପୁରାଣକୁ ନ ଶୁଣିଲି କର୍ଣ୍ଣେ ।
ଅଧର୍ମ ଆଚରଣରେ କଟାଇଲି ଦିନ ॥
ଜନ୍ମହେଲେ ମୃତ୍ୟୁ ତାର ଅଛଇ ନିଦାନ ।
ଏହାକୁ ମୁଁ ନ ଜାଣିଲି ମୋର ମୂଢ଼ପଣ ॥
ଲୋଭ ମୋହ କ୍ରୋଧ ହିଂସା ଏହି କାମ ଗୁରୁ ।
ପଚଶ ପ୍ରକୃତି ପାର୍ଥିମନ ଆଦି କରି ॥
ତେଣୁକରି ତୁମ୍ଭନାମ ପାଶୋରିଲି ଢାଳେ ।
ନିର୍ଭୟେ ବୁଡ଼ିଲି ଏହି ତୁମ୍ଭ ମାୟା ଜଳେ ॥
ପୁତ୍ର ଧନ ଭାର୍ଯାରେ ଦେଇଥାଇ ଧ୍ୟାନ ।
ଯେତେ ଅର୍ଜିଲେ ସନ୍ତୋଷ କେଭେ ନୁହେ ମନ
ପୁଣି ବାଞ୍ଛା କରୁଥାଏ ଆହୁରି ଆହୁରି ।
ମୁଖେ ଦିନେ ନ ବୋଇଲି ରାମକୃଷ୍ଣ ହରି ॥
ବହୁଧନ ଅର୍ଜି ମୁହିଁ ରଖି ଠୁଳକରି ।
ବୋଇଲି ଖାଇବେ ମୋର ପୁତ୍ର ଆଉ ନାରୀ ॥
ବିଷ୍ଣୁ ପ୍ରୀତ୍ୟର୍ଥେ ନ କଲି କିଛି ଦାନ ପୁଣ୍ୟେ ।
ବିଚାରିଲି ବ୍ୟୟ କଲେ ସରିବ ଧନ ॥
ଏମନ୍ତ କରିଣ ମୁହିଁ କାଳ କଟାଇଲି ।
ଆୟୁଶେଷ ହୋଇବାରୁ ମୃତ୍ୟୁକୁ ଲଭିଲି ॥
ଯେବଣ ପୁତ୍ରକୁ ପିତା ସ୍ନେହେ ଥାଏ ପାଳି ।
ସେ ପୁଣି ମୁଖେ ନେଇଣ ଅଗ୍ନି ଦିଏ ଜାଳି ॥
ଭାର୍ଯା ହାଣ୍ଡିଚଟୁକୁ ଘରୁ ଦିଏ କାଢ଼ି ।
ଲୋକାଚାର ମତେ ସେହୁ ହୁଏ ଛେଚେକୋଡ଼ି ॥
ଜ୍ଞାତି କୁଟୁମ୍ବାଦି ସର୍ବେ ଏକତ୍ର ହୁଅନ୍ତି ।
ଶ୍ମଶାନ ଭୂମିରେ ଶବ ନେଇ ପୋଡ଼ିଦିଅନ୍ତି ॥
ସ୍ନାହାନ ଶଉଚ ହୋଇ ତହୁଁ ଘରେ ଆସି ।
ଶୀତଳ ଖାଆନ୍ତି ସର୍ବେ ଏକତ୍ରରେ ବସି ॥
ଦଶଦିନେ କ୍ଷୌରକର୍ମ ଏକାଦଶେ ହାଣ୍ଡି ।
ଦ୍ୱାଦଶରେ ମାଛ ଭାତ ବସି ଖାଏ ରାଣ୍ଡୀ ॥
ଏତେକେ ସକଳ କଥା ତାର ସରିଗଲା ।
ଲୋକେ ପୁଛିଲେ ପୁତ୍ରକୁ ବୋଲେ ବାପା ମଲା ॥
ନୟନରେ ଦେଖି ପୁଣି ଅନୁଭବ କରି ।
ସେହିକ୍ଷଣି ସେ କଥାକୁ ଦିଅନ୍ତି ପାଶୋରି ॥
ମଲାଲୋକଙ୍କୁ ନିଅନ୍ତି ଧରି ଯମଗଣ ।
ଯେତେ ଦଣ୍ଡ ଦିଅନ୍ତି ତା କେ କରେ ପ୍ରମାଣ ॥
ତେତେବେଳେ ସେହି ସୁତ ବିତ୍ତ ଦାରା ଭ୍ରାତ ।
ସେଠାରେ ରଖିତ କେହି ନୁହେ ସାମରଥ ॥
ସେହି ସକାଶୁ ଛାମୁରେ ଜଣାଉଛି ମୁହିଁ ।
ଜନ୍ମହେଲେ ଲୋଭ ମୋହ ଅବଶ୍ୟ ଲାଗଇ ॥
ଏଡ଼େବଡ଼ ପାପୀ ମତେ ଆଣିଲ ଉଦ୍ଧରି ।
ନୋହିବି ମୁଁ ଜନ୍ମମୃତ୍ୟୁ ଅବା ଦେହଧାରୀ ॥
ସର୍ବଦା ତୁମ୍ଭ ଚରଣେ କରୁଥିବି ସେବା ।
ହେ ଜଗତ ନାଥ ମୋତେ ଏହି କୃପାହେବା ॥
ଜନ୍ମମରଣକୁ ଏବେ ମୋର ବଡ଼ ଡର ।
ଆହେ ନାରାୟଣ ମତେ ଏମନ୍ତ ନ କର ॥
ହସି ଶ୍ରୀକୃଷ୍ଣ ବୋଇଲେ ବିପ୍ରବର ଶୁଣ ।
ସଂସାର ସାଗର ଏ ଯେ ଆମ୍ଭର ଭିଆଣ ॥
ଜନ୍ମହୋଇ ଏଥେ ଯେବେ ନ ମରିବେ ନର ।
କେମନ୍ତେ ଚଳିବ ତେବେ ସଂସାର ବେଭାର ॥
କର୍ମଭୂମି ସିନା ସେହୁ ଅଟେ ମଧ୍ୟପୁର ।
ସକଳ ଜନ୍ମରୁ ନର ଜନ୍ମ ଅଟେ ସାର ॥
ଏ ସଂସାରେ ବେଦ ବିଦ୍ୟା ସକଳ ବିଧାନ ।
ମୁକ୍ତି ଗତି ସିନା କର୍ମେ ଲଭିଥାନ୍ତି ଜନ ॥
କେବଣ କର୍ମ କରିଲେ ନର୍କଗତି ପାଇ ।
କେବଣ କର୍ମ କରିଲେ ମୁକତି ଲଭଇ ॥
କେବଣ କର୍ମେ ସଂସାରୁ ହୋଇଯାଏ ପାର ।
କେବଣ କର୍ମ କରିଲେ ବସେ ସ୍ୱର୍ଗପୁର ॥
କେବଣ କର୍ମ କରିଲେ ଭେଟେ ଆସି ମୋତେ
ଏହିକଥାକୁ ସଂକ୍ଷେପି କହିଦେବା ତୋତେ ॥

Digitized by srujanika@gmail.com

ସାବଧାନ ହୋଇ ଏବେ ଶୁଣ ବିପ୍ର ତୁହି ।
କହନ୍ତୁକାର ଜନଙ୍କ ହୃଦେ ଥାଏ ମୁହିଁ ॥
ସେ ଯେଉଁ ଶାସ୍ତ୍ର ବାନ୍ଧିବ ତାହା ଦୃଢ଼ ଧର ।
ତାହା ପଢ଼ି ସୁଖେ ଆସ ବଇକୁଣ୍ଠ ପୁର ॥
ସେକଥା ଶୁଣି ଅଧର୍ମ ପଥକୁ ନ ଯିବ ।
ସଂସାରେ ଥାଇ କର୍ମକୁ କେଭେ ନ ଛାଡ଼ିବ ॥
ସକଳ ଜୀବଙ୍କଠାରେ ଥିବ ଦୟା ମନ ।
ପୁଣି ମୋର ପଦ୍ମପାଦେ ଦେଇଥିବ ଧ୍ୟାନ ॥
ଏ ମୋହର ନାମ ନିତ୍ୟେ ମୁଖରେ ପ୍ରକାଶି ।
ଆଟେଷ୍ଟ ନ ବୋଇଲେ ହୃଦପଦ୍ମେ ଥିବ ଘୋଷି ॥
ଦେବା ଦୟାପଦ ସଦା ହୃଦୟରେ ଥିବ ।
ତେବେ ସେ ଭବଜଳରୁଁ ନିସ୍ତରେ ତରିବ ॥
ଆଉ କେଭେହେଁ ତାହାକୁ ନ ଲାଗିବ ତାପ ।
ପଙ୍କଜ ଦଳେ ଯେସନେ ନ ଲାଗଇ ଆପ ॥
ପଦ୍ମ ସର୍ବଦା ପାଣିରେ କରଇ ବସନ୍ତ ।
ପୁଣି ସେ ପାଣିରୁ ତାର ହେଲା ଉତପତ୍ତି ॥
ତଥାଚ ତାହାଦଳରେ ନ ଲାଗଇ ନୀର ।
ତେମନ୍ତ ପ୍ରକାର ଦେଖ ଏ ଭବସାଗର ॥
ମୋପାଦେ ଯେ ଆଶ୍ରେକରେ ନାହିଁ ଭବ ମାୟା
ସର୍ବଦାରେ ଶୁଭମନ୍ତ ଅଟଇ ତାର କାୟା ॥
ଏମନ୍ତ ନୋହିଲେ ନାହିଁ ତାର ଭବ ପାର ।
ନିଶ୍ଚୟ ଯମଦଣ୍ଡରେ ପଡ଼େ ସେହି ନର ॥
ଏହି ପ୍ରକାରେ ବିପ୍ରକୁ କହି ନାରାୟଣ ।
ବଇକୁଣ୍ଠ ପୁରେ ନେଇ ତାକୁ ଦେଲେ ସ୍ଥାନ ॥
ନିଶ୍ଚିନ୍ତରେ ଅଜାମିଳ ବୈକୁଣ୍ଠେ ରହିଲା ।
ପତିତର ଉଦ୍ଧାରଣ ଲୀଳା ବିକାଶିଲା ॥
ଶୁଣିଲୁକି ସୁମନ ତୁ ନାମର ମହିମା ।
ଯାହା ଆଶ୍ରୟେ ଅଛନ୍ତି ମହାଦେବ ବ୍ରହ୍ମା ॥
ସେହି ମହା ପ୍ରଭୁଙ୍କର ଅଟେ ଯେ ସେବକ ।
ଜନ୍ମେ ଜନ୍ମେ ତାହାର ନ ଆଉ ରହେ ଦୁଃଖ ॥
ଆହେ ସାଧୁ ଜନମାନେ ନ ଧରିବ ଦୋଷ ।
ସର୍ବଦା ତୁମ୍ଭଚରଣ ଅଟେ ମୋର ଆଶ ॥
ଏ ସଂସାର ଖେଳଘର ଅଟଇଟି ମିଛ ।
ଯେସନେ ସ୍ୱପନେ ପ୍ରାଣୀ ଦେଖଇ ପ୍ରତ୍ୟକ୍ଷ ॥
ନିଦ୍ରା ବିନାଶରେ ତହିଁ ଏକ ନୁହେ ସତ ।
ସେହି ପରକାରେ ବିନା ଅଟଇ ଜଗତ ॥

ଏହି ଜୀବକୁ କାରଣ ବିନା ନାରାୟଣ ।
ସେହି ପଦ୍ମପାଦେ ଯେହୁ ପଶିଲା ଶରଣ ॥
ଆଉ ସବୁ କଥାମାନ ଅଟଇ ନିଷ୍ଫଳ ।
ମରିବା କଥା ସଂସାରେ ଅଟେ ବିନା ମୂଳ ॥
ଚିରଞ୍ଜିବୀ ହୋଇଥିବ ଶରୀରଇ ମନ ।
ପର୍ଯ୍ୟନ୍ତେ ରହିବ ହାଟ ସରିବ ଯେ ଧନ ॥
ପଥିକ ପରାଏ ଏହି ସଂସାରର ମତ ।
ଜୀବ ଆତ୍ମା ଛାଡ଼ି ଯିବ ବୃକ୍ଷ ଛାଡ଼ ପଥ ॥
ଏବେ ତୁହି ସୁମନ ହୋ ମନ ହେତୁକର ।
ଶ୍ରୀକୃଷ୍ଣଙ୍କ ବିନୁ ଆନେ ନାହିଁ ନିସ୍ତାର ॥
ଏ ପିଣ୍ଡରୁ ପ୍ରାଣଗଲେ ହୋଇବଟି ବୃନ୍ଦ ।
ଲଉଡ଼ି ହଜାଇ ବୁଲେ ଯେଉଁରୂପେ ଅନ୍ଧ ॥
ଯେତେବେ ତୁହି କୃଷ୍ଣପାଦେ ଦେଇପାରୁ ମନ ।
ପ୍ରାଣ ଗଲାବେଳେ ସେହୁ ହୋଇବେ ପ୍ରସନ୍ନ ॥
ଦୁଃସହ କଷ୍ଟମାନଙ୍କୁ ହରିନେବେ ତୋର ।
ଏ ଭବ ସିନ୍ଧୁରୁ ସୁଖେ ହୋଇଯିବୁ ପାର ॥
ଆଉ ସର୍ବ କର୍ମମାନ ବ୍ୟର୍ଥ ଅଟେ ଜାଣ ।
ନିଜ ଆତ୍ମାହିତେ ଏକା ଭଜ ନାରାୟଣ ॥
ବିଷ୍ଣୁଙ୍କର ମାୟା ଏହୁ ଅଟଇ ସଂସାର ।
ଏହି ମାୟା ତ୍ୟାଗକଲେ ହୋଇବୁ ଉଦ୍ଧାର ॥
ତେଣୁ ଏ ସଂସାରେ ମନ ଧର୍ମ ଏକା ମୂଳ ।
ଆଉ ସର୍ବ କଥାମାନ ଅଟଇ ନିଷ୍ଫଳ ॥
ସେହି ପ୍ରଭୁଙ୍କର ନାମ ସଂସାରେ ଦୁର୍ଲ୍ଲଭ ।
ଏ ଭବ ଜଳଧି ମାୟା ତରଙ୍ଗକୁ ନାବ ॥
ସେହି ପ୍ରଭୁ ପଦ୍ମପାଦେ ଚିତ୍ତକୁ ଲଗାଇ ।
ତରିଯିବ ଭବଜଳ ନିଷ୍ଠ ଭୟ ନାହିଁ ॥
ବିପତ୍ତି ବିନାଶକାରୀ ଅଟେ ଯାର ବାନା ।
ଦୁସ୍ତର ସଙ୍କଟକୁ ପା ନାମ ବଜ୍ରସେନା ॥
ପରମ ମଙ୍ଗଳ ଅଟେ ଯାର ନାମ ଗୁଣ ।
ପଢ଼ିଲେ ଶୁଣିଲେ ନରେ ପାଇବ କାରଣ ॥
ଏମନ୍ତ ପ୍ରଭୁଙ୍କ ପଦ୍ମପାଦ ସେବା ଛାଡ଼ି ।
ବିଅର୍ଥେ ନ ମର ନରେ ଭବଜଳେ ବୁଡ଼ି ॥
ଦୁର୍ଗମ ପଥକୁ ଏକା କୃଷ୍ଣନାମ ସଖା ।
ସେହି ପ୍ରଭୁବିନୁ କେ ନ କରିହିଁରେ ରଖା ॥
ପ୍ରାଣୀଙ୍କ ସଙ୍କଟ ଆସି ପଡ଼ିବାର ବେଳେ ।
ଗୋବିନ୍ଦ ରଖ ବୋଲନ୍ତି ଡାକ ଏକାବେଳେ ॥

Digitized by srujanika@gmail.com

ଯେତେକ୍ଷଣି ସେ ପ୍ରାଣୀର ବିପତ୍ତି ବିନାଶି ।
ରଖନ୍ତି ସେ ମହାପ୍ରଭୁ କରୁଣା ପ୍ରକାଶି ॥
ସକଳ ବ୍ରହ୍ମାଣ୍ଡ ଯାକ ଯାହା ଗର୍ଭଗତ ।
ସକଳ ଜୀବମଧ୍ୟରେ ଯେହୁ ଯେ ବ୍ୟାପତ ॥
ଏମନ୍ତ ପ୍ରଭୁଙ୍କ ପଦ୍ମପାଦ ସେବା ଛାଡ଼ ।
ଅନ୍ୟଦେବତା ଭଜନ୍ତି ନରେ କପଟ ମୂଢ଼ ॥
ସେ କାହିଁ ତାହାଙ୍କୁ ପୁଣି ହେବ ବରଦାତା ।
ଯାହା ତାହାର କର୍ମରେ ଲେଖିଛି ବିଧାତା ॥
ଯାହା ସେ ହୋଇବ ତାହା କେ କରିବ ଆନ ।
ସକଳ ଲୋକରେ ଯିନା ଥାନ୍ତି ଭଗବାନ ॥
ତାଙ୍କ ବିନା ଆଶ୍ରାକଲେ ସର୍ବ କର୍ମ ପାଇ ।
ଯେଉଁରୂପରେ ବୃକ୍ଷକୁ ନ ଛାଡ଼ଇ ଛାଇ ॥
ସେହିମନ୍ତ ଯିନା କୃଷ୍ଣ ଆଶ୍ରିତର ଲୋକ ।
ଜନ୍ମ ଜନ୍ମାନ୍ତରେ ସୁଦ୍ଧା ନ ଛାଡ଼ଇ ପାଖ ॥
ଯେଉଁରୂପରେ ପଙ୍କଜ ଜଳମଧ୍ୟେ ଥାଇ ।
କ୍ରମେ କ୍ରମେ ଯେଉଁରୂପେ ଜ୍ୟୋତି ପ୍ରକାଶଇ ॥
ତେମନ୍ତ ପ୍ରକାରେ କୃଷ୍ଣ ଆଶ୍ରିତ ଯେ ଜନ ।
ବେଳୁବେଳ ତାହାର ଯେ ପ୍ରକାଶଇ ପୁଣ୍ୟ ॥
ଏହି ଜନମରୁ ଆର ଜନ୍ମକୁ ଅଧିକ ।
କ୍ରମେ କ୍ରମେ ହୁଏ ସେହୁ ବିଷ୍ଣୁର ସେବକ ॥
ବିଷ୍ଣୁର ଭକତ ସେହୁ ହୁଏ ଯେତେବେଳେ ।
ତାର ସଙ୍ଗେ ସରି କେହି ହେବ ରବିତଳେ ॥
ତାହାଙ୍କୁ ଦୟାକରନ୍ତି ସଦା ପୀତବାସ ।
ତେବେ ସେହୁ ବୋଲଇବ ଶ୍ରୀହରିଙ୍କ ଦାସ ॥
ସେହି ଲୋକମାନେ ପୁଣି ଆସି ଜନ୍ମ ହୋନ୍ତି ।
ଆୟୁଷଶେଷ ହୋଇଲେ ପୁନଶ୍ଚ ମରନ୍ତି ॥
ସେହି ଲୋକମାନଙ୍କର ଜନ୍ମ ମୃତ୍ୟୁ ସରି ।
ଜୀବନ୍ତେ ସୌଖ୍ୟଭୋଗ ମଲେ ସ୍ୱର୍ଗପୁରୀ ॥
ସେ ମହାପ୍ରଭୁଙ୍କ ପାଦେ ମୋହର ଶରଣ ।
ଅଜାମିଳ କଥା ଏବେ ହେଲା ସମାପନ ॥
ପଢ଼ିଲେ ଶୁଣିଲେ ନରେ ହୋଇବ ମୁକତ ।
ହରିବୋଲ ନ ପାରିଲେ ଯିବ ଯମପଥ ॥
ଅଜାମିଳ ପ୍ରାୟ ନରେ ଭବୁଁ ଯିବ ତରି ।
କହଇ ମାଧବଜନ ଉଦ୍ଧର ଶ୍ରୀହରି ॥

ଭକ୍ତ ବିଷ୍ଣୁଦାସ ।

ଏ ସର୍ବବଚନ ଶୁଣି ମନ ନୃପରାଣ ।
ଚଇତନ ପାଦେ ପଡ଼ ପୁଛଇ ସେ ପୁଣ ॥
ଆହେ ଚଇତନ ମୋର ଫେଡ଼ବା ସଂଶୟ ।
ଜନ୍ମହେବା ମାତ୍ରେ ଗ୍ରସ୍ତ କରେ ମାୟା ମୋହ ॥
କେମନ୍ତ ଶ୍ରୀହରିଠାରେ କରିବ ଭକତ ।
କେମନ୍ତ ପ୍ରକାରେ ସେହୁ ହୋଇବ ମୁକତ ॥
କେତେବେଳରେ କରିବ ଅବା ପାପକର୍ମ ।
କେତେବେଳରେ କରିବ ସୁକର୍ମ ଧରମ ॥
କେତେବେଳେ ଅବା ସେହୁ ଜୀବ ବଧକରି ।
କେତେବେଳେ ବୋଲିବ ସେ ରାମକୃଷ୍ଣ ହରି ॥
ପାପକୁ ସୁକୃତ ଯେବେ ହେବ ସମସରି ।
କେମନ୍ତେ ଦୟାକରିବେ ତାହାକୁ ଶ୍ରୀହରି ॥
କେଉଁରୂପରେ ହୋଇବ ଶ୍ରୀହରିଙ୍କ ଦାସ ।
କେଉଁରୂପେ କାଟିବ ସେ ଭବବନ୍ଧ ପାଶ ॥
ଜନ୍ମ ହୋଇଲେ ମରଣ ମଲେ ଜନ୍ମହୋଇ ।
ରଜନୀ ଦିବସ ଯେଉଁ ପ୍ରକାରେ ହୁଅଇ ॥
ଏହିରୂପେ ଜୀବଗୋଷ୍ଠି ହୁଏ ଆତ ଜାତ ।
ସେକାହୁଁ ହୋଇବ ପୁଣି ବିଷ୍ଣୁରେ ଭକତ ॥
ଯେଉଁରୂପେ ପ୍ରତେହେବ ତାହା ମୋତେ କହ ।
ମୋହର ମନରୁ ଏବେ ସଂଶୟ ଫିଟାଅ ॥
ଚୈତନ୍ୟ ବୋଲନ୍ତି ଶୁଣ ଆହେ ମନବୀର ।
ଅକର୍ତ୍ତବ୍ୟ କଥା ଏହୁ ମନେ ହେତୁକର ॥
ତୁ ଯାହା କହିଲୁ ମନ ସେକଥା ସ୍ୱରୂପ ।
ଯେମନ୍ତେ ଆମ୍ଭଙ୍କୁ ଯୋଗେ ନ ଲାଗିବ ତାପ ॥
ଏକାଙ୍ଗ ଭକ୍ତ ହୋଇଲେ ପାପ ନ ଲାଗଇ ।
ଭବଗ୍ରାହୀ ନାଥ ତାକୁ କରିଦ୍ୟନ୍ତି ତ୍ରାହି ॥
ସଂସାରର ମାୟା ତାକୁ ନ ଲାଗଇ କିଛି ।
କମଳାଙ୍କୁ କହିଛନ୍ତି ଏମନ୍ତ ଶ୍ରୀବାକ୍ୟି ॥
ସୁମନ ବୋଲେ ସଂକ୍ଷେପି କହିଦିଅ ମୋତେ ।
କମଳାଙ୍କୁ କହିଥିଲେ ଯାହା ଜଗନ୍ନାଥେ ॥
ଚୈତନ୍ୟ ବୋଇଲେ ତାହା ମନୁରାୟ ଶୁଣ ।
ବୈକୁଣ୍ଠପୁରରେ ଦିନେ ଲକ୍ଷ୍ମୀ ନାରାୟଣ ॥
ରତ୍ନ ସିଂହାସନେ ବିଜେ କରିଛନ୍ତି ହରି ।
ପାଶ୍ୱରେ ଖଟିଛନ୍ତି ପାରିଷଦ ନାରୀ ॥

Digitized by srujanika@gmail.com

ରତ୍ନ ପଲଙ୍କରେ ଶୋଇଛନ୍ତି ଚକ୍ରଧର ।
କମଳା ପାଦ ଚାପନ୍ତି କରି ଧୀର ଧୀର ॥
ଆଲଟ ଚାମର ଧରି ବାଇଁ ଛନ୍ତି ନାରୀ ।
ଶ୍ରୀଲକ୍ଷ୍ମୀଙ୍କ ବାକ୍ୟଦେବୀ ବୀଣାନାଦ କରି ॥
ଗାନ୍ଧାର ରାଗ ଆଳାପ ବୀଣାରେ ବସାଇ ।
ଗାଉଛନ୍ତି ସେହି ଗୀତ ଶତ୍ରୁକୁ ରଞ୍ଜାଇ ॥
ଶ୍ରୀକୃଷ୍ଣଙ୍କର ମନକୁ କରନ୍ତି ପ୍ରମୋଦ ।
ଏମନ୍ତ ସମୟେ ଶୁଭେ ହରି ବୋଲ ନାଦ ॥
ତାଳ ମୃଦଙ୍ଗ ବାଜଇ ମଙ୍ଗଳ ମଧୁର ।
ହୁଳହୁଳି ସହିତରେ କମ୍ବୁ ନାଦ କରି ॥
ବିଷ୍ଣୁ ଦୂତମାନେ ମିଶି ସୁବର୍ଣ୍ଣ ରଥରେ ।
ବସାଇ ଆଣୁଅଛନ୍ତି ଏକ ଦ୍ୱିଜବରେ ॥
ମହାଶୂନ୍ୟରେ ବିମାନ କରଇ ଗମନ ।
ଆଲଟ ଚାମର ମାନ ପଡ଼େ ଘନ ଘନ ॥
ବଇକୁଣ୍ଠପୁରେ ଯାଇଁ ହୋଇଲେ ପ୍ରବେଶ ।
ନେଇଣ କଲେ ତାହାକୁ ଶ୍ରୀହରିଙ୍କ ପାଶ ॥
ତକ୍ଷଣେ ଦ୍ୱିଜ ବିମାନ ଉପରୁ ଉତୁରି ।
ଶ୍ରୀହରିଙ୍କ ଚରଣରେ ଲୁଏ ବେଗକରି ॥
ବୋଇଲା ଶ୍ରୀ ନାରାୟଣ ମୋତେ ତ୍ରାହି କଲ ।
ଭବ ଅଗାଧଜଳରୁ ଉଦ୍ଧରି ଆଣିଲ ॥
ତ୍ରାହି ତ୍ରାହି ନାରାୟଣ ତ୍ରାହି ପଦ୍ମମୁଖ ।
ଏବେ ଜାଣି ଗଲା ମୋର ଜନ୍ମମୃତ୍ୟୁ ଦୁଃଖ ॥
ସଂସାର ଜଳରେ ବୁଡ଼ି ମରୁଥିଲି ମୁହିଁ ।
ଏବେ ତୁମ୍ଭ ପଦ୍ମପାଦେ ସେବିବଇଁ ମୁହିଁ ॥
ପତିତପାବନ ବାନା ଅଛ ପ୍ରଭୁ ବହି ।
ତେଣୁ ଉଦ୍ଧରି ଆଣିଲ ମୋତେ ଖଗଗାମୀ ॥
ଆଉ ଯେମନ୍ତେ ସଂସାରେ ନୁହେ ଆତଯାତ ।
ସେହି କୃପା କର ମୋତେ ପ୍ରଭୁ ଜଗନ୍ନାଥ ॥
ଶ୍ରୀହରି ବୋଇଲେ ବିପ୍ର ଯେ ତୋହର ମନ ।
ତୋ ଠାରେ ଅନ୍ତର ନୁହେ ମୋର ମନ ଜାଣ ॥
ସଂସାର ବନ୍ଧନେ ଥାଇ ମୋତେ ଆଶ୍ରାକରି ।
ନିହଲୁ ବନ୍ଧୁକୁଟୁମ୍ବ ମାନଙ୍କୁ ଆଦରି ॥
ତୋହରି ସଂସାରେ ଜଣେ ନ ଥିଲେକ ଲୋକ ।
ତେଣୁ କରି ମୋ ପୁରକୁ ତୋତେ ଆଣିଲୁଇଁ ॥
ଏବେତ ବୈକୁଣ୍ଠପୁରେ ନିଶ୍ଚିନ୍ତରେ ରହ ।
ମୋ କୈବଲ୍ୟ ସେବାକରି ତୋର ଦିନ ନିଅ ॥

ଏହା କହି ବଇକୁଣ୍ଠେ ରଖିଲେକ ନେଇ ।
ବିଷ୍ଣୁଙ୍କୁ ଆଶ୍ଚର୍ଯ୍ୟ କରି ବିପ୍ର ରହେ ତହିଁ ॥
ଏହା ଦେଖିଣ କମଳା ବିଷ୍ଣୁଙ୍କୁ ପଚାରି ।
କି କର୍ମ କରି ସଂସାରୁ ବିପ୍ର ଗଲା ତରି ॥
ଆବର ଆଜ୍ଞା କରିଲ ତୋହ ପରି ହୋଇ ।
ସଂସାରେ ଖୋଜିଲେ ଜଣେ ନ ଥିବଟି କେହି ॥
ଏହା ଶୁଣି ମୋତେ ବଡ଼ ଲାଗିଲା ସନ୍ଦେହ ।
ଆହେ ପ୍ରାଣନାଥ ତାହା ସଂକ୍ଷେପିଣ କହ ॥
ହସି ଶ୍ରୀକୃଷ୍ଣ ବୋଲନ୍ତି ପ୍ରିୟବନ୍ତ ଶୁଣ ।
ସଂସାର ମାୟା ସକଳ ଆମ୍ଭର ଭିଆଣ ॥
ବ୍ରହ୍ମାଙ୍କୁ କାଳ ବେଳରେ ଆମ୍ଭେ ଜାତ କରୁଁ ।
ସେ ବ୍ରହ୍ମା ବ୍ରହ୍ମାଣ୍ଡ ସୃଜେ ଆମ୍ଭର ଆଜ୍ଞାରୁ ॥
ପ୍ରଳୟକାଳରେ ସବୁ ଗର୍ଭରେ ସଂହରୁ ।
ପୁଣି କାଳବେଳେ ତାହା ଉପଜାତ କରୁ ॥
ଏହିରୂପେ ଆତଯାତ ହୁଅଇ ସଂସାର ।
ସକଳ ଜନ୍ମରୁ ଅଟେ ନରଜନ୍ମ ସାର ॥
ଏହା କହିଣ ବୋଲନ୍ତି ଆଗୋ ପ୍ରିୟେ ଶୁଣ ।
ଏକାଙ୍ଗ ଭକ୍ତମହିମା ଏବେ କହୁଁ ପୁଣ ॥
ଏହି ବ୍ରାହ୍ମଣର ନାମ ଅଟେ ବିଷ୍ଣୁଦାସ ।
ସୁବଦନେ ମୋ ନାମକୁ ତାହାର ବିଶ୍ୱାସ ॥
ସକଳ ଜୀବରେ ଏହୁ ଦୟାଭାବ ବହେ ।
ପରକୁ ଏ ହିଂସାକରି ପଦେହେଁ ନ କହେ ॥
ଅତିଥ ଅଭ୍ୟାଗତଙ୍କୁ ନୟନରେ ଦେଖି ।
କୋଟି ନିଧି ପାଇଲାର ପରାୟେ ଏ ସୁଖୀ ॥
ପର ଉପକାରେ ଏହୁ ବହୁ କୀର୍ତ୍ତି କରେ ।
ସର୍ବ ସମର୍ପଣ କରି ମୋହର ଛାମୁରେ ॥
ଆନନ୍ଦ ଭାବରେ ସବୁ ସମର୍ପଇ ମୋତେ ।
କପଟ କିଛି ନ ଥାଏ ଏହା ହୃଦଗତେ ॥
ପ୍ରତିଦିନ ଏହୁ ମୋତେ କରଇ ଗୁହାରି ।
ଅଶେଷ ମହିମା ଅଟେ ତୁମ୍ଭର ହେ ହରି ॥
ବୋଲଇ ମୋହର ହୃଦ ପଦ୍ମେ ଅଛ ରହି ।
ତୁମ୍ଭେ ଯାହା କରାଉଛ କରୁଅଛି ମୁହିଁ ॥
ମୋହର କର୍ତ୍ତାପଣେ କାହିଁ ରହିବ ଏମାନ ।
ଅଧିକ କରିବାକୁ ତ ନାହିଁ ମୋର ମନ ॥
ତୁମ୍ଭର ବିନା ଆଜ୍ଞାରେ ନାହିଁ ଆନେ ମୋର ।
ଭବତାରି ନାଥ ଯାହା ଇଚ୍ଛା ତାହା କର ॥

Digitized by srujanika@gmail.com

ଏହାରୂପେ ସର୍ବ କର୍ମ ମୋତେ ସମର୍ପଇ ।
ମନରେ କଳ୍ପ ବାଞ୍ଛା ସେ ଆଉ ନ କରଇ ॥
ଉଦାସୀନ ଭାବେ ସଦା ବର୍ତ୍ତୁଥାଇ ଜନ ।
ବୋଲଇ ସେ ଯାହା ଇଚ୍ଛା କର ଭଗବାନ ॥
ଏମନ୍ତ ମନରେ ମୋତେ ଥିଲା ଆଶ୍ରେ କରି ।
ବୈକୁଣ୍ଠରେ ଏହାଙ୍କୁ ମୁଁ ଆଣିଲି ଏ ପୁରୀ ॥
ଜୀବନ୍ତେ ଐଶ୍ୱର୍ଯ୍ୟ ଭୋଗ ତାଙ୍କୁ ଥିଲି ଦେଇ ।
ଚିନ୍ତା ବୋଲଣ ମନରେ ଏହାର ନ ଥାଇ ॥
ଜୀବନ ଯିବାର ବେଳେ ପେଷିଲି ମୁଁ ରଥ ।
ବସାଇ ଆଣିଲେ ଏହାଙ୍କୁ ମୋର ସର୍ବ ଦୂତ ॥
ଅକ୍ଷୟ ବଇକୁଣ୍ଠରେ ତାଙ୍କୁ ଦେଲି ବାସ ।
ସେ ଯେଣୁ ହୋଇଲା ମୋର ଭକତ ବିଶ୍ୱାସ ॥
ଭାବକୁ ନିକଟ ମୋର ଅଭାବକୁ ଦୂର ।
ଭାବଗ୍ରାହୀ ନାମ ଗୋଟି ଏଣୁଟି ମୋହର ॥
ଏହା ଶୁଣି ମହାଲକ୍ଷ୍ମୀ ଆନନ୍ଦିତ ମନ ।
କହେ ମାଧବ ଉଦ୍ଧର ମୋତେ ଭଗବାନ ॥
ସାଧୁଜନମାନେ ମୋର ନ ଧରିବ ଦୋଷ ।
ଯାହା କୃପା କଲେ ମୋତେ କମଳା ବିଳାସ ॥
ତାହା ମୁଁ ଲେଖଇ ମୋର ଅନ୍ୟ କାର୍ଯ୍ୟ ନାହିଁ ।
ହରିଙ୍କ ଆଜ୍ଞା କରିଲେ ଭବୁ ତରି ଯାଇ ॥
ଆହେ ସାଧୁଜନମାନେ ହରି ଆଜ୍ଞା କର ।
ନୋହିଲେ ତରି ନୋହିବ ଏ ଭବସାଗର ॥
ଏଥିକୁ ଯେ ଉପହାସ ନ କରିବ ମନେ ।
ସଂସାର ବେଭାର ଯିନା ଅଟେ ଅନ୍ୟୋଅନ୍ୟେ ॥
ଏ ପିଣ୍ଡରେ ପ୍ରାଣ ଥିଲେ ସବୁ ହୁଏ କରି ।
ପିଣ୍ଡୁ ପ୍ରାଣ ଚାଲିଗଲେ ସବୁଗଲା ସରି ॥
ପାରି ଯେବେ ଏବେ ମଧ୍ୟ ତାଙ୍କୁ ଜାଣି ଧର ।
ପୁଣ୍ୟ ଉଦେ ହେଲେ ପାପ ରହିବ କି ସ୍ଥିର ॥
ପର୍ବତ ଆକାରେ ତୁଳା କୁଢ ହୋଇ ଥାଇ ।
କିଞ୍ଚିତ ଅଗ୍ନି ତାହାଙ୍କୁ ଦହନ କରଇ ॥
ଇତ୍ୟାଦି ବିଷୟ ହସ୍ତେ କରୁଥିବ କାମ ।
ଚିତ୍ତ ଧୀରକରି ମୁଖେ ବୋଲୁଥିବ ରାମ ॥
ଯେମନ୍ତେ ବାଛୁରୀ ଗୃହେ ବନ୍ଧା ହୋଇଥାଇ ।
କ୍ଷୁଧାରେ ଆରତ ହୋଇ ଚରିଯାଏ ଗାଈ ॥
ଚରୁଥାଏ ଯିନା ତାର ବତ୍ସାଠାରେ ମନ ।
ଘଡ଼କ ଘଡ଼ ହମ୍ବାଳୁ ଥାଏ ଘନ ଘନ ॥
ସେହିପରି ନାରାୟଣ ପାଦେ ଚିତ୍ତ ଦଅ ।
ସମସ୍ତ ବିଷୟମାନ ଗୃହେ କରୁଥାଅ ॥

ଅଥ ଅହଂକାର

ଏବେ ସୁମନ ଶୁଣ ତୁ କାଗ୍ରଧାରି ବାଣୀ ।
ବୋଲନ୍ତି ଆଶ୍ରେକର ଶଙ୍ଖ ଚକ୍ରପାଣି ॥
ଶ୍ରୀକୃଷ୍ଣଙ୍କ ପାଦରେ ତୁ ଚିତ୍ତକୁ ମଗ୍ନାଇ ।
ଦିଅ ଜ୍ଞାନ ମାର୍ଗେ ତୁହି ମନକୁ ରସାଇ ॥
ସର୍ବ ମହାପାପ ତୋର ହୋଇଯିବ ଦୂର ।
ସିଂହଙ୍କୁ ଦେଖିଲେ ଯେହ୍ନେ ହୁଏ ନାଶାକର ॥
ତେମନ୍ତ ପ୍ରକାର ମନ ହୋଇବ ନିର୍ମଳ ।
ଜଳବିମ୍ବ ପରି ଏକ ଜୀବର ପ୍ରଚଳ ॥
ମେଳାକଲେ ନିମିଷେ ଭେଳା ବୁଡ଼ିଯିବ ଭିଟେ ।
ଏ ପିଣ୍ଡରୁ ପ୍ରାଣଗଲେ ମିଶୁ ରସାତଳେ ॥
ତେତେବେଳେ ତୁହି ଏକା ସୁମରିବୁ ମୋତେ ।
ବୋଲିବୁ ଚୈତନ୍ୟ କଥା ନ କଲି ଜୀଇଁତେ ॥
ସେ ଯମଭୁବନ ଅଟେ ଅତି ନାସ୍ତପଥ ।
କୃଷ୍ଣ ବିନା ରଖିବାକୁ କେ ହୋଇବ ଶକ୍ୟ ॥
ଧର୍ମରେ ଥିଲେ ସେଠାରେ କାରେ ନାହିଁ ଡର ।
କିକରି ପାରିବ ତହିଁ ସ୍ଥିର ନାଶକର ॥
ଶୁଣିଣ ସୁମନ ଶିରେ ଯୋଡ଼ି ବେନିପାଣି ।
ବୋଲେ କେମନ୍ତେ ତରିବି ଭବତରଙ୍ଗିଣୀ ॥
କେଉଁରୂପେ ପ୍ରଭୁ ମୋତେ କରିବେ ସୁଦୟା ।
ଆହେ ଚଇତନ କୁହ ସଂକ୍ଷେପିଣ ଏହା ॥
ଶୁଣି ଚୈତନ୍ୟ ବୋଇଲେ ଆନନ୍ଦିତ ହୋଇ ।
ହେତୁ ଥିଲେ ପ୍ରାଣୀ ଭଜେ ବିଷ୍ଣୁ ପାଦ ଧ୍ୟାୟି ॥
ସେ ବିଷ୍ଣୁଙ୍କୁ ଆଶ୍ରେକରି କର ସର୍ବ କର୍ମ ।
କମଠଙ୍କୁ ତେଜ ହୃଦେ ରଖ ଦୟା ଧର୍ମ ॥
ସୁଦୃଢ଼ ବ୍ରତ କରିଣ ପାଳିବ ଯତନେ ।
କର୍ମକରୁଁ ଦୁର୍ଘଟଣା ପଡ଼ିଲେ ଭବନେ ॥
ଭାର୍ଯ୍ୟା ସୁତ ଦୁହିତାଦି ବନ୍ଧୁ ସହୋଦର ।
ସମସ୍ତ ଦଇବତଃ ଯଦି ହୁଅନ୍ତି ଅନ୍ତର ॥
କିଅବା ନିଜ ଉପରେ ପଡ଼ିଲେ ବିପତ୍ତି ।
ନାଶ ହୋଇଯିବ ଅବା ସମସ୍ତ ସମ୍ପତ୍ତି ॥
ତେତେବେହେଁ ଦାଢେ ନ ଛାଡ଼ ଭୃତକାଳ କଥା ।
ବୋଲିବ କର୍ମରେ ଯାହା ଲେଖିଛି ବିଧାତା ॥

Digitized by srujanika@gmail.com

କର୍ମକୁ ଯେ ବନ୍ଧୁ ଥିବ କର୍ମ ନ କରିବ ।
ବୋଲିବ ମୋହର କର୍ମ ଅଟେ ବାସୁଦେବ ॥
ହରତା କରତା ସେହି ପ୍ରଭୁ ଅଛନ୍ତି ଆଉ ।
ଏ ଜଗତି ମୋର ଅବା କି କରିବ କାହୁଁ ॥
ଏମନ୍ତ ବୋଲିଣ ମନେ ନ ଘେନିବ ଆନ ।
ବୋଲିବ ଯାହା ଇଚ୍ଛା ତୁ କର ଭଗବାନ ॥
ଦୃଢକରି କର୍ମକୁ ଯେ କେବେ ନ ଛାଡିବ ।
ହୃଦେ କେବଳ କୃଷ୍ଣଙ୍କ ପାଦେ ଚିତ୍ତ ଥିବ ॥
ଶ୍ରୀକୃଷ୍ଣଙ୍କ ପ୍ରୀତି ଅର୍ଥେ ତାଙ୍କ କର୍ମ ଯେତେ ।
ସର୍ବଦା ବିଚାରୁ ଥିବ ମନରେ ନିରତେ ॥
ଜଳ ଅନ୍ନ ବସ୍ତ୍ରଦାନ ତ୍ରିବିଧ ପ୍ରକାର ।
ଏଥୁ କେ ହିବଡ ନାହିଁ ଶୁଣି ମନ ସାର ॥
ଅନ୍ନଦାନେ ହେଳା ମନ କେବେ ନ କରିବ ।
ଯେଣୁ ସେ ଅନ୍ନ ଆଶ୍ରିତେ ରହିଅଛି ଜୀବ ॥
ଅନ୍ନହୀନ ପ୍ରାଣୀ ହୃଦେ ଯେହୁ ବସିଥାଇ ।
ସେ ତୋହର ହୃଦମଧ୍ୟେ ନିଶ୍ଚୟ ଅଛଇ ॥
ଏମନ୍ତ ଲୋକ ଯଦ୍ୟପି ମିଳେ ତୋର ପାଶ ।
ତାକୁ ଦୟାକରି ନିଶ୍ଚେ ଦେବୁ ତୁହି ଗ୍ରାସ ॥
ଜୀବ ନାରାୟଣ ସର୍ବ ପିଣ୍ଡେ ବିଜେକରି ।
କରୁଛନ୍ତି ଲୀଳା ଖେଳା ବ୍ରହ୍ମାଣ୍ଡରେ ପୂରି ॥
ଏଣୁକରି ସର୍ବ ଜୀବେ ଦେଖ ସମସରି ।
ଜୀବକୁ ଚହିଲେ ତୁହି ଭବୁ ଯିବୁ ତରି ॥
କ୍ଷୁଧାର୍ଥି ଜନ ଯଦ୍ୟପି ମାଗିବ ଭୋଜନ ।
ବିଚାରିବ ଆଜ ମୋର ସୁଫଳ ଜୀବନ ॥
କୋମଳ ବଚନ କହି ତୋଷିବ ତାହାଙ୍କୁ ।
ମନ ଭଳି ପରେ ଯିବ ଆପଣା ଗୃହକୁ ॥
ଅପରୂପ ଦ୍ରବ୍ୟ ଯାହା ଗୃହେ ରହିଥିବ ।
ଅତିଥ ଆଗରେ ତାହା ନେଇ ସମର୍ପିବ ।
ଭୁଞ୍ଜାଇ ସନ୍ତୋଷ ସହ ବିଦାକରି ତାକୁ ।
ତେବେ ଆସିବ ଆପଣା ଗୃହ ଭିତରକୁ ॥
ନିଜକର୍ମେ ଯାହାଥିବ ତାହାକୁ ଭୁଞ୍ଜିବ ।
ଅତିଥେ ଯାହା ଅର୍ପିବ କୁତ୍ସିତ ନ ଥିବ ॥
ଯଦିକେ ରହିବା ପାଇଁ ରାତ୍ରିକ ଓଳିରେ ।
ଅତିଥି ଭାବେ ତୋଷିବ ବେଳେ ଦ୍ୱିବେଳରେ ॥
କୋମଳ କରି କହିବ ତାଙ୍କ ଦୁଃଖ ସୁଖ ।
ବୋଲିବ ଭୋଜନେ ହେଲି ଅତିଶୟ ଦୁଃଖ ॥

ଘୃତ କ୍ଷୀରର ନବାତ ସବୁ ଦେଇଥିବ ।
ଲୋକାଗ୍ରରକୁ କାର୍ପଣ୍ୟ କରିଣ କହିବ ॥
ଭଲବା ଅସାର ଦ୍ରବ୍ୟ ଯାହା ଦେଇଥିବ ।
କୋମଳ ବାକ୍ୟ କହିଣ ସନ୍ତୋଷ କରିବ ॥
ଏ ଭବ ସାଗରେ ଏକା ବଚନଟି ସାର ।
ବଚନେ ଅଛି ଅମୃତ ଆଉ ବିଷଧାର ॥
ଦେଇ ନ ପାରି କହିବ ଯେବେ ବୋଧକରି ।
ଶାହାସ୍ତ୍ରରେ କହିଅଛି ସେହୁ ଦେଇପରି ॥
ଅମୃତର ସମାନରେ ଭୋଜନ କରାଇ ।
ଧନ ବସନ ପ୍ରଚୁର ପୁଣି ଥିବ ଦେଇ ॥
କହିବ ନାହିଁ ଯଦ୍ୟପି କୋମଳ ବଚନ ।
ଧିକ ତାର ଦେବାପଣ ଧିକ ତା ଜୀବନ ॥
ଏଣୁ ବଚନ କହିବ କରି ଆସ୍ୱାସିତ ।
ତେବେ ଜାଣି ଦେଲି ଧର୍ମ ହୁଏ ପରାପତ ॥
ଏମନ୍ତ ଲୋକଙ୍କୁ ଲକ୍ଷ୍ମୀ କେବେ ନ ଛାଡନ୍ତି ।
ଜଗନ୍ନାଥ ନାଥ ତାଙ୍କ ପ୍ରସନ୍ନ ଥାଆନ୍ତି ॥
ବ୍ରାହ୍ମଣ ବୈଷ୍ଣବ ପୁଣି ଅତିଥ ଏ ତିନି ।
ବିଷ୍ଣୁ ଦରଶନ ପ୍ରାପ୍ତ ଏମାନଙ୍କୁ ମାନି ॥
ଏହାଙ୍କର ଚରଣରେ ଯେହୁ ସେବାକରି ।
ତାହାଙ୍କୁ ସନ୍ତୋଷ ମନ ହୁଅନ୍ତି ମୁରାରି ॥
ଶ୍ରୀମୁଖରେ କହିଛନ୍ତି ଏହା ଆବମୂଳ ।
ଏହାଙ୍କୁ ସେବା କରିଲେ ସର୍ବ ମିଳେ ଫଳ ॥
ମୋର ରୂପ ରେଖ ନରେ ଦେଖିବେ ବା କାହିଁ ।
ଏହି ତିନିରୂପେ ମୁହିଁ ଭବେ ଭ୍ରମୁଁଥାଇ ॥
ଏହାଙ୍କୁ ମନୁଷ୍ୟ ପ୍ରାୟ କେବେ ନ ମଣିବ ।
ଏହାଙ୍କୁ ଦେଖିଲି ମାତ୍ରେ ଆସନ ଛାଡିବ ॥
ପ୍ରଣାମ କରି ଆସନେ ନେଇ ବସାଇବ ।
ସେ ଆଜ୍ଞା ଦେଲେ ବସିବ ପାଦ ନ ଦଶିବ ॥
ତାଙ୍କ ମୁଖରୁ ଶୁଣିବ ମୋକ୍ଷର ଚରିତ ।
ତେବେ ଯେ ଶ୍ରବଣ ତାର ହୋଇବ ମୁକତ ॥
ମୋହର ଭବରେ ତାକୁ ପଡା ବାଧିକରି ।
ସେ ଲୋକ ନିଶ୍ଚୟ ତେବେ ଭବୁହେବ ପାରି ॥
ଏମନ୍ତ ଲୋକଙ୍କ ଜାଣ ମୋର ମାୟା ନାହିଁ ।
କମଳା ଆଗେ ଶ୍ରୀକୃଷ୍ଣ ଏହା ଛନ୍ତି କହି ॥
ଏଥି ଅନନ୍ତରେ ତୁହି ଶୁଣ ହୋ ସୁମନ ।
ଯେତେକ ସନ୍ତୋଷ ହୁଅନ୍ତି ପ୍ରଭୁ ଭଗବାନ ॥

Digitized by srujanika@gmail.com

ଅତିଥ ଦେଖିଲମାତ୍ରେ ଶିଷ୍ଟାଚାର ହେବ ।
କଦାପିତେ କୋପ ନ ହୋଇ ବଚନ୍ତ୍ୟ କହିବ ॥
ବସ୍ତ୍ରହୀନ ଲୋକ ଯେବେ ମିଳିଯିବ ଆସି ।
ଅଳପ ବସ୍ତ୍ର ଦେଇ ମନ ନେବ ତୋଷି ॥
କିଛି ନ ଥିଲେ ଆଶ୍ୱାସ ବଚନ କହିବ ।
କିଅବା କିଛିହିଁ ଦେଇ ବିଦା କରିଦେବ ॥
ଶକ୍ୟ ଅନୁରୂପେ କରି କୂପ ଯେ ପୋଖରୀ ।
ତାହା ଯେ କରିବ ମନେ ବିଷ୍ଣୁଙ୍କୁ ସୁମରି ॥
ମୁଁ କଲି ବୋଲି ମନରେ ଗର୍ବ ନ ବହିବ ।
ବିଷ୍ଣୁ ପ୍ରୀତି ଅର୍ଥେ ତାହା ଗୋବିନ୍ଦେ ଅର୍ପିବ ॥
ତେବେ ସନ୍ତୋଷ ହୁଅନ୍ତି ଦେବ ନରହରି ।
ତେଣୁ ପୁଷ୍କରିଣୀରେ ଯେ ରହିଥାଏ ବାରି ॥
ସର୍ବ ଜୀବମାନଙ୍କର ଜଳେ ଥାଇ ଆଶା ।
ସେ ଜଳ ଭିତରେ ଯେ ହରେ କ୍ଷୁଧା ତୃଷା ॥
ତୃଷାର୍ତ୍ତି ତୋଷ ହୋଇଣ ସେ ପୁଣ୍ୟ ଲଭିବ ।
ତାର ସୁକୃତ କହିଲେ ଆଉ ନ ସରିବ ॥
ବିଧାତା ଜାଣନ୍ତି ତାହା ନ ଜାଣନ୍ତି ଆନ ।
ସବୁ ଧର୍ମ ସାର ଅନ୍ନବସ୍ତ୍ର ଜଳ ଦାନ ॥
ନିଜ ଶକ୍ୟ ଅନୁରୂପେ ବିଷ୍ଣୁ ପ୍ରୀତି ଅର୍ଥେ ।
ଦେବ ଲୋକ ଅତିଥିଙ୍କୁ ଆଉ ଅଭ୍ୟାଗତେ ॥
ପୂର୍ବଜନ୍ମେ ଯେଉଁଲୋକ ଅଟେ ଅନ୍ନଦ୍ରୋହୀ ।
ତେଣୁ ଏ ଜନମେ ତାକୁ ଅନ୍ନ ନ ମିଳଇ ॥
ଲକ୍ଷ୍ମୀଙ୍କର ଦୟା ତାହାଠାରେ ତ ନ ଥାଇ ।
ଲୋକର ଆକୁଳେ ସେହୁ ବୁଲିଣ ମାଗଇ ॥
ଯେତେ ସେ ଜୀବିକା କଲେ ନ ରହଇ ଆଶ ।
ପୂର୍ବେ ଅତିଥରେ ଯେଣୁ ଅଟେ ଅବିଶ୍ୱାସ ॥
ବିଷ୍ଣୁ ପ୍ରୀତିଅର୍ଥେ ଯେହୁ ବସନ ଖଣ୍ଡିଏ ।
ହୀନଜନ ମାଗେ ଯେବେ ତାହାକୁ ନ ଦିଏ ॥
ତେଣୁ ସେ ଇହଜନ୍ମରେ ବସ୍ତ୍ରହୀନ ହୋଇ ।
ଦେଇନାହିଁ ପୂର୍ବେ ଏବେ ସେ ପାଇବ କାହିଁ ॥
ଆପଣାର କଲା କୃତ୍ୟ କର୍ମ ବୋଲି କହି ।
ଯାହା ସେ ଅର୍ଜିଥାଇ ତାହା ସେ ଭୁଞ୍ଜଇ ॥
ଅଧିକ ଲୋଡ଼ିଲେ ପୁଣି ପାଇବ ସେ କିସ ।
ଅର୍ଜିନାହିଁ ପୂର୍ବରେ କାର ଏଥେ ଦୋଷ ॥
ଦେଇଥିଲେ ପାଇ ଏହା ସର୍ବଶାସ୍ତ୍ରେ ଶୁଣି ।
ନ ଦେଇଥିଲେ ନ ପାଇ ଏ କଥା ପ୍ରମାଣ ॥

ଏଣୁକରି ସୁମନ ହୋ ବିଷ୍ଣୁ ପ୍ରୀତି ଅର୍ଥେ ।
ଯଥାସାଧ୍ୟ ଦେବ ଭୋଗ ଆଉ ଅଭ୍ୟାଗତେ ॥
ଏ ମାୟା ସଂସାରରେ ଯେ କିଛି ନାହିଁ ତୋର
ବିଅର୍ଥରେ ବୋଲୁଅଛୁ ସର୍ବ ମୋର ମୋର ॥
ଗଲାବେଳେ କିଛି ତୁହି ନ ପାରିବୁ ନେଇ ।
ପଛକର ଗଜ ଥିଲେ ରଖିବେ ଛଡ଼ାଇ ॥
ଯେଉଁ ଦେହକୁ ପୋଷଣ କରୁଅଛୁ ନିତ୍ୟେ ।
ସେହୁ ତୋର ସଙ୍ଗତେ ନ ଯିବ କଦାଚିତେ ॥
ଯେତେକ ଅଛନ୍ତି ତୋର ବନ୍ଧୁବର୍ଗ ଭାଇ ।
ସେତେବେଳେ ତୋର ସଙ୍ଗେ ନ ଯିବେଟି କେହି
ଦଇବର ମାୟା ଏହି ପଥିକର ମତ ।
କେ କାହାର ମାତା ପିତା ଭାରିଯା ଯେ ସୁତ ॥
ଏଣୁ ସାଧୁଜନମାନେ ଧନ ଜନେ ଇଚ୍ଛା ।
କେବେହେଁ ମନମଧ୍ୟରେ ନ କରନ୍ତି ବାଞ୍ଛା ॥
ଆତ୍ମାର କାରଣପାଇଁ ଭଜୁଥାନ୍ତି ହରି ।
ଏ ଭବସାଗରୁ ପ୍ରଭୁ କର ମୋତେ ପାରି ॥
ଏ ସଂସାର ଜଞ୍ଜାଳେ ନ ପଶେ ତାଙ୍କ ମନ ।
କେବଳ ତାଙ୍କର ଧନ ପ୍ରଭୁ ଭଗବାନ ॥
ନିଗମ ବନରେ ପଶି ନିଶି ଦିବସରେ ।
ଖଟାଇ ଥାଆନ୍ତି ମନ ପଙ୍କଜ ପଦ୍ମରେ ॥
ସୁତ ବିତ୍ତ କୁଟୁମ୍ବାଦି ବନ୍ଧୁ ଯାକୁ କହି ।
ଏ ସକଳ ମିଛ ଏକା ବନ୍ଧୁ ଭାବଗ୍ରାହୀ ॥
ଏମନ୍ତ ଭାବ ଶ୍ରୀହରି ଭଜୁଥିବୁ ମନ ।
ଦେହାନ୍ତରେ ଲଭିବୁ ଯେ ବୈକୁଣ୍ଠଭୁବନ ॥
ଏଣୁ ନିତ୍ୟ ନିଶ୍ଚଳରେ ହରିପାଦ ଭଜ ।
ଏ ମାୟା ସଂସାରେ ଆଉ କିଛି ନାହିଁ କାର୍ଯ୍ୟ ॥
ଧନରେ ଲୋଭ କରିଣ ହରୁଅଛୁ ଦିନ ।
ଏହି ଧନରେ ତୋହର କିସ ପ୍ରୟୋଜନ ॥
ମଲିକମାତ୍ରେକ ତୁହି ସବୁ ଛାଡ଼ିଯିବୁ ।
ଯମର କାଳପାଶରେ ବନ୍ଧନ ହୋଇବୁ ॥
ଏବେ ତୁହି ସୁମନ ହୋ ହେତୁକରି ଘେନ ।
ଗୋବିନ୍ଦଙ୍କ ନାମଗୋଟି କରି ଗଣ୍ଠିଧନ ॥
ଧନରେ ଇଚ୍ଛା ଥିଲେ ତୁ ଏ ଧନକୁ ରଖ ।
ଦେହ ଅନ୍ତରେ ଆଉ ନ ପାଇବୁ ତୁ ଦୁଃଖ ॥
ମହାଜନ ବୋଲାଇବୁ ହୋଇବୁ ସାଧୁତ ।
ତୋହର ସମ ନୋହିବ କେହି ଧନବନ୍ତ ॥

Digitized by srujanika@gmail.com

ଏହି ସମ୍ପତ୍ତିକି ଯେବେ ରଖିଥିଲୁ ତୁହି ।
କାଳବଳେ କେହିର ତାକୁ ନ ପାରିବ ନେଇ ॥
ସଂସାରିକ ଧନ ଯେହ୍ନେ ସୁନା ରୂପା କଂସା ।
ବିଗ୍ରାଙ୍କ ଭୂଷଣ ଯେତେ ପିତ୍ତଳାଦି ସୀସା ॥
ହୀରା ନୀଳା ମୋତି ଆଉ ମାଣିକ୍ୟ ପୋହଳା ।
ବଇଡୁର୍ଯ୍ୟ ଅମ୍ବର ଶୁଦ୍ଧ ହେମମାଳା ॥
ଧାନ୍ୟ ଆଦି ଗୋ ମହିଷି ପଲ ପଲ ହୋଇ ।
ଏ ସକଳ ଥିଲେ ପ୍ରାଣୀ ଧନବନ୍ତ ହୋଇ ॥
ଏମନ୍ତ ପଦାର୍ଥ ଥିଲେ ଭାଗ୍ୟବନ୍ତ ସେହୁ ।
କିନ୍ତୁ ଏଥିରେ ଯେ ଗତି ମୁକ୍ତି ନାହିଁ ଆଉ ॥
ଏ ଧନ ରାଜା ତସ୍କର ବୃଲେ ଘେନିଯାନ୍ତି ।
କିଅବା ଅଗ୍ନିରେ ଧୂଳି ପାଉଁଶ ହୁଅନ୍ତି ॥
ପ୍ରାଣ ବିସର୍ଜିଲେ ଏହି ଧନ ନାଶ ଯାଇ ।
ନାନାଦି ପ୍ରକାରେ ତାହା କ୍ଷୟ ଯେ ହୁଅଇ ॥
ମାୟାର ଧନ ବୋଲିଣ ବିଅର୍ଥକୁ ଯାଇ ।
ଯାକୁ ଭୋଗ ଯୋଗଥାଏ ସେ ଭୋଗ କରଇ ॥
ଗୋବିନ୍ଦଧନ ନେବାକୁ ଯେବେ ଅଛି ମନ ।
କହିଦେବା ଏବେ ଶୁଣ ତହିଁର ବିଧାନ ॥
ସଦା ନିର୍ମଳ ହୃଦରେ ତାଙ୍କୁ ଧ୍ୟାନକରି ।
ବୋଲିବୁ ସୁଦୟା ମୋତେ କର ଚକ୍ରଧାରୀ ॥
ଲକ୍ଷେ ଯୋଗୀ ତୁମ୍ଭ ଧନେ ଆଶା କରିଛନ୍ତି ।
ନେବାପାଇଁକି କାହାର ନୁହଇ ଶକତି ॥
ତୁମ୍ଭର କୋଠଭଣ୍ଡାରେ ଅଛି ଯେତେ ଧନ ।
ସୁଦୟା କରିଣ ମୋତେ ଦିଅ ଭଗବାନ ॥
ଏ ମାୟାଧନରେ ଗର୍ଜ୍ଜି ହେଉଅଛି ମୁହିଁ ।
ସେ ସକଳ ଆପଣଙ୍କୁ ଅବିଦିତ ନାହିଁ ॥
ଋଣ ନେଇ ଖାତକ ନ ଦେବ ଯେବେ ପୁଣି ।
ସାହୁ ବସେ ତା ଦ୍ୱାରେ ନ ଖାଇ ଅନ୍ନ ପାଣି ॥
ବହୁତ ପ୍ରକାରେ ତାକୁ ଦଣ୍ଡମାନ ଦେଇ ।
ବହୁତ ଯତ୍ନ କରିଣ ସେ ଧନ ଆଣଇ ॥
ଖାତକଠାରେ ତା ଦୟା ନାହିଁ କଦାଚିତ ।
ଦ୍ୱିଗୁଣ ପ୍ରମାଣେ ନିଏ ଲେଖିଥାଇ ବିତ୍ତ ॥
କୃଷିକର୍ଷଣେ ସେହୁ ବହୁ ଦୁଃଖ ସହି ।
ଅର୍ଜ୍ଜଇ ଯେତେକ ଧନ କାରେ ନ ଦିଅଇ ॥
ମାଗନ୍ତା ଲୋକଙ୍କୁ ମୁହିଁ କରଇଁ ନିରାଶ ।
ବ୍ୟସ୍ତକଲି ଧନ ମୋର ହୋଇଯିବ ଶେଷ ॥

ଏମନ୍ତେ ମୁ ଡରିଅଛି ତୋ ମାୟାବନ୍ଧନେ ;
ଭଲକରି ଗ୍ରାସେ ମୁ ଯେ ଖାଇନାହିଁ ଦିନେ ॥
କୁଟୁମ୍ବ ମୋର ପଡଶା ଘରେ ଯାଇଁ ରହି ।
ଦେଖି କଦର୍ଥନା ତାଙ୍କ ହେଉଥାଇ ଦେହି ॥
ତାଙ୍କଠାରେ ଟିକିଏ ଦୟା ନ ବସେ ମୋହର ।
ଯେତେହି ଦିନେ ନ ଆସିବେ ସେ ମୋହର ଘର
ତେମନ୍ତ କରି ମୁଁ ତାଙ୍କୁ କହଇ ବଚନ ।
ଏମନ୍ତେ ଜଗିଛି ପ୍ରଭୁ ତୁମ୍ଭ ମାୟା ଧନ ॥
ମୋହପରିଯେ ଜଞ୍ଜାଳ ନ ଥିବେ କେ ଜନ ।
ମୁଁ କିସ କହିବି ତାହା ଜାଣନ୍ତି ଆପଣ ॥
ଏତେ ଦୁଃଖରେ ଜଗିଛି ତୁମ୍ଭ ମାୟା ଧନ ।
ଅବଶ୍ୟ ପିଣ୍ଡରୁ ମୋର ଛାଡିଯିବ ପ୍ରାଣ ॥
ମୁହିଁ ସିନା ବିଚାରୁଛି କେବେ ନ ମରିବି ।
କେତେବେଳେ ପ୍ରାଣ ଯିବ ଜାଣି ନ ପାରିବି ॥
ତେତେବେଳେ ଘରୁ କିସ ନେବି ମୁ ବୋହିଣ ।
କାହାକୁ ଦେବଇଁ ଏହା କେ ଖାଇବ ପୁଣ ॥
ମରିଗଲେ ଏହା ଆଉ ପାଇବି ମୁଁ କାହିଁ ।
ତେତେବେଳେ ସବୁକଥା ବିଅର୍ଥକୁ ଯାଇ ॥
ନାଶକର ଦଣ୍ଡରେ ମୁ ହୋଇବି କାତରଣି ।
ସେକାଳେ ଲୋକେ କିଏ ଦେବ ଅନ୍ନ ପାଣି ॥
ନିର୍ଗପଥ ଭୁବନରେ ହେବ ନିର୍ମମାକ୍ଷି ।
ସେ କାଳରେ ଧର୍ମ ସିନା ଏକାମାତ୍ର ସାକ୍ଷୀ ॥
ତେଣୁକରି ବିକଳରେ ଡାକେ ମୋର ମନ ।
ଧନ ଅର୍ଜି କଲି ମୁ ନ କଲି ଦାନ ପୁଣ୍ୟ ॥
ସକଳ ଧର୍ମର ଶ୍ରେଷ୍ଠ ଦେବା ଦୟା ସାର ।
ତାହାହିଁ ଦିନେ ନ କଲି ମୁଁ ହୀନ ପାମର ॥
ଦୟାବନ୍ତ ଯେବେ ହୋଇ ଥାଆନ୍ତି ମୁହିଁ ।
ଭଲଦ୍ରବ୍ୟ ଦେଇଥାନ୍ତି ବ୍ରାହ୍ମଣଙ୍କୁ ତହିଁ ॥
ଗୁହାଚରଙ୍କୁ ଯେବେ ଦେଇଥାନ୍ତି ଧନ ।
ବସ୍ତ୍ରହୀନ ଲୋକେ ଦେଇ ଥାଆନ୍ତି ବସନ ॥
ନିର୍ମାଖି ଲୋକଙ୍କୁ ଯେବେ ସାହା ହୋଇଥାନ୍ତି ।
ଭୋକିଲୋକଙ୍କୁ ମୁ ଯେବେ ଅନ୍ନ ଦେଇଥାନ୍ତି ॥
ପରୋପକାରେ କରନ୍ତି ଯେବେ ଧର୍ମ କୀର୍ତ୍ତି ।
ପରର ପ୍ରମାଦ ଯେବେ କେବେହି ନ ଚିନ୍ତନ୍ତି ॥
ତୁମ୍ଭର ନାମ ଯେବେ ମୁଁ କରନ୍ତି ଭଜନ ।
ତୁମ୍ଭ ପ୍ରୀତ୍ୟର୍ଥେ କରନ୍ତି ଯେବେ ଦାନ ପୁଣ୍ୟ ॥

Digitized by srujanika@gmail.com

ତେବେ ସେ ନାହାକୁ ଶତ୍ରେ ନଥାନ୍ତା ମୋ ଡର
କକର ପାରନ୍ତା ମୋତେ ଛାର ନାଶକର ॥
ଏତେକ ଗୁଣ ନ ଥାଇ ଛନ୍ତି ଯେତେ ଜନ ।
ଧିକ ଧିକ ଅଟଇ ଯେ ତାହାଙ୍କ ଜୀବନ ॥
ଧିକ ଧିକ ତାର ଧନ ଧିକ ତାର ବୁଦ୍ଧି
ସେ କପର ତରିଯିବ ଏ ଭବଜଳଧି ॥
ଏତେକ ଗୁଣମଧ୍ୟରୁ ଏକ ନାହିଁ ମୋର ।
କେମନ୍ତେ ତରିବ ମୁହିଁ ଏ ଭବସାଗର ॥
ଏଥିକୁ ମୁ ରଖିଅଛୁ ଯେତେ ମାୟାଧନ ।
ତୁମ୍ଭ କୃପାରେ କରିବ ଦାନ ପୁଣ୍ୟମାନ ॥
ଏମନ୍ତ କହି ରେ ମନ ହରିଙ୍କି ଜଣାଅ ।
ଶୁଦ୍ଧମନେ ଶ୍ରୀହରିଙ୍କ ପାଦେ ଚିତ୍ତ ଦିଅ ॥
ବୋଲିବୁ ତୁ ନାରାୟଣ କୃପା ମୋତେ କର ।
ଏ ଭବସାଗରୁ ମୋତେ ସତ୍ୱରେ ଉଦ୍ଧର ॥
ଏହା କହି ସେହି ଧନ ବିଷ୍ଣୁ ପ୍ରୀତି ଅର୍ଥେ ।
କରିବ ଦାନ ସ୍ନେହରେ ଅତିଥ୍ୟାଭ୍ୟାଗତେ ॥
ଦେଉଳ ମଣ୍ଡପ କୂପ ଆଉ ପୁଷ୍କରିଣୀ ।
ଶ୍ରଦ୍ଧଚିତ୍ତରେ ଯେବେ ତୁ କରିବୁ ସ୍ୟ ପୁଣି ॥
ଖରାକାଳେ ଛତା ଦେବୁ ଶୀତରେ ବସନ ।
ଦୁର୍ଭିକ୍ଷରେ ଅନ୍ନଦାନ ଭୋକିଙ୍କି ଭୋଜନ ॥
ଏମନ୍ତ କରିଣ ଯେବେ ଧନ ବଳେଇବୁ ।
ତେବେ ସେ ସନ୍ତୁଷ୍ଟ ହେବେ ତୋହଠାରେ ପ୍ରଭୁ
ଦେହ ଅନ୍ତରେ ଉତ୍ତମ ଜନ୍ମ ହେବ ତୋର ।
ସେହି ଧନ ତୋତେ ନିଶ୍ଚେ ଦେବେ ଚକ୍ରଧର ॥
ଶୁଦ୍ଧମନେ ଯେବେ ମନ କରିପାରୁ ଏହା ।
ଶତେଗୁଣେ ଲକ୍ଷ୍ମୀ ତୋତେ କରିବେଟି ଦୟା ॥
ଏ ଭବସାଗରୁ ନିଶ୍ଚେ ହୋଇଯିବୁ ପାର ।
ତୋହଠାରେ ନ କରିବ ଯମ ଅଧିକାର ॥
ବିଷ୍ଣୁଙ୍କର ପ୍ରିୟ ହୁହିଂ ଜନ୍ମେ ଜନ୍ମେ ହେବୁ ।
ଏହି ଭବତାପବାଧା କିଛି ନ ଭୋଗିବୁ ॥
ଧନ ଅରଜିଣ ଯେବେ ଧର୍ମ କରିପାରେ ।
ତେବେ ସେ ତାହାକୁ ଦୟା କରନ୍ତି ଶ୍ରୀହରି ॥
ଆହୁରି କଥାଏ ମନ କହୁଅଛି ଶୁଣ ।
ବଡ଼ାଇରେ ନ କହିବ ଗର୍ବିତ ବଚନ ॥
ମୁ କଲିବୋଲି ମନରେ ଗର୍ବ ନ କରିବ ।
କେବଳ ସକଳ କର୍ମ ଗୋବିନ୍ଦେ ଅର୍ପିବ ॥
ମୁହିଁ କଲି ବୋଲି ଯେବେ କହିବ ଫୁଲଇ ।
ତେବେ ସେ ସକଳ ଧର୍ମ ବିଅର୍ଥକୁ ଯାଇ ॥
ଦାନ ଧର୍ମ ତପ ମନ୍ତ୍ର ଆଉ ମନ୍ତ୍ରଉଷଧି ।
ଏମାନ ଗୁପତ କଲେ ବହୁ କାର୍ଯ୍ୟ ସିଦ୍ଧି ॥
ତେଣୁ କରି ଏହା କାହା ଆଗେ ନ କହିବ ।
ଆପଣାର କଲି କର୍ମ ଆପେ ନ ଖଣ୍ଡିବ ॥
ବହୁତ ମୁଖରେ ଯେବେ କହିବ ବିସ୍ତାରି ।
ଗର୍ବ ନ କରି ବୋଲିବି ଏହା କଲେ ହରି ॥
ମୁ ଛାର କି ଲକ୍ଷଣ କି କରିବି ଭଜନ ।
ସକଳ ଲୋକଙ୍କ ପ୍ରଭୁ ସେହି ଭଗବାନ ॥
ହରତା କରତା ସିନା ସେହି ନାରାୟଣ ।
ସେହି ସିନା ଗର୍ବକର୍ତ୍ତା କରନ୍ତି ଭିଆଣ ॥
ତାଙ୍କ ବିନା ଆଜ୍ଞାରେ କେ କିସ କରିପାରେ ।
ଯାହାକୁ ଯେବଣ କଥା ବତାଅନ୍ତି ହରି ॥
ସେହି ଯେ ସେହିମାର୍ଗରେ ହୁଏ ଆତ ଯାତ ।
ଆନ କରିବାକୁ କେହୁ ଅଛି ସାମରଥ ॥
ଏହିରୂପରେ କରିବ ନ କରିବ ଆନ ।
ପ୍ରଭୁଙ୍କର ପଦ୍ମପାଦେ ଦେଇଥିବ ମନ ॥
ଧନ ଜନ ସମ୍ପଦାଦି ଆଉ ଦାରା ସୁତ ।
ସୁକର୍ମ କୁକର୍ମ ଦୁଇ ନିଜ କଲି କୃତ୍ୟ ॥
ସବୁକଥା ସମର୍ପିବ ହରିପଦାବ୍ଜତେ ।
ବୋଲିବ ମୋହର ଦୋଷ ନାହିଁ କଦାଚିତେ ॥
ତୁମ୍ଭେ ଯାହା କରାଉଛ ମୁ କରୁଛି ତାହା ।
ହାନି ଲାଭ କଥା ତୁମ୍ଭେ ଜାଣ ଚଉବାହା ॥
ମନେ ମନେ ସବୁକଥା ଗୋବିନ୍ଦେ ଅର୍ପିବ ।
ଆପଣେ ଉଦାସମତେ ଦିନ ହରୁଥିବ ॥
କର୍ମରେ ଯାହା ତୋହର ହେବ ପରାପତ ।
ବୋଲିବଟି ଏହା ମୋତେ ଦେଲେ ଜଗନ୍ନାଥ ॥
ହାନି ଲାଭ ମଣୁଥିବ ଦୁହେଁ ଏକସର ।
ବୋଲୁଥିବ ସଦା ସୁଖେ ମୁଖେ ହରି ହରି ॥
ସେ ପ୍ରଭୁଙ୍କୁ ଯେବେ ଆଶ୍ରା କରିଅଛି ମୁହିଁ ।
ମୋତେ ଆଉ ଅମଙ୍ଗଳ ଘଟି ନ ପାରଇ ॥
ଏମନ୍ତ ଚୋଳି ମନରେ ଆନନ୍ଦ ହୋଇବ ।
ଦ୍ରବ୍ୟ ନାଶ ହୋଇଲେ ଯେ ବିମୁଖ ନୋହିବ ॥
ଗୋବିନ୍ଦର ମହିମା ଏ ଜଗତେ ଦୁର୍ଲ୍ଲଭ ।
କହଇ ମାଧବ ଏହା ଜନେ କର ଲାଭ ॥

Digitized by srujanika@gmail.com

ନାମର ମାହାତ୍ମ୍ୟ ।

ଏଥୁଅନନ୍ତରେ କଥା ଶୁଣ ହୋ ସୁମନ ।
ଏକାଗ୍ରଭକ୍ତିର ଅଟେ ଏତେକ ଯେ ଗୁଣ ॥
ଏ ବଚନ ଶୁଣିଣ ତୁ ସ୍ଥିର କର ମନ ।
ଏବେ ପୁଣ କହିଦେବା ଅକ୍ଷୟ ଯେ ଧନ ॥
ଯେବେ ତୁ ଏହାକୁ ଲୟ କରିପାରୁ ଜ୍ଞାନ ।
ଲୟକଲେ ଲଭିବୁ ତୁ ବୈକୁଣ୍ଠ ଭୁବନ ॥
ଶୁଣିଣ ସୁମନ ଚଇତନ ପାଦେ ପଡ଼ି ।
ନିର୍ମଳ କର ମୋ ଆଗେ କହ ତାହା ଫେଡ଼ି ॥
କହେ ଚୈତନ୍ୟ ଅକ୍ଷୟ ଯେ ଧନର କଥା ।
ଧନରେ ଲୋଭ ମୋହର ଅଟଇ ସର୍ବଥା ॥
ଏହା ମୋତେ ସଂକ୍ଷେପିଣ କହିବା ଗୋସାଇଁ ।
ତୁମ୍ଭର ମୁଖୁ ଶୁଣିଲେ ପ୍ରତେ ଯିବ ମୁହିଁ ॥
ଶୁଣିକରି ଚଇତନ ଆନନ୍ଦରେ ଭଣି ।
ସାବଧାନେ ଶୁଣ ତୁହୋ ମନ ନୃପମଣି ॥
ଅକ୍ଷୟ ଯେ ଗଚ୍ଛିଧନ ଗୋବିନ୍ଦଙ୍କ ନାମ ।
ସେ ପଦେ ଲଗାଇଥିବୁ ନିତ୍ୟ ତୋର ମନ ॥
ଦଣ୍ଡେ ନ ଛାଡ଼ିବୁ ମନ ସେ ଧନର ଆଶ ।
ସବୁବେଳେ କରିଥିବୁ ତାହାକୁ ବିଶ୍ୱାସ ॥
ହୃଦପଦ୍ମେ ସୁମରି ତୁ ରଖ ଯତ୍ନକରି ।
ସୁଖେ ଏ ଭବସାଗରୁ ହୋଇଯିବୁ ପାରି ॥
ଗୋବିନ୍ଦ ଶ୍ରୀ ନାରାୟଣ କୃଷ୍ଣ ନରହରି ।
ମୁକୁନ୍ଦ ମାଧବ ରାମ ହରି ଦଇତ୍ୟାରି ॥
ପଦ୍ମନାଭ ବାସୁଦେବ ଶ୍ରୀଧର ଅଚ୍ୟୁତ ।
ଦୀନବନ୍ଧୁ କୃପାସିନ୍ଧୁ ବିଷ୍ଣୁ ଲକ୍ଷ୍ମୀକାନ୍ତ ॥
ଭକ୍ତବତ୍ସଳ କେଶବ ପତିତପାବନ ।
ପରମଧନ ଏ ନାମ ଜୀବ ଉଦ୍ଧାରଣ ॥
ଏମନ୍ତ ଯେବଣ ଧନ ମନମଧ୍ୟେ ଥାଇ ।
ଚିନ୍ତିବାମାତ୍ରକେ ସେହୁ ପ୍ରାପତ ହୁଅଇ ॥
ଏହି ସମ୍ପତ୍ତିର ନାମ ଅଟେ ଚିନ୍ତାମଣି ।
ଚିନ୍ତିବା ମାତ୍ରକେ ତାହା ଜାଣି ଚକ୍ରପାଣି ॥
ତତକ୍ଷଣେ ଦେଖାଦିଅନ୍ତି ଆସି ସିଦ୍ଧପ୍ରାୟେ ।
ଦେଖି ଚିନ୍ତାର୍ଥି ପ୍ରାଣୀର ଚିନ୍ତା ଦୂର ହୁଏ ॥
ଆତଙ୍କକାଳରେ ଯେବେ ଚିନ୍ତାକରି ମନ ।
ନିଶ୍ଚୟ ସେବେଳେ ପ୍ରଭୁ ହୋଇବେ ପ୍ରସନ୍ନ ॥
ଯହିଁ ଗଲେ ସେହିଠାରେ ଛନ୍ତି ଚକ୍ରଧର ।
ଏ ଧନ ଘେନିଣ ମନ ବଣିଜ ତୁ କର ॥
ଯେବେ ତୁହି ଏକାହୋଇ ବନେ ଯାଉଥିବୁ ।
ବ୍ୟାଘ୍ର ଚିତା ଭଲ୍ଲୁକର ମୁଖରେ ପଡ଼ିବୁ ॥
ତେତେବେଳେ ହରିଙ୍କି ତୁ ମନେ ସୁମରିବୁ ।
ସେ ବିପତ୍ତୁ ଜାଣ ତୁହି ବେଗେ ଉଦ୍ଧରିବୁ ॥
ସିଂହ ଆସିଲ ପରାଯେ ବାଗଇ ଶତ୍ରୁକୁ ।
ସେ ହେତୁ ପଳାଇଯାଏ ଛାଡ଼ି ଭକତଙ୍କୁ ॥
ତୋହର ଯେତେକ ଥିବେ ସୁତ ମିତ୍ର ଭ୍ରାତ ।
ସେଠାରେ ରଖିବାକୁ କେ ନୋହିବେ ସମର୍ଥ ॥
ଯେତେବେଳେ ଯମଦୂତ ଆସି ବାନ୍ଧନେବେ ।
ବିବିଧପ୍ରକାରେ ତୋତେ ଦଣ୍ଡମାନ ଦେବେ ॥
ଜନ୍ତୁପଡ଼ ଦେଖି ତୋତେ ହେବ କୋପାନଳ ।
ତେଜ ଦଣ୍ଡଥିବ ତାର ପ୍ରଚଣ୍ଡ ଅନଳ ॥
ପାପୀଠାରେ ନ କରଇ ଦୟା ସେ ଶମନ ।
ଦୂତେ ବୋଲୁଥାଏ ଧରି ଦିଅ ଦଣ୍ଡମାନ ॥
ଶୁଣିକରି ଦିଅନ୍ତି ଯେ ଦୂତେ ଘୋରରଡ଼ି ।
ଯେସନେ ପ୍ରଳୟକାଳେ ମେଘ ଘଡ଼ଘଡ଼ି ॥
ପାପଆତ୍ମାକୁ ଘେନିଣ ଦିଅନ୍ତି ସେ ଦଣ୍ଡ ।
ମାରି ମାରି ତା ଦେହକୁ କରି ଖଣ୍ଡ ଖଣ୍ଡ ॥
ଖୁରି ନହୁରୁଣୀ ଘେନି ତା ନେତ୍ରକୁ ତାଡ଼ି ।
ପୁଣି ସେ ପାପୀର ଦେହ ପକାଅନ୍ତି କୋଡ଼ି ॥
ରୌରବ ନର୍କରେ ତାକୁ ପକାଅନ୍ତି ନେଇ ।
ବିବିଧ ପରକାରରେ ଦଣ୍ଡମାନ ଦେଇ ॥
ଯେତେବେଳେ ତାର ଯେଉଁ କଷ୍ଟ ହେଉଥିବ ।
ସେ ଜାଣିବ କରୁଥିବ ଯେତେ ଅନୁଭବ ॥
ସେ କାଳରେ ଦୂତେ ତାକୁ ବୋଲୁଥିବେ ରହି ।
ମୃତ୍ୟୁମଣ୍ଡଳରେ ତୁହି ଥିଲୁ ଦେହ ବହି ॥
ମରିଯିବ ବୋଲି ତୁ କି ନ ଜାଣୁ ରେ ମୂଢ଼ ।
ଧନ ଅର୍ଜିବାରେ ଚିତ୍ତ କରିଥିଲୁ ଦୃଢ଼ ॥
ପୁଣ୍ୟ ନ କଲୁ ନ ଗଲୁ ତୁହି ଧର୍ମଦାଣ୍ଡେ ।
ଏଠାକୁ ଆସିଛୁ ଏବେ ପଡ଼ ନର୍କକୁଣ୍ଡେ ॥
ଆମ୍ଭର ହାତରେ ତୁହି ହେଉଛୁ ଭଲ କଷ ।
ଆଉ ତୋ ମନରେ ଏବେ କିଁ ଗର୍ଜୁଛୁ କଷ ॥
ନାରାୟଣ ନାମକୁ ତୁ ନ କଲୁ ଭଜନ ।
ବିଷ୍ଣୁ ପ୍ରୀତ୍ୟର୍ଥେ ନ କଲୁ କିଛି ଦାନ ପୁଣ୍ୟ ॥

Digitized by srujanika@gmail.com

ବୈଶାଖ ମାଘ କାର୍ତ୍ତିକେ ନ କଲୁ ତୁ ସ୍ନାନ ।
ଭୋକିଲୋକଙ୍କୁ ତୁ ଦିନେ ନ ଦେଲୁ ଭୋଜନ ॥
ବସ୍ତ୍ରଥିଲୁ ତୁ ମନେ ନ ମଣିବ ମୂଢ଼ି ।
ଏତେକ ଅଜ୍ଞାନବୁଦ୍ଧି ତୋହର ଅଟଇ ॥
ଧର୍ମପୁରାଣ କି ତୁହି ନ ଶୁଣୁ ରେ କାନେ ।
ଶମନକୁ ଭୟ କିରେ ନ ଥାଏ ତୋ ମନେ ॥
ଦାରା ପୁତ୍ର ଧନ ଆଦି ଆବୋରିଣ ଥିଲୁ ।
ତହିଁରୁ କିଞ୍ଚିତ କିପାଁ ସଙ୍ଗେ ନ ଆଣିଲୁ ॥
ନ ଜାଣୁକି ସଂସାରରେ ମରିଗଲେ ଯେତେ ।
ସେମାନେ କି କେତେଦ୍ରବ୍ୟ ନେଲେକି ସଙ୍ଗତେ
କି ଅବା ତୋହର କର୍ଣ୍ଣ ନୟନ ନ ଥିଲା ।
ନେତ୍ରେ ନ ଦେଖିଲୁ ସିନା କର୍ଣ୍ଣ ନ ଶୁଣିଲୁ ॥
ମନୁଷ୍ୟ ଦେହରେ ମର୍ତ୍ତ୍ୟେ ହୋଇକରି ଜନ୍ମ ।
ଜାଣି ଶୁଣି ନ କଲୁ କିପାଁ ଦାନ ପୁଣ୍ୟ ॥
ଇହଲୋକେ ଦେଇଥିଲେ ପରଲୋକେ ପାଇ ।
ଯେ ଯେମନ୍ତ ଦିଏ ତାହା ଏଠାରେ ଭୁଞ୍ଜଇ ॥
ଏହାପରି ବୋଲି ତାକୁ ଦିଅନ୍ତି ଦଣ୍ଡମାନ ।
କହିତେ ତାର ପ୍ରକାଶ ହେଲେ କିଛି ପୁଣ୍ୟ ॥
ତେବେ ସେହି ନରକରୁ ହୋଇବ ଉଦ୍ଧାର ।
ନୋହିଲେ ଆନ କାହିଁରେ ନୋହେ ପ୍ରତିକାର ॥
ପୁଣ୍ୟ ନ ଥିଲେ ହେ ମନ ନାଶ ନାହିଁ ତହିଁ ।
ଯେହୁ ଯାହା ଦେଇ ଥାଇ ସେହି ତାହା ପାଇ ॥
ଧର୍ମଟି ଯେ ସାହାଯ୍ୟ ଆନ ନାହିଁ ଜାଣ ।
ବିଷ୍ଣୁ ଆଶ୍ରିତ ଲୋକ ଯେ ସବୁହୁଁ ପ୍ରଧାନ ॥
ଯେବେ ତୁ ବିଷ୍ଣୁଙ୍କ ଆଶ୍ରେ କରିବୁ ସୁମନ ।
ନିଶ୍ଚେ ପ୍ରଭୁ ତୋହଠାରେ ହୋଇବେ ପ୍ରସନ୍ନ ॥
ଯେବଣ ଶମନଦୂତ ଦଣ୍ଡ ଦେଉଥିବେ ।
ତୋତେ ଦେଖିଲେ ସେମାନେ ଭୟେ ପଳାଇବେ
ପ୍ରଚଣ୍ଡ ତେଜ ତାହାର ହୋଇବ ଖଣ୍ଡନ ।
ବୋଲିବ ସେ ବୈକୁଣ୍ଠକୁ କର ହେ ଗମନ ॥
କେତେ ସେ କୋମଳବାକ୍ୟ କହିବ ବିନୟି
ତୁମ୍ଭେ ଏତେ ଭକ୍ତବୋଲି ନ ଜାଣିଲୁଁ ମୁହିଁ ॥
ମୋହର ଯାବନ୍ତ ଦୋଷ ତାହା କ୍ଷମା କର ।
ଯହିଁକି ତୁମ୍ଭର ଇଚ୍ଛା ତହିଁ ବିଜେ କର ॥
ଅନେକ ପ୍ରକାରେ ଯମ ହୋଇବ ବିନୟୀ ।
ପ୍ରଭୁଙ୍କୁ ଆଶ୍ରେ କରିଲେ ଏମନ୍ତ ହୁଅଇ ॥
ନିଶ୍ଚେ ପରେ ତାକୁ ଆଉ ନ ଥାଇ କଷଣ ।
ବିପଦ ପଡ଼ିଲେ ରକ୍ଷା କରନ୍ତି ମୋହନ ॥
ଏମନ୍ତ ଯେ ପ୍ରଭୁଙ୍କର ପାଦସେବା ଛାଡ଼ି ।
ବିଅର୍ଥେ ନ ମର ନରେ ଭବଜଳେ ବୁଡ଼ି ॥
ଏ ଜୀବ ନାନା ଯୋନିରେ କରୁଛି ଭ୍ରମଣି ।
ଆତ ଯାତ ହେଉଅଛି ବେଳକାଳ ଜାଣି ॥
ଏ ଜୀବନ ବିପତ୍ତିକି ଧନପ୍ରାପ୍ତି କରି ।
ବିଅର୍ଥେ ଜନମ ହୋଇ ଯାଉଅଛି ମରି ॥
ମନ ସ୍ଥିରକରି ଯେବେ ଦଣ୍ଡେ କରୁ ଲକ୍ଷ୍ୟେ ।
କାଳେ କାଳେ ନ ହେବଟି ଜନ୍ତୁପତି ଭକ୍ଷ୍ୟେ ॥
ଏବେ ସୁମନ ଗୋବିନ୍ଦେ ସଦା ଲକ୍ଷ୍ୟ କର ।
ଭବସାଗରକୁ ଯେବେ ଅଛି ତୋର ଡର ॥
ଭାର ବୋଝ ନୁହଇ ସେ ନୁହେ ବଡ଼ ଗରୁ ।
ହୃଦୟ ମଧରେ ଏକା ରାମ ନାମ ଧରୁ ॥
ସକଳ କଳୁଷ ତୋର ହୋଇଯିବ ନାଶ ।
ଅନ୍ତର୍ଦ୍ଧେ ତହିଁରେ ତୋତେ ନ ଲାଗିବ କ୍ଲେଶ ॥
ବୃଦ୍ଧି ହେବ ପୁଣ୍ୟ ତୋର ପାପ ହେବ ଦୂର ।
ଦେହାନ୍ତେ ଲଭିବୁ ଯାଇଁ ବଇକୁଣ୍ଠପୁର ॥
ଏ ସବୁ ଶୁଣି ସୁମନ ଆନନ୍ଦେ କହି ।
ଦିନକେ ଘଡ଼ିଏ ନାମ ଭଜିବ ଯେ ମୁହିଁ ॥
ନାମରେ ଅଛଇ ଯେବେ ମହିମା ଏମନ୍ତ ।
ସେ ଘଡ଼ିକ ଚଇତନ ଭଜିବ କେମନ୍ତ ॥
ଚଇତନ ବୋଲେ ଏହା ଭାଳୁ କାହିଁପାଇଁ ।
ତହିଁର ବୃତ୍ତାନ୍ତ ତୋତେ କହୁଛି ବୁଝାଇ ॥
ପଞ୍ଚମନ ସ୍ଥିର କରି ନିଶ୍ଚଳ ଆସନେ ।
ବସି ଏକାନ୍ତେ ଭଜିବୁ ନାମ ଶୁଦ୍ଧମନେ ॥
ତୋର ପଞ୍ଚମନ ଆଉ ପଚିଶ ପ୍ରକୃତି ।
ସେହିକାଳରେ ନିଶ୍ଚଳେ ରହିଥିବେ ତଥି ॥
ଲୋଭ ମୋହ କାମ କ୍ରୋଧ ଆଉ ହିଂସା ରାଗ ।
ସେ କାଳରେ ଏ ସବୁକୁ କରିଦେବୁ ତ୍ୟାଗ ॥
ଧ୍ୟାନରେ ଏକା ରହିବୁ ପ୍ରଭୁ ଲକ୍ଷ୍ୟକରି ।
ପ୍ରକୃତିଏ ନ କରନ୍ତି ଯେହ୍ନେ ହୁର ଯୁର ॥
ନବଦ୍ୱାରକୁ ନିରୋଧି କିଳିବୁ କବାଟ ।
ବାହ୍ୟକୁ ଯିବାପାଇଁକି ନ ପାଇବେ ବାଟ ॥
ଏମନ୍ତ ଯତନ କରି ରଖିଲେ ନିବାଡ଼ି ।
କେ ଅଛି ସଂସାରେ ତୋତେ ପାରିବ ଧାଉଡ଼ି ।

Digitized by srujanika@gmail.com

ଆରେ ମନ ଏହିପରି ଯେବେ ପାରୁ ରଖି ।
ତେବେ ସେ ଧ୍ୟାନମାର୍ଗରେ ପ୍ରଭୁ ରୂପ ଦେଖି ॥
ସୁରୁଚିର ସୁକୋମଳ ଶରୀର ତାଙ୍କର ।
ନବଜଳଧର କାନ୍ତି ଯେହ୍ନେ ଦିବାକର ॥
ଆଜାନୁଲମ୍ବିତ ଭୁଜ ଆୟୁଧ ଯେ ଭିନ୍ନ ।
ଗଦା ସାରଙ୍ଗ ରଥାଙ୍ଗ କମ୍ବୁ ଶୋଭିବନ ॥
ସୁନ୍ଦର ନାସା ନୟନ ସୁଦୀର୍ଘ ଅଟଇ ।
ରଙ୍ଗ ଅଧରରେ ମନ୍ଦହାସ ପ୍ରକାଶଇ ॥
ଶିରରେ ହେମ ମୁକୁଟ କର୍ଣ୍ଣରେ କୁଣ୍ଡଳ ।
କଣ୍ଠଦେଶେ ଶୋଭାପାଏ ହେମ ରତ୍ନମାଳ ॥
ତା ପୁଣି ନାଭି ପର୍ଯ୍ୟନ୍ତ ହୋଇଛି ଲମ୍ବିତ ।
ତାହା ଯେ ଦେଖିବ ହେବ ତା ନେତ୍ର ପବିତ୍ର ॥
କଟିରେ ପୀତବସନ ସୁନ୍ଦର ଦିଶଇ ।
ତା ପରେ ରତ୍ନମେଖଳା ଶୋଭା ପ୍ରକାଶଇ ॥
ପୟରେ ରତ୍ନନୂପୁର ବାଜେ ରୁଣୁଝୁଣି ।
ଏପ୍ରକାରେ ତାଙ୍କୁ ଚିନ୍ତା କରିବ ମନେଣ ॥
ଏମନ୍ତ ପ୍ରଭୁଙ୍କୁ କଲେ ଦଣ୍ଡେମାତ୍ର ଲକ୍ଷ୍ୟେ ।
ଆଉ କିସ ପାପବାଧା ରହିବ ତୋ ଦେହେଁ ॥
ଆହେ ସାଧୁଜନମାନେ ମୋ ଦୋଷ ନ ଘେନ ।
ସୁମନ ଆଗରେ ଯାହା କହିଲେ ଚୈତନ୍ୟ ॥
ଜନହିତେ ତା ଲେଖିଲି ଅନ୍ୟେ କାର୍ଯ୍ୟ ନାହିଁ ।
ଯାହା କୃପା କଲେ ମୋତେ ଯଦୁକୁଳସାଇଁ ॥
କିସ ମୁଁ ଲେଖିପାରିବି କିସ ମୋର ତତ୍ତ୍ୱ ।
ବାଳକମାନଙ୍କ ପ୍ରାୟେ ନାହିଁ ମୋର ହେତୁ ॥
କେହୁ ଏ ଗ୍ରନ୍ଥ ଲେଖଇ କେ କରୁ ଗୋଚର ।
ଯେ ବସିଛନ୍ତି ହୃଦୟ ସିଂହାସନ ପର ॥
କେମନ୍ତ ସ୍ୱରୂପ ତାଙ୍କ କେଉଁରୂପେ ଛନ୍ତି ।
ଯୋଗୀଏ ଯାହାଙ୍କୁ ଯୋଗମାର୍ଗରେ ଚିନ୍ତନ୍ତି ॥
ନିରଞ୍ଜନ ସ୍ୱାମୀ ସେ ଯେ ଲକ୍ଷ୍ମୀ କୋଳେ ନେଇ
ବିଜୟ କରିଅଛନ୍ତି ବ୍ରହ୍ମାଣ୍ଡ ଗୋସାଇଁ ॥
ସେ ସିନା କହି ଦିଅନ୍ତି ସର୍ବ ବେଦଶାସ୍ତ୍ର ।
ଆନ କେ କହି ପାରିବ ଅଛି ସାମରଥ ॥
ଏହା ଭାଳିଣ ଆନନ୍ଦ ମୋର ପଥିମତ ।
କହିବା ପାଇଁ ମନରେ କରେ ବଡ଼ ଭୀତ ॥
ସେହି ଯାହା କହିଦିଅନ୍ତି ଲେଖଇଁ ମୁ ତାହା ।
ଏ ସକାଶୁ ହୃଦପଦ୍ମେ ଭାଳେ ଲକ୍ଷ୍ମୀନାହା ॥

କହଇ ହୀନ ମାଧବ ଅଜ୍ଞାନ ମୋ ମତି ।
ମୁ କାହୁଁ ଜାଣିପାରିବି ପୁରାଣର ଗତି ॥
ମୋଠାରୁ କୂର କପଟୀ ମୂର୍ଖ ଯେ କୃପଣେ ।
ବ୍ରହ୍ମାଣ୍ଡେ ଖୋଜିଲେ ଆନ ନ ଥିବେକ ଜଣେ ॥
ଜୀବଙ୍କୁ ପ୍ରମାଦ ପାଏଁ ହିଂସାଭାବ ଘେନି ।
ପଶୁଙ୍କ ପ୍ରାୟେ ବଞ୍ଚିଛି ଦିବସ ରଜନୀ ॥
ପାପିଙ୍କ ମଧ୍ୟରେ ଶ୍ରେଷ୍ଠ ମୁହିଁ ଏକା ଜାଣ ।
କେବଳ କରୁଣା ଅଟେ ପତିତ ପାବନ ॥
ଏହି ସକାଶୁ ଭରସା ଅଛି ମୁହିଁ କରି ।
ଉଡ଼ୁଛି ମହିମାବାନା ସର୍ବଦିଗ ପୂରି ॥
ଘୋରପାପୀ ବୋଲି ମୋତେ ନ ନେଲେ ଉଦ୍ଧରି
ଦୁଃଖେ ସୁଖେ ରହିଅଛି କର୍ମକୁ ଆଦରି ॥
ଏହା ମୁ ମନେ ମୋହର କରଇଁ ବିଚାର ।
ମୋହପରି ପାପୀ କେହି ନ ଥିବେ ସଂସାର ॥
ଯେବଣ ଶ୍ରୀଚରଣକୁ ସର୍ବ ସୁରମୁନି ।
ଶରଣ ପଶିବାପାଇଁ କରନ୍ତି ଦୟିନୀ ॥
ହର ବ୍ରହ୍ମା ଯାହାଙ୍କର ଚରଣେ ଆଶ୍ରିତ ।
ଯାହାଙ୍କ ଆଜ୍ଞାରେ ଚନ୍ଦ୍ର ସୂର୍ଯ୍ୟ ଆତଯାତ ॥
ପଦ୍ମାଳୟା ନ ଛାଡ଼ଇ ଯେବଣ ଚରଣ ।
ମୁ ଛାର ପାପୀ ପାଇବି କାହିଁ ତାହା ପୁଣ ॥
କେବଳ ତାଙ୍କ ଭକତ ପାଦପଦ୍ମ ଧୂଳି ।
ମଣ୍ଡନ ହେଉଥାଉ ଯେ ମୋହର ମଉଳି ॥
ବୈଷ୍ଣବ ବ୍ରାହ୍ମଣ ଆଉ ସାଧୁ ସନ୍ଥଜନ ।
ସେବାରେ ସଦା ତତ୍ପର ହେଉ ମୋର ମନ ॥
ଏହା ଯେ ବାଞ୍ଛା କରଇଁ ମୁହିଁ ନିତ ନିତ ।
ମାଗଇ ପ୍ରଭୁଙ୍କ ପାଦେ କରିଣ ଭକତ ॥
ଏହିପରି ବିଚାର ମୁଁ କରେଁ ମନେ ମନ ।
ଯାହା ଇଚ୍ଛା ତାହା କର ତୁମ୍ଭେ ଭଗବାନ ॥
ମୋହର ଆୟତ୍ତ ନାହିଁ କରିବାକୁ କିଛି ।
ସଂସାର ଜାଲରେ ପଡ଼ି ବନ୍ଧନ ହୋଇଛି ॥
ଯେମନ୍ତ ବ୍ୟାଧ ଜାଲରେ ମୃଗ ପଡ଼ିଥାଇ ।
ସକଳ ବୁଦ୍ଧି ତାହାର ବ୍ୟର୍ଥକୁ ଯାଇ ॥
ସେହିପରି କୁଟୁମ୍ବଙ୍କ ମାୟା ଜଞ୍ଜାଳରେ ।
ପଡ଼ି ଘାଣ୍ଟି ହେଉଅଛି ରାତ୍ର ଦିବସରେ ॥
କେବଳ ଭରସା ମନେ ଅଛଇ ମୋହର ।
ପତିତପାବନ ବାନା ଉଡ଼େ ପ୍ରଭୁଙ୍କର ॥

Digitized by srujanika@gmail.com

ମହାପାପି ମାନଙ୍କୁ ସେ ଉଦ୍ଧରିବା ପାଇଁ ।
ପତିତପାବନବାନା ଅଛନ୍ତି ଉଡ଼ାଇ ॥
ତେଣୁକରି ଭରସା ମୋ ଅଛି ବହୁମତେ ।
ନୋହିଲେ ଆଉତ ବୁଦ୍ଧି ନ ଦିଶେ କେଉଁତେ ॥
ଆହେ ସାଧୁଜନମାନେ ମନରେ ବିଚାର ।
ସ୍ତ୍ରୀ ବନ୍ଧୁ କୁଟୁମ୍ବାଦି କେ ନୁହେ କାହାର ॥
ସର୍ବସ୍ୱାମୀ ନାଥଙ୍କୁ ଯେ ଦୃଢେ ଆଶ୍ରେକର ।
ନୋହିଲେ ଏ ଭବଜନ୍ତୁ ନାହିଁଟି ଉଦ୍ଧାର ॥
ପାଣି ଥାଉଁ ଥାଉଁ ବନ୍ଧ ବାନ୍ଧ ହିତକର ।
ପ୍ରାଣ ଗଲେ ଆଉ କିଛି କରି ଯେ ନ ପାରି ॥
ମୋ ପରି ମୂର୍ଖ ସଂସାରେ ରହିଛନ୍ତି ଯେତେ ।
ଏହି କଥାକୁ ବିଚାର ନ କରନ୍ତି ଚିତ୍ତେ ॥
ବଡ଼ମାପଣ କରିଣ ବଞ୍ଚିଥାନ୍ତି ଦିନ ।
ଭୁଲନ୍ତି ଆୟୁର ଅଟେ ଅଳ୍ପ ଜୀବନ ॥
କିଏ ସେ ଅଛି ଆୟୁର ସଙ୍ଗେ ସମସରି ।
ଏହା ବିଚାରି ବଞ୍ଚିନ୍ତି ଦିବସ ଶର୍ବରୀ ॥
ଏହି ସବୁକୁ ବିଚାରି କର ସାଧୁଜନ ।
କହେ ମାଧବ ଉଦ୍ଧାର କର ଭଗବାନ ॥
ଜୟ ଜୟ ଜଗନ୍ନାଥ ଶଙ୍ଖ ଚକ୍ରଧାରୀ ।
ଏ ଭବସାଗରୁ ନାଥ କର ମୋତେ ପାରି ॥
ପତିତପାବନବାନା ଯଶ ନୋହୁ ନାଶ ।
କରୁଣାକୁଠାରେ ମୋର ପାପ କର ଧ୍ୱଂସ ॥
ତୁମ୍ଭବିନୁ କେ ଭରସା ଆନ ନାହିଁ ମୋର ।
ଦୀନବନ୍ଧୁ ମୋହପ୍ରତି ବାରେ ଦୟାକର ॥
ଏମନ୍ତରୂପେ ସୁମନ ଚୈତନ୍ୟ ସମ୍ବାଦ ।
ପଢ଼ି ଶୁଣିଲେ ନ ବାଧେ ଭବପରମାଦ ॥

କୃତକର୍ମର ଭୋଗାଭୋଗ ।

ଏଥୁଅନ୍ତେ ଜନେ ଶୁଣ ସୁମନ ରାଜନ ।
ଚଇତନ ପାଦେ ପଡ଼ି ପୁଚ୍ଛେ ପୁଣ ପୁଣ ॥
ହେ ଚଇତନ କଥାଏ ପଚାରିବି ମୁହିଁ ।
ତାହା ମୋତେ କହିଦେବ ସଂଶୟ ଫିଟାଇ ॥
ଆହେ ଗୁରୁଦେବ ମୋତେ ଅନୁଗ୍ରହ କର ।
ଏ ଭବସାଗର ଅଟେ ଅପାର ଗମ୍ଭୀର ॥
ଏଥେ ମନୁଷ୍ୟ ଅଛନ୍ତି ଅନେକ ପ୍ରକାର ।
ନାନା କାର୍ଯ୍ୟ କରୁଛନ୍ତି ସଂସାର ଭିତର ॥
ଏଥିମଧ୍ୟେ କେତେଲୋକ ହୋଇଛନ୍ତି ଦୁଃଖୀ ।
କେତେକ ଲୋକ ହୋଇଣ ଛନ୍ତି ମହାସୁଖୀ ॥
କେଉଁଲୋକ ଅନ୍ଧ ଖୋଟା କେ କଣା ଅଟଇ ।
କେ ଜଡ଼ା କେ କୁଜା କେହୁ କଥା ନ କହଇ ॥
କେ ଅନ୍ନ ବସ୍ତ୍ର ହୀନ କେ ଭିକ୍ଷ୍ୟା ମାଗିଖାଏ ।
କେ ଉଠି ନ ପାରଇ କେ ବ୍ୟାଧିମନ୍ତ ହୁଏ ॥
ଏହା ଦେଖିଣ ବିଚାର କରେଁ ମୁହିଁ ମନ ।
କେମନ୍ତ ଚରିତ ଏହୁ କେମନ୍ତ ବିଧାନ ॥
ଏ ସଂସାର ଯେତେବେଳେ ହୋଇଲା ପ୍ରଳୟ ।
ମନୁଷ୍ୟାଦି ପଶୁ ପକ୍ଷୀ ସର୍ବେ ଗଲେ କ୍ଷୟ ॥
ପୁଣି କପରି ହୋଇଲେ ଏହା କହ ମୋତେ ।
ଚଇତନ ବୋଲେ ମନ ଶୁଣ ଏକଚିତ୍ତେ ॥
ହରିଙ୍କ ଆଜ୍ଞାରେ ବ୍ରହ୍ମା ହୋଇଲେକ ଜାତ ।
ଦେଖିକରି ତାକୁ ଦୟା କଲେକ ଅଚ୍ୟୁତ ॥
ବୋଇଲେ ତୁହି ସର୍ଜନା କର ବ୍ରହ୍ମାଣ୍ଡକୁ ।
ଜନ୍ତୁଙ୍କ ମଧ୍ୟରେ ଶ୍ରେଷ୍ଠ କରିବୁ ନରଙ୍କୁ ॥
ସର୍ବ ବେଦବିଦ୍ୟା ଆଉ ଜପ ତପ ଧର୍ମ ।
ଶାସ୍ତ୍ରାନୁସାରେ କରିବୁ ଯାବତୀୟ କର୍ମ ।
ଶୁଣିକରି ବିଧାତା ଯେ ଶିରେ କରି ଯୋଡ଼ି
ଅତି ବିନୟେ ପ୍ରଭୁଙ୍କ ପଦ୍ମପାଦେ ପଡ଼ି ॥
ବୋଇଲା କେମନ୍ତ କରି ସୃଜିବି ସଂସାର ।
କାହିଁ କିଛି ନ ଦିଶଇ ଘୋର ଅନ୍ଧକାର ॥
କିପରି ଆଜ୍ଞା ପାଳିବି କହନ୍ତୁ ବିଚାରି ।
ଶୁଣିଣ ପ୍ରସନ୍ନ ହୋଇ କହିଲେ ଶ୍ରୀହରି ॥
ଏଥିକୁ ମନରେ କିଛି ସଂଶୟ ନ କର ।
ଆମ୍ଭବୋଲେ ସର୍ବ ସିଦ୍ଧି ହୋଇବ ତୋହର ॥
ଯେତେବେଳେ ଯାହା ତୁହି ବିଚାରିବୁ ଚିତ୍ତେ ।
ସେକ୍ଷଣି ତାହା ପ୍ରାପତ ହୋଇଥିବ ତୋତେ ॥
ତୁ ଯାହା କହିବୁ ସେହି କଥା ହେବ ସାର ।
ଆମ୍ଭର ଆଜ୍ଞା ଅଟଇ ଏହା ନିରାଧାର ॥
ଏତେ କହି ଅନ୍ତର୍ଦ୍ଧାନ ହୋଇଲେ ଅଚ୍ୟୁତ ।
ସେଠାରେ ରହି ବିଧାତା ସର୍ଜିଲେ ଜଗତ ॥
ସେହୁ ଚାରିମୁଖୁ ଚାରିବେଦ ଜାତ କଲେ ।
ଋକ ଯଜୁ ସାମ ଅଥର୍ବ ଯେ ନାମ ଦେଲେ ॥
ପୁନଶ୍ଚ ମୁଖୁ ପୁରାଣ ଅଷ୍ଟାଦଶ କଲେ ।
ଗୋବିନ୍ଦ ସୁମରି ଧାତା ସର୍ବ ଭିଆଇଲେ ॥

Digitized by srujanika@gmail.com

ପୃଥ୍ବୀ ପର୍ଯ୍ୟନ୍ତର ଆଦି ସ୍ଥାବର ଜଙ୍ଗମ ।
ଏ ସର୍ବ ଉଆଇ ବ୍ରହ୍ମା ହୋଇଲେ ହୃଷ୍ଟମନ ॥
ଥୋକେ ଭୋଗ କରନ୍ତେ ବହୁତର ଧନ ।
ଥୋକେ ଭୋଗ କରନ୍ତେ ଯାନ ଯେ ବାହନ ।
ରାଜାଙ୍କର ସୁଖଭୋଗ କହି ଯେ ନୁହଇ ।
ମାନବରୂପରେ ଜାତ ହରି ଛନ୍ତି ହୋଇ ॥
ବିଷ୍ଣୁକଳା ନ ଥିଲେଟି ନୁହଇ ରାଜନ ।
କେ କହିପାରିବ ମନ ତାହାଙ୍କର ପୁଣ୍ୟ ॥
କ୍ଷିତିପତି ନରପତି ଅଟେ ଯାର ନାମ ।
ମନୁଷ୍ୟ ତାହାକୁ କାହୁଁ ହୋଇବ ସମାନ ॥
ଶୁଣି ସୁମନ ଚୈତନ ପାଦଛନ୍ଦେ ପଡ଼ି ।
ଆଉ ଲୋକ କଥା କହି ରାଜାକଥା ଛାଡ଼ି ॥
ଅନ୍ୟର କଥାରେ ସିନା ଅଛି ମୋ ସନ୍ଦେହ ।
ତେଣୁ ତୋତେ ପଚାରଇ ଏହା ମୋତେ କହ ॥
ଶୁଣି ଚୈତନ୍ୟ ବିଷ୍ଣୁଙ୍କୁ ମନେ କଲେ ଚିନ୍ତା ।
ଜୟ ଜୟ ଜଗନ୍ନାଥ ଜଗତ କରତା ॥
ଜୟ ଜୟ ମହାପ୍ରଭୁ ଦେବ ଦାମୋଦର ।
ଜୟ ଜୟ ନାରାୟଣ ଶଙ୍ଖ ଚକ୍ରଧର ॥
ଜୟ ଜୟ ଦୀନବନ୍ଧୁ ଆରତ ଭଞ୍ଜନ ।
ଜୟ ଜୟ ମହାବାହୁ ଗରବ ଗଞ୍ଜନ ॥
ତୁମ୍ଭେ ଯେ ସଂସାରେ ପୂରି ସବୁକଥା କର ।
ତୁମ୍ଭବିନୁ କେହି ନାହିଁ ଜଗତ ମଧ୍ୟର ॥
ତୁମ୍ଭ ବିନା ଆଜ୍ଞା କରି ନ ପାରେ କେ କିସ ।
ସବୁ କରୁଅଛ ରହି ସର୍ବ ହୃଦଦେଶ ॥
ତୁମ୍ଭ କୃପାହେଲେ ପଙ୍ଗୁ ଲଙ୍ଘିପାରେ ଗିରି ।
ତୁମ୍ଭ କୃପାହେଲେ ମୂକ ବାକ୍ୟ କହି ପାରି ॥
ତୁମ୍ଭ କୃପାହେଲେ ଅନ୍ଧ ନେତ୍ରକୁ ଦିଶଇ ।
ତୁମ୍ଭ କୃପାହେଲେ ମୃତ ମନୁଷ୍ୟ ଜୀଅଇ ॥
ତୁମ୍ଭେ ଯେ ଏମନ୍ତ ପ୍ରଭୁ ସର୍ବହୃଦେ ଥାଇ ।
ଯାହାକୁ ଯେବଣ ମାର୍ଗେ ଚଳାଅ ଗୋସାଇଁ ॥
ସେହିଲୋକ ସେହିମାର୍ଗେ ହୁଏ ଆତ ଯାତ ।
ଆନ କରିବାକୁ ତାର ନାହିଁ ସାମରଥ ॥
ଉଦ୍ଧବକୁ କହିଥିଲ ଯେଉଁ ଜ୍ଞାନତତ୍ତ୍ୱ ।
ମୋତେ ତାହା କହିଦିଅ ଆହେ ପଦ୍ମନେତ୍ର ॥
ଏଣୁକରି ଧ୍ୟାନ କରେଁ ତୁମ୍ଭ ପଦ୍ମପାଦ ।
କୃପାକର କହିବି ମୁଁ ଥୋକେ କିଛି ପଦ ॥

ଏହା କହି ଚୈତନ୍ୟ କଲା ତାଙ୍କ ଧ୍ୟାନ ।
ନିଷ୍ଠେ ବସି ସେ ପାଦେ ଲଗାଇଲା ମନ ॥
ସେ ପାଦପଦ୍ମ ଗଲାଲ ଯେଉଁ ଦ୍ୱାରରେ ।
ଧ୍ୟାନମାର୍ଗେ ଚଇତନ ତକୁ କରି ଚାପ ॥
ଛମରେ ଢଳ ପଡ଼ିଲା ହୋଇ ଭୋଳମନ ।
ସୁମନ ଯା ଦେଖି ତାକୁ ତୋଳିଲା ବହନ ॥
ତତକ୍ଷଣେ ଚଇତନ ଚେତାପାଇ ଉଠି ।
ହୃଦ ମଧ୍ୟେ ଗୋବିନ୍ଦଙ୍କ ନାମ କଲା ଗଣ୍ଠି ॥
ସୁମନ ପୁଛିଲା ଶୁଣ ଆହେ ଚଇତନ ।
ପିତ୍ତରୋଗୀ ପ୍ରାୟ କିପାଁ ହୋଇଲ ଅପଣ ॥
କେବଣ କାରଣ ଏହା ଭେଦ କହି ମୋତେ ।
ନିଷ୍ଟପଟେ କହିବ ହେ ମୋହର ଅଗ୍ରତେ ॥
ଚଇତନ କହୁଅଛି ଶୁଣ ଆରେ ମନ ।
ଯହିଁକି ଢଳପଡ଼ିଲୁଁ ତାହାର କାରଣ ॥
ତୁହି ପଚାରିଲୁ ମୋତେ ସଂସାରର କଥା ।
ଭଲ ମନ୍ଦ ଜଣା ଆଉ ଅଧିକ ବ୍ୟବସ୍ଥା ॥
ତେଣୁକରି ମୁହିଁ ଧ୍ୟାନେ ଗଲି ବ୍ରହ୍ମପୁର ।
ପଚାରି ଆସି କହିବି ତୋତେ ନିରଧାର ॥
ଦେଖିଲି ଯେ ବେଦମାର୍ଗେ ଚଳନ୍ତି ବେଦସାର
ଜୀବ ପରମ ଜଗିଣ ଅଛନ୍ତି ଦୁଆର ॥
ବହୁତର ବ୍ରହ୍ମଋଷି ଥିଲେ ତହିଁ ବସି ।
ପଦ୍ମାସନେ ବସିଥିଲେ ଗୋଲୋକ ନିବାସି ॥
ଗୋବିନ୍ଦ ପଦାରବିନ୍ଦେ ନିବେଶିଣ ଚିତ୍ତ ।
ସାଧିମନ ପ୍ରକୃତକୁ କରିଣ ଏକତ୍ର ॥
ବାନ୍ଧି ରଖିଛନ୍ତି ତାଙ୍କ ପାଦ ପାଣିକରି ।
ଷଡ଼ ଅଇରିକି ଦେଖି ଜ୍ଞାନଶର ମାରି ॥
ଏକଠାରେ ରଖିଛନ୍ତି ସମସ୍ତଙ୍କୁ ବାନ୍ଧିଣ ।
ଶୁଦ୍ଧମନେ ଭଜୁଛନ୍ତି ପ୍ରଭୁ ଭଗବାନ ॥
ପଶିଲି ତାହାଙ୍କ ମନ ମଧ୍ୟରେ ମୁ ଯାଇ ।
କ୍ରମେ କ୍ରମେ ଭଜୁଛନ୍ତି ଶ୍ରୀହରିଙ୍କି ସେହି ॥
ସେହିଠାରୁ ବ୍ରହ୍ମରନ୍ଧ୍ରେ ପଶିଲି ଯାଇଣ ।
ଦେଖିଲି ରାସମଣ୍ଡପେ ବିଜେ ନାରାୟଣ ॥
ସେହି ସ୍ଥାନର ସୌନ୍ଦର୍ଯ୍ୟ କେ ବର୍ଣ୍ଣିପାରିବ ।
ଲକ୍ଷ୍ମୀ ନାରାୟଣ ବିଜେ ଛନ୍ତି ଏକଠାବ ॥
ସେ ନାରାୟଣ ପାଦରୁ ଗଳେ ମକରନ୍ଦ ।
ତାକୁ ପାନ କରୁଛନ୍ତି ତହିଁ ଋଷିବୃନ୍ଦ ॥

Digitized by srujanika@gmail.com

ମୁହିଁ ମଧ୍ୟ ପାନକରି ସୁଧା ରହିଗଲେ ।
ତୋପାଣେ ଭଲପାଇଲି ଏଥିପାଇଁ ଭୋଳେ ॥
ଚୈତନ୍ୟବାକ୍ୟେ ସୁମନ ପ୍ରମୋଦିତ ହୋଇ ।
ବୋଇଲା ଦେଖାଅ ମୋତେ ସେ ଦୁର୍ଲ୍ଲଭ ଭୂଇଁ
ଚୈତନ୍ୟ ବୋଇଲେ ସେହ୍ନ ବଡ଼ଇ ସଙ୍କଟ ।
ମାଛ ଗଲାବାକୁ ତହିଁ ତଳେ ନାହିଁ ବାଟ ॥
ଧ୍ୟାନମାର୍ଗେ ଯୋଗିଜନେ ଦେଖନ୍ତି ସେ ସ୍ଥାନ ।
ତୁ କାହିଁ ଦେଖିବୁ ଛାଡି ଦାରା ପୁତ୍ର ଧନ ॥
ଯେବେ ତୁ ଏହାଙ୍କ ଆଶା ପାରୁ ପରିହରି ।
ତେବେ ସିନା ତୁହି ଦେଖି ପାରିବୁ ସେ ପୁରୀ ॥
ବଂଶ ସହିତେ ଛାଡିବୁ ଏକାଥିଲେ ପାଶ ।
ଜାଣ ସେ ସ୍ଥାନ କେବେହେଁ ନୋହିବଟି ଦୃଶ୍ୟ ॥
ଦୁର୍ଗମ ପଥ ଅଟଇ ଶ୍ରୀହରି ଭଜନ ।
ଭୟଙ୍କର ଯୋଗିଜନେ ଯାନ୍ତି ଘୋରବନ ॥
ଅଗମ୍ୟ ସ୍ଥାନକୁ ଯାଇଁ ଲୁଚିକରି ବସି ।
ଶ୍ରୀହରି ନାମକୁ ଦୃଢେ ହୃଦମଧ୍ୟେ ଘୋଷି ॥
ଗୋବିନ୍ଦ ପଦ୍ମପାଦରେ ଚିତ୍ତକୁ ମଜ୍ଜାଇ ।
ଏକାନ୍ତେ ଭଜୁଅଛନ୍ତି ଫଳ ମୂଳ ଖାଇ ॥
ସଂସାର ମାୟା ମଣନ୍ତି ତେଣୁ ତୁଚ୍ଛ ପ୍ରାୟେ ।
ଅନ୍ତେ ତାଙ୍କର ପରମ ଗତି ଲଭି ହୋଏ ॥
ପୁନଶ୍ଚ ଚୈତନ୍ୟ କହେ ଶୁଣ ହେ ସୁମନ ।
ପୂର୍ବେ ଯା ପଚାରିଥିଲୁ ଟିକେ ବଡ଼ ଟିକେ ସାନ ॥
ପାପ ପୁଣ୍ୟରୁ ପ୍ରାଣୀଏ ଊଣାଧିକ ହୋଇ ।
ପୁଣ୍ୟ କର୍ମରୁ ଉଦିତ ପାପେ କ୍ଷୟ ଯାଇ ॥
ତୁଯେ ବୋଇଲୁ ବିଧାତା ବ୍ରହ୍ମାଣ୍ଡକୁ କଲେ ।
ଊଣା ଅଧିକ କପାଇଁ ଏଥିରେ ହୋଇଲେ ॥
ଅନେକ ଅଧର୍ମ ଏଥେ କରୁଛନ୍ତି ପ୍ରାଣୀ ।
ବିଧାତାଙ୍କୁ କରୁଛନ୍ତି ନିନ୍ଦା ସେ ନ ଜାଣି ॥
ସୁମନ ବୋଇଲା ସେହି ଜଗତର ତାତ ।
ସେ କିପାଁ ସମାନକରି ନ କଲେ ଜଗତ ॥
ଊଣା ଅଧିକ କପାଇଁ ସଂସାରେ ହୋଇଲେ ।
ଏକଥା ସଂଶୟ ଫେଡ଼ି କହିଦିଅ ଭଲେ ॥
ଯେତେବେଳେ ପ୍ରାଣୀମାନେ ବହୁ ସୁଖ ପାନ୍ତି ।
ବିଡ଼ମ୍ବନେ ବିଧିକି ନିନ୍ଦା ଯେ କରନ୍ତି ॥
ଚୈତନ୍ୟ ବୋଲେ ତୁ ଶୁଣ ରେ ଅବୋଧ ମନ ।
ମୂର୍ଖପଣିଆ ତୁହି ନ ବୁଝୁ ବଚନ ॥

ଯେତେବେଳେ ବିଧାତାଏ ସୃଷ୍ଟି ଜାତକଲେ ।
ଆଗକରିଣ ମନୁଷ୍ୟ ମାନଙ୍କୁ ସର୍ଜିଲେ ॥
ତାଙ୍କ ପ୍ରାଣ ପୋଷିବାକୁ ବିଚାରିଣ ମନ ।
ଅନ୍ନର ନିମନ୍ତେ ଜାତ କରିଲେକ ଧାନ ॥
ବ୍ୟଞ୍ଜନ ନିମନ୍ତେ କଲେ ଶାକ ମୁଗ ବ୍ରୀହି ।
ଆବର ବହୁପ୍ରକାରେ ଫଳ ମୂଳ କହି ॥
ବ୍ୟାଧି ନାଶପାଇଁ କଲେ ନାନାବିଧ ଔଷଧି ।
ମନୁଷ୍ୟଙ୍କ ପାଇଁ ଏହା କରିସାରି ବିଧି ॥
ପୁଣି ପିନ୍ଧିବା ନିମନ୍ତେ ବସନ ସର୍ଜିଲେ ।
ବ୍ୟବହାର ନିମନ୍ତରେ ନାନା ଧାତୁକଲେ ॥
ଅଷ୍ଟରତନେ ନାନାବିଧି କରି ଅଳଙ୍କାର ।
ରହିବା ନିମନ୍ତେ କଲେ ଉତ୍ତମ ମନ୍ଦିର ॥
କାମନାର ନିବାରଣ ହେତୁକୁ ବିଚାରି ।
ଯୋଖିଦେଲେ ପୁରୁଷକେ ଗୋଟାଏ ଯେ ନାରୀ ॥
ବୋଇଲେ ଏଥିରେ ହେବ ବଂଶ ବରଧିତ ।
ଏହାଙ୍କ ଠାରୁଁ ହୋଇବ ଦୁହିତା ଯେ ସୁତ ॥
ତେବେ ସିନା ଶୋଭମାନ ଦିଶିବ ଧରଣୀ ।
ଏସନ ସର୍ଜନା କରି ସୁଖୀ କୃଷପାଣି ॥
ସ୍ୱୟଂ ଗୋଲୋକାଧିକାରୀ ଧାତା ରୂପ ଧରି ।
ବ୍ରହ୍ମାଣ୍ଡ ସର୍ଜନା କଲେ ଅତି ଯତ୍ନକରି ॥
ପୁଣିହିଁ ମନ ମଧ୍ୟରେ କଲେକ ବିଚାର ।
ଯେତେକ କର୍ମ କମାଣି ସଂସାର ବେଭାର ॥
ଯଜ୍ଞ ଧର୍ମ ତପ ଜପ ବ୍ରତ ଆଦି ଯେତେ ।
ଦେବା ଦୟା ସତ ଧର୍ମ କର୍ମାଦି ସହିତେ ॥
ବିଷ୍ଣୁଙ୍କର ଲୀଳାମାନ ଶୁଣିବାର ଅର୍ଥେ ।
ଅଷ୍ଟାଦଶ ପୁରାଣକୁ ସର୍ଜିଲେ ଜଗତେ ॥
ତହିଁରୁ ଅନେକ ଗ୍ରନ୍ଥମାନ କଲେ ଜାତ ।
ତାହା ଶୁଣି ପ୍ରାଣୀମାନେ ହୋଇବେ ମୁକତ ॥
ସୁକର୍ମେ ଚଳିବେ ନରେ ହେବେ ସର୍ବ ସୁଖୀ ।
ଏ ସକାଶୁ ପୁରାଣକୁ ଧାତା ଛନ୍ତି ଲେଖି ॥
ନାରାୟଣଙ୍କର ଲୀଳା ଲେଖିଲେ ସକଳ ।
ଶୁଣିଲେ ପ୍ରଭୁଙ୍କୁ ଧ୍ୟାନ କରିବେ କେବଳ ॥
ହରିନାମ ସଂକୀର୍ତ୍ତନ ଆଉ ଭାଗବତ ।
ସମସ୍ତ ଶାସ୍ତ୍ର ଲେଖିଲେ ଧର୍ମ ଏକା ସତ ॥
ମନୁଷ୍ୟଙ୍କ ଆୟୁକଲେ ଛକୋଡି ବରଷ ।
ଲୀଳା କଉତୁକ ସାରି ଯିବେ ସର୍ବେ ନାଶ ॥

Digitized by srujanika@gmail.com

ତଦୁତ୍ତରୁ ଯାବତୀୟ ସୃଷ୍ଟି ଜାତ କଲେ ।
ତାଙ୍କପାଇଁ ବୃକ୍ଷଲତା ଭୂମି ସରଜିଲେ ॥
ଯେଉଁ ପଶୁକୁ ଯେପରି ଶିକ୍ଷିଲେ ବିଧାତା ।
ସେମାନେ ଯେଉଁ ମାର୍ଗରେ ହୁଅନ୍ତି ଆତଯାତ ॥
ତାହା ସେ ପଶୁ ଜାଣନ୍ତି ନ ଜାଣନ୍ତି ଆନ ।
କୀଟ ପତଙ୍ଗ ଯାହାର ଯେମନ୍ତ ଭୋଜନ ॥
ଦେଖ ସଂସାରେ ପାଦପ ଅଛନ୍ତି ଯେତେ ।
ସେ ସବୁ ସୃଜିଲେ ଧାତା ଔଷଧ ନିମନ୍ତେ ॥
ବୋଇଲେ ହେ ବୃକ୍ଷ ପର ଉପକାରେ ଥାଅ ।
ପୂର୍ଣ୍ଣ ହୋଇ ଏ ସଂସାରଯାକେ ତୁମ୍ଭେ ରହ ॥
ତୁମ୍ଭ ଠହୁଁ ଲୋକେ ପତ୍ର ଫଳ ମୂଳ ନେଲେ ।
ନେବେ ରୋଗମାନଙ୍କର ମୂଳ ଛିନ୍ନିବେ ବୋଲେ
ତହିଁକି ବିରୁଦ୍ଧ ତୁମ୍ଭେ ନ ଧରିବ କେହି ।
ଏହିପରି ଧାତା ତାଙ୍କୁ ଛନ୍ତି ଆଜ୍ଞା ଦେଇ ॥
ଆଜଯାଏ ଏ ପାଦପେ ବିଧାତା ବଚନ ।
ମାନି ନାଶ ହୁଅନ୍ତି ନ ଘେନନ୍ତି ସେ ବିଗୁଣ ॥
ବ୍ୟାଧିମନ୍ତ ଲୋକଙ୍କର ବ୍ୟାଧିକି ନାଶନ୍ତି ।
ବିଧାତା ବଚନେ ବୃକ୍ଷେ ସତ୍ୟ ପାଳୁଛନ୍ତି ॥
ଦେହ ଅନ୍ତରେ ସେ ବୃକ୍ଷ ଭଲ ଗତି ପାଇ ।
ପର ଉପକାରୀ ଯେଣୁ ସ୍ୱର୍ଗେ ସେ ବସଇ ॥
ପଶୁ ପକ୍ଷିଙ୍କି ବିଧାତା ଯାହା ଛନ୍ତି କହି ।
ସେହିମାର୍ଗେ ସେ ଚଳନ୍ତି ଅଦ୍ୟାବଧି ରହି ॥
ମତ୍ସ୍ୟ କଚ୍ଛ ପତଙ୍ଗାଦି କୀଟ ଖଗ ମୃଗ ।
ବିଧାତା ଦେଇଅଛନ୍ତି ଯାଙ୍କୁ ଯେଉଁଭୋଗ ॥
ସେହି ବେଭରେ ଚଳନ୍ତି ସେହୁ ପ୍ରତିଦିନ ।
କେବେ ବିକଳ୍ପ ନ ଥାଏ ତାହାଙ୍କର ମନ ॥
ଦିନକୁଦିନ ବିଧାତା ଶିଖିଥାଏ ଯାହା ।
ସମ୍ପୂର୍ଣ୍ଣ ହୋଇ ତାହାକୁ ମିଳୁଥାଏ ତାହା ॥
ଦିନେହେଁ ଦୁଃଖ ବୋଲିଣ ନ ଜାଣନ୍ତି ସେହି ।
ଯାହାକୁ ଯେଉଁମାର୍ଗରେ ଚଳାଅନ୍ତି ବିହି ॥
ଦେହଅନ୍ତେ ତାହାଙ୍କର କିଛି ନାହିଁ ଦୁଃଖ ।
ଦେଖ ଏ ନରେ ଅଛନ୍ତି କେଉଁପରି ମୂର୍ଖ ॥
ସବୁ ଜାଣି ଶୁଣି ମୂଢ଼େ ପାପକର୍ମ କଲେ ।
ନ ଜାଣି ପଶୁଜାତି ଏ ଆଗରେ ରହିଲେ ॥
ଧାତା କହିଲେ ନରଙ୍କୁ ଶାସ୍ତ୍ରକୁ ଦେଖାଇ ।
ସେହି କଥାକୁ ସେମାନେ ପ୍ରତେ ଗଲେ ନାହିଁ ॥

ଶାସ୍ତ୍ର ପୁରାଣମାନଙ୍କ ଶ୍ରବଣରେ ଶୁଣି ।
ଉପହାସ କରୁଛନ୍ତି ମିଛପ୍ରାୟ ମଣି ॥
ବୋଲନ୍ତି ଏ କଥାମାନ କବିକୃତ ମିନା ।
ମିଛ ଯେତ କବି କରି ପାରନ୍ତି ରଚନା ॥
ଏକ ବୋଲଇ ଏ ସକଳ ବ୍ରାହ୍ମଣଙ୍କ ବୁଦ୍ଧି ।
ଧନ ନେବାପାଇଁ କରି ଅଛନ୍ତି ଏ ବିଧି ॥
ନିଦାରଲୋକମାନଙ୍କ ଭଣ୍ଡିବାର ପାଇଁ ।
ଗ୍ରନ୍ଥ ଶୁଣାଇ ତାଙ୍କର ସବୁ ନେବେ ବହି ॥
ଏମନ୍ତ ବୋଲନ୍ତି ଯେତେକ ଶାସ୍ତ୍ର ନ ମାନନ୍ତି ।
ଜାଣି ଶୁଣି ନାନାବିଧ ଅକର୍ମ କରନ୍ତି ॥
ଅଗମ୍ୟ ସ୍ଥାନମାନଙ୍କେ କରନ୍ତି ଗମନ ।
ଶ୍ରେଷ୍ଠଜାତିଙ୍କ ନାଁରେ ନ କରନ୍ତି ସେ ମାନ୍ୟ ॥
ବ୍ରାହ୍ମଣେ ଦେଖି କହନ୍ତି ଏ ମୂର୍ଖ ଅଜ୍ଞାନ ।
ଦେବତାଙ୍କୁ କହନ୍ତି ଯେ ଏ କାଷ୍ଠ ପାଷାଣ ॥
ସାଧୁଜନଙ୍କୁ ମନୁଷ୍ୟ ଲେଖା ନ କରନ୍ତି ।
ଗୁରୁଙ୍କ ଉତରପ୍ରାୟେ ପାଦେ ନ ପଡ଼ନ୍ତି ॥
ଅତିଥିଙ୍କୁ କେହି ପୂଜା ନ କରନ୍ତି ଦ୍ୱାରେ ।
ଅମାନନା କରନ୍ତି କେ ମାତା ପିତା ଠାରେ ॥
ଶ୍ରୀଗୁରୁଙ୍କୁ ଅମାନନା କରନ୍ତି କେ ଜନେ ।
ସାଧୁଙ୍କୁ ନିନ୍ଦନ୍ତି କେହୁ ଲୋଭିତ ଲୋଚନେ ॥
ଆହାର ଦେଖାଇ କେହୁ ପର ଜୀବ ମାରେ ।
ନାନାବିଧ ଅକର୍ମମାନ କରୁଛନ୍ତି ନରେ ॥
ଦାନ ଧର୍ମ କଥା କେହୁ ନ ଶୁଣେ କର୍ଣ୍ଣରେ ।
ବୋଲଇ ନୁହଇ ଏହା ଧର୍ମର ବେଭାର ॥
ଉଦାରଲୋକେ ଶୁଣିଣ ଏ କଥା କହିବେ ।
ଆମ୍ଭେମାନେ ଏ କଥା ଯେ ନ କରୁଁ କେବେ ।
ଥୋଡ଼କେ ଲୋକ ବୋଲନ୍ତି ଯେ ସଂଶୟ ଅଛଇ ।
ବିପଦରେ ଏକା ଦେବ ଶାସ୍ତ୍ରେ ଅଛି କହି ॥
ତାହାଙ୍କର ସୁଖ ସେହୁ ବିଶ୍ୱରବେ ପୂର୍ଣ୍ଣ ।
ଏଥିରେ ପ୍ରାଣିଏ କାହିଁ ପାଇବେ କାରଣ ॥
ଏହା କହି ଥୋକେ ଲୋକ ଦ୍ୱିଜେ ନିନ୍ଦାକରି ।
ତାଙ୍କ ଲୋମନ୍ତେ ସହିବ ଏହି ବସୁନ୍ଧରୀ ॥
ସାକ୍ଷାତେ ବ୍ରାହ୍ମଣ ଅଟେ ନାରାୟଣ ରୂପୀ ।
ତାଙ୍କୁ ଯେ ନିନ୍ଦା କରଇ ସେହୁ ବଡ଼ ପାପୀ ॥
ବ୍ରାହ୍ମଣଙ୍କୁ ନିନ୍ଦାକଲେ ବଂଶ ହୋଏ ନାଶ ।
ପୁରାଣକୁ ନିନ୍ଦାକଲେ କୁମ୍ଭୀପାକେ ବାସ ॥

* ମୋକ୍ଷ ପଟଳ

Digitized by srujanika@gmail.com

ଆଉର ତାକୁ ଅନେକ ମିଳେ ଦୁଃଖ ମାନ ।
ଅନ୍ନ ବସ୍ତ୍ର ନ ମିଳଇ ହୁଏ ଦୀନମାନ ॥
ସୁସ୍ଥାନ ନ ମିଳେ ତାକୁ କୁସ୍ଥାନେ ତା ବାସ ।
ସୁସ୍ଥହୋଇ କେବେ ତାକୁ ନ ମିଳଇ ଗ୍ରାସ ॥
ଅନ୍ନ ନ ମିଳନ୍ତେ ସେହି ବୁଲେ ଦେଇ ଦେଇ ।
ଜୀବନାନ୍ତେ କୁମ୍ଭୀପାକ ନରକେ ପଡ଼ଇ ॥
ଏହିପରି ନାନା ପାପ ଅର୍ଜୁଥାନ୍ତି ପ୍ରାଣୀ ।
ବିଧାତାଙ୍କୁ ନିନ୍ଦା ସେହି କରନ୍ତି ନ ଜାଣି ॥
ବିଧାତା କହିଲ କର୍ମ ମନ୍ଦ ପାଶୋରନ୍ତି ।
ତେଣୁକରି ପ୍ରାଣିମାନେ ଶାସ୍ତି ପାଉଛନ୍ତି ॥
ଧାତା ବୋଲନ୍ତି ତଳାର୍ଦ୍ଧେ ନାହିଁ ମୋର ଦୋଷ
ଧର୍ମ ମାର୍ଗ ଛାଡ଼ିଲେ ବେଗେ ଯାଅ ନାଶ ॥
ଥୋକାଏକ ଲୋକ ପୁଣି ଅଛନ୍ତି ଏମନ୍ତ ।
ପରଧନ ପରଦାରେ ଦେଇଥାନ୍ତି ଚିତ୍ତ ॥
ଜାଳମାନେ ମାରନ୍ତି କେ ବିଷ ଦେଇକରି ।
ପ୍ରତ୍ୟହ କେ ପରଦ୍ରବ୍ୟ ନିଅନ୍ତି ଚୋରିକରି ॥
ନିର୍ଗୁଣ ବଚନ କେହୁ ସବୁବେଳେ କହି ।
ଖଳୁଆପଣା କରି କେ ସର୍ବଦା ବଞ୍ଚଇ ॥
କେହି ପରଲୋକ ଚିନ୍ତା ନ ଦେଖେ ନୟନେ ।
ନିଜର ସୁଖ ସ୍ୱଚ୍ଛନ୍ଦ ଭାବେ ସବୁଦିନେ ॥
ମନେ କାହାଠାରେ କେହି ହିଂସାଭାବ ବହି ।
କାହାର ଘରେ କେ ଦିଏ ଅନଳ ଲଗାଇ ॥
କେହି ମନ୍ତ୍ରଗର୍ବପଣେ ପାପକୁ ନ ମଣି ।
ତୃଷାରେ ଗୋରୁଏ ପିଉଥିଲେ ଯାଇ ପାଣି ॥
ତାକୁ ଘଉଡ଼ାଇ ଦିଏ ଅତି ଆନନ୍ଦରେ ।
ତୃଷାର୍ତ୍ତି ହୋଇଣ ଗୋରୁ ଯାଏ ନିରାଶରେ ॥
ତାହାର ପାତକ କେହୁ ଅନ୍ତକରି ପାରି ।
ମୁଁ କିସ କହିବି ଜାଣେ ଜନ୍ତୁ ଅଧିକାରୀ ॥
ଯେବଣ ଲୋକର ଦ୍ୱାରେ ଅତିଥି ପ୍ରବେଶ ।
ନ ଦେଲେ ନ କହେ ଯାଏ ହୋଇ ସେ ନିରାଶ ॥
କେଉଁ ଲୋକ ଆଶାଦେଇ ନିରାଶ କରଇ ।
ଆଜି କାଲି କହି ତାକୁ ବହୁତ ଭଣ୍ଡଇ ॥
କେବଣ ଲୋକ ପରକୁ ବିଶ୍ୱାସ ଦେଖାଇ ।
ସର୍ବସ୍ୱ ହରଇ ତାର କପଟରେ ନେଇ ॥
କେ ଋଣ ନେଇ ମାଗିଲେ ସାହୁକୁ ମାରଇ ।
କେ ପୁତ୍ର ତା ବୃଦ୍ଧ ପିତା ମାତା ନ ପୋଷଇ ॥

ବ୍ରାହ୍ମଣ ସ୍ତ୍ରୀଙ୍କ କେହି କରଇ ରମଣ
ସାଧୁଜନଙ୍କୁ ନିନ୍ଦଇ କେଉଁ ମୂଢ଼ଜନ ॥
ବିଷ୍ଣୁଭକତକୁ କେହି କରଇ ନିରାଶ ।
ଠାଟ୍ଟା କରୁଥାଏ ତାକୁ ହୋଇ ହସ ହସ ॥
କେଉଁ ଲୋକମାନେ ଯାଦେ ବ୍ରହ୍ମହତ୍ୟା କରି
ନିର୍ଦ୍ଦୋଷୀ ଜୀବଙ୍କୁ କେହି ଅକାରଣେ ମାରି
କେଉଁ ଲୋକମାନେ ସ୍ତ୍ରୀ ବାଳକ ସଂହାରି ।
ଗୋବଧ କରଇ କେହି ପାପ ନ ବିଚାରି ॥
ପୋଷିବାର ଜୀବ କେହି କରେ ପ୍ରାଣ ନାଶ ।
ଭୋଜନ ଦ୍ରବ୍ୟରେ କେହି ଦିଅଇଟି ବିଷ ॥
କେ କାହାର କରିଥାନ୍ତି ଯେଉଁ ଉପକାର ।
ପ୍ରତ୍ୟୁପକାର ସମୟେ ଫେବାଲେ ଯାନ୍ତି ଛାର ॥
କେ କାହାକୁ ଅନ୍ନବସ୍ତ୍ର ଦେଇକରି ପୋଷେ ।
ସେ ତାହାର ନାଶ ପାଇଁ ରଜନୀ ଦିବସେ ॥
କେ ବୀର ବେତାଳ ମାନ ସାଧନ କରଣ ।
ତାହାର ବଳେ ହରେ ସେ ପରର ସର୍ବସ୍ୱ ॥
ଜଳଘାଟେ ବସି କେହି ମୀନକୁ ସଂହାରେ ।
ବଳକୁ ଦେଖାଇ କେହି ସଜ୍ଜନ ମାରେ ॥
ଆହାର ଦେଖାଇ କେହି ଜନ୍ତୁକୁ ମାରଇ ।
ପରଲୋକ ପ୍ରାଣ କେହି ଗୁପତେ ହରଇ ॥
ଜନ୍ତାରେ ଆହାର ଦେଇ କେ ଜୀବ ମାରଇ ।
ଦୋଷ ଥାଉଁ ଥାଉଁ କେହି ନିୟମ କରଇ ॥
ଦାନ ଦେଇକରି ତାକୁ ହରେ କେହି ପୁଣି ।
ବାଟରୁ ବୃକ୍ଷମାନଙ୍କୁ ପକାଏ କେ ହାଣି ॥
ବଟ ପିମ୍ପଳକୁ କେହି କରଇ ବିନାଶ ।
ଧର୍ମକୁ ନିନ୍ଦା କରଇ କେବଣ ପୁରୁଷ ॥
ବୃଦ୍ଧକାଳରେ ନ ପୋଷେ କେ ପିତା ଜନନୀ
ଅନ୍ତର ହୋଇଣ ଯାଏ ଭରଯାକୁ ଘେନି ॥
ବହୁତ ଗୋଧନ କେହି ରଖେ ଲୋଭକରି ।
ଅବହେଳା କରିବାରୁ କଷ୍ଟେ ଯାନ୍ତି ମରି ॥
ଟଙ୍କାଲୋଭେ ଭେଣ୍ଡାଗୋରୁ ବିକଇ ହାଟରେ
ବ୍ୟାଧିମନ୍ତ ବୃଦ୍ଧଗୋରୁ ଯୋଚେ ଲଙ୍ଗଳରେ ॥
ଯେଉଁ ଗୋରୁ ବୃଦ୍ଧ ହୋଇ ଉଠି ନ ପାରଇ ।
ତାହାକୁ ଯେ ନ ପୋଷଇ ଖାଦ୍ୟ ପାଣି ଦେଇ ।
ବୋଲଇ ଏହାକୁ ଆଉ ଦେଲେ କିସ ହେବ ।
ମାସ ପକ୍ଷକରେ ଏତ ନିଶ୍ଚେ ମରିଯିବ ॥

Digitized by srujanika@gmail.com

ଏପରି ଯେ ପ୍ରାଣୀ କରେ ସେହୁ ଭୋଗୀ ହୋଇ
ନ ମରି ଖାଇଣ କଷ୍ଟେ ଗୃହେ ପଡ଼ିଥାଇ ॥
ଯେତେ ଯେତେ ମହୌଷଧି କରଇ ଭକ୍ଷଣ ।
କେବେ ଭଲ ନ ହୁଅଇ ଭୋଗଇ କଷଣ ॥
ଆପଣା କର୍ମକର୍ମିକୁ ମୂଢ଼ ନ ବିଚାରି ।
ବିଧାତାଙ୍କୁ ନିନ୍ଦାକରେ ବାର ବାର କରି ॥
ନିନ୍ଦାରୁ ଦୋଷ ହୋଇଲା ଅପାରୁ ଅପାର ।
ଏହି ପରକାରେ ସେହୁ ହୁଏ ନାରଖାର ॥
ତାହାର ପୂର୍ବ ପାତକ ବ୍ୟାଧିରୂପ ହୋଇ ।
ସେ ବ୍ୟାଧି ତାକୁ ମାରଇ କାଳବେଳ ପାଇ ॥
ଏ ଯେତେ ଚରିତ୍ର ମୁହିଁ କହିଲଇଁ ତୋତେ ।
ବିଧାତା ଏ ସବୁ କହିଛନ୍ତି ବେଦମତେ ॥
ଜାଣି ଶୁଣି ପ୍ରାଣିମାନେ ପାଉଛନ୍ତି ଦୁଃଖ ।
କେବେହେଁ ସେମାନଙ୍କୁ ଯେ ନ ମିଳଇ ସୁଖ ॥
ସୁମନ କହିଲେ ଆହେ ଚଇତନ ଶୁଣ ।
ଯେତେକ ପାତକ ମୋତେ କହିଲ ଆପଣ ॥
ଏତେ ଅକର୍ମ କରନ୍ତି ଯେଉଁ ଯେଉଁ ଜନ ।
ତାହାଙ୍କର ହୁଅଇତ ବହୁ ଧନ ଜନ ॥
ଥୋକାଏ ଲୋକ ଅଛନ୍ତି ସଂସାର ଭିତରେ ।
ପାପ ଆଚରି ନାହିଁଟି ତାହାଙ୍କ ମନରେ ॥
ଷଡ଼ସ୍ନାନ ପୁର୍ଣ୍ୟମାସ ମାନଙ୍କେ କରନ୍ତି ।
ଏକାଦଶୀ ବ୍ରତକୁ ସେ କେବେ ନ ଛାଡ଼ନ୍ତି ॥
ବିଷ୍ଣୁର ଚରିତ୍ର ଯହିଁ ହୁଅଇ ବଖାଣ ।
ତହିଁକି ସେମାନେ ଡେରିଥାଆନ୍ତି ଶ୍ରବଣ ॥
ଜୀବରେ ଦୟା ତାଙ୍କର ମନଟି ନିର୍ମଳ ।
କରନ୍ତି ପ୍ରଶଂସା ସେମାନଙ୍କୁ ଜନକୁଳ ॥
ଅତିଥ ଅଭ୍ୟାଗତ ଯେ ବୈଷ୍ଣବ ବ୍ରାହ୍ମଣ ।
ଦେଖିଲେ ସେବା କରନ୍ତି ତାହାଙ୍କ ଚରଣ ॥
ଏମନ୍ତ ଲୋକ କିପାଇଁ ବ୍ୟାଧିମନ୍ତ ହୋଇ ।
ତଦପରେ ତାକୁ କିସଁ ଅନ୍ନ ନ ମିଳଇ ॥
ଏହିକଥାଟି ଅଟଇ କେମନ୍ତ ବିଧାନ ।
ସନ୍ତୁଷ୍ଟ ଚିତ୍ତରେ କହ ତୃପ୍ତ ହେଉ ମନ ॥
ସଂଶୟ ଫିଟାଇ ଏହା କହିଦିଅ ମୋତେ ।
ତୁମ୍ଭର ମୁଖୁ ଶୁଣିଲେ ଯିବଇଁ ପରତେ ॥
କହୁଛନ୍ତି ଚଇତନ ଶୁଣ ହେ ସୁମନ ।
ଯାହା ପୁଚ୍ଛାକଲୁ ତୋତେ କହିବା ତା ମର୍ମ ॥
ଜନ୍ମହେଲେ କଷ୍ଟେ ମୃତ୍ୟୁ ମଲେ ଜନ୍ମହୋଇ
ବିଧାତାର ଘଟସୂତ୍ର ଏମନ୍ତ ଅଟଇ ॥
ମାୟାର ରଜ୍ଜୁ ମନୁଷ୍ୟ ଗଳାରେ ଲଗାଇ ।
ଆତଯାତ କରନ୍ତି ସେ ନ ଜାଣନ୍ତି କେହି ॥
ସାତଜନ୍ମଠାରେ କରେ ଯେତେ ପାପ ପୁଣ୍ୟ ।
ରଖିଥାଏ ବିଧାତା ତା କରି ଭିନ୍ନ ଭିନ୍ନ ॥
ପାପ ପୁଣ୍ୟ ଦୁଇକ ସେ ବୁଝେ ସମକରି ।
କେ ଗୁଣା ଅଧିକ ହେଲେ ତାହାକୁ ବିଚାରି ॥
ପାପ ପୁଣ୍ୟ ଯେବେ ମନ ହୋଇବଟି ସମ ।
ସେହି ଲୋକମାନଙ୍କର ନୁହେ ହୀନକର୍ମ ॥
ବହୁତର ଭଣ୍ଡାର ସେ ପାଏରେ ଭୋଗକରି ।
କିବା ପାତକ ବହୁତ ଥାଏ ଯେବେ କରି ॥
ତେଣୁକରି ସେହି ପ୍ରାଣୀ ହୁଏ ହୀନକର୍ମୀ ।
ଦୁଷ୍ଟ ହୋଇ ତାକୁ ଦିନେ ନ ମିଳଇ ଅନ୍ନ ॥
ଗତ ଜନ୍ମେ ଯେବେ ସେହି ପୁଣ୍ୟ କରିଥାଇ ।
ସୁଖୀ ହୋଇ ଏ ଜନ୍ମରେ ଭୋଗ ସେ କରଇ ॥
ପାପରୁ ପୁଣ୍ୟ ଯେବେ ନ ହୁଅଇ ବହୁତ ।
ସେ ଲୋକକୁ ବଇକୁଣ୍ଠ ହୁଏ ସର୍ଗପତ ॥
ଇହଜନ୍ମରେ ପାତକ କରିଥାଏ ଯେତେ ।
ଆଗତ ଜନ୍ମରେ ତାହା ହୁଏ ସର୍ଗପତେ ॥
ଏହିରୂପେ ଆରେ ମନ ଦଇବ ଘଟଣା ।
କର୍ମକର୍ମ କେତେବେଳେ ନୁହଇ ମେଣ୍ଟଣା ॥
ତୁ ବୋଇଲୁ ଜନ୍ମକାଳୁ ଯାର ପାପ ନାହିଁ ।
ସେ କିପାଇଁ ବ୍ୟାଧିମନ୍ତ ହୋଇଣ ମରଇ ॥
ପୂର୍ବଜନ୍ମରେ ତାହାର କେଉଁ ପାପ ଥିଲା ।
ତେଣୁକରି ଏ ଜନ୍ମରେ ବ୍ୟାଧିମନ୍ତ ହେଲା ॥
ଏ ଜନ୍ମ ସୁକୃତ ତାର ରହିଲା ପଛକୁ ।
ପୁଣି ଭୋଗ କରିବ ସେ ଆଗତ ଜନ୍ମକୁ ॥
ଥୋକେ ଲୋକ ଅଛନ୍ତି ଏ ସଂସାରଭିତରେ ।
ଧର୍ମ ବୋଲି ନ ଜାଣନ୍ତି ଆପଣା ମନରେ ॥
ତାହାଙ୍କର ଧନ ଜନ ଅଛଇ ବହୁତ ।
ଭିକାରିଏ ତା ଦୁଆରୁ ଫେରନ୍ତି ସତତ ॥
ଭ୍ରମରେ ସେ ରାମନାମ ନ ବୋଲଇ ତୁଣ୍ଡେ ।
ସର୍ବଦା ଧନ ଚିନ୍ତାରେ ବୁଲେ ସେ ପାଷଣ୍ଡେ ॥
ଧରମ କଥା ଶୁଣିଲେ ତହୁଁ ଯାଏ ଉଠି ।
ପାଷାଣ୍ଡମାନଙ୍କ ସଙ୍ଗେ କରେ ଯାଇଁ ଗୋଷ୍ଠି

Digitized by srujanika@gmail.com

ଏହି କଥାଟି ଅଟଇ କେମନ୍ତ ବିଧାନ ।
ସଂଶୟ ଫେଡ଼ି କହିବା ଶୁଣ ଆରେ ମନ ॥
ପୂର୍ବର କର୍ମକାରଣ ନ ଜାଣଇ ସେହି ।
ମର୍ତ୍ତ୍ୟରେ ଜନ୍ମି ଅଜ୍ଞାନେ ପାତକୀ ଅଟଇ ॥
ପୂର୍ବ ଜନ୍ମେ ସେବଅଛି ଅତିଥି ବହୁତ ।
ଆବର କରିଛି ଦାନ ପୁଣ୍ୟ ଅପ୍ରମିତ ॥
ତେଣୁ ଏ ଜନ୍ମଟି ଟଳି ତାର ସୁଖ ପଣେ ।
କିନ୍ତୁ ଏ ଜନ୍ମଟି ତାର ଗଲା ଅକାରଣେ ॥
ଏବେ ଯେବେ ଅଗତିକୁ ପୁଣ୍ୟ କରିଥାନ୍ତା ।
ଆର ଜନ୍ମରେ ତାହାଙ୍କୁ ଅଧିକ ମିଳନ୍ତା ॥
ଶୁଣ ମନ ଧର୍ମ ଧନ ହୁଅଇ ସଞ୍ଚିତ ।
ତେବେ ତାକୁ ବଇକୁଣ୍ଠ ହୁଅଇ ପ୍ରାପତ ॥
ଶୁଣ ମନ ହେତୁକରି ଧର୍ମ ଏହା ସତ ।
ଧର୍ମରେ ଧରଣୀ ଜାଣ ଅଟେ ଏ ଜଗତ ॥
ଧର୍ମ ଅଧର୍ମ ଯେ ପାପ ପୁଣ୍ୟ ଏହି ସ୍ଥିର ।
ସ୍ୱର୍ଗ ନର୍କ ଧାତା ଏହା ଅଛଇ ବିସ୍ତାର ॥
ଦୟା ଧର୍ମକୁ ଆଶ୍ରୟ କରଇ ଯେଉଁ ନର ।
ଦେହାନ୍ତେ ସେ ଲୋକ ଯାଇଁ ବସଇ ସ୍ୱର୍ଗପୁର ॥
ସୁବାସ ଚନ୍ଦନ ଆଉ ବସ୍ତ୍ର ଅମଳାନ ।
ପାରିଜାତ ପୁଷ୍ପଗଣେ ହୋଇଣ ମଣ୍ଡନ ॥
ନାସ୍ତିନ୍ତରେ ରହିଇ ସେ ସୁଧାପାନ କରି ।
ପୁଣ୍ୟବନ୍ତ ପ୍ରାଣୀଙ୍କ ଯେ ମିଳଇ ଏପରି ॥
ଅଧର୍ମ ପାପ ଆଶ୍ରୟ କରଇ ଯେଉଁ ନର ।
ତାହାକୁ ବହୁତ ଦଣ୍ଡ ଦିଏ ନାଶକର ॥
ଦୂତଙ୍କୁ ବୋଲଇ ସେହୁ ଏ ପାପିଙ୍କ ନିଅ ।
ରୌରବ ନର୍କରେ ଏହାଙ୍କୁ ବନ୍ଧନ ପକାଅ ॥
ଆଜ୍ଞା ପରମାଣେ ସେହି ଯମର ଦୂତଗଣ ।
ସେ ନର୍କକୁଣ୍ଡରେ ତାଙ୍କୁ ପକାନ୍ତି ସତ୍ୱର ।
ପ୍ରେତପିଣ୍ଡରେ ଭରଣ ବହୁ ଦଣ୍ଡ ଦିଅନ୍ତି ।
ଖର ନଖ ତୁଣ୍ଡୀ ଘେନି ଚକ୍ଷୁକୁ ଖୋଳନ୍ତି ॥
ତାହାର ଦେହକୁ କାଟି କରି ଖଣ୍ଡ ଖଣ୍ଡ ।
ବିବିଧ ପ୍ରକାରେ ତାଙ୍କୁ ଦେଉଥାନ୍ତି ଦଣ୍ଡ ॥
ଧର୍ମଥିଲା ପ୍ରାଣୀମାନେ ଇହ ପର ଜିଣି ।
ତାହା ଉପରେ ସନ୍ତୁଷ୍ଟ ଥାନ୍ତି ଚକ୍ରପାଣି ॥
ଶ୍ରୀମନ୍ତ ପୁରୁଷ ତାର ଅବଗୁଣ ନାହିଁ ।
ମରୁଁ ସେ ଲୋକ ପୂଜା ଉତ୍ତମରେ ପାଇ ॥

ଏହି କଥା ହେତୁକରି ମନେ ରଖ ମନ ।
ଶ୍ରୀକୃଷ୍ଣଙ୍କ ବିନୁ ଗତି ଅନ୍ୟେ ନାହିଁ ଜାଣ ॥
ତୁ ଯେ ପୁଚ୍ଛାକଲୁ ମନ ଅନ୍ଧ ଖଞ୍ଜ ଜନ ।
ଦରିଦ୍ର ଭିକ୍ଷୁକ ଯେତେ ନ କହେ ବଚନ ॥
କାଳ ଆଦି ଗର୍ବେ ଯେତେ ପାପ କରିଥାନ୍ତି ।
ସେ ଦୋଷରେ ପ୍ରାଣୀମାନେ ଏ ଦଶା ହୁଅନ୍ତି ॥
ଅନ୍ଧ କାଲ ଗୁଙ୍ଗା ଖଞ୍ଜା ଏହିମାନେ ଜନ ।
ଏମାନେ ଭୋଗୁଅଛନ୍ତି ପୂର୍ବ ପାପମାନ ॥
ସେମାନେ ପାପ କରିଣ ଅଛନ୍ତି ବହୁତ ।
ସେହେତୁ ଦଣ୍ଡ ଭୋଗନ୍ତି ଏ ଜନ୍ମେ ଏମନ୍ତ ॥
ଜଗତ ପିତା ବ୍ରହ୍ମାଙ୍କ ବାକ୍ୟ ଦୂରକରି ।
ଅଗମ୍ୟପଥେ ଗମନ କଲେ ନର ନାରୀ ॥
ତେଣୁ ନାନା ଦୁଃଖରେ ସେ ହୁଅନ୍ତି କାତରେଣି ।
ଅକର୍ମକୁ ସେହିମାନେ କର୍ମ ପ୍ରାୟ ମଣି ॥
ଦୁଃଖଭୋଗି ଧର୍ମକୁ ସେ ନିନ୍ଦା କରୁଥାନ୍ତି ।
ପୂର୍ବ ଅର୍ଜିତ କର୍ମ ସେ ପାଉଥାନ୍ତି ଶାସ୍ତି ॥
ସୁଜନ ଜନମାନେ ଯେ ଭଲକର୍ମ କରି ।
ଏ ଭବସାଗରୁ ସୁଖେ ଯାଉଛନ୍ତି ତରି ॥
ଶୁଣିଣ ସୁମନଙ୍କର ଆନନ୍ଦିତ ଚିତ୍ତ ।
କହଇ ମାଧବ ଏହା ସୁନ୍ଦର ସାଧୁପଥ ॥

ମାନସିକ ପୂଜା ।

ଏଥୁଅନନ୍ତରେ ପୁଣି ମନ ନୃପମଣି ।
ଚଇତନ ପାଦେ ପଡ଼ି ପୁଚ୍ଛେ ପୁଣ ପୁଣି ॥
ଆହେ ଚଇତନ ତୁମ୍ଭ କୃପା ଅନୁଗ୍ରହେ ।
ଥୋକେ ଚରିତ୍ର ଶୁଣିଲି ପ୍ରଭୁଙ୍କର ଭାଗ୍ୟେ ॥
କରୁଁ ପେ ଏ ସଂସାରରୁ ହୋଇବି ମୁଁ ପାର ।
କରୁଁ ପେ ଭଜିବି ମୁହିଁ ପ୍ରଭୁଙ୍କ ପୟର ॥
ହରିଙ୍କ ଦୟା କରୁଁ ପେ ହୋଇବ ଯେ ମୋତେ ।
ଚୈତନ୍ୟ ବୋଇଲେ ମନ ଶୁଣ ଏକଚିତ୍ତେ ॥
ଏ ଜୀବ ପିଣ୍ଡରୁ ଯେବେ ହୋଇବ ଅନ୍ତର ।
ତେତେବେଳେ ଦିଶିବ ଯେ ନାନା ଭୟଙ୍କର ।
ଆପଣାର କଲାକର୍ମ ମୂର୍ତ୍ତିମନ୍ତ ହୋଇ ।
ଜୀବନ୍ତେ ଯେତେକ ଜୀବ ମାରିଥାଇ ସେହି ॥
ପ୍ରାଣ ଯିବାବେଳରେ ଯେ ହୋଇ ପରବେଶ ।
ବିକଟବଦନ ବଡ଼ ଭୟଙ୍କର ବେଶ ॥

କୁକୁର ଶୃଗାଳ ଆଉ ଗୃଧ୍ର କାକରୂପେ ।
ଆବର ବ୍ୟାଘ୍ର ଭଲ୍ଲୂକ ମାର୍ଜାର ସ୍ୱରୂପେ ॥
ଏହିପରି ନାନା ଜୀବ ଭୟଙ୍କର ବେଶେ ।
ପ୍ରାଣ ଯିବାବେଳେ ସେ ଦେଖନ୍ତି ଚୌପାଶେ ॥
ନାଗସର୍ପମାନେ ଆସି ଫଣାକୁ ବିସ୍ତାରି ।
ତାହାକୁ ଭୟ ଦେଖାନ୍ତି ଗର୍ଜି ନାଦକରି ॥
ମରିବାର ବେଳକୁ ଏ ଦର୍ଶନ ସମସ୍ତ ।
ଭୟରେ ସେ ପ୍ରାଣୀ ବଡ଼ ହୁଅଇ ତ୍ରସ୍ତ ॥
ରାମନାମ କହିବାକୁ ଶକ୍ୟ ତାର କାହିଁ ।
ସହସ୍ର ଗନ୍ଧର୍ବ ତାକୁ ଜଗିଥାନ୍ତି ତହିଁ ॥
ରାମ ଗୋବିନ୍ଦ ଯେବେ ତୁ ବୋଲିବୁ ତୋ ତୁଣ୍ଡେ ।
ସମସ୍ତେ ଏ ଲୋହଦଣ୍ଡେ ପିଟିବୁଁ ତୋ ମୁଣ୍ଡେ ॥
ହାଡ଼ ପଞ୍ଜରା କରିବୁଁ ତୋର ଖଣ୍ଡ ଖଣ୍ଡ ।
ଅନେକ ପ୍ରକାରେ ତୋତେ ଦେବୁଁ ଆମ୍ଭେ ଦଣ୍ଡ ॥
ଦେବତାଙ୍କର ମାୟା ଯେ ଅଟଇ ଏମନ୍ତ ।
ରାମନାମ ଧଇଲେ ଏ ଯିବ ସ୍ୱର୍ଗପଥ ॥
ଯମର ତାଠାରେ କେବେ ନାହିଁ ଅଧିକାର ।
ନିଶ୍ଚିନ୍ତେ ଆସିବ ସେ ଏହି ସ୍ୱର୍ଗପୁର ॥
ଏଡ଼େ ମହାପାତିର ନ ବାହିବ ମୁଖକୁ ।
ଏହି ବଗରେ ଗନ୍ଧର୍ବେ ଡରାନ୍ତି ତାହାକୁ ॥
ଦେବତାମାନଙ୍କର ଯେ ଏମନ୍ତ କପଟ ।
ପିଣ୍ଡେ ପ୍ରାଣ ଥାଉଁ ସେହୁ ହୁଏ ଛଟପଟ ॥
ତେଣୁକରି ସେହି ଲୋକ ମହାଭୟ ପାଇ ।
ଘଡ଼ିଳ ଘଣ୍ଟ ସେ ଜୀବ ମୋହ ଯାଉଥାଇ ॥
କାହାକୁ କଷ୍ଟ କହିବ ନ ଫିଟଇ ତୁଣ୍ଡ ।
ତାପ ଅନଳ ତାହାର ଦହୁଥାଇ ପିଣ୍ଡ ॥
ବେଢ଼ି ବସିଥାନ୍ତି ତାକୁ ସର୍ବ ବନ୍ଧୁ ଜନ ।
ତା ଭୟ ବିନାଶକ କେ ନୁହନ୍ତି ଭଞ୍ଜନ ॥
ପିଣ୍ଡ ଛାଡ଼ି ଜୀବ ଯିବାପରେ କରେ ଲୋଭ ।
ବାହାରୁଥାଏ ଏଷଣି ଦେହେ ଏ ପ୍ରାଣୀଭବ ॥
ଏହିପରି ସମୟରେ ଯମର ଚାକର ।
ତା ପିଣ୍ଡରୁ ପ୍ରାଣ ବେଗେ କରନ୍ତି ବାହାର ॥
ଯାତନାପଥରେ ତାକୁ ନିଅନ୍ତି ଘୋଷାରି ।
ନାନାବିଧ ପରକାରେ ଦଣ୍ଡମାନ ଦେଇ ॥
ଯେତେ ପାପ ପୂର୍ବ ଜନ୍ମେ ଥାଏ ସେ କରିଣ ।
କେତେ ତା'ପାପ ଏ ଜନମେ ଭୋଗଇ ସେ ଜାଣ ॥

କର୍ମ ଅନୁସାରେ ପୁଣି ଜନମ ହୁଅଇ ।
ଧର୍ମଶାସ୍ତ୍ର ପୁରାଣରେ ଯେମନ୍ତ ଘୋଷାଇ ॥
ସେହି ଅନୁରୂପେ ତାକୁ ମିଳଇ ଯେ ଭୋଗ ।
ବିଧାତା ଘଟାଇ ତାହା କରଇ ସଂଯୋଗ ॥
ହେ ମନ ଜୀବରେ ଦୟା ନାମେ ଆଶ୍ରାକର ।
ନିଶ୍ଚିନ୍ତେ ତରିଣ ଯିବୁ ଏ ଭବସାଗର ॥
ଅନେକ ପ୍ରକାରେ ତୋତେ କହୁଅଛୁ ମୁହିଁ ।
ମୋର କଥା କର ମନ ଏକଚିତ୍ତ ହୋଇ ॥
ପରକୁ ମନେ ପ୍ରମାଦ ଚିନ୍ତେ ଯେଉଁଜନ ।
ସେହି ଲୋକ ବିଷ୍ଣୁଦ୍ରୋହୀ ଭଲକରି ଜାଣ ॥
ପରମ ଗତିକି ସେହି ଲଭି ନ ପାରଇ ।
ତାହାଠାରୁ ମହାପାପୀ ସଂସାରରେ ନାହିଁ ॥
ଜଳ ଅନ୍ନ ବସ୍ତ୍ରଦାନ ମହାବ୍ରତମାନ ।
ଯେ ଏହା କରନ୍ତି ତାଙ୍କ ଜନ୍ମ ଅଟେ ଧନ୍ୟ ॥
ଇହ ପରଲୋକରେ ସେ ଗତି ମୁକ୍ତି ପାଇ ।
ଜୀବନ୍ତେ ସାଧୁ ସାଧୁ ଯେ ମଲେ ସ୍ୱର୍ଗେ ଯାଇ ॥
ନାମର ଆଶ୍ରୟ କଲେ ପାପ ଯାଏ ନାଶ ।
ଜୀବ ଅନ୍ତେ ଯାଏ ସେହି ବିଷ୍ଣୁଙ୍କର ପାଶ ॥
ତାହାକୁ ଲାଗଇ ନାହିଁ ଭବବନ୍ଧ ମାୟା ।
ସବୁବେଳେ ଶୁଦ୍ଧମନ୍ତ ଅଟେ ତାର କାୟା ॥
ତେଣୁ ତାହାକୁ ପରମ ଗତି ଲାଭ ହୋଏ ।
ସଂସାରର ମାୟାମୋହ ମଣେ ତୁଚ୍ଛପ୍ରାୟେ ॥
ତୁ ଏବେ ସୁମନ ଏହା ହେତୁକରି ଶୁଣ ।
ହୃଦପଦ୍ମ ମଧ୍ୟରେ ଯେ ଚିନ୍ତ ନାରାୟଣ ॥
ଗର୍ବକୁ ଛାଡ଼ି ଶ୍ରୀକୃଷ୍ଣ ପାଦେ ରଖ ମନ ।
ବୃଥାରେ ସମୟ ତୁହି ନ କର କ୍ଷେପଣ ॥
ଘର ବାହାରେ ଅଛନ୍ତି ସବୁଠାରେ ହରି ।
ଏକଥା ତୋହର ମନେ ନ ଘେନୁ ବିସ୍ମରି ॥
ପାରିଲେ ଉଡ଼ାଣି ତୁହି ରଖ ଯେ ପବନ ।
ତେବେ ନିର୍ମଳ ହୋଇବ ତୋର ଆତ୍ମାଜ୍ଞାନ ॥
ଚଞ୍ଚଳ ଚିତ୍ତକୁ ତୋର ରଖ ସ୍ଥିରକରି ।
ତତ୍ତ୍ୱକୁ ତୋ ନବଦ୍ୱାରେ କବାଟ ଦୁଆରି ॥
ଷଡ଼ଅନ୍ଧର ଆବର ପଚିଶ ପ୍ରକୃତି ।
ସମକଲେ ଛାଡ଼ିବ ତୋ ତ୍ରିଗୁଣ ବିପତ୍ତି ॥
ଜାଗ୍ରତେ ଜାଗିବୁ ଯେବେ କେବେ ନ ଶୋଇ,
ନିର୍ମଳ ହୋଇଣ ତାର ଜ୍ୟୋତି ପ୍ରକାଶଇ ॥

Digitized by srujanika@gmail.com

ତ୍ରିବେଣୀ ଶିଖରୁ ଦେଖ ବହୁଅଛି ନୀର ।
ସେହି ସ୍ଥାନରେ ରହିଣ ଅଛନ୍ତି ଶଙ୍କର ॥
ନିଶ୍ଚଳ ଆସନେ ଯେବେ ଚିତ୍ତକୁ ରଖିବୁ ।
ତ୍ରିକୂଟ ଉପରେ ତେବେ ଯାଇ ତୁ ଦେଖିବୁ ॥
ନ ଜାଣୁନା ତୁହି ଶୂନ୍ୟମୂଳରେ ଅଛୁ ରହି ।
ପ୍ରାଣ ଯିବାବେଳେ ତୋତେ ନ ରଖିବେ କେହି ।
ନିମିଷ ମାତ୍ରକେ ତୁହି ପଡ଼ିଯିବୁ ତଳ ।
ସେତେବେଳେ ତୋତେ କେହି ରଖିବେ ସମ୍ଭାଳି
ଦୃଢ଼ମନ କରି ଏକା ଭଜ ନାରାୟଣ ।
ଡଙ୍ଗର ମନକୁ ତୋର ଦୂର କର ପୁଣ ॥
ସତ୍ୟ ବଚକୁ ତୁହି ମୁଖେ ବେକ୍ ଖଉ ।
ନିଶ୍ଚୟ ଜଳାପଡରୁ ଦେନ ରହିଁ ରହିଁ ॥
ଅନାମ ନାମକୁ ତୁହି ଜୀବରଥରେ ଧର ।
ଅଜପା ଜପିଲେ ତୁହି ହୋଇବୁ ଅଜାମର ॥
ତୋତେ ତୁହି ଦେଖକନା ଆନ କେହି ନାହିଁ ।
ପାଷାଣ୍ଡ ତର୍କକଥାକୁ ତେଜଦେ ଯେ ପଇ ॥
ବୃଥାକଥାକୁ ହେଜିଲେ ନିଶ୍ଚେ ହେବୁ ନାଶ ।
ସଂସାରେ ଦେହ ଧରିବା ପ୍ରୟୋଜନ କିସ ॥
ଦହନ ହୋଇଣ ଯିବ ତୋହର ଶରୀର ।
ତୋ ଆତ୍ମା ରହିବ ଯାଇଁ ଶମନ ନଗର ॥
ଚିତ୍ତକୁ ସ୍ଥିରକରିଣ ଦଣ୍ଡେ କର ଲକ୍ଷ୍ୟ ।
ତହିଁକି ଆଉ କିଛି ନ ଥିବ ତୋର ଭୟ ॥
ଦେଖ ତୁ ପରମବ୍ରହ୍ମ ଅଛନ୍ତି ଅନାଦି ।
ପଞ୍ଚାଶତଷଡ଼ଭୁଜ ଅଛନ୍ତି ସେ ଭେଦି ॥
ଏହି ପୁଷ୍କାବନ୍ଧ ସିନା ସତପ୍ରାୟେ ଧେନି ।
ଗୋଲୋକ ମଣ୍ଡଳରେ ଯେ ଶୁଭୁଅଛି ଧ୍ୱନି ॥
ବଜାଅନ୍ତି ବେଣୁନାଦ ବଟମୂଳେ ରହି ।
ରସାକର ରହିଛନ୍ତି ବଙ୍କୁନାଳେ ଯାଇଁ ॥
ଭ୍ରମର ଗୁମ୍ଫାକୁ ତୁହି ଲକ୍ଷ୍ୟକର ଦେଖ ।
ଭକତି ହୋଇଲେ ତାଙ୍କୁ ଦେଖିବୁ ପ୍ରତ୍ୟକ୍ଷ ॥
ମନକୁ ନିଶ୍ଚଳ କରି ବ୍ରହ୍ମରନ୍ଧ୍ରେ ଧର ।
ମଣିମୟ ମଣ୍ଡପରେ ଦେଖ ତୁ ମୁରାରି ॥
ପିଣ୍ଡେ ପ୍ରାଣ ଥାଉଁ ଥାଉଁ କର ଏହି ଭାବ ।
ଦେଖ ସେ ସ୍ଥାନରେ ଜଗି ରହିଛନ୍ତି ଶିବ ॥
ରାସମଣ୍ଡପ ଉପରେ ଦେଖିବୁ ତୁ ଯାଇଁ ।
ରାଧିକା ପ୍ରସନ୍ନ ହେଲେ ସର୍ବ ସିଦ୍ଧ ହୋଇ ॥

ନିଶ୍ଚଳେ ଏବେ ତୁ ପଦ୍ମପାଦେ କର ଧ୍ୟାନ ।
ତେବେ ସିନା ଲଭିବୁ ତୁ ବୈକୁଣ୍ଠ ଭୁବନ ॥
ବ୍ରହ୍ମାଦି ଶଙ୍କର ଯେଉଁ ପାଦପଦ୍ମ ଧ୍ୟାନ୍ତି ।
ଅଜାମର ହୋଇଛନ୍ତି କଳ୍ପ କଳ୍ପ ରହି ॥
ସେ ପ୍ରଭୁଙ୍କ ଶ୍ରୀଚରଣେ କରିଲେ ଭକତି ।
ତେବେ ଯେ ବିନାଶ ହେବ ଭବଭୟ ଭ୍ରାନ୍ତି ॥
ଏମନ୍ତେ ଉଦୟ ହେବ ବ୍ରହ୍ମଜ୍ଞାନ ସନ୍ଧି ।
ଯୋଗିଜନମାନେ ଏହା ପାରନ୍ତି ଯେ ଭେଦି ॥
ଅନ୍ୟକୁ ଦୃଶ୍ୟ ନାହିଁବା ହୋଇବ ସେ ଜ୍ଞାନ ।
ଯାହାକୁ ଦୟା କରନ୍ତି ପ୍ରଭୁ ଭଗବାନ ॥
ସେହି ସେ ଜାଣିପାରିବ ଏହା ଭେଦାଭେଦ ।
ଆନକୁ ଦୃଶ୍ୟ ନୁହନ୍ତି ସେହି ପଦ୍ମପାଦ ॥
ଏବେ ତୁ ସୁମନ ହରିପାଦେ ଲକ୍ଷ୍ୟ କର ।
ଲକ୍ଷ୍ୟକଲେ ମୋରି ପରି ହେବୁ ଅଜାମର ॥
ପଛକୁ ନ ଥିବ ଆଉ ତୋର ମୃତ୍ୟୁଭୀତି ।
କି କରିପାରିବ ତୋର ସ୍ଥିର ଜନ୍ତୁମତ ॥
ଶୁଣିକରି କରଯୋଡ଼ି କହଇ ସୁମନ ।
ଏଥିକୁ ମୁହିଁ କିପରି ହୋଇବ ଭାଜନ ॥
ତୁମ୍ଭେ ଯା କହିଲ ତାହା ଅଗମ୍ୟ ଅଟଇ ।
ଏଥିମଧ୍ୟେ ଗମିବାକୁ ଶକ୍ତି ମୋର ନାହିଁ ॥
ମୁ ଯେବେ ଏହି କଥାକୁ କରିବି ସାହସ ।
ଦୁଇଆଡ଼େ ନୋହି ମୁହିଁ ମଧ୍ୟେ ଯିବ ନାଶ ॥
ନ ଜାଣି ସାଧିବ କେଉଁପରି ବ୍ରହ୍ମଜ୍ଞାନ ।
ଚିରକାଳ ବସି ଯାହା ନ ଜାଣେ ଈଶାନ ॥
ମାୟାଧାମେ ରହି ମନ ଭ୍ରମେ ଅହର୍ନିଶି ।
ମୁଁ କାହିଁପାରିବ ବ୍ରହ୍ମଜ୍ଞାନ ମଧ୍ୟେ ପଶି ॥
ଅଳପ ସୂକ୍ଷ୍ମରେ ସିନା ଯାହା ପାରି କରି ।
ଯେମନ୍ତେ ତରିବ ଏହି ଭବସିନ୍ଧୁବାରି ॥
ସେ ପାଦକମଳେ ରହେ ଯୋଗିଙ୍କର ଚିତ୍ତ ।
ତହିଁରେ ମନ ମୋର ନ ପଶେ କଦାଚିତ ॥
ପୁତ୍ର ଦାର କୁଟୁମ୍ବଙ୍କୁ ଆବୋରି ମୁଁ ଥିବ ।
ସଂସାରର ବିଧାନ ମୁଁ କେମନ୍ତେ ଛାଡ଼ିବ ॥
ଯାବତ ଗୃହବିଷୟ ସବୁ କରୁଥିବ ।
ଗୃହଧର୍ମେ ଥାଇଣ ମୁଁ ଯେମନ୍ତେ ତରିବ ॥
ଏଥିକୁ ବିଚାର କରି ବୁଦ୍ଧି ମୋତେ କହ ।
ଯେମନ୍ତେ ଉଦ୍ଧାର ହେବ ମୋର ପାପ ଦେହ ॥

Digitized by srujanika@gmail.com

ଏହି କଥା ମୋର ଆଗେ କହ ହେ ଚୈତନ ।
ଶୁଣି ଚୈତନ କହିଲେ ଶୁଣ ହେ ସୁମନ ॥
ଯାହା ପୁଚ୍ଛିଲୁ କହିବା ତହିଁର ବେଭାର ।
ଶ୍ରବଣରେ ପାନକର ତୁହି ସୁଧାଧାର ॥
ସଂସାରରୁ ତରିବାର ଯେମନ୍ତ ବିଧାନ ।
ତୋ ଆଗେ କହିବା ତାହା ଶୁଣ ଦେଇ ମନ ॥
ସଦା ପର ଅହଂକାରେ ଥାଏ ଯାର ମନ ।
ସେ କାହିଁ ଦେଖି ପାରିବ ପ୍ରଭୁ ଭଗବାନ ॥
ଗୋବିନ୍ଦର ନାମଗୋଷ୍ଟ ମୁଖେ ଯେବେ କହି ।
ତେବେ ସେ ଭବ ତାପର ବାଧା ନ ଲାଗଇ ॥
ସକଳ ଜୀବରେ ମନଂକର ସମବୁଦ୍ଧି ।
ତେବେ ତୁହି ତରିପିବୁ ଏ ଭବଜଳଧି ॥
ସାଧୁଏ ମିଳିବେ ଯେବେ ତୋର କର୍ମବଳେ ।
ଦଣ୍ଡେ ନିମିଷେ ବସିବୁ ପାଇଁ ତାଙ୍କ ମେଳେ ॥
ସଂସାରକ ସର୍ବକର୍ମ କରୁଥିବୁ ଠୁଳ ।
ବିଷ୍ଣୁଙ୍କ ପ୍ରୀତ୍ୟର୍ଥେ ତାହା ଅର୍ପିବୁ ସକଳ ॥
ବିଷ୍ଣୁଙ୍କର ଯେତେ ଦ୍ରବ୍ୟ ସବୁ ଠୁଳକରି ।
ମାନସିକ ମତେ ପୂଜା କରିବୁ ଶ୍ରୀହରି ॥
ଧ୍ୟାନମାର୍ଗେ ତୁହି ଯେବେ ଦେଖିବୁ ଶ୍ରୀମୁଖ ।
ଆଉ କି ରହିବ ତୋର ଭବତାପ ଦୁଃଖ ॥
ସଂସାର ବିଷୟେ ଥାଇ ତୁହି ଏହା କରି ।
ତେବେ ସେ ଭବସିନ୍ଧୁକୁ ସୁଖେ ହେବୁ ପାର ॥
ମନ କହିଲା କହିଲ ତୁମ୍ଭେ ଅସମ୍ଭବ ।
କିପରି ମିଳିବ ମୋତେ ବିଷ୍ଣୁ ପୂଜା ଦ୍ରବ୍ୟ ॥
କୁଟୁମ୍ବର ଜଞ୍ଜାଳେ ମୁଁ ନାନାଦୁଃଖେ ପଡ଼ି ।
ଆୟୁ ଯାଉଁ ହୋଇବ ଯେ ବେଳ ଦଶଘଡ଼ି ॥
କେଉଁଦିନ ମୋର ଥିବ ନ ଥିବ ବା ଅନ୍ନ ।
ଯେହିଦିନ ମନ ମୋର ହୋଇପିବ ଭ୍ରମ ॥
ବିଷ୍ଣୁଙ୍କ ପୂଜାକୁ ମୁହିଁ କାହିଁ ଯୋଗ୍ୟ ହେବି ।
କେତେବେଳେ ଗନ୍ଧପୁଷ୍ପ ତୋଳି ମୁଁ ଆଣିବି ॥
କେମନ୍ତ ପ୍ରକାରେ ଅବା ବିଷ୍ଣୁଙ୍କୁ ମୁଁ ଦେବି ।
ଏତେକ ଦ୍ରବ୍ୟ ଅବା ମୁଁ କିପରି ପାଇବି ॥
ଘରେ ନାହିଁତ ମୋହର କଡ଼ାଏ କଉଡ଼ି ।
କିପରି ଆଣିବି ମୁହିଁ ଏତେ ଦ୍ରବ୍ୟ ଲୋଡ଼ି ॥
ଭୋଖିଲେକ ଯେବେ ଅନ୍ନ ମାଗିବେ ବାଳକେ ।
ବୋଲିବା ପଣା ମା ତୁହି ନାହିଁ ଏତେବେଳେ ॥
ଏମନ୍ତ କହି ତାହାକୁ କଲେକ ନାରାଣ ।
କେଉଁମତେ ପାଇବି ମୁଁ କୃଷ୍ଣଲୀଳା ରସ ॥
ଶୁଣି ଚଇତନ ବୋଇଲେ ଶୁଣ ହେ ସୁମନ ।
ପଦେ ପଦେ କରି କହି ଦେବା ତା ବିଧାନ ॥
ତୁହି ବୋଲୁଅଛୁ ମୋତେ ନ ମିଳିବ ଦ୍ରବ୍ୟ ।
କେଉଁ ପ୍ରକାରେ ପୂଜିବି ଶିଶୁ ବାସୁଦେବ ॥
ଗୋଟି ଦିନରେ ଷାଠିଏ ଦଣ୍ଡ ଯେ ହୁଅଇ ।
ଏଥିରୁ ଦଣ୍ଡେକ ଯେବେ ପାରୁ ନାମ ଧ୍ୟାୟି ॥
ଯେବେ ଧନ ନାହିଁ ତୋର ନ ଲାଗେ କଉଡ଼ି ।
ଭାବରେ ସବୁ ପଦାର୍ଥ ଆଣ କିନା ଲୋଡ଼ି ॥
ବାଛିରେ ତୁ ନାନା ପୁଷ୍ପମାନ କର ଠୁଳ ।
ମନେ ମନେ ସେ ସବୁକୁ ଗୁନ୍ଥ ଧଣ୍ଡାମାଳ ॥
ଜାଇ ଯୂଇ କେତକୀ ଯେ ତୁଳସୀ ଦୟଣା ।
ମାଳତୀ ବକୁଳ ନାଗେଶ୍ୱର ଚୁରିଅନା ॥
ମଲ୍ଲୀ କୁରୁବେଲୀ ଚମ୍ପା କଥା କନିୟର ।
ତଗର ତଗ୍ରାଣ୍ଠ କୁନ୍ଦ ମାଧବୀ ମନ୍ଦାର ॥
ଏମନ୍ତ ନାନାବର୍ଣ୍ଣର ପୁଷ୍ପ ମାଳ ସ୍ମର ।
ଧ୍ୟାନରେ ଗୁନ୍ଥିବୁ ତୁହି ଅତି ଯତ୍ନ କରି ॥
ଆମ୍ବ ପଣସ କଦଳୀ ବେଲ ନଡ଼ିଆଳ ।
ଟଭା ନାରଙ୍ଗ କମଳା ଲେମ୍ବୁ କନ୍ଦମୂଳ ॥
ଖିରି ଖେଚଡ଼ି ଆବର ଅଧାମ ଶାକର ।
ଖଣ୍ଡ ଖଜା ଛେନାପଣା ଦଧି ଦୁଗ୍ଧସର ॥
ଏହିପରି ନାନାଦ୍ରବ୍ୟ ମନେ ଠୁଳକରି ।
ବିଷ୍ଣୁଙ୍କୁ ସ୍ନାନ କରାଇ ଦେବୁ ଗଙ୍ଗାବାରି ॥
ପରୁ ଝିନବାସରେ ଶ୍ରୀ ଅଙ୍ଗ ପୋଛିଦେବୁ ।
ଅମଳାନ ବାସ ଘେନି ତାଙ୍କୁ ପିନ୍ଧାଇବୁ ॥
ଦେବାଙ୍ଗ ପାଟଦୋଷଡ଼ା ଅଙ୍ଗରେ ଖଞ୍ଜିବୁ ।
ସୁବର୍ଣ୍ଣର ଆସନରେ ନେଇ ବସାଇବୁ ॥
ନାନାବର୍ଣ୍ଣର କୁସୁମ ଯେତେ ଧଣ୍ଡାମାଳ ।
ସବୁ ଲମ୍ବାଇବୁ ନେଇ ପ୍ରଭୁ ବକ୍ଷସ୍ଥଳ ॥
ନାନା ରତ୍ନ ଅଳଙ୍କାରେ ମଣ୍ଡଣି କରିବୁ ।
ଚନ୍ଦନ କର୍ପୂର ତାଙ୍କ ଅଙ୍ଗେ ବୋଳିଦେବୁ ॥
ସଂକଳ୍ପ ପଦାର୍ଥ ସବୁ ଠୁଳକରି ଆଣି ।
ଧ୍ୟାନେ ନୈବେଦ୍ୟ କରିବୁ ଶଙ୍ଖ ଚକ୍ରପାଣି ॥
ନୈବେଦ୍ୟ ମନ୍ତ୍ର ଯାହା ଗୁରୁ ଥିବେ କହି ।
ସେହି ମହାମନ୍ତ୍ରେ ତାଙ୍କୁ ନୈବେଦ୍ୟ ଦେଇ ॥

Digitized by srujanika@gmail.com

ସ୍ଥିର ସତ୍ତ୍ୱ ମସ୍ତକରେ ଯୋଡ଼ ବେନି କର ।
ପୁଣିହି ମାଧବ ପଦରୁ ମନ କରି ସ୍ଥିର ॥
ଏମନ୍ତ କହିଲ ଦେଖିଛୁ ତାଙ୍କ ପଦ୍ମମୁଖ ।
ଆଉ ତୋ ଶରୀରେ ରହି ପାରିବ କି ଦୁଃଖ ॥
ଇହଲୋକେ କରିଥିଲୁ ତୁହି ଯେତେ ପାପ ।
ପ୍ରଥମ ଦିବସେ ସବୁ ହୋଇଯିବ ଲୋପ ॥
ସଂସାରିକ ଘୋରତାପ ହେବ ତୋ ବିନାଶ ।
ରବି ଉଦେ ହେଲେ ଯେହ୍ନେ ଅନ୍ଧକାର ନାଶ ॥
ଦିନକେ ନିମିଷେ ଯେବେ ପାରୁ ଏହା କରି ।
ତେବେ ତୁ ନିସ୍ତରି ଯିବୁ ଭବସିନ୍ଧୁ ବାରି ॥
ସଂସାରରେ ଥାଇ ଏହା କରେ ଯେଉଁ ଜନ ।
କେ ଅନ୍ତ କରି ପାରିବ ତାହାର ଯେ ପୁଣ୍ୟ ॥
ସେହିଲୋକ ସଂସାରରୁ ନିସ୍ତରି ଯିବ ତରି ।
ପଦ୍ମପତ୍ରେ ଯେସନେକ ନ ଲାଗଇ ବାରି ॥
ମାନସିକ ପୂଜା ଏହୁ ଋଷିଙ୍କର ମତ ।
ନିତ ଧ୍ୟାନେ ଏପରି ସେ ପୂଜନ୍ତି ଅଚ୍ୟୁତ ॥
ବିଶ୍ୱାସରେ ସର୍ବଦ୍ରବ୍ୟ କରିଥାନ୍ତି ଠୁଳ ।
ନେତ୍ରକୁ ବୁଜି ପୂଜନ୍ତି ଧ୍ୟାନେ ଆଦିମୂଳ ॥
ଏହିପରି ସ୍ୱବଗ୍ରାହୀ ବଶ ଯେ ହୁଅନ୍ତି ।
ଏ ଭବସାଗରୁ ତାକୁ ଉଦ୍ଧରି ନିଅନ୍ତି ॥
ତୁହି ଏବେ ସୁମନ ହୋ ଏହିରୂପେ କର ।
ଯେବେ ନ ଛାଡ଼ିବୁ ତୁହି ସଂସାର ବେଭାର ।
କେବଳ ଦେବା ଦସ୍ତରେ ହୃଦମାତ୍ର ଥିବ ।
ଭବଜଳେ ଥିଲେ ତୋର ଅନିଷ୍ଟ ନୋହିବ ॥
ଶୁଣିଣ ସନ୍ତୁଷ୍ଟ ହେଲା ସୁମନରାଜନ ।
ଚୈତନ ପାଦେ ପଡ଼ି ହୋଇଲା କାର୍ପୁଣ୍ୟ ॥
ତୁମ୍ଭର ମୁଖୁ ଶୁଣିଲି ବିଷ୍ଣୁ ପୂଜାରୀତି ।
ପବିତ୍ର ହୋଇଲି ଆତ୍ମା ଲଭିବ ମୁକତି ॥
ମନଠାରୁ ଏହା ଶୁଣି ହରଷ ଚୈତନ୍ୟ ।
କହଇ ମାଧବ କୃଷ୍ଣପାଦେ ରଖି ମନ ॥

ବିରୂପାକ୍ଷ ଶବରର ଉପାଖ୍ୟାନ ।

ପୁନଶ୍ଚ ମନରାଜନ ଚୈତନକୁ ଚାହିଁ ।
କହିଲା ଆହେ ପଣ୍ଡିତ କଥାଏ ପୁଚ୍ଛଇ ॥
ଯେଉଁ ଭକ୍ତକଥା ମୋତେ ବୁଝାଇ କହିଲ ।
ତହିଁରେ ମୋହ ମନର ସଂଶୟ ନାଶିଲ ॥
ଏବେ ଏଥିରୁ ଉଶ୍ୱାସ କଥା ଥିଲେ କହ ।
ଶୁଣିଣ ସନ୍ତୁଷ୍ଟ ହେଉ ମୋର ମନ ଦେହ ॥
ରହିଛନ୍ତି ଏ ଦେହରେ ପାଞ୍ଚଗୋଟି ମନ ।
ସେମାନଙ୍କର ପ୍ରକୃତି ଅଟେ ଭିନ୍ନ ଭିନ୍ନ ॥
ଯେତେବେଳେ ବସି ମୁହିଁ ପୂଜୁଥିବ ହରି ।
ବାଞ୍ଛାରେ ସମସ୍ତ ଦ୍ରବ୍ୟ ଥିବ ଠୁଳକରି ॥
ବିଷ୍ଣୁ ପୂଜା କରୁଥିବ ହୋଇ ଏକଚିତ୍ତେ ।
ତେତେବେଳେ ମନସବୁ ହେଲେ ବିଚଳିତ ॥
ତତକ୍ଷଣେ ଭାଙ୍ଗିଯିବ ସକଳ ସମ୍ଭାର ।
ଆଉତ ଦୃଶ୍ୟ ନୋହିବେ ମୋତେ ଚକ୍ରଧର ॥
ସେହି ସମୟରେ ମୁହିଁ କରିବଇଁ କିସ ।
ଏହା ଭଲ ଭଲ ମୋର ଉଡ଼ୁଛି ସାହସ ॥
ପାଞ୍ଚମନ ପରଶ ଯେ ପ୍ରକୃତି ଅଛନ୍ତି ।
ସେମାନଙ୍କୁ ଦମନ କରିବା ମୋର ନାହିଁ ଶକ୍ତି ॥
ଏମାନେତ ଯେ ଯାହାର ଅବଗୁଣ ରୀତ ।
ସେ ସମୟେ ଦେଖାଇଲେ ହେବ ଅଭକ୍ତତ ॥
ଏ ମୋ ଆତ୍ମାକୁ କରିବେ ବୋଲି ସେ ବିନାଶ ।
ନାନାମାର୍ଗେ ଚଳିବାକୁ କରିବେ ମୁହାଁସ ॥
ଏହାଙ୍କ ଯେଉଁ ସ୍ୱଭାବ କରୁଥିବେ ଏହି ।
ନିରୂପେ ଭକ୍ତି କରିଣ ତରିବଇଁ ମୁହିଁ ॥
ସ୍ୱାର ପ୍ରତିକାର ମୋତେ କହ ଚୈତନ ।
ତେବେ ଯେ ସନ୍ତୁଷ୍ଟ ହେବ ଏ ମୋହର ମନ ॥
ଶୁଣି ଚୈତନ୍ୟ ବୋଇଲେ ହସ ହସ ହୋଇ ।
ଯେତେପ୍ରକାରେ କହିଲୁଁ ବୋଧୁ ନ ପାରଇ ॥
ଆଉ କେଉଁ ପରକାରେ ବୁଝାଇବି ତୋତେ ।
ଏବେ ଯା କହୁଛୁଁ ମନ ଶୁଣ ଏକଚିତ୍ତେ ।
ଅଟନ୍ତି ଏ ବ୍ରହ୍ମାଣ୍ଡର ନାଥ ନାରାୟଣ ।
ତାଙ୍କର ନାମକୁ ସଦା କର ଉଚ୍ଚାରଣ ॥
ଜଗନ୍ନାଥ ଜଗଦାତ୍ମା ମୁକୁନ୍ଦ ମାଧବ ।
ନରହରି ଦଇତ୍ୟାରି କୃଷ୍ଣ ବାସୁଦେବ ॥
ପରମାନନ୍ଦ ଗୋବିନ୍ଦ ଶ୍ରୀ ମଧୁସୂଦନ ।
ନାରାୟଣ ଚକ୍ରପାଣି ଅଚ୍ୟୁତ ଶ୍ରୀରାମ ॥
ପଦ୍ମନାଭ ହୃଷୀକେଶ ପ୍ରଭୁ ଜନାର୍ଦ୍ଦନ ।
ଏହାଙ୍କୁ ସଦା ହୃଦରେ କର ତୁ ଭଜନ ॥
ଏକାବେଳେ ନ ପାରିଲେ କ୍ରମେ କ୍ରମେ କର ।
ମନଇଚ୍ଛା କରୁଥାଅ ସଂସାର ବେଭାର ॥

Digitized by srujanika@gmail.com

ପ୍ରତ୍ୟକ୍ଷେ ଏମନ୍ତ କହିଲେ ମନ ନର ବର ।
ଏ ଭବସାଗରୁ ସୁଖେ ହୋଇଯିବୁ ପାର ॥
ଜ୍ଞାନରେ ହେଉ ଅଥବା ଅଜ୍ଞାନରେ ହେଉ ।
ରାମନାମ ଯେ ଧରଇ ତରିଯାଏ ସେହୁ ॥
ସୁମନ କହିଲେ କହ ମୋ ଆଗେ ବିସ୍ତାରି ।
ରାମନାମ ଧରି ଭବୁ କେ ଯାଇଛି ତରି ॥
ଏହା କେଉଁଠାରେ ତୁମ୍ଭେ ଦେଖି ଶୁଣିଅଛ ।
ସତ୍ୟକରି କହିବ ଯେ ନ କହିବ ମିଛ ॥
ମିଥ୍ୟା କହିଲେ ପାଇବ ବହୁ ଅପରାଧ ।
ସୂକ୍ଷ୍ମ କହିଣ ମୋର ପାପଭାର ଛେଦ ॥
ଚଇତନ ବୋଇଲେ ଯେ ଶୁଣ ହେ ସୁମନ ।
କହିଦେବା ତୋତେ ଏବେ ତହିଁର ବିଧାନ ॥
ବିରୂପାକ୍ଷ ନାମେ ଥିଲା ଏକଇ ଶବର ।
ଜନ୍ତୁମାରି କୁଟୁମ୍ବଙ୍କୁ ନିତ୍ୟ ପୋଷେ ତାର ॥
ଏଥିରୁ ଆନ ବୃତ୍ତି ସେ ନ ଜାଣଇ ଆଉ ।
ଜାଲି ଜନ୍ତା ଅଠାକାଠି ଯୋଗେ ଧରେ ସେହୁ ॥
ସକାଳୁ ସନ୍ଧ୍ୟାଯାଏ ସେ ମାରୁଥାଏ ଜୀବ ।
ତିଳାର୍ଦ୍ଧେ ନ ଥାଏ ତାର ମନେ ଦୟାଭାବ ॥
ରାମନାମକୁ ଶୁଣିବ ସେହୁ କାହୁଁ କର୍ଣ୍ଣେ ।
ସକାଳୁ ସନ୍ଧ୍ୟାପର୍ଯ୍ୟନ୍ତ ବୁଲୁଥାଏ ବନେ ॥
ଧନୁ ନାରାଚକୁ ଧରି ସେହୁ ବୁଲୁଥାଇ ।
କ୍ଷୁଧା କଲେ ବନେ ମାଂସ ପୋଡ଼ିଣ ଭକ୍ଷଇ ॥
ଯେତେ ଜୀବ ତା ଦୃଷ୍ଟିରେ ପଡ଼େ ମାରି ଆଣେ ।
ଗୃହେ ବସିଥାଏ ତେଣେ ତାହାର ଘରଣୀ ॥
ଗୃହେ ଆସି ସେ ଜୀବଙ୍କୁ ସମର୍ପି ଦିଅଇ ।
ଏମନ୍ତ ପ୍ରକାରେ ସବୁଦିନେ ସେ ବର୍ତ୍ତଇ ॥
କେତେଦିନ ଗତେ ସେହୁ ଅଠାକାଠି ଧରି ।
ବନମଧ୍ୟରେ ପଶିଲା ପକ୍ଷୀଜୀବ ମାରି ॥
ଦୈବେ ସେହିଦିନ କାର ପୋଷା ଶୁଆଟିଏ ।
ପଳାଇଣ ଆସିଥିଲା ବନ୍ଧନରୁ ଫିଟି ॥
ବୃକ୍ଷ ଉପରେ ନିଶ୍ଚିନ୍ତ ହୋଇ ବସିଥିଲା ।
ହରେ ରାମ ଗୋବିନ୍ଦ ତା ମୁଖେ କହୁଥିଲା ॥
ଦେଖିଣ ଶବର ଲତା ଉହାଡ଼କୁ ଗଲା ।
ଅଠାକାଠି ଲଗାଇଣ ଶୁଆକୁ ଧଇଲା ॥
ତତକ୍ଷଣେ ପଡ଼ିଲା ସେ ପକ୍ଷୀ ତଳେ ଲେଟି ।
ଯାଇଣ ଶବର ତାକୁ ଧଇଲା ସାଉଁଟି ॥

ମାରିବ ବୋଲିଣ ତାର ଚିପୁଥିଲା ତଣ୍ଟି ।
ବିକଳରେ ଶୁଆପକ୍ଷୀ ରାମନାମ ରଟି ॥
ଶୁଣିଣ ଶବର ବଡ଼ ଚକିତ ହୋଇଲା ।
ବିଚାରଇ ଏ କଥାତ ବିପରୀତ ହେଲା ॥
ପ୍ରତିଦିନ ମୁଁ ମାରଇ ନାନା ଜୀବଗଣ ।
କେହିତ ରାମ ବୋଲିବା ନ ଶୁଣିଲି କର୍ଣ୍ଣ ॥
ପ୍ରାଣ ନ ଯାଉଣୁ ପକ୍ଷୀ ବୋଇଲାକ ରାମ ।
ରାମ ବୋଲି ଯା କହିଲା ଏ କେବଣ ଧର୍ମ ॥
ଏ ପଦର ଅର୍ଥ ମୁହିଁ କିଛି ନ ଜାଣିଲି ।
ଏହାଲାଗି ଆଜଦିନ ବୃଥା ଗଞ୍ଜି ହେଲି ॥
ଯାହା ହେଉ ଏ କଥାରେ ସଂଶୟ ରହିଲା ।
ଏହା ଭବି ନ ମାରିଣ ଶୁଆକୁ ଛାଡ଼ିଲା ॥
ରାମନାମ ଗୋଟି ମୋର ହୃଦେ ରହିଥିବ ।
ଏଠାରୁ ଗଲେ ଘରକୁ ଲୋକଙ୍କୁ ପୁଚ୍ଛିବ ॥
ଏ ଉତ୍ତରୁ ଆଉ କେତେ ଜୀବଙ୍କ ପରାଣ ।
ସଂହାରି ତା ପତ୍ନୀପାଶେ କରି ସମର୍ପଣ ॥
ଶବରପଲ୍ଲିରେ ସେହି ପ୍ରବେଶିଲା ଯାଇଁ ।
କହିଲା ଅପୂର୍ବ କଥା ଶୁଣ ଆହେ ଭାଇ ॥
ଶୁଆପକ୍ଷୀ ଗୋଟିଏ ଯେ ଆଜ ମୁ ଧଇଲି ।
ରାମନାମ ବୋଲନ୍ତେ ମୁ ତାକୁ ଛାଡ଼ିଦେଲି ॥
ତୁମ୍ଭେମାନେ ଜାଣ କହ ଏଥିର ସନ୍ଦେଶ ।
ରାମନାମ ବୋଲିଣ ଯେ ଅଛି ପୁଣ କିସ ॥
ଗ୍ରାମରଲୋକ ବୋଇଲେ ଶୁଣ ଆହେ ଭାଇ ।
ଏଥିର ଉତ୍ତର ଦେବା ଶକ୍ତି ଆମ୍ଭ ନାହିଁ ॥
ଶବର ବୋଇଲା ଏହା ଯେବେ କେ କହନ୍ତା ।
ଏଥିପାଇଁ ମୋର ଘୋର ଚିନ୍ତା ନାଶଯାନ୍ତା ॥
ପୁନଶ୍ଚ ବୋଇଲେ ସର୍ବେ ଭାବୁଅଛ କିସ ।
ଅନ୍ୟ ଗ୍ରାମେ ଯାଇଁ ଏହା ବୁଝିକରି ଆସ ॥
ଏମନ୍ତ ଶୁଣି ଶବର ଭବେ ପର୍ଯ୍ୟମତ ।
ଦାରୁଣ ବିଧାତା କପାଳେ ଦେଲା ଏ ବିପତ୍ତି ॥
ଜନ୍ତୁ ମାରିବାର କଥା ମୋର କେଣେ ଗଲା ।
ରାମନାମ ପଦ ମୋତେ ଏତେ ଦୁଃଖ ଦେଲା ॥
ମରିବି କି ତରିବି କି କିଛି ନ ଜାଣିଲି ।
ରାମନାମ ପୁଛିଁ ପୁଛିଁ ଭେକରେ ମୁ ମଲି ॥
କୁଟୁମ୍ବର ଚିନ୍ତା ଆଉ କିଏ ବୁଝୁଅଛି ।
ମୁହିଁ ମରୁଛି ଲୋକଙ୍କୁ ଏହା ପୁଛି ପୁଛି ॥

ଏବେ ବୋଲ ଶବରର ଉଦବେଗ ହର ।
ଶୂଦ୍ରଗ୍ରାମକୁ ସେଠାରୁ ଚଳିଲା ତ୍ୱରିତ ॥
ପାଶୋରିବ ବୋଲି ଘୋଷୁଅଛି ରାମ ରାମ ।
ଯାଇଣ ପ୍ରବେଶ ହେଲା ଯହିଁ ଶୂଦ୍ରଗ୍ରାମ ॥
ସେଠାର ଲୋକମାନଙ୍କୁ ପଚାରିଲା ଯାଇଁ ।
ଶୁଆପକ୍ଷୀ ରାମ ବୋଲି ବୋଇଲା କପାଇଁ ॥
ରାମ ରାମ ବୋଲିବାର କେବଣ ଚରିତ ।
ଜାଣିଥିଲେ କହ ମୋତେ ଏଥିର ବୃତ୍ତାନ୍ତ ॥
ସେ ବୋଇଲେ ଥିଲା କାର ପୋଷାଶୁଆଗୋଟି ।
ତେଣୁ ରାମନାମକୁ ସେ ମୁଖେ ଅଛି ରଟି ॥
ଶବର ବୋଇଲା ସେହୁ ରାମ ବୋଲିବାର ।
ଶ୍ରବଣେ ଶୁଣିଲେ ତାହା ପାର କି ଅପାର ॥
ସେଲୋକେ ବୋଇଲେ ଏହା ଭଲ ଅଟେ ତୋତେ ।
ତାହାଙ୍କର ବଚନକୁ ନ ଗଲା ପରତେ ॥
ଅନ୍ୟ ଅନ୍ୟ ଗ୍ରାମରେ ସେ ପଚାରିଲା ଯାଇଁ ।
ପକ୍ଷୀ ରାମ ରାମ ବୋଲି ବୋଇଲା କପାଇଁ ॥
ସେମାନେ ବୋଇଲେ ଭଲ କିଛି ନ କହିର ।
ରାମନାମ ପଦ ଯେବେ ଶୁଣିଲୁ କର୍ଣ୍ଣର ॥
ଏହି କଥା ଗୋଟି ତୋତେ ଅତି ଶୁଭ ହେଲା ।
ପ୍ରତେ ନ କରି ଶବର ବାହୁଡ଼ି ଅଇଲା ॥
ଏହିପରି ମନେ ମନେ ଭାବଇ ପ୍ରତିଦିନ ।
କାହାର ଯୋଗେ ନୋହିଲା ସନ୍ଦେହ ଭଞ୍ଜନ ॥
ଶୟନ ଭୋଜନେ ସଦା ଭାବୁଥାଏ ସେହି ।
ପକ୍ଷୀ ରାମ ରାମ ବୋଲି ବୋଇଲା କପାଇଁ ॥
ଏହିପରି ଭାବୁ ଭାବୁ କେତେଦିନ ଗଲା ।
ଶବରର ମୃତ୍ୟୁକାଳ ପ୍ରବେଶ ହୋଇଲା ॥
ଜାଣି ଯମଦୂତେ ବେଗେ ହୋଇଲେ ପ୍ରବେଶ ।
କରେ ଲୌହଦଣ୍ଡ ଆଉ ଘେନି କାଳପାଶ ॥
ତାକୁ ନେବାପାଇଁ ତହିଁ ହେଲେ ଉପସ୍ଥିତ ।
ଏ ସମୟେ ବିଷ୍ଣୁଦୂତେ ଘେନି ସ୍ୱର୍ଣ୍ଣରଥ ॥
ଉପସ୍ଥିତ ହୁଅନ୍ତେ ଯମଦୂତେ ଭୟ ପାଇ ।
ପଳାଇ ଯାଇ ସେମାନେ ଖଣ୍ଡଦୂରେ ରହି ॥
ବିଷ୍ଣୁଦୂତଙ୍କୁ ବୋଇଲେ ଏମନ୍ତ ବଚନ ।
ଯମପଣ କାଟିଲେ କି ପ୍ରଭୁ ଭଗବାନ ॥
ଏ ଶବର ମହାପାପୀ ଅଟେ ଜୀବଦ୍ରୋହୀ ।
ଏହାକୁ କେମନ୍ତେ ନେବ ରଥରେ ବସାଇ ॥

ଏହାକୁ ନେଇଣ ଆମ୍ଭେ ଦ୍ୟନ୍ତୁ ଦଣ୍ଡ ମଣ୍ଡ ।
ବାନ୍ଧିଣ ପକାନ୍ତୁ ନେଇ ମହା ନର୍କକୁଣ୍ଡ ॥
କଳ୍ପେ ପର୍ଯ୍ୟନ୍ତେ ସେହି ନର୍କେ ପଡ଼ିଥାନ୍ତା ।
ତହିଁର ଉତ୍ତାରୁ ପଛେ ଯା ହେଲେ ହୁଅନ୍ତା ॥
ଏ ପାପୀକି ନେବ ଯେବେ ବଇକୁଣ୍ଠପୁର ।
ଯମର କାହାରେ ଆଉ ହେବ ଅଧିକାର ॥
ପୂର୍ବେ ଯମକୁ କହିଣ ଛନ୍ତି ବାସୁଦେବ ।
ଜୀବଦ୍ରୋହୀ ଲୋକେ ନେଇ ନର୍କେ ପକାଇବ ॥
ବିଶ୍ୱାସଘାତକ ଆଉ ଯେହୁ ଜୀବଦ୍ରୋହୀ ।
ପରର ଧନ କାଢ଼ି ଯେ ଆଣଇ ଚୋରାଇ ॥
ସାହୁଠାରୁ ଧନ ନେଇ ନ ଦିଅଇ ଯେହୁ ।
ଧର୍ମ କୀର୍ତ୍ତିମାନ ଭାଙ୍ଗେ ଯେହୁ କାହୁଁ କାହୁଁ ॥
ପତିବ୍ରତା ନାରୀକି ଯେ କରଇ ରମଣ ।
କୃଷ୍ଣେ ସମର୍ପିଲା ଧନ ଯେ କରେ ହରଣ ॥
ବ୍ରାହ୍ମଣୀ ସ୍ତ୍ରୀରଙ୍କୁ ଯେହୁ ରମେ ଇଚ୍ଛାକରି ।
ଦାନ କୀର୍ତ୍ତିମାନ ଯେହୁ ବଳାତ୍କାରେ ହରି ॥
ପରକୁ ପ୍ରମାଦ ଯେହୁ ଚିନ୍ତେ ଅହର୍ନିଶି ।
ସାଧୁଜନଙ୍କୁ ଯେ ନିନ୍ଦା କରୁଥାଏ ବସି ॥
ଗୋ ବ୍ରାହ୍ମଣ ସ୍ତ୍ରୀବାଳ ଯେ ପ୍ରାଣେ ବଧ କରେ ।
ପୋଷିବାର ଜୀବକୁ ଯେ ଭକ୍ଷପାଇଁ ମାରେ ॥
ବିଷ୍ଣୁପ୍ରତିମାକୁ ନିନ୍ଦା କରେ ଯେଉଁ ଜନ ।
ଭୃତ୍ୟଙ୍କୁ ଅଦୋଷରେ ଯେ ଦିଏ ଦଣ୍ଡମାନ ॥
ଏମାନଙ୍କ ପରେ ହେବ ତୁମ୍ଭ ଅଧିକାର ।
ବାନ୍ଧି ପକାଇବ ନେଇ ତାକୁ ନର୍କ ଘୋର ॥
ବିବିଧ ପରକାରରେ ଦଣ୍ଡମାନ ଦେବ ।
କଳ୍ପେ ପର୍ଯ୍ୟନ୍ତେ ତାକୁ ନର୍କେ ରଖିଥିବ ॥
ଯେବେ କି ପୂର୍ବର ପୁଣ୍ୟ କିଛି ଥିବ ତାର ।
ତେବେ ନର୍କରୁ ତାହାକୁ କରିବ ଉଦ୍ଧାର ॥
ଏମନ୍ତ ଯମକୁ କହିଥିଲେ ନାରାୟଣ ।
ଏବେ ସେ କଥା ମାନତ ହୁଏ ଅକାରଣ ॥
ବିଷ୍ଣୁଦୂତେ ବୋଇଲେ ହୋ ଶୁଣ ଯମଗଣ ।
ତୁମ୍ଭେ ଯାହା କହିଲଟି ସେ କଥା ପ୍ରମାଣ ॥
ଏ ଶବର ନ ଜାଣଇ କିଛି ପାପ ପୁଣ୍ୟ ।
କେବଳ ଜୀବ ମାରଣେ ଗଲା ସାରା ଦିନ ॥
ଏମାନଙ୍କର ଏହିତ ଅଟେ ଜାତିବୃତ୍ତି ।
ଭଲ ମନ୍ଦ ପାପ ପୁଣ୍ୟ କିଛି ନ ଜାଣନ୍ତି ॥

Digitized by srujanika@gmail.com

ଶୁଆପକ୍ଷୀ ମୁଖରୁ ଏ ଶୁଣି ରାମନାମ ।
କସ ଏ ବୋଲି ମୁଁ ଛିଲି ପାଇଁ ଗ୍ରାମ ଗ୍ରାମ ॥
ଗ୍ରାମ ଲୋକଙ୍କ କଥାରେ ବିଶ୍ୱାସ ନୋହିଲା ।
ତେଣୁ ସେ ନାମ ଏହାର ହୃଦେ ନୃତ୍ୟ କଲା ॥
ନିତ ଶ୍ରୀ ରାମନାମକୁ ସୁମରିଲା ଏହି ।
ଜନ୍ତୁବଧ ପାପ ଆଉ ଏହା ଦେହେଁ ନାହିଁ ॥
ଆଜଠାରୁ ତୁମ୍ଭେମାନେ ଥାଅ କର୍ଣ୍ଣେ ଶୁଣି ।
ଅଜ୍ଞାନେ ପାପ କରଇ ଯେବଣ ପରାଣୀ ॥
କେହ୍ନୁ ପାପ କେହ୍ନୁ ପୁଣ୍ୟ କିଛି ନ ଜାଣଇ ।
ସେ ଲୋକ ପଶୁସଙ୍ଗରେ ଗଣନା ହୁଅଇ ॥
ସେହି ଯେବେ ଅଜ୍ଞାନରେ ବୋଲେ ରାମରାମ ।
ସକଳ ପାତକ ତାରଂ ହୋଇବ ଦହନ ॥
ତାଙ୍କଠାରେ ଅଧିକାର ନ କରିବ ତୁମ୍ଭେ ।
ନାରାୟଣ ଶ୍ରୀମୁଖରୁ ଶୁଣିଅଛୁଁ ଆମ୍ଭେ ॥
ଏଥିକୁ ସଂଶୟ ତୁମ୍ଭେ ନ କର ଯେ କେହି ।
ଜନ୍ତ୍ରପତି ପାଶେ ଏହା କହ ବେଗେ ଯାଇ ॥
ଏତେ ବୋଲି ରଥରେ ଯେ ବସାଇଲେ ତାକୁ ।
ଅତିଶୀଘ୍ର ଘେନି ଗଲେ ବୈକୁଣ୍ଠପୁରକୁ ॥
ଶୁଣିଲୁ କି ମନରାଜା ନାମର ବୃତ୍ତାନ୍ତ ।
ଅଜ୍ଞାନେ ନାମ ଧରିଲେ ବଇକୁଣ୍ଠ ପ୍ରାପ୍ତ ॥
ଏବେ ତୁହି ମନରାଜା ନାମ ଆଶ୍ରେକର ।
ଏ ଭବସାଗରୁ ସୁଖେ ହୋଇଯିବୁ ପାର ॥
ଏହା ଶୁଣି ମନରାଜା ହରବେ ହେଲା ଭୋଳ ।
ଗୀତରେ କହେ ମାଧବ ଚନ୍ଦ୍ର ଆଦିମୂଳ ॥

ଅନନ୍ୟା ଗୋପାଳର ଦୃଢଭକ୍ତି ।

ପୁଣି ସୁମନ କହଇ ଆହେ ଚଇତନ ।
ଶବରର କଥା ଶୁଣି ହେଲି ଦିବ୍ୟଜ୍ଞାନ ॥
ଆଉ କିଛି କଥା ଥିଲେ କହ ଏହିପରି ।
ତୁମ୍ଭ ମୁଖରୁ ଶୁଣିଲେ ଯିବ ଭବୁ ତରି ॥
ଶୁଣି ଚୈତନ୍ୟ କହିଲେ ଶୁଣ ହେ ସୁମନ ।
ବିଷ୍ଣୁଦାସ ନାମେ ଥିଲା ଏକଇ ବ୍ରାହ୍ମଣ ॥
ବ୍ରହ୍ମଚାରୀ ବେଶରେ ସେ ନାନା ତୀର୍ଥ ଫେରି ।
ବୁଲି ବୁଲି ମିଳିଲା ସେ ଚମ୍ପାବତୀ ପୁରୀ ॥
ସେ ପୁରଲୋକେ ତାହାକୁ ଦେଖିଣ ସନ୍ତୋଷେ ।
ଆଦର ପାଇ ରହିଲା ତହିଁ ବିଷ୍ଣୁଦାସ ॥

ବସା ଦେଇ ତଣ୍ଡୁଳାଦି ସବୁ ସଥାଁ ଦ୍ୟନ୍ତେ ।
ଦାସେ ରହିଲେ କୋଡଏ ଦିବସ ପର୍ଯ୍ୟନ୍ତେ ॥
ତାଙ୍କୁ ସେମାନେ ବୋଇଲେ ଶୁଣ ହେ ବଚନ ।
ଦଶବରଷର ଛନ୍ତି ଦଶୋଟି ନନ୍ଦନ ॥
ଏ ପିଲାଙ୍କ କର୍ଣ୍ଣେ ତୁମ୍ଭେ ମହାମନ୍ତ୍ର ଦିଅ ।
ଅପ୍ରତିଷ୍ଠା ପିଲାଙ୍କୁ ଯେ ପ୍ରତିଷ୍ଠା କରାଅ ॥
ଶୁଣି ସେହି ବ୍ରହ୍ମଚାରୀ ବୋଲନ୍ତି ବଚନ ।
ଅକର୍ତ୍ତବ୍ୟ କଥାକୁ ମୁଁ କରିବ କେସନ ॥
ଶିଷ୍ୟର ଦେହରେ ଯେତେ ପାପମାନ ଥାଇ ।
ସେ ଗୁରୁ ସେହି ପାପର କାରେଣୀ ହୁଅଇ ॥
ଗୁରୁର ବଚନ ଶିଷ୍ୟ ହୃଦପଦ୍ମେ ଧରେ ।
ଏ ଭବସାଗରୁ ମହାସୁଖେ ଯାଏ ତରି ॥
ଶ୍ରୀଗୁରୁଙ୍କ ଚରଣରେ ଭକ୍ତି ଥାଏ ଯାର ।
ତାଠାରେ ପ୍ରସନ୍ନ ଥାନ୍ତି ପ୍ରଭୁ ଚକ୍ରଧର ॥
ଯେତେବେଳେ ଶିଷ୍ୟ ଗୁରୁ ପାଦତଳେ ପଡ଼େ ।
ତେତେବେଳେ ଶିଷ୍ୟ ସର୍ବ ପାପ ଯାଏ ଛାଡ଼ି ॥
ଗୁରୁ ଉପରେ ସେ ପାପ ହୁଅଇ ପତନ ।
ଯେବେ ସେ ଗୁରୁ ଆଶ୍ରୟି କରଏ ଭଗବାନ ॥
ତେବେ ସେ ଗୁରୁର ଠାରୁ ପାପ ହୋଏ କ୍ଷୟ ।
ନୋହିଲେ ସେ ଗୁରୁ ପଡ଼େ ନରକ କାଳୟ ॥
ରାମ ନାମ ନ ଧରଇ କେବେ କାଳ ତୁଣ୍ଡେ ।
ମାଳା ତିଳକ କାଷ୍ଠିଣ ବୁଲେ ଦାଣ୍ଡେ ଦାଣ୍ଡେ ॥
ଏହି ପରକାରେ ଯେଉଁ ଗୁରୁ ଶିଷ୍ୟ କରେ ।
ଦେହଅନ୍ତେ ସେ ପଡ଼ଇ ରୌରବ ନର୍କରେ ॥
ଏପରି କଥାକୁ ମୋତେ ଲାଗୁଅଛି ଡର ।
ଶୁଣି ସେ ଲୋକେ ବୋଇଲେ କିଛି ନ ବିଚାର ॥
ତୁମ୍ଭେ ତ ବ୍ରାହ୍ମଣ ଆଉ ବିଷ୍ଣୁପରାୟଣ ।
ତୁମ୍ଭଠାକୁ ପାପ କିପାଁ ଯିବ ଅକାରଣ ॥
ଅପ୍ରତିଷ୍ଠା ବାଳକଙ୍କୁ ପ୍ରତିଷ୍ଠା କରିବ ।
ଏଥୁ ଅଧିକ ସେ ପୁଣ୍ୟ କାହୁଁ ବା ପାଇବ ॥
ଶୁଣିଣ ସେ ବ୍ରହ୍ମଚାରୀ ସନମତ କଲେ ।
ସେ ଦଶପିଲାଙ୍କ କର୍ଣ୍ଣେ ମହାମନ୍ତ୍ର ଦେଲେ ॥
ଲଲାଟେ ତିଳକ କଣ୍ଠେ ତୁଳସୀର ମାଳ ।
ଦେଇ ଜ୍ଞାନ ଧ୍ୟାନ କଥା କହିଲେ ସକଳ ॥
ଏ ସମୟେ ସେ ଗ୍ରାମର ଗୋପାଳର ଶିଷ୍ୟ ।
ଲଉଡ଼ି ଧରି ମିଳିଲା ଗୁରୁଙ୍କର ପାଶ ॥

Digitized by srujanika@gmail.com

ଗୋରୁମାନେ ଯେ ଯାହାର ଗୃହେ ଚଳିଗଲେ ।
ଗୁରୁପାଶେ ସେ ବାଳକ ମିଳିଲ ସନ୍ଧ୍ୟାକାଳେ ॥
ବୋଇଲ ଗୋସାଇଁ ତୁମ୍ଭେ ମୋତେ ମନ୍ତ୍ର ଦିଅ ।
ଏହି ଗ୍ରାମଗୋପାଳର ଅଟେ ମୁହିଁ ପୁଅ ॥
ଶୁଣି ସେହି ବ୍ରହ୍ମଗୁରୁ ବୋଲେ ନାହିଁ ନାହିଁ ।
ତୁ ଗଉଡ଼ ପିଲ ତୋର ଚେତ ଜ୍ଞାନ କାହିଁ ॥
ଶୁଣିଣ ସେହି ବାଳକ ଗୃହେ ଚଳିଗଲା ।
ମାତା ପିତା ଆଗେ କାନ୍ଦି ଭୂମିରେ ପଡ଼ିଲା ॥
କାହିଁକି କାନ୍ଦୁଛୁ ବୋଲି ପୁତ୍ରକୁ ପୁଛିଲେ ।
ସେ ବୋଇଲ ଗୁରୁ ମୋତେ ମନ୍ତ୍ର ଯେ ନ ଦେଲେ
ତତକ୍ଷଣେ ପିତା ତାକୁ ସଙ୍ଗେ ଘେନି ଗଲା ।
ପଣ୍ଡିତରେ ପଡ଼ି ଅନେକ ପ୍ରକାରେ କହିଲା ॥
ପାଶେ ବସିଥିବା ଲୋକ ଅନେକ କହିଲେ ।
ଶୁଣିକରି ବ୍ରହ୍ମଗୁରୁ ସନମତ କଲେ ॥
ମାଥେ ତିଳକ ତୁଳସୀମାଳ କଣ୍ଠେ ଦେଇ ।
ଦକ୍ଷିଣ କର୍ଣ୍ଣରେ ତାର ମହାମନ୍ତ୍ର କହି ॥
ଯେତେବେଳରେ ଶ୍ରବଣ ଫୁଙ୍କିଲେ ତାହାର ।
ହସିଲା ଗୋପାଳବାଳ ହୋଇ କର କର ॥
ଗୁରୁ ଦେଖିଣ ବୋଇଲେ ଆରେ ମୂର୍ଖ ବାଇ ।
ତେଣୁକରି ତୋତେ ଆମ୍ଭେ ବୋଲୁଥିଲୁଁ ନାହିଁ
ଭର୍ତ୍ସନା କଲେ ତାହାକୁ କ୍ରୁଦ୍ଧ ହୋଇକରି ।
ଏ ସମୟେ ପିଲ ଗଲେ ଯେ ଯାହାର ପୁରୀ ॥
ଗୋପାଳର କଣ୍ଠେ ଗୁରୁ ଯାହା ଥିଲେ କହି ।
ପାଶୋରିଲା ତା ମନରେ ରହିଲା ଯେ ନାହିଁ ॥
ସବୁ ପିଲ ଗୃହେ ଗଲେ ନ ଗଲା ଯେ ସେହି ।
ବହୁତ ଡାକିଲା ତାର ମାତା ତହିଁ ଯାଇଁ ॥
ନ ଯିବାର ଦେଖିକରି ପିତା ତାର ଗଲା ।
ଦେଖିଲା ପୁଅ ବସିଛି ହୋଇଣ ଏକଲା ॥
ଗୁରୁ ବୋଇଲେ ଏଠାରେ ବସିଛୁ କିପାଇଁ ।
ତୋ ଠାରେ ଆମ୍ଭର ଆଉ କିଛି କାର୍ଯ୍ୟ ନାହିଁ ॥
ଶୁଣିଣ ସେହି ବାଳକ ଯୋଡ଼ି କରପତ୍ର ।
ବୋଇଲା ଭୁଲିଲି କର୍ଣ୍ଣେ କହିଲ ଯେ ମନ୍ତ୍ର ॥
ଶୁଣି ସେ ଗୁରୁ ବୋଇଲେ ତାକୁ କୋପ ବହି ।
ବୋଇଲେ ତୋ କର୍ଣ୍ଣେ କହିଥିଲି ବାଳ ମୁହିଁ ॥
ବିଶ୍ୱାସେ ସେ ସୁତ ଜାତ ବୋଲେ ବାଳ ବାଳ ।
ବନ ମଧ୍ୟକୁ ସେ ଗଲା ଘେନି ଗୋରୁପଲ ॥

ସେହି ବନ ମଧ୍ୟରେ ଗୃହ ପାଷାଣେକ ଥିଲା ।
ତହିଁରେ ବସିବା ପାଇଁ ସେ ଗୋପାଳ ଗଲା ॥
ଆଖି ଜଳ ବୋଲୁଥାଏ ମୁଖେ ବାଳ ବାଳ ।
ଆପଣା ଜାନୁରେ ନେଇ ମାରେ କରତାଳ ॥
ଏହିପରି ଡାକାଦନ ଅନାହାରେ ତହିଁ ।
ବସନ୍ତେ ଜାଣିଲେ ତାହା ବଇକୁଣ୍ଠ ସାଇଁ ॥
ଶ୍ରୀ ବାଳମୁକୁନ୍ଦ ରୂପେ ବିଜେ ନରହରି ।
ଗଳାଦେଶେ ମୋତିମାଳ ଲମ୍ବେ ସପ୍ତସରି ॥
ସୁବାସ କୁସୁମେ ଲମ୍ବେ ଧର୍ଣ୍ଣମାଳମାନ ।
କର୍ପୂର ଚନ୍ଦନ ଶିରୀ ଅଙ୍ଗେ ବିଲେପନ ॥
କଟିରେ ଶୋଭା ଦିଶଇ ତାଙ୍କ ପୀତପଟ ।
ରତ୍ନ କଙ୍କଣ ଶ୍ରୀଭୁଜେ ଝୁଏ ଝଟ ଝଟ ॥
ଶ୍ୟାମମେଘେ ଯେସନେ ଶୋଭେ ବିଜୁଳିର ପ୍ରଭା
ଶରୀର ଦିଶଇ ତାଙ୍କ ତେସନେକ ଆଭା ॥
ସୁବର୍ଣ୍ଣ ନୂପୁର ପାଦେ ବାଜେ ଝୁମ ଝୁମ ।
ପିନ୍ଧିଥିବା କଟାଉରେ ହୀର ରତ୍ନ କମ ॥
ଏହିପରି ବେଶେ ବିଜେ କଲେ ଭବଗ୍ରାହୀ ।
ଗୋପାଳସୁତ ପାଶରେ ପ୍ରବେଶିଲେ ଯାଇଁ ।
ଦେଖି ସେ ଗୋପାଳବାଳ ଅତ୍ୟନ୍ତ ହରଷ ।
ବୋଇଲ ତୁମ୍ଭର ନାମ ଅଟଇ କିସ ॥
ଏଠାକୁ ତୁମ୍ଭର ଘର ଅଟେ କେତେ ଦୂର ।
କେଉଁ ଜାତି ଅଟ ତୁମ୍ଭେ ଏତେକ ସୁନ୍ଦର ॥
ଏ ବନକୁ ଏକା ହୋଇ ଅଇଲ କେମନ୍ତେ ।
ନ ଆଣିଲ କିପାଁ । ଆଉ କାହାକୁ ସଙ୍ଗତେ ॥
ଏତେ ଅଳଙ୍କାର ତୁମ୍ଭେ ପିନ୍ଧିଛ ଦେହରେ ।
ନିର୍ଭୟେ ଏକା ଅଇଲ କେଉଁ ପରକାରେ ॥
ସୁଗନ୍ଧ କୁସୁମରେ ଯେ ବାସେ ତୁମ୍ଭ ଦେହ ।
ତୁମ୍ଭ ପିତାଙ୍କର ନାମ ଅଟେ କିସ କହ ॥
ତୁମ୍ଭଙ୍କୁ ଦେଖିଣ ମୋର ପ୍ରମୋଦିତ ମନ ।
କହ କହ ମୋତେ ତୁମ୍ଭେ ସ୍ୱରୂପ ବଚନ ॥
ଶୁଣି କରି ନାରାୟଣ ହସ ହସ ହୋଇ ।
ବୋଇଲେ ଆମ୍ଭେ ଜାତିରେ ଗୋପାଳ ବୋଲାଉଁ
ନନ୍ଦ ଗଉଡ଼ର ମୁହିଁ ଅଟଇ ଯେ ସୁତ ।
କାହ୍ନୁ ବୋଲି ମୋର ନାମ ଦେଲେ ତାତ ମାତ ॥
ଦାଣ୍ଡର ଲୋକେ ବୋଲନ୍ତି ନନ୍ଦର ନନ୍ଦନ ।
କେହୁ ବୋଲଇ ମୁକୁନ୍ଦ କେହୁ ଭଗବାନ ॥

Digitized by srujanika@gmail.com

ଦେଖ କଳା ଅଛଇ ଯେ ମୋର ଦେହଯାକ ।
ତେଣୁ କାଳିଆ ବୋଲନ୍ତି ମୋତେ ଥୋକେ ଲୋକ
ବଇଁଶୀ ଗୋଟିଏ ମୁହିଁ ଧରିଥାଏ ହସ୍ତେ ।
ତେଣୁ ବେଣୁଧର ବୋଲି ଡାକନ୍ତି ଯେ ମୋତେ
ଏମନ୍ତେ ନାନାପ୍ରକାରେ ଡାକନ୍ତି ସମସ୍ତେ ।
ସେଥିପାଇଁ କାହା ଛଳ ନ ଧରେ ମୁ ଟେଉ ॥
ଖେଳ ଖେଳିବାକୁ ଲୋଡ଼େ ସମସର ପିଲ ।
ତେଣୁ କରି ବନେ ବନେ ବୁଲଇଁ ଏକେଲା ॥
ତୁମ୍ଭେ କେବା ଜାତି କହ ତୁମ୍ଭ ନାମ କିସ ।
ଏହା ଶୁଣିଣ କହଇ ଗୋପାଳର ଶିଷ ॥
ଜାତି ଗଉଡ଼ ଅନନ୍ତ ନାମ ଅଟେ ମୋର ।
ଏହି ନାମ ଦେଇଛନ୍ତି ଜନନୀ ପିଅର ॥
ଏହି ନାମ ବିନା ମୁହିଁ ନ ଜାଣଇ ଆନ ।
ଶୁଣି ହସ ହସ ହୋଇଲେ ପ୍ରଭୁ ଭଗବାନ ॥
ତେବେ ତୁମ୍ଭର ଆମ୍ଭର ହୋଇଲ ଏକଜାତି ।
ଏଥେ ଖେଳ ଖେଳୁଥିବା ତୁମ୍ଭେ ଆମ୍ଭେ ନିତି ॥
ଗୋପାଳ ବୋଇଲା ତୁମ୍ଭେ ଆସିବ କି ନାହିଁ ।
ମୋ ଦେହ ଛୁଇଁ କହିଲେ ପରତେ ଯିବଇଁ ॥
ଶ୍ରୀକୃଷ୍ଣ ବୋଇଲେ ଶୁଣ ଆମ୍ଭ କଥା ସତ ।
ଆଜଠାରୁ ତୁମ୍ଭେ ଆମ୍ଭେ ହୋଇଲୁଁ ମଇତ୍ର ॥
ଏତେ ବୋଲି କୋଳାଗତ କଲେକ ଶ୍ରୀହରି ।
ପୁଣି ଗୋପ ବାଳକର ଭୁଜ ହସ୍ତେ ଧରି ॥
ଏମନ୍ତେ ନାନାଦି ଖେଳ ଖେଳିଲେ ସେ ବନେ ।
ଭକତ ଭାବରେ ପ୍ରଭୁ ପଡ଼ିଲେ ବନ୍ଧନେ ॥
ଗୋପାଳ ବୋଇଲା ତୁମ୍ଭେ ଶୁଣ ଆହେ ମିତ ।
ମୁହିଁ ମାରୁଅଛି ତାଳ ତୁମ୍ଭେ କର ନୃତ୍ୟ ॥
ହେଉ ବୋଲି କହି ନୃତ୍ୟ କଲେ ବନମାଳୀ ।
ଗୋପବାଳକ ତାଳରେ ମାରେ କରତାଳି ॥
ଭକତ ଭାବରେ ନୃତ୍ୟ କରନ୍ତି ଶ୍ରୀରଙ୍ଗ ।
ଦେଖି ଟୋପି ଟୋପି ଝାଳ ବହନ୍ତେ ଶ୍ରୀଅଙ୍ଗ ॥
ଗୋପାଳପୁତ ବୋଇଲା ମିତ ଘର ଯିବା ।
ବେଳ ବୁଡ଼ିଲାଣି ଆଉ ବନସ୍ତେ ନ ଥିବା ॥
ଦେଖେଁ ମୋର ଗାଈମାନେ ଗଲେ କେଉଁକତି
ଶୁଣି କରି ଗୋପାଳକୁ କହନ୍ତି ଶ୍ରୀପତି ॥
ଘରୁ ଆଗ ସବୁ ଗାଈ ଆଣି ଠୁଳ କରି ।
ତେବେ ବୋଲେ ଯିବା ମିତ ସେ ଯାହାର ଘରି ॥

ହେଉ ବୋଲି କହି ତହୁଁ ବେନିଜଣ ଗଲେ ।
ସକଳ ଗୋରୁ ବାହୁଡ଼ି ଖୋଜିଣ ଆଣିଲେ ॥
ଶ୍ରୀକୃଷ୍ଣ ବୋଇଲେ ମିତ ଯାଅ ତୁମ୍ଭେ ଘର ।
ଆମ୍ଭେ ଯାଉଅଛୁଁ ଏବେ ଆମ୍ଭ ନିଜପୁର ॥
ଗୋପାଳ ବୋଲେ ଆସିବ ମିତ ପ୍ରତିଦିନ ।
ତୁମ୍ଭଙ୍କୁ ଛାଡ଼ିବାକୁ ମୋ ବଳୁନାହିଁ ମନ ॥
ଶ୍ରୀକୃଷ୍ଣ ବୋଇଲେ ତୁମ୍ଭେ ଆସିବ ପେଲାଳେ ।
ଡାକିଲାକ୍ଷଣି ଆସିବି ମୁହିଁ ଅବହେଳେ ॥
ମୋ ଆସିବା କଥା ତୁମ୍ଭେ ନ କହିବ କାହିଁ ।
କହିବ ଯେଦିନ ଆଉ ନ ଆସିବି ମୁହିଁ ॥
ତୁମ୍ଭଠାରେ ମୋର କିଛି ନାହିଁ ଯେ ଅନ୍ତର ।
ଏଥିକୁ ମନରେ ମିତ ଆନ ନ ବିଚାର ॥
ଶ୍ରୀକୃଷ୍ଣଙ୍କ ସଙ୍ଗେ କଥା କହୁଥାଏ ତେଣେ ।
ବାଳ ବାଳ ବୋଲି ମୁଖେ ବୋଲୁଥାଏ ଏଣେ ॥
ହସିଣ ଶ୍ରୀକୃଷ୍ଣ ତାକୁ ବୋଇଲେ ଏ କିସ ।
ବାଳ ବାଳ ବୋଲି କିପାଁ ଅନୁକ୍ଷଣେ ଘୋଷ ॥
ଗୋପାଳ ବୋଇଲ ମୋର ଗୁରୁ ଛନ୍ତି କହି ।
ତେଣୁ କରି ମିତ ଏହା ଘୋଷୁଥାଏ ମୁହିଁ ॥
ଶ୍ରୀକୃଷ୍ଣ ବୋଇଲେ ଏଥେ କିସ ପ୍ରୟୋଜନ ।
ଦାଣ୍ଡେରେ ଶୁଣିଲେ ଲୋକେ ହସିବେ ତକ୍ଷଣ ॥
ଗୋପାଳ ବୋଇଲ ଏହା କେବେ ନ ଛାଡ଼ଇ ।
ଗୁରୁଙ୍କ ବାକ୍ୟ କେମନ୍ତ ମୁହିଁ ଲଙ୍ଘିବଇଁ ॥
ଶୁଣିକରି ନାରାୟଣ ହସ ହସ ହୋଇ ।
ଯାଅ କହି ଅନ୍ତର୍ଦ୍ଧାନ ହୋଇଲେକ ତହିଁ ॥
ଗୋରୁ ଘେନିଣ ଗୋପାଳ ମନ୍ଦିରେ ପ୍ରବେଶ ।
ଭୋଜନ ସାରି ଶୋଇଲ ରାତି ହୋଇଲ ଶେଷ ॥
ପୁଣିହିଁ ଆରଦିବସ ଗୋରୁ ଘେନିଗଲା ।
ବେଗେ ଆସ ମିତ ବୋଲି ଆସ୍ଥେରେ ଡାକିଲା ॥
ତତକ୍ଷଣେ ନାରାୟଣ ମିଳିଲେ ତା ପାଶ ।
ଖେଳ କଉତୁକେ ମାଡ଼ି କଲେ ହାସ ରସ ॥
ଧରାଧରି ହୋଇଣ ସେ ହୁଅନ୍ତି କୋଳାକୋଳି ।
କେତେବେଳେ ଗୋପପୁତ ମାରେ କରତାଳି ॥
ସେ ତାଳ ଶୁଣି ନାଚନ୍ତି କୃଷ୍ଣ ହଳି ଢଳି ।
ଏହିପରି ବେନିଜଣ କରୁଥାନ୍ତି କେଳି ॥
ଦିନଅନ୍ତେ ସେ ଯାହାର ପୁରେ ଯାନ୍ତି ଚଳି ।
ପୁଣିହିଁ ଆରଦିବସ ହୁଅନ୍ତି ସେ ମେଳି ॥

Digitized by srujanika@gmail.com

ଏରୂପେ ଖେଳ କୌତୁକ ଷଡ଼ମାସ ପରେ ।
ଗୁରୁ ଆସିଣ ପ୍ରବେଶ ହେଲେ ସେ ଗ୍ରାମରେ ॥
ସର୍ବ ଶିଷ୍ୟ ଯାଇଁ ତାଙ୍କୁ ଦରଶନ କଲେ ।
ହାଣ୍ଡି ତଣ୍ଡୁଳ ଗୁରୁଙ୍କୁ ସଥିଁ ବସାଦେଲେ ॥
ରନ୍ଧନ ଭୋଜନ ସାରି ଗୁରୁ ଛନ୍ତି ବସି ।
ଏ ସମୟେ ଗୋପବାଳ ଗୋରୁ ଘେନି ଆସି ॥
ଗୁରୁ ଆସିବା ବାରତା ଶୁଣନ୍ତେଣ କର୍ଣ୍ଣେ ।
ତତକ୍ଷଣେ ମିଳିଲ ସେ ଗୁରୁ ସନ୍ନିଧାନେ ॥
ଦୂରୁ ଦେଖି ଗୁରୁଙ୍କର ଚରଣରେ ପଡ଼ି ।
ଉଠି ଉଭା ହୋଇଲା ସେ ଶିରେ କରଯୋଡ଼ି ॥
ସୁବାସ ମହକଇଠେ ଗୋପାଳ ଶରୀରୁ ।
ଚମତ୍କାର ହେଲେ ଗୁରୁ ବାସ ପାଇବାରୁ ॥
ଗୋପାଳ ସୁତକୁ ଡାକ ଆଶ୍ୱାସନା କରି ।
କୋମଳବାକ୍ୟେ ପୁଚ୍ଛିଲେ ତାକୁ ବ୍ରହ୍ମଚାରୀ ॥
ଏ ବାସଦ୍ରବ୍ୟ ବାବୁ ରେ ପାଇଲୁ ତୁ କାହିଁ ।
ତୋହର ଦେହ ବିଶେଷ ସୁଗନ୍ଧ ବାସଇ ॥
ବେଗକରି କହ ମୋତେ ଏଥିର ସନ୍ଦେଶ ।
ଆମ୍ଭେ ତୋର ଗୁରୁ ତୁହି ଅଟୁ ଆମ୍ଭ ଶିଷ୍ୟ ॥
ଗୁରୁଆଗେ ଶିଷ୍ୟ ଯେବେ ମିଛକଥା କହି ।
ଦେହାନ୍ତରେ କଷ୍ଟେ ସେହି ନରକେ ପଡ଼ଇ ॥
ଗୁରୁଠାରେ ଶିଷ୍ୟ ଯେବେ କରଇ କପଟ ।
ତାକୁ ଅଦୃଶ୍ୟ ହୁଅଇ ସଦା ଧର୍ମବାଟ ॥
ଗୁରୁଙ୍କ ଚରଣେ ଯେହୁ ହୁଏ ଅଭକତ ।
ବହୁତ ଦଣ୍ଡ ତାହାକୁ ଦିଏ ଜନ୍ତୁପତ ॥
ତପ୍ତ ଶାବେଳ ବସାଇ ସେ ଶିଷ୍ୟର ମୁଣ୍ଡେ ।
ପୁନଶ୍ଚ ତାକୁ ପକାନ୍ତି ଯମ ନର୍କକୁଣ୍ଡେ ॥
ଏଥିକୁ ବିଚାରି ବାବୁ ମୋତେ ସତ କହ ।
ସୁଗନ୍ଧ ବାସେ କିପାଇଁ ଏ ତୋହର ଦେହ ॥
ଏପରି ଶୁଣି ବାଳକ ବିଚାରଇ ଚିତ୍ତେ ।
କାହିଁ ନ କହିବ ବୋଲି କହିଛନ୍ତି ମିତ ॥
ଏତ ମନ୍ତ୍ରଦାତା ଗୁରୁ ପଚାରିଲେ ମୋତେ ।
ଏହାଙ୍କ ଆଗରେ ମିଛ କହିବ କେମନ୍ତେ ॥
ନ ଆସିଲେ ପଛେ ମିତ ନ ଆସିବେ ସେହି ।
ଯେବେ କି ମିଛ କହିବ ନର୍କେ ପଡ଼ିବଇଁ ॥
କହିଲେ ମିତଙ୍କୁ ନେତ୍ରେ ନ ଦେଖିବ ଆଉ ।
କେଉଁଦୋଷ ଦେଖି ଧାତା ଏତେ ଦୁଃଖ ଦେଉ ॥

ଏହା ଭାବି ସେ ବାଳକ ହୋଇଲା ବିକଳ ।
ଟଳଟଳେ ପୂର୍ଣ୍ଣହୋଇଲା ତା ନୟନ ଯୁଗଳ ॥
ପୁଣି ମନେ ଧର୍ମ ଧରି ବିଚାରିଲା ଚିତ୍ତେ ।
କହିଲେ ସିନା ଛାଡ଼ିବେ ମୋତେ ନାକ ମିତ ॥
ଯେବେ ନ ଆସିବେ ମୁହିଁ ଯିବି ତାଙ୍କ ତହିଁ ।
ଏ ସ୍ଥାନ ନିକଟରେତ ଅଛନ୍ତି ସେ ରହି ॥
ଅନେକମତେ ବିନୟ ତାଙ୍କଠାରେ ହୋଇ ।
ଖେଳିବା ସ୍ଥାନକୁ ତାଙ୍କୁ ଆଣିବ କଢ଼ାଇ ॥
କହିବ ମୁ ଗୁରୁବନା କହିନାହିଁ ଆନେ ।
ଏଥରକ କ୍ଷମାକର ତୁମ୍ଭ କ୍ଷମାଗୁଣେ ॥
ଏହା ଶୁଣିଣ ସନ୍ତୁଷ୍ଟ ହେବେ ମୋର ମିତ ।
ମୋଠାରେ ସ୍ନେହ ତାଙ୍କର ଅଛଇ ବହୁତ ॥
ଏହା ଭାବି ବୋଇଲା ସେ ଶୁଣ ହେ ଗୋସାଇଁ ।
ଗୋରୁ ଘେନି ବନସ୍ତକୁ ନିତ ଯାଏ ମୁହିଁ ॥
ଅତ୍ୟନ୍ତ ସୁନ୍ଦର ରୂପ ଶ୍ୟାମକଳା ହୋଇ ।
ବହୁତର ଅଳଙ୍କାର ଅଛି ତାଙ୍କ ଦେହି ॥
ନାନା କୁସୁମରେ କେଶ ହୋଇଛି ସାଜେଣି ।
ପଦରେ ସ୍ୱର୍ଣ୍ଣ ନୂପୁର ବାଜେ କଣି କଣି ॥
ହୃଦରେ ଲମ୍ବିଛି ନାନା ପୁଷ୍ପମାଳ ମାନ ।
ଚତୁଃସମ ହୋଇଥିଲେ ଅଙ୍ଗରେ ଲେପନ ॥
କଟିରେ ପୀତଅମ୍ବର ଉପର ମେଖଳା ।
କର୍ଣ୍ଣରେ କୁଣ୍ଡଳ କଣ୍ଠେ ଶୋହେ ରତ୍ନମାଳା ॥
ଭୁଜେ ବାହୁଟି କଙ୍କଣ ଅଙ୍ଗୁଳିରେ ମୁଦି ।
ଶ୍ୟାମଳ ମେଘରେ ଯେହ୍ନେ ବିଜୁଳି ଆଚ୍ଛାଦି ॥
ତାଳୁପରେ ଶିଖିଚୂଳ କୁସୁମର ଗଭି ।
ଶ୍ରୀମୁଖ ମଣ୍ଡଳକୁ ଯେ ଦିଶେ ଦିବ୍ୟ ଶୋଭା ॥
ସୁନ୍ଦର ନାସିକା ସାଜେ ସୁରଙ୍ଗ ଅଧର ।
କଞ୍ଜଦଳ ସମ ନେତ୍ର ବଚନ ଗମ୍ଭୀର ॥
ସ୍ୱଭାବ ଦେଖିଣ ଲୋଭ ହେଲା ମୋର ମନ ।
ତାହାଙ୍କର ସଙ୍ଗେ ଖେଳ ଖେଳୁଥାଏ ନିତ ॥
ତାଙ୍କ ଲାବଣ୍ୟ ଶରୀର ବାସେ ମହ ମହ ।
କୋଳାକୋଳି ହୁଅନ୍ତେ ଲାଗେ ଦୁହିଙ୍କର ଦେହ
ତାଙ୍କ ଦେହରେ ସୁଗନ୍ଧ ବାସଥାଇ ଯେତେ ।
ଏ ମୋହର ଦେହେଁ ଲାଗି ବାସେ ସେହିମତେ ॥
ଏକଥାରୁ ଆନ କିଛି ନ ଜାଣଇ ମୁହିଁ ।
କ୍ଷମ କରୁଛି ଗୁରୁ ତୁମ୍ଭ ପାଦ ଛୁଇଁ ॥

Digitized by srujanika@gmail.com

ଶୁଣିଣ ଯେ ବ୍ରହ୍ମଗିରି ହୋଇ ଅଚେତନ ।
ଆଶ୍ୱାସ କରିଣ ତାଙ୍କୁ ବସାଇଲେ କୋଳ ॥
ଛାତିକି ଆଉଁସି ତାର ମୁଖେ ଚୁମ୍ବଦେଲେ ।
ସତକଥା ମନେ କରି ବିଶ୍ୱାସ କଲେ ॥
ବିଚାରିଲେ ଯାଙ୍କୁ ଜାଣେ ପ୍ରସନ୍ନ ମୁରାରି ।
ଏତେ ତୀର୍ଥ ଭ୍ରମି ମୁହିଁ ଯାଙ୍କୁ ନୁହେ ସରି ॥
ଏହୁ ଗୋବିନ୍ଦଙ୍କ ସଙ୍ଗେ ଅଛୁ ସଙ୍ଗ ହୋଇ ।
ସ୍ନେହେ କୋଳ କରିଛନ୍ତି ଯାଙ୍କୁ ଭବଗ୍ରାହୀ ॥
କେଉଁ କର୍ମ କରିଣ ଏ ଲଭିଛି ମୁରାରି ।
ପଚାରିଲେ ଶିଷ୍ୟଙ୍କୁ ଯା ବିଚାରି ବିଚାରି ॥
ଆରେ ବାବୁ ଯେବେ ମୁହିଁ ତୁମ୍ଭଠାରୁ ଗଲି ।
ଅନେକ ତୀର୍ଥ ବୁଲିଣ ଛମାସେ ଅଇଲି ॥
ମୁଁ ଗଲାଦିନରୁ ବାବୁ କଲୁ କେଉଁ କୃତ୍ୟ ।
ମିଛ ନ କହିଣ ମୋର ଆଗେ କହ ସତ୍ୟ ॥
ଶୁଣି ବାଳକ କହେ ମୁଁ କିଛି କରିନାହିଁ ।
ତୁମ୍ଭେ ଯେଉଁ ମନ୍ତ୍ର କହି ଥିଲଟି ଗୋସାଇଁ ॥
ତାହା ଘୋଷୁଥାଇ ନିତି ଅନ୍ୟ ନାହିଁ କିଛି ।
ମୁଁ କି ମନ୍ତ୍ର କହିଥିଲି ଗୁରୁ ତାଙ୍କୁ ପୁଛି ॥
ବାଳକ ବୋଲେ କହିଣ ଥିଲ ବାଳ ବୋଲି ।
ତାହା ଘୋଷୁଥାଇ ନିତି ପାସୋରିବ ବୋଲି ॥
ଏହା ଛଡ଼ା ଅନ୍ୟକର୍ମ କିଛି କରିନାହିଁ ।
ନିଅମ କରୁଛି ଗୁରୁ ତୁମ୍ଭପାଦ ଛୁଇଁ ॥
ବୋଇଲେ ରେ ବାବୁ ତୋର ଗୁରୁ ମୁଁ ଅଟଇ ।
ଏବେ ତୋତେ ମୁହିଁ ଗୁରୁ ଦକ୍ଷିଣା ମାଗଇଁ ॥
ଯେବଣ ବାଳକ ସଙ୍ଗେ ଖେଳ ଖେଳୁ ତୁହି ।
ଜାରବୁଜ ବାବୁ ମୋତେ ତାହାଙ୍କୁ ଦେଖାଇ ॥
ଶୁଣିକରି ଗୋପାଳ ଯେ ବୋଇଲି ଗୁରୁଙ୍କୁ ।
ଆସନ୍ତି ସେ ପ୍ରତିଦିନ ଦେଖାଇବି ତାଙ୍କୁ ॥
ତାକିଲକ୍ଷଣି ଆସନ୍ତି ସେହି ଧାଇଁ ଧାଇଁ ।
ସତ କିବା ମିଛ ତାହା ଦେଖିବ ଗୋସାଇଁ ॥
ଅଧିକ କହିଲେ ଆଉ ହୋଇବ ଯେ ନାଶ ।
ଦେଖିବ କେଡ଼େସୁନ୍ଦର ସେହି ବାଳଶିଷ୍ୟ ॥
ଏ କଥାକୁ ଚିନ୍ତା ତୁମ୍ଭେ ନ କର ଯେ ଚିତ୍ତେ ।
ମୋ ସଙ୍ଗରେ ଯିବା ହେବେ କାଲିର ପ୍ରଭାତେ ॥
ଏମନ୍ତ କହି ଗୋପାଳ ଗଲା ନିଜଘର ।
ବ୍ରହ୍ମଗିରି ମନୋଧ୍ୟାନ କଲେ ଚିତ୍ତଧରି ॥

ଆଜନ୍ମ ବହୁତ ତୀର୍ଥ ଭ୍ରମିଲି ବୃଥାରେ ।
ଘରେ ଗୋପସୁତ ଥାଇ ଦେଖିଲା ସାକ୍ଷାତେ ॥
ଜପ ମନ୍ତ୍ର ବେଦ ଶାସ୍ତ୍ର ମୁହିଁ ପଢ଼ିକରି ।
ଗୋପାଳ ବାଳକ ସଙ୍ଗେ ନୋହିଲିଁ ସରି ॥
ଭେଟିଦେବ ଦେବାଧିରାଜ ମୋତେ କୃପାକରି ।
କାଲିରେ ଦେଖାଅ ବାଳକ ରୂପକୁ ତୁମ୍ଭର ॥
ଏହିପରି ବ୍ରହ୍ମଗିରି ବହୁସ୍ତୁତି କରି ।
ଅନାହାରେ ଶୋଇଲେ ସେ ନେତ୍ରେ ନିଦ୍ରା ଗାରି ।
ରଜନୀ ଶେଷେ ଦିବସ ପ୍ରବେଶ ହୋଇଲା ।
ଗୋପବାଳ ଗୁରୁଙ୍କର ଦୁଆରେ ଡାକିଲା ॥
ଶୁଣି ଗୋସାଇଁ ଅଇଲେ କବାଟ ଫିଟାଇ ।
ଦେଖିଣ ଗୋପାଳ ବେଗେ ପାଦେ ପଡ଼ି ଶୋଇ
କଲ୍ୟାଣ କରିଣ ଗୁରୁ ନେଲେ କୋଳାକରି ।
ବନେ ଯିବା ପରା ବାବୁ ବୋଲେ ବ୍ରହ୍ମଗିରି ॥
ଶୁଣିଣ ବାଳକ ବୋଲେ ଆସ ବେଗହୋଇ ।
ଏତେ ବୋଲିଣ ଗୋପାଳ ଘଉଡ଼ିଲା ଚାଇ ॥
ସଙ୍କେତ ସ୍ଥାନରେ ଯାଇ ହୋଇଲେ ପ୍ରବେଶ ।
ଗୁରୁଙ୍କୁ ବୋଇଲା ତୁମ୍ଭେ ଉହାଡ଼ରେ ବସ ॥
ଶୁଣିକରି ଗୁରୁ ଲତା ଉହାଡ଼ରେ ରହି ।
ଆପଣାର ହୃଦ ମଧ୍ୟେ ଚିନ୍ତି ଭବଗ୍ରାହୀ ॥
ପାଷାଣ ଉପରେ ଉଭା ଗୋପାଳର ସୁତ ।
ଆସ୍ଫାଳକରି ଡାକିଲା ଯେ ବେଗେ ଆସ ମିତ ॥
ଅନ୍ତର୍ଯ୍ୟାମୀ ଦୁହିଙ୍କର ମନ ଭାବ ଜାଣି ।
ସେଠାରେ ବିଜୟ କଲେ ଭକ୍ତଭାବ ଘେନି ॥
ବୋଇଲେ ମିତ କପଟ କଲ ଆମ୍ଭଠାରେ ।
କାହାକୁ ଆଣି ରଖିଛ ଲତା ଉହାଡ଼ରେ ॥
କାହାରେ ନ କହିବ ବୋଲି ଆମ୍ଭେ ଥିଲୁଁ କହି ।
ଗୁରୁଙ୍କ ଆଗରେ ତୁମ୍ଭେ କହିଲ କିପାଇଁ ॥
ତୁମ୍ଭଠାରେ ଆମ୍ଭମାନେ ନ ଥିଲା ଅନ୍ତର ।
ଆଜଠାରୁ ବନ୍ଦହେଲା ଆମ୍ଭ ଆସିବାର ॥
ଜୀବନ୍ତେ ଐଶ୍ୱର୍ଯ୍ୟ ଥିବ ମଲେ ପାଅ ଗତି ।
ଏସନେକ ଆଜ୍ଞା ତାଙ୍କୁ ଦେଇ ଶ୍ରୀପତି ॥
ବିଜୁଳି ସମାନ ତହୁଁ ହେଲେ ଅନ୍ତର୍ଦ୍ଧାନ ।
କଣ୍ଠିରେ ଗୁରୁ ତାଙ୍କୁ କରନ୍ତେ ଦର୍ଶନ ॥
ଦେଖିବାମାତ୍ରେ ଗୁରୁଙ୍କ ପାପ ଗଲା ଛାଡ଼ି ।
ଶିଷ୍ୟ କହେ ଦେଖିଲତ ଶିରେ କରଯୋଡ଼ି ॥

Digitized by srujanika@gmail.com

ଗୁରୁ ବୋଇଲେକ ଧନ୍ୟ ମୋହର ଜୀବନ ।
ତୋ ପୁଣ୍ୟବଳେ ଦେଖିଲି ଆଜ ଭଗବାନ ॥
ଜନମକାଳରୁ କେତେ ପୁଣ୍ୟ କରିଥିଲି ।
ତେଣୁ ଏ ପାପନୟନେ ପ୍ରଭୁଙ୍କୁ ଦେଖିଲି ॥
କି ଜାଣି ପୂର୍ବ ଜନ୍ମରେ କଲି କେତେ ପୁଣ୍ୟ ।
ତେଣୁ ମୁଁ ମୂଢ଼ ପାଇଲି ତାଙ୍କ ଦରଶନ ॥
ଶୁଣ ବାବୁ ଶୁଭଯୋଗେ କଲି ତୋତେ ଶିଷ୍ୟ ।
ତୋ ଯୋଗେ ଦେଖିଲି ନେତ୍ରେ ପ୍ରଭୁ ହୃଷୀକେଶ ॥
ଗୋପାଳ କହିଲା ପ୍ରଭୁ ତୁମ୍ଭକାର୍ଯ୍ୟ ହେଲା ।
ଶରଧନ ପାଇଁ ମୋର ସଙ୍ଗସୁଖ ଗଲା ॥
ଆହା ସେ ସୁନ୍ଦରରୂପ ଆଉ କି ଦେଖିବି ।
ଜୀବ ଥିବାଯାଏ ଭବ ଭ୍ରମଣ ମରିବି ॥
ସତେ କି ଆଉ ଦେଖିବି ମିତଙ୍କ ଶ୍ରୀମୁଖ ।
ତୁମ୍ଭପାଇଁ ଭାଙ୍ଗିଗଲା ମୋର ଏଡ଼େ ସୁଖ ॥
ମିତ ମିତ କହୁଥିଲେ ସେ କେଡ଼େ ଭଙ୍ଗିରେ ।
ସେ ମଧୁରସ୍ୱର ଆଉ ଶୁଣିବି କି ଥରେ ॥
ଆଉ ସେ ସୁନ୍ଦରରୂପ ଏ ପାପନୟନ ।
ସତେ କି ଦେଖିବ କରିଅଛୁ ଏତେ ପୁଣ୍ୟ ॥
ତାଙ୍କଲାମାନେ ପାଖକୁ ଆସୁଥିଲେ ସେତ ।
ଏହିପରି ଛଅମାସ ହୋଇଥିଲା ଗତ ॥
ଗୋବତ୍ସ ଖୋଜି ଆସନ୍ତି ମୋହର ସଙ୍ଗରେ ।
ମୋ ଥିବାଯାଏ ଆଅନ୍ତି ମୋ ପାଖେ ବନରେ ॥
ନିୟମ ଭଙ୍ଗ ହେବାରୁ ନ ଆସିବ ବୋଲି ।
କହି ଚାଲିଗଲେ କିଛି କହି ନ ପାରିଲି ॥
ନିଏଜେ ବୋଲି ତାହାଙ୍କୁ ଚିହ୍ନି ନ ପାରିଲି ।
ତୁମ୍ଭ କହିବାରୁ ଏତେ ଦିନେ ମୁଁ ଜାଣିଲି ॥
ଆହା ପ୍ରଭୁ କିବା ଦୋଷେ ହୋଇଲି ଅନ୍ତର ।
ସେବା କରି ନ ପାରିଲି ଶ୍ରୀପଦେ ତୁମ୍ଭର ॥
ପିଲାଙ୍କନେ ମୁହିଁ ମୂଢ଼ ଖେଳରେ ମାତିଲି ।
ଜଗତକର୍ତ୍ତା ବୋଲି ଚିହ୍ନି ନ ପାରିଲି ॥
ଏପରି କହି ମୂର୍ଚ୍ଛିତେ ପଡ଼ିଲା ଭୂମିରେ ।
ଗୁରୁ ତାହାଙ୍କୁ ଉଠାଇ ଧଇଲେ କୋଳରେ ॥
ବୋଇଲେ ରେ ବାବୁ ଏହା ବିଧାତା ଲେଖନ ।
ଯେତେଦିନ ଥିଲା ପୁଣ୍ୟ କଲୁ ଦରଶନ ॥
ଆଉ ତାହାଙ୍କୁ ଖୋଜିଲେ ପାଇବୁ ତୁ କାହିଁ ।
ଏବେ ମନରୁ ସନ୍ତାପ ଛାଡ଼ିଦିଅ ତୁହି ॥
ଏହା କହି ବୋଧ ଦେଇ ଗୁରୁ ନେଲେ ଘର ।
କହେ ମାଧବ ହେ ହରି ଭକ୍ତ କର ପାର ॥

ଚନ୍ଦ୍ରଜିତ ରାଜା ପାଶ ମହାଦେଇ ଚନ୍ଦ୍ରାବତୀ ଅଙ୍ଗେ ବ୍ରହ୍ମରାକ୍ଷସ ପ୍ରବେଶ ଓ ଅନ୍ନ ମାହାତ୍ମ୍ୟ ।

ଏଥି ଅନନ୍ତରେ ପୁଣି ମନ ନରପତି ।
ଚଇତନ ପାଦତଳେ କରିଣ ପ୍ରଣତି ॥
ବୋଇଲା ହେ ଗୁରୁଦେବ ଗୋପାଳବିଷୟ ।
ଶୁଣିକରି ଆନନ୍ଦିତ ହେଲା ମୋ ହୃଦୟ ॥
ତୁଳନା ନାହିଁ ଯେ ଆଉ ନାମ ମହିମାକୁ ।
ଦୃଢ଼କଲେ ମୂଢ଼ଜନେ ପାଆନ୍ତି ହରିଙ୍କୁ ॥
ଏ ଉତ୍ତାରୁ ଆଉ କିଛି କଥା ଥିଲେ କହ ।
ଯା ଶୁଣିଲେ ଶାନ୍ତିମନ ହେବ ମୋର ଥୟ ॥
ଚୈତନ୍ୟ କହିଲେ ତୁହି ଶୁଣ ମନଦେଇ ।
ସୁଜନଙ୍କ ସଙ୍ଗ କେବେ ନ ଛାଡ଼ିବୁ ତୁହି ॥
ସୁଜନଙ୍କ ସଙ୍ଗେ ନିତ କରୁଥିବୁ ଭାବ ।
ସେ ଯେବେ ନାହିଁ କରିବେ କେବେ ନ ଛାଡ଼ିବ ॥
ଅଧମଲୋକ ଯଦ୍ୟପି ଦେବ ପରାଭବ ।
ବରଂରବ ପଛକୁ ସେ ହୋଇବଟି ଲଭ ॥
ପ୍ରଥମରେ କଷ୍ଟ ହୁଏ ପଛେ ହୁଏ ଭଲ ।
ଉତ୍ତମଲୋକର ବାକ୍ୟ କେବେ ନୁହେ ସଲ ॥
ଏଥିକୁ ଉପମା ଏକ କହିବା ଯେ ଶୁଣ ।
ଉତ୍ତମ ବ୍ୟକ୍ତିମାନଙ୍କ ଯେଉଁପରି ଗୁଣ ॥
ଯେସନ୍ତେ ଔଷଧ ଖାଇଲେ ବଡ଼ କଷ୍ଟ କରେ ।
ଗର୍ଭରେ ପଡ଼ିଲେ ତାର ସୁଗୁଣ ବାହାରେ ॥
ଉତ୍ତମ ଲୋକଙ୍କର ଯେ ଏମନ୍ତ ବିଧାନ ।
ତାହାଙ୍କର ସଙ୍ଗ କେବେ ନ ଛାଡ଼ିବୁ ମନ ॥
ସୁଜନ ଲୋକଙ୍କ ସଙ୍ଗେ ସଦା ରହୁଥିବ ।
ଦୁର୍ଜନଲୋକଙ୍କ ସଙ୍ଗ କେବେ ନ କରିବ ॥
ସେ ଯେବେ କୋମଳକରି କହିବ ବଚନ ।
ତାହାକୁ ପରତେ କେବେ ନ କରିବୁ ମନ ॥
କୁସୁମ ଚନ୍ଦନ ଦେଲେହେଁ ବନ୍ଧୁ ବୋଲିଦେବ ।
କି ଅବା ଲୋଭ ଦେଖାଇ ବହୁତ କହିବ ॥
କେବେହେଁ ସେହି କଥାକୁ ବିଶ୍ୱାସ ନ ଯିବୁ ।
ବିଶ୍ୱାସ କଲେ ତୁ ନିଶ୍ଚେ ନାଶକୁ ଲଭିବୁ ॥

Digitized by srujanika@gmail.com

ପ୍ରଥମରେ ଭଲ ଯେହ୍ନେ ପଛକୁ ଦୁର୍ଗୁଣ ।
ଏଥିର ଉପମା ତୋତେ କହିବା ଯେ ଶୁଣ ॥
କର୍ପୂର ପଇଡପାଣି ଆଉ ଲେମ୍ବୁରସ ।
ଏ ସବୁ ଅତିଶୀତଳ ଏକତ୍ରରେ ବିଷ ॥
ଲୋଭକରି ଯେବେ କେହି ଏହା କରେ ଗ୍ରାସ ।
ତତକ୍ଷଣେ ତାର ଆତ୍ମା ଯିବ ଯମବାସ ॥
ପିଣ୍ଡରୁ ପ୍ରାଣ ଛାଡ଼ିଣ ଅନ୍ତରିକ୍ଷେ ଯାଇ ।
ଦୁର୍ଜନଲୋକର ସଙ୍ଗ ଏମନ୍ତ ଅଟଇ ॥
ଏଥିକୁ ସୁମନ ତୋତେ କହୁଅଛି ମୁହିଁ ।
ବିଗୁଣ କାର୍ଯ୍ୟ କରିଲେ ପରମାଦ ନାହିଁ ॥
ସାଧୁଲୋକ ସହିତରେ ଯେହ୍ନେ ସଙ୍ଗ ହୋଇ ।
ସେ ଲୋକ ନିଶ୍ଚେ ଉତ୍ତମ ଗତିକି ଲଭଇ ॥
କଦଳୀପଟ ତୁଳସୀମାଳ ସଙ୍ଗ ହୋଇ ।
ମହାପ୍ରଭୁଙ୍କ ବକ୍ଷରେ ଯେସନେ ଲମ୍ବଇ ॥
ତୁଳସୀର ସଙ୍ଗେ ପଟ ଯହୁଁ ହେଲା ସଙ୍ଗ ।
ତେଣୁ ପଟକୁ ବହିଲେ ପ୍ରଭୁ ଶିରୀରଙ୍ଗ ॥
ନୋହିଲେ ପଟକି କାହିଁ ହୋନ୍ତା ଯୋଗ୍ୟମାନ ।
ଉତ୍ତମ ସଙ୍ଗରେ ଥିଲେ ଉତ୍ତମ ବିଧାନ ॥
ସାଧୁଙ୍କ ସଙ୍ଗେ ବସିଲେ ଶୁଣି ହିତକଥା ।
ତେବେ ସେ ମନରୁ ଫିଟିଯିବ ଭବବ୍ୟଥା ॥
ବ୍ୟାଧର ସଙ୍ଗରେ ଯେବେ ବସିବଟି ଯାଇ ।
ଜନ୍ତୁବଧ କଥା ବିନା ଆନ ହେବ ନାହିଁ ॥
ଧୀବରଜନ ସଙ୍ଗତେ ଯେ ଜନ ବସିବ ।
ମୀନ ମାରିବାର କଥା ଶ୍ରବଣେ ଶୁଣିବ ॥
ଯାବିନା ସେ ଲୋକ କିଛି ନ ଜାଣଇ ଆନ ।
ସ୍ୱପ୍ନ ଦିବା ଖୋଜଇ ସେ ମୀନଙ୍କର ସ୍ଥାନ ॥
ଚୋରଙ୍କର ସଙ୍ଗେ ସଙ୍ଗ ଯେ ଲୋକ ହୁଅଇ ॥
ଜାଣ ସେ ଲୋକ ଅବଶ୍ୟ ଚୋରି ଯେ କରଇ ॥
ପରଧନ ପରଦାରା ଠାରେ ଯାର ରତି ।
ଜୀବଙ୍କୁ ବଧ କରଇ ଯେହ୍ନେ ନିତ୍ୟ ନିତ୍ୟ ॥
ତାହାଙ୍କର ମୁଖ ଯେବେ ପ୍ରଭାତରେ ଚାହିଁ ।
ସେ ଦିନ ସୁକୃତ ନାଶ ଅବଶ୍ୟ ହୁଅଇ ॥
ଯା ଦେଖିବାମାତ୍ରେ ଯେବେ ବୋଲି ରାମ ରାମ ।
ତେବେ ସେ ନାଶ ହୋଇବ ତାର ପାପମାନ ॥
ପ୍ରଭାତୁ ଉଠି ଦେଖିଲେ ଧର୍ମିକ ବ୍ରାହ୍ମଣ ।
ତେବେ ବିଚାରିବ ଆଜ ମୋର ଶୁଭଦିନ ॥

ପ୍ରଭାତକାଳେ ଯେ ସୂର୍ଯ୍ୟ କରିବ ଦର୍ଶନ ।
ସକଳ ପାତକ ତାର ହୋଇବ ଦହନ ॥
ଗୁରୁଦରଶନ ମନ ନିତ୍ୟ ଯେହ୍ନେ କରି ।
ବିଷ୍ଣୁ ଦରଶନ ସଙ୍ଗେ ସେହି ସମସରି ॥
ଶୁଣ ହୋ ସୁମନ ମୁହିଁ କହୁଅଛି ତୋତେ ।
ଦୁର୍ଜନର ସଙ୍ଗେ ସଙ୍ଗ ନୋହିବୁ କଥିତେ ॥
ଯେବେ ତା ସଙ୍ଗରେ ସଙ୍ଗ ହେବୁ ସବୁ ନାଶ ।
ବିଷଧର ମୁଖରୁ କି ବାହାରେ ପୀୟୂଷ ॥
ବିଷ୍ଣୁର ଭକତ ଯେହ୍ନେ ସେହି ସାଧୁଜନ ।
ହରିକଥା ବିନୁ ସେହି ନ ଜାଣନ୍ତି ଆନ ॥
କହିଲେ କହନ୍ତି ସେହି ଶ୍ରୀକୃଷ୍ଣ ଚରିତ ।
ଯେଉଁ ନାମେ ପ୍ରାଣିମାନେ ହୁଅନ୍ତି ମୁକତ ॥
ବିଷ୍ଣୁକଥା ବିନୁ ଯେହ୍ନେ ନ ଜାଣନ୍ତି ଆନ ।
ତେଣୁ କରି ବସିବ ଯେ ତାଙ୍କ ସନ୍ନିଧାନ ॥
ଦଣ୍ଡେ ବା ନିମିଷେ ଯେବେ ବସିବ କେ ଯାଇ ।
ତେବେ ସେ ସର୍ବ ପାପରୁ ବିମୁକ୍ତ ହୁଅଇ ॥
ନିରକ୍ଷଜନଙ୍କୁ ଯେହ୍ନେ ଆଶ୍ୱାସନା କରି ।
ପ୍ରତିପାଳନ କରିବ ଦେଇ ଅନ୍ନ ବାରି ॥
ଘର କରିଦେଇ ତାକୁ ତହିଁ ରଖିଥିବ ।
ଧର୍ମର ସନ୍ତାନ ବୋଲି ମନେ ବିଚାରିବ ॥
ଯେଉଁ ଲୋକ ଅନ୍ନବିନା ଦାଣ୍ଡେ ବୁଲୁଥାଇ ।
ତାହାକୁ ପୋଷଇ ଯେହ୍ନେ ଅନ୍ନ ପାଣି ଦେଇ ॥
କି କହିବ ତା ସୁକୃତ ଅଟଇ ବିଶେଷ ।
କାଳେ ସେହି ଲୋକ ଯେବେ ହୋଇ ଅବିଶ୍ୱାସ ॥
ତା ଅନିଷ୍ଟ ଚିନ୍ତା ଯେବେ କରେ ସେହି ଲୋକ
ଜନ୍ତୁପତି ତାକୁ ଦଣ୍ଡ ଦିଅଇ ଅନେକ ॥
ଏପରି ଲୋକକୁ ତିନିପୁରେ ନାହିଁ ପାର ।
ଧର୍ମବନ୍ତ ପ୍ରାଣୀ ଯେ ଜାଣେ ଇହ ପର ॥
ଧର୍ମହିଁ ପ୍ରାଣିମାନଙ୍କୁ ସଖା ଚିରଯୁଗେ ।
ଧର୍ମବନ୍ତ ଲୋକକୁ ଯେ ପ୍ରମାଦ ନ ଲାଗେ ॥
ଭୋକିଲୋକମାନଙ୍କୁ ଯେ ଦିଏ ଅନ୍ନଦାନ ।
କେ ଅନ୍ତ କରି ପାରିବ ତାହାଙ୍କର ପୁଣ୍ୟ ॥
ଦିନ ଦିନ ତା ସୁକୃତ ବୃଦ୍ଧି ହେଉଥାଇ ।
ଏହା ସଙ୍ଗେ ଅନ୍ୟ ଧର୍ମ ସରି ଯେ ନୁହଇ ॥
ସୁମନ ବୋଇଲା ତୁମ୍ଭେ ଶୁଣ ଲଇତନ ।
ଉତ୍ତ କରି କହିଲ ଯେ ବଡ଼େ ଅନ୍ନଦାନ ॥

Digitized by srujanika@gmail.com

ଜାଣିଥିଲେ କହ ମୋତେ ତହିଁର ଚରିତ ।
ଶୁଣିବାକୁ ବଡ ଶ୍ରଦ୍ଧା ବଳଇ ମୋ ଚିତ୍ତ ॥
ଚଇତନ ବୋଇଲେ ତୁ ଶୁଣ ହୋ ସୁମନ ।
ସାଧ୍ୱୀ ମୁକ୍ତିକୁ କରିବା ତହିଁର ବର୍ଣ୍ଣନ ॥
ଭାରତବର୍ଷେ କର୍ଣ୍ଣାଟ ନାମେ ଅଛି ଦେଶ ।
ସେ ରାଜ୍ୟର ସୀମା ଅଟଇ ପାଞ୍ଚସହସ୍ରକୋଶ ॥
ସେ ରାଜ୍ୟର ରାଜା ନାମ ଅଟଇ ଚନ୍ଦ୍ରମଣି ।
ଚନ୍ଦ୍ରାବତୀ ନାମେ ଥିଲା ତାର ପାଟରାଣୀ ॥
ସେ ରାଣୀ ଅଙ୍ଗେ ଲାଗନ୍ତେ ଯାଇଁ ବ୍ରହ୍ମଭୂତ ।
ତକ୍ଷଣେ ରାଣୀର ହେଲା ମତି ବିଚଳିତ ॥
ବାତୁଳପରାୟେ ବାଣୀ କହିଲେକ ରାଣୀ ।
ଶୁଣିକରି ଆତଙ୍କ ଯେ ହେଲା ନୃପମଣି ॥
ସେ ଦେଶରେ ଯେତେ ଥିଲେ ଗୁଣିଆ ରାଉଳ ।
ଦୂତପେଷି ଅଣାଇଲା ତାଙ୍କୁ ମହୀପାଳ ॥
ରାଣୀର ଯେତେ ଅବସ୍ଥା ଗୁଣିଆଙ୍କୁ କହି ।
ଶୁଣିକରି ଗୁଣିଆଏ ଜଣେ ହସ୍ତ ଦେଇ ॥
ବୋଇଲେ ଏ କଥାକୁ ନ ଭାଳ ନୃପମଣି ।
ଏହିକ୍ଷଣି ଭଲକରି ଦେବୁଁ ତୁମ୍ଭ ରାଣୀ ॥
ଶୁଣିଣ ରାଜନ ତାଙ୍କୁ ଭିତରକୁ ନେଲେ ।
ଆଦରକରି ଆସନେ ତାଙ୍କୁ ବସାଇଲେ ॥
ଦାସୀକି ଗୃହିଣୀ ଆଜ୍ଞା ଦେଲେ ନୃପମଣି ।
ଅନ୍ତଃପୁରର ଭିତରୁ ଆଣ ମୋର ରାଣୀ ॥
ତତକ୍ଷଣେ ଦାସୀମାନେ ଭିତରକୁ ଗଲେ ।
ଧରାଧରି କରି ତାଙ୍କୁ ସେଠାକୁ ଆଣିଲେ ॥
ରାଉଳଙ୍କ ଆଗେ ଛିଡ଼ା ହେଲେ ଯହୁଁ ରାଣୀ ।
ଭୈରବୀରୂପେ ଅଇଲେ କିବା ଗୋସାମଣୀ ॥
ସେହିପରି ଦିଶିଲାକ ରାଣୀର ବଦନ ।
ଗୁଣିଆଙ୍କୁ ଦେଖି ଦୈତ୍ୟ ଅତି କୋପମାନ ॥
ପଚାରଇ ରେ ରାଉଳେ ଆସିଅଛ କାହିଁ ।
ତୁମ୍ଭ ପ୍ରାଣେ ଆଶାଥିଲେ ଯାଅ ରେ ପଳାଇ ॥
ସୁଟମୁନେ ଗିରି ଟଳେ କାହିଁ ଅଛ ଦେଖି ।
ଅକାରଣେ ନାଶଯିବ ଦେବଇଁ ମୁଁ ଭକ୍ଷି ॥
ନ ମାନି ଗୁଣିଆମାନେ ଥାପିଲେକ ଖଳା ।
ସେହି ବ୍ରହ୍ମରାକ୍ଷସ ଯେ ଅଟଇ ଅନର୍ଗଳା ॥
ରାଉଳଙ୍କ ଅଙ୍ଗରେ ସେ ପହୁଞ୍ଚିଲା ଯାଇଁ ।
ପଳାଇଲେକ ରାଉଳେ ହତଜ୍ଞାନ ହୋଇ ॥
କେହି ମଲେ କେ ରୁଧିର ତହିଁ କଲେ ବାନ୍ତି ।
ପଳାଇ ଗଲେ ରାଉଳେ ପ୍ରାଣେ କରି ଭୀତି ॥
ଦେଖିକରି ରାଜନ ଯେ ହୋଇଲା କାତର ।
ଭୂତକୁ ଜଣାଣ କଲେ ଯୋଡ଼ି ବେନି କର ॥
ହେ ମହାଭୂତ ତୁ ମୋତେ ଅନୁଗ୍ରହ କର ।
ତୁ ଯାହା ମାଗିବୁ ଦେବ ମୁହିଁ ଧାତକାର ॥
ଏ ମୋହର ପ୍ରାଣେଶ୍ୱରୀ ଅଟଇ ମହାଦେଈ ।
ଆମ୍ଭେ ଦୁହେଁ ଏକଆତ୍ମା ଭିନ୍ନାଭିନ୍ନ ନାହିଁ ॥
ରାଣୀକି ଛାଡ଼ିଦେଇଣ ଯାହା ଇଚ୍ଛା ମାଗ ।
ତୁମ୍ଭର ଆଜ୍ଞାପ୍ରମାଣେ ଦେବି ତୁମ୍ଭ ଭୋଗ ॥
ମୋହର ଧନ ଭଣ୍ଡାର ରାଜ୍ୟ ସହିତେଣ ।
ରାଣୀକି ଛାଡ଼ିଣ ମାଗ ଦେବି ଏହିକ୍ଷଣ ॥
ବ୍ରହ୍ମରାକ୍ଷସ ବୋଇଲା ଯେବେ ଅନ୍ନଦାନ ।
ମୋ ପାଇଁ ଦରିଦ୍ରେ ଦେଇ ପାରିବୁ ରାଜନ ॥
ତେବେ ଯେ ତୋଷ ହୋଇଣ ମୁହିଁ ଚାଲିଯିବି ।
ନୋହିଲେ ନିଶ୍ଚୟେ ତୋର ରାଣୀକି ଖାଇବି ॥
ରାଜନ ବୋଇଲା ମୁହିଁ ଲକ୍ଷେକ ବ୍ରାହ୍ମଣ ।
ଭୋଜନ ଦେଇଅଛି ହେ ସାବଧାନେ ଶୁଣ ॥
ତହିଁର ଅର୍ଦ୍ଧେକ ଫଳ ଦେଲଇଁ ମୁ ତୋତେ ।
ସନ୍ତୋଷ ହୋଇ ସୁଦୟା କରି ଯାଅ ମୋତେ ॥
ଶୁଣିକରି ବ୍ରହ୍ମଭୂତ ହୋଇଲେକ ତୁନି ।
ଏତେକେ ସନ୍ତୋଷ ମୋର ନୋହେ ନୃପମଣି ॥
ରାଜନ ବୋଇଲା ତେବେ ସବୁ ଧର୍ମ ନିଅ ।
ମୋତେ ଦୟାକରି ମୋର ରାଣୀ ଛାଡ଼ିଦିଅ ॥
ବ୍ରହ୍ମଭୂତ ବୋଇଲା ହେ ମୋ ପାତକ ଯେତେ ।
ତହିଁରୁ ମୁକ୍ତ କରାଅ ରାଜନ ତୁ ମୋତେ ॥
ଜାତିରେ ବ୍ରାହ୍ମଣ ମୁହିଁ ବହୁ ପାପ କଲି ।
ତେଣୁ ମୁଁ ବ୍ରହ୍ମ ରାକ୍ଷସ ହୋଇ ଜାତ ହେଲି ॥
ଜନ୍ତୁପତି ଦେଖି ମୋତେ ବହୁ କୋପ କଲେ ।
ଯାଅ ତୁ ବ୍ରହ୍ମରାକ୍ଷସ ହୁଅ ରେ ବୋଇଲେ ॥
ମୁଁ ତାହାଙ୍କୁ କହିଲି ଯେ ବହୁ ପୁରଃସର ।
ଶୁଣିକରି ବୋଇଲେ ସେ ଜନ୍ତୁ ଅଧିକାରୀ ॥
ତୁ ଏବେ ବ୍ରହ୍ମରାକ୍ଷସ ହୋଇ ବୁଲୁଥିବୁ ।
ଅନ୍ନଦାନ ସୁକୃତରୁ ଉଦ୍ଧାର ହୋଇବୁ ॥
ମୁ ବୋଇଲି କେହୁ ମୋତେ ଦେବ ଅନ୍ନଦାନ ।
କାହାକୁ ମାଗିବ ଯାଇ ଏତେବଡ଼ ପୁଣ୍ୟ ॥

Digitized by srujanika@gmail.com

ନାଶକର ବୋଇଲା ତୁ ସାବଧାନେ ଶୁଣ ।
ଚନ୍ଦ୍ରକେତନାମେ ଅଛନ୍ତି କର୍ଣ୍ଣାଟ ରାଜନ ॥
ଚନ୍ଦ୍ରାବତୀ ନାମେ ଅଛି ତାର ପାଟରାଣୀ ।
ଅପୂର୍ବ ସୁନ୍ଦରୀ ସେହୁ ଗୁଣ ସୁଲକ୍ଷଣୀ ॥
ତାହାର ଅଙ୍ଗେ ପ୍ରବେଶ ହୋଇବୁ ତୁ ଯାଇଁ ।
ଅବଶ୍ୟ ତାହାର ଯୋଗୁଁ ମୋକ୍ଷ ହେବୁ ତୁହି ॥
ସେ ଦେଶରେ ଆଉ ଜଣେ ଅଛି କୃଷ୍ଣଦାସ ।
ଅତିଥି ମାଗିଲେ ତାଙ୍କୁ ଦିଅଇ ସେ ଗ୍ରାସ ॥
ଗୃହାକୁ ବ୍ରାହ୍ମଣଯାଏ ଯେ ଅନ୍ନ ମାଗଇ ।
ଯେରୂପେ ହେଉ ଦିଅଇ ନ ବୋଲଇ ନାହିଁ ॥
ସାତପୁତ୍ରରେ ଦୁହିତା ଗୋଟିଏ ତାହାର ।
ସେ ଝିଅଟି ଅଜ୍ଞାନ ଯେ ସାତବରଷର ॥
ତାହାର ସାନବୋହୂଟି ଘରଧନ୍ଦା କରେ ।
ଅଳସ ବୋଲି ତାହାର ନ ଥାଏ ମନରେ ॥
ସମସ୍ତଙ୍କୁ ଦିଅଇ ସେ ନ ବୋଲଇ ନାହିଁ ।
କେଉଁଦିନ ଅବା ରାତ୍ର ଅର୍ଦ୍ଧ ହୋଇଯାଇ ॥
ଦେଇଁ ଦେଉଁ କେଉଁଦିନ ନ ଅଣ୍ଟିଲେ ଅନ୍ନ ।
ଉପବାସେ ରହଇ ସେ ନୁହଇ ବିମନ ॥
ଏଥୁଅନନ୍ତରେ ଦିନେ ପାଞ୍ଚ ସାତ ଚୋର ।
ଚୋରିକରି ଗଲେ ଏକ ସାଧୁର ମନ୍ଦିର ॥
ସେହି ଚୋରଙ୍କ ମଧ୍ୟରୁ ଜଣେ ଚୋର ଗଲା ।
ସାଧବ ଘରଭିତରେ ଯାଇଣ ପଶିଲା ॥
କୌଣସି ଉପାୟେ ଧନ ନ ପାରିଲା ଆଣି ।
ଆଣିବା ଲକ୍ଷୟ ମନେ ବିଚାରଇ ପୁଣି ॥
ଆସିବାକୁ କେଉଁମତେ ନ ପାଇଲା ବାଟ ।
ଚାରିଦିନ ଉପବାସେ ପାଇଲା ସେ କଷ୍ଟ ॥
ସଙ୍ଗଚୋରମାନେ ତାକୁ ଚାହିଁ ଦୁଇଦିନ ।
ସେ ଚୋରେ ଛାଡ଼ିଣ ଗଲେ ଯେ ଯାହା ଭୁବନ
ଏହିରୂପେ ଦେଖ ତହିଁ ଦଇବର ଯୋଗ ।
କର୍ମହୀନ ଲୋକମାନେ ନ ପାଆନ୍ତି ଭୋଗ ॥
ସାଧବର ଘରେ ଥିଲା ଯେଉଁ ଚୋର ରହି ।
ଚାରିଦିନ ଉତ୍ତାରୁ ସେ ବାହାରିଲା ତହିଁ ॥
ପାଞ୍ଚଘଡ଼ି ରାତ୍ରରେ ସେ ହୋଇଲା ବାହାର ।
ଚାଲି ନ ପାରଇ ସେହୁ ଭୋକରେ ଅସ୍ଥିର ॥
କୃଷ୍ଣଦାସ ଘରଠାରେ ପ୍ରବେଶ ହୋଇଲା ।
କ୍ଷୁଧାରେ ଆକୁଳ ହୋଇ ବହୁତ ଡାକିଲା ।

ଘର ଯାକ ସମସ୍ତେ ଯେ ଅଚେତନ ହୋଇ ।
ଶୋଇଅଛନ୍ତି କାହାର ଅଙ୍ଗେ ଜ୍ଞାନ ନାହିଁ ॥
ପୁଣ ପୁଣ ବଚନରେ ଡାକନ୍ତେ ବହୁତ ।
କୃଷ୍ଣଦାସ ସାନବୋହୂ ଶୁଣି କର୍ଣ୍ଣପଥ ॥
କାହାକୁ ଉଠାଇବି ମୁଁ ସର୍ବେ ଛନ୍ତି ଶୋଇ ।
ଚାରିଦିନ ଉପବାସେ ଅଛି ସେ ବୋଲଇ ॥
ଏକଦିନ ଉପବାସ ରହେ ଯେଉଁଜନ ।
ଆରଦିନକୁ ବ୍ୟାକୁଳ ହେଉଥାଇ ମନ ॥
ଆଜିତ ହାଣ୍ଡିରେ ଭାତ ବହୁତ ଯେ ନାହିଁ ।
ଦଇବର ଯୋଗେ ଆଜ ଖାଇନାହିଁ ମୁହିଁ ॥
ଏହି ପରକାରେ ବୋହୂ ବିଚାରଇ ଚିତ୍ତ ।
ପୁଣି ଚୋର ବଚନରେ ଡାକଇ ବହୁତ ॥
ମୁ ପଛେ ଉପବାସରେ ଆଜକ ରହିବି ।
ସମସ୍ତ ଠୁଳ କରିଣ ତାକୁ ନେଇ ଦେବି ॥
ଏହା ଭାବି ରୋଷଘରେ ପଶିଲା ତରୁଣୀ ।
ଯାହା ଥିଲା ହାଣ୍ଡି ମଧ୍ୟେ ଆଣିଲା ସେକ୍ଷଣି ॥
ତାହାର ଖାଇବାପାଇଁ ଯେତେ ରଖିଥିଲା ।
ସେ ସବୁ ଏକତ୍ର କରି ପାତ୍ରରେ ଧଇଲା ॥
ନେଇ ଅତିଥି ଆଗରେ ତାହା ଥୋଇଦେଲା ।
କୋମଳ କରିଣ ତାକୁ ବଚନ ବୋଇଲା ॥
ଧୀର କରିଣ କହିଲା ଆଉ ଅନ୍ନ ନାହିଁ ।
ଯାହା ଥିଲା ହାଣ୍ଡିମଧ୍ୟେ ଆଣିଦେଲି ମୁହିଁ ॥
ସନ୍ତୋଷେ ଭୁଞ୍ଜ ବୋଲି ସେ ଭିତରକୁ ଗଲା ।
ତତକ୍ଷଣେ ସେହି ଚୋର ନେଇଣ ଭୁଞ୍ଜିଲା ॥
ଆତ୍ମାପୁରୁଷ ତାହାର ଦଗ୍ଧ ହେଉଥିଲା ।
ଉଦରେ ଅନ୍ନ ପଡ଼ନ୍ତେ ସୁସ୍ଥକୁ ଲଭିଲା ॥
ତହିଁର ସୁକୃତ ଯେତେ କେ ପାରିବ କହି ।
ଦଶଯଜ୍ଞ ଫଳ ତାକୁ ସରିହେବ ନାହିଁ ॥
ସେହି ଧର୍ମ ଦେଖି ରାଜା ସନ୍ତୋଷ ହୋଇବ ।
ତେବେ ତୁମ୍ଭର ରାଣୀକି ଛାଡ଼ି ଚାଲିଯିବ ॥
ବ୍ରହ୍ମଦୈତ୍ୟ ବୋଇଲା ଯେ ଦିଏ ଅନ୍ନଦାନ ।
ସଂସାର ମଧ୍ୟରେ ସେହି ଅଟେ ଭାଗ୍ୟବାନ ॥
ତାକୁ ପାପବ୍ରହ୍ମ କେବେ ଦୁଃଖ ନ ଦିଅନ୍ତି ।
ତା ଦେହୁ ରୋଗ ସକଳ ନାଶକୁ ଲଭନ୍ତି ॥
ତୁହି ରାଜନ ଲକ୍ଷେକ ବ୍ରାହ୍ମଣ ଭୋଜନ ।
ଦେଇଅଛୁ ଆଣିକରି ପ୍ରଜାଠାରୁ ଧନ ॥

Digitized by srujanika@gmail.com

ତନ୍ହିର ଫଳେ ମୁଁ କେବେ ନୋହିବ ଉଦ୍ଧାର ।
ହେବ ରାଜନ ଏଥୁ ବୁଦ୍ଧି ମୋତେ ଯାହି କର ॥
ଯେବେ ଦେଇପାର ସେହି ବୋହୂର ଧର୍ମକୁ ।
ତେବେ ଛାଡ଼ିବ ନ ନେବ ତୋ ରାଣୀ ପ୍ରାଣକୁ ॥
ଏହାପର କହିଥିଲେ ବାଇଦଣ୍ଡପାଣି ।
ଏବେ ମୁଁ କହିଲି ତୋତେ ଶୁଣ ନୃପମଣି ॥
ଶୁଣିଣ ରାଜନ ହେଲେ ଆନନ୍ଦିତ ଚିତ୍ତ ।
କୃଷ୍ଣଦାସକୁ ଅଣାଏ ବରଗିଣ ଦୂତ ॥
ରାକ୍ଷସ କହିବା କଥା ତା ଆଗେ କହିଲେ ।
ଶୁଣିକରି କୃଷ୍ଣଦାସ ସ୍ତମ୍ଭୀଭୂତ ହେଲେ ।
ମୋର ବୋହୂ କେଉଁପରି ଦେଲା ଅନ୍ନଦାନ ।
ପଚାରିଣ ଆସ ବୋଲି କହିଲେ ରାଜନ ॥
ଶୁଣିକରି କୃଷ୍ଣଦାସ ଘରଠାକୁ ଗଲା ।
ଦାନ ଦେବାର ବିଷୟ ବୋହୂକୁ କହିଲା ॥
ଯେମନ୍ତ ପ୍ରକାରେ ବୋହୂ ରାତ୍ରେ ଥିଲା ଦେଇ ।
ସେହିପରି ଶ୍ୱଶୁରକୁ କହିଲା ବୁଝାଇ ॥
ଶୁଣିକରି କୃଷ୍ଣଦାସ ବାହାରିଲା ସତ ।
ବେଗେ ଯାଇଁ ଜଣାଇଲା ନୃପତି ଅଗ୍ରତ ॥
ତୁମ୍ଭ ଆଜ୍ଞାରେ ମୁ ଯାଇଁ ବୋହୂକୁ ପୁଛିଲି ।
ସେ ବୋଇଲା ଅନ୍ନଦାନ ରାତ୍ରେ ଦେଇଥିଲି ॥
ରାଜନ ବୋଇଲେ ଦେଉ ମୋତେ ସେହି ଧର୍ମ ।
ତା ବଦଳେ ଦେବି ତୋତେ ଏକଖଣ୍ଡ ଗ୍ରାମ ॥
କୃଷ୍ଣଦାସ ବୋଇଲା ଯେ ପଚାର ବୋହୂକୁ ।
ତାହାର ଧର୍ମ କିପରି ଦେବ ମୁଁ ତୁମ୍ଭଙ୍କୁ ॥
ଶୁଣି ରାଜନ ହାନ୍ଦୋଳା ବେଗେ ଦେଲେ ପେଷି
ସଙ୍ଗତରେ ବରଗିଲେ ଦଶଜଣ ଦାସୀ ॥
ଦାସୀଏ ବୋଧି ବୋହୂକୁ ହାନ୍ଦୋଳେ ବସାଇ
ପରବେଶ ହେଲେ ରାଜ ନବରରେ ଯାଇଁ ॥
ବସ୍ତ୍ର ଅଳଂକାର ତାର ପାଶେ ଥୋଇଦେଇ ।
ଅନ୍ତରେ ରହି ରାଜନ କହିଲେ ବନେଇ ॥
ଦୁଇସହସ୍ର ଟଙ୍କାର ଯେ ଦୁଇଖଣ୍ଡି ଗ୍ରାମ ।
ନେଇକରି ଦିଅ ମାଗୋ ତୋର ସବୁ ଧର୍ମ ॥
ଶୁଣିକରି ସୁନ୍ଦରୀ ଯେ ଅସମ୍ମତ ହେଲା ।
ଏତେ ଧର୍ମ କେଉଁରୂପେ ଦେବଇଁ ବୋଇଲା ॥
ପାତ୍ରମିତ୍ର ଆଦିକରି କହନ୍ତେ ବୁଝାଇ ।
ସୁନ୍ଦରୀ କହିଲା ତେବେ ଅଧେ ଦେବି ମୁହିଁ ॥

ଶୁଣିଣ ବ୍ରହ୍ମରାକ୍ଷସେ କହିଲେ ନୃପତି ।
ଅଧେ ଧର୍ମ ଦେବ ବୋଲି ବୋଲଇ ଯୁବତୀ ॥
ବ୍ରହ୍ମରାକ୍ଷସ ବୋଇଲା ଆହେ ରାଜା ଶୁଣ ।
ସନ୍ତୋଷେ ଧନ ଦେଇଣ ସେ ଅଧିକ କିଣ ॥
ସମ୍ମତ କରାଇ ଲେଖା ଦେଇ ତାକୁ ପୁଣି ।
ମୋ ଆଗେ କହିଲେ ମୁହିଁ ଯିବି ଏହିକ୍ଷଣି ॥
ନରପତି ଜଣାଇଲା ଯୁବତୀ ଆଗର ।
ରାଣୀ କଷ୍ଟ ପାଉଛନ୍ତି ତାହାଙ୍କ ଉଦ୍ଧାର ॥
ତୁମ୍ଭେ ଏବେ ଦୁଇସହସ୍ର ଟଙ୍କାରେ ଦ୍ୱିଗ୍ରାମ ।
ନେଇଣ ସନ୍ତୋଷେ ଦିଅ ତୁମ୍ଭ ଅଧେ ଧର୍ମ ॥
ଶୁଣିଣ ସୁନ୍ଦରୀ ତାହା ସମ୍ମତ କଲା ।
ତମ୍ବାପଟା ଲେଖି ରାଜା ଯୁବତୀକି ଦେଲା ॥
ତମ୍ବାପଟା ହାତେ ଧରି ବୋଲଇ ଯୁବତୀ ।
ସନ୍ତୋଷରେ ଅଧେ ଧର୍ମ ଦେଲି ହେ ନୃପତି ॥
ଏତେ ବୋଲି ତମ୍ବାପଟା ହସ୍ତରେ ଧରିଲା ।
ଅଧେ ଧର୍ମ ଦେଇ ତହୁଁ ନିଜଘର ଗଲା ॥
ବ୍ରହ୍ମରାକ୍ଷସ ରାଣୀର ଦେହେ ଥିଲା ରହି ।
ରାଜା ବୋଲେ ନିଅ ଏବେ ଧର୍ମ କିଣିଲଇଁ ॥
ଧର୍ମ ପାଇଣ ରାକ୍ଷସ ହୋଇଲା ସନ୍ତୋଷ ।
ଏକ ରଡ଼ିରେ କମ୍ପାଇ ଦେଲା ସେହି ଦେଶ ॥
ମୋକ୍ଷ ହୋଇ ବ୍ରହ୍ମଦୂତ ସ୍ୱର୍ଗକୁ ଚଳିଲା ।
ଯେଣୁ ସେ ଅନ୍ନଦାନର ସୁକୃତ ପାଇଲା ॥
ତୁ ଯାହା ପୃଚ୍ଛିଲୁ ମନ ଶୁଣିଲୁ ସକଳ ।
ଅର୍ଦ୍ଧେକ ଧର୍ମରେ ଦୈତ୍ୟ ଗଲା ସ୍ୱର୍ଗଆଳ ॥
ଭୋକିଲୋକ ଦେଖିଲେ ତୁ ନାହିଁ ନ କରିବୁ ।
ଶକ୍ୟଅନୁକ୍ରମେ ଯାହା ଥିବ ତାହା ଦେବୁ ॥
ଶୁଣିଣ ସୁମନମନ ସନ୍ତୁଷ୍ଟ ହୋଇଲା ।
ଅନ୍ନଦାନେ ଏତେ ପୁଣ୍ୟ ଜାଣିଲି ବୋଇଲା ॥
ଗୋଟିଏ ଲୋକକୁ ଅନ୍ନ ଦେଇଥିଲା ସେହି ।
ତହିଁରୁ ଅର୍ଦ୍ଧେକ ଧର୍ମ ସେ ରାକ୍ଷସ ନେଇ ॥
ମୋକ୍ଷ ହୋଇ ଗଲା ବୋଲି କହିଲ ଆପଣ ।
ମୁହିଁ ଯେବେ ଦେବି ପାନ୍ଥିଜଣଙ୍କୁ ଭୋଜନ ॥
ତେବେତ ମୋହର ହେବ ବହୁତର ପୁଣ୍ୟ ।
ନିଶ୍ଚିନ୍ତ ହୋଇ ବସିବି ଯାଇଁ ସ୍ୱର୍ଗଧାମ ॥
ଚଇତନ ବୋଇଲେ ହୋ ଏମନ୍ତ ନୁହଇ ।
ମୁଁ ଯାହା କହୁଛି ଶୁଣ ସାବଧାନ ହୋଇ ॥

Digitized by srujanika@gmail.com

ବଣିଜାରି ଯେ ବାଣିଜ୍ୟ କରେ ସର୍ବକାଳେ ।
ସମସ୍ତେ ଲାଭ ନୋହିଲେ ମୂଳେ ମୂଳେ ମିଳେ
ଯେହୁ ସର୍ବଦାକାଳରେ ବାଣିଜ୍ୟ କରଇ ।
ତାହାର ଯେ କେତେ ଧନ କଳନା ନୁହଇ ॥
ମହାଜନ ବୋଲି ତାକୁ ସଭିଏ ବୋଲନ୍ତି ।
ଯେଣୁ ତାହାଠାରୁ ଋଣ ସମସ୍ତେ କଅନ୍ତି ॥
ତେମନ୍ତ ପରକାରରେ ଯେବେ ଦୟା ବହି ।
ମାଗିଲେ ତୁ ଦେଉଥିବୁ ନ କରିବୁ ନାହିଁ ॥
ତେବେ ସିନା ଜଗତରେ ହୋଇବୁ ବିଖ୍ୟାତ ।
ତା ଶୁଣି ଆସିବେ ଦୂରଦେଶୁ ଅଭ୍ୟାଗତ ॥
କେ ଦିନେ ବା ଦୁଇଦିନ ଉପବାସେ ଥିବ ।
ସେ ଲୋକ ଯେବେଳ ତୋଠିତ ଭୋଜନ ମାଗିବ
ଶୁଣିବାମାତ୍ରେ ତାହାକୁ ଅନ୍ନ ଦେଲେ ତୁହି ।
ତହିଁର ଯେତେ ସୁକୃତ କେ ପାରିବ କହି ॥
ବିଧାତା ଜାଣନ୍ତି ତାହା ନ ଜାଣନ୍ତି ଆନ ।
ସବୁ ଧର୍ମହୁଁ ଅଧିକ ଜାଣ ଅନ୍ନଦାନ ॥
କ୍ଷୁଧାର୍ତ୍ତ ହୋଇଣ କେହି ଅଇଲେ ତୋ ପାଶ ।
ତାକୁ ଭୋଜନ ଦେବୁ ନ କରିବୁ ନିରାଶ ॥
ଅଢାଏ ଚାଉଳ ଦେଲେ ମାଣକ ସୁକୃତ ।
ଅବଶ୍ୟ ପରଲୋକରେ ହୁଏ ପରାପତ ॥
ଏମନ୍ତ ପ୍ରକାରେ ଯେବେ କରୁ ସର୍ବକାଳ ।
ତେବେ ନିଶ୍ଚୟ ପାଇବୁ ଅନ୍ନଦାନ ଫଳ ॥
ଯେତେ ପ୍ରକାରେ ସୁକୃତ କରୁ କିନା ସେହି ।
ଅନ୍ନଦାନରେ ନିଶ୍ଚେ ସେ ବଇକୁଣ୍ଠ ପାଇ ॥
ତାହାଠାରେ ବିଷ୍ଣୁଙ୍କର ଥାଏ ଦୟାଚିତ୍ତ ।
ଅନୁଗ୍ରହ କରିଥାନ୍ତି ଅନ୍ନପୂର୍ଣ୍ଣି ମାତ ॥
ଜୀବନ୍ତେ ଅନ୍ନକଷ୍ଟ ନ ପାଏ କେତେବେଳେ ।
ଦେହାନ୍ତେ ବସଇ ଯାଇ ସେହି ବିଷ୍ଣୁ ଆଳେ ॥
ଅତିଥିଙ୍କୁ ଆରାଧନା କରେ ଯେଉଁ ନର ।
କହଇ ମାଧବ ମୁହିଁ ତାଙ୍କର କିଙ୍କର ॥

ବିରୂପାକ୍ଷ ଶବରର ମୁକ୍ତି ।

ଶୁଣିଣ ସୁମନବୀର ବୋଲଇ ଯଥାର୍ଥ ।
ତୁମ୍ଭେ ଯାହା କହିଲ ଏ କଥା ଅଟଇ ସତ ॥
ଏହିପରି କହ ମୋତେ ଦୁଇ ଚାରି କଥା ।
ଶୁଣିଥିଲେ କହିବ ହୋ ନ କହିବ ମିଥ୍ୟା ॥
ଚନ୍ଦନ ବୋଇଲେ ନ କହୁଁ ଆମ୍ଭେ ମିଛ ।
ଦେଖିଲା କଥା କହିବୁଁ ଶୁଣାକଥା ମିଛ ॥
ମନୋଯୋଗ କରି ତୁହି ଶୁଣ ହୋ ସୁମନ ।
ଆହୁରି କହିବା ଅନ୍ନଦାନ ବିବରଣ ॥
ବିରୂପାକ୍ଷ ନାମେ ଥିଲା ଗୋଟିଏ ଶବର ।
ଅରଣ୍ୟଭିତରେ ସେହୁ କରିଥାଏ ଘର ॥
ତାର ସ୍ତିରିଯାର ନାମ ଅଟଇ କେତକୀ ।
ଏ ଦୁହେଁ ପ୍ରତିପୋଷଣ ହୋନ୍ତି କାଠ ବିକି ॥
ଏମନ୍ତ ହୋଇଣ ତହିଁ ଗଲା କେତେଦିନ ।
ଗଙ୍ଗାସ୍ନାନେ ଯାଉଥିଲେ ବିପ୍ର ସାର୍ଥିଜଣ ॥
ବାଟରେ ଯାଆନ୍ତେ ସେହୁ ବ୍ୟାଘ୍ର ଭୟ ପାଇ ।
ପଳାଇଗଲେ ସକଳେ ଛିନ୍ନଭିନ୍ନ ହୋଇ ॥
ତହିଁରୁ ଏକ ବ୍ରାହ୍ମଣ ବଣା ହୋଇ ଗଲା ।
ତିନିଦିବସେ ଶବରପଲ୍ଲିରେ ମିଳିଲା ॥
ଶବର ମୁଖ ଚାହିଁଣ ବୋଲେ ସେ ବ୍ରାହ୍ମଣ ।
ତିନିଦିନ ହେଲା ଉପବାସେ ଅଛି ଜାଣ ॥
ଯେବେ ତଣ୍ଡୁଳ ଅଢାଏ ମୋତେ ତୁହି ଦେବୁ ।
ତେବେ ଯେ ମୋହର ତୁହି ଜୀବନ ରଖିବୁ ॥
ସେ ଦିନ ସେ ଆଣିଥିଲେ ଅଢାଏ ଚାଉଳ ।
ଦେଲେ ଉପାସେ ରହିବା କଥା ତାଙ୍କ ମୂଳ ॥
ଶୁଣି ଭାର୍ଯ୍ୟାକୁ ଶବର ବୋଇଲାକ ଶୁଣ ।
ତିନିଦିନ ଉପବାସେ ଅଛଇ ବ୍ରାହ୍ମଣ ॥
ତଣ୍ଡୁଳ ଅଢାକ ଆମ୍ଭେ ବ୍ରାହ୍ମଣକୁ ଦେବା ।
ଆମ୍ଭେ ପଛକେ ଉପାସେ ଆଜକ ରହିବା ॥
ଆମ୍ଭେ କାଲି ଦୁଇବେଳ ଅନ୍ନ ଅଛୁ ଖାଇ ।
ତିନିଦିନ ଉପବାସେ ବ୍ରାହ୍ମଣ ଅଛି ॥
ଦିନେ ଉପାସେ ରହିଲେ ଲାଭ ବଡ଼ କଷ୍ଟ ।
ତିନିଦିନେ ହେଉଥିବ ସେହି ଛଟପଟ ॥
ଏହା ଶୁଣି ଶବରଣୀ ବୋଲେ ଦେବ ନାହିଁ ।
ମୁହିଁ ଭୋକରେ ରହିଣ ଦେବ କାହିଁପାଇଁ ॥
ଶୁଣିଣ ସେ ବ୍ରାହ୍ମଣର ବ୍ୟସ୍ତ ହେଲା ମନ ।
ନିଶ୍ଚୟ ମୋ ପ୍ରାଣଗଲା ନ ମିଳିଲା ଅନ୍ନ ॥
ପୁଣି ଶବର ତଣ୍ଡୁଳ ବେନିଭାଗ କଲା ।
ଆପଣା ଭାଗକ ନେଇ ବ୍ରାହ୍ମଣକୁ ଦେଲା ॥
ତେତେକ ନେଇ ବ୍ରାହ୍ମଣ କଲାକ ରନ୍ଧନ ।
ଭୋଜନ କରନ୍ତେ ତାରା ସୁସ୍ଥ ହେଲା ପ୍ରାଣ ॥

Digitized by srujanika@gmail.com

ଘରଣୀ ତାହାର ଯେଉଁ ଭାଗଟିକ ନେଲା ।
ଗେରସ୍ତଙ୍କୁ ନ ଦେଇଣ ଏକାକେ ଖାଇଲା ॥
ସେଦିନ ଉପବାସରେ ରହିଲା ଶବର ।
ଅମୃତ ବୋଧ ଜ୍ଞାନେ ଭକ୍ଷିଲକ ନୀର ॥
ବ୍ରାହ୍ମଣ ବୋଲେ ଶବର ମୁଖକୁ ଅନାଇଁ ।
କେଉଁ ବାଟେ ଯିବ ମୁହିଁ ଦିଅ ପଥ କହି ॥
ଶୁଣିଣ ଶବର ତାଙ୍କୁ ସଙ୍ଗେ ଘେନିଗଲା ।
ମାର୍ଗ ଦେଖାଇ ଦେଇଣ ବାହୁଡ଼ି ଆଇଲା ॥
କଲ୍ୟାଣ କରିଣ ତାଙ୍କୁ ଗଲେ ଦ୍ୱିଜବର ।
ଏ ଉତ୍ତାରୁ ଯାହା ହେଲା ଶୁଣ ମନ୍ତ୍ରୀବର ॥
ଏକଦିନେ ସେ ଶବର ଶବରଣୀ ଦୁଇ ।
ବନସ୍ତକୁ ଯାଇଥିଲେ କାଠ କଣ୍ଟା ପାଇଁ ॥
ସେ ବନ ଭିତରେ ଦୁଷ୍ଟ ବ୍ୟାଘ୍ର ଏକ ଥିଲା ।
ଦୁହିଙ୍କି ଏକା ବେଳକେ ମାରି ପକାଇଲା ॥
ସେହିକ୍ଷଣେ ଯମଦୂତେ ତାଙ୍କୁ ଘେନିଗଲେ ।
ସଞ୍ଜୀବନୀ ପୁରେ ନେଇ ପ୍ରବେଶ କରିଲେ ॥
ତାଙ୍କୁ ଦେଖି ଜନ୍ତୁପତି ବୋଇଲେ ବଚନ ।
କହ ମନ୍ତ୍ରୀ ଏହାଙ୍କର କେତେ ପାପ ପୁଣ୍ୟ ॥
ଚିତ୍ରଗୁପତ ବୋଇଲା ଆହେ ରାଜା ଶୁଣ ।
ତିନିଦିନ ଉପବାସେ ଏକଇ ବ୍ରାହ୍ମଣ ॥
ଏହାଙ୍କର ଗୃହରେ ସେ ପହୁଞ୍ଚିଲା ଯାଇଁ ।
କ୍ଷୁଧାର୍ତ୍ତ ଥିବାରୁ ଅନ୍ନ ମାଗିଲକ ସେହି ॥
ସେଦିନ ଏ ଆଣିଥିଲେ ଅଢ଼ାଏ ଚାଉଳ ।
ଭାରିଯାକୁ ରାନ୍ଧିକରି ବୋଇଲା ଶବର ॥
ଏ ଅଢ଼ାକ ଚାଉଳ ଗୋ ବ୍ରାହ୍ମଣଙ୍କୁ ଦେବା ।
ଆମ୍ଭେ ଦୁହେଁ ଉପବାସେ ଆଜକ ରହିବା ॥
ଶୁଣିଣ ଏ ଶବରଣୀ ନ ଦେବ ବୋଇଲା ।
ତେଣୁକରି ଶବର ତା ବେନିଭାଗ କଲା ॥
ଶବରଣୀ ଭାଗଟିକ ଶବରଣୀ ନେଇ ।
ଏ ଶବର ନିଜଭାଗ ବିପ୍ରେ ଅଛି ଦେଇ ॥
ଏ ଧର୍ମରୁ ଆନ ଧର୍ମ କିଛି କରି ନାହିଁ ।
ଏଥକୁ ବିଚାର ତୁମ୍ଭେ କର ଜନ୍ତୁସାଇଁ ॥
ଶୁଣିକରି ଜନ୍ତୁପତି ଆନନ୍ଦିତ ମନ ।
ବୋଇଲେ କେ ଅନ୍ତ କରିବ ଶବରର ପୁଣ୍ୟ ॥
ସିଦ୍ଧରାଷ୍ଟ୍ର ନାମେ ଅଛି ଏକଇ ନଗର ।
ରଘୁନାଥ ନାମେ ଅଛି ତହିଁ ଦଣ୍ଡଧର ॥

ପଦ୍ମାବତୀ ନାମ ଅଟେ ତାର ପାଟରାଣୀ ।
ଅତ୍ୟନ୍ତ ସୁନ୍ଦରୀ ସେହୁ ଗୁରୁ ସୁଲକ୍ଷଣୀ ॥
ତାର ଗର୍ଭେ ଶବରକୁ ନେଇ ଜାତକର ।
ବଡ଼ ଧାର୍ମିକ ଅଟଇ ସେହି ନୃପବର ॥
ପୁତ୍ର ନ ହେବାରୁ ସେହି ଭଜେ ରାତ୍ରଦିନ ।
ଏହି ଶବର ହେଉ ସେ ତାହାର ନନ୍ଦନ ॥
ବଳେ ବଳୀୟାର ହେବ ରୂପରେ ସୁନ୍ଦର ।
ସେ ଦେଶର ରାଜା ହେବ ସଂଗ୍ରାମରେ ଶୂର ॥
ନିଷ୍କଣ୍ଟକେ ଏ କରିବ ଭୋଗ ସେହି ରାଜ୍ୟ ।
ଅରିକୁଳ ସମୂଳେ କରିବ ଦହିଯ୍ୟ ॥
କୁବେର ସମାନ ଏହୁ ହେବ ଧନେଶ୍ୱର ।
ବୁଦ୍ଧିରେ ସେ ବୃହସ୍ପତି ଦାନେ ହେବ ଶୂର ॥
ସହିବା ପଣେ ଧରଣୀ ଧଇର୍ଯ୍ୟରେ ମେରୁ ।
ଏତେକ ଫଳ ପାଇବ ସେ ଅନ୍ନଦାନରୁ ॥
ସେହି ରାଜାଙ୍କର ବାଡ଼ିଟାଏ ଯେ ଅଟଇ ।
କାଞ୍ଚିନାମେ ଶଙ୍କର ଯେ ତାହାର ଅଛଇ ॥
ଏହି ଶବରଣୀକି ତା ଗର୍ଭେ ଜାତକର ।
ଏହି ସେ ମହାପାତକୀ ଅଟେ ସ୍ତ୍ରିରାକ୍ଷର ॥
ଏହା ଶୁଣି କରଯୋଡ଼ ବୋଲଇ ଶବର ।
ହେ ପ୍ରଭୁ କହିବ କିଛି ତାହା ଘେନାକର ॥
ଏ ଜନ୍ମର କଥା ଆରଜନ୍ମେ ମନେ ଥିବ ।
ସୁଦୟା ଚିତ୍ତରେ ମୋତେ ଏହି ଆଜ୍ଞା ହେବ ॥
ଶୁଣିକରି ନାଶକର ବୋଇଲେ ତା ହେଉ ।
ତୋର ଜନ୍ମକଥା ଆରଜନ୍ମେ ମନେ ରହୁ ॥
ଯେଉଁ ଅନୁରୂପେ ଆଜ୍ଞା ଦେଲେ ନାଶକର ।
ସେହି ଅନୁରୂପେ ଜନ୍ମ ଲଭିଲା ଶବର ॥
ଘରଣୀ ତାର ପାଇଲା କୁକୁର ଜନମ ।
ଅନ୍ନଦାନର ଏପରି ଅଛଇ ମହାତ୍ମ୍ୟ ॥
ସେ ପୁତ୍ରର ଯୁବାକାଳ ହୋଇଲା ପ୍ରବେଶ ।
ପିତାଅନ୍ତେ ସେ ରାଜ୍ୟରେ ହେଲା ସେ ନରେଶ ॥
ଯେଉଁ ପରକାରେ କହିଥିଲେ ଜନ୍ତୁପତି ।
ସେହି ଅନୁସାରେ ହେଲା ଗୁଣବନ୍ତ ଅତି ॥
ଗତଜନ୍ମ କଥା ତାର ଅଛଇ ମନରେ ।
ପ୍ରତିଦିନ ସେ ରାଜନ ସେକଥା ବିଚାରେ ॥
ଅଢ଼ାଏ ଚାଉଳ ମୁ ଯେ ବ୍ରାହ୍ମଣଙ୍କୁ ଦେଲି ।
ସେହି ସୁକୃତରୁ ଏବେ ନୃପତି ହୋଇଲି ॥

Digitized by srujanika@gmail.com

ଏବେତ ଧନ ଭଣ୍ଡାରେ ଅଛଇ ବହୁତ ।
ସହସ୍ରେ ବ୍ରାହ୍ମଣ ମୁହିଁ ଭୁଞ୍ଜାଇବି ନିତ୍ୟ ॥
ତେଣୁ ବହୁତ ସୁକୃତ ହୋଇବ ମୋହର ।
ସେହିଫଳେ ଯାଇବି ମୁଁ ସ୍ୱର୍ଗ ଅଧିକାର ॥
ଏତେଭଲି ସହସ୍ରେକ ବିପ୍ର ନିତି ଯାଇ ।
ଘୃତ ପକ୍ୱ ପିଠାକରି ଭୋଜନ ଦିଅଇ ॥
ଏହିପରି ଛଅମାସ ତାଙ୍କୁ ଭୋଜି ଦେଲା ।
ତହିଁ ଉତ୍ତାରୁ ଦିନେକ ଏହା ପଚାରିଲା ॥
ବୋଇଲା ଆହେ ଗୋସାଇଁ ତୁମ୍ଭେମାନେ ଶୁଣ ।
ତେତେକଙ୍କୁ ଏତେ ଏତେକଙ୍କୁ କେତେ ପୁଣ ॥
ଶୁଣିଣ ବ୍ରାହ୍ମଣମାନେ ନ ପାରନ୍ତି କହି ।
ପ୍ରତିଦିନ ସେ ରାଜନ ତାଙ୍କୁ ପଚାରଇ ॥
ତେତେକଙ୍କୁ ଏତେ ଏତେକଙ୍କୁ କେତେ କହି ।
ଶୁଣି ବିପ୍ର ମାନଙ୍କର କମ୍ପମାନ ଦେହି ॥
ନାନା ଦେଶୁ ଆଣିକରି ନାନା ଶାସ୍ତ୍ରମାନ ।
ପଢିଣ ଖୋଜନ୍ତି ରାଜା ପ୍ରଶ୍ନ ପ୍ରତିଦିନ ॥
ତେତେକଙ୍କୁ ଏତେ ଏତେକଙ୍କୁ କେତେ ବୋଲି ।
ନାନାବିଧ ଶାସ୍ତ୍ର ଖୋଜନ୍ତି ବିଚାର୍ଯ୍ୟ ବୁଲି ବୁଲି ॥
କାହିଁରେ ସେ ନ ପାଇଲେ କହିଲେ ଯା ରାଜା ।
ତେଣୁକରି ସର୍ବ ବିପ୍ରେ ପାଇଲେକ ଲଜ୍ଜା ॥
ପୁଣିହିଁ ଆଉଦିନେ ସେ ଦେଇଣ ଭୋଜନ ।
ବୋଇଲା କିପାଁ ନ କହ ପୁଚ୍ଛିଲି ଯେ ପ୍ରଶ୍ନ ॥
ତେତେକଙ୍କୁ ଏତେ ଏତେକଙ୍କୁ କେତେ କହ ।
ନ କହିଲେ ମୋ ରାଜ୍ୟରୁ ତୁମ୍ଭେମାନେ ଯାଅ ॥
ଆଜ ଯାଅ ବିପ୍ରମାନେ କହିବ ଯେ କାଲି ।
ସକଳ ବ୍ରାହ୍ମଣେ ଯାଇଁ ହୋଇଲେ ଏକମେଳି ॥
ବୋଇଲେ ଆମ୍ଭେ ଆଉ ନ ଯିବା ରାଜାଦ୍ୱାର ।
ଯେବେ ଆମ୍ଭ ବାଞ୍ଛା ପୂର୍ଣ୍ଣ କରିବେ ଶ୍ରୀଧର ॥
ତେବେ ଯାଇ ଏ ବିଷୟ ନୃପେ ବୁଝାଇବା ।
ନୋହିଲେ ଏ ରାଜ୍ୟ ସର୍ବେ ପଳାଇଣ ଯିବା ॥
ଏତେ ବୋଲିଣ ବିଷ୍ଣୁଙ୍କୁ ସର୍ବେ କଲେ ଧ୍ୟାନ ।
ଅନ୍ତର୍ଯ୍ୟାମୀ ଜାଣିଲେ ଯେ ବିପ୍ରଙ୍କର ମନ ॥
ବୃଦ୍ଧ ବିପ୍ର ସ୍ୱରୂପରେ ପ୍ରବେଶିଲେ ତହିଁ ।
ବିପ୍ରଙ୍କୁ ବୋଇଲେ କିସ ଭଲ ରୁଣ୍ଡହୋଇ ॥
ବ୍ରାହ୍ମଣେ ବୋଇଲେ ଶୁଣ ହେ ବୃଦ୍ଧ ଆପଣ ।
ଆମ୍ଭଙ୍କୁ ପ୍ରତ୍ୟହ ପୁଚ୍ଛେ ଏ ଦେଶରାଜନ ॥
ତେତେକଙ୍କୁ ଏତେ ଏତେକଙ୍କୁ କେତେ କହ ।
କହି ନ ପାରିଲେ ମୋର ରାଜ୍ୟ ସର୍ବେ ଯାଅ ॥
ପ୍ରତ୍ୟହ ସହସ୍ର ବ୍ରାହ୍ମଣ ଭୋଜନ ସେ ଦେଇ ।
ତା ଉତ୍ତାରୁ ଏହି କଥାଟିକି ପଚାରଇ ॥
ତେଣୁକରି ଆମ୍ଭଙ୍କ ସେ ପଡୁଛି ବିପତ୍ତି ।
ଦେବେଶ ରହିବା ଉଦ୍ଧାର କଲେ ଦାଶରଥି ॥
ଆର୍ତ୍ତଙ୍କ ନାଶନ ବାନା ବହିଛନ୍ତି ସେହି ।
ସେପ୍ରଭୁ ଆମ୍ଭଙ୍କୁ ଏଥୁ କରିବେକ ତ୍ରାହି ॥
ତାଙ୍କୁ ଆମ୍ଭେ ସୁମରଣା କରୁଅଛୁଁ ବସି ।
ଯାହା କରିବେ କରନ୍ତୁ ସେ ବୈକୁଣ୍ଠବାସୀ ॥
ଆର୍ତ୍ତନାଶନ ବାନା ଉଡ଼ଇ ତାଙ୍କର ।
ସେହି ସେ ଏହି ସଙ୍କଟୁ କରିବେ ଉଦ୍ଧାର ॥
ଆପଣ କାହୁଁ ଅଇଲେ କେଉଁଠାରେ ଘର ।
ଜାଣିଥିଲେ ଏ କଥାର ଦିଅନ୍ତୁ ଉତ୍ତର ॥
ମାୟାବୀ ବିପ୍ର ବୋଇଲେ ନ ଭୂଲ ହେ କେହି ।
ରାଜାର ଏହି ପ୍ରଶ୍ନକୁ ଦେବୁଁ ଆମ୍ଭେ କହି ॥
ଶୁଣିଣ ବ୍ରାହ୍ମଣମାନେ ଆନନ୍ଦ ଅପାର ।
ସକଳ ବିପ୍ର ତାହାଙ୍କୁ କଲେ ନମସ୍କାର ॥
ଆଦର କରିଣ ତାଙ୍କୁ ମନ୍ଦିରେ ରଖିଲେ ।
ଆରଦିନ ସଙ୍ଗେ ନେଇ ରାଜାପାଶେ ଗଲେ ॥
ମାୟା ବିପ୍ରଙ୍କୁ ବସାଇ ସର୍ବ ପ୍ରଥମରେ ।
ସକଳ ବିପ୍ର ବସିଲେ ତାହାଙ୍କ ଉତ୍ତାରେ ॥
ଧାଡ଼ିକ ଧାଡ଼ି ବସନ୍ତେ ଭୋଜନ ନିମନ୍ତେ ।
ନାନା ପିଠା ପରସିଲେ ଖାଇଥିଲେ ଯେତେ ॥
ଭୋଜନ ଅନ୍ତେ ସକଳେ ଆଚମନ କଲେ ।
ଏକଠାବେ ବସି ପାନ ଚନ୍ଦନ ସେବିଲେ ॥
ଏମନ୍ତ ସମୟେ ଆସି ମିଳିଲା ରାଜନ ।
ବୋଇଲା ବ୍ରାହ୍ମଣମାନେ କଲଟି ଭୋଜନ ॥
ମୋହର ବିଷୟ ଆଜ କହିଲେ ଛାଡ଼ିବି ।
ତେତେକୁ ସ୍ନେହେଲି ଏତେକଙ୍କୁ କେତେ ହେବ
ମାୟାବିପ୍ର ବୋଇଲେକ ରାଜା ମୁଖ ଚାହିଁ ।
ତେତେକୁ ସ୍ନେହେଲୁ ଏତେକଙ୍କୁ କଳ୍ପନାହିଁ ॥
ଶୁଣିକରି ନରପତି ତାଙ୍କ ପାଦେ ପଡ଼ି ।
ଉଠି ଉଭାହେଲା ଶିରେ ବେନିକର ଯୋଡ଼ି ॥
ପ୍ରଭୁଙ୍କ ବଚନେ ତାଙ୍କ ତହୁଁ ଘେନିଗଲା ।
ସୁବର୍ଣ୍ଣ ଆସନପରେ ନେଇ ବସାଇଲା ॥

Digitized by srujanika@gmail.com

ବେଣୁକର ଯୋଡ଼ ତାଙ୍କ ପଶ୍ଚରେ ନରେଶ ।
କପଟ ଜାଣିଲ ଏହା କହ ବିପ୍ରଶେଷ ॥
ତେତେକୁ ସ୍ୱା ହୋଇଲ ଏତେକଙ୍କୁ କଛ ନାହିଁ ।
ଏଥିର କାରଣ ମୋତେ କହନ୍ତୁ ବୁଝାଇ ॥
ଗୋବିନ୍ଦ ବୋଇଲେ ତୁହି ଶୁଣ ନୃପବର ।
ପୂର୍ବଜନ୍ମେ ଜାତରେ ତୁ ଥିଲୁ ହୋ ଶବର ॥
ଏକ ବ୍ରାହ୍ମଣଙ୍କୁ ତୁହି ଅନ୍ନଦାନ ଦେଲୁ ।
ସେହି ପୁଣ୍ୟେ ଏବେ ତୁହି ନୃପତି ହୋଇଲୁ ॥
ବର୍ତ୍ତମାନ ଦ୍ରୋହକର୍ମ କରୁଛୁ ରାଜନ ।
ପରଜାଙ୍କଠାରୁ ହିନା ଆଣୁଅଛୁ ଧନ ॥
ସେହି ଧନେ ତୁହି ନାନା ଭୋଗ କରୁଅଛୁ ।
ନିତ୍ୟ ସହସ୍ର ବ୍ରାହ୍ମଣ ଭୋଜନ ଦେଉଛୁ ॥
କେଉଁକଥାରେ ତୋହର ହୋଇଅଛୁ ଋଣୀ ।
ଯେ ଧର୍ମକୁ ଏ ଧରମ କାହିଁ ହୋଇବ ଜାଣି ॥
ଅନେକ କଷ୍ଟରେ ତୁହି କାଠଭାର ନେଇ ।
ତାହାକୁ ବିକ୍ରୟ କଲୁ ଗ୍ରାମରେ ବୁଲଇ ॥
ତେବେ ମୁଖେ ପଡ଼ିଥିଲ ତୋ ମୁଣ୍ଡର ଝାଳ ।
ସେହିଧନେ ଆଣିଥିଲୁ ଅଢ଼ାଏ ଚାଉଳ ॥
ଏ ସମୟେ ତିନିଦିନ ଉପବାସେ ପୂଣ ।
ତୋଘରେ ମିଳିଲ ଆସି ଏକଇ ବ୍ରାହ୍ମଣ ॥
ଭୋଜନ ମାଗନ୍ତେ ତାକୁ ତୁହି ନାସ୍ତି କଲୁ ।
ଭାରିଯା ଆଗେ ବ୍ରାହ୍ମଣ ବିଷୟ କହିଲୁ ॥
ଶୁଣି ଭାରିଯା ଦେବାକୁ ନାହିଁ ନାହିଁ କଲା ।
ବେନିଭାଗ କରି ନିଜଭାଗକୁ ରଖିଲା ॥
ତୋଭାଗ ତଣ୍ଡୁଳ ଦ୍ୱିଜେ ଦେଲୁ କୃପା ବହି ।
ସନ୍ତୁଷ୍ଟ ହୋଇଲ ବିପ୍ର ତାହା ରାନ୍ଧି ଖାଇ ॥
ତେଣୁକରି ଧର୍ମ ତୋର ହୋଇଲା ଅପାର ।
ସେହି ପୁଣ୍ୟରୁ ହୋଇଲୁ ତୁହି ନୃପବର ॥
ଭାରିଯା ତୋର ଘୁଷୁରି ଜନମ ଲଭିଲା ।
ତୋତେ ରାଜା ଏତେ ଶିରୀ ପ୍ରାପତ ହୋଇଲା ॥
ଶୁଣିକରି ନରବର ହୋଇଲ ସନ୍ତୋଷ ।
ବିପ୍ରମାନଙ୍କୁ ଅନେକ ଦେଲା ଧନ ବାସ ॥
ସନ୍ତୁଷ୍ଟ ହୋଇଣ ସର୍ବ ବିପ୍ର ଚଳିଗଲେ ।
ଅନ୍ତର୍ଯ୍ୟାମୀ ନାଥ ତହୁଁ ଅନ୍ତର ହୋଇଲେ ॥
ସେହି ଦିନଠାରୁ ରାଜା କାହାକୁ ନ ପୁଛି ।
ବିପ୍ରଙ୍କୁ ଭୋଜନ ସଦା ଦିଏ ଯାଚି ଯାଚି ॥

ଏହା ଶୁଣି ସୁମନ ଯେ ସନ୍ତୁଷ୍ଟ ମନରେ ।
ବୋଲେ ଅନ୍ନଦାନ ସାର ଅଟେ ଏ ସଂସାରେ ॥
ଚୈତନ୍ୟ ବୋଲେ ହେ ଜଳ ଅନ୍ନଦାନ ଦୁଇ ।
ଜଗତେ ଏଥିରୁ ବଳି ଧର୍ମ ଆଉ ନାହିଁ ॥
ଜ୍ଞାନେ ବା ଅଜ୍ଞାନେ ଯେହୁ ଭଜେ କୃଷ୍ଣନାମ ।
ଏ ତିନିକଥାଙ୍କୁ ମନ କେହି ନାହିଁ ସମ ॥
ଜାଣି ନ ଜାଣି ଯେ ଜନ ଏହିକଥା କରି ।
ଏଥିକୁ ଯଜ୍ଞଧର୍ମ ଯେ ନୋହେ ସମସରି ॥
ଗୃହସ୍ଥ ଧର୍ମରେ ଥାଇ ଯେ ଏହା କରଇ ।
କେତେବେଳେ ଅମଙ୍ଗଳ ତାହାର ନୁହଇ ॥
ଜୀଅନ୍ତେ ଐଶ୍ୱର୍ଯ୍ୟ ଭୋଗ ମଲେ ସ୍ୱର୍ଗବାସ ।
କିଅବା ବୈକୁଣ୍ଠପୁରେ କରଇ ଆବାସ ॥
ସେ ଲୋକଙ୍କୁ ଅନୁଗ୍ରହ କରନ୍ତି ଶ୍ରୀହରି ।
ତାହାର କଣ୍ଠରୁ କେଭେ ନ ଛାଡ଼ଇ ଶିରୀ ॥
ଜନ୍ମେ ଜନ୍ମେ ତାହାକୁ ନ ଥାଏ ଆଉ ଦୁଃଖ ।
ଯେଣୁ ସୁଦୟା କରନ୍ତି ତାକୁ ପଦ୍ମମୁଖ ॥
ତେଣୁକରି ତାହାକୁ ଯେ ଧର୍ମ ନ ଛାଡ଼ଇ ।
ସବୁବେଳରେ ତାହାର ଧର୍ମେ ମତିଥାଇ ॥
ଶ୍ରୀହରିଚରଣ ତଳେ ରଖି ପଞ୍ଚମନ ।
ମାଧବ ମୋକ୍ଷପୁରାଣ କଲକ ବଖାଣ ॥

କୃଷ୍ଣଦାସ ଓ ଚନ୍ଦ୍ରକଳାର ଉପାଖ୍ୟାନ ।

ମସ୍ତକେ କର ନିଟ୍ଟବିଶି ସୁମନ ବୋଲଇ ।
ହେ ଚୈତନ୍ୟ କଥାଏକ ପଚାରୁଛି ମୁହିଁ ॥
ଅଜ୍ଞାନେ ତରନ୍ତି କିଏ ଦେଇ ଜଳଦାନ ।
ତାହା ମୋତେ ସଂକ୍ଷେପରେ କୁହ ହେ ଚୈତନ୍ୟ
ତୁମ୍ଭର ମୁଖରୁ ଶୁଣିଲେ ଯିବଇଁ ପରତେ ।
ତୁମ୍ଭବିନୁ କହିବାକୁ ଅଛି କେ ଜଗତେ ॥
ତିହ୍ନୁଁ ଚୈତନ୍ୟ କହନ୍ତି ଶୁଣ ହେ ସୁମନ
କୃଷ୍ଣଦାସ ନାମେ ଥିଲା ଏକଇ ବ୍ରାହ୍ମଣ ॥
ଚନ୍ଦ୍ରକଳା ନାମେ ଅଟେ ତାହାର ଘରଣୀ ।
ନିରନ୍ତରେ ଖଳକଥା ଖୋଜେ ସେ ବ୍ରାହ୍ମଣୀ ॥
ଖଳକଥା ବିନୁ ସେହି ନ ଜାଣଇ ଆନ ।
କର୍ଣ୍ଣରେ ନ ଶୁଣେ କେଭେ ଗୋରସ୍ତ ବଚନ ॥

Digitized by srujanika@gmail.com

ଗେରସ୍ତର କଥାଯାକ ସଳ ତୁଲ୍ୟ ମଣେ ।
ପ୍ରସଁଗାଳ ସତୀଙ୍କୁ ନାରନ୍ତର ଭଣେ ॥
ସ୍ୱାମିକୁ ଦେଖିଲେ ସଦା ମୁହଁ ମୋଡ଼ୁଥାଇ ।
ବୋଲଇ ନ ମର ବୁଢ଼ା ଜୀଇଛୁ କପାଇଁ ॥
ଏହାପରେ ଏକଦିନେ କୌଣସି କଥାରେ ।
କଳହ ଲଗାଇଲା ସେ ଗେରସ୍ତ ସଙ୍ଗରେ ॥
ଅତିଶୟ ଖଳବୁଦ୍ଧି ଅଟଇ ସେ ମୋଢ଼ୀ ।
କୋପେ କୃଷ୍ଣଦାସ ତାକୁ ପିଟେ ଧରି ବାଡ଼ି ॥
ମାଡ଼କୁ ଭୟ କରିଣ ତହୁଁ ପଳାଇଲା ।
ବାଟବାଟେ ଯାଇଣ ସେ ବନସ୍ତେ ପଶିଲା ॥
ଋଷିଙ୍କର ଖଣ୍ଡୂରେ ବସିଲୀକ ଯାଇଁ ।
ତାହାକୁ ଆଣିବାପାଇଁ ନ ଗଲେ ଯେ କେହି ॥
ମୂଣ୍ଡପୋଡ଼ଶା କାନ୍ଦଇ ଭଳି ପିତା ମାତ ।
କାଠିଖଣ୍ଡେ ଧରିଣ ସେ ଖୋଳେ ଏକଗାତ ॥
ଖୋଳୁଁ ଖୋଳୁଁ ହୋଇଲା ସେ ଅତ୍ୟନ୍ତ ବିସ୍ତାର ।
ମାଟିକାଢ଼ି ଗାତକୁ ସେ କରିଲା ଗମ୍ଭୀର ॥
ଏକାଳେ ଗେରସ୍ତ ତାର ଖୋଜି ଖୋଜି ଗଲା ।
ଦୈବଯୋଗେ ଘୋର ବନେ ଯାଇଁଣ ଭେଟିଲା
ବହୁତରୂପେ ପ୍ରବୋଧି କହିଲା ମନାଇ ।
କରଧରି ପୁରକୁ ସେ ଆଣିଲା ଫେରାଇ ॥
ନିଜଗୃହେ ଚଳିଲେକ ତହୁଁ ବେନିଜନ ।
ଏଥୁ ଅନନ୍ତ ଯାହା ହେଲା ଶୁଣ ହୋ ସୁମନ ॥
ଏତେକ ମେଷମାସ ପୁଣି ଗ୍ରୀଷମ ବହୁତ ।
ଆକାଶ ମାର୍ଗରେ ମେଘ ଛାଙ୍କିଲା ତୁରିତ ॥
ମୁଷଳଧାରା ପରାଏ ବରଷିଲା ବାରି ।
ବ୍ରାହ୍ମଣୀ ଖୋଳିବା ଗର୍ତ୍ତେ ଜଳଗଲା ପୂରି ॥
ପୂର୍ବରୁ ଶୁଷ୍କ ହୋଇଣ ଥିଲା ଯେ ଧରଣୀ ।
କୌଣସିଠାବରେ ଆଉ ନ ରହିଲା ପାଣି ॥
ଏକାଳେ ବନେ ପଶିଲେ ଯାଇଁ ଗୋପାଳ ।
ଆନନ୍ଦେ ଖାଇଲେ ବୁଲି ବୁଲି ପତ୍ର ଡାଳ ॥
ଜଳ ପିଇବା ପାଇଁକ ଦୂରେ ଚଳିଗଲେ ।
କେଉଁଣସି ମତେ କାହିଁ ଜଳ ନ ପାଇଲେ ॥
ସବୁଦିନେ ପିଅନ୍ତି ସେ ଯେଉଁଠାରେ ଜଳ ।
ତହୁଁ ନିରାଶେ ଲେଉଟି ଅଇଲେ ସକଳ ॥
ତୃଷାର ଆରତେ ହମ୍ବା ରାବମାନ ଦେଇ ।
ବଳବନ୍ତ ଗୋରୁମାନେ ଯାନ୍ତି ଆଗ ହୋଇ ॥

ପ୍ରଚଣ୍ଡ ସୂର୍ଯ୍ୟ କିରଣେ ତପତ ଭୂତଳ ।
ଦଶଘଡ଼ି ଅସିଣ ଯେ ହୋଇଲାଣି ବେଳ ॥
ତା ମଧ୍ୟରେ ଏକଗୋଟି ଥିଲା ବୃଦ୍ଧଗାଈ ।
ବକଳେ ଆସେ ତୃଷାରେ ଆରତ ସେ ହୋଇ ॥
ଚଲି ନ ପାରଇ ପଥ ଆସେ ଟଳି ଟଳି ।
ବେନି ନୟନରୁ ନୀର ପଡ଼ୁ ଅଛି ଗଳି ॥
ଦୈବଯୋଗେ ବ୍ରାହ୍ମଣୀର ଗର୍ତ୍ତକୁ ଦେଖିଲା ।
ଅର୍ଦ୍ଧକୁମ୍ଭ ହେବ ଜଳ ତହିଁ ରହିଥିଲା ॥
ବେଗ ହୋଇ ଗର୍ତ୍ତମଧ୍ୟୁଁ କଲା ଜଳପାନ ।
ପିଇବା ମାତ୍ରକେ ତାର ସୁସ୍ଥ ହେଲା ପ୍ରାଣ ॥
ସନ୍ତୋଷ ହୋଇ ଶୋଇଲା ଯାଇଁ ଛାଇତଳେ ।
ଗ୍ରାମକୁ ଫେରି ଅଇଲା ପୁଣି କେତେବେଳେ ॥
ଏଣେ ବ୍ରାହ୍ମଣୀ ସମୟେ ଲଭିଲା ପଞ୍ଚତ୍ୱ ।
ତାକୁ ଧରି ଘେନିଗଲେ ଆସି ଯମଦୂତ ॥
ପତିଦ୍ରୋହୀ ବୋଲି ତାକୁ ବହୁତ ଦଣ୍ଡିଲେ ।
ଶିମୁଳି ବୃକ୍ଷରେ ନେଇ ତାହାକୁ ବାନ୍ଧିଲେ ॥
ବିକଳେ ଡାକେ ରୋଦନ କରଇ ବ୍ରାହ୍ମଣୀ ।
କର୍ଣ୍ଣରେ ଶୁଣିଲା ତାହା କାଳଦଣ୍ଡ ପାଣି ॥
ଦୂତଙ୍କୁ ବୋଇଲା ତାକୁ ବେଗେ ଘେନିଆସ ।
ଶୁଣି ଦୂତମାନେ ନେଇ କଲେ ରାଜା ପାଶ ॥
ଦେଖିଣ ନାରୀକର ଯେ ବିଚାରଇ ମନ ।
ପୂଣ୍ୟ ଥିଲାର ପରାୟେ ଦିଶେ ଏହା ବର୍ଣ୍ଣ ॥
ଏତେ ବୋଲି ରାଜା ଚିତ୍ରଗୁପ୍ତଙ୍କୁ ଚାହିଁଲା ।
ଏହାର କି ପାପପୁଣ୍ୟ ଦେଖ ହୋ ବୋଇଲା ॥
ଶୁଣିକରି ବେନି ମନ୍ତ୍ରୀ ପାଞ୍ଜି ବିଡ଼ା ଫେଡ଼ି ।
ଦେଖି ବୋଲନ୍ତି ଏ ନାରୀ ଅଟଇ ପତିଦ୍ରୋହୀ ॥
ଏହାର ପତି କହନ୍ତି ଯେଉଁ ଯେଉଁ କଥା ।
ବିଷ ତୁଲ୍ୟ ମଣି ତାହା ନ ଶୁଣେ ସର୍ବଥା ॥
ସନ୍ତୋଷ କରି ସ୍ୱାମିକୁ ନ ଦିଏ ଭୋଜନ ।
ଆବର ଦେଇଛି ତାକୁ ବହୁ ଗାଳିମାନ ॥
କ୍ରୋଧଭରେ ଏକଦିନେ ଏହାର ଗେରସ୍ତ ।
ଏକଗୋଟି ବାଡ଼ି ଘେନି ହୋଇ ରାଗ ଚିତ୍ତ ॥
ଧରିବାକୁ ମାରନ୍ତେଣ ପଳାଇଲା ଏହି ।
ମହାଘୋର ଅରଣ୍ୟରେ ପଶିଲେକ ଯାଇଁ ॥
ତରୁତଳେ ବସିଣ ଏ ଖୋଳେ ଏକଗାତ ।
ଏକାଳେ ଗେରସ୍ତ ଯାଇଁ ଧଇଲା ସ୍ୱହାତ ॥

Digitized by srujanika@gmail.com

ବହୁତ ବନସ୍ତେ କହ ନେଲ ଲେଉଟାଇ ।
ଏହିରୂପେ କଷ୍ଟକାଳ ଗଲା ଗତ ହୋଇ ॥
ଦୈବଯୋଗେ ଏକଦିନ ମହାବୃଷ୍ଟି ହେଲ ।
ଏ ଯେ ଗାତ ଖୋଳିଥିଲ ସେ-ଜଳେ ପୂରିଲ ॥
ଲଣ୍ଠାରୁ ଏକଗୋଟି ହୋଇଣ ବାହାର ।
ଢନ୍ଧି ପାଇଁ ସେ ଗର୍ତ୍ତରୁ ପିଇଲାକ ଜଳ ॥
ଏତେକ ଧର୍ମ କେବଳ ଏ ନାରୀ କରିଛି ।
ଏହା ଛଡ଼ା ପୁଣ୍ୟ ଆଉ କରିନାହିଁ କିଛି ॥
ଶୁଣିକରି ଉଲ୍ଲସିତ ହେଲ ତୋର ମନ ।
ବୋଲେ ଅଳ୍ପ କରି ନୁହେ ଏ ବ୍ରାହ୍ମଣୀ ପୁଣ୍ୟ ॥
ମେଷମାସେ ଖାଇକି ଏ ଦେଲ ଯେବେ ବାରି
ଯୂଝଆ କୋଟିଏ ଦେଲେ ନୋହେ ଏହା ସରି ॥
ଏହାର ଯେତେକ ପୁଣ୍ୟ କେ କହି ପାରିବ ।
ମୁହିଁ ତାହା ନ ଜାଣଇଁ ଜାଣିବ ଦଇବ ॥
ଏହାର ଯୋଗରୁ ପିକା ପାଣି ଥିଲ ରହି ।
ଲୁଷାର୍ତ୍ତି ଗୋରୁ ଗୋଟିଏ ଜୀଇଲା ତା ପିଇ ॥
ତେଣୁକରି ଯାଅଙ୍ଗରେ କିଛି ପାପ ନାହିଁ ।
ଅମର ଭୁବନେ ଜାଣେଶୁ ବସିବ ଏ ଯାଇଁ ॥
ଶକ୍ତି ଅନୁରୂପେ ଯେହୁ ଜଳକାନ୍ତି କରେ ।
ତାହା ତୁଲ୍ୟ ଧର୍ମ ନାହିଁ ଜଗତ ମଧ୍ୟରେ ॥
ଜଳ ଅନ୍ନ ବସ୍ତ୍ରଦାନ ଏ ତିନି ପ୍ରକାର ।
ଶକ୍ତିଅନୁସାରେ ଦାନ କରନ୍ତି ଯେ ନର ॥
ସେହି ପ୍ରାଣୀ ଚତୁର୍ବର୍ଗ ଫଳକୁ ଲଭଇ ।
ଅନ୍ତକାଳେ ସ୍ୱର୍ଗପୁରେ ନିଶ୍ଚିନ୍ତେ ରହଇ ॥
ଆମ୍ଭର ଯେ ଏହାଠାରେ ନାହିଁ ଅଧିକାର ।
ଦୂତଗଣଙ୍କୁ ଶୁଣି ଯମ ବୋଇଲ ଏ ଗିର ॥
ଶୁଣି ଦୂତମାନଙ୍କର କର୍ମଫଳ ପିଣ୍ଡ ।
ଭଲରେ ଏହାକୁ ଆମ୍ଭେ ଦେଲୁ ବହୁଦଣ୍ଡ ॥
ନ ମୁଣ ଆମ୍ଭ ଉପରେ କୋପ ଏ କରନ୍ତି ।
ସେହିକଥା ଜାଣିପାରି ବୋଲେ ଉଲ୍ଲସାଇଁ ॥
ସ୍ୱାମୀର ଦ୍ରୋହ କାରିଣୀ ଅଟଇ ଏ ଯୁବତୀ ।
ତେଣୁକରି ଏହି ନାରୀ ପାଇଲାକ ଶାସ୍ତି ॥
ଯେବଣ ସ୍ତ୍ରୀ ଗରବେ ନ ସେବେ ପତିକୁ ।
କଷ୍ଟୁ ଉ ବଚନ ମାନ କହୁଥାଇ ତାକୁ ॥
ଯେଉଁ ପ୍ରକାର କହଇ ତାକୁ ଯେଉଁ କଥାମାନ ।
ନାସ୍ତିକର ଅବଶ୍ୟ ସେ କହେ କୁବଚନ ॥
ଯେଉଁ ପ୍ରକାର ଦ୍ରୋହ କାରିଣୀ ଅଟେ ଯେଉଁ ନାରୀ
ଧିକ ତାହାର ଜୀବନ ବୋଲଏ କ୍ଷମ୍ରା ॥
ଏରୂପେ ଜଗତେ ଅଛନ୍ତି ଯେତେକ ତରୁଣୀ ।
ତାହାଙ୍କୁ କୁମ୍ଭିପାକରେ ପକାଇବ ଆଣି ॥
ଯେବଣ କୁଣ୍ଡରେ ସେହୁ ଦେଇଥାଏ ଗାଳି ।
ସେ କୁଣ୍ଡରେ ତୁମ୍ଭେମାନେ ଅଗ୍ନି ଦେବ ଜାଳି ॥
ଆଉରି କାଟିବ ତାଙ୍କ ନାସିକା ଶ୍ରବଣ ।
ଖଣ୍ଡ ଖଣ୍ଡ କରିବଟି ଯେସନେ ତରଣ ॥
ତା ବେକନେତ୍ର ଖୋଳିବ ଘେନି ନଦ୍ଦୁରୁଣୀ ।
ତଦନ୍ତେ ନରକକୁଣ୍ଡେ ପକାଇବ ଆଣି ॥
ତଳକୁ ବୁଡ଼ିଲେ ତାଙ୍କୁ କାଟୁଥିବେ ଜୋକ ।
ଉର୍ଦ୍ଧ୍ୱେ ଉଠିଲେ ମାରିବ ନେଇ ଲୁହାକାଙ୍କ ॥
କ୍ଷୁଧାବନ୍ତେ ଯଦ୍ୟପି ଖାଦ୍ୟ ସେ ମାଗିବ ।
ତାହାର ମୁଖେ ଅନଳ ଭରି ଦେଉଥିବ ॥
ବିବିଧ ପ୍ରକାରେ ତାକୁ ଦେଉଥିବ ଦଣ୍ଡ ।
ପୁଣି ପିଣ୍ଡକୁ କରିବ କାଟି ଖଣ୍ଡ ଖଣ୍ଡ ॥
ସ୍ୱାମିଦ୍ରୋହ ପାପ କଲେ ସହସ୍ରେ ବରଷ ।
କୁମ୍ଭିପାକ ନର୍କେ ନେଇ ଦେଉଥିବ ବାସ ॥
ତହିଁର ଉତ୍ତାରୁ ତାକୁ ନର୍କରୁ କାଢ଼ିବ ।
ମର୍ତ୍ତ୍ୟେ ଘୃଷ୍ଟଣିଜନମ ପୁଣି କରାଇବ ॥
ଥୋକାଏକ ଦିନଯାଏ ନରକ ଭୋଗିବ ।
ତଦନ୍ତେ ନେଇଣ ତାକୁ ହୀନ ଜନ୍ମ ଦେବ ॥
ଖାଇବାକୁ ସୁଷ୍ଠୁରୂପେ ନ ମିଳିବ ଗ୍ରାସ ।
ନିତ ତା କୁଟୁମ୍ବ ରହୁଥିବେ ଉପବାସ ॥
କୁସ୍ଥାନେ ବାସ କରି ସେ ବଞ୍ଚିଥିବ ଦିନ ।
ପିନ୍ଧିବାକୁ ତାହାକୁ ନ ମିଳିବ ବସନ ॥
ଦୁହିତା ସୁତ ତାହାର ହୋଇବେ ବହୁତ ।
ପିଲମାନେ କାନ୍ଦୁଥିବେ ନ ପାଇଣ ଭାତ ॥
ଶରୀରରେ ନାନା ରୋଗ ଜନ୍ମିବ ତାହାର ।
ଏହିପରି କହିଲେକ ଯହୁଁ ନାଶକର ॥
ସକଳ ଶୁଣି ବ୍ରାହ୍ମଣୀ କମ୍ପେ ଥରହର ।
ଚିତ୍ତରେ ବେଳାକରି ଯୋଡ଼ି ବୋଲେ ଏ ପ୍ରକାର
ହେ ଦେବ ଶୁଣିମା ତୁମ୍ଭେ କାଳଦଣ୍ଡ ପାଣି ।
କେମନ୍ତରୂପେ ତରିବେ କୁହ ସ୍ତ୍ରିଯ ପ୍ରାଣୀ ॥
ମୁହିଁ ମୋତି ମନ୍ଦଆତ୍ମା ଅଟଇ ଯୁବତୀ ।
କେବଳ ପୁଛେ ସଂସାର ସ୍ତ୍ରୀଙ୍କର ହିତେ ॥

Digitized by srujanika@gmail.com

ଏହା ଶୁଣି ନାଶକର ବୋଇଲେ ତୁମ୍ଭେ ଶୁଣ ।
ଅଳପକେ ସ୍ତ୍ରୀମାନେ ପାଇବେ କାରଣ ॥
ଗୃହକର୍ମେ ରହିଥିବେ କେଣିକି ନ ଯିବେ ।
ଶାଶୁ ଶ୍ୱଶୁରଙ୍କ ବାକ୍ୟ ସଦା ପାଳୁଥିବେ ॥
ଗେରସ୍ତର ବଚନକୁ ଶିରେ ଥିବେ ଧରି ।
ଭକ୍ତି କରୁଥିବେ ନିତ୍ୟ ନାରାୟଣ ପରି ॥
ଗେରସ୍ତର ଚରଣରେ କରୁଥିବେ ସେବା ।
ତୀର୍ଥଯାତ୍ରା କରିଗଲେ କି କାରଣ ଅବା ॥
ସ୍ୱାମି ଯାହା ଆଜ୍ଞା ଦେବ ନ ବୋଲିବ ନାହିଁ ।
ତେବେ ଜାଣ କାନ୍ତ କାନ୍ତା ତୁଲ୍ୟ ଧର୍ମ ପାଇ ॥
ପର ପୁରୁଷରେ କେବେ ନ ଦେବେଟି ଚିତ୍ତ ।
ତାଙ୍କ ସଙ୍ଗେ ସମ୍ଭାଷଣ ଅଟଇ ଅନୁଚିତ ॥
ଦେଖିଲେ ତରସି ହୋଇ ଦୂରରେ ରହିବେ ।
ମୁଖ ଟେକିଣ ତାହାଙ୍କୁ କଥା ନ କହିବେ ॥
ଘରକୁ ଆସିବେ ଯେବେ ସ୍ୱାମି ବନ୍ଧୁଜନ ।
ତାହାଙ୍କୁ ଯେ ନ କହିବେ କଠୁର ବଚନ ॥
ଯେ ଯାହା ମାନ୍ୟ ଧର୍ମରେ କରିବେ ଗୌରବ ।
ଏମନ୍ତ ମର୍ଯ୍ୟାଦା ଅଟେ ସ୍ତ୍ରୀଙ୍କ ସ୍ୱଭାବ ॥
ଏରୂପେ କଲେ ସ୍ତ୍ରୀଏ ପାଇବେ ମୁକତି ।
ପୂର୍ବେ ଏହା କହିଛନ୍ତି ମୋତେ ବେଦପତି ॥
ସେହି ନାରୀ ଅଟନ୍ତି ଯେ ପତିବ୍ରତା ସମ ।
କେବେହେଁ ତାଠାରେ ତୁମ୍ଭେ ନ କରିବ ଭ୍ରମ ॥
ଏହାପରେ ଧାତା ମୋତେ ପୂର୍ବୁ ଛନ୍ତି କହି ।
ବ୍ରାହ୍ମଣୀର ଆଗେ ଏହା କହେ ଜନ୍ତୁସାଇଁ ॥
ଶୁଣିଣ ବ୍ରାହ୍ମଣୀ ହେଲା ହରଷିତ ଚିତ୍ତ ।
ତତ୍‌କ୍ଷଣେ ବୈକୁଣ୍ଠୁ ଆସେ ସ୍ୱର୍ଣ୍ଣମୟ ରଥ ॥
ଅମର ଦୂତମାନେ ଯେ ବସିଛନ୍ତି ତହିଁ ।
ରଥେ ବସ ବୋଲନ୍ତି ସେ ବ୍ରାହ୍ମଣୀକି ଚାହିଁ ॥
ଶୁଣିଣ ବ୍ରାହ୍ମଣୀ ରଥେ ବସିଲା ତୁରିତ ।
ବୈକୁଣ୍ଠକୁ ଚଳିଗଲା ହୋଇ ଆନନ୍ଦିତ ॥
ଅଳ୍ପକେ ସଲିଳଦାନେ ତରିଲା ସେ ନାରୀ ।
କହିଲେ ମାଧବ ସର୍ବେ ବୋଲ ହରି ହରି ॥
ସକଳ ଭୁବନ ସ୍ୱାମି ଯେହୁ ନାରାୟଣ ।
ତାଙ୍କ ପଦ୍ମପାଦରେ ମୁଁ ପଶିଲି ଶରଣ ॥

ବୀରଭଦ୍ର ଉପାଖ୍ୟାନ ।

ଏଥୁ ଅନନ୍ତରେ ପୁଣି ସୁମନ ସୁଜନ ।
ଚଇତନ ପାଦେ ପଡ଼ି ବୋଲଇ ଏସନ ॥
ଆଉ କିଏ ଅଜ୍ଞାନରେ ଜଳଦାନ ଦେଇ ।
ସଂସାରୁ ତରି ଅଛନ୍ତି କହିବା ଗୋସାଇଁ ॥
ଚଇତନ ବୋଇଲେ ହେ ମନସ୍ୱା ଶୁଣ ।
ପୁଚ୍ଛିଲ ଯେବେ କହିବା ସାଧୁଙ୍କ ଲକ୍ଷଣ ॥
ମୂର୍ଖଲୋକ ଆଗରେ ନ କରିବ ପ୍ରକାଶ ।
କହିଲେ ସକଳ ଧର୍ମ ହୋଇବ ବିନାଶ ॥
ସୁଜନଙ୍କୁ ଶୁଣାଇବ ସମ୍ଭରିଲେ କହି ।
ତୁ ଯେ ସମ୍ଭରିଲୁ ମନ ଶୁଦ୍ଧଚିତ୍ତ ହୋଇ ॥
ଦେଖୁଛନ୍ତି ତୋ ଆଗରେ କହୁଅଛୁ ଶୁଣ ।
ନନ୍ଦଦାସ ନାମେ ଥିଲା ଏକଇ ବ୍ରାହ୍ମଣ ॥
ଏକଦିନେ ଗଙ୍ଗାକ୍ଷେତ୍ରେ ବାରୁଣୀ ପଡ଼ିଲା ।
ଶୁଣିକରି ବ୍ରାହ୍ମଣ ଯେ ହୃଦରେ ଭାଳିଲା ॥
ତୀର୍ଥ କରିବାକୁ ମୁହିଁ ଯିବଇଁ ନିକର ।
ଏହା ଭାବି ଧନ ଘେନି ହୋଇଲା ବାହାର ॥
ସଙ୍ଗରେ ଦୋସର ଜଣେ ମାତ୍ର କେହି ନାହିଁ ।
ଏକାହୋଇ ବିପ୍ରବର ଗମନ କରଇ ॥
ଏକେତ ବୃଦ୍ଧ ଅଟଇ ସବୁରି ଜରସ ।
ବାରଣ ଯାଉଛି ଗଙ୍ଗାଜଳେ ଦେବ ଶ୍ୱାସ ॥
ଏକାଳେ ବାଟରେ ଆସି ଓଗାଳିଲା ଖଣ୍ଡ ।
ଜଣେ ମହାବଳୀ ଆର ବଢ଼ାଇ ମୁଣ୍ଡ ॥
ବୀରଭଦ୍ର ବୋଲି ନାମ ଅଟଇ ତାହାର ।
ଜାତିରେ ଶୂଦ୍ର ଜୀବିକା କରେ ଏ ପ୍ରକାର ॥
ଶାସ୍ତ୍ର ନ ଜାଣଇ ସାଧୁ ସଙ୍ଗେ ନ ବସେ ।
ପରର ଦ୍ରବ୍ୟ ଆଣିଣ କୁଟୁମ୍ବଙ୍କୁ ପୋଷେ ॥
ଦୟା ଧର୍ମ ହୃଦେ ତାର ଲେଶ ମାତ୍ର ନାହିଁ ।
କାହାକୁ ପିଟଇ କାହାକୁ ନିଅଇ ଛଡ଼ାଇ ॥
ଏମନ୍ତେ ମନୁଷ୍ୟ ମାରି ଅଛି କେତେ କେତେ ।
ପରର ଦ୍ରବ୍ୟ ଛଡ଼ାଇ ଆଣେ ନିତ୍ୟେ ନିତ୍ୟେ ॥
ବ୍ରାହ୍ମଣଙ୍କୁ ଓଗାଳେ ଯେ ରହ ରହ କହି ।
ସକଳ ପଦାର୍ଥ ତାର ରଖିଲା ଛଡ଼ାଇ ॥
ଉପୁଯାଇ ଦ୍ୱିଜବର ଧନ ତାକୁ ଦେଲା ।
ଶୁଣ ତୁ କଥାଏ ତୋତେ ପୁଚ୍ଛିବା ବୋଇଲା ॥

Digitized by srujanika@gmail.com

ବୀରଭଦ୍ର ବୋଲେ କିସ କହୁଛୁ ତୁ କହ ।
ବାଟ ରୁନ୍ଧି ରହିଅଛେ କେଉଁର ଝିଅ ପୁଅ ॥
କାଲିଠାରୁ ମୋ କୁଟୁମ୍ବ ଅଛନ୍ତି ଭୋକରେ ।
ସେଥିତ କହିଲେ ଏ ଧନ ନ ଦଅଇ ତୋରେ ॥
ବ୍ରାହ୍ମଣ ବୋଇଲା ତୁହି ପରଦ୍ରବ୍ୟ ନେଉ ।
କାହାକୁ ଜୀବନେ ମାରୁ କା ଠାରୁ ଛଡ଼ାଉ ॥
କହ ଏ ପାତକ ଯାକ ହେଉଛି କାହାର ।
ଖଣ୍ଟ ବୋଇଲା ପାତକ କୁଟୁମ୍ବ ଯାକର ॥
ବ୍ରାହ୍ମଣ ବୋଇଲା ତୁରେ ଘରେ ପୁଚ୍ଛି ଆସ ।
ପରେ ଏ ଧନ ନେଇଣ କୁଟୁମ୍ବଙ୍କୁ ପୋଷ ॥
ଖଣ୍ଟ ବୋଲେ ପଚାରିବା ପାଇଁ ଯିବ ଯେବେ ।
ଏ ଧନ ଘେନି ତୁହି ତ ପଳାଇବୁ ତେବେ ॥
ବ୍ରାହ୍ମଣ ବୋଇଲା ବୃଦ୍ଧତନୁ ଅଟଇ ମୋର ।
ପଳାଇ ଯିବ ତୋ ଆଗୁ କହ କେତେଦୂର ॥
ଖଣ୍ଟ ବୋଇଲାକ ଘରେ ପୁଚ୍ଛିଆସେ ଯାଇଁ ।
ଏହିଠାରେ ବସିଥିବୁ ନ ଯିବୁ ପଳାଇ ॥
ଯେବେ [illegible]କରି ମୋତେ ଯିବୁ ତୁ ପଳାଇ ।
ଜୀବନେ ମାରିବି ଏଥି ସଂଶୟ ସେ ନାହିଁ ॥
ଶୁଣିଣ ବ୍ରାହ୍ମଣ ତାହା ସନମତ କଲା ।
ତତକ୍ଷଣେ ଗୃହକୁ ଖଣ୍ଟ ପୁଚ୍ଛିବାକୁ ଗଲା ॥
ପିତା ମାତାଙ୍କୁ ସେ ଖଣ୍ଟ ବୋଇଲାକ ପୁଛି ।
କଥାଏ ପଚାରିବାକୁ ଅଇଲଇଁ ମୁହି ॥
ପର ଦ୍ରବ୍ୟମାନ ମୁହିଁ ଆଣେ ପ୍ରତିଦିନ ।
ତାହା ଖାଇ ତୁମ୍ଭେମାନେ ରଖିଛ ଜୀବନ ॥
ସେହି ପାପମାନ ସବୁ ହେଉଛି କାହାର ।
ଏ ବିଷୟ ତୁମ୍ଭେମାନେ କହ ତତପର ॥
ଏହିକ୍ଷଣି ବାଟ ମଧ୍ୟେ ଏକଇ ବ୍ରାହ୍ମଣ ।
ଯାଉଥିଲା ତା ଜାକିଲି ଆଣନ୍ତେଣ ପୁଣ ॥
ସେ ବୋଇଲେ ପାପପୁଣ୍ୟ ବୁଝିଆସ ଘରେ ।
ତୁମ୍ଭର ଆସିବା ଯାଏ ବସିଛି ଏଠାରେ ॥
ତେଣୁକରି ତୁମ୍ଭଙ୍କୁ ମୁଁ ପଚାରି ଅଇଲି ।
ଏହିଠାରୁ ଗଲେ ଧରି ଆସିବି ଯାକିଲି ॥
ଯଦ୍ୟପି ଭୁଲାଇ ମୋତେ ଯିବଟି ପଳାଇ ।
ନିଶ୍ଚେ ଖେଦି ଜୀବ ତାର ନେଇବଟି ଯାଇ ॥
କହ ଏ ପାପ ସକଳ କାହାକୁ ଲାଗିବ ।
ନୋହେ ସିଦ୍ଧ ଜାଣିଲେ ଦ୍ୱିଜ ପଳାଇଣ ଯିବ ॥
ପିଅର ଜନନୀ ତାର ବୋଇଲେକ ଶୁଣି ।
ସେ ପାପ ପୁଣ୍ୟରେ ବାବୁ ତୁହିଟି କାରଣି ॥
ଜନ୍ମ କରି ବାଲ୍ୟକାଳୁ ଥିଲୁ ଆମ୍ଭେ ପୋଷି ।
ଏବେ ତୋ ଯୁବା ବୟସ ହୋଇଲାତ ଆସି ॥
ବାଲକାଳେ ପାପପୁଣ୍ୟ ଯେତେ ଥିଲୁ କରି ।
ତହିଁରେ ସିନା ଆମ୍ଭେତ ଥିଲୁଁ ଅଧିକାରୀ ॥
ଏବେତ ଚଲି ନ ପାରି ଅଛୁଁ ଘରେ ବସି ।
କିଛିଟେ ଆମ୍ଭଙ୍କୁ ପୋଷୁ ନ ଜାଣୁରେ ଶିଷି ॥
ଏଥିର ଯେ ପାପ ପୁଣ୍ୟ ତୋତେତ ସେ ଲାଗଇ ।
ନିଶ୍ଚୟ ଏ କଥା ଜାଣ ସଂଶୟ ଯେ ନାହିଁ ॥
ଭାରିଯା କରଣ ବନ୍ଧୀ ହୋଇଅଛୁ ଯାକୁ ।
କେଉଁରୂପେ ପୋଷିବା ତ ଅନାଦେଇ ତାକୁ ॥
ମାତା ପିତା ଭାର୍ଯ୍ୟାଠାରୁ ଏହିକଥା ଶୁଣି ।
ବୀରଭଦ୍ର ମନମଧ୍ୟେ କରଇ ଗ୍ଲାନେଣି ॥
ଏମାନେ ଯାହା କହିଲେ ଅଟଇ ସ୍ୱରୂପ ।
ଏବେ ସେ ଜାଣିଲି ଆଉ ନ କରିବି ପାପ ॥
ଏତେ ବୋଲି ବ୍ରାହ୍ମଣରେ ପାଶେ ହେଲା ଯାଇଁ ।
କିସ ବୁଝିଲୁ ତା କହ ବ୍ରାହ୍ମଣ ପୁଚ୍ଛଇ ॥
ବୀରଭଦ୍ର ବୋଇଲା ମୁଁ ପଚାରିଲି ଯେତେ ।
ସେ ପାପ ମୋହର ବୋଲି କହିଲେ ସମସ୍ତେ ॥
ଆଜଠାରୁ ଏହି ବୃତ୍ତି ଛାଡ଼ିଲଇଁ ମୁହିଁ ।
ତୁ ଯହିଁକୁ ଯିବୁ ବିପ୍ର ମୁଁ ଯିବଇଁ ତହିଁ ॥
ବ୍ରାହ୍ମଣ ବୋଇଲା ତାକୁ ତୋହର ଯେ ମନ ।
ଏତେବୋଲି ଦୁହେଁ ତହୁଁ କରିଲେ ଗମନ ॥
ବ୍ରାହ୍ମଣର ଜାଉଁଳଲ ଧରେ ଶୂଦ୍ର ଯାଇଁ ।
ବୋଇଲା ହେ ବୃଦ୍ଧବିପ୍ର ଚାଲ ବେଗ ହୋଇ ॥
ଏତେ ବୋଲି ବାରକୋଶ ପଥ ବାହିଗଲେ ।
କେତେଦୂରରେ ଏକବନେ ପ୍ରବେଶ ହୋଇଲେ
ବ୍ରାହ୍ମଣ ବୋଲେ ଶୂଦ୍ରର ବଦନକୁ ଚାହିଁ ।
ଏ ବନୁ ତେଣିକି ଜଳ ମିଳିବ ଯେ ନାହିଁ ॥
ଯେବେ ଏହିଠାରୁ ଆମ୍ଭେ ପାଣି ଧରିଥିବା ।
ତେବେ ନିଶ୍ଚିନ୍ତରେ ସିନା ପଥ ବାହିଯିବା ॥
ଶୁଣି ବୀରଭଦ୍ର ଏକତୁମ୍ବି ପାଣି ଧରେ ।
ବ୍ରାହ୍ମଣ ଧଇଲା ମଧ୍ୟ କାଛ ତା ଢାଳରେ ॥
ଏହିପରି ଘେନି ଜଳ ତହୁଁ ଚାଲିଗଲେ ।
କେତେଦୂର ଯାଇଁ ତହିଁ ଜଳପାନ କଲେ ॥

Digitized by srujanika@gmail.com

ପୁଣି କେତେଦୂରେ ତାଙ୍କୁ ତୃଷା ଲାଗନ୍ତେଣ ।
ଆଉବେଳେ ପୁଣି ଦୁହେଁ କଲେ ଜଳପାନ ॥
ବ୍ରାହ୍ମଣ ତାଳରେ ଯେତେ ନୀର ଧରିଥିଲା ।
ଦୁଇଥର ପିଅନ୍ତେଣ ସବୁ ସରିଗଲା ॥
ଶୂଦ୍ରଠାରେ ଏକତୁମ୍ବି ଜଳମାତ୍ର ଅଛି ।
ଆଉ ଅନେକୋଶ ପଥ ବାକି ଯେ ରହିଛି ॥
ତୃଷାର ଆବର୍ତ୍ତେ ବ୍ରାହ୍ମଣ ହୋଇଲା ଆଉଟି ।
ବସିବାଠାବରୁ ଆଉ ନ ପାରିଲା ଉଠି ॥
ଶୂଦ୍ରର ବଦନ ଚାହିଁ ବୋଲଇ ବ୍ରାହ୍ମଣ ।
ନିଶ୍ଚୟ ମରିବ ମୁଁ ନ କଲେ ଜଳପାନ ॥
ତୋହ୍ମଠାରେ ଅଛି ବାରୁ ଆଉ କେତେ ନୀର ।
ମନାଏ ଦେଲେ ରହିବ ଜୀବନ ମୋହର ॥
ଶୁଣି ବୀରଭଦ୍ର ନୀର ବ୍ରାହ୍ମଣକୁ ଦେଲା ।
ପିଅନ୍ତେ ବୁଢ଼ା ବିପ୍ରର ଜୀବନ ରହିଲା ॥
ତତକ୍ଷଣେ ବେନିଜନ ଗଲେ ତହୁଁ ଉଠି ।
କେତେଦୂରେ ବୀରଭଦ୍ର ତୃଷାରେ ଆଉଟି ॥
ତୃଷାହେତୁ ତାର କଣ୍ଠ ଗଲା ଶୁଷ୍କ ହୋଇ ।
ଦେଖିଲେକ ତୁମ୍ବାମଧ୍ୟେ କିଛି ଜଳ ନାହିଁ ॥
ତତକ୍ଷଣେ ତୁଟିଗଲା ତାର ଉଦଣ୍ଡ ସାହସ ।
ଥକା ହୋଇ ବସେ ମୁଖୁଁ ନ ସ୍ଫୁରଇ ଭାଷ ॥
ଦେଖିଣ ବ୍ରାହ୍ମଣ ବଡ଼ ହୋଇଲା ବିକଳ ।
ବେନି ନୟନରୁ ବହିପଡ଼େ ଅଶ୍ରୁଜଳ ॥
ଧର୍ମକୁ ସୁମରି ତହୁଁ ବିପ୍ର ଚାଲିଗଲା ।
କେତେଦୂର ଯାନ୍ତେ ବିପ୍ର ଗ୍ରାମେକ ଦେଖିଲା ॥
ସେଠାରେ ସଲିଳ ପିଇ ଗଲା ସୁସ୍ଥ ହୋଇ ।
କେତେଦିନେ ଗଙ୍ଗାକ୍ଷେତ୍ରେ ପ୍ରବେଶିଲା ଯାଇଁ ॥
ଯଥା ବିଧିମତେ ଦାନ ପୁଣ୍ୟ ସେ କରିଲା ।
ବିଷ୍ଣୁଙ୍କୁ ସୁମରି ଗଙ୍ଗାଜଳେ ଝାସ ଦେଲା ॥
ତତକ୍ଷଣେ ବିଷ୍ଣୁଲୋକେ ବସିଲା ବ୍ରାହ୍ମଣ ।
ଏଥୁ ଅନନ୍ତରେ କଥା ସୁମନ ହୋ ଶୁଣ ॥
ବୀରଭଦ୍ର ସବୁ ନୀର ବ୍ରାହ୍ମଣକୁ ଦେଲା ।
ତୃଷାର୍ତ୍ତ ହୋଇ ସେଠାରେ ଜୀବନ ତେଜିଲା ॥
ଜାଣିପାରି ଯମଦୂତେ ବେଢ଼ିଲେକ ଆସି ।
ଗଳାରେ ଲଗାଇ ତାର ଦୃଢ଼ କାଳଫାଶି ॥
ଯମପୁରେ ନେଇଗଲେ ଦଣ୍ଡମାନ ଦେଇ ।
ଅନେକ ମାଡ଼ ମାଇଲେ କେ ପାରିବ କହି ॥

ପ୍ରେତ ପିଣ୍ଡରେ ଜୀବନ ନେଇଣ ଭରିଲେ ।
ପୁଣି ତପତ ବାଲିରେ ତାକୁ ଘୋଷାରିଲେ ॥
ବିକଳ ହୋଇଣ ସେହୁ ବୋଲେ ମଲି ମଲି ।
କୁଣ୍ଡରେ ପୂରାଇଦ୍ୟନ୍ତି ନେଇ ତପ୍ତ ବାଲି ॥
ଏମନ୍ତେ ଅନେକମତେ ଦଣ୍ଡମାନ ଦେଇ ।
ଯମପାଶେ ପରବେଶ କଲେ ତାକୁ ନେଇ ॥
ଦେଖି ତାକୁ ଜନ୍ତୁପତି ବିଗିରଇ ମନ ।
ଏହାର ଦେହରେ କିଛି ଦିଶୁନାହିଁ ପୁଣ୍ୟ ॥
ଚିତ୍ରଗୁପତଙ୍କୁ ଚାହିଁ ବୋଲେ ଧର୍ମରାଜ ।
ଏହାର ଯେ ପାପପୁଣ୍ୟ ଭଲକରି ବୁଝ ॥
ପାଞ୍ଜି ଦେଖି ଚିତ୍ରଗୁପ୍ତ ବୋଇଲେକ ତହୁଁ ।
ଅନେକ ହତ୍ୟାଦୋଷ ଯେ କରିଅଛି ଏହୁ ॥
ନିତି ବାଟେ ଲୋକ ମାରି ତାଙ୍କ ଦ୍ରବ୍ୟ ଆଣି
ନିଶ୍ଚିନ୍ତେ ପେଟ କୁଟୁମ୍ବ ପୋଷେ ଖଣ୍ଡପଣେ ॥
ଦିନେ ମୁଖେ ବୋଲି ନାହିଁ କୃଷ୍ଣ ନାରାୟଣ ।
ତୀର୍ଥକୁ ଯାଉଥିଲା ଏକାଇ ବ୍ରାହ୍ମଣ ॥
ତାହାକୁ ଧରି ତା ଧନ ଛଡ଼ାଇବା ବେଳେ ।
ଏହାକୁ କହିଲା ବିପ୍ର ପ୍ରାଣର ବିକଳେ ॥
ଯେତେ ଲୋକ ବାଟେ ପିଟି ନେଇଅଛୁ ଧନ ।
କାହାର ହୁଅଇ ବାରୁ ଏ ପାତକ ମାନ ॥
ଶୁଣି ଏ ବୋଇଲା ପାପ କୁଟୁମ୍ବ ଯାକର ।
ଗୃହେ ପୁଛିଆସ ବୋଲି କହେ ଦ୍ୱିଜବର ॥
ତହୁଁ ଯାଇଁ ମାତା ପିତା ଭାର୍ଯ୍ୟାକୁ ପୁଛିଲା ।
ସେ ବୋଇଲେ ପାପ ପୁଣ୍ୟ ତୋତେତ ଲାଗିଲା ॥
ସେଠାରୁ ଏ ବଇରାଗ ପାଇ ବାହୁଡ଼ିଲା ।
କାହିଁ ଯାଉଅଛ ବୋଲି ବିପ୍ରକୁ ପୁଛିଲା ॥
ବ୍ରାହ୍ମଣ ବୋଇଲା ମୁହିଁ ଗଙ୍ଗାସ୍ନାନେ ଯିବି ।
ଏ ମଧ୍ୟ ବୋଇଲା ତୁମ୍ଭ ସଙ୍ଗତେ ଗମିବି ॥
ଦୁହେଁଯାକ ଏକତ୍ରରେ ଗଲେ କିଛିଦୂର ।
ତୃଷା ହେବ ବୋଲି ଦୁହେଁ ଧଇଲେକ ନୀର ॥
କେତେଦୂର ପଥ ଯାନ୍ତେ ତୃଷାର ଆରତେ ।
ଜଳପାନ କରିଣ ସେ ଚାଲିଲେ ତୁରିତେ ॥
ଆଗକରି ବ୍ରାହ୍ମଣର ଜଳ ଗଲା ସରି ।
ଏହାର ତୁମ୍ବାରେ ଥିଲା ଓଳାଏକ ବାରି ॥
କେତେଦୂର ଯାନ୍ତେ ଦ୍ୱିଜ ତୃଷାରେ ଆକୁଳ ।
ବସିଲେ ଉଠିବାକୁ ଯେ ନ ହୋଇଲା ବଳ ॥

Digitized by srujanika@gmail.com

ଏହି ଶୂଦ୍ରଠାରେ ଯେତେ ବାକି କର ଥିଲା ।
ବ୍ରାହ୍ମଣ ମାଗନ୍ତେ ତାହା ତତକ୍ଷଣେ ଦେଲା ॥
ପୁଣି କେତେଦୂର ଯାନ୍ତେ କ୍ଷୁଧାତୁର ହୋଇ ।
ପଥ ଚାଲି ନ ପାରିଲ ମରିଲେକ ତହିଁ ॥
ଏହା ବିନା ଶୂଦ୍ର ଆଉ କିଛି କରି ନାହିଁ ।
ଯେ କ୍ଷୁଣ୍ଣ ମନକୁ ଆସେ କର ତା ଗୋସାଇଁ ॥
ଶୁଣିକରି ଜନ୍ତୁପତି ବିଚାରଇ ମନ ।
ପ୍ରଥମେ ଏ ଯାଇଥିଲା କରି ଗଙ୍ଗାସ୍ନାନ ॥
ତହିଁର ଉତ୍ତାରୁ ପୁଣି ଜଳଦାନ ଦେଲା ।
ଏଥିପାଇ ଜୀବନ ଗଲା ବିପ୍ର ରକ୍ଷା ହେଲା ॥
ଯେତେ ପାତକ ଏ ଶୂଦ୍ର ପୂର୍ବେ ଥିଲା କରି ।
ଗଙ୍ଗାସ୍ନାନକୁ ଗମନ୍ତେ ସର୍ବ ପାପ ହରି ॥
ଗଙ୍ଗାସ୍ନାନ ନିମନ୍ତେ ଯେ କରନ୍ତି ଗମନ ।
ସକଳ ପାପ ତାଙ୍କର ହୁଅଇ ଦହନ ॥
କେତେଶ ଆଗମେ ଯେତେହା ହୁଏ ମହା କାଶୀ ।
ରବି ଉଦୟ ହୋଇଲେ ଯେତେହ୍ନେ ବିଘ୍ନବାସୀ ॥
ତେସନ ପରତ୍ୟେ ଅଙ୍ଗେ ପାପ ନ ରହଇ ।
ପତିତପାବନୀ ଗଙ୍ଗା ପାଶେ ଯେ ଗମଇ ॥
ଆବର ବିପ୍ରର ପ୍ରାଣ ରଖିଅଛି ଏହି ।
ଏହାର ଜୀବନ ଗଲା ଜଳଦାନ ଦେଇ ॥
ଏତେତେବୋଲି ଦୂତଙ୍କୁ ଯେ କହେ ଧର୍ମନାନ ।
ଫେଡ଼ ଫେଡ଼ ବେଗକରି ଏହାର ବନ୍ଧନ ॥
ଏହି ପ୍ରାଣୀ ମହାତମା ଅଟେ ପୁଣ୍ୟଦେହୀ ।
ଏହା ତୁଲ୍ୟ ଧର୍ମୀ ଆଉ ବ୍ରହ୍ମାଣ୍ଡେ କେ ନାହିଁ ॥
ଯଜ୍ଞ ଧର୍ମ ଫଳ ଜାଣ ହୋଇଲା ଏହାର ।
ତେଣୁକରି ଏହି ଶୂଦ୍ର ହେବ ନୃପବର ॥
ବୀରବିକ୍ରମ ସିଂହ ଯେ ଏହା ନାମ ହେଉ ।
ନବଲକ୍ଷ ପଣରେ ଏ ବହୁ ସୁଖ ପାଉ ॥
କାନ୍ୟକୁବ୍ଜ ଦେଶେ ଏହୁ ହେଉ ମହାରାଜା ।
ପୁତ୍ର ସମକରି ତହିଁ ପାଳିବ ପରଜା ॥
କ୍ଷତ୍ରିୟକୁଳରେ ପୁଣି ହୋଇବ ସିହାଣ ।
ଶତୀସହିକ ଜିଣିବ କରି ଘୋରରଣ ॥
ଗଙ୍ଗାସ୍ନାନ ଜଳଦାନ କରଇ ଯେ ପ୍ରାଣୀ ।
ଏ ଲୋକେ ଧର୍ମବଳରୁ ହୋନ୍ତି ନୃପମଣି ॥
ଏହାରୁ ସେ ଆଜ୍ଞା ପାଇଁ ଦେଲେ ଜନ୍ତୁପତି ।
ତେଣୁକରି ସେହି ଶୂଦ୍ର ହୋଇଲା ନୃପତି ॥
କ୍ଷତ୍ରିପଣେ ସତ୍ତ ତାଙ୍କୁ ନାହିଁ ରିବତଳେ ।
ଏତେବଡ଼ ଯଶ ହେଲା ଜଳଦାନ ଫଳେ ॥
ଶୁଣି ସୁମନ ରାଜନ ବିଚାରଇ ଚିତ୍ତେ ।
ଅବଶ୍ୟ ଏଣିକ ଜଳଦାନ ଦେବୁ ନିତ୍ୟେ ॥
ବହୁତ ସୁକୃତ ମୋର ସେଥିରେ ହୋଇବ ।
ଅବଶେଷେ ଇନ୍ଦ୍ରପଦ ମୋତେତ ମିଳିବ ॥
କହଇ ମାଧବ ନରେ ଜଳଦାନ ଦିଅ ।
ଅବହେଳେ ବଇକୁଣ୍ଠ ଭୁବନକୁ ଯାଅ ॥

ସୁକର୍ମ ଓ କୁକର୍ମର ଫଳ ।

ସୁମନ ବୋଲନ୍ତି ପୁଣି ଶିରେ କର ଦେଇ ।
ହେ ଚୈତନ୍ୟ କଥାଏକ ପଚାରିବି ମୁହିଁ ॥
ସଂସାରେ ଦେଖିଲି ସିନା ଅପାରୁ ଅପାର ।
ପିତା ଆଉ ପୁତ୍ରଙ୍କର ଯେମନ୍ତ ବେଭାର ॥
ଅତି ସ୍ନେହ କରି ପିତା ପୁତ୍ରକୁ ପାଳଇ ।
ପଛନ୍ତେ ମାତା ପିତାଙ୍କୁ ପୁତ୍ର ନ ପୋଷଇ ॥
ସକଳ ଧନ ଦ୍ରବ୍ୟକୁ ରଖଇ ଆବୋରି ।
ପୁତ୍ରୁ ତଡ଼ିଦିଏ ତାଙ୍କୁ ଭର୍ତ୍ସନା କରି ॥
ମାତା ପିତା ଭୁକେଁ ବୁଲୁଥାନ୍ତି ଦାଣ୍ଡେ ଦାଣ୍ଡେ ।
ତାହାଙ୍କୁ ଆଶ୍ୱାସନା ନ କରେ ପୁତ୍ର ତୁଣ୍ଡେ ॥
ବ୍ୟାଧିମନ୍ତ ହୋଇଣ ସେ ପଡ଼ିଥିବେ ଯେବେ ।
ତାହାଙ୍କୁ ନୟନେ ପୁତ୍ର ନ ଚାହାଁଇ କେବେ ॥
ଅନ୍ନବସ୍ତ୍ର ତାହାଙ୍କୁ ନ ଦିଏ ସୁଖକରି ।
ଆବର ବୋଲେ ଜୀଇଛି କସାଁ! ଏ ନ ମରି ॥
ବୋହୂ ଶାଶୁ ଶଶୁରଙ୍କୁ କେତେ ଗଞ୍ଜୁଥାଇ ।
ଶୁଣୁଥାଏ ପୁତ୍ର ତାହା ମନା ନ କରଇ ॥
ଦାଣ୍ଡଲୋକ ହେଲେ ମଧ୍ୟ ଶୁଣି ମନା କରେ ।
କୁମର ହୋଇଣ ଦୟା ନାହିଁ ଅନ୍ତର୍ଦ୍ଧରେ ॥
ଏହାର ଚରିତ ମୋତେ କହିବ ଚୈତନ୍ୟ ।
ତୁମ୍ଭବିନା କେ କରିବ ସଂଶୟ ମୋଚନ ॥
ଚୈତନ୍ୟ ବୋଲେ ଏ ସିନା ପୂର୍ବ ଜନ୍ମ କଥା ।
ସେ ପୁତ୍ର ଅଟଇ ସାହୁ ଖାତକ ତା ପିତା ॥
ପୂର୍ବେ ସେହିଧନ ଆଣି ସାହୁକୁ ନ ଦେଲା ।
ମାଗିଲା ବେଳକୁ ପୁଣି ବହୁ ଗାଳିଦେଲା ॥
ବଡ଼ଲା ପିତା ଖାଇଥିଲା ସେ ପୁତ୍ରର ବଉଳ ।
ତେଣୁକରି ଧାତା କଲା ଏହି ଘଟମନ୍ତ୍ର ॥

କେତେବେଳେ ସେ ପୁତ୍ରକୁ ନ ଲାଗିବ ଦୋଷ ।
ଯେତେକେହେଁ ଶାପ ବହିଲେ ହେବ ତାର କ୍ଷୟ ॥
ନ ଜାଣିଣ ପ୍ରାଣିମାନେ ଅଧର୍ମ କରନ୍ତି ।
ଛଳ ମନୁଷ୍ୟଠାରୁ ଧନ ବଳେ ନିଅନ୍ତି ॥
ତେଣୁକରି ବିହି ତାଙ୍କୁ ଦିଏ ପରାଭବ ।
ପୂର୍ବ ଜନ୍ମାର୍ଜିତ ଫଳ ଭୋଗ ବିନା ନୋହିବ ॥
ଖାତକ ଜନ୍ମଇ ଯେବେ ଯାଇ ସାହୁଘରେ ।
ତେବେ ସେ ପିତା ମାତାଙ୍କୁ ବହୁ ସେବା କରେ ॥
ଜୀବଥିବା ଯାଏ ଆଜ୍ଞା କରଇ ପାଳନ ।
ମଲେ ଶ୍ରାଦ୍ଧ ଦିବସରେ ଦିଏ ପିଣ୍ଡଦାନ ॥
ଜାହ୍ନବୀ ନୀରେ ତା ଅସ୍ଥି ପକାଏ ସେ ନେଇ ।
ତେବେ ସେ ଖାତକ ପିତା ଋଣକୁ ସୁଝିଇ ॥
ନୋହିଲେ କଦାପି ତାକୁ ନାହିଁ ପ୍ରତିକାର ।
କହୁଛନ୍ତି ଚଇତନ ଶୁଣ ମନବୀର ॥
ବିଶ୍ୱାସେ ଯେ ଯାହା ଘରେ ଧନ ଥାଏ ଥୋଇ ।
ମାଗିଲେ ତାହାକୁ ସେହି କେବେ ନ ଦିଅଇ ॥
ତହୁଁ ସେ ଲୋକ ଲେଉଟେ ହୋଇଣ ନିରାଶ ।
ବୋଲେ ଧାତା ଏକଥା ତୁ ବୁଝିବୁ ଅବଶ୍ୟ ॥
ଯେବେ ପୂର୍ବ ଜନ୍ମେ ମୁହିଁ ଖାଇଛି ଏ ବିତ୍ତ ।
ତେବେ ଏହିକର୍ମ ମୋତେ କରିବା ଉଚିତ ॥
ହେ ବିଧାତା ମୋତେ ଏବେ ପ୍ରତିକାର କର ।
ଛଳ କାଳଟି ଆସି ହୋଇଲା ମୋହର ॥
ଉଠିବସି ନ ପାରଇ ବୃଦ୍ଧ ଆସି ହେଲି ।
ନଦେଲା ସେ ଧନ ମୋର ପୁଣି ଦେଲା ଗାଳି ॥
ଏତେ ବୋଲିଣ ଚିନ୍ତାରେ ଛାଡ଼େ ପ୍ରାଣ ତାର ।
ବିଧାତାଙ୍କୁ ସେ କଥା କି ଅଟେ ଅଗୋଚର ॥
ବେଳ କାଳ ଜାଣି ଧାତା ଘଟାଏ ତା ନେଇ ।
ପୂର୍ବ କୃତକର୍ମ ଏହା ନ ଜାଣନ୍ତି କେହି ॥
ଯେହୁ ଯାହା ଅର୍ଜିଥାଇ କରେ ତାହା ଭୋଗ ।
ଅଧିକ ଜଣାନାହିଁ ଯେ ବେଦକଥା ଯୋଗ ॥
କିଏ କାହାର ଉପରେ କରେ ଅଧିକାର ।
କେହୁ କାହାର ପିତା ବା କେ କାହା କୁମର ॥
ଦଇବର ଘଟଣା କେ ପାରେ ଆନକରି ।
ଯାହାର ଯେମନ୍ତ ଧର୍ମ ସେଧର୍ମେ ବିହରି ॥
ସୁକର୍ମ କେବଳ ଏହି ସଂସାରରେ ସାର ।
ଅକର୍ମ କରିଲେ ପ୍ରାଣୀ ହୁଅନ୍ତି ନାରଖାର ॥

କଳିଯୁଗେ ଯେଉଁ ଜନ କରଇ ଅକର୍ମ ।
ଧନ ଜନ ବୃଦ୍ଧି ହୋଇ ଶେଷେ ହୁଏ କ୍ଷୀଣ ॥
ଅଧର୍ମରେ ବହୁତର ହୁଅଇ ବର୍ଦ୍ଧିତ ।
ଅଳପକେ ସେହୁ ପୁଣ ହୋଇଯାଏ ହତ ॥
ଏକାବେଳେକେ ତା ଧନ ପ୍ରାଣ ନାଶ ଯାଇ ।
ଏକଥାଟି ଧ୍ରୁବ କେବେ ଅନ୍ୟଥା ନୁହଇ ॥
ତାହା ଶୁଣି ସୁମନ ଯେ କହେ କରଯୋଡ଼ି ।
କାହିଁ ଦେଖିଅଛ ତାହା କୁହ ମୋତେ ଫେଡ଼ି ॥
ଚଇତନ ବୋଇଲେ ହୋ ଶୁଣ ମନସ୍ୱିଣି ।
ଦ୍ୱାପର ଯୁଗ ଅନ୍ତରେ କଳି ଆଗମନ ॥
ସେ ଯୁଗର କଥା ତୁମ୍ଭ ଆଗରେ କହିବା ।
ଯାହା ତୁମ୍ଭେ ପୁଚ୍ଛାକଲ ସଧୀରେ ଶୁଣିବା ॥
ଯାଜପୁର ନାମେ ଅଛି ଏକଇ ନଗର ।
ତହିଁରେ ବାସ କରନ୍ତି ବହୁ ଦ୍ୱିଜବର ॥
ସମସ୍ତ ବେଦେ ପାରନ୍ତି ଋକ୍‌ବେଦ ପଢ଼ି ।
ବିଷ୍ଣୁ ପୂଜା କରନ୍ତି ସେ ସବୁ ଦ୍ରବ୍ୟ ଲୋଡ଼ି ॥
ଷୋଡ଼ଶୋପଚାରେ ନିତ୍ୟ କରନ୍ତି ସେ ପୂଜା ।
ଯେଣେ ସନ୍ତୋଷ ହୁଅନ୍ତି ପ୍ରଭୁ ଦେବରାଜା ॥
ସର୍ବ ମନ୍ଦିରେ ଗଣ୍ଡୁକୀ ମଧେ ଶାଳଗ୍ରାମ ।
ଯଥାବିଧି ମତରେ ସେ କରୁଥାନ୍ତି କର୍ମ ॥
ତ୍ରିସନ୍ଧ୍ୟା କରନ୍ତି ସର୍ବେ ଯେବିଧି ପ୍ରକାର ।
ଶିବ ପଞ୍ଚାକ୍ଷର ମନ୍ତ୍ରେ ପୂଜନ୍ତି ଶଙ୍କର ॥
ପ୍ରତିଘରେ ହୋମକରି ପୂଜନ୍ତି ଅନଳ ।
ଗୁଆଘୃତ ସମିଧ ଯେ ବିବିଧ ପ୍ରକାର ॥
ମନ୍ତ୍ର ସୁମରିଣ କୁଣ୍ଡେ ଆହୁତି ଦିଅନ୍ତି ।
ଅଗ୍ନି ହୋମ ପୂଜା ଆଦି ପ୍ରତ୍ୟହ କରନ୍ତି ॥
ବ୍ରାହ୍ମଣଙ୍କ ଯେତେ କର୍ମ ଲେଖିଛନ୍ତି ବିଧି ।
ସକଳ କରନ୍ତି ତିଳେ ନ ଛାଡ଼ନ୍ତି କେହି ॥
ତେଣୁକରି ତେଜୋବନ୍ତ ଦିଶନ୍ତି ବ୍ରାହ୍ମଣ ।
ବିପ୍ରହୋତ୍ରୀ ସର୍ବସ୍ୱେକ ଦିଶେ ଦେହବର୍ଣ୍ଣ ॥
ସେ ଗ୍ରାମରେ ପାପଚିହ୍ନ ନ ମାରଇ ପଶି ।
ଅଗ୍ନି ଯୋଗେ ତୁଳା ଯେହ୍ନେ ହୁଏ ଭସ୍ମରାଶି ॥
ତାହା ଦେଖି କଳିଯୁଗ କରଇ ବିଚାର ।
ସମସ୍ତେ କରୁଅଛନ୍ତି ଦ୍ୱାପର ଆଚାର ॥
ମୋହର ଆସିବା କଥା ଗୋଚରିତ ନାହିଁ ।
ତେଣୁକରି ମୋର ମାର୍ଗେ ନ ଚଳନ୍ତି କେହି ॥

Digitized by srujanika@gmail.com

କେତେ ଧର୍ମ ଜାଣିମା ନା ଅଟଇ ଏହାଙ୍କର ।
ମୋହଠାରୁ ବଳ କେହ୍ନେ ଯିବେ ବିପ୍ରବର ॥
ଏମନ୍ତ ବିଚାର କରି କରେ ମନେ ମନ ।
ଏଥୁଅନ୍ତେ ଯାହା ହେଲା ଶୁଣ ହୋ ସୁମନ ॥
କଳ୍ପଦିନେ ଏକ ବିପ୍ର ଗୃହେ ଅକସ୍ମାତେ ।
କୁଣିଆ ସାଇଁଜଣ ଯେ ମିଳିଲେ ତୁରିତେ ॥
ଦେଖିକରି ବିପ୍ରବର ମନେ ସ୍ନେହଧରି ।
କୁଳଧର୍ମ ପ୍ରକାରେ ସେ ସମ୍ଭାଷଣା କରି ॥
ବସିଣ କୁଶଳ ବାର୍ତ୍ତା ହେଲେ କୁହାକୁହି ।
ତାହାର କୁଳବଧୂ ଯେ ଗୃହେ ଥିଲା ରହି ॥
ହୋମଘରେ ରହିଲା ସେ ଦେଇଣ କବାଟ ।
ବାହାରକୁ ଆସିବାକୁ ନ ପାଇଲା ବାଟ ॥
ଏକାଳେ ଝାଡ଼ା ତଳପ ଆସେଣ୍ଟ ତାକୁ ଦେଲା ।
ହୋମକୁଣ୍ଡ ମଧ୍ୟେ ମଳ ଉତ୍ସର୍ଗ କରିଲା ॥
ବିଚାରଇ ପ୍ରଭାତରୁ କାଢ଼ିନେବି ମୁହିଁ ।
କେ ଏହା ତ ନ ଜାଣିବେ ଆସିବି ଗାଧୋଇ ॥
ଶାଶୁ ଶ୍ୱଶୁର ଶୁଣିଲେ ହେବ ବଡ଼ ଲାଜ ।
କିବା ମାତ୍ର ଗାଳିଦେବେ ତାହାଙ୍କ ତନୁଜ ॥
ଏସନେକ ଭୁଞ୍ଜି ଭକ୍ତ କୁଣିଆ ଯେ ଗଲେ ।
ବେଗେ ହୋମଘରୁ ବୋହୂ ବାହାର ହୋଇଲେ
ନଦୀକୂଳରେ ଯାଇଣ ଶଉଚ ହୋଇଲା ।
ଗୃହକୁ ଆସି ରନ୍ଧନ ବିଧିମାନ କଲା ॥
ତହୁଁ ଭୋଜନ ଶୟନ କଲେ ସର୍ବେ ଯାଇ ।
କେତେକ୍ଷଣିକ ବେଳେ ପୁଣି ରାତ୍ରିଗଲା ପାହି ॥
ଜଦେ ପ୍ରଭାତରୁ ଉଠି ନ ପାରିଲା ବୋହୂ ।
ଦୁଇଘଡ଼ି ବେଳ ଆସି ହେଲା କହୁଁ କହୁଁ ॥
ଶାଶୁ ଉଠିଣ ମନ୍ଦିର କରି ପରିଷ୍କାର ।
ଯାଇଣ ପ୍ରବେଶ ହେଲା ଆଗ ହୋମଘର ॥
ଭସ୍ମ ଝାଡ଼ନ୍ତେ କୁଣ୍ଡରେ ହାତକୁ ପୂରିଲା ।
ସୁବର୍ଣ୍ଣ କାକର ଅଛି ଗୋଟିଏକ ତହିଁ ॥
ଦେଖିଣ ବ୍ରାହ୍ମଣୀ ବୁଢ଼ୀ ହେଲା ଚମତ୍କାର ।
ବେଗରସ୍ତ ପାଶେ ଧାଇଁଲା ହୋଇ ତତ୍ପର ॥
ସତମୁଖ ଗୃହିଁ ବୁଢ଼ୀ କହଇ ଏସନ ।
ଅତି ଆଚମ୍ବିତ କଥା ସାବଧାନେ ଶୁଣ ॥
ହୋମକୁଣ୍ଡୁ ବାହାରିଲା ସୁବର୍ଣ୍ଣ କାକର ।
ଭଲକରି ଲୁହଁ ତୁମ୍ଭେ କେମନ୍ତ ଏ ପର ॥

ଏହା ଶୁଣି ବ୍ରାହ୍ମଣ ସେ ମନରେ ଭାଳଇ ।
କେଉଁଣ ଚରିତ ଏହା ଦେଖିଲି ତ ନାହିଁ ॥
ନଅବା ଆମ୍ଭର ଭାଗ୍ୟ ତପସ୍ୟାର ବଳେ ।
ବିଧାତା ଆଣି ଏ ଧନ ଦେଲା ପୁଣ୍ୟଫଳେ ॥
ଯାହାହେତୁ ସୁବର୍ଣ୍ଣ ତ ମିଳିଲା ଗୋ ସହି ।
କାହାର ଆଗେ ଏ କଥା ନ କହିବୁ ତୁହି ॥
ଶାଶୁ ଶ୍ୱଶୁର ଏରୂପେ କରନ୍ତି ବିଚାର ।
ଉହାଡ଼ରେ ଥାଇ ବୋହୂ ଶୁଣିଲା ସେ ଗିର ॥
ମୁଣ୍ଡ କହସା ଦେଇଣ ବୋଲଇ ଏମନ୍ତ ।
ଶାଶୁ ଯାହାକି କହିଲେ ଶୁଣ ତା ଚରିତ ॥
ନବୁଝି ବୋଲୁଛ ଯାହା ପୁଣ୍ୟଫଳ ବୋଲି ।
ହୋମକୁଣ୍ଡ ମଧ୍ୟେ ମୁହିଁ ବାଡ଼ ବସିଥିଲି ॥
ମୋହର ହେତୁରୁ ତୁମ୍ଭ ସ୍ୱର୍ଣ୍ଣ ଭୋଗକର ।
ସତ କହିଲିଁ ଏଥେ ଆନ ନ ବିଚାର ॥
ଏ କଥା ଶୁଣି ବ୍ରାହ୍ମଣ ହୋଇ ବଡ଼ ତୋଷ ।
ବୋଲଇ ବୋହୂକୁ କୃତ୍ୟ ଜାତ ବାଡବସ ॥
ଶୁଣ ହୋ ସୁମନ ତୁମ୍ଭେ କହନ୍ତି ଚୈତନ୍ୟ ।
କାଳଯୋଗୁଁ ତାହାଙ୍କର ଭ୍ରମହେଲା ମନ ॥
ତାହାର ହେତୁରୁ ସିନା ବିଷ୍ଠା ସୁନା ହେଲା ।
ଦିନକୁ ଦିନ ବୋହୂ ସେ କର୍ମ ପ୍ରବର୍ତ୍ତିଲା ॥
ବିଶେଷେ ଶ୍ୱଶୁରଠାରୁ ପାଇଲା ସେ ବଳ ।
ହୋମକୁଣ୍ଡେ ପ୍ରତିଦିନ ଉତ୍ସର୍ଗିଲା ମଳ ॥
ଦିନଙ୍କରେ ଶତେ ତୋଳା ସ୍ୱର୍ଣ୍ଣ ହେଲା ଜାତ ।
ଦେଖୁ ଦେଖୁ ତାର ଧନ ହୋଇଲା ବହୁତ ॥
ବରଷାକାଳରେ ନଦୀ ବଢ଼ଇ ଯେସନ ।
ସେହିରୂପେ ପୂରେ ତାଁର ପୂରିଗଲା ଧନ ॥
ଏହା ଦେଖି ପଡ଼ଶାଏ କରନ୍ତି ବିଚାର ।
କେଉଁକର୍ମ କରି ଏହି ହେଲା ଧନେଶ୍ୱର ॥
ଏମନ୍ତ ଭାଳି ତାହାକୁ ପୁଛିଲେ ସକଳେ ।
କେଉଁକର୍ମ ଏତେ ଧନ ପୂରିଛି ତୋ ଆଳେ ॥
ବ୍ରାହ୍ମଣ ବୋଲେ ମୁଁ କିଛି ଫନ୍ଦା କରିନାହିଁ ।
ମୋର ବୋହୂ ହେତୁ ଲକ୍ଷ୍ମୀ ଗୃହେ ଅଛି ରହି ॥
କେଉଁ କର୍ମ କରିଅଛି ସେ ସିନା ଜାଣିବ ।
ଆମ୍ଭମାନଙ୍କୁ ଏ କଥା କାହୁଁ ଜଣାଯିବ ॥
ଏମନ୍ତ ରୂପରେ ତହୁଁ କେତେଦିନ ଗଲା ।
ପଡ଼ଶା ଘରରୁ ଜଣେ ବୋହୂକୁ ପୁଛିଲା ॥

Digitized by srujanika@gmail.com

ବୋଇଲା ଗୋ କୁଳବଧୂ ଶୁଣ ମୋ ବଚନ ।
ଆମ୍ଭର ଗୃହରେ କଦାଁ ନ ହୋଇଲା ଧନ ॥
ତାହାର ବୋହୂ କହଲା କେବଣ କରମ ।
ଗୁପତରେ ମୁହିଁ ଅଛି ଏଥର ମରମ ॥
ଦଇବେତ ଦୁଇବୋହୂ ଅଛନ୍ତି ସଙ୍ଗାତ ।
ଦିନେ ପାଣିପାଇଁ ଗଲେ ହୋଇ ଏକତ୍ରିତ ॥
ଗୁପତେ ସେ ପଗ୍ଉରଇ କହ ଗୋ ମିତଣି ।
ଏତେଧନ ପାଇଲୁ କି କର୍ମକରି ପୁଣି ॥
ଏହିକଥା ମୋର ଆଗେ ସତକହ ସହି ।
ସତ ନ କହିଲେ ଜାଣେ ହେବ ମିତ୍ରଦ୍ରୋହୀ ॥
ସଙ୍ଗାତୁଣୀ ମୁଖୁ ଶୁଣି କହେ ସେ ତରୁଣୀ ।
ହୋମକୁଣ୍ଡେ ବାଡ ବସେ ଶୁଣ ଗୋ ମିତଣି ॥
ସକାଳୁ ଦେଖନ୍ତେ ମଳ ହୋଇଥାଇ ସୁନା ।
ଏହିକର୍ମ କେବଳ ମୁଁ କରିଅଛି ସିନା ॥
ଚହୁଁ ଜଳ ଘେନି ଦୁହେଁ ଅଇଲେ ଘରକୁ ।
ସବୁ କହିଲା ସେ ଯାଇଁ ଶାଶୁ ଶ୍ୱଶୁରଙ୍କୁ ॥
ଶ୍ୱଶୁର କହିଲା ବାଡବସ ବେଗ କରି ।
ହୋମକୁଣ୍ଡେ ବସି ବୋହୂ ପେଟକୁ ଓଟାରି ॥
ପ୍ରତିଦିନ ମଳ ସେହି ଉତ୍ସର୍ଗ କରିଲା ।
ସେହିପରି ହୋଇ ତାର ଗୃହେ ଧନହେଲା ॥
କ୍ରମରେ ସେ କଥା ଗୋଷ୍ଠ ପାଇଲା ପ୍ରକାଶ ।
ସକଳେ ସେରୂପେ କଲେ ହୋଇଣ ହରଷ ॥
ତାହା ନ କରି ରହିଲେ ଏକା ଦୁଇଘର ।
ବିପ୍ରରଲେ ଅଧର୍ମତ କେବେ ନାହିଁ ପାର ॥
ବାକି ସର୍ବେ ଧନୀହେଲେ କୁବେରର ପରି ।
ପ୍ରତିଦିନ ସୁବର୍ଣ୍ଣ ସେ ବିକାଳିଣା କରି ॥
ହାସ୍ୟ କରନ୍ତି ସର୍ବେ ସେ ଦ୍ୱିଜ ଦୁହିଙ୍କୁ ।
ଦୁଃଖ ନ କରି ସେ ଥାନ୍ତି ସୁମରି ଧର୍ମକୁ ॥
ଯଥାବିଧି ହୋମ ନୀତି କରୁଥାନ୍ତି ମନ୍ତ୍ରେ ।
ଏହିରୂପେ କିଛିକାଳ ଅତୀତ ହୁଅନ୍ତେ ॥
ଏକଦିନେ ସେ ବିପ୍ରଙ୍କୁ ତାହାଙ୍କର ନାରୀ ।
କହନ୍ତି ଦେଖ ଏ ଧନୀ ହୋଇଲେ କପରି ॥
ତାହାଙ୍କର ଧର୍ମ ଆମ୍ଭେ କରିବା ଗୋସାଇଁ ।
ଧନ ହେଲେ ଆମ୍ଭଗୃହେ କଷ୍ଟ ତେବେ ଯାଇ ॥
ବ୍ରାହ୍ମଣେ ବୋଇଲେ ତୁମ୍ଭେ ନ କହ ଏମାନ ।
ଅଧର୍ମରେ ପ୍ରାପତବା ହେବ କାହିଁ ଧନ ॥

ଅଧର୍ମରେ ଧନ ଯେବେ ହୋଇଥାଇ ଠୁଳ ।
ଗଲାବେଳେ ସେ ଧନର ନ ରହଇ ମୂଳ ॥
ଅମ୍ଭର ଜାମନ୍ତେ ଏହି ଗ୍ରାମ ଅଛି ରହି ।
ଆମ୍ଭେ ଅକର୍ମ କରିବା ଯେବେ ଆଗୋ ସହି ॥
ତତକ୍ଷଣେ ଏହୁ ଗ୍ରାମ ପଡ଼ିବ ଲେଉଟି ।
ଆନକରି ନ ପାରଇ ହେଲେ ପରମେଷ୍ଠୀ ॥
ଘରକରେ ଜଣେ ଯେବେ ଥାଏ ଧର୍ମବନ୍ତ ।
ତାହାଯୋଗୁ ସୁକ୍ଷେ ଥାନ୍ତି ଅନ୍ୟାନ୍ୟ ସମସ୍ତ ॥
ଗ୍ରାମକରେ ଧର୍ମବନ୍ତ ଜଣେ ଥିବ ଯେବେ ।
ସେ ଗ୍ରାମକୁ ପ୍ରମାଦ ଗୋ ନ ପଡ଼ିବ କେବେ ॥
ଯେବେ ସେ ଜନ ଅନ୍ୟାୟ ପଥରେ ଗ୍ଲଲିବ ।
ତେବେ ସେହି ଘରଗ୍ରାମ ଜାଣେ ନାଶହେବ ॥
ତୁମ୍ଭେ ସ୍ତ୍ରୀ ଜାତି ଗୋ ନ ଜାଣ ସେହି କର୍ମ ।
ଜାଣୁ ଜାଣୁ କେମନ୍ତେ ଗୋ କରିବା ଅଧର୍ମ ॥
ଆମ୍ଭେ ଏଥୁ ଗଲେ ଏହୁ ଗ୍ରାମ ଯିବ ନାଶ ।
ହେଉବୋଲି ବ୍ରାହ୍ମଣୀଏ ହେଲେ ହସ ହସ ॥
ଆମ୍ଭଙ୍କୁ ଏ ସ୍ତ୍ରୀମାନେ ବୋଲୁଛନ୍ତି ଯାହା ।
ତୁମ୍ଭେମାନେ ଶୁଣିଲେ ହୋ ନ ସହିବ ତାହା ॥
ଜଳଘାଟରୁ ସଲିଳ ଆଣିବାର ବେଳେ ।
ଟାହିଶୁଣି କଳଶ ଯେ ଖସିପଡ଼େ ତଳେ ॥
ଏହାଙ୍କ ଉପହାସ ନ ପାରୁ ଆମ୍ଭେ ସହି ।
ଚାଲ ଏ ଗ୍ରାମରୁ ବେଗେ ଯିବାଟି ପଳାଇ ॥
ଆମ୍ଭେ ଗଲେ ଯେବେ ଏହୁ ଗ୍ରାମ ଯିବ ନାଶ ।
ତେବେ ତାହା ନ କରଣ କସାଁ ଏଥେ ବସ ॥
ନ ଗଲେ କହରୁ ଆମ୍ଭେ ତାହା କାତ ନୀତ ।
କାଏ ସହି ପାରିବ ଯେ ଅଳବସ୍ତ୍ର ଶାନ୍ତି ॥
ଶୁଣିଣ ବେନି ବ୍ରାହ୍ମଣ ବିସ୍ମୟ ଚିତ୍ତରେ ।
ବୋଇଲେ ଚାଲ ଗୋ ଯିବା କାଲି ପ୍ରଭାତରେ ॥
ଏତେବୋଲି ଦୁହେଁ ଗ୍ରାମ ଭିତରକୁ ଗଲେ ।
ସମସ୍ତ ବିପ୍ରମାନଙ୍କୁ ଡକାଇ କହିଲେ ॥
ତୁମ୍ଭେମାନେ ଅକର୍ମରେ ମାତିଲ ସତତ ।
ବହୁତ ସମ୍ପଦ ପାଇ ହୋଇଲ ଯେ ମତ୍ତ ॥
ନିର୍ଦ୍ଧନ ଦେଖି ଆମ୍ଭଙ୍କୁ କର ଉପହାସ ।
ଆମ୍ଭେ ଏ ଗ୍ରାମରୁ ଗଲେ ଯିବ ତୁମ୍ଭେ ନାଶ ॥
ଏଥିରେ ଆମ୍ଭର ଶଲେମାତ୍ର ଦୋଷନାହିଁ ।
ଏତେବୋଲି ଦୁହେଁ ଗଲେ ମନେ ତାପ ବହି ॥

Digitized by srujanika@gmail.com

କିନ୍ତୁ ନିର୍ଦ୍ଧନ ଅଟନ୍ତି ଦୁଇଟ ବ୍ରାହ୍ମଣ ।
ଛତା ସିଡ଼ା ଗଣ୍ଡୁକି ଯେ ଶାଳଗ୍ରାମମାନ ॥
ବେଦଶାସ୍ତ୍ର ପୁରାଣାଦି ପୋଥିମାନ ଧରି ।
ଗଡ଼ୁ କୁଶବଟୁ ତମ୍ବାପାତ୍ର ଆଦି କରି ॥
ଏ ସକଳ ସଙ୍ଗେ ନେଇ ହୋଇଲେ ବାହାର ।
ଗ୍ରାମରୁ କିଛିଦୂର ସେ ହୁଅନ୍ତି ଅନ୍ତର ॥
ତତକ୍ଷଣେ ସେହି ଗ୍ରାମ ଭସ୍ମମାନ ହୋଇ ।
ଭୂହୁଡ଼ ଆଚ୍ଛାଦିଲା ସେ ଶୂନ୍ୟ ନ ଦିଶଇ ॥
ମତ୍ତ ମତ୍ତ ହୋଇଣ ସେ ଗବଦେଳ ଦେଲା ।
ତତକ୍ଷଣି ଭୂମିଖଣ୍ଡ ଲେଉଟି ପଡ଼ିଲା ॥
ଧର୍ମରେ ଥିବାରୁ ବର୍ତ୍ତିଗଲେ ଦୁଇ ଘର ।
ଧର୍ମବଳ ଥିବାରୁ ସେ ଦ୍ରୋହୁଁ ହେଲେ ପାର ॥
ଅଧର୍ମ ନ କର ଯେଣୁ ଧର୍ମେ କଲେ ଆଶ ।
ସଂସାରେ ରହିଲେ ତେଣୁ ତାହାଙ୍କର ବଂଶ ॥
ଯାହା କହିଲଇଁ ତାହା ଶୁଣିଲୁ ସୁମନ ।
ସୁକର୍ମ କୁକର୍ମର ଯେ ଏମନ୍ତ ବିଧାନ ॥
କହଇ ମାଧବ ନରେ ସୁକର୍ମରେ ଚଳ ।
ଅକର୍ମରେ ଗଲେ ନିଶ୍ଚେ ହେବ ଅମଙ୍ଗଳ ॥

ବାର ଓ ଅନୁକୂଳାଦି କଥନ ଏବଂ ସ୍ତ୍ରୀ ଓ
ନୃପତିର ଲକ୍ଷଣ ।

ଶୁଣି ସୁମନ ପରମ ସନ୍ତୋଷ ଚିତ୍ତରେ ।
ବେନିକର ଯୋଡ଼ି ପୁଣି ଚୈତନ୍ୟ ପୁରରେ ॥
କଥାଏ ପୁଚ୍ଛିବି ସ୍ୱାମୀ ସଂସାରର ହିତେ ।
ସଂଶୟ ଫିଟାଇ ତାହା କହି ଦେବା ମୋତେ ॥
ସାତବାରରେ ହେଉଛି ପୃଥ୍ୱୀ ଆଡ଼ ଯାତ ।
ସତାଇଶ ନକ୍ଷତ୍ର ଯେ ତହିଁରୁ ସମ୍ଭୂତ ॥
କେଉଁ ବାରେ କି ନକ୍ଷତ୍ର ଯୋଗ ଯେ କରଇ ।
ଅମୃତ ଯୋଗ ସଂସାରେ କାହାକୁ ବୋଲଇ ॥
କେଉଁବାରେ କେଉଁଦିଗେ କରଇ ଗମନ ।
ଅନୁକୂଳବେଳେ କେଉଁ ମଙ୍ଗଳ ଶକୁନ ॥
କେବଣ ଶକୁନରେ ଯେ କାର୍ଯ୍ୟ ହୁଏ ସିଦ୍ଧି ।
କେବଣ ଶକୁନମାନେ ଅଟନ୍ତି ବିରୋଧି ॥
କେବଣ ଲକ୍ଷଣ ଥିଲେ ପୁଂସ ହତଶ୍ରୀ ।
କେବଣ ଅବଗୁଣରେ ଅଲକ୍ଷଣୀ ନାରୀ ॥
କେବଣ ପୁଣ୍ୟ କରିଲେ ହୋଇବ ବ୍ରାହ୍ମଣ ।
କେବଣ ଗୁଣ ଥିଲେ ହୋ ବୈଷ୍ଣବ ଲକ୍ଷଣ ॥
କେବଣ ଗୁଣ ଥିଲେ ସେ ରାଜା ବୋଲି କହି ।
କେଉଁ ଅବଗୁଣ ଥିଲେ ଭୋଗ ନୁହେ ମନ୍ତ୍ରୀ ॥
ସଂସାରଭିତରେ ଛନ୍ତି ଚାଆଚ୍ଛ ଜାତ ।
କେମନ୍ତ କର୍ମ କଲେ ସେ ଉତ୍ତମ ବୋଲନ୍ତି ॥
ଗୋଟି ଗୋଟିକରି ମୋତେ କହି ଦେବା ପୁଣ
କେବଣ କର୍ମେ ଉତ୍ତମ ହୁଏ ନିଜ ଗୁଣ ॥
ଭିନ୍ନ ଭିନ୍ନ କରି ମୋତେ ବିସ୍ତରି କହ ।
ମୋହର ମନରୁ ତୁମ୍ଭେ ସଂଶୟ ଫିଟାଅ ॥
ଚଇତନ୍ୟ ବୋଲୁଛନ୍ତି ଶୁଣ ହେ ସୁମନ ।
ତୁ ଯାହା ପୁଚ୍ଛିଲୁ ଏହୁ ଅତ୍ୟନ୍ତ ଗହନ ॥
ଲକ୍ଷେ ଗ୍ରନ୍ଥ ପାଠ ହୁଏ ଭିନ୍ନ ଭିନ୍ନ ଗତ ।
ବହୁ ପ୍ରକାରେ କବିଏ ବଖାଣି ଅଛନ୍ତି ॥
ଏକବ୍ରହ୍ମ ବୋଲିକରି ସର୍ବେ ଜାଣୁଅଛଁ ।
ତଥାପି ପୁରାଣେ ଭିନ୍ନେ ଭିନ୍ନେ ଛନ୍ତି କହି ॥
ତୁ ଯାହା ପୁଚ୍ଛାକଲୁ ଏ ଜ୍ୟୋତିଷ ମତ ।
ସଂକ୍ଷେପି କହିବା ଏହା ତୋହର ଅଗ୍ରତ ॥
ଏତେ ବୋଲି ଚଇତନ୍ୟ ବିପ୍ରଙ୍କୁ ସୁମରି ।
ବୋଇଲେ ସାବଧାନେ ଶୁଣ ହେତୁ ଦେଇକରି
ରବିବାରେ ହସ୍ତା ଋକ୍ଷ ଯଦ୍ୟପି ହୋଇବ ।
ତେବେ ସେ ଅମୃତଯୋଗ ବୋଲିଣ ଜାଣିବ ॥
ଶ୍ରବଣାନକ୍ଷତ୍ର ହେବ ସୋମବାରେ ଯେବେ ।
ସେ ମଧ୍ୟ ଅମୃତଯୋଗ ଜାଣିବୁଟି ତେବେ ॥
ମଙ୍ଗଳବାରରେ ଯେବେ ରେବତୀ ପଡ଼ିବ ।
ଅମୃତଯୋଗ ବୋଲିଣ ତାହାକୁ ଜାଣିବ ॥
ଅନୁରାଧାନକ୍ଷତ୍ର ଯେ ବୁଧବାରେ ହେଲେ ।
ତେବେ ଅମୃତଯୋଗକୁ ପାଇବଟି ଭଲେ ॥
ଗୁରୁରେ ପୁଷ୍ୟାନକ୍ଷତ୍ର ଯେବେ ଜାଣ ହୋଇ ।
ତେବେ ସେ ମନ ଅମୃତଯୋଗ ବୋଲି କହି ॥
ଅଶ୍ୱିନୀନକ୍ଷତ୍ର ଯେବେ ହେବ ଶୁକ୍ରବାରେ ।
ଅମୃତଯୋଗ କହନ୍ତି ତାକୁ ବିଜ୍ଞନରେ ॥
ଶନିବାରରେ ରୋହିଣୀ ତାରା ଯେବେ ହୋଇ
ତେବେ ସେ ମନ ଅମୃତଯୋଗ ବୋଲି କହି ॥
ଏହି ସାତନକ୍ଷତ୍ର ଯେ ସାତବାରେ ହେଲେ ।
ଅମୃତଯୋଗ ଏହାଙ୍କୁ ବୋଲି ଜାଣ ଭଲେ ॥

Digitized by srujanika@gmail.com

ବାରର ଦୋଷାଦୋଷ ଯେ ଏଥିରେ ନ ଘେନ
ଅମୃତ ସିଦ୍ଧି ଯୋଗକୁ ଶୁଣ ହେ। ସୁମନ ॥
ସୋମ ଶନିବାରେ ପୂର୍ବଦିଗେ ଯାତ୍ରା ନାହିଁ ।
ପଶ୍ଚିମକୁ ସେହିଦିନ ଉତ୍ତମ ଅଟଇ ॥
ବୁଧ ଗୁରୁବାରର ଯାତ୍ରା ଉତ୍ତରକୁ ଶୁଭ ।
ଦକ୍ଷିଣ ଦିଗକୁ ଜାଣ କଦାପି ନ ଯିବ ॥
ରବି ଶୁକ୍ରବାରେ ପୂର୍ବଦିଗେ ଯାତ୍ରା ହୋଇ ।
ଦକ୍ଷିଣଦିଗକୁ ଗଲେ ମଙ୍ଗଳ ନହୁଇ ।
ଶନି ମଙ୍ଗଳବାର ଯେ ଶୁଭ ଦକ୍ଷିଣକୁ ।
ଅନୁକୂଳ ନ କରିବ ଉତ୍ତରଦିଗକୁ ॥
ଏ ଗ୍ରହଦିଗକୁ ପୁଣି ଏହି ସାତବାର ।
ବିଗ୍ରହ ଅନୁକୂଳ ହୋ କରି ମନ ସ୍ଥିର ॥
ଯେଉଁଦିନ ଯେ ଦିଗକୁ ନୁହନ୍ତି ଅନୁକୂଳ ।
ତାଳାଗ୍ରାରେ ଗଲେ ମନ ନୁହଇ ସୁଫଳ ॥
ପୂର୍ବରେ ଗୋଧୂଳିଯାତ୍ରା ପଶ୍ଚିମରେ ଉଷା ।
ଉତ୍ତରେ [illegible] ପ୍ରହର ଦକ୍ଷିଣରେ ନିଶା ॥
ଶୁଣିକରି ସନ୍ତୋଷ ଯେ ହୋଇଲା ସୁମନ ।
ବୋଇଲା କୁହ ଏବେ ଶୁଭର ଲକ୍ଷଣ ॥
ଚଇତନ୍ୟ ବୋଲୁଛନ୍ତି ଶୁଣ ହେ ସୁମନ ।
ଏବେ କହି ଦେବା ତୋତେ ଶୁଭର ଲକ୍ଷଣ ॥
ଯେତେବେଳେ ମନ ଅନୁକୂଳ କରି ଯିବ ।
ଉଷ୍ଣହୋଇ ନାଶିକାରେ କରି ଆଗ ଦେବ ॥
ଯେଉଁ ନାଶିକା ପୁଡ଼ାରୁ ବାୟୁ ବୋହୁଥିବ ।
ସେହି ପାଦ ଗୋଟିକ ଯେ ଆଗ ବଢ଼ାଇବ ॥
ଗୃହ ମଧ୍ୟୁ ବାହାରନ୍ତେ ଗ୍ରହିବ ଯେ ଦିଗେ ।
ଧେନୁ ବତ୍ସା ଯୁକ୍ତ ହୋଇଥିବ ସେହି ଭାଗେ
କି ଅବା ନେଉଳ ମୃଗ ଗଜ ଯେ ତୁରଙ୍ଗ ।
ଅଥବା ନାରୀ ପୂର୍ଣ୍ଣକୁମ୍ଭ ଏକ ଆଣୁଥିବ ॥
କିବା ଦକ୍ଷିଣ ଦିଗରେ ଅଗ୍ନି ଥିବ ରହି ।
କି ଅବା ନେତ୍ରେ ଦେଖିବ ପୁଣି ବିପ୍ର ଦୁଇ ॥
ଆବର ଗଣିକାନାରୀ ସ୍ତ୍ରୀଜାଙ୍କୁ ଦେଖିବ ।
କି ଅବା କାଞ୍ଚନ ପୁଷ୍ପମାନ ଦୃଶ୍ୟ ହେବ ॥
ଦଧି ମାଛ ମଧୁ ଘୃତଠାରୁ ଆଦି କରି ।
ବାମ ପାର୍ଶ୍ୱରେ ଶବ ଶୃଗାଳ ବାହ୍ମଣ ॥
ସ୍ତ୍ରୀଜହଂସ ଦେଖିବ ବା ପୁଣି ଶ୍ୱେତ ପାରି ।
ଅକସ୍ମାତେ ଦେଖାଯିବ ଯେବେ ମହୁ ଘରି ॥

ଏହିସବୁ ଶୁଭଯୋଗ ଅନୁକୂଳ ବେଳେ ।
ଗୋଟିଏ ଏହିବେଳେ ଦେଖିବ ଯେବେ କେଉଁବେଳେ
ଯେଉଁ କାର୍ଯ୍ୟରେ ଗମିବ ହୁଅଇ ତେସେ ଭଲ ।
ଆଗ ପଛେ ଉଡ଼ୁଥିବ କିବା ଖଞ୍ଜଣ ଲ ॥
ମଙ୍ଗଳ କାରକ ଏହି ସବୁ ସୁଲକ୍ଷଣ ।
ଅଶୁଭ ଲକ୍ଷଣ ଏବେ ସାବଧାନେ ଶୁଣ ॥
କାଜ ନାରୀ ଉଚ୍ଚୋବଳୀ ଯଦ୍ୟପି ହୋଇବ ।
ତେତେବେଳେ କେବେ ଅନୁକୂଳ ନ କରିବ ॥
କିବା ପରସ୍ପରେ କଳି କରିବେ ଶତ୍ରୁ ।
ପାଦ ବଢ଼ାଇବା ବେଳେ କିବା ଛିଙ୍କ ପଡ଼ ॥
ମୁକଳିତ କେଶ ଅବା ନୟନେ ଦେଖିବ ।
କିଅବା ଜନନୀ ତାର କାନ୍ଦି କରୁଥିବ ॥
ଏସବୁ ନ ମାନି ଯେବେ ବିଦେଶେ ଗମଇ ।
ଅବଶ୍ୟ ମରିବ ଏଥେ ସଂଶୟ ତ ନାହିଁ ॥
କିବା ବିଷଧର ଆସି ଓଗାଳିବ ଆଗେ ।
ଉତ୍ତମ ଲୋକେ ନାସ୍ତିବା କରିବେ ସଙ୍ଗେ ॥
ଏମନ୍ତ ପ୍ରକାରେ ଯେବେ ଯାତ୍ରାକରି ଯାଇ ।
ଅବଶ୍ୟ ସେହି ଲୋକ ଯେ ମୃତ୍ୟୁକୁ ଲଭଇ ॥
ବୁଝାଇ କହିଲି ଶୁଭାଶୁଭ ଦୁଇମତ ।
ଶୁଭେ ଗଲେ ଜୟ ହୁଏ ଅଶୁଭରେ ହତ ॥
ସ୍ୱରୋଦୟ ବତ୍ରିଶ ଘଡ଼ି ଅଟଇ ପୁଣି ।
ଶୁଭ ଅଶୁଭ ଏଥିରେ କରୁଛି ଭ୍ରମଣି ॥
ମାହେନ୍ଦ୍ର ବାରୁଣୀ ଦୁଇ ଅଟଇ ଶୁଭବେଳ ।
ଅନଳ ବାୟବ୍ୟ ଦୁଇ ଅଟଇ ଅମଙ୍ଗଳ ॥
ମାହେନ୍ଦ୍ର ବାରୁଣୀ ବାରେ ଯାତ୍ରାକଲେ ଭଲ ।
ଅନଳ ବାୟବ୍ୟ ଗଲେ ଜାଣୁ ଜାଣୁ ମଲ ॥
ଏକାଥାକୁ ବୁଝି ହେଳୁ କରି କାର୍ଯ୍ୟକର ।
କହୁଛନ୍ତି ଚଇତନ୍ୟ ଶୁଣ ମନ ସ୍ଥିର ॥
ପୁରୁଷର ଅଲକ୍ଷଣ କହିବା ଯେ ଶୁଣ ।
ଛେଦନ କରଇ ଯେହୁ ଦାନ୍ତ ନଖେ ତୃଣ ॥
କିଅବା ନଖରେ ଭୂମି ସରେ କାଟଇ ଗାର ।
ଅଳପ ଧଉତ ଯେହୁ କରଇ ପୟର ॥
ଅଳପ ଦାନ୍ତ ଘଷେ ଯେ ନିର୍ମଳ ନ କରି ।
କେଶ ଯାର ଉଡ଼ୁଥାଏ ହୋଇ କେଉଁ କେଉଁ ॥
ଶୁଦ୍ଧମନ୍ତ ନୁହଇ ଯେ ସ୍ନାନ ନ କରଇ ।
ସର୍ବଦା ମଳିନ ବସ୍ତ୍ର ପିନ୍ଧିରୁଥାଇ ॥

Digitized by srujanika@gmail.com

ଅଳସୁଆ ପଣରେ ଯେ ନ କରଇ କୃଷି ।
ଆବର ଅନ୍ନ ଭୁଞ୍ଜଇ ବହୁକାଳ ବସି ॥
ସନ୍ଧ୍ୟାବେଳେ ଶୟନ ଯେ କରେ ପ୍ରତିଦିନ ।
କିବା ନିଦ୍ରା ସମୟରେ ହୁଏ ବିବସନ ॥
ଆପଣାର ଅଙ୍ଗରେ ଯେ ମାରେ କରତାଳ ।
ରବି ଅସ୍ତକାଳେ ଯେହୁ ବାନ୍ଧେ ମୁଣ୍ଡବାଳ ॥
ନିତ ଜୀବ ମାରଣ ଯେ କରଇ ଭୋଜନ ।
ପରଦାରା ଧନରେ ଯେ ସଦା ଦଏ ମନ ॥
ପରକୁ ପ୍ରମାଦ ଯେହୁ ଚିନ୍ତେ ଅନୁକ୍ଷଣ ।
ଏମାନ କଲେ ପୁରୁଷ ଅଟେ ଅଲକ୍ଷଣ ॥
କୁବେର ସମ୍ପଦ ଥିଲେ ନାରଖାର ହେବ ।
ଆନକର ଏକଥାକୁ ନ ପାରେ ଦଇବ ॥
ଏବେ କହିବା ତୁମ୍ଭଙ୍କୁ ସୁପୁରୁଷ ଚିହ୍ନ ।
ଆମ୍ଭର କାରଣେ ଯେହୁ ଭଜେ ନାରାୟଣ ॥
ସୁଚିତ୍ତ ଚିତ୍ତରେ ଦୟାବନ୍ତ ହୋଇଥିବ ।
ପରଦୁଃଖେ ଦୁଃଖୀହୋଇ ବଚନ କହିବ ॥
ଆପଣା କୁଶଳମାନ ନ ବାଞ୍ଛିବ ଚିତ୍ତେ ।
ସଂସାର କୁଶଳ ବାଞ୍ଛୁଥିବ ଅନୁଚିତ୍ତେ ॥
ଧର୍ମ କୀର୍ତ୍ତିମାନ କରି ଅଧର୍ମକୁ ଡରି ।
ତାହାଠାରେ ଦୟାରଖି ଥାନ୍ତି ଚକ୍ରଧାରୀ ॥
ତାହାର କନ୍ଧରୁ ଶିରୀ ନ ଛାଡ଼ଇ ପୁଣ ।
ସେହିଲୋକ ବୋଲାଏ ଯେ ସୁପୁରୁଷ ଜାଣ ॥
ଶୁଣି ସୁମନ ବୀର ଯେ ପ୍ରମୋଦିତ ମନ ।
ହୃଦପଦ୍ମ ମଧ୍ୟରେ ସେ ଚିନ୍ତେ ଭଗବାନ ॥
ଗୋବିନ୍ଦ ଶ୍ରୀ ବାସୁଦେବ କୃଷ୍ଣ ନରହରି ।
ମୁକୁନ୍ଦ ମାଧବ ବିଷ୍ଣୁ ଅଚ୍ୟୁତ ଦୈତ୍ୟାରି ॥
ହେ ଦୀନ ବାନ୍ଧବ ଦୟାସିନ୍ଧୁ କୃପାନିଧି ।
ସୁଜନ ମାନଙ୍କୁ ରଖି ଦୁର୍ଜନଙ୍କୁ ବଧି ॥
ଏଥୁଅନ୍ତେ ପୁନରପି କହେ ଚଇତନ୍ୟ ।
ସ୍ତିରୀଙ୍କର ଅଲକ୍ଷଣ ଶୁଣ ହୋ ସୁମନ ॥
କେଶ ତାମ୍ରବର୍ଣ୍ଣ ଯାର ଯୁଡ଼ାକୁ ନ ପାଇ ।
ଦକ୍ଷିଣ ହାତରେ ଫର ଫର ଉଡୁଥାଇ ॥
କୃଷାଳ ବକ୍ଷସ୍ଥଳ ଯେ ମଣ୍ଡା ଗୋଟି କ୍ଷୀଣ ।
ବିସ୍ତୃତ ନୟନ ବେନି ପିଙ୍ଗଳ ବରନ ॥
ଅତି ଅସୁନ୍ଦର ମୁଖ କପାଳ ଯେ ଉଚ ।
ଦନ୍ତଟେରା ଦନ୍ତଉଠି ଦିଶେ ପରପଞ୍ଚ ॥
ଚାଲନ୍ତେ ଆଣ୍ଠୁକୁ ଯେ ଆଣ୍ଠୁ ବାଜୁଥାଇ ।
ଭୂମିରେ ପାଦ ଅଙ୍ଗୁଷ୍ଠି ମାନ ନ ବାଜଇ ॥
ରୋମାଞ୍ଚିତ ଶରୀର ଯେ ଦିଶଇ ପାଣ୍ଡୁର ।
କାତର ପରାୟେ ବାକ୍ୟ ବାହାରି ଯାହାର ॥
ବଚନ ଶୁଭଇ କିବା ପୁରୁଷଙ୍କ ବାଣୀ ।
ଏମନ୍ତ ସ୍ତିରୀଙ୍କି ଅଲକ୍ଷଣ ମଧ୍ୟେ ଗଣି ॥
ଅବଶ୍ୟ ବିଧବା ଜାଣ ହୁଏ ସେହୁ ନାରୀ ।
ଆନକର ନ ପାରଇ ତାହା କୁଶଧାରୀ ॥
କହନ୍ତି ଯେ ଚଇତନ୍ୟ ମନରସ୍ୟେ ଶୁଣ ।
ଏବେ କହିଦେବା ଶ୍ରେଷ୍ଠ ରାଜାଙ୍କ ଲକ୍ଷଣ ॥
ପରଜା ପାଳିବ ରାଜା ପୁତ୍ରପ୍ରାୟେ କରି ।
ନିରସ ଲୋକମାନଙ୍କ ଶୁଣିବ ଗୁହାରି ॥
ଦେବତା ବ୍ରାହ୍ମଣଠାରେ ହୋଇବ ଭକତ ।
ପୁରାଣ ସେ ଦୁଇବେଳା ଶୁଣୁଥିବ ନିତ ॥
ପ୍ରଜାମାନଙ୍କ କରିବ ସଦା ସମ୍ଭାଷଣ ।
ସଂଗ୍ରାମରେ ଶୂରବନ୍ତ ନୋହିବ କୃପଣ ॥
ଗ୍ରହଶାନ୍ତି ନିମନ୍ତେ ସେ ହୋମ ଯଜ୍ଞ କରି ।
ଭୋଜନ କରାଉଥିବ ବ୍ରାହ୍ମଣଙ୍କ ବରି ॥
ଏକଥରେ ଯେଉଁ ରାଜା ନୋହିବ ବିମୁଖ ।
ତାର ପ୍ରଜାମାନେ କେବେ ନ ପାଇବେ ଦୁଃଖ ॥
ଧର୍ମ କୀର୍ତ୍ତିମାନ ସଦା ବହୁତ କରିବ ।
ଖରାକାଳେ ପାଣି ପଣା ଅନ୍ନଦାନ ଦେବ ॥
ଅଧର୍ମ କଥାକୁ ମନେ ଥିବ ବଡ଼ଡର ।
ଧର୍ମକଥା ମାନଙ୍କୁ ସେ କରିବ ବିସ୍ତର ॥
କରୁଥିବ ବିଷ୍ଣୁ ପ୍ରୀତିଅର୍ଥେ ସର୍ବ କର୍ମ ।
ଏମନ୍ତ ରାଜାକୁ କେବେ ନ ଛାଡ଼ିବ ଧର୍ମ ॥
ଆହୁରି ଅନେକ ଧର୍ମ କଥାମାନ ଅଛି ।
ଠିକ ଠିକ କରି ତୋତେ କହିଦେଲି ବାଛି ॥
ଅଧର୍ମ କରଇ ଜାଣ ଯେଉଁ ଦଣ୍ଡଧାରୀ ।
ତାହାକୁ ଭୋଗ କାହୁଁବା ହେବ ବସୁନ୍ଧରୀ ॥
ଅନେକ ଅନେକ ଶତ୍ରୁ ତାହାକୁ ହୁଅନ୍ତି ।
କେବେହେଁ ହୃଦରୁ ତାର ନ ଛାଡ଼ଇ ଭ୍ରାନ୍ତି ॥
ପଡ଼ିବ ଅଳପ କଥା ଯେବେ ତା ଉପର ।
ବହୁତ ବହୁତ ସେହୁ ହୁଅଇ ବିସ୍ତାର ॥
ଧର୍ମର କାରଣ ଅଟେ ସୂର୍ଯ୍ୟତେଜ ପ୍ରାୟେ ।
ଉଇଁବା ମାତ୍ରକରେ ସେ ସୃଷ୍ଟି ଘୋଟି ରହେ ॥

Digitized by srujanika@gmail.com

ଏମନ୍ତ ଅସ୍ତ୍ର ସେ ଯେବେ ଜାଣି ଜାଣୁ ଛନ୍ତି ।
ଶତ୍ରୁଙ୍କୁ ସାଧିବ କିବା ଧରଣୀ ଜିଉଡ଼ ।
ସୁକର୍ମ ମାନ ଆପଣା ସ୍ୱଇଚ୍ଛାରେ କର ।
ଜଗତ୍ତ ଲୋକମାନଙ୍କ କୁଶଳ ବିଚାର ॥
ଶ୍ରୀକୃଷ୍ଣ ଚରିତ ଯେହ୍ନୁ ସୁଧାମୟ ରସ ।
ଶ୍ରବଣ ପଥରେ ତାହା କରୁଥିବ ଗ୍ରାସ ॥
କୃଷ୍ଣ ଦାମୋଦର ହରି ବିଷ୍ଣୁ ହୃଷୀକେଶ ।
ଭଗବାନ ଆଦିକନ୍ଦ ଅନାଦି ପୁରୁଷ ॥
ନାରାୟଣ ଜନାର୍ଦ୍ଦନ ଗୋବିନ୍ଦ ଈଶ୍ୱର ।
ଗଦାପାଣି ଲକ୍ଷ୍ମୀପତି ପ୍ରଭୁ ଚକ୍ରଧର ॥
ଏମନ୍ତ ପ୍ରଭୁଙ୍କ ନାମ ଥିବ ଆଶ୍ରେକର ।
କଷ୍ଟେ ଭୋଗ କରିବ ସେ ତେବେ ବସୁନ୍ଧରୀ ॥
ଏମନ୍ତ ନ କରି ଯେବେ ଅଧର୍ମକୁ କରେ ।
ପରଧନ ପର କନ୍ୟା ବଳାତ୍କାରେ ହରେ ॥
ପରଜାକୁ ଯେଉଁ ରାଜା କରଇ ନିରାଶ ।
କୁମନ୍ତ୍ରୀ ବୁଦ୍ଧିରେ ପୃଥ୍ୱୀ କରଇ ଯେ ନାଶ ॥
କର୍ଣ୍ଣେ ପୁରାଣ ନ ଶୁଣି ନ କରଇ ଧର୍ମ ।
ସେ କାହୁଁ ଜାଣିବ ମନ କର୍ମ କେ ଅକର୍ମ ॥
ଦେବତା ବ୍ରାହ୍ମଣେ କେବେ ନୋହିବ ଭକତି ।
ନ କରଇ ଦାନ ଧର୍ମ କରଇ ଅନୀତି ॥
ଧର୍ମକାଳରେ ସେହ୍ନୁ ନ କରେ ଦାନ ପୁଣ୍ୟ ।
ତାହାକୁ ଅଜ୍ଞାନୀ ବୋଲି ଜାଣ ହୋ ସୁମନ ॥
ସୁସ୍ଥାନମାନଙ୍କେ ବାସ ନ କରଇ ସେହ୍ନ ।
ସଂଗ୍ରାମ ପଡ଼ିଲେ ବେଗେ ଆସଇ ପଳାଇ ॥
ତେଣେ ମାନ ହାନି ତାକୁ ହୁଅଇ ବହୁତ ।
ତହିଁକି ଶୋଚନା ଯେ ନ ଥାଇ ତାର ଚିତ୍ତ ॥
ଅଦାତା କୃପଣ ହୀନ ଲୋଭ ମନେ ଧରି ।
ତାହାକୁ ଭୋଗ କାହୁଁ ବା ହେବ ବସୁନ୍ଧରୀ ॥
ସ୍ୱର୍ଗ ତପ ଫଳେ ଭୋଗ ଥୋକାଏକ କରେ ।
ତିନିବର୍ଷ ମଧ୍ୟେ ତାର ରାଜାପଣ ସରେ ।
ଅଧର୍ମର ଧନ ସବୁ ହୁଅଇ ବିନାଶ ।
ଆନ ରାଜା ବଳେ ମାଡ଼ି ବସଇ ସେ ଦେଶ ॥
ଅଧର୍ମ ଲୋକକୁ ଯେ ନ ସହେ ବସୁନ୍ଧରୀ ।
ଅଧର୍ମ ଗ୍ରାମ ଖଣ୍ଡେ ନ ପାରେ ଭୋଗକରି ॥
ତାହାକୁ ଅପରଲୋକ ବୈରୀପକ୍ଷ ହୋଇ ।
ସେ ଗ୍ରାମକୁ ଘେନିଯାଏ ରାଜା ତଡ଼ଦେଇ ॥

ସୁକର୍ମ ଧର୍ମରେ ଥିଲେ ସବୁ ହୁଏ ସିଦ୍ଧି ।
ଇହାପରେ ତାହାଙ୍କୁ କେ ନ ଥାଇ ବିରୋଧି ॥
ଜୀବନ୍ତେଣ ଅଇଶ୍ୱର୍ଯ୍ୟ ମଲେ ସ୍ୱର୍ଗେ ଯାଇ ।
କେତେକାଳ ଅନ୍ତରେ ସେ ପୁଣି ଜନ୍ମ ପାଇ ॥
ତାହାଙ୍କୁ ଅନ୍ନ ଆଉ ନ ଛାଡ଼ଇ କେବେହେଁ ।
ସୁକର୍ମ ମାନ ଉଦେ ତା କର୍ମଯୋଗେ ହୁଏ ॥
କୌଣସି ଜନ୍ମେ ତାକୁ ନ ଥାଇ ଆଉ ଦୁଃଖ ।
ତାହାଙ୍କଠାରେ ସୁଦୟା କରନ୍ତି ଶ୍ରୀମୁଖ ॥
ସକଳ ଧର୍ମ ଶାସ୍ତ୍ରରେ ଦେବା ଦୟାପଦ ।
ବିଷୟୀ ବିଷକୁ ମନ ଅଟଇ ଏ ଗଦ ॥
ଗୋବିନ୍ଦ ପଦାରବିନ୍ଦେ ଥିବ ଯାର ଚିତ୍ତ ।
ତେବେ ଜାଣ ଆତ୍ମା ତାର ହୁଅଇ ମୁକତ ॥
ଶୁଦ୍ଧ ସୁବର୍ଣ୍ଣକୁ ଯେବେ ଅନଳରେ ଦହି ।
ସେ ଯେହ୍ନେ ଅଧିକ ତାର ଜ୍ୟୋତି ପ୍ରକାଶଇ ।
ତେମନ୍ତ ପରାଏ ହେବ ଧାର୍ମିକ ପୁରୁଷ ।
ନିର୍ମଳ ହୋଇବ କାୟା ଶୁଣ ମନଈଶ ॥
ଶୁଣିକରି ସୁମନ ଯେ ସନ୍ତୋଷିତ ଚିତ୍ତ
କହଇ ମାଧବ ପାରିକର ଜଗନ୍ନାଥ ॥

ଦାମୋଦର ଦାସ ଚରିତ ।

ଏଥୁ ଅନନ୍ତରେ ପୁଣି କହନ୍ତି ଚୈତନ୍ୟ ।
ସାବଧାନ ହୋଇଣ ତୁ ଶୁଣ ହୋ ସୁମନ ॥
ଅଧର୍ମରେ ଯେଉଁଜନ ଧନ ଅର୍ଜିଥାଇ ।
ନିବିଡ଼ରେ ରଖିଥାଏ କାହାକୁ ନ ଦେଇ ॥
ତିନିଜଣ ଅଟନ୍ତି ଯେ ଅଧର୍ମର ଭାଇ ।
ଭାଇ ଭାଗ ନିଏ ଶାସ୍ତ୍ରେ ପ୍ରମାଣ ଅଟଇ ॥
ରାଜା ଅଗ୍ନି ଚୋର ତିନି ଅଧର୍ମର ଭାଇ ।
ଏ ଯେବେ ନିଅନ୍ତି ତାଙ୍କୁ ରଖନ୍ତା କେ ନାହିଁ ॥
ପୁତ୍ରେ ମନରେ ଯେବେ ନ ଦିଅଇ ଧନ ।
ବିବିଧ ଦଣ୍ଡ ଦେଇଣ ନିଅଇ ରାଜନ ॥
ବଳବନ୍ତ ପଣେ ରାଜା ନିଅଇ ସେ ବିତ୍ତ
ଦାନଧର୍ମ ନ କରିଣ ଗଲା ସେ ବିଅର୍ଥ ।
ଅଧର୍ମ ନଷ୍ଟିଆ ଭାଇ ଅଟେ ହୁତାଶନ ।
ଦହନ କରି ସେ ଧନ କରଇ ଭୋଜନ ॥
ରାଜା ଅଗ୍ନି ବଳେ ଘେନି ଯାଆନ୍ତି ସେ କେତେ
ତାଙ୍କଠାରୁ ବାକି ପୁଣି ବଳିଥାଇ ଯେତେ ॥

Digitized by srujanika@gmail.com

ତାହାଙ୍କୁ ଯତନ କରି ସେହୁ ରଖିଥାଇ ।
ତସ୍କର ପାନକାଙ୍କ ଯେ ଦେଖି ବଶ୍ୱରଇ ॥
ତାଙ୍କ ଷ୍ଠାଗ ଷ୍ଠାଇମାନେ ବଳାତ୍କାରେ ନେଲେ ।
ସ ନଖଇ ବୋଲି ମୋତେ କିଛହିଁ ନ ଦେଲେ ॥
ଏବେ ବସି ବୁଦ୍ଧି ମୁହିଁ କରିବ କେମନ୍ତ ।
ବଳବନ୍ତ ନାହିଁ ମୁହିଁ ହେଲି ଅସମର୍ଥ ॥
ନୋହୁର ଭାଗେକ ମୁହିଁ ନେବ ଶ୍ରେରି କରି ।
ନୁହଇ ମୁଁ ବଳବନ୍ତ ସାମରଥ ସରି ॥
ଏତେଭଳି ଧନୀ ଶୁହେ ଶ୍ରେର ଯେ ପଶଇ ।
ଯାହା ଥାଏ ବାଳଧନ ନିଏ ସେ ଶ୍ରେରାଇ ॥
ଅଧର୍ମର ଧନ ପୁଣି ବଢେ ବେଗହୋଇ ।
ବରଷା କାଳରେ ଯେହ୍ନେ ବଢିଆସେ ନଈ ॥
ଦଶବରଷ ମଧ୍ୟରେ ବହୁ ହୁଏ ଠୂଳ ।
ଗଲେ ବଳକୁ ସେ ଧନ ନ ରହଇ ମୂଳ ॥
ଅଧର୍ମର ଧନ ଯେତେ ଧନୀ ରଖିଥାଇ ।
ଜାତ୍ରେ ରଖିଥାଇ ସେ ନ ଖାଇ ନ ଦେଇ ॥
ଦଇବର ଯୋଗେ ଏହୁରୂପେ ଯାଇ ନାଶ ।
ଏଥିକୁ ସାବଧାନେ ହୋ ଶୁଣ ମନଈଶ ॥
ଶୁଣିଣ ସାନନ୍ଦ ହେଲ ମନ ନୃପରାଣ ।
ବୋଇଲେକ କହ ଏବେ ଧର୍ମ ଧନ ଗୁଣ ॥
ଅଧର୍ମର ଭାଇ ହେଲେ ରାଜା ଅଗ୍ନି ଶ୍ରେର ।
ଧର୍ମର ଅଟନ୍ତି କେକେମାନେ ସହୋଦର ॥
ଧର୍ମର ଧନ ଯେଣେ ସେ ଠୂଳ ହୋଇଥାଇ ।
କାହିଁକି ତା ନ ନିଅନ୍ତି ଅଧର୍ମର ଭାଇ ॥
ଧର୍ମର ଭାଇ କିଏ ସେ କହ ଶୁଦ୍ଧ ରେ ।
ଯେମନ୍ତେ ମନକୁ ମୋର ଆସଇ ପରତେ ॥
ବୋଲେ ଚଇତନ୍ୟ ଏବେ ମନ ରାଜା ଶୁଣ ।
ଧର୍ମର ତନଭ୍ରାତା ଯେ ଅଟନ୍ତି ପ୍ରମାଣ ॥
ଦେବତା ଆବର ଦ୍ୱିଜ ପୁଣି ଅଭ୍ୟାଗତ ।
ଶାସ୍ତ୍ରରେ ଶୂର୍ବରୁ ଏହା ହୋଇଛି ଉକତ ॥
ଶୁଦ୍ଧମନେ ଏଥିରେ ଯେ ଧନ ଲାଗୁଥାଇ ।
ନେଇ ନ ପାରନ୍ତି ତାହା ଅଧର୍ମର ଭାଇ ॥
ଅଧର୍ମର ନନ୍ଦନ ଯେ ଅଟଇ ଅକୀର୍ତ୍ତି ।
ଅକୀର୍ତ୍ତିର ନନ୍ଦନ ଯେ ଅଟଇ ଅନୀତ ॥
ଅନୀତର ନନ୍ଦନ ଯେ ଅଟେ ଦୁରାଗ୍ରହ ।
ଏତେ ଗୁଣ ରହିଥାଇ ଯେଉଁ ଲୋକଠାର ॥

ଧିକ ତାର ଜୀବନରେ ପ୍ରୟୋଜନ କିସ ।
ଦେହ ଅନ୍ତେ କରଇ ଯେ କୁମ୍ଭୀପାକେ ବାସ ॥
ଧର୍ମର ନନ୍ଦନ ଜାଣ ସୁଧର୍ମ ଅଟଇ ।
ସୁଧର୍ମର ନନ୍ଦନ ଯେ ସୁକର୍ମ ବୋଲାଇ ॥
ସୁକର୍ମର ନନ୍ଦନ ଯେ ଅଟଇ ସୁକୀର୍ତ୍ତି ।
ସୁକୀର୍ତ୍ତିର ନନ୍ଦନ ଯେ ଅଟଇ ସୁନୀତ ॥
ଏତେଗୁଣ ଘେନିଛନ୍ତି ସଂସାରେ ଯେ ନର ।
ସାଧୁ ସାଧୁ ଜୀବନ ହୋ ଧନ୍ୟ ତାହାଙ୍କର ॥
ଜୀବନ୍ତେଣ ଅଇଶ୍ୱର୍ଯ୍ୟ ମଲେ ସ୍ୱର୍ଗବାସ ।
ଇହ ପରେ ତାହାଙ୍କର ମହିମା ପ୍ରକାଶ ॥
ସୁଧର୍ମ ସୁକର୍ମ ଜାଣ ବିଷ୍ଣୁ ପ୍ରୀତିଅର୍ଥେ ।
ଅନ୍ନ ପାଣି ଦେଉଥାନ୍ତି ଲୋକ ଅଭ୍ୟାଗତେ ॥
ଦେଉଳ ମଣ୍ଡପ କୂପ ବାପୀ ପୁଷ୍କରଣୀ ।
ବିଷ୍ଣୁ ପ୍ରୀତ୍ୟାର୍ଥେ କରେ ଯେତେ ଯେତେ ପ୍ରାଣୀ
ସେ ଲୋକ ଦେହାନ୍ତେ ଦିବ୍ୟଗତିକି ଲଭଇ ।
ଗୁଣେକ ଦେଇଥିଲେ ସେ ଶତଗୁଣେ ପାଇ ॥
ନାରାୟଣ ସ୍ୱାମୀ ଠୂଳ କରନ୍ତି ପାଞ୍ଜିରେ ।
ଲେଖି ରଖିଥାନ୍ତି ତାହା ସେହୁ ପରକାରେ ॥
ଚିତ୍ରଗୁପ୍ତ ମଧ ପାଞ୍ଜି ମଧ୍ୟେ ସେହୁପରି ।
ଲେଖି ରଖିଥାନ୍ତି ତାହା ଅତି ଯତ୍ନକରି ॥
ଇହଲୋକ ଛାଡ଼ି ସେହୁ ପରଲୋକେ ଗଲେ ।
ଅଳ୍ପେ ରହନ୍ତି ଦୂତେ ତାହାକୁ ଦେଖିଲେ ॥
ଯମ ଦେଖିଲେ ତାହାକୁ ଗଉରବ କରି ।
ବସା କରିବାକୁ ଦିଅନ୍ତି ଉତ୍ତମ ଯେ ପୁରୀ ॥
ସକଳ ପଦାର୍ଥମାନ ପୂରି ଥାଏ ତହିଁ ।
ରଖୁଆଳମାନେ ତାଙ୍କୁ ଦିଅନ୍ତି ଯୋଗାଇ ॥
ବୋଲନ୍ତି ସେ ମର୍ତ୍ତ୍ୟପୁରେ ଏହା ଥିଲୁ ଦେଇ ।
ତାହାକୁ ଯତ୍ନ କରିଣ ଅଛୁ ଆମ୍ଭେ ଥୋଇ ॥
ସୁଖରେ ବସିଣ ବାବୁ କର ତୁମ୍ଭେ ଭୋଗ ।
ସୁକର୍ମ କରୁଥିଲେଟି ଏହ୍ନେ ହୁଏ ଯୋଗ ॥
ଏହ ଯମପୁର କାହାପକ୍ଷ ଯେ ନୁହଇ ।
ଯାହା ଯାହା ଦେଇଥିବ ଏଠ ତାହା ପାଇ ॥
ନୋହିଲେଟି ପରିତ୍ରାଣ ଆନେ ନାହିଁ କିଛି ।
ପାପୀଲୋକମାନଙ୍କୁ ଯେ ବହୁଦଣ୍ଡ ଅଛି ॥
ଏମନ୍ତ ବୋଲି କହନ୍ତି ତାଙ୍କୁ ରକ୍ଷାଜନ ।
କହନ୍ତି ଚୈତନ୍ୟ ଏବେ ଶୁଣ ହୋ ସୁଜନ ॥

ଦାମୋଦର ଦାସ ବୋଲି ଏକଗୋଷ୍ଠ ଦ୍ୱିଜ ।
ବଡ଼ ଧନବନ୍ତ ତାର ଏକଇ ତନୁଜ ॥
ନାନା ପ୍ରକାରେ ସେ ବିପ୍ର ସଞ୍ଚିଥାଇ ଧନ ।
ମୁଠାଏ ଦେବା ପାଇଁକି ନ ବଳେ ତା ମନ ॥
ଅତ୍ୟନ୍ତ ସ୍ନେହି କରିଣ ପୁତ୍ର ପାଳୁଥାଇ ।
ପିତା ଅଜ୍ଞାତେ ସେ ପୁତ୍ର ଦାନ ଦେଉଥାଇ ॥
ଅତିଥ ଅଭ୍ୟାଗତ ଯେ ଦେଖିଲେ ନୟନ ।
ସେପୁତ୍ର ସନ୍ତୋଷ ରୂପେ ଦିଅଇ ଭୋଜନ ॥
ଏହିପରି କରୁ କରୁ କେତେ ଦିନ ଗଲା ।
ବ୍ରାହ୍ମଣର ସେହି ପୁତ୍ର ମୃତ୍ୟୁକୁ ଲଭିଲା ॥
ତାହାର ଘରଣୀ ସତୀ ସ୍ୱାମୀ ସଙ୍ଗେ ଗଲା ।
ସେହି ଚିତା ଅନଳରେ ଝାଂସଦେଇ ମଲା ॥
ଯମଦୂତେ ସେ ଦୁହିଙ୍କୁ ରଥରେ ବସାଇ ।
ଭେଟ କରାଇଲେ ନେଇ ସଂଜୀବନୀ ପାଇଁ ॥
ଦେଖି ଜନ୍ତୁପତି ତାଙ୍କୁ ସନ୍ତୋଷିତ ମନ ।
ଚିତ୍ରଗୁପତଙ୍କୁ ଚାହିଁ ପୁଚ୍ଛେ ପାପ ପୁଣ୍ୟ ॥
ଚିତ୍ରଗୁପ୍ତେ ବୋଇଲେ ଏ ବଡ଼ ପୁଣ୍ୟବନ୍ତ ।
ଭାର୍ଯ୍ୟା ସତୀ ଆସିଅଛି ସ୍ୱାମୀର ସଙ୍ଗତ ॥
ଦେଖିକରି ଜନ୍ତୁପତି ଆନନ୍ଦିତ ହେଲେ ।
ଉତ୍ତମ ମନ୍ଦିରେ ନେଇ ତାହାଙ୍କୁ ରଖିଲେ ॥
ସେ ଘରେ ଯେତେ ପଦାର୍ଥ କେହୁ କହିପାରେ ।
ତାହାଙ୍କ ଭୋଜନ ହେତୁ ସବୁ ଅଛି ପୂରି ॥
ଇହଲୋକେ ବିପ୍ରସୁତ ଯାହା ଦେଇଥିଲା ।
ଶତେଗୁଣେ ସେଠାବରେ ତାହାଙ୍କୁ ମିଳିଲା ॥
କୁଟିଳ ଚିତ୍ତରେ ଯେବେ ଦେଇଥାନ୍ତା ଦାନ ।
ଏତେ ଦ୍ରବ୍ୟ ନ ମିଳନ୍ତା ମିଳନ୍ତା ସାମାନ୍ୟ ॥
ଅବଶ୍ୟ ପରଲୋକରେ ହୁଅନ୍ତା ପ୍ରାପତ ।
ଏଥୁ ଅନନ୍ତରେ ଶୁଣ ମନ ନରନାଥ ॥
ପୁତ୍ର ବଧୂ ଯିବାରୁ ସେ ଦାମୋଦର ଦାସ ।
ବହୁତ ଭ୍ରମିଲା ବିପ୍ର ରଜନୀ ଦିବସ ॥
ଗୁଣମାନ ସୁମରି ସେ ବହୁ ଶୋକ କଲା ।
ଏଗାର ଦିନରେ ପ୍ରେତ କାର୍ଯ୍ୟକୁ ସାରିଲା ॥
ପୁତ୍ର ଦୁହିତା ତାହାର ଘରେ ଆଉ ନାହିଁ ।
ଏକା ପ୍ରାଣୀ ରହିଲନ୍ତି ଯେ ଶୂନ୍ୟଗୃହ ଚାହିଁ ॥
ପୁତ୍ର ବଧୂ ଦୁହିଙ୍କର ଗୁଣକୁ ସୁମରି ।
ରହିଲା ଅସ୍ଥିର କେବଳ ତାଙ୍କୁ ଝୁରି ଝୁରି ॥

ନଗରର ଜଣେ ବିପ୍ର ଆଗୁଁ ରହିଥିଲା ।
ପୁତ୍ର ମଲାଠାରୁ ତାକୁ ବଡ ସ୍ନେହ କଲା ॥
ବ୍ରାହ୍ମଣ ବୋଇଲା ବାବୁ ଶୁଣ ନଗ୍ରକର ।
ଆଜଠାରୁ ପୋଷ୍ୟପୁତ୍ର ହୋଇଲୁ ତୁ ମୋର ॥
ଅବଧୂ ବୋଲିଣ ନାମ ତାହାର ଅଟଇ ।
ବୁଢା ବିପ୍ରକୁ ପିଅରସମ ମଣୁ ଥାଇ ॥
ବ୍ରାହ୍ମଣୀକି ମାତାସମ କରି ପ୍ରତିପାଳି ।
ଯାବତ ଧନ ଦ୍ରବ୍ୟ ସେ ସମସ୍ତ ସମ୍ଭାଳି ॥
ଏମନ୍ତ ହୋଇଣ ତହିଁ କେତେଦିନ ଗଲା ।
ପୁରାଣର ବାକ୍ୟ ଦିନେ ବ୍ରାହ୍ମଣ ଶୁଣିଲା ॥
ଅପୁତ୍ରିକ ଜନେ ଅଛି ଏଥେ ପରିତ୍ରାଣ ।
ବଟ ଅଶ୍ୱତ୍ଥ ଯେବେ ସେ କରିବ ରୋପଣ ॥
ସାତବରଷ ମଧ୍ୟରେ ବିଭା ତାଙ୍କୁ କରି ।
ପ୍ରତିଷ୍ଠା କରାଇବ ଯେ ବ୍ରାହ୍ମଣଙ୍କୁ ବରି ॥
ଯଥା ବିଧିରେ ପାଳିବ ଯେବେ ସେହି ବୃକ୍ଷ ।
ଅପୁତ୍ରିକ ଦୋଷ ଯାଇଁ ଲଭିବ ସେ ମୋକ୍ଷ ॥
ଶୁଣି ବ୍ରାହ୍ମଣ ଅଶ୍ୱତ୍ଥ ବଟବୃକ୍ଷ ରୁଇ ।
ଅତିଯତ୍ନେ ରୋପି ତାଙ୍କୁ ପ୍ରତି ପାଳୁଥାଇ ॥
ଏହାବିନା ଆନ ଧର୍ମ କିଛି ନାହିଁ କରି ।
ଭିକମାଗି ଗଲେ ଦ୍ୱାରୁ ଫେରନ୍ତି ଭିକାରୀ ॥
ଏକ ଦିବସେ କ୍ଷୁଧାର୍ଥୀ ହୋଇ ଏକନର ।
ଭୋଜନ ମାଗିଲା ଆସି ସେହି ବିପ୍ରଘର ॥
ଦେବାକଥା ଗୋଟି ବିପ୍ର ନ ଜାଣଇ ଦିନେ ।
କାହିଁ ସେ ସନ୍ତୋଷ ପୁଣି ହେବ ତାର ମନେ ॥
ବିପ୍ର ବୁଢାକୁ ଭିକାରୀ କଲା ନମସ୍କାର ।
ବିନମ୍ର ହୋଇଣ କେତେ କହିଲା ଅପାର ॥
କାହାକୁ କହିଲା ପର ବୁଢା ନ ଶୁଣଇ ।
ମାଟେଖ ଦେଖୁଥାଇ ବିପ୍ର ମୁହଁକୁ ଫୁଲାଇ ॥
ସେଠାରୁ ଉଠି ଅଇଲା ଗୃହ ଭିତରକୁ ।
କର୍ଣ୍ଣରେ କହିଲା ଯାଇଁ ଆପଣା ଭାର୍ଯ୍ୟାକୁ ॥
ମୋହର ଉଚ୍ଛିଷ୍ଟ ଅନ୍ନ ଯେତେକ ଅଛଇ ।
ତାହା ଦିଅ ଅତିଥିକୁ ଦେବ ମୁହିଁ ନେଇ ॥
ତତକ୍ଷଣେ ଘରଣୀ ତା ଭିତରକୁ ଗଲା ।
ଶେରସ୍ତ ଉଚ୍ଛିଷ୍ଟ ଅନ୍ନ ଯେବେ ତାର ଥିଲା ॥
ତହିଁରେ ଆଉ ମୁଠାଏ ମିଶାଇ ତରୁଣୀ ।
ଶେରସ୍ତ ଆଗରେ ତାହା ଥୋଇଦେଲା ଆଣି ॥

Digitized by srujanika@gmail.com

ଉଚ୍ଛିଷ୍ଟ ଅନ୍ନରେ କେତେ ଷ୍ଟୁପୁଅଛି ଶାଗ ।
ବ୍ରାହ୍ମଣ ନେଇଣ ଦେଲା ଅତିଥିର ଆଗ ॥
କ୍ଷୁଧାର୍ଥୀ ଲୋକ ସେ ଅନ୍ନ କଲେକ ଭୋଜନ ।
ଏହାବିନା ବ୍ରାହ୍ମଣ ଯେ କରିନାହିଁ ଆନ ॥
ଏମନ୍ତ ହୋଇଣ ତହିଁ କେତେଦିନ ଗଲା ।
ବ୍ରାହ୍ମଣର ପୋଷା ପୁଅ ମୃତ୍ୟୁକୁ ଲଭିଲା ॥
ଦେଖିଣ ବଡ଼ ବିକଳ ହୋଇଲା ବ୍ରାହ୍ମଣ ।
ପୋଷା ପୁଅକୁ ଘେନିଣ ଗଲେ ଯମଗଣ ॥
ଦେଖି ତାକୁ ଜଗନ୍ନାଥ ସନ୍ତୋଷିତ ହୋଇ ।
ନାମକ ସଭ୍ ବୋଲିଣ କଲେ ଦୂତ ତହିଁ ॥
ତୋର ସାହୁଘରେ ରହିଥିଲୁ ଲଭ୍ କରି ।
ଦୂତପଣେ ଏହି ଦେହେ ଭୁଞ୍ଜ ଆମ୍ଭପୁରୀ ॥
ଏମନ୍ତ ହୋଇଣ ତହିଁ କେତେଦିନ ଗଲା ।
ସେ ଗ୍ରାମକୁ ପୋଷ୍ୟପୁଅ ଥରେକ ଅଇଲା ॥
ବୋଇଲା ମୋର ସାହୁକୁ ଦେଖିବି ନା ମୁହିଁ ।
ବହୁତ ସ୍ନେହ କରିଣ ମୋତେ ପାଳିଥାଇ ॥
ଲୁଅଁର ସୁର୍ଣ୍ଣମୀ ପୁଣି ଅଛି ଆଜଦିନ ।
ଦିବସ ପର୍ଯ୍ୟନ୍ତ ରାତ୍ରେ ପଡ଼ିଅଛି ଜହ୍ନ ॥
ବ୍ରାହ୍ମଣର ଦୁଆରରେ ପ୍ରବେଶିଲା ଯାଇଁ ।
ସ୍ୱପ୍ନରେ ସେ ଦ୍ୱିଜବର ତାକୁ ପଚାରଇ ॥
ତୁହି ମରିଥିଲୁ କେମନ୍ତେ ପାଇଲୁ ରେ ଦେହ ।
ଏକଥା ମୋର ଆଗରେ ସଂକ୍ଷେପିଣ କହ ॥
ଶୁଣିକରି ଅବଧାନ ଯେ କହିଲା ଜରତ ।
ଦେଖିଣ ସେ ଜଗନ୍ନାଥ କଲେ ମୋତେ ଦୂତ ॥
ଯେମନ୍ତ ଦେହ ମୋହର ପୂର୍ବେ ଥିଲା ହୋଇ ।
ସେ ଦେହ ପାଅ ବୋଇଲେ ଜଗନ୍ନାଥଙ୍କର ଠାଇଁ ॥
ତତକ୍ଷଣେ ମାୟା ତନୁ ହୋଇଲା ପ୍ରାପତ ।
ସେହିଠାରେ ସ୍ଥାନ ମୋତେ ଦେଲେ ଜଗନ୍ନାଥ ॥
ଯେ ମୃତ୍ୟୁ ଲଭଇ ସେହୁ ଦେଖଇ ଆମ୍ଭଙ୍କୁ ।
ତତକ୍ଷଣେ ତା ପିଣ୍ଡରୁ ନେଉ ଯେ ପ୍ରାଣକୁ ॥
ଶୁଣିକରି ପୁଚ୍ଛିଲେକ ତାକୁ ଦ୍ୱିଜବର ।
ମୁଁ ତୋ ଧର୍ମ ପିତା ତୁ ମୋ ଧର୍ମର କୁମର ॥
କେମନ୍ତ ପ୍ରକାରେ ପିଣ୍ଡୁ ପ୍ରାଣ କାଢ଼ି ନିଅ ।
କେଉଁ ପରକାରେ ଯମ ଦଣ୍ଡଦିଏ କହ ॥
ପିଣ୍ଡରୁ ଛାଡ଼ିଗଲେ ଏ ପରାଣ ପବନ ।
କେମନ୍ତ ସ୍ୱରୂପ କେବେ ଦେଖି ନାହିଁ ଜନ ॥
ଏହା ସଂକ୍ଷେପିଣ ବାବୁ କହିଦେବୁ ମୋତେ ।
ଯେମନ୍ତ ମନକୁ ମୋର ଆସଇ ପରତେ ॥
ଦୂତ ବୋଲୁଅଛି ତୁମ୍ଭେ ଶୁଣ ହେ ବ୍ରାହ୍ମଣ ।
ପିଣ୍ଡରୁ ଯେମନ୍ତ ହୋଇ ଛାଡ଼ଇ ପରାଣ ॥
ସ୍ତ୍ରୀଲୀନ ପୁରୁଷ ଦେଖି ପୁରୁଷକୁ ସ୍ତ୍ରୀ ।
ଜଗନ୍ନାଥ ଆଗେ ନେଇ ଦେଉଁ ଉଚ୍ଚକରି ॥
ଅତି ମନୋହର ଅଟେ ତାର ରୂପ ଗୁଣି ।
ତାହାରଠାରେ ଲାଳସା କରେ ସେହୁ ଆସି ॥
ସେ ମାୟାତନୁ ତାହାକୁ କରେ ଅଙ୍ଗୀକାର ।
ଏ ଘରେ ଆସିଣ ସେହୁ ହୁଏ ଉଜାଗର ॥
ଦେଖ ଦେଖ ଏ ମନ୍ଦିର କେଡ଼େ ମନୋହର ।
ଛାଡ଼ ଏହି ବୃଦ୍ଧ ଅଙ୍ଗ ନ କର ଆଦର ॥
ଦେଖ ସେହି ମୃତ ବ୍ୟକ୍ତି ଆଗ୍ରହ କରଇ
ଏ ସମୟେ ଅଣୋତ୍କଟ ପବନ ବହଇ ॥
ଭିତରୁ ପ୍ରାଣ ବାୟୁ ନ୍ୟନ୍ତ ବେଗେ କାଢ଼ି ।
ଚତୁର୍ଥ ଚକ୍ରକୁ ଭେଦି ପଥ ଦ୍ୱାରପାଢ଼ି ॥
କପାଳ ଚକ୍ରରୁ ଆସି ଇନ୍ଦ୍ର ଚକ୍ର ଭେଦି ।
ଖସଇ ଯେ ବ୍ରହ୍ମବିନ୍ଦୁ ଶୁଚିମୁନ ରୁନ୍ଧି ॥
ନାଭିଚକ୍ରକୁ ଭେଦିଣ ହୁଅଇ ସେ ସ୍ଥିତ ।
ଏକାଳେ ମାୟା ଯୁବତୀ ସଙ୍ଗତରେ ରତ ॥
ଇନ୍ଦ୍ରଦ୍ୱାରେ ବିନ୍ଦୁ ଯେବେ କରଇ ପୟାଣ ।
ତେବେ ସେ ପିଣ୍ଡରୁ ବେଗେ ଛାଡ଼ଇ ପରାଣ ॥
ସେ ମାୟା ତନୁରେ ତାକୁ ସମ୍ଭାଳ ଯେ ନେଇ ।
ତେବେ ସେ ନେଇ ତାହାକୁ ନାନା ଦଶା ଦେଇ
ଅର୍ଜିତ କର୍ମମାନଙ୍କୁ କରନ୍ତି ସେ ଭୋଗ ।
କେହୁ ଆନ କରିବ ଏ ସଂ କାଳକର୍ମ ଯୋଗ ॥
ସଂସାର ଜନଙ୍କ ଏହିରୂପେ ଆତଯାତ ।
ଧାରଣା ଯୋଗିଙ୍କର ଯେ ନୁହଇ ଏମନ୍ତ ॥
ପଞ୍ଚମ ଚକ୍ରକୁ ଭେଦ ଛଡ଼ଚକ୍ରେ ସ୍ଥିତ ।
ଊର୍ଦ୍ଧ୍ୱକୁ ଉଜାଣି ପୁଣି ଟେକଇ ମରୁତ ॥
ମୂଳ କମଳ ମଧ୍ୟରୁ ମନ ସ୍ଥିର କରି ।
ଚେତା ଦ୍ୱାରରେ ରଖିବ ମନ ଯତ୍ନ କରି ॥
ନବଦ୍ୱାରେ କବାଟ ଯେ ପାଢ଼ିବ କଳଣି ।
ତେବେ ଆକାଶେ ଉଜାଣି ବହଇ ଯେ ପାଣି ॥
ତହୁଁ ଯାଇଁ ସରୋବରେ ପୂର୍ଣ୍ଣ ହୁଏ ଜଳ ।
ପରମ ହଂସ ତହିଁରେ କରଇ କେଳିଖେଳ ॥

Digitized by srujanika@gmail.com

ପରମଜ୍ୟୋତି ରୂପକୁ କରଇ ସେ ଧ୍ୟାନ ।
ଗୁମ୍ଫାରେ ରହିଣ ସେ ଯେ ନ ଦେଖେ ଏମାନ ॥
ତାହୁଛତ୍ର ଦ୍ୱାରେ ବେଗେ ପଡ଼ଇ ସେକାଳେ ।
ଯୋଗୀଏ ଦେଖନ୍ତି ଧ୍ୟାନମାର୍ଗେ ବସି ଥାଇଲେ ॥
ଆମ୍ଭର ତାଙ୍କଠାରେ ଯେ ଅଧିକାର ନାହିଁ ।
ତାଙ୍କଠାରେ ଦୟା କରିଥାନ୍ତି ଭଗବାନ୍ହି ॥
ଧର୍ମବନ୍ତ ଲୋକଙ୍କ ଯେ ଦିବ୍ୟ ମୃତ୍ୟୁ ପାଏ ।
ତିଥି ବାର ନକ୍ଷତ୍ର ଯେ ଦିବ୍ୟ ମାସ ହୁଏ ॥
ଆମ୍ଭର ଦଣ୍ଡରେ ସେହୁ ନୁହଇ କାତରଣୀ ।
ଉତ୍ତମ ଭୋଗ ତାହାକୁ ଦିଅନ୍ତି ଚକ୍ରପାଣି ॥
ଶୁଣିଣ ବ୍ରାହ୍ମଣ ବୁଢ଼ା ଦୂତକୁ ପୁଛଇ ।
ମୋହର ପୁତ୍ର ବଧୂଙ୍କୁ ଦେଖିଲୁ କି ତୁହି ॥
ଦୂତ ବୋଲେ ସେ ଅଛନ୍ତି ବେଳ ଯତ ଯତି ।
ତାହାଙ୍କୁ ମହାଗୌରବ କରି ଜନ୍ତୁପତି ॥
ଉତ୍ତମ ମନ୍ଦିରେ ତାଙ୍କୁ ଦିବ୍ୟ ଭୋଗ ଦେଇ ।
ଯତ୍ନରେ ରଖିଛନ୍ତି ନେଇ ଜନ୍ତୁଙ୍କର ସାଇଁ ॥
ବ୍ରାହ୍ମଣ ବୋଇଲ ମୁହିଁ ତାଙ୍କୁ ଝୁରି ଝୁରି ।
ବେଳ ନୟନରୁ ମୋର ବହୁଅଛି ବାରି ॥
ତାହାଙ୍କ ଯଦ୍ୟପି ମୋତେ ପାରିବୁ ଦେଖାଇ ।
ତେବେ ସେ ଆତ୍ମା ମୋହର ସୁସ୍ଥ କରିବଇଁ ॥
ପୁତ୍ର ବଧୂ ଠାରୁ ଆଉ ଅଧିକା କେ ନାହିଁ ।
ତାହାଙ୍କର ଗୁଣ ଗୁଣି ମରୁଅଛି ମୁହିଁ ॥
ଦୂତ ବୋଇଲା ମୁଁ ତୋତେ ବେଗେ ଘେନି ଯିବ
ପୁତ୍ର ବଧୂଙ୍କୁ ତୋହର ନେଇ ଦେଖାଇବ ॥
ପଣିକ କଉଡ଼ି ତୁହି ଧରିଥିବୁ ଯେବେ ।
ସେଠାରେ ବହୁତ ଶାସ୍ତି ପାଇବୁଟି ତେବେ ॥
ଦୂତର କହିବା କଥା ସମସ୍ତ ଶୁଣିଲା ।
ଅଣହେଲା ପାଇଁ ତାର ହେତୁ ବୁଡ଼ିଗଲା ॥
ନିଶ୍ୱାସ ମାତ୍ର ବହୁଛି ଦେହେଁ ଜ୍ଞାନ ନାହିଁ ।
ଯିବାକୁ ଘେନିଲେ ଦୂତ ଯମପୁର ଯାଇଁ ॥
ସଞ୍ଜୀବନୀ ପୁରେ ବେଗେ ହେଲେ ପରବେଶ ।
ସେହିକ୍ଷଣି କ୍ଷୁଧା ତୃଷା ଲାଗିଲାକ ପାଶ ॥
ହେମ ବାଉନ୍ତେଣ ଜାଡ଼ ଲାଗିଲା ତା ଦେହ ।
ଦୂତକୁ ବୋଇଲା ବାବୁ କି କରିବ କହ ॥
ଅବଧା ବୋଇଲା ଭଲ ଭଲ ଦ୍ରବ୍ୟ ମାନ ।
ଦେଖ ପଡ଼ିଅଛି ସ୍ୱର୍ଗ ଉତ୍ତମ ବସନ ॥
ଦିବ୍ୟ ମୁଗ ଶାଳି ଅନ୍ନ ଖଜା ପିଠା ପଣା ।
ପଡ଼ିଅଛି ଦ୍ରବ୍ୟମାନ ଏକୁ ଏକ ଜଣା ॥
ଯାହା ଇଚ୍ଛା ତାହା ତୁହି କର ଏବେ ଗ୍ରାସ ।
ଏଥିକୁ ତୋହର ମନେ ନ ପାଅ ବିରସ ॥
ଶୀତକୁ କିଛି ଚିନ୍ତା ନ କର ତୋର ମନେ ।
ଘୋଡ଼ ହେବୁ ବାଛି ବାଛି ଉତ୍ତମ ବସନେ ॥
ଶୁଣିଣ ବ୍ରାହ୍ମଣ ବୁଢ଼ା ହେଲା ଚିତ୍ତ ତୋଷ ।
ଦେଖିଲା ପଡ଼ିଛି ତହିଁ ନାନାବିଧ ବାସ ॥
ଶୀତ ଆରତେ ଧଇଲା କରେ ବାସ ଖଣ୍ଡେ ।
ଦେଖିଣ ରକ୍ଷାଲୋକେ ଯେ ପିଟି ଲୋହଦଣ୍ଡେ ॥
ବୋଇଲେ ପାମର ବୁଢ଼ା ଲାଜ ତୋତେ ନାହିଁ ।
ଦେଇନାହୁଁ ପୂର୍ବେ ଏବେ ପାଇବୁ ତୁ କାହିଁ ॥
ଉତ୍ତମ ବସ୍ତ୍ର କେବେତ କାରେ ଦେଇନାହୁଁ ।
ଏଠାରେ ଖୋଜିଲେ ଆସି ପାଇବୁ ତୁ କାହୁଁ ॥
ଯେବେ କାହାକୁ ତୁ ଦେଇଥାନ୍ତୁ ଶୁଦ୍ଧଚିତ୍ତେ ।
ଏଠାବରେ ଦିଅନ୍ତେ ଯେ ତୋତେ ସେହିମତେ ॥
ଏକଖଣ୍ଡ ଦେଇଥିଲେ ଦିଅନ୍ତେ ଦଶଖଣ୍ଡ ।
ଲୋଭ କଲେ ପ୍ରହାରିବୁଁ କାଣ୍ଡେ ଲୁହାଦଣ୍ଡ ॥
ଏମନ୍ତ ବୋଲନ୍ତେ ତହୁଁ ଭୟେ ଗଲା ଘୁଞ୍ଚି
ଭୋକ ଶୋଷ ଆରତେ ତା ଅନ୍ତ ଜଳୁଅଛି ॥
ଦେଖିଲା ବଡ଼ ଅନେକ ହାଣ୍ଡି ହାଣ୍ଡି ପଣା ।
ଏକ ପଦାର୍ଥକୁ ପୁଣି ଆନ ଦ୍ରବ୍ୟ କଣା ॥
ତୃଷାର ଆରତେ ବୁଢ଼ା ଆକର୍ଷଣ କରି ।
ଦେଖି ସେ ବୁଢ଼ାକୁ ରକ୍ଷା ଲୋକେ ବେଗେମାରି
ବୋଲନ୍ତି ପାମର ବୁଢ଼ା ନ ଦେଇଣ ଲୋଡ଼ୁ ।
ଗତଜନ୍ମ ହେବାର ଯେ ତୋର ମୁହିଁ ପୋଡ଼ୁ ॥
ଖରାକାଳେ ଯେବେ ଦେଇଥାନ୍ତୁ ଅନ୍ନ ଜଳ ।
କିବା ମନୁଷ୍ୟେ ନୋହିଲେ କିବା ଗୋରୁକୁଳ ॥
କିବା ଜଳକାଣ୍ଡି ମୁଢ଼ା କରିଥାନ୍ତୁ ପଥେ ।
ସକଳ ଜୀବ ଜନ୍ତୁଏ ଜଳ ଖାଇ ଥାନ୍ତେ ॥
କିବା ପାଣି ପଣା ଛତ୍ର ତୁହି ଦେଇଥାନ୍ତୁ ।
ତେବେ ଏଠାବରେ ତୋତେ ଯାଚିକରି ଦିଅନ୍ତୁ ॥
ଆମ୍ଭେମାନେ ତୋତେ ନେଇ ସ୍ନାହାନ କରାଇ ।
ଦିବ୍ୟଶାଳ ପଣାମାନ ଦିଅନ୍ତୁ ତୋତେ ନେଇ ॥
ସଂସାରେ ପ୍ରାଣୀ ଯାହା ଯହା ଦେଇଥାଇ ।
ଏଠାବରେ ଲୋଡ଼ିଲେ ଯେ ସମସ୍ତ ମିଳଇ ॥

ଶୁଣିଣ ବ୍ରାହ୍ମଣ ଭୁଚା ତୃଷାରେ ବିକଳ ।
କାର୍ପଣ୍ୟ ହୋଇଣ ବୋଲେ ଦିଅ କିଛି ଜଳ ॥
ତୁମ୍ଭେ ଧର୍ମବନ୍ତ ହୋଇ ଧର୍ମ କଥା କହ ।
ଦୟାକରି ତୁମ୍ଭେ କିଛି ଅନ୍ନ ଜଳ ଦିଅ ॥
ନୋହିଲେ ନିଶ୍ଚୟ ଆଜି ଗଲା ମୋର ପ୍ରାଣ ।
ବୋଲୁଛନ୍ତି ରକ୍ଷାକେକେ ଆରେ ବିପ୍ର ଶୁଣ ॥
ଯେତେବେଳେ କହିଲେ ତୁ ନ ପାରୁ ଆମ୍ଭେ ଦେଇ
ବଚନରେ ବୋଧ ନୋହୁ ଜାଗ୍ରପଣ ତୁଇଁ ॥
ଏଠାବରେ ପ୍ରିୟାପ୍ରିୟ ନାହିଁ ପକ୍ଷାପକ୍ଷ ।
କେବଳ କଲକର୍ମର ଅଟେ ଧର୍ମ ସାକ୍ଷ ॥
ଫଳା ବେଗହୋଇ ରେ ନ କହ ଆଗ ବତି ।
ଆଉ ବେଳକ କହିଲେ ଖାଇବୁ ଯେ ବାଡ଼ି ॥
ଏହା ଶୁଣି କରି ବିପ୍ର ନିରାଶ ହୋଇଲା ।
ଉତ୍ତମ ଯେ ଶାଳ ଅନ୍ନ ଯାଉଁଣ ଦେଖିଲା ॥
ବଗଡ଼ା ଅନ୍ନ ଆଳତ ଭଲାଭଲ ହୋଇ ।
ଖିରି ଖେଚଡ଼ି ଆବର ଘୃତ ଦୁଧ ଦହି ॥
ନାନାବିଧ ପ୍ରକାରେ ଅଛି ଉଶୋଇଣ ଭଜା ।
ନାନାବିଧ ଶାକର ଅଛି ନାନାବର୍ଣ୍ଣେ ଖଜା ॥
ଆମ୍ବ ପଣସ ନଡଆ ଗୁଆ ଯେ କଦଳୀ ।
ନାରଙ୍ଗ କମଳା ଆଉ ଚଞ୍ଚ ବରକୋଳି ॥
ନାନାଜାତି ମିଷ୍ଟଫଳ ରହିଅଛି ତହିଁ ।
କର୍ପୂର ଚନ୍ଦନ ଗୁଆ ପାନ ଅଛି ଥାଇଁ ॥
ସୁରୁ ମନୋହର ଦ୍ରବ୍ୟ ନବୀନ ବସନ ।
ନବରତ୍ନମାଳ ନାନା ଅଳଙ୍କାର ମାନ ॥
ଧାଡ଼ି ଧାଡ଼ି ହୋଇ ତହିଁ ଅଛି ନିରନ୍ତର ।
ଅନେକ ଅନେକ ଅଛି ବିବିଧ ପ୍ରକାର ॥
ସକଳ ପଦାର୍ଥମାନ ପୂରିଅଛି ତହିଁ ।
ନାହିଁ ବୋଲିବାକୁ କିଛି ଦ୍ରବ୍ୟ ଆଉ ନାହିଁ ॥
ଅତ୍ୟନ୍ତ ସୁନ୍ଦର ମନୋହର ପୁରମାନ ।
ସୁବର୍ଣ୍ଣ କଳଶେ ଉଡ଼େ ପାଟର ବସନ ॥
ମୁକୁତାର ମାଳମାନ ଲମ୍ବେ କେଉଁ କେଉଁ ।
ଗଜଦନ୍ତ ପଲଙ୍କରେ ଝରର ମଶୁରି ॥
କେବଣ ପୁର ହୋଇଛି କାଚରେ ନିର୍ମାଣ ।
ପ୍ରତିବିମ୍ବ ପଡ଼େ ତହିଁ ଯେସନେ ଦର୍ପଣ ॥
କେବଣ ଘର ଗୋଟିକ ଛଣଛୁଆ ହୋଇ ।
କେବଣ ଘର ପାଳରେ ଅଛନ୍ତି ଘୋଡ଼ାଇ ॥

କେବଣ ଘର ଭଙ୍ଗା ବା ଦଦରା ହୋଇଛି ।
କେବଣ ଘର ଗୋଟିକ ଉଡ଼ି ଯାଇଅଛି ॥
ଏମନ୍ତେ ଅଧିକଉଣା ନାନାବର୍ଣ୍ଣେ ସାଇ ।
ବସିଅଛି ପୁରମାନ ଧାଡ଼ି ଧାଡ଼ି ହୋଇ ॥
ମେରୁର ଦକ୍ଷିଣ ଭାଗେ ସଞ୍ଜୀବନୀପୁର ।
ନୁହଇ ଉଜ୍ଜ୍ୱଳ ସେହୁ ନୁହଇ ଅନ୍ଧାର ॥
ସନ୍ଧ୍ୟାକାଳ ପରିମେକ ଦିଶେ ତାର ଜ୍ୟୋତି ।
ଶତେ ଯୋଜନ ଅଟଇ ସଭର ଆକୃତି ॥
ଧର୍ମବନ୍ତ ଲୋକମାନେ ଛନ୍ତି ତହିଁ ବସି ।
ଅଧର୍ମି ଲୋକଙ୍କୁ ସେହୁ ଅଟେ କାଳଫାଶି ॥
ସୁବର୍ଣ୍ଣ ସିଂହାସନରେ ବିଜେ ଜଗତପତି ।
ଚିତ୍ରଗୁପ୍ତ ତାଙ୍କ ବେଂଜ ପାର୍ଶ୍ୱରେ ଅଛନ୍ତି ॥
ଦିନକେ ମୃତ୍ୟୁ ଲଭନ୍ତି କୋଟିଏ ସଂଖ୍ୟାରେ ।
ସକଳେ ଯାଉଁ ମିଳନ୍ତି ସଞ୍ଜୀବନୀ ପୁରେ ॥
କାହାର ଯେ ହସ୍ତପଦ ବନ୍ଧାଇଥାଏ ବନ୍ଧା ।
କାହାର ଗାତେ ନାଉନ୍ତି ଲମ୍ପୁଡ଼ା ବା ଖୁନ୍ଦା ॥
କୋପ କରଣ କାହାକୁ ମାରନ୍ତି ଅଧୋଗାରେ ।
କାହାକୁ ଚଢୁଅଛନ୍ତି କାଳସର୍ପ ଦନ୍ତ ॥
କାହାକୁ ବିଧା ମାରନ୍ତି କଥା କିଛି ନାହିଁ ।
କାହାର କାନ ମୋଡ଼ନ୍ତି ନେଇ ଯାଉଁ ଯାଉଁ ।
କାହାର ଗଳାରେ ଦିଅନ୍ତି ଚର୍ମରଜ୍ଜୁ ଦେଇ ।
ଝିଙ୍କି ନେଉଅଛନ୍ତି ସେ ମରୁଛି ବୋବାଇ ॥
କାହାର କେଶ ଧରିଣ ଆଣନ୍ତି ଓଟାରି ।
କା ପିଠିରେ ପିଟୁଛନ୍ତି କଣ୍ଟାଗଛ ଧରି ॥
କାହାକୁ ତପ୍ତ ବାଲିରେ ଦିଅନ୍ତି ଗଡ଼ାଇ ।
କାହାର ତୁଣ୍ଡରେ ବାଲି ଦିଅନ୍ତି ପୂରାଇ ॥
କାହାର ଛାତି ଉପରେ ପଥର ଲଦନ୍ତି ।
କାହାକୁ ନେଇ ବ୍ୟାଘ୍ରର ତୁଣ୍ଡରେ ପୂରନ୍ତି ॥
କାହାକୁ ମହିଷି ଆଗେ କରିଛନ୍ତି ଠିଆ ।
ଶିମୁଳ କଣ୍ଟାରେ ଗୁଛା ହୋଇଛି କା ହିୟା ॥
ନାସିକା ରନ୍ଧ୍ରରେ କାର ଲୁହାକିଲା ମାରି ।
ଗୋରୁ ହାଡ଼େ କୁଟୁଅଛି କେବଣହିଁ ନାରୀ ॥
ଯମଦୂତ ପିମ୍ପୁଡ଼ି କାହାକୁ ଧରି କାମୋଡ଼ନ୍ତି ।
କାହାକୁ ଯେ ଶ୍ୱାନ ମୁଖେ ହାଣ୍ଡୋଡ଼ାଇ ଦିଅନ୍ତି ।
ଅଧର୍ମି ଲୋକେ ପାଆନ୍ତି ଦଣ୍ଡ ଏହିପରି ।
ତାହାଙ୍କ ଯାତନା ମୁଖେ କେହୁ କହିପାରି ॥

Digitized by srujanika@gmail.com

ଧର୍ମିବନ୍ତ ଲୋକମାନେ ଆସନ୍ତି ଯେ କାଳେ ।
ଅଶ୍ୱ ଆରୋହି କେ ଆସେ ଅବା ଚଉଦୋଳେ
କେହୁ ଗଜ ତୁରଙ୍ଗରେ ଆସୁଛନ୍ତି ଚଢି ।
ମଣିମା ମଣିମା ଡାକ କାହାକୁ ଯେ ପଡ଼ ॥
କେହୁ ଆସନ୍ତେ ତା ଆଗେ ବାଜଇ ମହୁରି ।
କାହାର ଆଗରେ ପୁଣି ବାଜେ ଭେରିତୁରି ॥
କାହାକୁ ନେଉଅଛନ୍ତି ପହଣ୍ଡ ମଣାଇ ।
ଭଲଦ୍ରବ୍ୟ ଦ୍ୟନ୍ତି ତାକୁ ଭୁଞ୍ଜିବାର ପାଇଁ ॥
କାହାକୁ ଦେଉଅଛନ୍ତି ନେଇ ଦ୍ରବ୍ୟମାନ ।
କାହାକୁ ଦେଉଅଛନ୍ତି ରତନ କାଞ୍ଚନ ॥
କାହାକୁ ଦେଉଅଛନ୍ତି ନାନାବର୍ଣ୍ଣ ପୁଷ୍ପ ।
କାହାକୁ ଦେଉଅଛନ୍ତି ସଂଭ୍ରୂଟୀନ ବାସ ॥
କାହାକୁ ଦେଉଅଛନ୍ତି ଶାଲ ବନାତ ।
କାହାକୁ ପିନ୍ଧାଉଛନ୍ତି ରେସମରବସ୍ତ୍ର ॥
କାହାକୁ ଦେଉଅଛନ୍ତି ଦିବ୍ୟ ପୁରମାନ ।
ଦିବ୍ୟଭୋଗ ଭୁଞ୍ଜିଣ କେ ହୋଇ ତୋଷମନ ॥
କର୍ପୂର ଚନ୍ଦନ କାହା ଅଙ୍ଗେ ବୋଳିଦ୍ୟନ୍ତି ।
ନାହିଁ ନାହିଁ କଲେ କେହୁ ବଳେ ତାକୁ ଦ୍ୟନ୍ତି
କାହା ଅଙ୍ଗେ ଅଳଙ୍କାର ଖଞ୍ଜୁଛନ୍ତି ନେଇ ।
ଅଷ୍ଟରତ୍ନ କାହାଆଗେ ଦେଇଛନ୍ତି ଥୋଇ ॥
କାହେ ଦେଖି ଜନ୍ତୁପତି ତୋଷମନ ହୋଇ ।
କାହାକୁ ପାଛୋଟି ଅବା ଆଗନ୍ତି ସେ ଯାଇଁ ॥
କାହାକୁ ବିନୟ ହୋଇ କହନ୍ତି ବଚନ ।
କାହାକୁ ବୋଲନ୍ତି ତୁମ୍ଭେ ଯିବ କେଉଁସ୍ଥାନ ॥
କାହାକୁ ବୋଲନ୍ତି ତୁମ୍ଭେ ଧର୍ମପରାୟଣ ।
କାହାକୁ ବୋଲନ୍ତି ଶୁଭେ ଆସିଲ ଆପଣ ॥
କାହାକୁ କୁଶଳବାର୍ତ୍ତା ସାଦରେ ପୁଛନ୍ତି ।
କାହାକୁ ନେଇଣ ନିଜ କଟିରେ ବସାନ୍ତି ॥
କାହାକୁ ବୋଲନ୍ତି ତୁମ୍ଭେ ଏହିଠାରେ ଥାଅ ।
କାହାକୁ ବୋଲନ୍ତି ତୁମ୍ଭେ ସ୍ୱର୍ଗପୁର ଯାଅ ॥
କାହାକୁ ବୋଲନ୍ତି ତୁମ୍ଭେ ଯିବ ମର୍ତ୍ତ୍ୟପୁର ।
ତହିଁ ଜନମି ଉତ୍ତମ କାର୍ଯ୍ୟମାନ କର ॥
ଗତଜନ୍ମେ କରୁଥିଲ ଯେଉଁପର ଧର୍ମ ।
ତୁମ୍ଭକୁ ପ୍ରାପତହେବ ସେହି ଶୁଭ କର୍ମ ॥
ଏହିପରି ଲକ୍ଷ ଲକ୍ଷ ହୁନ୍ତି ଅତପାତ ।
ଜନମନ୍ତ୍ରଙ୍କୁ ପ୍ରବୋଧନା କରେ ଜନ୍ତୁନାଥ ॥

ଏହି ମର୍ତ୍ତ୍ୟ ଭୁବନକୁ ସଞ୍ଜୀବନିପୁର ।
ଲକ୍ଷେକ ଯୋଜନ ଯାଏ ଅଟେ ପଥଦୂର ॥
ଦୁଇଘଡ଼ି ଭିତରେ ସେ କରନ୍ତି ଭ୍ରମଣ ।
ଯମର ଆଜ୍ଞା ଏହିତ ଅଟଇ ପ୍ରମାଣ ॥
ଏହି ଜନ୍ମରେ ସୁକୃତ ଯାହା କରିଥାଇ ।
ସେରୂପେ ଭୋଗଦିଅନ୍ତି ତାକୁ ଜନ୍ତୁସାଇଁ ॥
ଇହପରଲୋକେ ତାକୁ କେବେ ନାହିଁ ଦୁଃଖ ।
ଜୀବନ୍ତେଣ ଅଇଶ୍ୱର୍ଯ୍ୟ ମଲେ ପାଏ ସୁଖ ॥
ଏଥୁ ଅନନ୍ତରେ ତୁମ୍ଭେ ଶୁଣ ମନ ଧରି ।
ଏକାଘର କରେ ଥିଲେ ଷଡ଼ ସହୋଦର ॥
ବଡ଼ଭାଇ ତାହାଙ୍କର ବଡ଼ ଧର୍ମକରେ ।
ମାଗିଗଲେ ଦିଅଇ ସେ ଯାହାଥାଇ ଘରେ ॥
ଥିଲା ଦ୍ରବ୍ୟମାନ ସେ ଯେ ମାଗିଲେ ଦିଅଇ ।
ନ ଥିଲା ପଦାର୍ଥ ମାନ ବୋଲଇ ସେ ନାହିଁ ॥
ଅନ୍ନ ବସ୍ତ୍ର ଦିଅଇ ସେ ଅଭ୍ୟାଗତେ ନିତ୍ୟ ।
ଯାଦେଖି ତାର ମଝିଆ ସାନ ଯେଉଁ ଭ୍ରାତ ॥
ବୋଇଲା ଆମ୍ଭର ଘର ଭଗ୍ନ କରିଦେବ ।
ଯେତେ ଦ୍ରବ୍ୟ ଘରେ ଅଛି ପରେ ସମର୍ପିବ ॥
କେତେ ଦୁଃଖରେ ଆମ୍ଭେତ ଅର୍ଜିଅଛୁ ଧନ ।
ବସିବାର ଲୋକ ସେହୁ ନ ଜାଣେ ଏମାନ ॥
ପାଷାଣ୍ଡଲୋକଙ୍କ ଆଗେ କହନ୍ତେ ଏମନ୍ତ ।
ଶୁଣି ସେ ମୂର୍ଖେ ବୋଇଲେ ଏହିକଥା ସତ ॥
ମୂର୍ଖ ଲୋକଙ୍କ ଆଗରେ ଧର୍ମର ଚରିତ ।
କହିଲେ ସନ୍ତୋଷ କାହିଁ ହେବ ତାର ଚିତ୍ତ ॥
ସେ ଲୋକେ ବୋଇଲେ ତୁମ୍ଭେରହିଭିନ୍ନହୋଇ
ଶୁଣି ବୋଲେ ସେ ମଝିଆଭାଇ ହୋଇ ହୋଇ
ଏତେ ବୋଲି ଯାଇ ଘରେ ଦ୍ୱନ୍ଦଲଗାଇଲା ।
ସରି ଭାଗନେଇ ବେଗେ ଭିନ୍ନେ ସେ ରହିଲା ॥
ଆଉ ଚାରିଭାଇଙ୍କି ସେ ବଡ଼ଭାଇ କହି ।
ତୁମ୍ଭେମାନେ ମଧ କରେ ଯିବ ଭିନ୍ନହୋଇ ॥
ସେହୁ ବୋଇଲେ ଆମ୍ଭର ନାହିଁ ପ୍ରୟୋଜନ ।
ତୁମ୍ଭେ ଅଟ ଜ୍ୟେଷ୍ଠଭାଇ ପିତର ସମାନ ॥
ତୁମ୍ଭେ ଯାହା କରିବଟି ଆମ୍ଭର ସମ୍ମତ ।
ଖାଇବାର ପିନ୍ଧିବାର ଅଟେ ଆମ୍ଭମତ ॥
ତୁମ୍ଭେ ଯା କହିବ ଆମ୍ଭେଅବଶ୍ୟ ପାଳିବୁଁ ।
ତୁମ୍ଭର ବଚନ ମାନି ତୁମ୍ଭ ପାଶେଥିବୁଁ ॥

Digitized by srujanika@gmail.com

ଏହା ଶୁଣି ଜ୍ୟେଷ୍ଠଭାଇ ସନ୍ତୋଷ ହୋଇଲା ।
ଏଥି ଅନନ୍ତରେ ତହିଁ କେତେଦିନ ଗଲା ॥
ଏହାଙ୍କର ଧନ କେବେ ନ ହୋଇଲା ଶେଷ ।
ଛିନ୍ନ ହୋଇ ଥିବା ଭାଇ ନିତ ଉପବାସ ॥
ଏପାଇଁ ଭାଇଙ୍କ ଘରୁ ମାଗି ମାଗି ଖାଇ ।
ଅଧର୍ମିର ଧନ ପୁଣି ବଢ଼ିବ ବା କାହିଁ ॥
ଧର୍ମକଥା ଶୁଣି ସେ ଅଧର୍ମିକୁ ଗଲା ।
ସର୍ବଭାଗ ନେଇ ବେଗେ ଭିନ୍ନେ ରହିଥିଲା ॥
ଏହିରୂପେ ଗତ କଲେ କେତେକ ଦିବସ ।
ଏକାଦିନକରେ ଗଲେ ବଡ଼ଭାଇ ନାଶ ॥
ଯମଦୂତମାନେ ଘେନି ଗଲେକ ତୁରିତ ।
ସେ ପାପିଭାଇଙ୍କି କଲେ ବଡ଼ ପୁରୁଷାର୍ଥ ॥
ଧର୍ମ ବାରଣ କରଣ ଭିନ୍ନେ ହୋଇବା ଭାଇ ।
ତାକୁ ନିଅନ୍ତି ତା ଗଳାରେ ଚର୍ମରଜ୍ଜୁ ଦେଇ ॥
ବିବିଧଦଣ୍ଡ ଦେଇଣ ନିଅନ୍ତି ସେ ପଥେ ।
ଶାଗୁଣା ଗୋଟିଏ ତାର ବସିଅଛି ମାଥେ ॥
ପଥେ ଯାଆନ୍ତେ ପାଇଲା ସେହି ବଡ଼କ୍ଳେଶ ।
ସଞ୍ଜୀବିନୀପୁରେ ଯାଇଁ ହୋଇଲା ପ୍ରବେଶ ॥
ଯମପୁରବାସି ଜନେ ଭାବନ୍ତି ଏସନ ।
କପଟୀ ଦୁର୍ଜନ ପାପୀ ଅଟଇ ଏ ଜନ ॥
କେ ବୋଲଇ ଧର୍ମକଥା ଏହୁ ନ ଜାଣଇଁ ।
ଶାଗୁଣାଗୋଟିଏ ଯାର ମୁଣ୍ଡେ ବସିଛଇଁ ॥
ଏମନ୍ତ କହୁଁ ଆସ୍ଥାନ ତକ୍ଷେ ନେଇ କଲେ ।
ଚିତ୍ରଗୁପତଙ୍କୁ ଚାହିଁ ନରପତି ବୋଲେ ॥
ଏ ପାପିଜଣ ଅଟନ୍ତି ଧର୍ମପରାଙ୍ମୁଖ ।
ଏ ମୂଢ଼ାର ପାପ ଯାହା କର ତା ବଖାଣ ॥
ଧାର୍ମିକ ଲୋକ ପରାୟେ ଦଣ୍ଡୁନାହିଁ ଏହି ।
ଶାଗୁଣା ଯାମୁଣ୍ଡେ ବସିଅଛି କାହିଁପାଇଁ ॥
ଶୁଣିଣ ଚିତ୍ରଗୁପତେ କହିଲେ ତୁରିତ ।
ଶାଗୁଣାକୁ ନିର୍ଦ୍ଦୋଷରେ କଲା ଏହି ହତ ॥
ତୁମ୍ଭଙ୍କୁ କହିବା ପାଇଁ ଆସିଛି ଏଠାକୁ ।
ଏଥିକୁ ଯାହା ବିଚାର କହିଲୁ ତୁମ୍ଭଙ୍କୁ ॥
ଯମେ ବୋଇଲେ ଅଦୋଷେ ଯେବେ କଲା ନାଶ ।
ଏ ଶାଗୁଣା ଖାଉ ଏବେ ତା ଦେହରୁ ମାଂସ ॥
ସୁକୃତ କରିଥିଲେ ଏ ପାପଯାନ୍ତା ନାଶ ।
ଏ ପାପିଷ୍ଠ ଅଟଇତ ଅଧର୍ମ ପୁରୁଷ ॥

ପୂର୍ବେ ଧର୍ମ କରୁଥିଲା ଏହା ଜ୍ୟେଷ୍ଠଭାଇ ।
ଭିନ୍ନ ହୋଇଗଲା ଧର୍ମବିରୋଧୀ ଏ ହୋଇ ॥
ଧର୍ମପଥେ ଚାଲିଥିଲେ ପାନ୍ତା ଧର୍ମଭାଗ ।
ଏହାର କର୍ମରେ ବାରୁ ଅଛି ହୀନଯୋଗ ॥
ଏହି ଆଜ୍ଞା ଦେଲେ ଯହୁଁ କାଳଦଣ୍ଡପାଣି ।
ସେହି ମୂଢ଼ ଜନମିଲା ମ୍ଳେଚ୍ଛ ଘରେ ପୁଣି ॥
ଧର୍ମବନ୍ତ ଲୋକଙ୍କର ପୁଣ୍ୟ ଦେହମାନ ।
ଦାହିଲା ସୁବର୍ଣ୍ଣ ଜ୍ୟୋତି ପ୍ରାୟେକ କରଣ ॥
ସଞ୍ଜ ସକାଳେ ଯେ ଲୋକ ନିତି ପୂଜା ପାଇ ।
ତାହାର ଯେ ଅବଗୁଣ ନ ବାଛନ୍ତି କେହି
ବ୍ରାହ୍ମଣ ବୁଢ଼ା ଦେଖନ୍ତି ଏ ଯନ୍ତୁ ଚରିତ୍ର ।
ଲୋକର ବିକଟେ ବୁଢ଼ା ମାଗିଲେକ ଭାତ ॥
ରଷା ଲୋକେ ବୋଲନ୍ତି ନ ଦେଖୁ କିରେ ତୁହି
ଯେ ଯାହା ଦେଇ ଥାଇ ସେ ତାହା ସିନା ପାଇ
ତୁ ଏବେ ଭଲଦ୍ରବ୍ୟ ନ ଦେଇ ଖାଇ ଲୋଡ଼ୁ ।
ଗତଜନ୍ମ ହୋଇବାର ତୋର ମୁହଁ ପୋଡ଼ୁ ॥
ଉତ୍ତମ ଦ୍ରବ୍ୟ ବ୍ରାହ୍ମଣେ ଯେବେ ଦେଇ ଥାନ୍ତୁ ।
ଏବେ ଏହିଠାରେ ତୋତେ ଯାଚିକରି ଦ୍ୟନ୍ତୁ ॥
ଏ ଯେ ଯମପୁର ଜାଣ ଅଟେ ନିରାପକ୍ଷ ।
ଦେଇ ନ ଥିଲେ ନ ମିଳେ ପ୍ରତ୍ୟକ୍ଷ ତୁ ଦେଖ ॥
ଭୋକିଲୋକେ ଯେଉଁଜନ ଅନ୍ନ ଦେଇ ଥାଇ ।
ତେବେ ଯେ ଏଠାରେ ତାକୁ କ୍ଷୁଧା ନ ଲାଗଇ ॥
ଜଳକାଙ୍କ୍ଷିମାନ କରିଥାନ୍ତି ଯେଉଁ ପ୍ରାଣୀ ।
ନିବା ଖରାକାଳେ ଦେଇଥାନ୍ତି ପଣା ପାଣି ॥
ସେମାନଙ୍କୁ ଏହିଠାରେ କ୍ଷୁଧା ତୃଷା ନାହିଁ ।
ଦେଖିଲେ ତାହାଙ୍କୁ ଦୂତେ ଯାଆନ୍ତି ପଳାଇ ॥
ଶୀତକାଳରେ ଦିଅନ୍ତି ଯେବା ଅଗ୍ନି ଦାନ ।
ଦରିଦ୍ର ଲୋକଙ୍କୁ ଯେହୁ ଦିଅନ୍ତି ବସନ ॥
ଏହିଠାରେ ସେ ଲୋକଙ୍କ ଶୀତଭୟ ନାହିଁ ।
ଆତ୍ମ ଯାଚକରି ଦେଉଁ ବସ୍ତ୍ର ଯେ ଘୋଡ଼ାଇ ॥
ଦେଖ ସେ ଇହ ଜନ୍ମରେ ଯାହା ଦେଇଥିଲା ।
ଏଠାରେ ତାହାକୁ ବୁଢ଼ା ସମସ୍ତ ମିଳିଲା ॥
ଶୁଣିଣ ବ୍ରାହ୍ମଣ ବୁଢ଼ା ବୋଇଲା ଏ ସତ ।
ନିରେଶୁ ମୋ ପରାଣଗଲା ନ ପାଇଲେ ଭାତ ॥
ଏମନ୍ତ ଶୁଣିଣ ଦୂତ ବେଗେ ଚାଲିଗଲେ ।
ଉଚ୍ଛିଷ୍ଟ ଅର୍ଣ୍ଣ ଛେଲୁଆ ଖଣ୍ଡେ ଆଣିଦେଲେ ॥

Digitized by srujanika@gmail.com

ଝିକି ଝିକି ହୋଇ କେତେ ଖସୁଅଛି ଶାଗ ।
ଖାଅ ଖାଅ ବୋଲି ଥୋଇ ଦେଲେ ବୁଢାଆଗ ॥
ଦେଖି ବିପ୍ର ବୋଲଇ ଯେ ଦୂତମୁଖ ଗୃହ୍ଣ ।
ଉଚ୍ଛିଷ୍ଟ ଅନ୍ନ କେମନ୍ତେ ଖାଇବଇଁ ମୁହିଁ ॥
ଦୂତେ ବୋଇଲେ ସବୁତ କହିଦେଲୁ ତୋତେ
ପୂର୍ବେ ଯାହା ଦେଇଥାଇ ମିଳଇ ଆସି ଏଥେ ॥
ପୂର୍ବେ ତୁହି ଅତିଥିକି ଥିଲୁ ଏହା ଦେଇ ।
ଯାହା ଦେଇଥିଲୁ ତାହା ପାଇଲୁରେ ତୁହି ॥
ଏ ଉଚ୍ଛିଷ୍ଟ ଅନ୍ନଖାଇ ଗର୍ଭ କର ଶାନ୍ତ ।
ଆଉ କହିଲେ ଝାଡିବୁ ତୋର ସବୁ ଦାନ୍ତ ॥
ଶୁଣିଣ ବ୍ରାହ୍ମଣ ବୁଢା ମହାଭୟ ପାଇ ।
ଭୋକ ବିକଳେ ଉଚ୍ଛିଷ୍ଟ ଅନ୍ନକୁ ଭୁଞ୍ଜଇ ॥
ବ୍ରାହ୍ମଣ ବୁଢାକୁ ଦୂତେ ତହୁଁ ଘେନିଗଲେ ।
ତାହାର ପୁତ୍ର ବଧୂକୁ ନେଇ ଦେଖାଇଲେ ॥
ଉତ୍ତମ ମନ୍ଦିର ମଧ୍ୟେ ଅଛନ୍ତି ସେ ରହି ।
ପଲଙ୍କ ଉପରେ ତାର ପୁତ୍ର ଅଛି ଶୋଇ ॥
ସ୍ୱାମିର ପୟର ବୋହୁ ମର୍ଦ୍ଦିଉଣ ଥିଲା ।
ଦୂରରୁ ଶ୍ୱଶୁରକୁ ସେ ନୟନେ ଦେଖିଲା ॥
ସ୍ୱାମୀକି ବୋଇଲା ତାର ଶୁଣ ଆହେ କାନ୍ତ ।
ସଞ୍ଜୀବନି ପୁରେ ତୁମ୍ଭ ଅଇଲେଣି ତାତ ॥
ଶୁଣି ସେ ବୋଇଲା ସେକେ ଆମ୍ଭର ପିୟର ।
ବାତୁଳ ପରାୟେ କିପାଁ କହୁଛୁ ଏ ଗିର ॥
ସେ ଆମ୍ଭର ଅଟଇ ଲୋ କେତେ ଜନ୍ମତାତ ।
ଆମ୍ଭେ ତାହାର ଅଟୁ ଲୋ କେତେ ଜନ୍ମସୁତ ॥
ତାହା ନ କହ କବାଟ ଦିଅ ବେଗେ ପାତ ।
ପୁଣି କହିଲେ ଖାଇବୁ ଜାଣି ଲୁହା ବାଡ଼ ॥
ଶୁଣିକରି ସୁନ୍ଦରୀ ଯେ ରହେ ତୁନି ହୋଇ ।
ସେ ବୁଢା ବ୍ରାହ୍ମଣ ଥିଲା ଛିଡ଼ା ହୋଇ ତହିଁ ॥
ପୁତ୍ର ବଧୂଙ୍କର ଯହୁଁ ଏମନ୍ତ ଉତ୍ତର ।
ଶୁଣିଣ ସେ ଦ୍ୱିଜବର ହୋଇଲା କାତର ॥
ଦୁଆରେ ଉଭାହୋଇଣ ବୋଲଇ ବ୍ରାହ୍ମଣ ।
ତୁହି ମୋହର ବାବୁରେ ଅଟୁ ପର୍ଣ୍ଣପ୍ରାଣ ॥
ଷଡ଼ମାସ ହେଲା ମୋତେ ଅଇଲୁ ତୁ ଛାଡ଼ି ।
ସେଦିନୁ ନୟନୁ ଲୁହ ପଡ଼େ ହିର ଧଡ଼ି ॥
ତୁମ୍ଭଙ୍କୁ ଝୁରି ଝୁରି ମୋ ତନୁ ହେଲା ଖିନ୍ନ ।
କୃଷ୍ଣ ପକ୍ଷେ ଚନ୍ଦ୍ରମା ଅଟଇ ଯେସନ ॥

ଆହାର ନ ରୁଚଇ ଯେ ଦୁର୍ବଳ ଶରୀର ।
ଦେଖିବାକୁ ଅଇଲିରେ ତୋତେ ଏତେଦୂର ॥
ଦେଖିଲେ ତୋହର ମୁଖ ହେବ ଦୁଃଖନାଶ ।
କବାଟ ଫେଡ଼ ବାବୁରେ କରିଲି ମୋ ଆଶ ॥
ପରମୁଣ୍ଡା ହୋଇ ମୁହିଁ ଯିବି ଆରେ ଧନ ।
ଦେଖି ତୋ ମୁଖ ଖଣ୍ଡିବ ମୋର ଦୁଃଖମାନ ॥
ମୁହିଁ ତୋର ପିତାରେ ତୁ ମୋହର କୁମର ।
ଦେଖିବି ପୁତ୍ର ବଧୂରେ ବଦନ ତୁମ୍ଭର ॥
ଏମନ୍ତ ବାଣୀ ଯହୁଁ ସେ ବୋଲେ ଦ୍ୱିଜବର ।
ଶୁଣିଣ କୋପଚିତ୍ତେ ସେ ବୋଲଇ କୁମର ॥
ତୋଠାରେ ଆମ୍ଭର ଋଣ ବନ୍ଧନ ଯେ ଥିଲା ।
ତେଣୁକରି ନେଇଣ ସେ ବିହି ଘଟାଇଲା ॥
ଯେହେତୁ ଆମ୍ଭ ଆର୍ଜ୍ଜିଲା ସହିଲୁ ଯେ ତୁହି ।
ଜନ୍ମଠାରୁ ବିଭା ବନ୍ଦାପନା ଶେଷ ହୋଇ ॥
ଆମ୍ଭର ସେ ଧନ ଯହୁଁ ହୋଇଲାକ ଶେଷ ।
ତେଣୁକରି ଜାଣ ତେଜି ଅଇଲୁ ତୋ ପାଶ ॥
ତୁ ବିଶ୍ୱାସେ ହରିଥିଲୁ ପୂର୍ବେ ଆମ୍ଭଧନ ।
ମାଗିଗଲେ ନ ଦେଲୁରେ କଲୁ ମୂର୍ଖପଣ ॥
ତେଣୁକରି ଜନ୍ମ ଆମ୍ଭେ ପାଇଲୁ ବହୁତ ।
ଆଣି ନ ପାରିଲୁ କେବେ ତୋହଠାରୁ ବିତ୍ତ ॥
ଉଧାର ମାଗିଲ ପୁଣି କାହିଁ ହେବ ଉଣା ।
ବେଳକାଳ ଜାଣି ଧାତା କରଇ ଘଟଣା ॥
ଏହା କେହି ନ ଜାଣନ୍ତି ନରେ ମହାମୂର୍ଖ ।
ବିଅର୍ଥରେ ମରୁଆନ୍ତି କରି ପୁତ୍ରଶୋକ ॥
ଶୁଣିଣ ବ୍ରାହ୍ମଣ ବୁଢା ମୂର୍ଚ୍ଛିତ ହୋଇ ।
ଏମନ୍ତ ସମୟେ ମୋଚ ଧଇଲାକ ଯାଇ ॥
ବୋଲେ ପାଣ୍ଡୋଇ କଉଡ଼ି ମୋତେ ତୁ ନଦେଲୁ
ମାଗିଗଲେ ବହୁତର ଭର୍ତ୍ସନା ତୁ କଲୁ ॥
ଆଜ୍ଞ ହାଡବାଡ଼ ପଡ଼ିଛୁ ଯିବୁ ତୁହି କାହିଁ ।
ନଦେଲେ ତୋ ଦେହୁଁ ଚର୍ମ କାଟନେବ ମୁହିଁ ॥
ଶୁଣିଣ ବ୍ରାହ୍ମଣ ବୁଢା ତରସ୍ତ ହୋଇଲା ।
ଭିତରେ ଥାଇଣ ପୁତ୍ର ତାହାକୁ କହିଲା ॥
ମୃତ୍ୟୁଲୋକେ ଯେହ୍ନେ ଯାହା ଦେଇ ଥାଇ ପାଇ
କାହାର ଧାର ଅଇଲେ ଯେ ଏଠାରେ ନେଇ
ଋଣ ନ ଶୁଝିଲେ ଲକ୍ଷ ପାଇ ସେ ବହୁତ ।
କାଲକର୍ମମାନ ଜାଣ ହୁଏ ପରାପତ ॥

ବନ୍ଧୁ କୁଟୁମ୍ବ ଆବର ଧନ ଦାର ସୁତ ।
ଏଠାରେ ରଖିବାକୁ କେ ନୁହନ୍ତି ସମରଥ ॥
ପିଣ୍ଡ ଛାଡ଼ ପ୍ରାଣ ଯେବେ ହୁଅଇ ଅନ୍ତର ।
ସମସ୍ତେ ଯେ ସେହିଠାରୁ ହୋଇଯାନ୍ତି ପର ॥
ମରଛି ବୋଲୁଥାନ୍ତି ମୋର ଏହି ମୋର ଏହି ।
ପିଣ୍ଡରୁ ପ୍ରାଣ ଗଲେ ତ କାର ନୁହନ୍ତି କେହି ॥
ଶ୍ରୀହରିଙ୍କ ନାମଟୋକ ଅଟଇ ଧର୍ମବାଟ ।
ତାହାଙ୍କୁ ଆଶ୍ରେ କରିଲେ ନ ଥାଇ ସଂକଟ ॥
ଯାହା ଦେଇଥିବ ସର୍ବେ ଏଠାରେ ତା ପାଇ ।
ଅଧିକ ଲୋଭିଲେ ସେହୁ ମରେ ମାଡ଼ଖାଇ ॥
ଆଗମ ନିଗମ ଶାସ୍ତ୍ର ପୁରାଣ ବାକ୍ୟରେ ।
ସଂସାରେ ଥାଇଣ ବୁଢ଼ା ଶୁଣିନାହୁଁ କରେ ॥
ନିର୍ବଳ ଲୋକଙ୍କଠାରୁ ବଳବନ୍ତ ଜନ ।
ଧନ ନେଇଣ ତାହାଙ୍କୁ ନ ଦଏ ଯେ ପୁଣ ॥
ଏହିଠାବରେ ସେମାନେ ହୁଅନ୍ତି ଭୁଲ କସ ।
ନିଦାନ ବେଳକୁ ଜାଣ ଦେହୁଁ ଦ୍ୟନ୍ତି ମାଂସ ॥
ପର ଅଧିକାର ଥାଇ ଯେବଣହିଁ ନର ।
ନିରସ ଲୋକମାନଙ୍କୁ କରେ ହରବର ॥
ଦାମ୍ଭିକ ପଣ କରି ତା ଠାରୁ ଧନ ନେଇ ।
ମାଗି ଗଲେ ତାହାଙ୍କୁ ସେ ମାରଇ ଗୋଡ଼ାଇ ॥
ଯେତେବେଳେ ଆସଇ ସେ ସଞ୍ଜୀବନୀ ପୁର ।
ଲୋଡ଼ନ୍ତି ଏଠାରେ ତାକୁ କରେ ହରବର ॥
ଅଧିକାର ପଣକେରେ ଏଥ ଆଣି ଥାଇ ।
ଶୂକର ହୋଇ ଖାତକ ସେବା ସେ କରଇ ॥
ଧର୍ମ ଏହିଠାରେ ବୁଢ଼ା ଅଛଇ ପ୍ରମାଣ ।
ଦାମ୍ଭିକ ପଣ କରି ମୁଁ ନେଲି ପର ଧନ ॥
ଏବେ ତୋର ଚର୍ମ ମୋଚ କାଟିବ ଉଚିତ ।
ଏହିପରି ନ୍ୟାୟ କଥା କହିଲା ତା ସୁତ ॥
ଶୁଣି ବ୍ରାହ୍ମଣ ବୁଢ଼ାର ନ ସ୍ଫୁରଇ କିଛ ।
ବହୁତ କଟାଳ ତାକୁ କରିଲା ସେ ମୋଚ ॥
କରେ କାତ ଧେନ ଗଲା କାଟିବାକୁ ଚର୍ମ ।
ବୃଷଙ୍କୁ ଏ ସେବିବାରୁ ଥିଲା କିଛି ଧର୍ମ ॥
ଆତଙ୍କ ହୋଇଣ ତହିଁ ବ୍ରାହ୍ମଣ କମ୍ପଇ ।
ତତକ୍ଷଣରେ ପ୍ରବେଶ ହେଲେ ବୃଷ ଦୁଇ ॥
ମୂର୍ତ୍ତିମନ୍ତ ହେଲେ ଦୁହେଁ ଛାଡ଼ ବୃଷ ରୂପ ।
ମୋଚକ ହୋଇଲେ ବିପ୍ର ଆମ୍ଭ ଧର୍ମ ବାପ ॥

ଆମ୍ଭ ବେନି ଜଣଙ୍କର ଠାରୁ ଚର୍ମ ନିଅ ।
ଏ ଆମ୍ଭର ପିତା ଅଟେ ଏଙ୍କୁ ଛାଡ଼ିଦିଅ ॥
ପାତ୍ରୋଇ ସମ ଦେହରୁ ଚର୍ମ ଦେଲେ କାଟି ।
ଚର୍ମ ପାଇଣ ସେ ମୋଚ ଗଲାକ ଲେଉଟି ॥
ଦେଖିଣ ବ୍ରାହ୍ମଣ ବୁଢ଼ା ଚକିତ ହୋଇଲା ।
ସୁସ୍ଥ ହୋଇକରି ମନୁ ଭୟକୁ ଛାଡ଼ିଲା ॥
ବେନି ଗୋଟି ବୃଷ ତହୁଁ ହେଲେ ଅନ୍ତର୍ଦ୍ଧାନ ।
ନିଜ ପିଣ୍ଡରେ ପ୍ରବେଶ ବ୍ରାହ୍ମଣ ଜୀବନ ॥
ଚେତା ପାଇକରି ଦ୍ୱିଜ ଉଠିଲା ବହନ ।
ଘରିଯାକୁ ବୋଇଲା ମୁଁ ଦେଖିଲି ସ୍ୱପନ ॥
ଏତେ ବୋଲି ନେତ୍ରଜଳ ଫେଡିଲା କବାଟ ।
ତକ୍ଷଣେ ମିଳିଲା ଯାଇଁ ବୃଷର ନିକଟ ॥
ଦେଖିଲା ବେନି ବୃଷରେ ବେନି ଛେଲା ନାହିଁ ।
ପାଣ୍ଡୁଇର ପ୍ରମାଣରେ ଅଛି କଟା ହୋଇ ॥
ରୁଧିର ପ୍ରାୟେକ ବୃଷୁଁ ବହୁଅଛି ଜଳ ।
ଦେଖିଣ ବ୍ରାହ୍ମଣ ବୁଢ଼ା ହୋଇଲା ବିକଳ ॥
ବୁକୁରେ ସେ କୋଡ଼ହୋଇ ବୋଲେ କି କରିଲି ।
ମହା ବୃଷ ଦୁଇଙ୍କୁ ମୁଁ ଏତେ ଦଣ୍ଡ ଦେଲି ॥
ଧିକ ଜନମ ମୋହର ଧିକ ବୁଦ୍ଧି ମୋର ।
ମୋପାଇଁ କଷଣ ବୃଷେ ପାଇଲେ ଅପାର ॥
ଏତେବୋଲି ନେତ୍ରୁ ଲୁହ ବହେ ଘନ ଘନ ।
ତକ୍ଷଣେ ଗୋମୟ ବୃଷେ କରିଲେ ଲେପନ ॥
ପଇଡ଼ର ପାଣି ଆଣି ବୃଷ ମୂଳେ ଦେଇ ।
ପ୍ରଦକ୍ଷିଣ କଲା ବିପ୍ର ବୃଷମୂଳେ ଶୋଇ ॥
ଉଠି ଉଭା ହୋଇ କରି କରେ ନମସ୍କାର ।
ବୋଲେ ବୃଷରାଜ ମୋତେ କର ଉପକାର ॥
ଦୁଃସହ ସଂକଟ ମଧ୍ୟୁଁ ମୋତେ ପାରି କଲ ।
ସଂସାର ମଧ୍ୟରେ ତୁମ୍ଭେ ଏ ଯଶ ରଖିଲ ॥
ଏମନ୍ତ ରୂପେ ବହୁତ ଜଣାଇ ସେ ପୁଣି ।
ନିଶି ପାହାନ୍ତେ ଉଦୟ ହୋଇଲେ ଦିନମଣି ॥
ପତ୍ନୀ ପଚାରେ ପତିକୁ ସ୍ୱପନ ବୃତ୍ତାନ୍ତ ।
ଶୁଣିଣ ବ୍ରାହ୍ମଣ ବୁଢ଼ା କହଇ ଯାବତ ॥
ଯମ ପୁର ଯିବାର ଯେ କ୍ଷୁଧା ତୃଷା କଥା ।
ପାଣି ପଖା ମାଗିବାର ଅନ୍ନର ବ୍ୟବସ୍ଥା ॥
ବୋଇଲା ବହୁତ ପଦାର୍ଥ ଅଛି ସେହି ସ୍ଥାନ ।
ଶୀତ କଷ୍ଟ ପାଇବାର ମାଗିବା ବସନ ॥

Digitized by srujanika@gmail.com

ଉଗ୍ର ଲୋକମାନେ ତହିଁ ଯାହା କହିଥିଲେ ।
ଉଚ୍ଛିଷ୍ଟ ଅନ୍ନ ଖାଇବା ଲୋକର ବିକଳ ॥
ପୁଣ୍ୟ ଲୋକମାନଙ୍କର ଆସିବାର ଗତି ।
ତାଙ୍କ ସମାଦର କରିବାର ଜନ୍ତୁପତି ॥
ପାପି ଲୋକମାନଙ୍କର ଯେତେ ଦଣ୍ଡ ମଣ୍ଡ ।
ତାଙ୍କୁ ପକାନ୍ତି ଯେପରି ନେଇ ନର୍କକୁଣ୍ଡ ॥
ପୁଅ ବୋହୂ ଯାହା ଯାହା କହିଲେକ ପୁଣି ।
କାନ୍ଦି କାନ୍ଦି ସ୍ତ୍ରିୟା ଆଗେ କହଇ ବ୍ରାହ୍ମଣ ॥
ମୋତେ ଆସି ଚର୍ମ କାଟି ନେବାର ବିଷୟ ।
ନରରୂପି ବୃଷ ତହିଁ କାଟିଦେଲେ ଦେହ ॥
ବୋଇଲେ ମୋ ଧର୍ମ ତାତ ଅଟଇ ବ୍ରାହ୍ମଣ ।
ଆମ୍ଭଠାରୁ ଚର୍ମ ନିଅ ପାଦେଣ୍ଟିଇ ପ୍ରମାଣ ॥
ଶୁଣିଣ ଚମର ବେଗେ ଲଗାଇଲା କାତି ।
ମୋହପାଇଁ ବୃଷେ ପାଇଛନ୍ତି ଏତେ ଶାସ୍ତି ॥
ଶୁଣ ତୁ ସୁନ୍ଦରୀ ସେହି ପୁର କଥା ମାନ ।
ତହିଁର ନୃପତି ଅଟେ ତପନ ନନ୍ଦନ ॥
ଧାର୍ମିକ ଲୋକଙ୍କୁ ତହିଁ ଅଛି ବଡ଼ ସୁଖ ।
ପାପି ଲୋକଙ୍କୁ ସେଠାରେ ମିଳେ ବଡ଼ ଦୁଃଖ ॥
ଅମର ଭୁବନ ପ୍ରାୟେ ଶୋଭେ ସେହି ପୁର ।
ପାପି ଲୋକଙ୍କୁ ସେ ପୁର ସ୍ୱପନ ପ୍ରକାର ॥
କମଳାଳୟ ପରାୟେ ଦିଶେ ସେ ଭୁବନ ।
ଅଷ୍ଟ ଐଶ୍ୱର୍ଯ୍ୟ ଅଛି ତହିଁ ପରିପୂର୍ଣ୍ଣ ॥
ଜମ୍ବୁନଦର ପାବଚ୍ଛ ହୋଇଛି ସେଠାରେ ।
ଚିତ୍ର ବିଚିତ୍ରରେ ପୁର ଜନ ମନ ହରେ ॥
ପ୍ରସ୍ଫୁଟିତ ସୁମନର ବାସ ମହକଇ ।
ସେ ବନେ ସୁମନମାନେ ବିହରନ୍ତି ଯାଇଁ ॥
କନକର କୁମ୍ଭମାନ ଅଛଇ ଅନେକ ।
ପିଢା ଉପରେ ବସିଛି କଳସ କନକ ॥
ସାତକୁମ୍ଭରେ ନାରୀଏ ଜଳକୁ ପୂରାଇ ।
ପଥେ ଯାଉନ୍ତି ନେଉଥିଲେ ଜନମନ ମୋହି ॥
ଅମର ବର ପରାୟେ ଛନ୍ତି ତହିଁ ନରେ ।
ଛି ଛି ଅସାର ସଂସାର ଏ କଳିକାଳରେ ॥
ଅହିଂସା ପଥରେ ଥିଲେ ଦେଖିବୁ ଲୋ ସହି ।
ମିଛ ସଂସାର ଏଥିରେ ପ୍ରୟୋଜନ ନାହିଁ ॥
ଯା ଦେଇଥିବ ଅତିଥି ଅବା ଅଭ୍ୟାଗତ ।
ସେଠାରେ ତାହା/ସକଳ ହୁଏ ପରାପତ ॥
ଦାନେ ଅତିଥି ଉଚ୍ଛିଷ୍ଟ ଅନ୍ନ ଦେଇଥିଲି ।
ସେ ଉଚ୍ଛିଷ୍ଟ ଅନ୍ନକୁ ମୁଁ ସେଠାରେ ପାଇଲି ॥
ଉତ୍ତମ ଦ୍ରବ୍ୟ ଦେଖିଣ ତହିଁ କଲି ଆଶ ।
ଯମଦୂତମାନେ ତହିଁ କରିଲେ ନିରାଶ ॥
ବୋଇଲେ ନ ଦେଲୁ ଏବେ ଖାଇବାକୁ ଲୋଡୁ ।
ଧନ ରଖିବାର ଧିକ ତୋର ମୁହଁ ପୋଡୁ ॥
ତେଣୁକରି ଆମ୍ଭ ଘରେ ଅଛି ଯେତେ ଧନ ।
ମିଷ୍ଟାନ୍ନ କରି ଅତିଥି ଦିଅ ଭୋଜନ ॥
ବ୍ରାହ୍ମଣ ବୈଷ୍ଣବ ଦେବାଦେବୀ ସେବାକରି ।
ଦେଉଳ ମଣ୍ଡପ କୂପ ଆରାମ ପୋଖରି ॥
ଏହା କରାଇବା ଆମ୍ଭ ଅନ୍ୟ କାର୍ଯ୍ୟନାହିଁ ।
ଏତେ ବରିକରି ବହୁତ ରୂପେ ଦାନ ଦେଇ ॥
ଗୋରୁଙ୍କ ମୁଖରେ ଘାସ ପିମ୍ପୁଡ଼ିଙ୍କ ଖୁଦ ।
ବିଷ୍ଣୁଙ୍କ ପ୍ରତିମା ପୂଜା ଶମ୍ଭୁ ଶିରେ ଦୁଧ ॥
ଏମନ୍ତ କରିଣ ଧନ ବିତରି ସୁଚିତେ ।
ଦାନ ଦେଇ ଧର୍ମ କୀର୍ତ୍ତି ରଖିଲା ଜଗତେ ॥
ଏହିମତେ ଯାବତାୟୁ ଧର୍ମ କୀର୍ତ୍ତି କଲା ।
ଆୟୁଷ ଶେଷ ହେବାରୁ ମୃତ୍ୟୁକୁ ଲଭିଲା ॥
ପତି ବିଯୋଗ ହେବାର ଦେଖି ତାର ନାରୀ ।
ଅଗ୍ନିରେ ପଶିଲା ସେହୁ ପତି ଶବ ଧରି ॥
ମୃତ୍ୟୁକାଳ ଜାଣି ଦୂତେ ଆଇଲେ ତୁରିତ ।
ସଙ୍ଗେ ଘେନି ଆସିଛନ୍ତି ସ୍ୱର୍ଣ୍ଣମୟ ରଥ ॥
ଯେଣୁ ସେହି ସୁଚିତ୍ତରେ ଦେଇଥିଲା ଦାନ ।
ତେଣୁ ତାହାକୁ ପ୍ରାପତ ହେଲା ଶୁଭକର୍ମ ॥
ତତକ୍ଷଣେ ବେନି ପ୍ରାଣୀ ରଥରେ ବସିଲେ ।
ସଞ୍ଜୀବନୀ ପୁରେ ଯାଇଁ ପ୍ରବେଶ ହୋଇଲେ ॥
ଦେଖିଣ ସେ ପୁର ଜନେ ଆନନ୍ଦିତ ହୋଇ ।
ବସନ ଭୋଜନ ବହୁ ଯୋଗାଇଲେ ନେଇ ॥
ବୋଇଲେ ତୁ ଦେଇଅଛୁ ଏବେ ଭୋଗ କର ।
ଯାହା ଦେଇଅଛୁ ତାହା ରହିଛି ଏଠାର ॥
ବହୁତ ଆଦର କରି କଲେ ପୁରୁଷାର୍ଥ ।
ଜନ୍ତୁପତି ଦେଖି କରି ହେଲା ତୋଷଚିତ୍ତ ॥
ଗଉରବ କରି ତାଙ୍କୁ ଦେଲେ ଦିବ୍ୟ ରସ ।
ଦେଖିଣ ବ୍ରାହ୍ମଣ ବୁଢା ହୋଇଲା ହରଷ ॥
ଇହଲୋକେ ସେହି ବିପ୍ର ଯାହା ଥିଲା ଦେଇ ।
ସେ ପୁରେ ଦେଖିଲା ବିପ୍ର ସମସ୍ତ ଅଛଇ ॥

Digitized by srujanika@gmail.com

ଦେଖିଣ ବ୍ରାହ୍ମଣ ଭୁଡା ବଗିରଭ ମନ ।
ଭୂତମଧ୍ୟେ ରହିଗଲା ବାକି କିଛି ଧନ ॥
ଅତିଥ ଅଭ୍ୟାଗତେ ମୁଁ ଯାହା ଥିଲି ଦେଇ ।
ସେ ସବୁ ଏଠାରେ ମୋର ଅଛି ଥୁଆହୋଇ ॥
ପୁତ୍ରକୁ ଦେଖିବା ପାଇଁ ଆସିବାରୁ ଏଥ ।
ତେଣୁ ସିନା ଜାଣିଲି ମୁଁ ଏଥିର ତଦନ୍ତ ॥
ନୋହିଲେ ଏଠାରେ ପାଇଥାନ୍ତି ବହୁ ଦଣ୍ଡ ।
କୃପଣ ହୋଇଲେ କରନ୍ତି ଦେହ ଖଣ୍ଡ ଖଣ୍ଡ ॥
ଧନବନ୍ତ ହୋଇ ଯେବେ ଧର୍ମ ନ କରଇ ।
ଅତିଥି ଅଭ୍ୟାଗତଙ୍କୁ ଘଉଡ଼ି ଦିଅଇ ॥
ପୋଖରୀ ପାନ୍ଥଶାଳା ଆଉ କୂପ ଜଳ କାଢ଼ି ।
ନ କରଣ ଯେଉଁଜନ ଧନ ମଣ୍ଡି ଥାନ୍ତି ॥
ନ ଦେଇ ନ ଖାଇ ଯେହୁ ରଖେ ଯତ୍ନ କରି ।
ଆୟୁଷ ସରିଲେ ସେହୁ ଆସେ ଯମପୁରୀ ॥
ଏହିଠାରେ କ୍ଷୁଧା ତୃଷା ଭୋଗନ୍ତି ବହୁତ ।
ଭୋକ ବଳିଲେ ଲୋଡ଼ନ୍ତି ଖାଇବାକୁ ଭାତ ॥
ତୃଷା ଆରତେ ଲୋଡ଼ନ୍ତି ପିଇ ପଣା ପାଣି ।
ଶୁଣିକରି ରକ୍ଷୀଲୋକେ ମାରନ୍ତି କଚ୍ଛଣି ॥
ପ୍ରଚଣ୍ଡ ତାପେ ରଖନ୍ତି ପୁଣି ତାକୁ ନେଇ ।
ଖରାରେ ଆରତ ହୋଇ ଲୋଡୁଥାଇ ଛାଇ ॥
ତତଲ ବାଲିରେ ଦୂତ ନିଅନ୍ତି ଘୋଷାରି ।
ଅନେକ ପ୍ରକାରେ ତାକୁ ଦଣ୍ଡମାନ ଦେଇ ॥
ବୋଲୁଥାନ୍ତି ଧନ ଅର୍ଜି ନ କଲୁ ରେ ଧର୍ମ ।
ଧିକ ତୋହର ଜୀବନ ଧିକ ତୋ ଜନମ ॥
ନ ଥିବା ଲୋକକୁ କିଛି ନ ଲାଗଇ ଦୋଷ ।
ଥାଇ ଧର୍ମ ନ କଲେ ନର୍କେ ହୁଏ ବାସ ॥
ଏହାକୁ ମୁଁ ଏଠାବରେ ଦେଖିକରି ଗଲି ।
ଧର୍ମ ଆଶ୍ରେ କରି କିଛି ଧନ ବିତରିଲି ॥
ଦେଇଥିଲି ଯାହା ତାହା ଦେଲେ ଯମଦୂତେ ।
ଏହିପରି ଭୁଡା ବିପ୍ର ବଗିରଭ ପ୍ରତେ ॥
କହୁଛନ୍ତି ଚଇତନ ଶୁଣ ମନ ରାୟ ।
ନ ଦେଲେ ନ ପାଇବ ଯେ ଏ କଥା ନିଶ୍ଚୟ ॥
ସତ୍ୟ ଅନୁକ୍ରମେ ଯେହୁ କରୁଥାଏ ଧର୍ମ ।
ଇହ ପରଲୋକେ ତାର ହୁଏ ଶୁଭକର୍ମ ॥
ସଂସାର ମଧ୍ୟରେ ଛନ୍ତି ଯେତେ ଯେତେ ଲୋକ ।
କର୍ମ ଅନୁସାରେ ଭୁଞ୍ଜୁଥାନ୍ତି ଦୁଃଖ ସୁଖ ॥
ଗତ ଜନ୍ମ ପାପ ପୁଣ୍ୟ ଏ ଜନ୍ମରେ ପାଇ ।
ସ୍ୱନକୁ ଯେପରି କେବେ ନ ଛାଡ଼ଇ ଛାଇ ॥
ଶୁଣିଲେକ ସୁମନ ଯେ ହେଲା ତୋଷ ଚିତ୍ତ
କହଇ ମାଧବ ପାରିକର ଜଗନ୍ନାଥ ॥

କଳି ଚରିତ୍ର ଓ ତାହାର ଗୁଣ ।

ସୁମନ ବୋଲନ୍ତି ତୁମ୍ଭେ ଶୁଣ ଚଇତନ୍ୟ ।
ଆଉ କିଛି ଧର୍ମ କଥା କୁହନ୍ତୁ ଆପଣ ॥
ଧର୍ମ ମାର୍ଗେ ମୋର ଚିତ୍ତ କେବେ ନ ବଳଇ ।
ଅଧର୍ମ କଥାରେ ପୁଣି ବହୁ ପ୍ରବର୍ତ୍ତଇ ॥
ଗୋବିନ୍ଦଙ୍କ ନାମ ଅଟେ ସୁଧାସମ ରସ ।
ସେହି କଥା ଅନୁକ୍ଷଣ କରନ୍ତୁ ପ୍ରକାଶ ॥
ଗୋବିନ୍ଦଙ୍କ ପାଦାମ୍ବୁଜେ ଚିତ୍ତ ରହୁ ନାହିଁ ।
ବଗିରଭ ଚିତ୍ତ ଦେବ କ୍ଷଣ୍ଟରେ ମିଶାଇ ॥
ସେହି ପାଦୁଁ ଗଳୁଅଛି ସୁଧାରସ ଧାର ।
ଆତ୍ମା ତୋଷ କରିବ ମୁଁ କରିଣ ଆହାର ॥
ଶ୍ରବଣ ପଥରେ କରୁଥିବ ନିତ ପାନ ।
ମୁଖରେ ମୁଁ ବୋଲୁଥିବ କୃଷ୍ଣ ଭଗବାନ ॥
ଅତିଥିଙ୍କ ପୂଜା ବିଧି ନିତ କରୁଥିବ ।
ବ୍ରାହ୍ମଣଙ୍କ ପାଦେ ନିତ ମୁହିଁ ସେବୁଥିବ ॥
କ୍ଷୁଧାର୍ତ୍ତି ବିପ୍ରମାନଙ୍କୁ ଦେବଇଁ ଭୋଜନ ।
ଦକ୍ଷିଣା ବିଧି କରିଣ ଦେବ କିଛି ଧନ ॥
ଏ ମିଥ୍ୟା ସଂସାର ଜାଣ ଅଟେ ଅକାରଣ ।
ଏମନ୍ତ କରିଲେ ଅବା ପାଇବ କାରଣ ॥
ଏପରି ବଗିର ମୁହିଁ କରେଁ ଦୃଢ଼ କରି ।
କରିଲା ବେଳକୁ ତାହା ଦିଅଇ ପାଶୋରି ॥
ରୂପବତୀ ବେଶ୍ୟାକୁ ମୁଁ ଦେଖିଲେ ନୟନ ।
ତାହାକୁ ତ ବେଗକରି ନେଇ ଦିଏ ଧନ ॥
ଗୋବିନ୍ଦଙ୍କ ଚରିତ୍ରକୁ ଶୁଣି ମାଡ଼େ ନିଦ୍ରା ।
ତମାଳି ଶୁଣିଲେ ତହିଁ ବଢ଼େ ମୋ ଶରଧା ॥
ଗୋବିନ୍ଦଙ୍କ ଚରିତ୍ରକୁ ନ କରେ କୀର୍ତ୍ତନ ।
ସେକଥାରେ କେତେବେଳେ ନ ରସେ ମୋ ମନ
ନିନ୍ଦ କପଟ ଲମ୍ପଟ କୁଟ ମିଥ୍ୟାଲକ୍ଷ ।
ଅସାଧୁଙ୍କ ସଙ୍ଗେ ସଙ୍ଗ ପଶାଖେଳ ରସ ॥
ଏଥିରେ ମୋହର ମନ ବହୁତ ରସଇ ।
ଦାନ ଦେଇ ଦକ୍ଷିଣା ମୁଁ ବୋଲେ ନାହିଁ ନାହିଁ ॥

Digitized by srujanika@gmail.com

ବିପ୍ରପାଦ ସେବିବାକୁ ହୁଏ ବଡ ମନ ।
ଦେଖିଲେ କରି ନପାରେ ନ କରଇ ମାନ୍ୟ ॥
ବ୍ୟାଧିମନ୍ତ ଗୋରୁ ପଙ୍କମଧ୍ୟେ ପଡିଥିଲେ ।
ତାହାକୁ ଟେକିବା ମୋର ଶକ୍ୟ ନାହିଁ ବୋଲେ
କେହି ଜନ୍ତୁ ଯେବେ ଆଶ୍ରା ଲାଏ ମୋହଠାରେ ।
ତାହାକୁ ମାରିବାକୁ ମୁଁ ଧାଏଁ ତତପରେ ॥
କ୍ଷୁଧାର୍ତ୍ତି ଜନ ଯଦ୍ୟପି ମାଗେ ଅନ୍ନଗ୍ରାସେ ।
ତାହାକୁ ନ ଦେଇ ଘରେ ଯାଇଁ ଖାଇ ବସେ ॥
ବସ୍ତ୍ରଖଣ୍ଡେ ଦେବି ବୋଲି ମନେ ଭାବୁଥାଇ ।
ମାଗେ ଯେବେ କେହି ତାକୁ ବୋଲେ ନାହିଁ ନାହିଁ
ଗୋବିନ୍ଦ ନାମ ଶୁଣିବି ମନେ ପାଞ୍ଚି ଥାଇ ।
କର୍ଣ୍ଣରେ ପଡିଲେ ନାମ ନିଦ୍ରା ଆକର୍ଷଇ ॥
ଏକାଦଶୀ ବ୍ରତ କରିବାକୁ କରେ ମନ ।
ଅନିଦ୍ରା ରହିବି ଆଜି ନ କରି ଶୟନ ॥
ସେଦିନ ଦ୍ୱିଗୁଣ ମୁହିଁ କରଇ ଭୋଜନ ।
ବେଳ ଥାଉଁ ଥାଉଁ କରେ ସେଦିନ ଶୟନ ॥
କ୍ଷୁଧାର୍ତ୍ତି ଜନମାନଙ୍କୁ ନେଇ ଅନ୍ନ ଦେବି ।
ଏହିପରି ମନମଧ୍ୟେ ଥାଏ ସଦା ଭାବି ॥
କେହି ଯେବେ ମାଗି ଆସେ ବୋଲେ ନାହିଁ ନାହିଁ
ଘରେ ଥାଇ କରି ବୋଲେ ପାଇବି ମୁଁ କାହିଁ ॥
ବିଚାରଇ ପୁଅ ଝିଅ ବନ୍ଧୁ ତ ମୋ ଘର ।
ମୋହର ମୂଳ ଅଟନ୍ତି ଜନନୀ ପିଅର ॥
ଏମନ୍ତ ବୋଲି କରିଣ ଭାବୁଥାଏ ମନ ।
ପୁଣି ତାଙ୍କୁ ଛାଡିଯାଏ ହରିଯା ଘେନିଣ ॥
ଏହି ସଂସାରେ ଅଧର୍ମ ରହିଅଛି ଯେତେ ।
ତାହା ସବୁ ପଇଁପିଣ କହିବଇ କେତେ ॥
ଅଧର୍ମ କଥା ଯଦ୍ୟପି କରଇ ବିଚାର ।
ସେ କଥାରେ ସେହିକ୍ଷଣି ହେଉଛି ତତ୍ପର ॥
ସୁକର୍ମ କଥା ଯଦ୍ୟପି ବିଚାରେ ମୋ ମନ ।
ସେହିକଥା ସେହିକ୍ଷଣି ହେଉଛି ଖଣ୍ଡନ ॥
ସୁକର୍ମ ଆଚାରମାନ କରନ୍ତି ଯେ ନର ।
ସେମାନଙ୍କୁ ଦେଖି ହୃଦ ଦୁଃଖ ହୁଏ ମୋର ॥
କେମନ୍ତ ଚରିତ୍ର ଏହୁ କେମନ୍ତ ବିଧାନ ।
ଏ ବିଷୟ ମୋର ଆଗେ କହନ୍ତୁ ଚୈତନ୍ୟ ॥
ଶୁଣିକରି ଚଇତନ୍ୟ ବୋଲନ୍ତି ବଚନ ।
ଏକମନ ହୋଇକରି ଶୁଣ ହୋ ସୁମନ ॥

ଚାରିପାଦ ମେଦିନୀ ଯେ ନିଃଶଙ୍କରେ ଭୋଗ ।
ସତ୍ୟ ତ୍ରେତୟା ଦ୍ୱାପର ଆଉ କଳିଯୁଗ ॥
ସତ୍ୟଯୁଗେ ଚାରିପାଦ ତ୍ରେତୟାରେ ତିନି
ଦ୍ୱାପରରେ ଦୁଇପାଦ ଧରଇ ଧରଣୀ ॥
ସୁକର୍ମ ମାନ ସେତିକି କହିଦେଲୁ ତୋତେ ।
ଏତିନି ଯୁଗରେ ଜାଣ ହେଉଥିଲା ଏତେ ॥
ଏ ଚାରି ଯୁଗ ଅଟନ୍ତି ଚାରିଗୋଟି ଭାଇ ।
ସାନଭାଇ କଳି ବଡ ଦୁର୍ଜନ ଅଟଇ ॥
ତିନି ଭାଇଙ୍କର ସେହୁ ଦେଖିଣ ଆଚାର ।
କଳିଯୁଗ କମ୍ପୁଥାଏ ହୋଇ ଥର ହର ॥
ସଂସାର ଲୋକମାନଙ୍କୁ ତର୍ଜି କହେ ପୁଣ ।
ରହ ତୁମ୍ଭଙ୍କୁ କରିବି ମୁହିଁ ରଙ୍ଗଭଣ ॥
ଜ୍ୟେଷ୍ଠ ତିନି ଭାଇଙ୍କର ସାହା ଅଛ ପାଇ ।
ମୋ ମାର୍ଗରେ ନ ଚଳିଲେ ଶାସ୍ତି ଦେବି ମୁହିଁ ॥
ବିପ୍ରକୁଳକୁ କରିବି ଆଗ ନାରଖାର ।
ପଛେନ୍ତ ବୁଝିବି ସବୁଙ୍କର ନିଆଚାର ॥
ଏମନ୍ତେଣ ତିନିଯୁଗ ଧର୍ମରେ କଟିଲା ।
ଏବେ କଳିଯୁଗ ଆସି ପ୍ରବେଶ ହୋଇଲା ॥
କଳିଯୁଗ ମନେ ମନେ କରଇ ବିଚାର ।
ଧର୍ମପଥ ଅଛ ପରି ବୁଝିବା ଏଥର ॥
ସାଧୁସନ୍ଥ ଜନ ଆଉ ବୁଦ୍ଧିମାନ ନର ।
ଯତି ସତୀ ଆଦିକରି ସର୍ବ ବିପ୍ରବର ॥
ଏହିପରି କଳିଯୁଗ ବିଚାରୁଛି ବସି ।
ମିଛ ମାୟା ପରବେଶ ହେଲେ ତହିଁ ଆସି ॥
ଛନ୍ଦ କୂଟ କପଟ ଯେ ଅନ୍ୟାୟର ହିଂସା ।
ବହୁଦିନୁ କଳିକି ସେ କରିଥିଲେ ଆଶା ॥
ସେହି ତିନି ଯୁଗରେ ସେ ପ୍ରବର୍ତ୍ତି ନପାରି ॥
କଳିଯୁଗକୁ ମନରେ ଥିଲେ ଚିନ୍ତାକରି ॥
କୁକର୍ମ କୃପଣ ଆଉ ବହୁ ହୀନବୁଦ୍ଧି ।
ନିନ୍ଦା ମନ୍ଦ ଆଦିକରି ସ୍ୱଜାତି ବିରୋଧୀ ॥
ଅସତ୍ୟ ଅନାଚାର କୂଟ ଲୋଭ ମୋହ ।
ରାଗ ତମ ଅଜ୍ଞାନାଦି ଦୁର୍ମତି ଦୁର୍ଜୟ ॥
କଳିର ପାଖେ ଆସିଣ ମିଳିଲେ ସମସ୍ତେ ।
ସମସ୍ତଙ୍କ ଦୁଃଖ କଳି ଜାଣୁଛନ୍ତି ଚିତ୍ତେ ॥
ଏକାଠାବରେ ସମସ୍ତେ ହୋଇକରି ରୁଣ୍ଡ ।
ଆଜ୍ଞା ମାଗିଲେ କଳିକି ହୋଇଣ ପ୍ରଚଣ୍ଡ ॥

Digitized by srujanika@gmail.com

ବୋଇଲେ ହେ କଳିରାଜା ଦେଖ ଆମ୍ଭ ଦୁଃଖ ।
ତୁମ୍ଭ ବନ୍ଦୀ ହୋଇଥିଲୁ ସମସ୍ତେ ନିରେଖ ॥
ସେ ତ୍ରେତାଯୁଗର ଲୋକେ କଲେ ଅନାଦର ।
ତେଣୁ ସହି ନ ପାରିଲୁ ତାହାଙ୍କ ଦୁଦର ॥
ବହୁତ ଦୁଃଖରେ ଆମ୍ଭେ ବଞ୍ଚିଥିଲୁ ଦିନ ।
ଏବେ ହେ ତୁମ୍ଭେ ଆମ୍ଭଙ୍କ ହୁଅ ପରସନ୍ନ ॥
ଆମ୍ଭମାନଙ୍କୁ ଅନ୍ତର କରିଛନ୍ତି ଯେହୁ ।
ତାହାଙ୍କର ବଂଶ ସବୁ ଏବେ ଛନ୍ତି ରହୁ ॥
ତାହାଙ୍କୁ କରିବୁଁ ଆମ୍ଭେ ବହୁ ନାରଖାର ।
ସତ୍ୟବନ୍ତ ଲୋକେ ଶତ୍ରୁ ଅଟନ୍ତି ଆମ୍ଭର ॥
ମହତ୍ତ୍ୱ ମର୍ଯ୍ୟାଦା ଶତ ଦୟା କ୍ଷମା ଶାନ୍ତି ।
ସତ୍ୟ ଧର୍ମ ଲକ୍ଷ୍ମୀକର୍ମ ସୁବୁଦ୍ଧି ସୁକାନ୍ତି ॥
ତୁମ୍ଭର ଆଜ୍ଞା ପାଇଲେ ଏହାଙ୍କୁ ତଡ଼ିବୁ ।
ଏ କଳିଯୁଗେ ଏହାଙ୍କ ମହତ୍ତ୍ୱ ସାରିବୁ ॥
ଆମ୍ଭମାନଙ୍କୁ ଘଉଡ଼ି ଦେଇଛନ୍ତି ଆଗ ।
ଏବେ ସେମାନଙ୍କୁ ଆମ୍ଭେ ଘଉଡ଼ିବା ବେଗ ॥
ଛନ୍ଦ କପଟ କହିନ୍ତି ହୋଇ ଆଗଭର ।
ଆମ୍ଭଙ୍କୁ ରଖିଲ ବାନ୍ଧି ରାଜା ଯୁଧିଷ୍ଠିର ॥
ଯୁଧିଷ୍ଠିର ଦୁର୍ଯ୍ୟୋଧନ ଆମ୍ଭଙ୍କୁ ବାନ୍ଧିଣ ।
ସେହି ବେଳଟାର କଲେ ସତ୍ୟ ଉଚ୍ଚାରଣ ॥
ତହିଁରେ ଥୋକାଏ ସତ୍ୟ ଅଛି ଭୋଗକର ।
ଶୁଣିଣ ଅସତ୍ୟ ତହୁଁ କହେ ଆଗୁଳର ॥
ମୋତେ ତହୁଁ ଦେଇଅଛି ଉଚ୍ଚାରିଣ ସତ୍ୟ ।
ଏହୁ ବୁଝିବା ତୁମ୍ଭର ଆଗୁର କେମନ୍ତ ॥
ଯୁଧିଷ୍ଠିର ରାଜାଙ୍କୁ ତୁହି କରୁଛୁ ପ୍ରଶଂସା ।
ମୋତେ ଦୂର କଲା ବୋଲି କରୁ ବଡ଼ ହିଂସା ॥
ଏପରି କହୁ ଯେ ଯାହାଠାରେ କୋପ ବହି ।
ଶୁଣିଣ ସେ କଳିଯୁଗ ତାହାଙ୍କୁ ବୋଲଇ ॥
ଏବେ ତୁମ୍ଭେ ସମସ୍ତେ ହୋ ଯାଅ ବେଗ ହୋଇ
ଅଧିକାର କର ତୁମ୍ଭେ ସର୍ବଦେହେ ରହି ॥
ତୁମ୍ଭର ଆଗୁର ଅଟୁଁ ସମସ୍ତେ କରିବେ ।
ତେଣୁକରି ଏ ସଂସାରେ ନିଶ୍ଚିନ୍ତେ ରହିବେ ॥
ସୁଧର୍ମ ଆଗୁରମାନ କରିବେ ଯେ ନର ।
ସେ ଲୋକମାନଙ୍କୁ ଦୁଃଖ ଦେବ ବହୁତର ॥
ମୋହର ଆଗୁରମାନ ଛାଡ଼ିବ ଯେ ଜନ ।
ତାହାଙ୍କୁ କରିବ ବହୁତର ହୀନମାନ ॥

ଧନ ଜନରେ ସେମାନେ ହୋଇବେ ନିରସ୍ତ ।
ସେଥିପାଇଁ ଘରେ ଘରେ ମାଗିବେକ ଭିକ୍ଷ ॥
ମୂର୍ଦ୍ଧେ କଳିଯୁଗ ମୋର ଆଗୁର ଛାଡ଼ିଲେ ।
ସେ ଲୋକମାନଙ୍କୁ କାମୁ ବର୍ଷାଇବ ଭଲେ ॥
ଯାଅ ବେଗକରି ତୁମ୍ଭେ ନ କର ବିଳମ୍ବ ।
ସେ ଯାହାର ଅନୁରୂପେ ବସ ସର୍ବ ଅଙ୍ଗ ॥
ମୋହ ଆଗୁର ବଢ଼ାଅ ଯାଇଁ ବେଗକରି ।
ତୁମ୍ଭର ଦୁଃଖ ଦେଖିଣ ମୋ ହୃଦ ବିଦାରି ॥
ସମସ୍ତେ ବୋଇଲେ ତହୁଁ ତୁମ୍ଭମାନଙ୍କ ପିଛୁ ।
ଆଗ ହୋଇକରି ଆମ୍ଭେ ଭସି ନ ପାରିବୁଁ ॥
ଶୁଣିକରି ସନମତ କଲା କଳିଯୁଗ ।
ପଚିଶ ପ୍ରକୃତି ଆସି ମିଳିଲେ ତା ଆଗ ॥
ବୋଇଲେ ସୁମନରାଜା ଆମ୍ଭଙ୍କୁ ତଡ଼ିଲା ।
ଗୋବିନ୍ଦଙ୍କ ପଦାମ୍ବୁଜେ ସତତ ମଜ୍ଜିଲା ॥
ବଡ଼ଠାରେ ଭକ୍ତ ସେହି ଅଟଇ ଜ୍ଞାନବାନ ।
ଆମ୍ଭମାନଙ୍କୁ ପାଶରୁ କରିଦେଲା ଭିନ୍ନ ॥
ନିମଗ୍ନ ହୋଇଣ କୃଷ୍ଣ ସେବା କରୁଥାଇ ।
ଜ୍ଞାନ ଖଡ଼ଗରେ ସେହି ସବୁଙ୍କୁ ହାଣଇ ॥
କେତେରୂପରେ ଶ୍ରୀକୃଷ୍ଣ ପାଦରେ ଜଣାଇ ।
ତେଣୁ ତାର ପାଶେ ଆମ୍ଭେ ନ ପାରିଲୁଁ ରହି ॥
ଆମ୍ଭଙ୍କୁ ଘଉଡ଼ି ସେହି ହୁଅନ୍ତି ସୁଖରାଶି ।
ତାହା ଦେଖିକରି ଆମ୍ଭେ ହେଉଛୁଁ ବିଦାରି ॥
କଳିଯୁଗ ବୋଇଲା ଏବେ ସବୁ କଥା ଛାଡ଼ ।
ବେଗେ ସୁମନକୁ ତୁମ୍ଭେ ଧରିପାଇଁ ମାଡ଼ ॥
ସୁକର୍ମ ମାର୍ଗେ ଯେବେ ସେ କରିବ ଗମନ ।
ତୁମ୍ଭେ ତାର ସଙ୍ଗେ ଥାଇ କରୁଥିବ ବିଘ୍ନ ॥
ତହିଁକି ମୂର୍ଦ୍ଧେ ହୋଇବ ତୁମ୍ଭ ଆଗୁସାର ।
ଏମନ୍ତେ ସୁମନକୁ କର ହୀନ ବର ॥
ସୁକର୍ମମାନ ଯେପରି ନ ପାରିବ କରି ।
ତେବେ ଏ ସଂସାରୁ ସେହି ନ ପାରିବ ତରି ॥
ସୁମନ ତୁମ୍ଭଙ୍କୁ ନାମ ଧ୍ୟାୟି ଘଉଡ଼ିଲା ।
ମୋତେ ଧ୍ୟାୟି ତୁମ୍ଭେ ତାର ମନକର ଭେଳା ।
ପ୍ରକୃତିମାନଙ୍କୁ ଏହା କହି କଳିଯୁଗ ।
ସଂସାରମଧ୍ୟେ ଯିବାକୁ ବାହାରିଲା ବେଗ ॥
ତତକ୍ଷଣେ ରତ୍ନମୟ ପାଲିଙ୍କି ଅଣାଇ ।
ପାଟର ମୁକୁଳା ଆଣି ପକାଇଲା ତହିଁ ॥

Digitized by srujanika@gmail.com

ହାତେ ବନ୍ଧନରେ କଳି ବନ୍ଧାଇଲା ଶେଷ ।
ତହିଁପରେ ବାନ୍ଧିଲା ସୁମନ ସରୋଜ ॥
ମୁକୁତାର ଝରାମାନ ଲମ୍ବେ କେରି କେରି ।
ତା ଉପରେ ଗନ୍ଧୁଆଲୁ ଠାଣି ସମ ହେରି ॥
ଦୁରିଯାର ହାତ କଳି ଧରିକରି ନେଲା ।
ପାଲିଙ୍କି ଉପରେ ତାକୁ ନେଇ ବସାଇଲା ॥
ସପ୍ତ ପରିବାର ସଙ୍ଗେ ନାଚେଯାଗିଲା ନେଇଁ ।
କେ ଅଲଟ ଧରେ କେହୁ ବିଅଁଣା ବିଅଁଇ ॥
କେ ଗାବନ୍ତି ଗୀତ କେହୁ ଦ୍ୟନ୍ତି ହୁଳହୁଳୀ ।
ପାଲୁଣରେ ଖଟଛନ୍ତି ସହସ୍ରେକ ବାଳୀ ॥
ଏଥୁଅନନ୍ତରେ ସେହୁ କଳି ମହାବୀର ।
କରରେ କମାଣ ଧରି ହୋଇଲା ବାହାର ॥
ମେଘପରାୟେ ଦଶଇ କଳିର ଶରୀର ।
ଆକାଶମାର୍ଗରେ ଯାଇଁ ଲାଗିଲା ତା ଶିର ॥
ରଡ଼ିଏ ଛାଡ଼ିଲା ଯେହ୍ନେ ମେଘ ଘଡ଼ ଘଡ ।
ସୁକର୍ମମାନ ସଭିଏ ପଳାଇଲେ ଛାଡ଼ ॥
ଲୋଭ ମୋହ ହିଂସା କୂଟ ଆଦି ବେଗେ ଆସି
ସବୁଙ୍କର ଦେହରେ ସେ ବେଗେ ଗଲେ ପଶି ॥
ଅନ୍ୟାୟର କୃପଣ ଯେ ମିଥ୍ୟା ମୂଢ଼ମତ ।
ତତକ୍ଷଣେ ସଂସାରରେ ଗଲେ ସେ ପ୍ରବର୍ତ୍ତି ॥
ସୁଧର୍ମ ସକଳ ଗଲେ ଭୟେ ଅପସରି ।
ଅଧର୍ମମାନ ସଂସାରେ ରହିଲେ ଆବୋରି ॥
ପତାଶ ପ୍ରକୃତ ହେଲେ ପରବେଶ ଆସି ।
ସୁମନ ସ୍ୱାମିକି ବେଗେ ଧଇଲେ ଆକର୍ଷି ॥
ଯେବେ ସେହୁ ଧର୍ମକଥା ବାନ୍ଧୁରଇ ମନେ ।
ଏମାନେ ତା ଭଗ୍ନକରି ଦ୍ୟନ୍ତି ତତକ୍ଷଣେ ॥
ଅଧର୍ମ କଥାମାନଙ୍କୁ ଯେବେ ମନେକରି ।
ପତାଶ ପ୍ରକୃତ ବଳ ଦ୍ୟନ୍ତି ଆଗକରି ॥
କଥିତ ପ୍ରକାରେ ଯେବେ ତହିଁ ମନଦେଇ ।
ସହସ୍ରପ୍ରକାରେ ତାକୁ ପ୍ରବର୍ତ୍ତାନ୍ତି ନେଇ ॥
ବୋଲନ୍ତି ଜୀବମାନଙ୍କୁ ନାଶ ବେଗେଯାଇଁ ।
ସ୍ୱମାଂସ ଭକ୍ଷିଲେ ପୁଷ୍ଟ ହେବ ଆମ୍ଭ ଦେହୀ ॥
ଏହିପରି ପାଅଁୁଥାନ୍ତି ମନ୍ଦ ଅନୁକ୍ଷଣେ ।
ନୃପ ସେହି କଳିପାରେ ହୋଇ ଏକଜନେ ॥
ତେଣୁ ସେହି ଧର୍ମକାର୍ଯ୍ୟ ନ ପାରଇ କରି ।
ଅଧର୍ମ ପ୍ରବର୍ତ୍ତି ନିତ୍ୟଦିନେ ପାଏ ଫଳ ॥

ଶୁଣିଣ ସୁମନ ସ୍ୱର କହିଲା ବଚନ ।
ବୋଇଲା ଏଥିରୁ ରକ୍ଷାକର ଭଗବାନ ॥
ଆହେ ନାରାୟଣ ଏବେ କର ମୋତେ ପାର ।
ତାର ନାଅ ଭବସିନ୍ଧୁ ଦେଇ ପଦତରୀ ॥
ଆତଙ୍କ ନାଶନ ଅଟେ ତୁମ୍ଭ ନାମ ଗୁଣ ।
କହଇ ମାଧବ ମୁହିଁ ସେପାଦେ ଶରଣ ॥

କଳିରେ ଲୋକମାନଙ୍କର ବ୍ୟବହାର ।

ସୁମନ ବୋଲନ୍ତି ଯାହା କହିଲ ଚୈତନ୍ୟ ।
ଏହା ଶୁଣି ମୋହର ଯେ ବୁଡିଗଲା ଜ୍ଞାନ ॥
ପୁଣି ବିଚାରଇ ମୁହିଁ ଏ ମୋହର ଚିତ୍ତ ।
ଅଛନ୍ତି ସକଳ କର୍ତ୍ତା ପ୍ରଭୁ ଜଗନ୍ନାଥ ॥
ମୁହିଁ ଯେବେ ପ୍ରଭୁଙ୍କର ଥିବି ଆଶ୍ରାଧରି ।
ପ୍ରକୃତିମାନେ ମୋହର କି ପାରିବେ କରି ॥
ପ୍ରଚଣ୍ଡ ବାତେ ରହେ କି ଶୁଖିଲା ପତର ।
ମାର୍ଜ୍ଜାର ଆଗରେ କାହିଁ ଦର୍ପ ମୂଷିକର ॥
କେଶରୀ ଆଗମନେ କି ରହେ ମତ୍ତକରୀ ।
ସୂର୍ଯ୍ୟ ଉଦେହେଲେ ଯେହ୍ନେ ଯାଏ ବିଭାବରୀ ॥
ତେମନ୍ତ ପରାୟେ ହୋଇ ସର୍ବହେବ ଦୂର ।
ଯେବେ କି ଧରିବି ମୁହିଁ ଗୋବିନ୍ଦପୟର ॥
ଏଥିକୁ ସାଧୁଜନେ ହୋ ମନରେ ବିଚାର ।
ଏକଥା ମିଥ୍ୟା ନୁହଇ ଅଟେ ଜାଗ୍ରଧାର ॥
ଏଥୁଅନନ୍ତରେ ପୁଣି ସୁମନରାଜନ ।
ଚଇତନ୍ୟ ପାଦେ ପଡ଼ି କହଇ ବଚନ ॥
ଏହିଠାରୁ ସଂଶୟ ଯେ ରହିଲା ମୋ ମନ ।
କେମନ୍ତ ପ୍ରକାରେ କଳି କଲାକ ଗମନ ॥
କେମନ୍ତ ପ୍ରକାରେ କଳି ହେଲା ପରବେଶ ।
ସେହିକଥା ଆଦ୍ୟନ୍ତ କରନ୍ତୁ ପ୍ରକାଶ ॥
କେମନ୍ତ ଆକାର ତାର କେମନ୍ତ ବିଗ୍ରହ ।
କପରି ଚଳିବେ ଏବେ କଳିଯୁଗ ନର ॥
ଏହା ସର୍ବପିଣ୍ଡ ମୋତେ କହିବା ଚୈତନ୍ୟ ।
ତବ ମୁଖରୁ ଶୁଣିଲେ ହେବ ଦିବ୍ୟଜ୍ଞାନ ॥
ଶୁଣି ଚୈତନ୍ୟ ବିଷ୍ଣୁଙ୍କୁ ହୃଦେ ଧ୍ୟାନକରି ।
ଜୟ ଜୟ ସ୍ୱାମି ତୁମ୍ଭେ ଲକ୍ଷ୍ମୀ ଚକ୍ରଧାରୀ ॥
ତୁମ୍ଭେ ପେ ସୁଦୟା ମୋତେ କଲେ ଦେବରାୟେ
କଳିର ଚରିତ୍ର ମୁହିଁ କହିବି ଥାକାଏ ॥

Digitized by srujanika@gmail.com

ମୋଠାରେ ତୁମ୍ଭର ଯେବେ ହୋଇବ କରୁଣା ।
କଳି ବରଜ୍ର କହନ୍ତ ନ ହୋଇବ ବଣା ॥
ଆହେ ଦୀନବନ୍ଧୁ ଯେତେ ସ୍ତୁଅନ୍ତି ପ୍ରସନ୍ନ ।
ଏତେବୋଲି ବିଷ୍ଣୁଙ୍କୁ କରନ୍ତେ ସେ ଧ୍ୟାନ ॥
ଧ୍ୟାନେ ଦେଖିଲେ ପ୍ରଭୁଙ୍କୁ ପଦ୍ମ ଆସନରେ ।
ବିଜେ କରିଛନ୍ତି ରତ୍ନ ସିଂହାସନ ପରେ ॥
ବେନି ପାର୍ଶ୍ୱରେ ଛନ୍ତି ଲକ୍ଷ୍ମୀ ସରସ୍ୱତୀ ।
ବୀଣା ଧରି ଅଛନ୍ତି ଭକ୍ତ ନାରଦ ସେ ଯତି ॥
ଚତୁର ମୁଖରେ ବ୍ରହ୍ମା କରଇ ଜଣାଣ ।
ଭକ୍ତ ହୋଇଛନ୍ତି ସେହିଠାରେ ଦେବଗଣ ॥
ଯେ ଯାହାର ସେବାରେତ ସର୍ବେ ଛନ୍ତି ରହି ।
ଆଲଟ ଚାମରମାନ ବିଞ୍ଚୁଛନ୍ତି ନେଇଁ ॥
ବରୁଣ ସୁବାସ ପାଣି ଧରିଣ ଝରିରେ ।
ଠିଆ ହୋଇଛନ୍ତି ନେଇ ପ୍ରଭୁଙ୍କ ସମୁଖରେ ॥
ମଳୟ ପବନ ବହେ ତହିଁ ଧୀର ଧୀର ।
ସୁଗନ୍ଧରେ ଆମୋଦଇ ସମସ୍ତ ଶରୀର ॥
ବାସବ ଚାମର ଧରି ଧୀରେ ଧୀରେ ତ ନ ।
ଦେବସ୍ତ୍ରୀମାନେ ମିଳି ଦିଅନ୍ତି ହୁଳହୁଳି
ବ୍ରହ୍ମା ଦେବଗଣ ଆଦି ସର୍ବ ସୁରମୁନି ।
ସବୁଙ୍କର ମୁଖେ ଶୁଭେ ହରି ହରି ଧ୍ୱନି ॥
ପ୍ରଭୁଙ୍କର ପାଦମୂଳେ ଶିରକୁ ଲୁଡ଼ାଇ ।
ମହାନନ୍ଦେ ଦେବଗଣ ଛନ୍ତି ଛିଡ଼ାହୋଇ ॥
ଏମନ୍ତ ସମସ୍ତ ଧ୍ୟାନେ ଚୈତନ୍ୟ ଦେଖିଲେ ।
ସଜ୍ଜନ ସନ୍ଥମାନଙ୍କୁ ମନୁ ଉପେକ୍ଷିଲେ ॥
ଜୟ ଜୟ ବିଷ୍ଣୁ ବୋଲି କଲେକ ଧିଆନ ।
ମାଧବର ସେହି ପାଦେ ସଦା ରହୁ ମନ ॥
ସକଳ ସାଧୁଜନେ ହେ ମୋତେ ଦୟାକର ।
ତୁମ୍ଭର କୃପା ହୋଇଲେ ଭବୁ ହେବି ପାର ॥
ଏଥୁଅନନ୍ତରେ ପୁଣି କହନ୍ତି ଚୈତନ୍ୟ ।
ସାବଧାନ ହୋଇକରି ଶୁଣହେ ସୁମନ ॥
ତୁହେ ପଚାରିଲୁ ମନ କଳିର ବୃତ୍ତାନ୍ତ ।
ବଚନରେ କହି ନୋହେ ସେ ବଡ଼ ଅନିତ୍ୟ ॥
ହରିଯାକୁ କଲି ସ୍ୱର୍ଣ୍ଣ ରଥରେ ବସାଇ ।
ସହସ୍ରେକ ପରିବାରି ନିଯୋଗିଲ ନେଇଁ ॥
ବାୟୁଠାରୁ ବେଗ ଅଶ୍ୱ ସଜାଇଛି ଆଣି ।
ଚାରି ଚରଣରେ ତାଙ୍କ ନୂପୁର ବାଜଣି ॥

ରଥର ଉପରେ ସ୍ୱର୍ଣ୍ଣ ଚାନ୍ଦୁଆ ଯେ ଶୋହେ ।
ହୀରା ନୀଳା ମୋତିରେ ସେ ଝଲ୍‌ଲୁଣ ଥାଏ ॥
କଳିଯୁଗ ନିଜେ ଯାଇ ହେଲା ଦିବ୍ୟବେଶ ।
ଶିରପରେ ରଙ୍ଗପାଗ ବାନ୍ଧି ଝିନବାସ ॥
ଆଉ ଚାରଙ୍ଗ ଖାରଙ୍ଗା ପିନ୍ଧି ପାଇଜାମା ।
ବଚନ୍ତ୍ର ସୁବେଶ କଲା କେ ଦେବ ଉପମା ॥
ଅଷ୍ଟରତ୍ନରେ ଜଡ଼ିତ ଦିବ୍ୟ ପଦ୍ମମାଳା ।
ପରିଚର ଲୋକେ ଆଣି ଲମ୍ବାଇଲେ ଗଳା ॥
ଛନ୍ଦ ମନ୍ଦ ଦୁନ୍ଦୁରେ ଘୋଡ଼ା ବାମେ ଗୋଡ଼େ ।
ସୁଜନ ଦର୍ପ ଧ୍ୱଂସନ ପୈତା କାନ୍ଧେ ପଡ଼େ ॥
ସୁଧର୍ମ ନାଶନ ନାମେ ବାନାକୁ ଉଡ଼ାଇ ।
ନୃତ୍ୟ ଗୀତ ଶବଦରେ ପୃଥ୍ୱୀ ଚମକଇ ॥
ସତ୍ୟବନ୍ତ ନାଶନ ଯେ ଢାଲ ତରୁଆରି ।
କନ୍ଦଳ କୋରଡ଼ା ଗୋଟି ଧଇଲକ କରି ॥
ଧର୍ମଦେବ ଘୋଡ଼ାପରେ ଯାଇକରି ବସି ।
ଅଧର୍ମ ବାଗକୁ କରେ ଧଇଲା ଆକର୍ଷି ॥
ଘୋଡ଼ାର ବାଗ ଦଉଡ଼ି ଆଉ ଯା ପଦାର୍ଥ ।
ଏକଠାବେ ଜମାକରି ବାନ୍ଧିଣ ତୁରିତ ॥
ମାତାକୁ ବୋଇଲା ଆଗେ ବନ୍ଧ ଏହା ତୁହି ।
ଶୁଣିକରି ବୁଢ଼ି ବୋଲେ ନ ପାରିବି ବନ୍ଧି ॥
ତତକ୍ଷଣେ କୋରଡ଼ାଏ କରିଲା ପ୍ରହାର ।
କହେ ପ୍ରାଣେ ଆଶାଥିଲେ ବେଗେ ଯ୍ୟାକୁ ଧର ॥
ବୁଢ଼ି ବୋଇଲା ବାବୁରେ ମୋର ଶକ୍ତି ନାହିଁ ।
ଏତେ ବୋଝ ମୁହିଁ କେବେ ନ ପାରିବି ବହି ॥
ଶୁଣିକରି କଳିଯୁଗ ଚାପି ଦନ୍ତପାନ୍ତି ।
ବିକରାଳ ନୟନରେ ଚାହିଁଲା ତରାଟି ॥
ଦେଖି ବୁଢ଼ି ବୋଲେ ଦୟା ନାହିଁକିରେ ମୋତେ
ଦଶମାସ ଗର୍ଭେ ପରି ଧରିଥିଲି ତୋତେ ॥
ତୁରିଯାକୁ ପାଲିଙ୍କିରେ ବସାଇଲୁ ନେଇ ।
ମୋତେ ମାରୁଅଛୁ ଆରେ ନାନାଦଣ୍ଡ ଦେଇ ॥
ନ ଶୁଣି କଳିବୋଲଇ ଚାଲ ତଡ଼ବଡ଼ ।
ବୁଢ଼ିଲୋକ ସିନା ସେହି ପଡ଼ଇ ହାବଡ଼ ॥
ତକ୍ଷଣେ କୋରଡ଼ାକୁ ସେ ପିଠେ କୋପକରି ।
ବୋଲେ ବୁଢ଼ି ମଲେ ପାପ ଯାଆନ୍ତା ଆମ୍ଭରି ॥
ଶୁଣିକରି ବୋଲଇ ସେ କଳିର ଘରଣୀ ।
ଜଣ୍ଠିଆଳ ବୁଢ଼ି ନମରି ରହେ ପ୍ରାଣଘେନି ॥

Digitized by srujanika@gmail.com

ଫୁଟି ଯାଉନନା ତୋର ଏହି ବେନି ଆଖି ।
କାମଧନ୍ଦା ନ କରିଣ ଖାଉଛ କାହିଁକି ॥
ଶୁଣିକରି ବୁଢ଼ି ବୋଇଲେ ପୁତ୍ରକୁ ଡାକିଣ ।
ଶୁଣୁ ନାହୁଁ ବୋହୂ ବୋଇଲେ କେମନ୍ତ ବଚନ ॥
କଳି ବୋଇଲେ ତା ସଙ୍ଗରେ ଲଗ୍ନ ଅଗେ ହୋଇ ।
କମର ଯାଇ ବୁଢ଼ିଲେ ଖାଇଛୁ କିପାଇଁ ॥
ପୁଣି ଯେବେ ଏହି କଥା ତୋ ମୁଖୁ ଶୁଣିବି ।
କୋରଡ଼ା ଘାତରେ ଜାଣେଣୁ ତୋ ପିଠି ଭାଙ୍ଗିବି ॥
ଆଜଠାରୁ ସଂସାରରେ ଏହିପରି ହେବ ।
ମୋହର ଅଧିକାରରେ ଏମନ୍ତ ପ୍ରସ୍ତବ ॥
ଏତେ ବୋଲି ସେହି ବୋହୂ ମାତାକୁ ବୁହାଇ ।
ଘୋଡ଼ା ଆଗେ ସେ ବୁଢ଼ିକୁଂ ଚଳାଇଲା ନେଇ ॥
ଭରିଯା ଆଗେ ଆଲଟ ଚାମର ପଡ଼ଇ ।
ପାଲିଙ୍କି ଉପରେ ବସି ସୁଖେ ଯାଏ ସେହି ॥
ବୁଢ଼ି ଦଶା ଦେଖି ବୋହୂ ହସେ କର କର ।
ଏମନ୍ତେଣ କଳି ହେଲା ସଂସାରେ ପ୍ରଚୁର ॥
ସାଧୁଜନଙ୍କର ହୃଦ ହେଲା କମ୍ପମାନ ।
ଯତି ସତୀମାନଙ୍କର ହଜିଗଲା ଜ୍ଞାନ ॥
ଯୋଗିଜନମାନଙ୍କର ହୃଦ ଟଳ ଟଳ ।
ବସୁମତୀ କମ୍ପଇ ଯେ ହୋଇଣ ବିକଳ ॥
ବାସୁକି ଯେ କ୍ରୋଧରେ ବୋଲେ ପୁଣି ପୁଣି ।
ବହୁତ ଭାର ଏବେ ସେ ହୋଇଲା ଧରଣୀ ॥
ମୁହିଁ ରହିବଇଁ ଏବେ କେମନ୍ତ ପ୍ରକାରେ ।
ବଡ଼ ଅନ୍ୟାୟର ହେଲା ଏ କଳିଯୁଗରେ ॥
ଗୁରୁ ମେରୁଙ୍କର ଭାର ବହିପାରେ ମୁହିଁ ।
ଦୁଷ୍ଟଜନଙ୍କର ଭାର ନ ପାରଇ ସହି ॥
ହେ ଦୀନବନ୍ଧୁ ତୋହର ସକଳ ସଂସାର ।
ଏ କଳିଯୁଗରୁ ମୋତେ ବାରେକ ଉଦ୍ଧର ॥
ସିଦ୍ଧ ସାଧକ ସକଳ ତପି ଋଷିଜନ ।
ଧ୍ୟାନ ଭାଙ୍ଗି ମନ ତାଙ୍କ ହେଲା ଛନ ଛନ ॥
ବସିଲେକ ସର୍ବେ ରୁଣ୍ଡ ହୋଇ ଏକମେଳେ ।
ଧ୍ୟାନକରି ଜାଣିଲେ ସେ ନିଜ ଯୋଗବଳେ ॥
ବୋଇଲେକ କଳି ଆସି ହୋଇଲା ପ୍ରବେଶ ।
ଧର୍ମପଣ ଆମ୍ଭର ଏ କରିବ ବିନାଶ ॥
ଏଥିକୁ କେମନ୍ତ ଆମ୍ଭେ ଉପାୟ କରିବା ।
ଚାଲ ଏବେ ଭଲ ସ୍ଥାନ ଖୋଜିଣ ରହିବା ।
ଶୌନକ ବୋଇଲେ ଅଛି ନୈମିଷ ଅରଣ୍ୟ ।
ଚାଲ ସର୍ବେ ସେହିଠାକୁ କରିବା ଗମନ ॥
ପବିତ୍ର ସ୍ଥାନ ଉତ୍ତମ ପୁଣ୍ୟ ସେହି ଭୂଇଁ ।
ସେହିଠାରେ ବହିଯାଏ ପୁଣି ଗଙ୍ଗା ନଈ ॥
ସେଠାରେ କରିବା ଚାଲ ସର୍ବେ ମହାଯାଗ ।
ଦେବତାଙ୍କ ବଦନରେ ଦେବା ହବିର୍ଭାଗ ॥
ସେଠାରେ ରହି କରିବା ନିତି ସ୍ନାନ ଦାନ ।
ସର୍ବେ କରିବା ହରିଙ୍କ ନାମକୁ କୀର୍ତ୍ତନ ॥
ସ୍ଥିର କଳି ଆମ୍ଭର ଯେ କି କରି ପାରିବ ।
ଉଠ ଯିବା ବିଳମ୍ବରେ ନାହିଁ ଆଉ ଲାଭ ॥
ହରି ଧ୍ୟାନ କରି ସର୍ବେ ସେଠାରୁ ଗମିଲେ ।
ନୈମିଷ ଅରଣ୍ୟେ ଯାଇଁ ପ୍ରବେଶ ହୋଇଲେ ॥
ଦେଖିଲେ ଅତି ଉତ୍ତମ ଅଟଇ ସେ ସ୍ଥାନ ।
ରାବୁଛନ୍ତି ଶୁକ ପିକ ପକ୍ଷୀ ଘନ ଘନ ॥
କୁସୁମବନେ ଭ୍ରମର ଛନ୍ତି ପନ୍ତି ପନ୍ତି ।
ପୁଷ୍ପ ଫଳଭରେ ବୃକ୍ଷ ଭୂମିରେ ଲୋଟନ୍ତି ॥
ଆମ୍ବ ପଣସ କଦଳୀ ଆଉ ନରକୋଳି ।
କରୁଣା ଖଜୁରୀ ଗୁଆ କରମଙ୍ଗା ତାଳ ॥
ଟଭ ନାରଙ୍ଗ ଲେମ୍ବୁ ଆଉ କମଳା ସପୁରି ।
କେନ୍ଦୁ ଡେଉଟ ଆବର ଅଛଇ ବଦରୀ ॥
ଚମ୍ପା ନାଗେଶ୍ୱର ପୁଷ୍ପ ପୁନ୍ନାଗ ମାଳତୀ ।
କେତକୀ ଯେ କୁରୁଅନା ଦୟଣା ସେବତୀ ॥
ଜାଇ ଜୁଇ କୁରୁବେଲ ମଲ୍ଲିକା ଟଗର ।
ଅଶୋକ ଧାତୁକୀ ଚମ୍ପା ତଗର ମନ୍ଦାର ॥
ଏହିପରି ନାନାପୁଷ୍ପ ତହିଁ ଅଛି ପୂରି ।
ଭ୍ରମରେ ବୁଲନ୍ତି ତହିଁ ପୁଷ୍ପ ଚୁମ୍ବି କରି ॥
ହୋଇଛନ୍ତି ମଧୁରସ ପାନେ ମତ୍ତ ହେଳ ।
କ୍ରୀଡ଼ନ୍ତି ନାନାବର୍ଣ୍ଣର ପକ୍ଷୀ ହୋଇ ମେଳ ॥
ସେ ସ୍ଥାନ ଅତି ସୁରମ୍ୟ ଦେଖି ଋଷିମାନେ ।
ଅତ୍ୟନ୍ତ ହରଷ ହୋଇ ରହିଲେ ସେ ବନେ ॥
ସେହିଦିନ ଥିଲା ମାଘ କୃଷ୍ଣ ଚତୁର୍ଦ୍ଦଶୀ ।
ବ୍ୟାସଦେବ ପରବେଶ ହେଲେ ତହିଁ ଆସି ॥
ଦେଖିକରି ତପିଗଣ ଉଠିଲେ ତତ୍ପର ।
ଆନନ୍ଦେ ସମସ୍ତେ ତାଙ୍କୁ କଲେ ନମସ୍କାର ॥
କଲ୍ୟାଣ କରଣ ବ୍ୟାସ ତାହାଙ୍କୁ ଉତ୍ତର ।
କି ବଗର କର ବସି ସବ ତପସ୍ୱୀ ॥

Digitized by srujanika@gmail.com

ଋଷି ବୋଇଲେ କଳିକି ଆମ୍ଭେ ଭୟ ପାଇ ।
ଏହି ସ୍ଥାନକୁ ଆସିଣ ସର୍ବେ ଅଛୁ ରହି ॥
କଳିକାଳର ଭୟରୁ ବର୍ତ୍ତିବା କେମନ୍ତେ ।
ଏଥିର ବିଚାରମାନ କରୁଅଛୁଁ ଚିତ୍ତେ ॥
ଆପଣ ବେଦଜ୍ଞ ଭୂତ ଭବିଷ୍ୟ ଜାଣନ୍ତି ।
ଏଥିକୁ ବିଚାର ତୁମ୍ଭେ କହି ମହାମତି ॥
ଯାହା କରିବାକୁ ଆମ୍ଭେ ବିଚାରୁଛୁଁ ମନେ ।
ଏ କଥାକୁ ପ୍ରତିକାର କହି ମହାମୁନେ ॥
ନ ପୂଣ ଏ କଳିକାଳ ତ୍ରାସ କରେ ଆସି ।
ତେଣୁକରି ତୁମ୍ଭଙ୍କୁ ମୁଁ ପଚାରୁଁ ମହର୍ଷି ॥
ବ୍ୟାସଦେବ ବୋଇଲେ ହୋ ରାମନାମ ଧର ।
ନନ୍ଦ ପ୍ରକୃତମାନଙ୍କୁ ଦେଖି କର ଦୂର ॥
ବୈଷ୍ଣବ ଧର୍ମରେ ତୁମ୍ଭେ ଦେଇଥାଅ ଚିତ୍ତ ।
ଗୋବିନ୍ଦଙ୍କ ପାଦପଦ୍ମେ ମନ ଦିଅ ନିତ୍ୟ ॥
କି କରି ପାରିବ ଏହି କଳିକାଳ ସ୍ଥିର ।
ଯେଣୁ ହରିନାମ ଅଟଇ ମହାପାପହର ॥
ସେ ନାମକୁ ହୃଦମଧ୍ୟେ ଜପ ଦୃଢ଼ ଚିତ୍ତ ।
କି କରି ପାରିବ ସ୍ଥିର କଳିକାଳ ଭୀତ ॥
ତୀର୍ଥଜଳମାନଙ୍କରେ ସ୍ନାନ ଦାନ କର ।
ପଡ଼ି ନ ପାରିବ ତୁମ୍ଭ ଦେହେଁ କଳି ସ୍ଥିର ॥
ଆମ୍ଭର ନନ୍ଦନ ଜାଣ ଶୁକ ମହାମୁନି ।
ସେହି ମହାତ୍ମା ଅଟନ୍ତି ପୂର୍ଣ୍ଣ ବ୍ରହ୍ମଜ୍ଞାନୀ ॥
ସର୍ବ ଶାସ୍ତ୍ର ବିଶାରଦ ଆଗମ ପୁରାଣ ।
ପଚାରିଲେ କହିବ ସେ ସର୍ବ ବିବରଣ ॥
ଏତେ କହି ବ୍ୟାସଦେବ ତହୁଁ ଗଲେ ଚଳି ।
ଶୁକଦେବଙ୍କ ପାଶରେ ସର୍ବେ ଯାଇ ମିଳି ॥
ଆସନ ଯେ ପାଦାସନ ଦେଇ ବସାଇଲେ ।
ଧୂପ ଦୀପ ପୁଷ୍ପ ଆଉ ନଇବେଦ୍ୟ ଦେଲେ ॥
ବସିଲେ ସକଳ ଋଷି ହୋଇ ଏକମନ ।
ଶୁକମୁନିଙ୍କି ପୁଛିଲେ ସର୍ବେ ବ୍ରହ୍ମଜ୍ଞାନ ॥
ହେମୁନି ଶୁଣିମା ତୁମ୍ଭେ ବ୍ୟାସଙ୍କର ସୁତ ।
କଳିଯୁଗ ଏବେ ଆସି ହେଲା ଉପଗତ ॥
ଆମ୍ଭେମାନେ କଳିକାଳ ମହାଭୟ ପାଇ ।
ନୈମିଷ ଅରଣ୍ୟ ମଧ୍ୟେ ସର୍ବେ ଅଛୁଁ ରହି ॥
ଯେତେ ଲୋକ ରହିଛନ୍ତି ସଂସାର ମଧ୍ୟରେ ।
କେମନ୍ତେ ବର୍ତ୍ତିବେ ସେହି ଏ କଳିଯୁଗରେ ॥

କେମନ୍ତ ଆଚାର ତାଙ୍କ କେମନ୍ତ ବୃତ୍ତାନ୍ତ ।
କେମନ୍ତ ସଂସାରେ ଜନେ ହେବେ ଆତଯାତ ॥
କେମନ୍ତ ହୋଇବ ସେହି କଳିର ଆଚାର ।
କେଉଁ ଭାବରେ ଚଳିବେ କହି ସର୍ବନର ॥
କେମନ୍ତ କରିଣ ପ୍ରଜା ପାଳିବେ ନୃପତି ।
କେଉଁ ଆଚାରେ ଚଳିବେ ପୁରୁଷ ଯୁବତି ॥
ପିତାପୁତ୍ରଙ୍କ କେମନ୍ତ ହେବ ଆଚରଣ ।
ବୋହୂମାନେ ଶାଶୁଙ୍କୁ ଯେ ପାଳିବେ କେସନ ॥
କଳିଯୁଗେ ବିପ୍ର କି କି କରିବେ ଆଚାର ।
ଛତିଶ ବର୍ଣ୍ଣର ଜାତି ଅଛନ୍ତି ସଂସାର ॥
ସେମାନେ ଆଚରଣ କରିବେ କପରି ।
ହେ ମୁନି ଏହା ଆମ୍ଭଙ୍କୁ କହିବେ ବିସ୍ତାରି ॥
ଆଦ୍ୟ ମଧ୍ୟ ପ୍ରାନ୍ତରେ ଯେ ହେବ କିସ କିସ
ଏ କଥା ବିସ୍ତାରି କହି ବ୍ୟାସପତି ଶିଷ୍ୟ ॥
ଶୁଣିକରି ଶୁକମୁନି ବିହି କରି ଧ୍ୟାନ ।
ତତକ୍ଷଣେ ପ୍ରଭୁ ତାଙ୍କୁ ହୋଇଲେ ପ୍ରସନ୍ନ ॥
ବୋଇଲେ ମୁନି ପ୍ରସନ୍ନ ହୋଇଲୁଁ ଟି ତୋତେ ।
କହି ଦୁ ଋଷିଙ୍କୁ ଯାହା ପଚାରନ୍ତି ତୋତେ ॥
ପୁଛିଲେ କହନ୍ତୁ ଏକା ନ ପୁଛିଲେ ନାହିଁ ।
ଏତେ କହି ଅନ୍ତର୍ହିତ ହେଲେ ଦେବବ୍ରହ୍ମା ॥
ସେହି ମହାପ୍ରଭୁଙ୍କର ଅମ୍ବୁଜ ଚରଣ ।
ଦୀନ ହୀନ ମାଧବ ମୁଁ ପଶିଲି ଶରଣ ॥
ସାଧୁଜନମାନଙ୍କର ଅ ଅତିଅନୁରାଗେ ।
କିଛି ଚରିତ୍ର କହିବ ମୁହିଁ ଗୀତ ଯୋଗେ ॥
ଏଥିକୁ ସାଧୁଜନେ ନ କର ଉପହାସ ।
ଯାହା କୃପା କଲେ ମୋତେ କମଳାବିଳାସ ॥

କଳିରେ ଜନମାନଙ୍କର ବ୍ୟବହାର ।

ଏଥୁଅନ୍ତେ କହୁଛନ୍ତି ଶୁକ ମହାମତି ।
ସାବଧାନ ହୋଇ ତୁମ୍ଭେ ଶୁଣ ଦେଇ ମତି ॥
ତୁମ୍ଭେମାନେ ପଚାରିଲ କଳିର ବେଭାର ।
ମିଥ୍ୟା କପଟ ଛନ୍ଦ ହେବ ଏହିଯୁଗେ ସାର ॥
ଯେହୁ ମିଥ୍ୟା କୁବଚନ ନିତ୍ୟ କହୁଥିବ ।
ତାହାଙ୍କୁ ଭୟ କରିବେ ସକଳ ମାନବ ॥
ଅଧର୍ମ ଆଚରଣକୁ କରିବେ ଯେ ନର ।
ଧନ ଜନ ବୁଦ୍ଧି ବହୁ ହେବ ତାହାଙ୍କର ॥

Digitized by srujanika@gmail.com

ଧର୍ମପଥ ଆଶ୍ରେ କରି ଚଳିବ ଯେ ଜନ ।
ତାହାଙ୍କୁ ପଡ଼ିବ ଜାଣ ବହୁତ କଷଣ ॥
ଦୁଷ୍ଟ ଲୋକମାନେ ଦେଖି କରିବେ ତମାଳ ।
ସୁଜନମାନଙ୍କୁ ପାଦେ ପକାଇବେ ଦଳ ॥
ଦୁଷ୍ଟ ଲୋକମାନେ ତହିଁ ଜ୍ଞାନୀ ବୋଲାଇବେ ।
ସୁଜନମାନେ ତାହାଙ୍କୁ ସଦା ଆରାଧିବେ ॥
ହସିବେ ସେ ନ୍ୟାୟଶାସ୍ତ୍ର ଶୁଣି କରି କର ।
ବୋଲିବେ ନୁହଇ ଏହ ଧର୍ମର ବେଭାର ॥
ବିଦ୍ୟାବନ୍ତ ଲୋକଙ୍କୁ ଯେ ନ ମିଳିବ ଅନ୍ନ ।
ବେଶ୍ୟାମାନଙ୍କର ମହାସୁଖେ ଯିବ ଦିନ ॥
କୁଳସ୍ତ୍ରୀମାନେ ଜାଣ ବିରୂପୀ ହୋଇବେ ।
ପରପୁରୁଷଙ୍କ ସଙ୍ଗେ ସଦା ପ୍ରବର୍ତ୍ତିବେ ॥
କୁଳ ମହତ ଲଜ୍ଜାକୁ ଛାଡ଼ି ଭଲ ନାରୀ ।
ପରପୁରୁଷରେ ମାତ ହୋଇବେ ଦୋରୀ ॥
ବଚନେ ତାହାଙ୍କୁ ଜିଣି ନ ପାରିବେ କେହି ।
ନାନା ଛନ୍ଦ ଚାତୁରୀରେ ଦେବେ ସେ ଭୁଲାଇ ॥
ନବଯୁବା ସ୍ତ୍ରୀଙ୍କି ଯେ ରଖି ନିଜବାସେ ।
ବିରୂପୀ ସ୍ତ୍ରୀ ସଙ୍ଗରେ ରମିବେ ପୁରୁଷେ ॥
ଯୋଇଲି ଭାରିଯାରେ ଯେ କରିବେ ବେଭାର ।
ବିଭାହୋଇ ଭାରିଯାକୁ କରିଦେବେ ଦୂର ॥
ନିଜ ଭାରିଯାମାନଙ୍କୁ କରାଇ ନିରାଶ ।
ପରଦାରା ଲମ୍ପଟରେ ରହିବେ ପୁରୁଷ ॥
ସୁକର୍ମମାନଙ୍କେ କାରି ନ ରହିବ ମନ ।
ଅଧର୍ମ କୀର୍ତ୍ତିମାନ ସେ କରିବେ ଭଜନ ॥
ନିଧନି ଲୋକମାନଙ୍କୁ ନ ପୁଛିବେ କେହି ।
ଧନବନ୍ତ ଲୋକ ପାଖେ ସର୍ବେ ଥିବେ ରହି ॥
ଶାଶୂମାନଙ୍କ ଉପରେ ଚେଉଁ ଯିବେ ବୋହୂ ।
ନାନା ଭର୍ତ୍ସନାରେ ଗାଳି ଦେଉଥିବେ ବହୁ ॥
ପୁତ୍ରମାନେ ସେ ଭାର୍ଯ୍ୟାକୁ ନ ବୋଲିବେ କିଛି ।
ମାତାଙ୍କୁ ଦଣ୍ଡିବେ ସେ ଯେ ଭାରଯାକୁ ପୁଛି ॥
ବୋଲିବେ ଲୋ ଯାହା କଲୁ ତୁହି ଆଗ ଦ୍ୱନ୍ଦ ।
ବେଳହୁଁ ଜାଣେ ବୁଢ଼ିଲେ ଅଟୁ ତୁହ ମନ୍ଦ ॥
ଭାରିଯା ରୁଷି ବସିଛି ଯେବେ ମଥା ପୋତି ।
ତାହାକୁ ବିନନ୍ତି ହୋଇଁ କହିବେ ସୁରଙ୍ଗୀ ॥
ମାତା ପିତାଙ୍କୁ କ୍ରମରେ ନ କରି ଆଦର ।
ଭାର୍ଯ୍ୟାକୁ ଘେନି କରିବେ ଯାଇଁ ଭଲେ ଘର ॥

ଏକା ସ୍ତ୍ରୀ ଗୋଟାକୁ ଯେ ହେବେ ଦଶକାନ୍ତ ।
ଆହୁରି ତାଙ୍କର ମନେ ଭଙ୍ଗୁଥିବେ ଶାନ୍ତ ॥
ଦେବପୁରମାନଙ୍କ ପଦ ନ ମାନିବେ କେହି ।
କଥା କହୁଥିବେ ସେ ଯେ ବଦନ ହଲାଇ ॥
ଦେବପୁରମାନେ ତହୁଁ ହେବେ ଯେ ଅନ୍ତର ।
ଭାଇବୋହୂ ମନରେ ନ ଥିବ କିଛି ଡର ॥
ଷୋଳବର୍ଷ ପୁଅଘେନି ଅନୂଢ଼ା ଯେ ନାରୀ ।
ଭିନ୍ନ ଘରରେ ରହିବେ ତାହାକୁ ଆବୋରି ॥
ମାତାଙ୍କର ବଚନକୁ ପୁତ୍ରେ ନ ମାନିବେ ।
ପିତାଙ୍କୁ କୁମରମାନେ ଘଉଡ଼ାଇ ଦେବେ ॥
ବଡ଼ ସାନ ବୋଲି ଆଉ ମନେ ନ ବିଚାରି ।
ବୃଦ୍ଧଙ୍କୁ ନ ଲୋଡ଼ି ନ୍ୟାୟ ପିଲମାନେ କରି ॥
ବୋଲିବେ ସେ ବୁଢ଼ାମାନେ ନ ଜାଣନ୍ତି କିଛି ।
ତାହାଙ୍କର ଜାଣିବାର ବିଷୟ କି ଅଛି ॥
ଜଉତିଷମାନେ କେହି ନ ଜାଣିବେ ଯୋଗ ।
ଅଯୋଗରେ ବରଷା ଯେ କରୁଥିବ ମେଘ ॥
ଦେଶୂଳର କୃଷି ହାନି ହୋଇବ ବହୁତ ।
ଟଙ୍କାକୁ ତଣ୍ଡୁଳ ସେରେ ନ ମିଳିବ ଘୃତ ॥
ଝିଅକୁ ଦେଇଣ ଟଙ୍କା ନେବେ ଅପ୍ରମିତେ ।
କନ୍ୟାଦାନ ନ କରିଣ କରିବେ ଏମନ୍ତେ ॥
ଭୋକିଲା ଲୋକଙ୍କୁ ସୁତେଣ ନ ଦେବେଟି ଅନ୍ନ ।
ତାହାଙ୍କୁ କହୁଥିବେ ତୁ କରି ମୂଲ କାମ ॥
ଏ ଦୋଷରେ ନ ମିଳିବ ତୋତେ କିଛି ଅନ୍ନ ।
ଯାଅ କହି ତଡ଼ିଦେବେ ତାହାକୁ ବହନ ॥
ଦାନ ଦେଇ ଦକ୍ଷିଣା ନ ଦେବେ କଦାଚିତେ ।
ପର ଦ୍ରବ୍ୟ ହରଣ ସେ କରିବେ ନିରତେ ॥
ଜଳ କୀର୍ତ୍ତିମାନ ପୋତି ତହିଁ କରି ଶୋଷ ।
ହଳ କରିବେ ବୃଷଭ ବୋଲିବେ କି ଦୋଷ ॥
ଦାନ ଦେଇ ହରିନେବେ ଲୋଭେ ଭୂମି ପୁଣ ।
ବହୁତ ଅନ୍ୟାୟ ଯେ କରିବେ ବ୍ରାହ୍ମଣ ॥
ଗାୟତ୍ରୀ ମନ୍ତ୍ରକୁ ଛାଡ଼ି ପାରଡ ଶିଖିବେ ।
ବେଦ ବିଦ୍ୟା ଆଦି କରି ସର୍ବ ପାଶୋରିବେ ॥
ତ୍ରିସନ୍ଧ୍ୟା ନ କରିବେ ସେ ବେଳ କାଳ ଜାଣି ।
ଶୂଦ୍ର ସ୍ତ୍ରୀମାନଙ୍କୁ ଘେନି କରିବେ ରମଣି ॥
ଘରେ ଘରେ ବୁଲିକରି ନେଉଥିବେ ଦାନ ।
ଶବହାଡ଼ ଗଳା ନେବେ ବହୁତର ଧନ ॥

Digitized by srujanika@gmail.com

ପଦ୍ମାକାଏ କଳ୍ପତରୁ ଦେବ ଯେହୁଁ ଲୋକ ।
ତା ସଙ୍ଗେ ଗୋଡ଼ାଇବେ ଯେସନେ ସେବକ
ମଣକ କଦ୍ରୁ କେଭେ ଧ୍ୟାନ ନ ଧେଆନେବେ ।
କାର୍ଯ୍ୟରାହ୍ମୀର ମହତ୍ତ୍ୱ କେବେ ନ ରଖିବେ ॥
ବାଣିଜ୍ୟ କରିବେ ଦ୍ୱିଜ ଲଭର ଲାଗିର ।
ବେଦବିଦ୍ୟା ଛାଡ଼ିଣ ସେ ଧନେ ଦେବେ ଚିତ୍ତ ॥
ପୁଣି ପଣ୍ଡା ଶଳଟରେ ଯୁଆଖେଳ କରି ।
ମୁଖରେ ସେ ନ ବୋଲିବେ ରାମ-କୃଷ୍ଣ ହରି ॥
ବସନ ନ ପାଲଟିଣ ଭୁଞ୍ଜିବେ ସେ ଭାତ ।
ପ୍ରସ୍ରବିଲେ ନ ବୋଲିବେ ମୋ ଦେହ ଅଶକତ ॥
ମିଥ୍ୟା କଥନ କହି ବଞ୍ଚିଥିବେ ଦିନ ।
ଭକ୍ଷଣ କରିବେ ବିପ୍ରେ ଶୁଷ୍କ ମାଛମାନ ॥
ବିଧବା ସ୍ତ୍ରୀମାନେ ଯେ ଶୂଦ୍ରେ ହୋଇ ରତ ।
ବୁଲୁଥିବେ ସଙ୍ଗେ ନେଇ ଦୁହିତା ଯେ ସୁତ ॥
କୁଳ ସ୍ତ୍ରୀମାନେ ତାଙ୍କ ପତିବ୍ରତା ଛାଡ଼ି ।
ଶଠ ପୁରୁଷଙ୍କର ସଙ୍ଗେ ଥିବେ ପଡ଼ି ॥
ବ୍ରାହ୍ମଣମାନେ ଏ ଯୁଗେ ହୋଇବେ ଜ୍ଞାନହୀନ ।
ଦେବ ପୂଜିବାକୁ ଯିବେ କରି ମଦ୍ୟ ପାନ ॥
ଏମନ୍ତେ ପରାଧୀନ ହେବେ ସର୍ବ ଲୋକେ ।
ଏକଠାବରେ ଭୁଞ୍ଜିବେ ବସି ଅବିବେକେ ॥
ଏହିମନ୍ତ ଥୋକାଏକ ଦିନ ସେ କରିବେ ।
ଶେଷରେ ସମସ୍ତ ଲୋକେ ଏକଜାତି ହେବେ ॥
ଏମନ୍ତେ ଏକଜାତୀୟ ହେବେ ସର୍ବ ନର ।
ଛୁଆଁ ଛୁଇଁର ବିଚାର ନ ଥିବ କାହାର ॥
ଯେ ଯହିଁ ପାଇବେ ତହିଁ କରିବେ ଭୋଜନ ।
ତହିଁକି ଶୋଚନା କିଛି ନ ଥିବ କା ମନ ॥
ବଇଷ୍ଣବମାନେ ପୁଣି ହେବେ ମାୟାଧାରୀ ।
ନିଶ୍ଚିନ୍ତେ ରହିବେ କୁଳସ୍ତ୍ରୀଙ୍କୁ ଆବୋରି ॥
ଯହୁଁ ପୃଥ୍ୱୀରେ ଅସତ ହୋଇଯିବ ପୂର୍ଣ୍ଣ ।
ଦେବତାଏ ଛାଡ଼ିଯିବେ ଆପଣା ଆସ୍ଥାନ ॥
ଗ୍ରାମର ଗ୍ରାମଦେବତା ଯିବେ ଛାଡ଼ିକରି ।
ଦଣ୍ଡୀ ସ୍ତ୍ରୀରେ ରତ ହେବେ ବ୍ରହ୍ମଚାରୀ ॥
ବଇଷ୍ଣବମାନେ ନାନା ବଣିଜାରି ହେବେ ।
ଶଙ୍କା ଲଜ୍ଜା ଛାଡ଼ି ଦୂରଦେଶୁଁ ବୁଲିଥିବେ ॥
ଗୋବିନ୍ଦଙ୍କ ପାଦରେ ନ ଥିବ ତାଙ୍କ ମନ ।
ଧନ ସମ୍ପଦରୁ ସେହୁ ହରାଇବେ ଜ୍ଞାନ ॥

ରାଜାମାନେ ସବୁବେଳେ ହୋଇବେ ଅନ୍ୟାୟୀ
ପରଜାମାନଙ୍କଠାରୁ ଧନ ନେବେ ବଳେ ॥
ନିରସ୍ତ ଜନ ଗୁହାରି କେଭେ ନ ଶୁଣିବେ ।
ଅଦୋଷେ ପ୍ରାଣୀମାନଙ୍କୁ ବଡ଼ଦଣ୍ଡ ଦେବେ ॥
ମନ୍ତ୍ରୀ ମିଳିଏ ଲୁଟିବେ ଲକ୍ଷମାନ ଖାଲି ।
ହାରିଲ ଲୋକେ ଜାଣିଲୁ ବୋଲି କରି କହି ॥
ଦେବତା-ବ୍ରାହ୍ମଣଠାରେ ନୋହିବେ ଭକତ ।
ଗ୍ରହପୀଡ଼ାକୁ କେଭେହେଁ ନ କରିବେ ଶାନ୍ତ ॥
ଅଦାତା କୃପଣ ହୀନ ହେବ ତାଙ୍କ ମତ ।
ଧନ ନ ଦେଖିଲେ କେଭେ ନୋହିବେଟି ଶାନ୍ତ
ଦାନ ଧର୍ମ ପୁଣ୍ୟମାନ ନ କରିବେ କେହି ।
ହୋମ ନ କରିବେ ବିପ୍ରେ ବ୍ରାହ୍ମଣ ବୋଲାଇ ॥
ପରଧନ ପରସ୍ତ୍ରୀ ଆଣିବେକ ହରି ।
ତେଣୁକରି ଧର୍ମ ନାଶ ଯିବ ଯେ ତାଙ୍କରି ॥
ନୃପତି କୁଳ ସକଳ ଭ୍ରଷ୍ଟ ହୋଇ ଯିବେ
ଅସୁରିଆ ଲୋକମାନେ ମୁଲକ ସାଧିବେ ॥
ଦୁର୍ଭିକ୍ଷ ପଡ଼ୁଥିବ ନ ହେବ ଜଳବୃଷ୍ଟି ।
କୃଷିହୀନେ ଲୋକମାନେ ହେବେ ବଡ଼କଷ୍ଟୀ ॥
ବରଷକୁ ବରଷ ଯେ ପଡ଼ିବ କାନ୍ତାର ।
ଗ୍ରାମମାନଙ୍କରେ ପୁଣି ହେବେ ବହୁ ଚୋର ॥
ଗ୍ରାମେ ଗ୍ରାମେ ବହୁତ ଯେ ହେବ ହୁରିଜୁରି ।
ଭିକ ନ ପାଇବେ ମାଗି ଗଲେକ ଭିକାରି ॥
ଅଦାତା କୃପଣ ପୁଣି ହେବେ ସର୍ବଜନ ।
ଅଡ଼ାଏକ ଚାଉଳ ନ ଦେବେ କେଉଁ ଜନ ॥
ମୃତପଣେ ଯେ କରୁବେ ଅବା ବ୍ରତରଣ ।
ଶୁଣିଲେ ଧାଇଁବେ ତହିଁ ସହସ୍ରେ ବ୍ରାହ୍ମଣ ॥
କାହାକୁ କେତେ ଦେବ ସେ ଅଳ୍ପ ଧନ ତାର
ତାହାକୁ କରିବେ ଯାଇଁ ବହୁ ହରବର ॥
ଏଣୁକରି ତାହାର ଯେ ମନ ଯିବ ଭାଙ୍ଗି ।
କାହାଁକୁ ବା ଦେବ ସେହି ହେବ ବଇରାଗୀ ॥
ତେଣୁକରି ଅଧର୍ମରେ ପୂର୍ଣ୍ଣ ହେବ ମହୀ ।
ଅନ୍ନ ବସ୍ତ୍ରବିନା ନାଶ ହୋଇବେ ନ ପାଇ ॥
ଯେ ଲୋକ ମୁଠାଏ ଭିକ ଜାତି ଦେଉଥିବ ।
ଦାତା ବୋଲି ତାହାକୁ ଯେ କହୁଥିବେ ସର୍ବ ॥
ଦେଶେ ଦେଶେ ନାମ ଯହୁଁ ହୋଇବ ବିଖ୍ୟାତ
ବହୁ ଭିକାରିର ତହିଁ ହେବ ଉତପାତ ॥

Digitized by srujanika@gmail.com

ତେଣୁକରି ଭକ୍ତ ସେ ନ ପାରିବେ ଦେଇ ।
ଯାହା ଦେଉଥିବେ ତାହା ଆଉ ଦେବେ ନାହିଁ ॥
ଏଣୁକରି ସେ ଲୋକ ଯେ ବିରକତ ହୋଇ ।
ତାହାଲେ ସେ ନ ଶୁଣିବ ଜଡ଼ପ୍ରାୟ ରହି ॥
ଏରୂପେ ସଂସାରେ ଭକ୍ତ ନ ଦେବେଟି କେହି ।
ମରିବେ ଭିକାରିମାନେ ଅନ୍ନକଷ୍ଟ ପାଇ ॥
ଯାଚକମାନେ ଯେ ସାଧୁଠାରୁ ନେବେ ଧନ ।
କେବେହେଁ ଦେବାକୁ ତାଙ୍କ ନଥିବ ଯେ ମନ ।
ବାଛିକରି ସାଧୁ ତାଙ୍କ ହଳ ଘେନି ଯିବେ ।
ତେଣୁକରି ସେ ଯାଚକେ କୃଷିହୀନ ହେବେ ॥
ପ୍ରତେକରି ନ ଦେବେ କେ ଆଉ ତାଙ୍କୁ ଧନ ।
ଏମନ୍ତେ ମରିବେ ସେ ଯେ ହୋଇ ଅନ୍ନହୀନ ॥
ସନ୍ଧାକୁ ଯେ ବନ୍ଧା ଦେଲେ ସାଧୁ ଧନ ଦେବେ ।
ମୂଳ କଳନ୍ତର ତାର ଲେଖି ରଖୁଥିବେ ॥
ନୋହିଲେ କାହାକୁ ସେ ନ ଦେବେ କିଛି ଧନ ।
ବନ୍ଧାଏକା ସଂସାରରେ ହୋଇବ ପ୍ରଧାନ ॥
ଥିବାଲୋକେ ଖାଇବେ ନଥିବା ଲୋକେ ମରି ।
ତାହାଙ୍କଠାରେ ଦୟା ନ ଥିବଟି କାହାରି ॥
କହୁଛନ୍ତି ଶୁକମୁନି କଳିଯୁଗ ସ୍ଥିତି ।
ନୈମିଷଅରଣ୍ୟେ ସର୍ବ ଯତିଏ ଶୁଣନ୍ତି ॥
ଶୁଣି ବୋଲନ୍ତି ସକଳ ଋଷି ରାମ ରାମ ।
ଏମନ୍ତ ହୋଇବ ଯେବେ କଳିଯୁଗ ଧର୍ମ ॥
କେମନ୍ତେ ବଞ୍ଚିବା ଆମ୍ଭେ ଲୋକେ ବଡ଼ଭୀତି ।
ଏତେବୋଲି ସୁମରିଲେ ଦେଉ ରମାପତି ॥
ହେ ଦୀନବନ୍ଧୁ ବାରେକ କରିବା ଉଦ୍ଧାର ।
ଶୀଘ୍ରେ ଯେହ୍ନେ ହୋଇଯାଉ କଳିକାଳ ଦୂର ॥
କୃପାସିନ୍ଧୁଙ୍କ ପାଦେ ଚିତ୍ତକୁ ନିବେଶି ।
ପୁନରପି ପଚାରନ୍ତି ସକଳ ମହର୍ଷି ॥
ସେହି ସାଧୁ ଜନଙ୍କର ପାଦେ ଆଉ ଚିତ୍ତ ।
କହଇ ମାଧବ ତହିଁ ମୁଁ ଶରଣାଗତ ॥
ସାଧୁଜନମାନଙ୍କର ଚରଣର ଧୂଳି ।
ମଣ୍ଡି ହେଉଥାଉ ସଦା ମୋହର ମଉଳି ॥

କୃଷ୍ଣଦାସ ଚରିତ ।

ଭଗବାନ ବୋଇଲେ ହୋ ଶୁଣିଲୁକି ମନ ।
ଶୁକମୁନି ଯାହା କହିଲେ କଳିର ବିଧାନ ॥
ଶୁଣି ସକଳ ମହର୍ଷି ହୋଇଲେ ହରଷ ।
ବୋଇଲେ ଧନ୍ୟ ଧନ୍ୟ ହେ ବ୍ୟାସଙ୍କର ଶିଷ୍ୟ ॥
ଧନ୍ୟ ଧନ୍ୟ ତୁମ୍ଭର ଯେ ଗର୍ଭଧାରି ମାତ ।
ପୁତ୍ରକୁ ଜାତକଲେ ବିଧାତା ସଂଜାତ ॥
ଆଗମ ନିଗମ ଆଦି ପୁରାଣ ସମସ୍ତ ।
ସର୍ବ ବିଷୟ ତୁମ୍ଭଙ୍କୁ ଅଛି ଅବଗତ ॥
ଏହିରୂପେ ବହୁତର ପ୍ରଶଂସାକୁ କଲେ ।
ପୁନରପି କହ ବୋଲି ତାହାଙ୍କୁ ପୁଛିଲେ ॥
ସଂସାରେ କରିବ କେତେ କାଳ କଳିଭୋଗ ।
କେମନ୍ତ ପୁଣି ପ୍ରବେଶ ହେବ ସତ୍ୟଯୁଗ ॥
କେମନ୍ତ କାଳଭୟରୁ ବଞ୍ଚିବାକି ଦିନ ।
କହ ମୁନିବର ତୁମ୍ଭେ ପ୍ରସିଦ୍ଧ ବଚନ ॥
କଳିକାଳ କଥା ଶୁଣି ଲାଗୁଅଛି ଡର ।
ନପୁଣ ଆମ୍ଭଙ୍କୁ ଏହି କରେ ହରବର ॥
ବଦନ୍ତି ଶୁକମୁନି ଶୁଣ ସର୍ବ ଋଷି ।
ତୁମ୍ଭେତ ନାମାଗ୍ର ଜାଣିଅଛ ଅହର୍ନିଶି ॥
ଗୋବିନ୍ଦ ପାଦରେ ଅଛ ଚିତ୍ତକୁ ନିବେଶି ।
ନାମାବଳି ଗୁଣମାନ ଅନୁକ୍ଷଣ ଘୋଷି ।
ଏହି କଳିକାଳ ତୁଳା ପର୍ବତ ଅଟଇ ।
ଦହନ ହୋଇବ ନାମ-ଅନଳରେ ସେହି ॥
ଏଥିକୁ ଚିନ୍ତା ତୁମ୍ଭେ ନ କର ସର୍ବଋଷି ।
ଗୋବିନ୍ଦ ନାମ କୀର୍ତ୍ତନ କରୁଥାଅ ବସି ॥
ଶୁଣିଣ ସେ ତପିଜନେ ହୋଇଲେ ହରଷ ।
କହ ମହାମୁନି ତୁମ୍ଭେ କଳିର ଭବିଷ ॥
ଶୁକମୁନି ବୋଇଲେକି ମିଛ ପରସ୍ପର ।
ମିଛରେ ଆତଯାତଟି ହେବ ଏ ସଂସାର ॥
ଗଞ୍ଜାଇ ଆପୁ ମଦରେ ସର୍ବ ନର ନାରୀ ।
ମଗ୍ନହୋଇ ରହିଥିବେ ଦିବସ ଶର୍ବରୀ ॥
ରୂପବତୀ ସ୍ତ୍ରୀଙ୍କୁ ଯେ ଦେଖିଲେ ନୟନ ।
ତହିଁ ଆବଦ୍ଧ ହୋଇବ ପୁରୁଷଙ୍କ ମନ ॥
ଏହିକଥା ଏ ସଂସାରେ ହୋଇବ ବହୁତ ।
ଗୁପତହୋଇ ଯିବଟି ଗୋବିନ୍ଦ ଚରିତ ॥
ବ୍ୟାଧିବନ୍ତ ହୋଇଲେ ପୁଚ୍ଛା ନ ବୋଲିବେ ହରି
ମାତା ପିତାଙ୍କୁ ସେମାନେ ବିପଦେ ସୁମରି ॥
କୁଟୁମ୍ବ ପୋଷଣେ ବ୍ୟସ୍ତ ହେବେ ରାତ୍ରଦିନ ।
କେବଳ ସେ କରୁଥିବେ ଚିନ୍ତା ଅନୁକ୍ଷଣ ॥

Digitized by srujanika@gmail.com

ଧନ ସ୍ୱର୍ଣ୍ଣ ଥିବେ ନରେ ଅତି ଯତ୍ନକରି ।
ଲୁଚିଣ ନ ବୋଲିବେ ବଦନେ ରାମକୃଷ୍ଣ ହରି ॥
ଜନ୍ମବଧିର ବିଷୟୀ ଶୁଣୁଥିବେ କର୍ଣ୍ଣେ ।
ଏକକୁ ଆରେକ କହି ତୁଷ୍ଟ ହେବେ ମନେ ॥
କେହି ଜ୍ଞାନୀ ଧ୍ୟାନେ ଗୁରୁ ଦେଲେ ଉପଦେଶ ।
ବୋଲିବେ ଏହି ବାଉଳା କହୁଅଛି କିସ ॥
କେହି କେବେ ନ ଶୁଣିବେ ଗୋବିନ୍ଦ ପ୍ରସ୍ତାବ ।
ନିର୍ଦ୍ଦୟ କଷ୍ଟ ର ହେବ ନରଙ୍କ ସ୍ୱଭାବ ॥
ସଙ୍ଗୀ ଜୁଆ ଗଞ୍ଜଟାରେ ଥିବେ ମନଦେଇ ।
ଲୋକବେହିଁ ପୁରାଣମାନ ନ ଶୁଣିବେ କେହି ॥
ଯଦି କାମନାରେ କେହି ଶୁଣିବେ ପୁରାଣ ।
ମନ ତୋଷରେ ଦକ୍ଷିଣା ନ ଦେବେଟି ଜାଣ ॥
ଯେତେଆଚେ ଦକ୍ଷିଣା ନଦେଲେ ନାହିଁ ଫଳ ।
ବ୍ରାହ୍ମଣଙ୍କ ଅସନ୍ତୋଷେ ସମସ୍ତ ନିଷ୍ଫଳ ॥
ଏମନ୍ତ ପୁରାଣ ନରେ କର୍ଣ୍ଣପୁଟେ ଶୁଣି ।
ନିନ୍ଦିତ ଦେଇ ଲୋକଙ୍କୁ ବିହୁତ ବଖାଣି ॥
ଟଙ୍କାକେ ମାସେ ଅଣାଏ ହେବ କଳାନ୍ତର ।
ଉଦାସ ଲୋକଙ୍କ ବିତ୍ତ ହରିବେ ଚତୁର ॥
ଦେବା ଦୟାପଦ ପୁଣି ନ ଥିବ କାହାର ।
ମୂର୍ଖମାନଙ୍କୁ କେବେ ନ ମାନିବେ ନାରୀ ॥
ଦାନ କିଣା ଆଦିଠାରୁ ବଣିଜ ବେପାର ।
ସତ୍ୟକଥା ଯେ କହିବ ହାନି ହେବ ତାର ॥
ଶୁଣ ଆହେ ସାଧୁଜନେ କଳିଯୁଗ ରୀତି ।
କହିଲି ଶୁକ ଶୁଣିଲେ ସେ ସକଳ ଯତି ॥
କୃଷ୍ଣଦାସ ବୋଲିକରି ଏକ ଶୁଦ୍ର ଥିଲା ।
ଆପଣା ହାତରୁ ଟଙ୍କା ସହସ୍ରେକ ନେଲା ॥
ମଇତ୍ରର ଘରେ ଯାଇ ହେଲା ପ୍ରବେଶ ।
ଦେଖିଣ ମଇତ୍ର ବେଗେ ଅଇଲେକ ପାଶ ॥
କୁଶଳବାର୍ତ୍ତା ହୋଇଲେ ବସି ପୁଛାପୁଛି ।
ମଇତ୍ରର ନେତ୍ର ଟଙ୍କା ଉପରେ ପଡ଼ିଛି ॥
ବହୁତରେ ସୁଭାଗ୍ୟ ମୋର ମିଳିବ ଏ ଅର୍ଥ ।
ଦେଖିଣ ପଚାରିଲେ ତାର କହଇ ମଇତ୍ର ॥
ଏକପରିଆ ଘରତ ଅଟଇ ମୋହର ।
ସହସ୍ରେ ଟଙ୍କା ଥୋଇବ ମୁଁ ତୁମ୍ଭର ଘର ॥
ଯେତେବେ କାର୍ଯ୍ୟ ପଡ଼ିବ ମୋ ଆସିଣ ନେଇଁ ।
ଏହି ଟଙ୍କା ଘର ଅଳ୍ପ ରଖିଥାଅ ଥୋଇ ॥

ଏତେକବୋଲି ଟଙ୍କା ତାର ମଇତ୍ରକୁ ଦେଲା ।
ସହସ୍ରେକ ଟଙ୍କା ଅଛି ବୋଲିଣ କହିଲା ॥
ଶୁଣିଣ ମଇତ୍ର ବୋଲେ ଦୁଇଜଣ ଯିବା ।
ମନ୍ଦିରରେ ଗାତ ଖୋଳି ପୋତିଣ ଆସିବା ॥
ତହୁଁ ଦୁଇଜଣ ଯାଇଁ ମନ୍ଦିରରେ ମିଳି ।
ଗରିଆ ପୋତିଲେ ଗୃହମଧ୍ୟେ ଗାତ ଖୋଳି ॥
ତହୁଁଉତ୍ତାରୁ ଶୂଦ୍ର ତା ଘରକୁ ଚଳିଲା ।
ଭାର୍ଯ୍ୟାକୁ ସେ ସମସ୍ତ ବିଧାନ କହିଲା ॥
ଏହିରୂପରେ କେତେକ ଦିନ ଗତହେଲା ।
ବ୍ୟାଧିମନ୍ତ ହୋଇଣ ସେ କୃଷ୍ଣଦାସ ମଲା ॥
ଅନେକ କାରୁଣ୍ୟ କଲା ତାହାର ଘରଣୀ ।
ଗୁଣମାନ ସୁମରି ସେ କାନ୍ଦେ ପୁଣ ପୁଣି ॥
କୁଳାଗ୍ରରେ ତାର ନାରୀ ପ୍ରେତକାର୍ଯ୍ୟ ସାରି ।
ଏକଇ ପୁତ୍ର ଗୋଟିକ କାଖରେ ସେ ଧରି ॥
ମଇତ୍ର ଘର ପାଖକୁ ଗଲା ଶୀଘ୍ର ହୋଇ ।
ପ୍ରବେଶ ହୋଇଲା ନାରୀ ମିତ୍ରଘରେ ଯାଇଁ ॥
ଦଣ୍ଡେ ମିତ୍ରଘରେ ବସି ହେଲେ ସୁଖ ଦୁଃଖ ।
ଗୋସ୍ୱାମୀ ମରିଗଲେ ମୋ ମୁଁ ହେଲି ନିରଖ ॥
ଘରେ ଯାହା ଥିଲା ମୋର ବିକାକିଣା କରି ।
ଏଠାକୁ ଅଇଲି ମୁହିଁ ପ୍ରେତକାର୍ଯ୍ୟ ସାରି ॥
ଆମ୍ଭର ଟଙ୍କା ଦେଲେ ମୁଁ ଯିବି ବେଗକରି ।
ତୁମ୍ଭ ମିତ୍ରର ଏ ପୁତ୍ର ମୁହିଁ ଯେ ତୁମ୍ଭରି ॥
ଶୁଣି ସେ ମଇତ୍ର କହେ ବଦନ ହଲାଇ ।
କେବେ କିସ ଟଙ୍କା ମୋତେ ଦେଇଅଛୁ ତୁହି ॥
ପୁଣି ଯେବେ କହିଲେ ହୋଇ ଦେବି ଦାନ୍ତପାଟି ।
ଏତେ ବୋଲି ନୟନରେ ଗ୍ରହିଲା ତରାଟି ॥
ଶୁଣିକରି ସୁନ୍ଦରୀର ହଂସା ଗଲା ଉଡ଼ି ।
ମୋହଯାଇଁ ଭୂମିରେ ସେ ପଡ଼ି ମୁହିଁ ମାଡ଼ି ॥
ଉଠି ବସି ଚେତଣ ସେ ମୁଣ୍ଡେ କରମାରି ।
ବିକଳେ କାନ୍ଦଇ ନାରୀ କାନ୍ତକୁ ସୁମରି ॥
ଶୁଣିଣ ସେ ଜନଲୋକେ ତା ପାଶକୁ ଆସି ।
ପଚାରନ୍ତେ ନାରୀ ତାଙ୍କୁ କହିଲା ବିଶେଷି ॥
ସେ ଲୋକମାନେ ବୋଇଲେ ସତେକ ହୋଇବ
ଏ ବୋଇଲା ମିଛ କହେ ଟଙ୍କା ଦେଇ ନାହିଁ ॥
ଏହାଶୁଣି ସେ ବୋଇଲେ ନାରୀମୁଖ ଚାହିଁ ।
ଅସତ କହି କାହିଁକି ମରୁଛୁ ବୋବାଇ ॥

Digitized by srujanika@gmail.com

ରଗନ୍ତାଲୋକତ ଆମ୍ଭ ଆସେ ନାସ୍ତି କଲ ।
କ ଟଙ୍କା ଦେଇଛୁ ଏମନ୍ତ ନ ଜାଣେ ବୋଇଲ ॥
ଯୁବତୀ ବୋଇଲା ମୋର ଏହି କଥା ସତ ।
ସହସ୍ର ଟଙ୍କା ଥୋଇଛନ୍ତି ସ୍ୱପାଣେ ମୋକାନ୍ତ ॥
ଶୁଣିକରି ଟଙ୍କ ଗ୍ରାହୀ ବୋଲେ କରି ତମ ।
ତାର ପୁତ୍ର ମୁଣ୍ଡ ଧରି କରୁ ସେ ନିୟମ ॥
ସହସ୍ରେକ ଟଙ୍କା ପଛେ ହାତୁ ଦେଲେ ଦେବ ।
ଏ ନାରୀକ ନିୟମ ମୁଁ ଆଗ କରାଇବ ॥
ଶୁଣିଣ ତରୁଣୀବର ବୋଲେ ଆଗସର ।
ନିୟମ କରିବ ନିଶ୍ଚେ ଆସେ ସ୍ନାନକରି ॥
ସଭଜନେ ଶୁଣି ନାରୀ କହଇ ବଚନ ।
ଏମା ଗେରସ୍ତ ଏହାଠାରେ ରଖିଥିଲ ଧନ ॥
ଏହି କଥା ଯେବେ ମୁହିଁ କହୁଥିବ ମିଛ ।
ନିଶ୍ଚୟରେ ମରିଯିବ ମୋର ବାଳବତ୍ସ ॥
ଏତେବୋଲିଣ ପୁତ୍ର ର ମୁଣ୍ଡେ ଦେଲ ହସ୍ତ ।
ତତକ୍ଷଣେ ବାଳକ ପଡ଼ି ହେଲା ଅଣାୟତ ॥
ଦେଖିକରି ସଭଜନେ ହାହାକାର କଲେ ।
ଏତେକ ସାହସୀ ତୁହି ଅଟୁଲେ ବୋଇଲେ ॥
ଧିକ ଧିକ ତୋ ଜୀବନ ଅଟଇ ଲୋ ପାମରୀ ।
ଏହ୍ନାପର ପୁତ୍ରକୁ ତୁ ପକାଇଲୁ ମାରି ॥
ଏହି ପୁତ୍ରକୁ ମୋଡ଼ିଲେ ପୋଡ଼ ବେଗେ ଯାଯା ।
ରାଣ୍ଡି ଆଗୁଳୁଡ ଲୋ ତୋ ମୁଖେ ନାହିଁ ଲଜ୍ଜା ॥
ପଦାର୍ଥଗ୍ରାହୀର ମନେ ଆନନ୍ଦ ଅପାର ।
ଫୁଟିଲ ପଦ୍ମ ପ୍ରାୟେକ ମୁଖ ଦିଶେ ତାର ॥
ସମସ୍ତଙ୍କର ଧିକ୍କାର ଶୁଣି ସେ କାମିନୀ ।
ତହୁଁ ଚଳିଗଲା କାଖେ ତନୟକୁ ଘେନି ॥
ଜାଳେରେ ପୋଡ଼ଇ ବସି ଦଇବ ସୁମରି ।
ବୋଲେ କାହାଠାରେ ଆଉ କରିବ ଗୁହାରି ॥
ଧିକ ଏହି ସଂସାର ଯେ ଧିକ ଏହି ଯୁଗ ।
ଆପଣାର ପଦାର୍ଥକୁ ପରକଲ ଭୋଗ ॥
ଧିକ କଳିଯୁଗ ଧର୍ମ ଧିକ ଏ ବିଚାର ।
ସତକଥା କହିବାରୁ ମଲା ମୋ କୁମର ॥
ପୋଡ଼ୁ ପୋଡ଼ୁ କଳିଯୁଗ ପୋଡ଼ୁ ଏ ସଂସାର ।
ଆଉ କିପାଁ ଏ ଶରୀର ରଖିବ ମୋହର ॥
ଅନେକ ପ୍ରକାରେ ସେହୁ ଯୁଗ ନିନ୍ଦାକରି ।
ବୋଲେ ଆହା ଅକାରଣେ ପୁତ୍ର ଗଲା ମରି ॥
ମରିବ ବୋଲିଣ ଫାଶୀ ଲଗାଏ ବନରେ ।
ଜାଣିକରି କଳିଯୁଗ ମିଳିଲେ ସେଠାରେ ॥
ବିକରାଳ କଳା ମୁଖ ପ୍ରଚଣ୍ଡ ମୂରତି ।
ଅରୁଣବର୍ଣ୍ଣ ନେତ୍ରକୁ ବୁଲାଇ ତଦନ୍ତ ॥
ପାଦରୁ ସମାନ ଉଚ୍ଚ ଅନୁକ୍ରମେ ମୋଟ ।
ଶିରପରେ ଶୋଭୁଅଛି କନକ ମୁକୁଟ ॥
ପ୍ରଚଣ୍ଡ ମୁଦ୍ଗର କଳା କରେ ଅଛି ଧରି ।
କାହିଁକି କାନ୍ଦୁଛୁ ବୋଲି ନାରୀକି ପଚାରି ॥
କାହିଁକି ଯୁଗକୁ ନିନ୍ଦା କରୁଅଛୁ ତୁହି ।
କହ ବେଗକରି ଏହା ନ ସହଇ ମୁହିଁ ॥
ଶୁଣିଣ ସୁନ୍ଦରୀ ହେଲା ଡରେ ଥରହର ।
ନିକଟସ୍ତ କହିଲ ବାଳୀ ଯୋଡ଼ି ବେନିକର ॥
ଆଦ୍ୟ ପ୍ରାନ୍ତ କରିଣ ସେ କହିଲ ସମସ୍ତ ।
ନିୟମ ବିଧାନ ପୁତ୍ର ହୋଇବାର ହତ ॥
ଶୁଣିଣ ସେ କଳିଯୁଗ ବୋଇଲା ଲୋ ଶୁଣ ।
ଏବେ ତୁହି ବାହୁଡ଼ିଣ ଯାଅ ଏହିକ୍ଷଣ ॥
ପୋଡ଼ିବା ଠାବରୁ ତୋର ପୁତ୍ର ସିକୁ ଘେନି ।
ବୋଲିବୁ ତୁ ପାଶୋରିଲି ନ ପାରିଲି ଜାଣି ॥
ନ ଜାଣି ନିୟମ ମୁହିଁ କଲି ସ୍ନାନ ନାରୀ ।
ତେଣୁକରି ମୋହର ଟି ପୁତ୍ର ଗଲା ମରି ॥
ମୋହର ସ୍ୱାମୀଠାରେ ଅଛି ଦୁଇଟି ଗରିଆ ।
ଦୁଇ ସହସ୍ର ଟଙ୍କା ଯେ ଏହାଠାରେ ଥୁଆ ॥
ଏ କଥା ମିଛ ହୋଇଲେ ନ ଉଠିବ ପୁତ୍ର ।
ସତ ହେଲେ ଉଠିଣ ସେ ବସିବ ତୁରିତ ॥
ଏହା କହି ଛୁଇଁବୁ ତୁ ନନ୍ଦନର ମାଥ ।
କହିଣ ସେ କଳିଯୁଗ ହେଲେ ଅନ୍ତର୍ହିତ ॥
କଳିର ଆଦେଶ ପାଇ ସେ ସୁନ୍ଦରୀ ଗଲା ।
ବାଳ ଖୋଲି କୁମରକୁ କାନ୍ଧେ ପକାଇଲା ॥
ଗ୍ରହୀତା ସଭମଧ୍ୟକୁ ସେ ସୁନ୍ଦରୀ ଯାଇ ।
ବୋଲେ ଯୋଡ଼ିଏ ଗରିଆ ଅଛି ଏହା ଠାଇଁ ॥
ଏହି କଥା ଯେବେ ସତ ଜାଣିବ ମୋ ପୁତ୍ର ।
ଏତେ ବୋଲିଣ ପୁତ୍ରର ମୁଣ୍ଡେ ଦେଲା ହାତ ॥
ତତକ୍ଷଣେ ଉଠିଣ ସେ ବସିଲା ନନ୍ଦନ ।
ଦେଖିକରି ସଭଲୋକେ କଲେ ଧନ୍ୟ ଧନ୍ୟ ॥
ଧନଗ୍ରହୀତା ସଙ୍ଗରେ ବହୁ କଲେ ଦ୍ୱନ୍ଦ ।
ତାହାକୁ ବୋଇଲେ ତୁହି ଅଟୁ ବଡ ମନ୍ଦ ॥

Digitized by srujanika@gmail.com

ତାର ବେନି ଗଣ୍ଠିଆକୁ ପକା ବେଗେ ଦେଇ ।
ରଖିଦେଲ ବହୁତ ଶାସ୍ତ୍ର ପାଇବୁଟି ଭୂହ ॥
ଶୁଣିଣ ଧନଗ୍ରହୀତା ହୋଇଲ ତରସ୍ତ ।
କାହାର ଧରଇ ଗୋଡ଼ କାର ଧରେ ହାତ ॥
ତକ୍ଷଣେ ଏକ ଗଣ୍ଠିଆ ଟଙ୍କା ଆଣି ଦେଲ ।
ଦେଖିକରି ବ୍ରାହ୍ମଣୀ ଯେ ପଞ୍ଚଁକୁ କହିଲ ॥
ଆଉ ଏକ ଗଣ୍ଠି ଟଙ୍କା ନ ଆଣେ କିପାଇଁ ।
ଆପଣ ମାନେ ତା ଠହୁଁ ଦିଆଅ କହଇ ॥
ଶୁଣିକରି ପଞ୍ଚମାନେ କହିଲେ ତାହାକୁ ।
ଆର ଗଣ୍ଠି ଟଙ୍କା ଆଣି ପଞ୍ଚଙ୍କ ଛାମୁକୁ ॥
ଗ୍ରହୀତା ଅତି ବିକଳ ହୋଇ ତହୁଁ ଗଲ ।
ପଦାର୍ଥମାନ ବିକଣି ଆଉ ଟଙ୍କା ଦେଲ ॥
ଦୁଇଗଣ୍ଠି ଟଙ୍କା ଦେଖି ନାରୀ ହେଲ ବୋଧ ।
ମନେ ମନେ କଳିକି ଯେ କରେ ଆଶୀର୍ବାଦ ॥
ମହା ହୃଷ୍ଟମନା ହୋଇ ତହୁଁ ସେହି ନାରୀ ।
ଦୁଇଗଣ୍ଠି ଘେନିଗଲ ତାର ନିଜପୁରୀ ॥
ଏମନ୍ତ ଅଟଇ ହାଦେ କଳିର ଚରିତ ।
ଯେ ସତ କହିବ ତାର ନୋହିବ ଉଦତ ॥
ଜୟ ଦୀନବନ୍ଧୁ ସ୍ୱାମି ଜଗତର ପତି ।
ତୋ ପାଦେ ଏ ମାଧବର ରହିଥାଉ ମତି ॥

ଧର୍ମର ପରାକ୍ରମ ।

ଶୁଣି ସର୍ବ ଋଷିବର ମନରେ ବିସ୍ମୟ ।
କେତେଦିନଁକ ଦିନେ କଳି ହୋଇବ ଯେ କ୍ଷୟ ॥
ଏତେକାଳ ଆମ୍ଭର ତ କିଛି ସୁଖ ନାହିଁ ।
କଳି ଭୋଗ ଆଉ କେତେ ଦିବସ ଅଛଇ ॥
ଯେତେଦିନ ଥିବ ହାଦେ କଳିର ବେଭାର ।
ସାଧୁଜନମାନେ କେତେଁ ହେବେ ନାରଖାର ॥
ନିନ୍ଦ ଦରେ ଆମ୍ଭ ଦିନ ଯେବେ ଯାଏ ସରି ।
ତେବେ ଯେ ବରଷେ ଗଲେ ଦିନକର ପରି ॥
ଯେବେ ଦ୍ୱନ୍ଦ ମନ ପୁଣି ହେବ ପ୍ରତିଦିନ ।
ତେବେ ଯେ ଦିନକ ହେବ ଯୁଗର ସମାନ ॥
ଅନୁକ୍ଷଣେ ଅଧର୍ମ ହୋ ଯେବେ କରି ଏକା ।
ଏଥିକୁ ଆମ୍ଭର ମନେ ଲାଗୁଥାଏ ଶଙ୍କା ॥
ରୁଳିବା ଯେ ତପି ତପି ପଥତ ଗସଡ଼ା ।
ନ ପୁଣ ଏ କଳିକାଳ ନ ଦିଅଇ ପୀଡ଼ା ॥

ଏ କଳିର କେତେ ଭୋଗ କହ ମହାମୁନି ।
ଆମ୍ଭ ମନ ସ୍ଥିର ହେବ ତୁମ୍ଭ ମୁଖୁ ଶୁଣି ॥
କହୁଛନ୍ତି ଶୁକମୁନି ଶୁଣ ସର୍ବଋଷି ।
ଯେବେ ପଚାରିଲ ତୁମ୍ଭେ କହିବା ବିଶେଷି ॥
ଚାରି ଲକ୍ଷ ବତିଶ ଯେ ସହସ୍ର ବରଷ ।
ଏତେକେ ଏ କଳିଯୁଗ ହୋଇଯିବ ଶେଷ ॥
ତହିଁର ଉତ୍ତାରୁ ପୁଣି ସତ୍ୟଯୁଗ ହେବ ।
ସତ ପରଚୁର ହେବ ମିଛ ନାଶଯିବ ॥
ସ୍ୱଧର୍ମରେ ରହିବେ ଯେ ସେ ଯୁଗରେ ନର ।
ଧର୍ମରେ ଆତଯାତ ଯେ ହୋଇବ ସଂସାର ॥
ଶୁଣିକରି ସର୍ବ ଋଷି ବିସ୍ମୟ ବଦନ ।
ବୋଇଲେ ବଞ୍ଚିବା ଆମ୍ଭେ ଅବା କେତେଦିନ ॥
ଚାରିଲକ୍ଷ ବତିଶ ଯେ ସହସ୍ର ବରଷ ।
ଏହା ଶୁଣିଣ ଆମ୍ଭଙ୍କୁ ଲାଗେ ବଡ଼ ତ୍ରାସ ॥
ଶୁକମୁନି ବୋଇଲେ ହେ ଶୁଣ ତପୋବନ୍ତ ।
ଧର୍ମରେ ଧାରଣା ଜାଣ ହେବ ଏ ଜଗତ ॥
ଧର୍ମରେ ଥିବାର ଲୋକ ପୋଡ଼ିବାର ସୁନା ।
ଅଧର୍ମରେ ଥିବାଲୋକେ ହୋଇଯାନ୍ତି ଚୂନା ॥
ଧର୍ମ ଚାରିଯୁଗେ ଦେଖ ଅଟଇଟି ସତ ।
ଅଧର୍ମରେ ଥିବାଲୋକ ଅଳ୍ପେ ହୋଏ ହତ ॥
ଧର୍ମ ରହିଥିଲେ ଯଶ ଆୟୁ ବୃଦ୍ଧି ହୋଇ ।
ଅଧର୍ମରେ ଅର୍ଜିଲେ ସେ ଅଳ୍ପେ ନାଶ ଯାଇ ॥
ଏଥି କଥାଏ କହିବା ମନଦେଇ ଶୁଣ ।
ଦ୍ୱାପରଯୁଗରେ ଥିଲ ଏକଇ ବ୍ରାହ୍ମଣ ॥
ସନ୍ତାନ ନିମନ୍ତେ ସେହି ହରସେବା କରି ।
ତାକୁ ପ୍ରସନ୍ନ ନୋହିଲେ କେଭେ ତ୍ରିପୁରାରି ॥
ବହୁତ ସେବା ପୂଜା ସେ କରେ ନିତି ନିତି ।
ଏକଦିନେ ଈଶ୍ୱରଙ୍କୁ କହିଲେ ପାର୍ବତୀ ॥
ଏ ବ୍ରାହ୍ମଣ ତୁମ୍ଭଙ୍କୁ ତ ବହୁ କରେ ସେବା ।
ପ୍ରସନ୍ନ ହୋଇଣ ତାକୁ ପୁତ୍ର ଦାନ ଦେବା ॥
ଈଶ୍ୱର ବୋଇଲେ ଆଗୋ ତାର କର୍ମେ ନାହିଁ ।
ତେଣୁକରି ତାହାକୁ ମୁଁ ପ୍ରସନ୍ନ ନୁହଇ ॥
ଉମା ବୋଇଲେ ଅକର୍ମୀଦାନୀ ଅଟ ତୁମ୍ଭେ ।
ନ ପାଇବାରୁ ସେବିଲ ତୁମ୍ଭଙ୍କୁ ସେ ଏବେ ॥
କର୍ମରେ ଥିଲେ ତାରତ ହୁଅନ୍ତା ନନ୍ଦନ ।
କାହିଁକି ତୁମ୍ଭଙ୍କୁ ସେବା କରନ୍ତା ବ୍ରାହ୍ମଣ ॥

Digitized by srujanika@gmail.com

ପ୍ରତ୍ୟହ ତୁମ୍ଭର ଶିରେ ବେଲପତ୍ର ଦେଇ ।
ତୁମ୍ଭ ଅଙ୍ଗଣା ଖରକେ ଶମନା ନ ହୋଇ ॥
ତାହାକୁ ତୁମ୍ଭେ କେତେ ଯେ ଦେଇଛ ବର୍ତ୍ତନ ।
ଏଥିକୁ ସେ ପୁଣି କିଛି ନ ମାଗିଲ ଧନ ॥
ସଂସାର ଜନମନ୍ତେ ସେ ଯେ ମାଗୁଅଛି ସୁତ ।
ତୁମ୍ଭେତ ନ ଶୁଣ ତାହା ବଧିର ସଂଯାତ ॥
ଜନ୍ମଦିନ ସେବା ପୂଜା କରେ ଯେ ଯାହାକୁ ।
ସେ ଯେବେ ଉପକାର ନ କରଇ ତାହାକୁ ॥
ତାହାର ସେ ଆରାଧନେ ସେବା ପୁଣ କରି ।
ଆପଣେତ ଭଥାଇଛ ଏହା ତ୍ରିପୁରାରି ॥
ନ ପାଶୋରି ଏବେ ତୁମ୍ଭେ ଯେନ ତାର ସେବା
ପ୍ରସନ୍ନ ହୋଇଣ ତାକୁ ପୁତ୍ରଦାନ ଦେବା ॥
ନୋହିଲେ ନିନ୍ଦା ପାଇବ ଜାଣ ଶୂଳପାଣି ।
କାହିଁକି ସଂସାରେ ସେବା କରିବେ ବା ପ୍ରାଣୀ ॥
ଉଠ ଉଠ ସ୍ୱାମି ଆହେ ବେଗହୋଇ ଯିବା ।
ପ୍ରସନ୍ନ ହୋଇଣ ତାକୁ ପୁତ୍ରଦାନ ଦେବା ॥
ଶୁଣିକରି ସଦାଶିବ ପ୍ରମୋଦିତ ହୋଇ ।
ପ୍ରିୟା ଭୁଜ ଧରି ବିଜେ କଲେ ଉମାସାଇଁ ॥
ଦେଖିଣ ବ୍ରାହ୍ମଣ ତାଙ୍କ ପାଦତଳେ ପଡ଼ି ।
ଉଠି ଉଭା ହୋଇଲା ସେ ଶିରେ କର ଯୋଡ଼ି ॥
କି ବର ମାଗୁଛୁ ବୋଲି ବୋଇଲେ ଈଶାନ ।
ବ୍ରାହ୍ମଣ ବୋଇଲା ମୋର ନାହିଁକା ସନ୍ତାନ ॥
ଶଙ୍କର ବୋଇଲେ ତୋତେ ଶତପୁତ୍ର ଦେବା ।
ସହସ୍ର ବରଷ ତାଙ୍କ ଆୟୁଷ କରିବା ॥
ନାନା ଉପଦ୍ରବମାନ କରିବେ ସେ ସୁତେ ।
ରାଜଦ୍ୱାରେ ବନ୍ଧାଇବେ ନିଶ୍ଚୟ ସେ ତୋତେ ॥
ସଂସାରେ ବହୁ ଅକର୍ମ ସେ ପୁତ୍ରେ କରିବେ ।
ଆବର ଗୋଟିଏ କଥା ଶୁଣ କହେ ଏବେ ॥
ମନକୁ ଅଇଲେ ତୋତେ ଦେବା ଏକ ସୁତ ।
ଷୋଳ ବରଷରେ ତାର ହୋଇବ ପ୍ରାଣ ହତ ॥
ମହା ପୁଣ୍ୟବନ୍ତ ପାଠ ଶାସ୍ତ୍ରେ ହେବ ଜ୍ଞାତା ।
ପଚାରିଲେ କହିବ ସେ ତନ୍ତ୍ରପୁର କଥା ॥
ବୃହସ୍ପତିର ସମାନେ ହୋଇବ ପଣ୍ଡିତ ।
ପଚାରିଲେ କହିବ ସେ ଚାରିବେଦ ଅର୍ଥ ॥
ଷୋଳବରଷରେ ନିଶ୍ଚେ ହେବ ସେ ନିଧନ ।
ବେଳ କଥା କହିଲୁଁ ହୋ ଯେବେଣ ତୋର ମନ

ଶୁଣିଣ ବ୍ରାହ୍ମଣ ବୋଇଲ ଶୁଣିମା ଗୋସାଇଁ ।
ମୋର ଭାର୍ଯ୍ୟାକୁ ଏ କଥା ପୁଛିଆସେ ଯାଇଁ ॥
ଶୁଣିକରି ଉମା ଶିବ ହେଲେ ହସ ହସ ।
ବୋଇଲେ ବେଗ ଘରଯାଇ ବେଗେ ପୁଛି ଆସ ॥
ଶୁଣିଣ ବ୍ରାହ୍ମଣ ଅତି ଶୀଘ୍ର ହୋଇ ଗଲା ।
ଶିବ ଯା କହିଲେ ସବୁ ଭାର୍ଯ୍ୟାକୁ କହିଲା ॥
ବ୍ରାହ୍ମଣୀ ବୋଇଲା ଆହେ ଶୁଣ ମୋର ଈଶ ।
ଆମ୍ଭର ଆସି ହୋଇଲା ବୃଦ୍ଧ ଯେ ବୟସ ॥
ଆଉ ଦଶ ବରଷରେ ଆମ୍ଭେ ମରିଯିବା ।
ଦୁଷ୍ଟ ଶତପୁତ୍ର ନେଇ କି ଫଳ ଲଭିବା ॥
ଯେବେ ଏକଗୋଟି ପୁତ୍ର ଗୁଣବନ୍ତ ହୋଇ ।
ସପ୍ତପୁରୁଷ ସେହୁ ଉଦ୍ଧାର କରଇ ॥
ମାତା ପିତାଙ୍କର ହେବ ହୃଦୟ ଚନ୍ଦନ ।
ସଂସାର ଲୋକେ ବୋଲିବେ ଦେଖି ଧନ୍ୟ ଧନ୍ୟ ॥
ଦୁଷ୍ଟ ପୁତ୍ରଗଣ ଯେବେ କୁଳେ ଜାତହୋଇ ।
ସଂସାରେ ତାହାକୁ ଭଲ ନ ବୋଲନ୍ତି କେହି ॥
ପାଠ ଶାସ୍ତ୍ର ନ ଜାଣିବେ ଆଉ ଧର୍ମପଥ ।
ଅତିହିଁ ଦାରୁଣ ମୂର୍ଖ ଅତି ଅପଣ୍ଡିତ ॥
ଏମନ୍ତ ଶତପୁତ୍ରଙ୍କୁ ନେବା କି କାରଣ ।
ମାତା ପିତାଙ୍କୁ ସେ ବଡ଼ ହୋଇବ ଦୂଷଣ ॥
ଏମନ୍ତ ସେ ଶତପୁତ୍ରେ ଆମ୍ଭର କି କାର୍ଯ୍ୟ ।
ଇହଲୋକେ ପରଲୋକେ ଉପୁଜିବ ଲାଜ ॥
ଶୂରବନ୍ତ ଗୁଣବନ୍ତ ପୁତ୍ର ଯେବେ ହେବ ।
ଅଳପ ବୟସରେ ସେ ମରି ପଛେ ଯିବ ॥
ଯେବେ ସମସ୍ତେ ବୋଲିବେ ତାକୁ ଧନ୍ୟ ଧନ୍ୟ ।
ତେବେ ସବୁଦିନେ ଜୀଇଥିବାର ସମାନ ॥
ଷୋଳବରଷରେ ସେହୁ ମରି ପଛେ ଯାଉ ।
ଗୁଣବନ୍ତ ପୁତ୍ରଗୋଟି ଆମ୍ଭ ଜାତ ହେଉ ॥
ପୁତ୍ରର ଆଗରେ ଆମ୍ଭେ ଯିବା ଯେବେ ମରି ।
ଆମ୍ଭର ଭାଗ୍ୟ କେତେକ କହିବ କି ପାରି ॥
ଯେବେ ଆମ୍ଭର ଆଗରେ ମରିବ କୁମର ।
ତେବେ ସେହୁ ପ୍ରଶଂସା ଯେ ପାଇବ ଅପାର ।
ସମସ୍ତ ଲୋକ ବୋଲିବେ ଏହାଙ୍କ ନନ୍ଦନ ।
ମରିଯାଇ ସ୍ୱର୍ଗପୁରେ ଅଛି ଧନ୍ୟ ଧନ୍ୟ ॥
ଏମନ୍ତେ ପ୍ରଶଂସାପଦ ପାଇବ ବହୁତ ।
ଈଶ୍ୱରଙ୍କୁ ବର ମାଗ ଗୁଣବନ୍ତ ସୁତ ॥

Digitized by srujanika@gmail.com

ତତକ୍ଷଣେ ବ୍ରାହ୍ମଣ ସେ ବେଗେ ଚଳିଗଲା ।
ପାଦେ ପଡ଼ ଉଠି ହାତ ଯୋଡ଼ ଉଭା ହେଲା ॥
ହସି ହସି ବ୍ରାହ୍ମଣଙ୍କୁ ପଚାରନ୍ତି ହର ।
କସ କସ କହିଲୁ ଯେ ଭାରିଯା ତୋହର ॥
ବେଗେକର କହ ବର ଦେବା ତୋତେ ସୁତ ।
ଯେଉଁପର ତୋରବାଞ୍ଛା ହେବ ସେହିମତ ॥
ଏମନ୍ତ ବୋଲି କହନ୍ତି ଯହୁଁ ଶୂଳଧର ।
ତହୁଁ ବ୍ରାହ୍ମଣ ବୋଇଲା ଯୋଡ଼ ବେନି କର ।
ଭାରିଯା ମୋର ବୋଇଲା ଗୁଣବନ୍ତ ସୁତ ।
ମାଗ ପ୍ରସନ୍ନ ହୋଇଲେ ଯେବେ ଶୂଳହସ୍ତ ॥
ଅଗୁଣବନ୍ତ ଆମ୍ଭର ଶତପୁତ୍ର ନୋହୁ ।
ଗୁଣବନ୍ତ ଏକଗୋଟି ପୁତ୍ର ଜାତ ହେଉ ॥
ଯେ ପୁତ୍ରର ଗୁଣ ହେବ ଜଗତେ ବିଖ୍ୟାତ ।
ଏମନ୍ତ ପୁତ୍ର ଆମ୍ଭଙ୍କୁ ଦିଅ ବିଶ୍ୱନାଥ ॥
ଏମନ୍ତ ବୋଲିଣ ମୋର ବୋଇଲା ଘରଣୀ ।
ଗୁଣବନ୍ତ ପୁତ୍ରଗୋଟି ଦିଅ ଶୂଳପାଣି ॥
ଶୁଣିଣ ସନ୍ତୋଷ ମନ ହେଲେ ତ୍ରିପୁରାରି ।
ବୋଇଲେକ ଭାଗ୍ୟବତୀ ଅଟଇ ତୋ ନାରୀ ॥
ଯେସନେକ ତୋର ବାଞ୍ଛା ହେଉ ଏକ ପୁତ୍ର ।
ଏମନ୍ତ ବର ଦେଇଣ ଗଲେ ଉମାକାନ୍ତ ॥
ବର ପାଇ ସେ ବ୍ରାହ୍ମଣ ଗଲା ନିଜପୁର ।
ସମସ୍ତ କହିଲା ତାର ଭାରିଯା ଆଗର ॥
ଶୁଣିଣ ବ୍ରାହ୍ମଣୀମନ ହୋଇଲା ହରଷ ।
ଆନନ୍ଦରେ ବେନି ପ୍ରାଣୀ ଶିବେ କଲେ ଆଶ ।
ଏମନ୍ତ ହୋଇଣ ତହୁଁ କେତେ ଦିନ ଗଲା ।
ବ୍ରାହ୍ମଣ ଘରଣୀର ଯେ ଗର୍ଭବାସ ହେଲା ॥
ଦଶମାସ ସମ୍ପୂର୍ଣ୍ଣରେ ପୁତ୍ର ହେଲା ଜାତ ।
ରୂପ ସୌନ୍ଦର୍ଯ୍ୟରେ ତାକୁ ନାହିଁ ତୁଳାଇତ ॥
ଦେଖିକରି ମାତା ପିତା ହେଲେ ଆନନ୍ଦିତ ।
ଚନ୍ଦ୍ର ଉଦୟେ କୁମୁଦ ଯେହ୍ନେ ପ୍ରଫୁଲ୍ଲିତ ॥
ଦିନକୁଦିନ ବର୍ଦ୍ଧିତ ହୋଇଲା ନନ୍ଦନ ।
ଶୁକ୍ଳପକ୍ଷେ ଚନ୍ଦ୍ରମା ବଢ଼ଇ ଯେସନ ॥
ସପତ ବରଷରେ ସେ ହେଲା ବିଦ୍ୟାବନ୍ତ ।
ପଢ଼ିକରି ଜାଣିଲା ସେ ସର୍ବ ଶାସ୍ତ୍ର ଅର୍ଥ ॥
ଚଉଦିଗେ ବିଖ୍ୟାତ ଯେ ହେଲା ନାମ ତାର ।
ଦେଖିବାକୁ ଆସନ୍ତି ଯେ ଭାଗ୍ୟବନ୍ତ ନର ॥

ଧନ୍ୟ ଧନ୍ୟ ବିଦ୍ୟାରେ ସେ ହେଲା ପରିପୂର୍ଣ୍ଣ ।
ଦେଖି ପ୍ରଶଂସା କରନ୍ତି ତାକୁ ସର୍ବଜନ ॥
ଏମନ୍ତ ହୋଇଲା ଆସି ପନ୍ଦର ବରଷ ।
ମାତା ପିତା ଦୁହିଙ୍କର ଉଡ଼ିଲା ସାହସ ॥
ଆଉ ବରଷକେ ଆମ୍ଭ ପୁତ୍ର ମରିଯିବ ।
କି କରିବା ଦେଖାଇଣ ହରିବ ଦଇବ ॥
ଏହାପରା ପୁତ୍ର ଯେବେ ହେବ ପ୍ରାଣ ନାଶ ।
ଆମ୍ଭେ ଜୀଇଥାଇ ଆଉ କରିବାଟି କିସ ॥
ଏହି ପୁତ୍ର ଆଗେ ଆମ୍ଭେ ଯେବେ ଯିବା ମରି ।
ତାର ଦେଖନ୍ତେ ଯାଆନ୍ତେ ଏ ସଂସାରୁ ତରି ॥
ବ୍ରାହ୍ମଣୀ ବୋଲେ ବିଚାର କର ଆଉ କିସ ।
ଆମ୍ଭ ଜୀଇବାରେ ଆଉ ଫଳ ନାହିଁ ଲେଶ ॥
ଆମ୍ଭେ ମଲେ ଗତି ମୁକ୍ତି କାରଣ କରିବ ।
ପଛେ ତାହାକୁ ଯାହା କରୁ ସେ ଦଇବ ॥
ଆମ୍ଭେ କି ଦେଖି ଅଛିବା ଆଉ ତାକୁ ବେଳେ ।
ତାହାର ମରଣ ଆମ୍ଭେ ନ ଦେଖିବା ହେଲେ ॥
ବ୍ରାହ୍ମଣ ବୋଇଲା ତୁହି ଶୁଣ ଗୋ ସଙ୍ଗାତ ।
ବିଷ ଖାଇଣ ହୋଇବା ଯେବେ ପ୍ରାଣେ ହତ ॥
ଆମ୍ଭଙ୍କୁ ଲାଗିବ ନିଶ୍ଚେ ଆତ୍ମହତ୍ୟା ଦୋଷ ।
ଦେହ ଅନ୍ତେ ନରକରେ ହେବ ଆମ୍ଭବାସ ॥
ଅନେକ ଯତନେ ଏହି ପ୍ରାଣ ରଖିଥିବ ।
ଜାଣିକରି ମରିଲେ ଯେ ନର୍କେ ହୁଏ ଠାବ ॥
ପ୍ରାଣିଙ୍କର ପ୍ରାଣ ଛାଡ଼ି ଗଲେ ଶୁଭଠାବରେ ।
ତେବେ ସେହି ଲୋକ ଯାଇ ବସେ ସ୍ୱର୍ଗପୁରେ
ବ୍ରାହ୍ମଣୀ ଯେ ପଚାରଇ କେଉଁ କେଉଁଠାରେ ॥
ମଲେ ସ୍ୱର୍ଗେ ବସଇ କହ ମୋ ଆଗରେ ।
ବ୍ରାହ୍ମଣ ବୋଇଲା ତୁହି ଶୁଣ ପ୍ରାଣସହି ।
ପତି ସଙ୍ଗେ ସତୀ ଯେବେ ଅନଳେ ପଶଇ ॥
ତାହାକୁ ବିଷ୍ଣୁଲୋକ ଯେ ହୁଏ ପରାପତ ।
ଆହୁରି କଥାଏ ତୁହି ଶୁଣ ଗୋ ସଙ୍ଗାତ ॥
କ୍ଷତ୍ରିନୃପଣ କରିଣ ଶସ୍ତ୍ର ଯେବେ ଧରି ।
ଏକମନ ହୋଇ ଯୁଦ୍ଧ କରେ ଆଗସରି ॥
କିଅବା ମାରଇ କିବା ମରେ ପରହାତେ ।
ଏହିପରି ମରିଲେ ସେ ବସେ ସ୍ୱର୍ଗପଥେ ॥
ସ୍ୱର୍ଗରେ ବସଇ ସେହୁ ଦେବତାଙ୍କ କତି ।
ବହୁତ ଦଣ୍ଡ କରନ୍ତି ତାକୁ ସୁରପତି ॥

Digitized by srujanika@gmail.com

ବହୁମେତେକ ରତ୍ନ ଯେବୁ ଦାନ ପୁଣ୍ୟ କରେ ।
ଏପରି ଲୋକ ମରିଲେ ବସେ ସ୍ୱର୍ଗ ପୁରେ ॥
ଗଙ୍ଗାରେ ଯେ ଲୋକ ଝାମ ଦେବ ଜାଣିକରି ।
ବାଞ୍ଛାସିଦ୍ଧି ପ୍ରାପତରେ ବସେ ସ୍ୱର୍ଗପୁରୀ ॥
ଶୁଣିଣ ଏସ ବ୍ରାହ୍ମଣୀର କିଛିହେଁ ନ ସ୍ଫୁରି ।
ଚିନ୍ତାଭରେ ବେନିପ୍ରାଣୀ ହେଲେ ମଳସରି ॥
ମାତା ପିତାଙ୍କୁ ବଚନ ଯେ ବୋଇଲା କୁମର ।
ଦୁର୍ବଳ ଦିଶୁଛିକି ଏତେଣ ତୁମ୍ଭର ଶରୀର ॥
ଏଥିର କାରଣ ତୁମ୍ଭେ ଫେଡ଼ି କହ ମୋତେ ।
ନୋହିଲେ ଅନ୍ନ ଆଜ ନ ଭୁଞ୍ଜିବି କଦାଚିତେ ॥
ଏହା ଶୁଣି ମାତା ପିତା କହିଲେ ବଚନ ।
ପଞ୍ଚାଳବର୍ଷରେ ମରିବୁ ତୁହିଁ ରେ ନନ୍ଦନ ॥
ଏବେ ହେଲଣି ତୋହର ପନ୍ଦର ବରଷ ।
ଆଉ ବରଷେକ ରହିଲା ଅଛି ତୋ ଅୟୁଷ ॥
ତେଣୁକରି ଚିନ୍ତାରେ ଯେ ଆମ୍ଭ ଦେହ ହୀନ ।
ପୁଣି ପ୍ରାଣ ଆମ୍ଭର ନ ଯାଏ କିମ୍ପା ଛାଡ଼ି ॥
ଶୁଣିକରି ତାହାଙ୍କୁ ସେ ବୋଲଇ କୁମର ।
ଏଥିକୁ ମନରେ ଚିନ୍ତା ଆନ ନ ବିଚାର ॥
ହୋଇବାର କଥା କିଏ ଚିନ୍ତା କଲେ ଯାଇ ।
ଯାହାର କର୍ମେ ଯେମନ୍ତ ଲେଖିଅଛି ବିହି ॥
ଚିନ୍ତା କରିବାରେ ଆଉ କାହିଁ କିଛି କାର୍ଯ୍ୟ ।
ବିପରି କାଳରେ ଯେବେ ହୋଇବା ଅଧୈର୍ଯ୍ୟ ॥
ପୁତ୍ରବାକ୍ୟ ମାତାପିତା ବୋଇଲେ ଏସନ ।
ଧନ ସମ୍ପଦରେ ବାଞ୍ଛା ଅଛି କି କାରଣ ॥
ତୁମ୍ଭେ ଜୀଇଥିଲେ ସିନା ଅଛି ଆମ୍ଭ ସବୁ ।
ଏଥିକି ବିକଳ୍ପ କାହିଁ ଆମ୍ଭେମାନେ ବାବୁ ॥
ଏହା ଶୁଣି ବୋଲେ ପୁତ୍ର କରେ ସର୍ବଧନ ଦେଇ ।
ଲେଖାଏକ ହୋଇଲା ଧନ ସହସ୍ର ବାରାହ ॥
ତିନି ଦିନରେ ଶ୍ରୀରାମ ଏକ ଦାନ ଦେଇ ।
ଏମନ୍ତ ଦାନୀ ନ ଥିବେ ସଂସାରରେ କେହି ॥
ଦାନଗ୍ରାହୀମାନେ ଯାନ୍ତି କରିଣ କଲ୍ୟାଣ ।
ଚିରଜୀବୀ ହୋଇ ତୁହି ବଞ୍ଚିରେ ନନ୍ଦନ ॥
ତୁଳମାସେ ଦାନ କଲା କୋଡ଼ିଏ ବାରୋହ ।
ଅନ୍ନ ବସ୍ତ୍ର ଦାନମାନ ଜାତ ସେ କରଇ ॥
ଦେଶବିଦେଶର ଲୋକମାନେ ଅଇଲେ ଅପାର ।
ଏମନ୍ତ ହୋଇଣ ମାସ ଗଲାକ ଏଣାଇ ॥

ଆଉ ମାସେକ ଅଛଇ ତାହାର ଅୟୁଷ ।
ଏମନ୍ତ ସମୟେ ଆସି ହେଲା ମାଘମାସ ॥
ପୋଖରୀ ଗୋଟିଏ ଥିଲା ଗ୍ରାମର ପ୍ରାନ୍ତର ।
ଉତ୍ତମ କରିଣ କର୍ତ୍ତା କଲା ବିପ୍ରବର ॥
ଚଉପାଖେ ରଚିଅଛି ଧର୍ମଶାଳାମାନ ।
ବହୁ ଛାମୁଣ୍ଡିଆ କଲା ଯତନେ ରଚନ ॥
ହାଣ୍ଡି ତଣ୍ଡୁଳ ଲବଣ ଆଉ ଘୃତ ଜାଇ ।
ନବାତ ଗୁଡ଼ ପଇଡ଼ ଛେନା ଦୁଧ ଦହି ॥
କମଳା ନାରଙ୍ଗ ଟଭା କଦଳୀ ବହୁତ ।
ସମସ୍ତ ପଦାର୍ଥ କର୍ତ୍ତା କଲା ବିପ୍ରସୁତ ॥
ଚରଣ୍ଡ ହେବାକୁ ଲୋକ ରଖିଲା ସେ ନେଇ ।
ଯେ ଯାହା ମାଗିବେ ଦେବ ନ କରିବ ନାହିଁ ॥
ସାଧୁ ସନ୍ଥଜନ ଆଉ ତପୀ ବ୍ରହ୍ମଚାରୀ ।
ଯୋଗୀ ସନ୍ନ୍ୟାସୀ ଆବର ଅତିଥ ଭିକାରୀ ॥
ବହୁ ବିପ୍ରଙ୍କୁ ଆଣିଲା କରି ନିମନ୍ତ୍ରଣ ।
ବେଦମନ୍ତ୍ରରେ ଜ୍ଞାତା ଯେ ଅଟନ୍ତି ବ୍ରାହ୍ମଣ ॥
ଯେ ଯାହା ଅନୁରୂପରେ ବସା ସର୍ଥ୍ୟା ଦେଇ ।
ରହିଲେ ଯେ ଯାହାରୂପେ ତୁଷ୍ଟମନ ହୋଇ ॥
ହରିଙ୍କ ନାମ କରନ୍ତି ସର୍ବେ ଉଚ୍ଚାରଣ ।
ଭଗବତଙ୍କୁ ସର୍ବଦା କରନ୍ତି ପଠନ ॥
ସବୁଙ୍କର ମୁଖେ ଶୁଭେ ହରି ହରି ଧ୍ୱନି ।
ସେ ନାମ ଶବ୍ଦ ପୂରିଛି ଆକାଶ ମେଦିନୀ ॥
ପ୍ରାତଃ କାଳରେ ମକର ସ୍ନାହାନ ସାରନ୍ତି ।
ରାତ୍ରଦିବା ଗୋବିନ୍ଦଙ୍କ ପୂଜନ କରନ୍ତି ॥
ଏମନ୍ତେ ସମସ୍ତଙ୍କୁ ସେ ସଂଚାର କରାଇ ।
ଆପଣେ ବସିଲା ବିପ୍ର ଶୁଚିମନ୍ତ ହୋଇ ॥
ଆଉ ଦୁଇଦିନ ତାର ଅଛଇ ଆୟୁଷ ।
ଦିନ ଦିନ ଦାନପୁଣ୍ୟ କରଇ ବିଶେଷ ॥
ଅନଳରେ ଘୃତ ଦେଲା ବିହଙ୍କି ସୁମରିଣ ।
ତତକ୍ଷଣେ ପ୍ରବେଶିଲେ ସାବିତ୍ରୀ ରମଣ ॥
ଶିବଙ୍କୁ ଧ୍ୟାଇ ଅଗ୍ନିରେ ଯେବେ ଦେଲା ଘୃତ ।
ବୃଷବାହନେ ଅଇଲେ ଦେବ ଶୂଳହସ୍ତ ॥
ପୁଣି ସେ ଅଗ୍ନିରେ ଘୃତ ଦେଲାକ ସୁମରି ।
ଅଇଲେକ ସୁରଗଣ ଚଢ଼ିଲା ରଥଧାରୀ ।
ଅନ୍ତ ଆକାଶେ ରହିଲେ ସେ ସକଳେ ସୁର ।
ଆନନ୍ଦ କଥାଇ ଦେଖି ସବୁଙ୍କୁ ସୁନ୍ଦର ॥

ହିବର୍ଣ୍ଣାଗ ପାଇଣ ସେ ଅଇଲେ ସମସ୍ତେ ।
ତାକୁ ନେବାକୁ ଅଇଲେ ଚଣ୍ଡ ଯମଦୂତେ ॥
ଧରିପ ନ ପାରି ଦୂତେ ବାହୁଡ଼ିଣ ଗଲେ ।
ଯନ୍ତୁପତିର ଅଗରେ ସମସ୍ତ କହିଲେ ॥
ଶୁଣିଣ ଯନ୍ତୁପତି ସେ କ୍ରୋଧଭର ହୋଇ ।
ଆପଣେ ଅଇଲ ଯମ ମହିଷି ଆରୋହି ॥
କରେ କାଳଦଣ୍ଡ ପୁଣି ମୁଖ ବିକରାଳ ।
ଗଳାରେ ଲମ୍ବିଛି ତାର ମନ୍ଦାରର ମାଳ ॥
ଦେଖିକରି ବିପ୍ର ସେ କରେ ଜନ୍ତୁପତ ।
ଏମନ୍ତ ହୋଇଣ ଜଣେ ନ ଥିବ କେ ଷିତି ॥
ଏହି ସମୟରେ ଛୁଟେ ବ୍ରାହ୍ମଣର ସୁତ ।
ଚିରଞ୍ଜିବ ହୁଅ ବୋଲିଣ ବୋଲେ ଯନ୍ତୁନାଥ ॥
ଏମନ୍ତ ବୋଲି କଲ୍ୟାଣ ସର୍ବେ କଲେ ଯହିଁ ।
ଶିବଗଣ ବୋଲନ୍ତି ସେ ଏହା ହେଉ ହୋଇ ॥
ତତକ୍ଷଣେ ବିଧାତାର ଆଗେ ନାଶକର ।
ବୋଇଲ ଶୁଣିମା ହେଉ ପ୍ରଭୁ ମୋର ଗଉ ॥
ଏହି ବିପ୍ର ପୁତ୍ରର ସେ ଆଜ ମୃତ୍ୟୁକାଳ ।
ଆପଣମାନେ ଚିରଞ୍ଜୀବୀ ବୋଇଲେ ସକଳ ॥
କେମନ୍ତ କରିଣ ତାକୁ ନେବ ଆଜ ମୁହିଁ ।
ତେଣୁକରି ତୁମ୍ଭ ଆଗେ ଏହା କହିଲଇଁ ॥
ଆୟୁଷ ଶେଷ ହୋଇଲେ ମୋର ଅଧିକାର ।
ଆପଣେ ଏ ଆଜ୍ଞା ଦେଇ ଅଛ ବେଦବର ॥
ଶୁଣିକରି ଯମକୁ ସେ ବୋଇଲେ ଦଇବ ।
ତୁହି ପ୍ରଥମେ ବୋଇଲୁ ହୁଅ ରେ ଚିରଜୀବ ॥
ଆମ୍ଭର ବୋଲ କରିବା ଆମ୍ଭେ କର୍ତ୍ତା ନାସ୍ତି
ସହସ୍ର ବରଷ ଯାଏ ଥାଉ ଏହି ବଞ୍ଚି ॥
ଏତେକ ଶୁଣିଲେ ଯମ ତୁହି ଯାକୁ ନେବୁ ।
ହରନ୍ତ୍ରେ ନେ ଉତ୍ତମ ସ୍ନେହ ନେଇ ଦେବୁ ॥
ଦେଖ କେମନ୍ତ କରୁଛି ଏହି ବିପ୍ରସୁତ ।
ତେଣୁକରି ତାହାପ୍ରତି ହେଲୁ ତୋଷଚିତ୍ତ ॥
ସେତେ କର୍ମମାନ ଏହୁ କଲକ ଚାତୁତ ।
ତେଣୁକରି ଧର୍ମେ ତାର ହୋଇଲ ଉଦତ ॥
ସେହି ପୁତ୍ରକୁ ସହସ୍ରେ ବରଷ ଆୟୁଷ ।
ଆମ୍ଭର ହୃଦଗତିତ ସେ ହେଲ ପରକାଶ ॥
ସହସ୍ରେ ବରଷକୁ ଏ ଆୟୁ ପାଇ ଥାଉ ।
ଅଧର୍ମ ଆଚରିଲେ ସେ ଅଳ୍ପେ ନାଶ ଯାଉ ॥
ଯେଣୁ ସୁଧର୍ମ ମାର୍ଗରେ ଚଳିଲା କୁମର ।
ତେଣୁକରି ପରମାୟୁ ବୃଦ୍ଧି ହେଲା ତାର ॥
ଏଥିକୁ ବିପ୍ରର ତୁହି କର ଜନ୍ତୁପତି ।
ଶୁଣିକରି ନାଶକର ସନ୍ତୋଷିତ ମତି ॥
ଏମନ୍ତ କହି ଚଳିଲେ ସେ ଯାହା ଭୁବନ ।
କହନ୍ତି ଶୁକ ଧର୍ମର ଏତେବଡ ଗୁଣ ॥
ଷୋଳବରଷକୁ ଦେଲେ ସହସ୍ରେ ବରଷ ।
ଧର୍ମ ଆଶ୍ରିତେ ବଢ଼ିଲା ବ୍ରାହ୍ମଣର ଶିଷ ॥
ଗୁରୁଲକ୍ଷ ବତିଶ ସେ ସହସ୍ର ବରଷ ।
ବାର ସହସ୍ର ବର୍ଷରେ କଳି ହେବ ଶେଷ ॥
ଦୁଷ୍ଟଙ୍କ ଭର ନ ସହି ଦେବୀ ବସୁନ୍ଧରୀ ।
ବହୁ ଆୟୁ ଥିଲେ ସୁଧା ଅଳ୍ପେ ଯିବେ ମରି ॥
ଶୁଣିକରି ଆନନ୍ଦିତ ସର୍ବ ମହାଋଷି ।
କହେ ମାଧବ ଉଦ୍ଧର ମୋତେ ବ୍ରହ୍ମଋଷି

କଳିଯୁଗର କ୍ଷୟ ବିବରଣ ।

ଶୁକମୁନିଙ୍କି ପୁଚ୍ଛନ୍ତି ପୁଣି ଋଷିଗଣ ।
ଏ ଉତ୍ତାରୁ କଳିରେ ସେ ହେବ କି ଘଟନ ॥
କେତେକାଳ ଗଲେ କଳି ହୋଇବ ସେ ଶେଷ
କେତେକାଳେ ଆମ୍ଭର ସେ କଷ୍ଟ ହେବ ନାଶ ॥
ଗୁରୁଲକ୍ଷ ବତିଶ ସେ ସହସ୍ର ବରଷ ।
ଏ ମଧ୍ୟେ ଆମ୍ଭର ଆୟୁ କେତେକ ବରଷ ॥
ବଦନ୍ତି ଶୁକ ଶୁଣ ସିଦ୍ଧଋଷିଗଣ ।
ଧର୍ମରେ ବଢ଼ିତ ହୁଏ ପାପେ କ୍ଷୟ ଜାଣ ॥
ଦଶସହସ୍ର ବରଷ ଶେଷେ ନରହରି ।
ନୀଳାଚଳ ତେଜି ପ୍ରଭୁ ଯିବେ ଅପସରି ॥
ପାଞ୍ଚହଜାର ବରଷେ ଗଙ୍ଗା ହେବେ ଲୋପ
ଏହି ସମୟେ କରିବେ ଲୋକେ ବହୁ ପାପ ॥
ତହୁଁତ ଅନ୍ୟାୟମାନ ହୋଇବ ସଂସାରେ ।
ଦେବତାମାନେ କେହି ନ ଥିବେ ପୃଥିବୀରେ ॥
କେବଳ ପାପମାନ ହୋଇବ ବିଶେଷ ।
ପିତା ଦୁହିତାରେ ଜାତ ହେବ ରତିରସ ॥
ମାତା ସହିତେ କୁମର ପୀରତି କରିବ ।
ଭଉଣୀକି ବଳତ୍କାରେ ଧରି ସେ ହରିବ ॥
ମାଉସୀ ପିଉସୀ ଆଉ ଖୁଡ଼ି ମଉଳାଣୀ ।
ଭଣଜା ପୁରୁଷଙ୍କୁ ସେ ଇଚ୍ଛିବେ ରମଣୀ ॥

Digitized by srujanika@gmail.com

ବ୍ରହ୍ମାଣ୍ଡ ବାଉଳ ମଙ୍ଗତରେ ପ୍ରୀତ ।
ଜାତିଜାତିକ ଲୋକେ ଯେ ହେବେ ବଡ଼ଜାତ ॥
ମାନ୍ଧାର ଜାତି କୁଳର ଗୋତ୍ର ପର୍ବ ନାହିଁ ।
ସେହିମାନେ ବଡ଼ ହେବେ ପଣ୍ଡିତ ପଣାଇ ॥
ଗୁରୁଦେବତାଙ୍କୁ କାଟିଣ ହେବେ ବଇଷ୍ଣବ ।
ମନ୍ତ୍ର ଉପଦେଶ ଦେବେ ଯାଇଁ ସର୍ବଠାବ ॥
ଉତ୍ତମଲୋକେ ଯେ ହେବେ ତାକୁ ଦଣ୍ଡବତ ।
ପାପକୁ ତାଙ୍କ ମନରେ ନ ଥିବ ଯେ ଭୀତ ॥
ରାମ ଗୋବିନ୍ଦ ବୋଲି ସେ ନ ବୋଲିବେ ତୁଣ୍ଡେ ।
ଏହିରୂପେ ବର୍ତ୍ତିଥିବେ ସେ ମୂର୍ଖ ପାଷଣ୍ଡେ ॥
ଗୁରୁ ବୋଲାଇବେ ସେହୁ ଦେଶ ଦେଶ ଯାଇ ।
ଶୁଣିଲ କଥାମାନ ସେ କଳିପ୍ରାୟ କହି ॥
ନୀଚକୁଳ ଲୋକମାନେ ଯେ ଜାତି ଲୁଚାଇବେ ।
ଉତ୍ତମ ଜାତି ଆମ୍ଭେ ବୋଲି କହୁଥିବେ ॥
ଉତ୍ତମ ଜାତିରୁ ସେ ଯେ କନ୍ୟାମାନ ନେଇ ।
କହୁଥିବେ ଲୋକଙ୍କୁ ସେ ସ୍ଥିତିକି ଫୁଲାଇ ॥
ପାପ ପୁଣ୍ୟକୁ ତାଙ୍କ ନ ଥିବ କିଛି ଭ୍ରାନ୍ତି ।
କହୁଥିବେ ଆମ୍ଭେ ସେ ଯେ ଅଟୁ ଭଲଜାତି ॥
ଥୋଇଲା ଚୋରାଇଲା ଆଣି ଗୃହବାସେ ନେବେ ।
ଉତ୍ତମ ଘରର ଝିଅ ଆଣିଲୁଁ ବୋଲିବେ ॥
ଶଏବରଷର ବୃଦ୍ଧାବନିତାକୁ ଆଣି ।
ଧନଲୋଭରେ କରିବେ ତାହାକୁ ଘରଣୀ ॥
ଅଷ୍ଟଲୋହକାରେ ଯେବେ ଧନପତି ହେବେ ।
ସେହିମାନେ ଉତ୍ତମ ଯେ ଜାତି ବୋଲାଇବେ ॥
ଶ୍ୱଶୁରମାନଙ୍କୁ ଥୋକେ କରି ସହୋଦର ।
ବାସ କରିବେ ଜୁଆଁଇ ଶ୍ୱଶୁର ଗୃହର ॥
ମାତା ପିତା ସୋଦର ଏମାନେ ଦୂର ହେବେ ।
ଶ୍ୱଶୁର ଶଳା ପାଶରେ ଜୁଆଁଇ ରହିବେ ॥
ନୀଚଜାତି ଲୋକମାନେ ଯାଉଥିବେ ମାଡ଼ି ।
ସେମାନେ ବ୍ରାହ୍ମଣକୁ ନ ଦେବେ ବାଟ ଛାଡ଼ି ॥
ବ୍ରାହ୍ମଣମାନେ ତାହାଙ୍କୁ ବାଟ ଛାଡ଼ିଦେବେ ।
କହିଲେ ତାହାଙ୍କୁ ସେହୁ କଳି ଆରମ୍ଭିବେ ॥
ପଣ୍ଡିତ ଲୋକମାନଙ୍କୁ ମୂର୍ଖଲୋକମାନେ ।
ନିନ୍ଦା କରୁଥିବେ କେତେ ତମାଳି ବଚନେ ॥
ମହାସତୀମାନଙ୍କୁ ସେ ଦୋଷୁରଣୀ ନାରୀ ।
ନିନ୍ଦା କରୁଥିବେ କେତେ ମୁହଁଛଟା ମାରି ॥
ମହାସତୀମାନେ ତାଙ୍କ ଆଗେ କିଛି କଥା ।
କହି ନ ପାରିବେ ସେହୁ ନୁଆଁଇବେ ମଥା ॥
ଦୋଷୁରଣୀ ନାରୀମାନେ କରିଣ ବିଚାର ।
କରିବେ କୁଳସ୍ତ୍ରୀଙ୍କି ବଳେ ନାରଖାର ॥
ତେଣୁ କୁଳସ୍ତ୍ରୀମାନେ କୁଳେ ନ ରହିବେ ।
ବହୁପୁରୁଷଙ୍କ ସଙ୍ଗେ ସର୍ବଦା ମାତିବେ ॥
ଏହିପରି ବହୁତ ଯେ ହେବ ଉତ୍ପାତ ।
ସଂସାରେ ଅଧର୍ମମାନ ହୋଇବ ବହୁତ ॥
ତେଣୁକରି ପାଇବେ ସେ ଘୋର ଦୁରବସ୍ଥା ।
ଈଶ୍ୱରଦେବତାଙ୍କୁ ସେ କରିବ ଗୁହାରି ॥
ଆହେ ପ୍ରଭୁ ଦେବଦେବ ଶୁଣ ତ୍ରୈଲୋକ୍ୟନାଥ ।
ମୋହ ମୁଖରୁ ରୁଧିର ବହେ ଅବିରତ ॥
ନିଶ୍ଚୟ ମୁହିଁ ପଶିବି ରସାତଳେ ଯାଇ ।
ଏଥିରୁ ଉଦ୍ଧାର ମୋତେ ପ୍ରଭୁ ଦୟା ବହି ॥
ଆଉ ନ ସହିବି ମୁହିଁ ଏ ଅନ୍ୟାୟମାନ ।
ଏ ସକଳ କଥା ପ୍ରଭୁ ତୁମ୍ଭେ କି ନ ଜାଣ ॥
ଶୁଣିକରି ସଦାଶିବ ପିନାକୀକି ଗୁରୁ ।
ବୋଇଲେ ତୁମ୍ଭେ ବ୍ରହ୍ମାଣ୍ଡ ବୁଲି ଏବେ ଯାଅ ।
ବହୁତର ଉତ୍ପାତ ହୋଇଲେ ମନୁଷ୍ୟ ।
ଧର୍ମର ଆଉ କେହି ଯେ ନ ରଖିଲେ ଲେଶ ॥
ତୁମ୍ଭେମାନେ ଥୋକାଏକ କରିଦିଅ ତ୍ରାସ ।
ତେବେ ସେ ବସୁଧାମାତ ହୋଇବ ଉଲ୍ଲାସ ॥
ତା ଦେଖି ନରେ କରିବେ ତରେ ହୋମଦାନ ।
ନୋହିଲେ ଦେଶ ବହୁତ ହୋଉଛି ଅଧର୍ମ ॥
ଗ୍ରାମମାନଙ୍କରେ ଜରେ ପ୍ରବେଶ କରିବେ ।
ବ୍ରାହ୍ମଣେ ଭଲଭୋଜନ ନାନା ମଦ୍ୟ ଦେବେ ॥
ଯହିଁ ସେ ଧର୍ମର ମର୍ମ ହୋଇବେ ଅଜ୍ଞାତ ।
ତେଣୁ ଉତ୍ପାତ ହୋଇବ ବସୁନ୍ଧରା ମାତ ॥
ଏରୂପେ କଲେ ନରବା ହୋଇବ ନିବୃତ୍ତି ।
କିଛିତ ଧର୍ମ ରହିବ ସଭିଙ୍କର ଚିତ୍ତ ॥
କରୁଥିବେ ଦୟା ଧର୍ମ ଆଦି କର୍ମ ଯେତେ ।
ପାଶୋରି ଦେବତାଙ୍କୁ ନ ମାନିବେ ଯେ ଚିତ୍ତେ ॥
ନାନାଦି ଅକର୍ମମାନ କରିବେ ସେପରି ।
ତେଣୁ ଭୟ ପାଇବ ଯେ ଦେଶ ବସୁନ୍ଧରା ॥
ପ୍ରତି ବରଷରେ ନରେ ବହୁ ହେବେ ନାଶ ।
କୋଟି କୋଟି ହୋଇଥା ଯେ ହେଉଥିବେ ଶେଷ

Digitized by srujanika@gmail.com

ଏ ପାପରେ କଳିଯୁଗ ଅଳ୍ପେ ହେବ କ୍ଷୟ ।
କେତେ ଯେ କ୍ଷୟ ହୋଇବ ନୁହଇ ନିଶ୍ଚୟ ॥
ଶାଳଗ୍ରାମ ଧାଇଁବ ଯେବେ ଯୁବା ସ୍ତ୍ରୀ ।
ଶତେକ ଦିବସ ପୁଣି କଳି ଭୋଗ ସରି ॥
ଏ ପାପରେ କଳିଯୁଗ କ୍ଷୟ କେତେ ହେବ ।
ଅଧର୍ମିମାନ ଏଥିରେ ବହୁତ ହୋଇବ ॥
ବ୍ରାହ୍ମଣ ଜଣେକ ଯେବେ ହତ ହୋଇଯିବ ।
ଦୁଇଶତଦିନ କଳି ଯୁଗରୁ କଟିବ ॥
ପୁଣି ଗୋଟାଏକ ଗୋରୁ ଯେବେ ବଧହୋଇ ।
କଳିଯୁଗ ତିନିଶତ ଦିନ କ୍ଷୟ ଯାଇ ॥
କାଳେହେ ଗର୍ଭିଣୀ ସ୍ତ୍ରୀ ଯେବେ ଏକ ମରେ ।
ଚାରିଶତ ଦିବସଟି କଳି ଭୋଗ ସରେ ॥
ବାଳକ ଗୋଟିଏ ପୁଣି ଯେବେ ନାଶ ଯାଇ ।
ତିନିଶଦିବସ କଳି ଯୁଗରୁ ହଟଇ ॥
ଏମନ୍ତେ ମୁଁ ପାପକଥା କହିବଇଁ କେତେ ।
କଳିଯୁଗେ ଏହିରୂପେ ହେବ ନିତ୍ୟେ ନିତ୍ୟେ ॥
ଆହୁରି କ୍ଷୁଦ୍ର ପାପ ଯେ କରିବେ ବହୁତ ।
ତେଣୁକରି କଳିଯୁଗ କଷ୍ଟ ହେବ ହତ ॥
ଚନ୍ଦ୍ର ଗ୍ରହଣରେ କଳି ସପ୍ତଦିନ ଯାଏ ।
ସୂର୍ଯ୍ୟପରାଗେ କଳିରୁ ସପ୍ତଦିନ କ୍ଷୟେ ॥
ତିନିଶ ଷାଠିଏ ଦିନେ ହୁଅଇ ବରଷ ।
ବିଶାଶଏ ବର୍ଷ ହେବ ମନୁଷ୍ୟ ଆୟୁଷ ॥
ଅଧର୍ମ ଆଚରଣରେ ଲୋକେ ଯାନ୍ତି ମରି ।
ବହୁ ଅନ୍ୟାୟ କରିବେ ଏହି ନରନାରୀ ॥
ଏମନ୍ତ ଯେତେ କହିଲେ ସବୁ ଶୁକମୁନି ।
ନୈମିଷା ଅରଣ୍ୟେ ସର୍ବେ ବୋଧ ହେଲେ ଶୁଣି
ଗୋବିନ୍ଦଙ୍କ ଶ୍ରୀଚରଣେ ନିବେଦିଲେ ଚାହିଁ ।
ଏ କଳିଯୁଗେ ସହାୟ ହୁଅ ରମାକାନ୍ତ ॥
ଆହେ ସାଧୁଜନେ ସଦା ହରିନାମ ଭଜ ।
ହିଂସା କପଟ ଏ ସବୁ ହୃଦୟରୁ ତେଜ ॥
କାମକ୍ରୋଧ ଲୋଭ ମୋହେ କେଭେ ନୁହ ବନ୍ଧ
ପିଣ୍ଡରୁ ପ୍ରାଣ ଗଲେଟି ଯମ ନେବ ବାନ୍ଧି ॥
ଯାତନା ପଥରେ ପୁଣି ବହୁଦଣ୍ଡ ଅଛି ।
ବହୁଦଣ୍ଡମାନ ଯମ ତହିଁ ଦେବ ବାଛି ॥
ଗୋବିନ୍ଦର ନାମଗୋଟି ଅଟେ ସୁଧାରସ ।
ମୁଖରେ ଉଚ୍ଚାରି ସଦା କର୍ଣ୍ଣେ କର ଗ୍ରାସ ॥
ଏ ନାମ ରସାମୃତେ ନ କର ହେଳା ଖେଳା ।
ଭବସିନ୍ଧୁକୁ ଅଟଇ ହରିନାମ ଭେଳା ॥
ନ ପାରିଲେ ଦୂରଦେଶ ତୀର୍ଥ ନ ଯା କରି ।
ବସିବା ଠାବରେ ଏକା ଭଜ ଆଅ ହରି ॥
ଏହି ହୃଦୟରେ ସେହି କରନ୍ତି ବିହାର ।
ଅନ୍ତର୍ଗତେ ଭଜି ଦେଖ ଅଛନ୍ତି ରମାବର ॥
ନିକଟରେ ପୂରିଛନ୍ତି ଦୂରେ କିପାଁ ଯିବ ।
ସକଳ ଜୀବରେ ବିଜେ ପ୍ରଭୁ ବାସୁଦେବ ॥
ଧ୍ୟାନ ମାର୍ଗରେ ଯେବେ କି ନୟନରେ ଚାହିଁ ।
ଲୀଳାକରନ୍ତି ତ୍ରିକୂଟ ପୁରେ ଭବତ୍ରାହି ॥
ଲକ୍ଷ୍ମୀନାରାୟଣ ପ୍ରଭୁ ଅଛନ୍ତି ସେହି ପୁରେ ।
ବ୍ରହ୍ମ ରନ୍ଧ୍ରକୁ ଭେଦିଲେ ଦେଖିବ ସେ ଦ୍ୱାରେ ।
ପାଞ୍ଚଗୋଟି ପ୍ରକୃତିକୁ ବାନ୍ଧ ଯତ୍ନ କରି ।
ଏକାଏ ଗମିଲେ ତେବେ ଭେଟିବ ମୁରାରି ॥
ଜନ୍ମ ମରଣରୁ ସେହି ହେବ ମୁକ୍ତି ପାରି ।
ପଙ୍କଜ ଚରଣ ଯେହୁ ଥିବ ଆଶ୍ରାକରି ॥
ସୁମନ ବୋଇଲେ ଦେଖିବା ଅଟଇ ଦୁର୍ଗମ ।
ନାମ ଭଜନକୁ ଆଉ କେହି ନୁହେ ସମ ॥
ଭାଗ୍ୟେରେ ଥିଲେ ସିନା ହୋ ଦୟାଧର୍ମ କରି ।
ନୋହିଲେ ମୁଖେ ବୋଲୁଣ ଥିବ ରାମହରି ॥
ଏ ଦୁଇରୁ ଏକକଲେ ସୁରଲୋକେ ବାସ ।
ତାର ଦୃଷ୍ଟାନ୍ତରେ ଏକ ହୋଇଛି ପ୍ରକାଶ ॥
ଚକୁଆଣୀ ପକ୍ଷି ଯେ ନ ଛାଡ଼େ ଦୁଇ ମତ ।
ଦିବସେ ଆହାର ଆଦ ରାତ୍ରେ ବନ୍ଧୁ ଭକ୍ତ ॥
ଏମନ୍ତ ଲୋକ ମାନଙ୍କ ଧନ୍ୟ ଧର୍ମ ପୁଣ୍ୟ ।
ସୁରନଦୀ ଯେସନେକ ସଦା ବହେ ସମ ॥
ଗଙ୍ଗାଜଳ ପ୍ରାୟେ ସେହୁ ଅଟଇ ନିର୍ମଳ ।
ତାହାଙ୍କୁ ଆକର୍ଷଣ ନ କରେ ମାୟା ଜାଲ ॥
ଶୁଣିଣ ସନ୍ତୋଷ ହେଲ ସୁମନ ନୃମଣି ।
ମୁନିଗଣ ମଧ୍ୟ ଯାହା କହିଲେକ ମୁନି ॥
ଶୁଣିକରି ସନ୍ତୋଷ ଯେ ସର୍ବ ମୁନି ହେଲେ ।
ଶୁକମୁନିଙ୍କି ରାହିଣ ସନକ ପୁଚ୍ଛିଲେ ॥
ହେ ମହାମୁନି ତୁମ୍ଭେ ତ ବ୍ୟାସଙ୍କର ଶିଷ୍ୟ ।
ତୁମ୍ଭଙ୍କ ସମସ୍ତ କଥା ହୋଇଅଛି ଦୃଶ୍ୟ ॥
ଆଗମ ନିଗମ ଅଟେ ଯେତେକ ପୁରାଣ ।
ତୁମ୍ଭକଣ୍ଠେ ବାସକରେ ନୁହଇ ଏ ଆନ ॥

ଭୂତେମ୍ଭ ଯେ କହିଲ ମୁନି କଳିର ଭିବଷ ।
କେମନ୍ତ ହୋଇଣ କଳି ହୋଇବ ଯେ ଶେଷ ॥
କେଉଁବଣ ଜାତି କରିବେ କେତେ ଅଧିକାର ।
କେମନ୍ତ ଧର୍ମରେ ଏହୁ ଚଳିବ ସଂସାର ॥
କିରୂପରେ କଳିଯୁଗ ହୋଇଯିବ ଦୂର ।
ଶୁଣି ଆମ୍ଭଙ୍କୁ ଲାଗୁଛି ଅତିଶୟ ଡର ॥
କଳିଯୁଗରେ କି କର୍ମ କରିବେ ଆହୁର ।
ଏ ସର୍ବ ଚରିତ୍ର ମୋତେ କହିବ ବିସ୍ତାର ॥
ଏମନ୍ତ ପୃଚ୍ଛା କରିଲେ ସତ୍ଜନକ ଯତି ।
ତାଙ୍କ ସଙ୍ଗରେ ସମସ୍ତ ଋଷିଏ ଅଛନ୍ତି ॥
ଶୁଣି କରି ସାଧୁଜନେ ତୋଷ କରି ଚିତ୍ତ ।
କହନ୍ତି ମାଧବ ସୁମରି ପ୍ରଭୁ ଜଗନ୍ନାଥ ॥

ସୋମବଂଶର ଭୋଗବିଷୟ ବର୍ଣ୍ଣନ ।

ଏଥୁଅନ୍ତରେ କହନ୍ତି ବ୍ୟାସଙ୍କ ନନ୍ଦନ ।
ସାବଧାନ ହୋଇ ଶୁଣ ସର୍ବ ତପୋଧନ ॥
କଳିର ଆଦ୍ୟଭୋଗ ଯେ ସୋମବଂଶ କଲେ ।
ଉତ୍ତମ କରିଣ ସେହୁ ପରଜା ପାଳିଲେ ॥
ଏଗାରଶତ ବରଷ କଳି ଭୋଗ କରି ।
ଅଷ୍ଟାଦଶ ପୁରୁଷ ଯେ ହେଲେ ଦଣ୍ଡଧାରୀ ॥
ପରୀକ୍ଷିତଙ୍କର ବଂଶ ଏହିଠାରୁ ଗଲା ।
ଏ ଉତ୍ତାରୁ ଚନ୍ଦ୍ରଦ୍ୟୁମ୍ନ ନାମେ ରାଜା ହେଲା ॥
ତାହାଙ୍କର ବଂଶଲୋକେ ହୋଇଲେ ରାଜନ ।
ଚଉଦ ପୁରୁଷରେ ସେ ହୋଇଗଲେ ଲୀନ ॥
ମଗଧଦେଶରେ ସେହୁ ପୁଣ ହେଲେ ଜାତ ।
ପୁରଞ୍ଜୀନ ନାମରେ ସେ ହୋଇଲେ ବିଖ୍ୟାତ ॥
ରାଜାପଣେ ଚକ୍ରବର୍ତ୍ତୀ ମହା ପରିତାପ ।
ମନ୍ତ୍ରିକି ଦନେକ ରାଜା କଲା ମହାକୋପ ॥
ସେ ଅପମାନରେ ମନ୍ତ୍ରୀ ରାଜାକୁ ସଂହାରି ।
ତାହାର ପୁତ୍ରକୁ ସେହି କଲା ଦଣ୍ଡଧାରୀ ॥
ପାଞ୍ଚପୁରୁଷେ ତାଙ୍କର ବଂଶ ହେଲା ଶେଷ ।
ତାହାଙ୍କର ଭୋଗ ଶଏ ଷାଠିଏ ବରଷ ॥
ଏହାପରେ ଚନ୍ଦ୍ରଧ୍ୱଜ ହୋଇଲେ ରାଜନ ।
ଦଶପୁରୁଷରେ ସେହୁ ହୋଇଗଲେ ଲୀନ ॥
ତିନିଶ ଷାଠିଏଦିନ ଭୋଗ ସେ କରିଲେ ।
ବିଷ୍ଣୁ ନାମରେ ରାଜନ ପୁନରପି ହେଲେ ॥
ତିରିଶି ପୁରୁଷ ଭୋଗ କରିଲେ ସେ ରାଜା ।
ଛନ୍ଦକାଳ ସୁଖଭୋଗ କଲେ ତା ପରଜା ॥
ଆଠଶତ ଛୟାଶୀ ବର୍ଷ ଭୋଗ କରି ।
ଗୋପାଳ ନାମକ ରାଜା ହେଲେ ମଧୁପୁରୀ ॥
ସାତପୁରୁଷ ସେମାନେ ହୋଇଲେ ନୃପତି ।
ମୂର୍ଖପଣେ ହରାଇଲେ ଆପଣାର ପୃଥ୍ୱୀ ॥
ଶଏ ସତୁରି ବରଷ ସଙ୍ଗୁ ଭୋଗ ତାର ।
ଏଥିଉତ୍ତାରୁ ହୋଇଲେ ଶମ୍ଭୁ ନୃପବର ॥
ତାଙ୍କର ଦଶପୁରୁଷ ହୋଇଲେ ନୃପତି ।
ଚାରିଶତ ଛୟାଶୀ ବର୍ଷ ଭୋଗ କ୍ଷିତି ॥
ଏ ଉତ୍ତାରୁ ବନନାମେ ହୋଇଲେକ ରାଜା
ପୁତ୍ରହୁଁ ଅଧିକ କରି ପାଳିଲେ ପରଜା ॥
ପାଞ୍ଚଶ ତିରିଶବର୍ଷ ସେହି ଭୋଗ କଲେ ।
ତହିଁ ଉତ୍ତାରୁ ଅନନ୍ତନାମେ ରାଜା ହେଲେ ॥
ଅବନ୍ତିଦେଶରେ ସେହି ପାଇଲେକ ପୂଜା ।
ପାଞ୍ଚପୁରୁଷ ତାଙ୍କର ତହିଁ ହେଲେ ରାଜା ॥
ଏ ଉତ୍ତାରୁ ନନ୍ଦନାମେ ତହିଁ ରାଜା ହେଲା ।
ବହୁତ ଅନ୍ୟାୟରେ ପରଜା ପାଳିଲା ॥
ମ୍ଲେଚ୍ଛାଦ ଆଗ୍ରେରେ ସେହି ରାଜା ହୀନ ହୋଇ ।
ଅଧର୍ମ ଆଚରଣରେ ଭୋଗ କଲା ମହୀ ॥
ଷୋଳପୁରୁଷ କରିଲା ସେହି ରାଜପଣ ।
ଛଅଶବରଷ ପୃଥ୍ୱୀ କରିଲା ପାଳନ ॥
ତହିଁର ଉତ୍ତାରୁ ହିନ୍ଦୁଜାତି ହେଲେ ରାଜା ।
ସ୍ୱଧର୍ମପଣ କରିଣ ପାଳିଲେ ପରଜା ॥
ଆଗ୍ରେରେ ରହି ପାଳିଲେ ସେହି କିଛୁ ଧର୍ମ ।
ବେଦବାକ୍ୟରେ କରିଲେ ସେହି ସର୍ବ କର୍ମ ॥
ଦଶପୁରୁଷ ସେହି ଯେ ହୋଇଲେ ନୃପତି ।
ସାତଶବରଷ ସେହି ପାଳିଲେକ କ୍ଷିତି ॥
ତୁରୁକ ରାଜ୍ୟ ପାଳିଲେ ଚଉଦ ପୁରୁଷ ।
ମ୍ଲେଚ୍ଛାଦ ଅଗ୍ରେରେ ସେହୁ ଶାସିଲେକ ଦେଶ ॥
ପାଞ୍ଚଶ ବରଷ ଭୋଗ ହୋଇଲା ତାହାଙ୍କର ।
ମରହଟ୍ଟା କରିଲେକ ତହୁଁ ଅଧିକାର ॥
ଆଠପୁରୁଷ କରିଣ ସେହି ମହୀଭୋଗ ।
ତିନିଶ ତିରିଶ ବର୍ଷେ ସର୍ବେ ଗଲେ ସ୍ୱର୍ଗ ॥
ଯେତେବେଳେ ଏହାଙ୍କର ଭୋଗ ସରିଗଲା ।
ଫିରିଙ୍ଗି ଜାତିଙ୍କ ପୁଣି ଅଧିକାର ହେଲା ॥

Digitized by srujanika@gmail.com

ବଚନ ସତ୍ୟ କହି ସେ ଉଠିଗଲେ ।
ଏକୋଜାତ ପ୍ରାପ୍ତ କରି ସଭିଙ୍କୁ ମଣିଲେ ॥
ଗୋ ଛେଳି ମଦ ସେମାନେ କରିଲେ ଆହାର ।
ପ୍ରକୃତ କରି ସେମାନେ ନ ଯୋଜିଲେ ନାର ॥
ଜାତି ଜାତି ଗୋ ଛେଳି ବିଷ୍ଣୁ ବଧ କରି ।
ଭବ୍ୟାତ ପୃଥିବୀରେ ସେହୁ ହେବେ ଅଧିକାରୀ ॥
ନୃପତି କରଣ ମେଛୁ ନ ରଖିବେ କାହିଁ ।
ଫିରିଙ୍ଗି ବୋଲଣ ରାଜ୍ୟ ଝମକ ଦଆଇ ॥
ତେରପୁରୁଷ ତାଙ୍କର ମହୀ ଭୋଗ ହେବ ।
ତାଙ୍କର ପ୍ରତାପ ପୁଣି ସେଠାରୁ ବୁଡ଼ିବ ॥
ଛୁରଶତ ପଞ୍ଚାଶୋଇ ବର୍ଷ ଭୋଗ ସରେ ।
ରାଜା ହୋଇବେ ପୁନଶ୍ଚ ମୁଗଲ ତହିଁରେ ॥
ଏଗାରପୁରୁଷ ତାଙ୍କ ହେବ ଅଧିକାର ।
ବଳେ ବଳବନ୍ତ ସେହୁ ହେବେ ମହାବୀର ॥
ତିନିଶ ଛପନବର୍ଷ ଭୋଗିବେ ସେ ପୁଣ ।
ତାହାଙ୍କର ଭୋଗ କ୍ଷୟ ହୋଇଯିବ ଜାଣ ॥
କାହାର ଜାତ ଗୋତ୍ର ଯେ ନ ରଖିବେ କେହି
ସମସ୍ତ ଜାତ ରହିବେ ଏକାକାର ହୋଇ ॥
ଓଡ଼ିଆ ପଠାଣ ଦୁହେଁ ହୋଇବେ ଯେ ବନ୍ଧୁ ।
ସମସ୍ତ ଏକତ୍ର ହେବେ କାହାକୁ କେ ନିନ୍ଦୁ ॥
ସମସ୍ତଙ୍କ ଆଗ୍ରର ଯେ ହୋଇବ ଏକତ୍ର ।
ସଭିଙ୍କର ଘରେ ସର୍ବେ ଭୁଞ୍ଜିବେ ଯେ ଭାତ ॥
ଝିଅ ପୁଅ ଦଆ ନିଆ ବଭଘର ହେବ ।
ଯାହାର ମନକୁ ଯେଉଁ ଜାତ ଯୋଗାଇବ ॥
ନୀଚଜାତ ବୋଲି ଆଉ ନ ବୋଲିବେ କେହି ।
ଛୁଆଁ ଛୁଇଁରେ ବାରଣ ରହିବ ଯେ ନାହିଁ ॥
ଏହିରୂପରେ ତିନିଶ ଛପନ ବରଷ ।
ଭୋଗ ତାହାଙ୍କର ଯହୁଁ ହୋଇଯିବ ଶେଷ ॥
ଦୁଇଭାଇଙ୍କ ମଧ୍ୟରେ ଲଗିବ ଯେ କଳି ।
ଏକକୁ ଆରେକ ପୁଣି ହୋଇବେକ ମେଳି ॥
ଏମନ୍ତ ହେଉଣ ତହିଁ ଯିବ କେତେଦିନ ।
ଦୁଇଭାଗ କରିଣ ସେ ବାଣ୍ଟିନେବେ ସୈନ୍ୟ ॥
ବହୁତ ଘୋଡ଼ା ହାତୀ ଯେ ବହୁ ସୈନ୍ୟବଳ ।
ଦୁଇଭାଇଙ୍କ ଲାଗିବ ତହିଁ ରଣଗୋଳ ॥
ଷୋଳଶଲକ୍ଷ ଘୋଡ଼ା ଯେ ଦଶଲକ୍ଷ ଗଜ ।
ସତୁରିଲକ୍ଷ ପାଇକ ଦୁଇଦଳ ସଜ ॥

ଏମନ୍ତେ କରିବେ ଦୁଇ ଦଳ ରଣଗୋଳ ।
ପୃଥିବୀଦେବୀ କମ୍ପିବ ହୋଇ ଟଳ ଟଳ ॥
ଏମନ୍ତେ ଦ୍ୱାଦଶବର୍ଷ ଯାଏ ହେବ ରଣ ।
ପୃଥ୍ୱୀ ହଜିଯିବ ଆଉ ହେବ ରଣଭଣ ॥
ଘୋଡ଼ାଙ୍କର ପାଦଘାତେ ମହୀ ହେବ ନାଶ ।
ବହୁତ ପୀଡ଼ା ପାଇବେ ସକଳ ମନୁଷ୍ୟ ॥
ବୃଷ୍ଟି ହିଳ ପଡ଼ିବ ଯେ ହୋଇ କୁଡ଼ କୁଡ଼ ।
ବହୁ ଲୋକଙ୍କର ପ୍ରାଣ ନେବ ଯମଦୂତ ॥
ଦଶ ପାଞ୍ଚଗ୍ରାମରେ ଯେ ଲୋକ ଦୁଇ ଚାରି ।
ଏତେକ ରହିବେ ଆଉ ସର୍ବେ ଯିବେ ମରି ॥
ପଶ୍ଚିମଦେଶରେ ଏକା ଥୋକାଏ ରହିବେ ।
ବିଷ୍ଣୁ ଅଂଶେ ଯେତେଲୋକ ଜାତ ହୋଇଥିବେ
ଏହିପରି ଏକଶତ ବର୍ଷ ଭୋଗ ହେବ ।
ଗଙ୍ଗାନଦୀ ଉନୁଆନ ସ୍ରୋତ ନ ବହିବ ॥
ପୂର୍ବର ଗ୍ରାମମାନତ ନ ହେବ ଗୋଚର ।
ସଂସାରଯାକ ଭଙ୍ଗିଣ ହେବ ନାରଖାର ॥
କୋଶକେ ଦଶକେ ମାତ୍ରପାଞ୍ଚ ଘର ଥିବେ ।
ଅନ୍ୟଗ୍ରାମମାନ ଯେହୁ ବୁଲିଣ ଦେଖିବେ ॥
ଦେଉଳ ମଣ୍ଡପ ଆଉ ଗ୍ରାମମାନ ଚିହ୍ନି ।
ବୋଲିବେ ସର୍ବେ ମନୁଷ୍ୟ ଏଥେ ଥିଲେ ଚିହ୍ନି
ଏଥିଁ ଦେଉଳ ମଣ୍ଡପ ଦେବଗଣ ଥିଲେ ।
ବହୁଲୋକ ରହିଥିଲେ ଏଠି ପୂର୍ବକାଳେ ॥
ପୂର୍ବର ସର୍ଥିମାନତ ସବୁ ଅଛି ରହି ।
ନଦୀମାନଙ୍କୁ ସେମାନେ ବୋଲୁଥିବେ ଚିହ୍ନି ॥
ପୂର୍ବକାଳେ ଏ ବାଟରେ ନଦୀ ବହୁଥିଲା ।
ସେ ନଦୀ ସୋତ ହୋଇଣ ଆନ ନଦୀ ହେଲା ॥
ଏହି ପରକାରେ ସପ୍ତବର୍ଷ ବହିଯିବ ।
ସଂସାରଯାକ ପୂରିଣ ରହିବେ ମାନବ ॥
ବାଉନ ଆଙ୍ଗୁଳ ହେବେ ନରମାନେ ଉଚ୍ଚ ।
ବହୁତ ବୃଦ୍ଧି ହୋଇବ ସ୍ୱଭାବ ପ୍ରପଞ୍ଚ ॥
ସପତ ବୟ କ୍ରମରେ ହେବେ ଯୁବାସ୍ତ୍ରୀ ।
ଆଠବରଷରେ ତାଙ୍କୁ ବନ୍ଧାପନା କରି ॥
ଦଶବର୍ଷେ ହେବ ତାଙ୍କ ପୁଅ ଝିଅ ଜାତ ।
ଏହିପରି ସଂସାରରେ ହେବ ଆତଯାତ ॥
ଅଷ୍ଟବିଂଶ ବର୍ଷ ତାଙ୍କ ହେବ ପରମାୟୁ ।
ମ୍ଳେଚ୍ଛମାନଙ୍କୁ ଆଉ ନ କରିବେ କେହି ॥

Digitized by srujanika@gmail.com

ଧର୍ମଜାତିମାନ ଭଜି ଯିବଟି ସକଳ ।
ବଡ଼ ପୋଖରୀରେ ଆଉ ନ ରହିବ ଜଳ ॥
ଯେଉଁଠାରେ ରହିଥିବ ପୂର୍ବେକ ନୀର ।
ତୀର୍ଥବୋଲି କହୁଥିବେ ସେ କାଳର ନର ॥
ବେଦପୁରାଣ ଶାସ୍ତ୍ର ଆଦି ଗୁପ୍ତ ହୋଇବ ।
ତିଥିବାର ନକ୍ଷତ୍ର ଯେ ନ ଜାଣିବେ ସର୍ବ ॥
କାଶୀକ୍ଷେତ୍ରରେ ରହିବେ ବେଦବାଦ୍ୟା ଯେତେ
ଆଗମ ନିଗମ ଶାସ୍ତ୍ର ପୁରାଣ ସହିତେ ॥
ବାରମାସ ସାତବାର ପକ୍ଷ ରାଶି ତିଥି ।
ସତାଇଶ ନକ୍ଷତ୍ର ଯେ ବାରଣ କରନ୍ତି ॥
ପୀଡ଼ାପାଇ ବ୍ରହ୍ମଯାଗ ଯାଗ ଶୁଭକର୍ମ ।
ଦେବଶାନ୍ତ୍ର ନିମନ୍ତ୍ରେ ଯେ ହୋମଯଜ୍ଞଦାନ ॥
ଏ ସମସ୍ତ କାଶୀକ୍ଷେତ୍ରେ ରଖିବେ ଗୁପତେ ।
ଏମାନେ ପ୍ରଚଳ ପୁଣି ହୋଇବେ ଜଗତେ ॥
କାଶୀକ୍ଷେତ୍ର କଳିକାଳ ନ କରିବ ଗ୍ରସ୍ତ ।
ଯହିଁ ସେହୁ ଭୁବନରେ ବସେଜ ଶୂଳହସ୍ତ ॥
ଏହିପରି ଶୁଣି କରି ସନକ ପୁଛନ୍ତି ।
ତହିଁର ଚରିତ୍ର ମୋତେ କହ ମହାମତି ॥
କାହିଁକି ସେ ଭୁବନରେ କଳି ଅଧିକାର ।
ନ କରିବ ବୋଲି କିପାଁ କହ ମୁନିବର ॥
ତାହା ଶୁଣିଣ କହନ୍ତି ବ୍ୟାସଙ୍କ କୁମର ।
ସବୁକାଳରେ କଳିର ଦୁଷ୍ଟ ବ୍ୟବହାର ॥
ସତ୍ୟ ତ୍ରେତୟା ଦ୍ୱାପର ଆଉ କଳିଯୁଗ ।
ଏମନ୍ତ ଏହି ସମ୍ପଦନା କରେ ଭୋଗାଭୋଗ ॥
ପୂର୍ବେ ଦେଖିଣ ଏମନ୍ତ କଳିର ଆଚାର ।
ତାର ପ୍ରତି କୋପରେ ହୋଇଥିଲେ ହର ॥
କଳିକି ବୋଇଲେ ଆମ୍ଭ ଛଡ଼ାଇବୁ ତୋତେ
ବହୁତ ଅନ୍ୟାୟ ତୁ କରୁଅଛୁ ଜଗତେ ॥
ତୋତେ କାଶୀ ରଖିବ ମୁଁ ଆଉ ତିନିଯୁଗ ।
ସେ ତିନି କରିବେ ଏହି ମଧ୍ୟ ଭୋଗାଭୋଗ ॥
ଚାରିଲକ୍ଷ ବତିଶ ଯେ ସହସ୍ର ବରଷ ।
ଯେବେ ଭୋଗ କରିବୁ ତୁ ଅକାଳେ ହେବୁ ନାଶ
ତେଣୁକରି ତୋତେ ମୁହିଁ ପକାଇବି ମାରି ।
ତେବେ ଉଶ୍ୱାସ ପାଇବ ଏହି ବସୁନ୍ଧରୀ ॥
ଶୁଣି କରି କଳିଯୁଗ ହୋଇଲା ତରସ୍ତ ।
ଈଶ୍ୱରଙ୍କ ଚରଣେ ହୋଇଲା ପ୍ରଣମିତ ॥
ମସ୍ତକେ କରଯୋଡ଼ ସେ କରଇ ବନ୍ଦନ ।
ବୋଇଲା ବିନୟେ ମୋର ଶୁଣ ପଶୁପତି ॥
ଯାର ଯେମନ୍ତ ସ୍ୱଭାବ ପ୍ରକୃତି ଅଟଇ ।
ମରିବାଯାଏ କଦାପି ନ ଛାଡ଼ିବ ସେହି ॥
ଆପଣେ ତ ଅଟ ପ୍ରଭୁ ଜଗତ ଈଶ୍ୱର ।
ତୁମ୍ଭଙ୍କୁ ନ ମିଳଇ କି ସୁବର୍ଣ୍ଣର ହାର ॥
ନରଶିର ଗୁଡ଼ାଏକ ଗଳେ ହାର କରୁ ।
ବସ୍ତ୍ର ନ ମିଳଇ କିଏ ହୋଇଲ ଦିଗମ୍ବର ॥
ତୁମ୍ଭଙ୍କୁ କି ନବରତ୍ନ ପୁର ନ ମିଳଇ ।
ଶ୍ମଶାନ ଭୂମିରେ କିପାଁ ବାସ କର ଯାଇ ॥
ନ ମିଳେ କି ତୁମ୍ଭଙ୍କୁ କିବା କର୍ପୂର ଚନ୍ଦନ ।
ଭସ୍ମ କାହିଁକି ଶରୀରେ କରିଛ ଲେପନ ॥
ରତ୍ନଖଟ ପଲଙ୍କ କି ନ ମିଳଇ ତୋତେ ।
ପଶୁ ଚର୍ମରେ ଶୟନ କରୁ କି ନିମନ୍ତେ ॥
ଗଜ ବାଜି ତୁମ୍ଭଙ୍କୁ କି ଅବା ନ ମିଳଇ ।
ଆପଣେ ବଟେଜ କରୁଛ ବୃଷଭ ଆରୋହ ॥
ଏହିପରି ସଂସାରରେ ଛନ୍ତି ଯେତେ ପ୍ରାଣୀ ।
କେହି ନ ଛାଡ଼ନ୍ତି ଜାଣ ନିଜ ଗୁଣମାନ ॥
ସତ୍ୟ ତ୍ରେତୟା ଦ୍ୱାପର ଆଉ କଳିଯୁଗ ।
ଏହା ସେ ଆପଣେ ପ୍ରଭୁ ଭିଆଇଛ ଭୋଗ ॥
ମୋର ନାମ କଳିଯୁଗ ଦେଲ ଗଙ୍ଗାଧର ।
ମିଥ୍ୟା ପରଗୃହ କଲି ମୋହର ବେଭାର ॥
ବଡ଼ପଣମାନ ବୁଝିଲେ ମୁଁ ବଡ଼ ଅଟଇ ।
ଅଳପକେ ମୋ ଯୁଗର ଲୋକେ ମୁକ୍ତିପାଇ ॥
ଏବେ ସେ ତିନିଯୁଗଙ୍କୁ ଡକାଇଣ ଆଣ ।
ନ୍ୟାୟ କରିଣ ବୁଝନ୍ତୁ କେହୁ ବଡ଼ ସାନ ॥
ଶୁଣିଣ ସେ ସଦାଶିବ ତିନିଯୁଗ ଗାଇ ।
ସେମାନଙ୍କୁ ପୁଛାକଲେ ଦେବ ଉମାସାଇଁ ॥
କୁହ ହେ ତୁମ୍ଭମାନଙ୍କ ଯୁଗର ଆଚାର ।
ସାନବଡ଼ କେହୁ ଆମ୍ଭେ କରିବା ବିଚାର ॥
ସତ୍ୟଯୁଗ ବୋଇଲାକ ମୁଁ ବଡ଼ ଅଟଇ ।
ମୋହର ସାନ ଅଟନ୍ତି ଏହୁ ତିନିଭାଇ ॥
ତ୍ରେତୟା ଯୁଗ ବୋଇଲ ମୁହିଁ ବଡ଼ ଜାଣ ।
ମୋ ତହୁଁ ସାନ ଅଟନ୍ତି ଏହି ତିନିଜଣ ॥
ଦ୍ୱାପର ବୋଇଲା ବଡ଼ ସବୁଠାରୁ ମୁହିଁ ।
ମୋହର ଏହି ଅଟନ୍ତି ସାନ ତିନିଭାଇ ॥

Digitized by srujanika@gmail.com

କଳିଯୁଗ ବୋଇଲେ ଶୁଣ ହେ ଦେବଈଶ୍ୱର ।
ଏ ତିନିଙ୍କୁଁ ବଡ଼ ମୁହିଁ ଅଟଇ ନିକର ॥
ଏହା ଶୁଣି ସେମାନଙ୍କୁ ବୋଇଲେ ଈଶାନ ।
ଚାରିଙ୍କୁଁ ବଡ଼ ବୋଇଲ କିଏ ଅଛି ସାନ ॥
ସତ୍ୟଯୁଗକୁ ଚାହିଁଣ ପଚାରନ୍ତି ହର ।
ଅଧର୍ମ କରଇ ଯେବେ ତୋ ଯୁଗର ନର ॥
ତାକୁ କି ଦଣ୍ଡ କେମନ୍ତ ଦେଉ କହ ଭୁହ ।
ସତ୍ୟଯୁଗ କହିଲେକ ଶିବ ମୁଖ ଚାହିଁ ॥
ରାଜ୍ୟ ଲୋକଙ୍କରେ ଯେହୁ ଅଧର୍ମ ଆଚରେ ।
ସେ ରାଜ୍ୟଯାକ ବିନାଶ କରେ ମୁଁ ସତ୍ୱରେ ॥
ତ୍ରେତାଯୁଗ ବୋଲେ ଶୁଣିମା ହେଉ ପଶୁପତି ।
ଗ୍ରାମକରେ ଜଣେ ଯେବେ କରଇ ଅନୀତି ॥
ଗ୍ରାମଯାକ ନାଶ ମୁହିଁ କରଇଁ ଅବଶ୍ୟ ।
ଏ କଥା ସତ୍ୟ ମୋହର ଶୁଣି ଦିଗବାସ ॥
ଦ୍ୱାପରଯୁଗ ବୋଇଲା ଶୁଣ ପଶୁପତି ।
ଘରକେ ଜଣେ ଯେବେ କି କରଇ ଅନୀତି ॥
ସେ ଘରେ ଯେତିକ ଜଣ ଥାଆନ୍ତି ମନୁଷ୍ୟ ।
ସମସ୍ତ କୁଟୁମ୍ବ ତାର କରଇ ବିନାଶ ॥
କଳିଯୁଗ ବୋଇଲାକ ଶୁଣ ଦେବ ହର ।
ଅଧର୍ମ ଆଚରଣଟି କରେ ଯେଉଁ ନର ॥
ତାହାକୁ ଯେ ଏକା ମୁହିଁ କରଇ ବିନାଶ ।
ଏହାପରି କରେଁ ମୁହିଁ ବୁଝିନ୍ତୁ ମହେଶ ॥
ଶୁଣି ମନେ ବିଚାରନ୍ତି ଦେବ ସଦାଶିବ ।
ସବୁଙ୍କୁଁ ବଡ଼ ଅଟଇ କଳିଯୁଗ ଭାବ ॥
ଜଣକର ଯୋଗେ ରାଜ୍ୟଯାକ ପ୍ରାଣ ହରେ ।
ଏମନ୍ତ ବୁଦ୍ଧିମଣା ଏ ସତ୍ୟଯୁଗ କରେ ॥
ଗ୍ରାମକରେ ଅଧର୍ମଟି କରେ ଜଣେ ଯେବେ ।
ଗ୍ରାମଯାକ ନାଶକରେ ତ୍ରେତାଯୁଗ ତେବେ ॥
ଘରକେ ଜଣେ ଅନ୍ୟାୟ ଯେବେ ଆଚରିଲା ।
କୁଟୁମ୍ବଯାକ ଦ୍ୱାପରଯୁଗ ନାଶ କଲା ॥
ମନକୁ ମୋ ନ ଆସଇ ତୁମ୍ଭ ବୁଦ୍ଧିମଣା ।
କଳିର ବୁଦ୍ଧିମଣାଟି ଅଟଇ ଠିକଣା ॥
ଯେ ଦୋଷ କରଇ ତାକୁ କଳି କରେ ନାଶ ।
ଏଣୁକରି କଳିଯୁଗ ଅଟଇ ବିଶେଷ ॥
ଏମନ୍ତ ବୋଲନ୍ତେ ସହୁଁ ବୋଇଲେକ ହର ।
ଶୁଣିକରି ତିନିଯୁଗ କୋପେ ଥରହର ॥
ବୋଇଲେ କନିଷ୍ଠ ହୋଇ ହେଲୁ ଶ୍ରେଷ୍ଠତର
ପୋଡ଼ୁ ପୋଡ଼ୁ ତୋର ମୁହିଁ ତୋ ବୁଦ୍ଧି ବିଚାର
ଚାରିଲକ୍ଷ ବତିଶ ଯେ ସହସ୍ର ବରଷ ।
ଏତେକେ ତୋହର ଭୋଗ ହୋଇଯିବ ଶେଷ ॥
ଏତେକାଳ ଯେତେଦିନ ହେବ ତୋର ଭୋଗ ।
ପୃଥିବୀଦେବୀ କପାଳେ ଅଛି ଦୁଃଖ ଯୋଗ ॥
ମିଛ ସତ ମିଶାଇଣ କହିବେ ବହୁତ ।
ବୃଦ୍ଧାଙ୍କୁ ବାଳକ୍ୟ ଜିଣିବେ ତୋ ଯୁଗ ବାଞ୍ଛିତ ॥
ବୁଝିବଲେ ଆମ୍ଭଙ୍କୁ ତୁ ହାରିଲୁ ପୁଣି ।
ତେଣୁକରି ବଡ଼ ତୋତେ କଲେ ଶୂଳପାଣି ॥
ବାର ସହସ୍ର ବରଷ ହୋଇବ ତୋ ଭୋଗ ।
ଏ ଉତ୍ତାରୁ ପରବେଶ ହେବ ସତ୍ୟଯୁଗ ॥
ଏତେ ବୋଲି ତିନିଯୁଗ ତହୁଁ ଚଳିଗଲେ ।
କଳିର ମୁଖକୁ ଚାହିଁ ଈଶ୍ୱର ବୋଇଲେ ॥
କାଶୀକ୍ଷେତ୍ରଟି ଅଟଇ ମୋର ନିଜସ୍ଥଳୀ ।
ତହିଁରେ କଳିଯୁଗ ତୁ ନୋହିବୁ ପ୍ରବଳ ॥
ସକଳ ବେଦ ବିଦ୍ୟାଦି ସେହିଠାରେ ଥିବ ।
ତୋ ଭୋଗ ଅନ୍ତେ ସେ ପୁଣ ପ୍ରବଳ ହୋଇବ
ଶୁଣିକରି କଳିଯୁଗ ସନମତ କଲା ।
ଏ ତୋହର ଆଜ୍ଞା ଦେବ ପାଳିବି ବୋଇଲା ।
ଏତେକ କହି ଈଶ୍ୱର କଇଳାସ ଗଲେ ।
ସଉନକ ଆଗେ ଶୁକ ଏ ସବୁ କହିଲେ ॥
ଶୁଣିକରି ସର୍ବ ମୁନି ହୋଇଲେକ ତୋଷ ।
କହେ ମାଧବ ଉଦ୍ଧର ମୋତେ ପୀତବାସ ॥

କଳ୍କିଅବତାର ।

ଏଥିଅନ୍ତରେ କହନ୍ତି ମହାମୁନି ଶୁକ ।
ସାବଧାନେ ଶୁଣ ତୁମ୍ଭେ ଆହେ ସଉନକ ॥
ଅନେକ ଅଧର୍ମମାନ କଳିଯୁଗେ ହେବ ।
ସଂସାରରେ ଧର୍ମଭାଗ କିଛି ନ ରହିବ ॥
ପୃଥିବୀଦେବୀ ବହୁତ ପାଇବେଟି ତ୍ରାସ ।
ଦିବସେ କାନ୍ଦିବ ହୋଇ ଅତ୍ୟନ୍ତ ଅଧୀର ॥
ନିର୍ଘାତ ଭୂମିକମ୍ପ ଯେ ହୋଇବ ବହୁତ ।
ସନ୍ଥଜନେ ପାଇବେ ଯେ ଦୁଃଖ ଅପ୍ରମିତ ॥
ସୁଜନଜନମାନେ ଯେ ହୋଇବେ କାତର ।
ଆନନ୍ଦରେ ଦୁର୍ଜନଙ୍କ ବଢ଼ିବ ଶରୀର ॥

Digitized by srujanika@gmail.com

ନିର୍ମଳଲୋକଙ୍କ ଧନ ନେବେ ବଳବନ୍ତ ।
ମହନ୍ତଜନମାନେ ଦୁଃଖ ପାଇବେ ବହୁତ ॥
ତାଙ୍କ ଦୁଃଖ ଦେଖି ଦୟା ନ କରିବେ କେହି ।
ଦୁଷ୍ଟଲୋକମାନେ ସର୍ବ ଘେନିବେ ଛଡ଼ାଇ ॥
ଯେତେ ବଳୀ ହେବ ମହୀ କରିବ ସେ ଭୋଗ ।
ନିର୍ବଳଲୋକଙ୍କରଟି ହେବ ମୃତ୍ୟୁଯୋଗ ॥
ଆତ୍ମାର ଉଦ୍ଧାରପାଇଁ ନ କରିବେ ମନ ।
ନିଶି ଦିବସରେ ନରେ ସଞ୍ଚିଥିବେ ଧନ ॥
ଧନ ଅର୍ଜିବେ କେବଳ ଚାତୁରୀ କରି ।
ମୁଖରେ ନ ବୋଲିବେ ସେ ରାମ କୃଷ୍ଣ ହରି ॥
ମାଗନ୍ତା ଜନମାନଙ୍କୁ କରିବେ ନିରାଶ ।
କ୍ଷୁଧାର୍ତ୍ତିଜନଙ୍କୁ ଯେ ନ ଦେବେ ଅନ୍ନଗ୍ରାସ ॥
କୁକର୍ମରେ ଚଳିବେ ନ କରିବେ ସୁକର୍ମ ।
ପରଜାଏ ହେବେ ମତ୍ତ ରାଜା ହେବ ଯମ ॥
ଯାହାର ଯେ କର୍ମମାନ କେହି ନ ରଖିବେ ।
ଅନାଚାରରେ ସକଳେ ପ୍ରବର୍ତ୍ତ ହୋଇବେ ॥
ନୃତ୍ୟ ଗୀତ ବାଦ୍ୟାଦିରେ ଶ୍ରଦ୍ଧା ସବୁଙ୍କର ।
ଶୁଣିଲେ ସେଠାରେ ରୁଣ୍ଡ ହେବେ ନର ନାରୀ
ହାସ ପରିହାସମାନ ଖେଳ କଉତୁକ ।
ଏଥିରେ ଶ୍ରଦ୍ଧା କରିବେ ଭଲ ଭଲ ଲୋକ ॥
ବିଷ୍ଣୁଙ୍କ ଚରିତ୍ର ଆଉ ନୋହିବ ବଖାଣ ।
ବ୍ରାହ୍ମଣେ କରିବେ ପୁଣି ଶୂଦ୍ର ଆଚରଣ ॥
ଥାଉଁ ଥାଉଁ ବୋଲିବେ ଯେ କିଛି ନାହିଁ ମୋର
ଦୁର୍ଭିକ୍ଷା କଥା କହିବେ ହୋଇ ଆଗୁଁସାର ॥
ଧନୀକରପାଇଁ ବସ୍ତ୍ର ଦାନ ସେ ଘେନିବେ ।
କଉଡ଼ି ପାଇଲେ ସେହୁ ଦୁହିତା ବିକିବେ ॥
ବେଶ୍ୟାମାନେ ଧନବନ୍ତେ କରିବେ ଆଦର ।
କୁଳସ୍ତ୍ରୀଏ ଛାଡ଼ିବେ କୁଳର ଆଚାର ॥
ଯେ ଯାହାର କୁଳଧର୍ମ ନ ରଖିବେ କେହି ।
ଅଧର୍ମରେ ପ୍ରବର୍ତ୍ତିବେ ଧର୍ମ ଛାଡ଼ିଦେଇ ॥
ଆପଣାର ଭାରିଯାକୁ ନେଉଥିବ ପର ।
ଛଳ ନ ଧରିବ ସେହି ଆପଣା ହୃଦର ॥
ବନ୍ଧୁଭାବରେ ତାହାକୁ କରିବେ ଆଦର ।
ତିଳେ ଲଜ୍ଜା ନ ଥିବଟି ତାହାଙ୍କ ମୁଖର ॥
ଜାତକଳ ସନ୍ତାନକୁ ହସ୍ତେ ବଧ କରି ।
ବିଧବା ନାରୀମାନେତ କରିବେ ଏପରି ॥

ଧନ ଅରଜନ୍ତି କେତେ ଧର୍ମ ନ କରିବେ ।
ଗୋବିନ୍ଦର ନାମ ପୁଣି କର୍ଣ୍ଣେ ନ ଶୁଣିବେ ॥
ଏମନ୍ତମ୍ଲେଚ୍ଛାଦି କର୍ମ କରିବେ ଜଗତ ।
ଯହୁଁ ସେହୁ ଛାଡ଼ିଦେବେ ସର୍ବ ଧର୍ମପଥ ॥
ଭାର ପାଇଣ ବିକଳ ହୋଇବ ଧରଣୀ ।
ପୃଥ୍ୱୀର ବିକଳ ଜାଣି ପ୍ରଭୁ ଚକ୍ରପାଣି ॥
ବାୟୁବେଗଗାମୀ ଅଶ୍ୱ କରି ଆରୋହଣ ।
ଦକ୍ଷିଣ ହସ୍ତରେ ଥିବ ପ୍ରଚଣ୍ଡ କୃପାଣ ॥
ତାମସଗୁଣ ଘେନିଣ ଯେତେକ ଭକତ ।
ପ୍ରଭୁଙ୍କ ହସ୍ତେ ସେମାନେ ହୋଇବେ ନିହତ ॥
ମାୟା ନ ଥିବଟି ଯେଉଁ ଜନ ହୃଦୟରେ ।
ସେହି ଜୀଇବେ ମରିବେ ଆଉ ସର୍ବ ନରେ ॥
ବିଷ୍ଣୁର ଅଂଶରେ ଯେତେ ବାଳକ ବାଳିକା ।
ଦୁଷ୍ଟଙ୍କୁ ସଂହାରି ତାଙ୍କ ରଖିବେଟି ଏକା ॥
ଏମନ୍ତେଣ ସତ୍ୟଯୁଗ ହୋଇବ ପ୍ରଚାର ।
ମିଥ୍ୟା ନ କହିବେ ଆଉ ସେହିଠାରୁ ନର ॥
ଛନ୍ଦ ମନ୍ଦ ଦ୍ୱନ୍ଦ୍ୱ ନାହିଁ କୁଟିଳ ସ୍ୱଭାବ ।
ପରଧନ ପରସ୍ତ୍ରୀରେ ହୋଇବେ ନିର୍ଲୋଭ ॥
ପରହିଂସା ତେଜିକରି ଧର୍ମେ ରଖି ଆଶ ।
କରିବେ ଧର୍ମକାର୍ତ୍ତିକ ସକଳେ ବିଶ୍ୱାସ ॥
ଗୋ ବ୍ରାହ୍ମଣ ଅତିଥିଙ୍କୁ କରିବେଟି ପୂଜା ।
ରାଜାଏ ପୁତ୍ରସମାନ ପାଳିବେ ପରଜା ॥
ବେଦବାକ୍ୟରେ କରିବେ ସର୍ବେ ଯଥାକର୍ମ ।
ବ୍ରହ୍ମ ଶାସ୍ତ୍ରର ନିୟମେ କରିବେ ଯେ ହୋମ ॥
ବିଷ୍ଣୁ ପୁରାଣ ଚରିତ୍ର କର୍ଣ୍ଣପଥେ ଶୁଣି ।
ସମସ୍ତେ ଧ୍ୟାନେ ଭଜିବେ ଦେବ ଚକ୍ରପାଣି ॥
ଅଦାତା କୃପଣ କେହି ଏ ଯୁଗେ ନୋହିବେ ।
ସତ୍ୟ ସର୍ବଦା କହିଣ ମିଥ୍ୟାକୁ ଛାଡ଼ିବେ ॥
ପରପୁରୁଷରେ କେବେ ନମିବ ରେ ସ୍ତ୍ରିରି ।
ଗେରସ୍ତକୁ ପତିବ୍ରତାମାନେ ସେବା କରି ॥
କ୍ଷତ୍ରିୟମାନେ ରଣରେ ନୋହିବେ ନିପାତ ।
ମାଇଲେ ଯଶ ମରିଲେ ମିଳେ ସ୍ୱର୍ଗପଥ ॥
ଇନ୍ଦ୍ର ବରଷା କରିବେ ଯେ ବେଳକାଳ ଜାଣି ।
ବହୁତ କୃଷି ହୋଇବ ସୁଖୀ ହେବେ ପ୍ରାଣୀ ॥
ଅନ୍ନକଷ୍ଟ ବୋଲି ଆଉ ନ ଥିବ କାହାର ।
ସର୍ବଦା ଧର୍ମ ଆଚରି ନେବେ ନରନାରୀ ॥

Digitized by srujanika@gmail.com

ଏତେଶୁଣିକରି ଅଧର୍ମେ ଯେ ନ କରିବ ତ୍ରାସ ।
ଲକ୍ଷେକ ବରଷଯାଏ ବର୍ତ୍ତିବେ ମନୁଷ୍ୟ ॥
ଲୋଭମୋହ ମନରେ ଯେ ନ ଥିବ କାହାର ।
ଦୁଃଖରେ ଧନ କାଟିବେ ସର୍ବ ନର ନାରୀ ॥
ବ୍ରାହ୍ମଣମାନେ କରିବେ ଯଥାବିଧି କର୍ମ ।
ଅଗ୍ନିରେ ହୋମ କରନ୍ତା ହୁଅନ୍ତିବ ଧନ ॥
ତ୍ରିସନ୍ଧ୍ୟା କରିବେ ସନ୍ଧ୍ୟ ବେଳକାଳ ଜାଣି ।
ପୁଷ୍କରେ ଜଳ ନ ଦେଇ ନ ପିଇବେ ପାଣି ॥
ବେଦମନ୍ତ୍ରରେ ଜ୍ଞାତା ଯେ ହୋଇବେ ବ୍ରାହ୍ମଣ ।
ଯେ ଯାହା କହିବେ ତାହା ଘଟିବ ପ୍ରମାଣ ॥
ଯେବେ ସେହି ବ୍ରାହ୍ମଣରେ ବାକ୍ୟ ହେବ ସିଦ୍ଧି ।
ନିତ୍ୟକର୍ମ କରି ଯହୁଁ ହୋଇବେ ସତ୍ୟବାଦୀ ॥
ନିଜକର୍ମରେ ରହିଲେ ସର୍ବେ ହୋଇବେ ସୁଖୀ ।
ତେବେ ଧର୍ମ କରିବେ ତାଙ୍କୁ ଅଷ୍ଟଆଖି ॥
ଯେ ଯାହାର କୁଳଧର୍ମ କରିବେ ଆଗର ।
ତେଣୁ ସ୍ୱର୍ଗରେ ରହିବେ ଜାଣ ସର୍ବନର ॥
ଅଧର୍ମରେ [illegible] କେହୁ ନ ମଜାଇ କହି ।
ସେ ଲୋକର ମୁକ୍ତିମାର୍ଗ ଯମ ଦେବ ମୋକ୍ଷ ॥
ଧର୍ମରେ କାହାର ଦେଖାଇ ହୁଏ ଆତଯାତ ।
କଳିଯୁଗେ ଦେଖ ଧର୍ମ ଅଛଇ ସତ ॥
ଧର୍ମ ସ୍ୱର୍ଗଗିରି ପାଇ ଅଧର୍ମରେ ଦୁଃଖ ।
ଇହ ପରଲୋକେ ତାକୁ କାହିଁ ନାହିଁ ସୁଖ ॥
ଅଧର୍ମର ପ୍ରାଣୀକି ନ ସହେ ବସୁନ୍ଧରା ।
ସେ ଲୋକକୁ ଦୟା କେବେ ନ କରନ୍ତି ହରି ॥
ନାରାୟଣ ନ କରନ୍ତି ତାହା ପ୍ରତି ଦୟା ।
ବୃଥା ଜନ୍ମ ତାହାର ଅକାରଣ କାୟା ॥
ଏହି ସକଳ କହନ୍ତି ନୈମିଷ ଅରଣ୍ୟେ ।
କହୁଛନ୍ତି ଶୁକ ସର୍ବ ଋଷି ସନ୍ନିଧାନେ ॥
ସୌନକ ମୁନି ଆଦିଏ ଶୁଣି କୃତ କୃତ ।
ଭବିଷ୍ୟ ପୁରାଣ ଏହା କହିଲେ ଯା ମତ ॥
ସେହି ସାଧୁଜନଙ୍କର ଚରଣେ ଧାରଣା ।
କହେ ମାଧବ ଉଦ୍ଧର ମୋତେ ନାରାୟଣ ॥
ଏହି କଳିଯୁଗ କଥା ଅଟେ ଅକଳନ୍ତ ।
[illegible] ଯାହା ବ୍ୟାସସୁତ ॥
[illegible] ଆଜ୍ଞାରେ ମୁହିଁ କଲି ଗୀତଯୋଗେ ।
[illegible] କୃପା ଅନୁରାଗେ ॥

ANATH GAVESHANA ... LIBRARY 23058

ସକଳ ହୃଦୟ ମଧ୍ୟେ ଯେ ନିଜେ ନାରାୟଣ ।
ସେ ଯାହା କରନ୍ତି ତାହା ଅଟଇ ପ୍ରମାଣ ॥
ସେହି ମହାପ୍ରଭୁ ମୋତେ କୃପା କଲେ ଯାହା ।
ତେଣୁକରି ଗୀତଯୋଗେ ଲେଖିଲି ମୁଁ ତାହା ॥
ଶ୍ରୀ ଶ୍ରୀ ନାରାୟଣଙ୍କର ଅଭୟ ଚରଣ ।
ମାଧବଦାସ ନିରତେ ମାଗିଲା ଶରଣ ॥
ଆହେ ସାଧୁଜନେ ଏହି ପୁରାଣକୁ ଶୁଣି ।
ସନ୍ତୋଷେ ଦକ୍ଷିଣା ଦେବ ବ୍ରାହ୍ମଣଙ୍କୁ ଆଣି ॥
ଶକ୍ୟ ଅନୁକ୍ରମେ କିଛି ତୋଷମନେ ଦେବ ।
ନୋହିଲେ ଶ୍ରୋତାମାନଙ୍କ ବଡ଼ ଦୋଷ ହେବ ॥
ଦେବାବିଷୟେ କୁଣ୍ଠିତ ନ ହୋଇବେ କେହି ।
ଦେଇଥିଲେ ପାଇ ଏହା ସର୍ବ ଶାସ୍ତ୍ରେ କହି ॥
କେତେକ ଲୋକ ଅଛନ୍ତି ଏ ଭବସାଗରେ ।
ଦକ୍ଷିଣା ଦେବା ସମୟେ ନ ଆସନ୍ତି ତରେ ॥
ଶୁଣିଲାବେଳେ ଭେଦିବେ ବ୍ରହ୍ମାଣ୍ଡଯାଏ ।
ଦେଲାବେଳେ ଗଳିଯିବେ ନ ଦେଇ କଡ଼ାଏ ॥
ଦକ୍ଷିଣା ନ ଦେଲେ ବିପ୍ର ହୁଅନ୍ତି ଅସନ୍ତୋଷ ।
ମାଗଣେ ପଣେ କାଶ୍ଚେ ଦେବ ଶାସ୍ତ୍ର ହେଲେ ଶେଷ ॥
ଏଥିକି ବିଚାରକରି ଶୁଣିବ ପୁରାଣ ।
ବହୁତ କଷ୍ଟ ପାଇଣ ପଢ଼ଇ ବ୍ରାହ୍ମଣ ॥
ଶୁଣ ହେ ସୁଜନେ ମୋର ପକ୍ଷପାତ୍ର ନାହିଁ ।
ଏହା ଶୁଣାଇଲି ମୁହିଁ ତୁମ୍ଭ ହିତପାଇଁ ॥
ଏ ପୁରାଣ ଶୁଣିଲେକ ଶାନ୍ତ ହେବ ମନ ।
କରିବାକୁ ଇଚ୍ଛାହେବ ସତତ ଧରମ ॥
ବିଷ୍ଣୁଙ୍କର ଚରିତ୍ର ଏ ଶ୍ରୀ ମୋକ୍ଷପୁରାଣ ।
ଶୁଣିଲେ ଧନ ସନ୍ତାନ ବୃଦ୍ଧି ହେବ ଜାଣ ॥
ଅନେକ ଅଲକ୍ଷ୍ମୀମାନ ତାର କ୍ଷୟ ଯିବ ।
ଏକମନ ହୋଇ ଯେବେ ଏହାକୁ ଶୁଣିବ ॥
ମାତୃହରଣ ଯେ ସୁରାପାନାଦି ପାତକ ।
ଗୋହତ୍ୟା ବ୍ରହ୍ମହତ୍ୟାଦି କୃତଘ୍ନ ଯେତେକ ॥
ଏକମନ ହୋଇ ଯେବେ ଶୁଣ ଏ ପୁରାଣ ।
ଏତେକ ପାତକ ନାଶି ଯିବ ସ୍ୱର୍ଗେ ଜାଣ ॥
କହେ ମାଧବ ଶ୍ରୀକୃଷ୍ଣ ଗୁଣର ସମ୍ବାଦ ।
ଆଠହଜାର ଦୁଇଶ ପର୍ଯ୍ୟନ୍ତ ଏ ପଦ ॥
ସଂଖ୍ୟା କରିବାରେ ସ୍ୱାକୁ ଏତେପଦ ହେଲା ।
ମୋକ୍ଷପୁରାଣ ଏତେକେ ସମ୍ପୂର୍ଣ୍ଣ ହୋଇଲା ॥

ସମ୍ପୂର୍ଣ୍ଣ ।

Printed by Nityananda Sahoo Arunodaya Press Cuttack

Digitized by srujanika@gmail.com

ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକମାନ କଟକ ଅରୁଣୋଦୟ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି,
ଗ୍ରାହକଗଣ ତଲବକଲେ ଅନାୟାସେ ପ୍ରାପ୍ତ ହେବେ ।

ମହାଭାରତ ଆଦିପର୍ବ	ଟ ୨୳
,, ମଧ୍ୟପର୍ବ	ଟ ୨୳
,, ସଭାପର୍ବ	ଟ ୨୳
,, ବନପର୍ବ	ଟ ୨୳
,, ବିରାଟପର୍ବ	ଟ ୧।
,, ଉଦ୍ୟୋଗପର୍ବ	ଟ ୧୲
,, ଭୀଷ୍ମପର୍ବ	ଟ ୧।
,, ଦ୍ରୋଣପର୍ବ	ଟ ୦ ୴
,, କର୍ଣ୍ଣପର୍ବ	ଟ ୦ ।୵
,, ଶଲ୍ୟପର୍ବ	ଟ ୦ ୵
,, ଗଦାପର୍ବ	ଟ ୦ ୵
,, କାଇଶିକା ବା ଐଷିକପର୍ବ	ଟ ୦ ।
,, ନାରୀ ଓ ଶାନ୍ତିପର୍ବ	ଟ ୦ ୵
,, ଅଶ୍ୱମେଧ ଓ ଆଶ୍ରମିକପର୍ବ	ଟ ୦ ।୵
,, ମୂଷଳୀପର୍ବ	ଟ ୦ ।୵
,, ସ୍ୱର୍ଗାରୋହଣପର୍ବ	ଟ ୦ ।୵
ରାମାୟଣ ଆଦିକାଣ୍ଡ	ଟ ୧୲
,, ଅଯୋଧ୍ୟାକାଣ୍ଡ	ଟ ୦ ୳୵
,, ଅରଣ୍ୟକାଣ୍ଡ	ଟ ୦ ୳୵
,, କିଷ୍କିନ୍ଧ୍ୟାକାଣ୍ଡ	ଟ ୦ ୵
,, ସୁନ୍ଦରକାଣ୍ଡ	ଟ ୦ ୳୵
,, ଲଙ୍କାକାଣ୍ଡ	ଟ ୧୴
,, ଉତ୍ତରକାଣ୍ଡ	ଟ ୧।
ନୃସିଂହପୁରାଣ ୧ମ ରତ୍ନାକର	ଟ ୧।
,, ୨ୟ ରତ୍ନାକର	ଟ ୦ ୴
,, ୩ୟ ରତ୍ନାକର	ଟ ୧୲
,, ୪ର୍ଥ ରତ୍ନାକର	ଟ ୧୳
,, ୫ମ ରତ୍ନାକର	ଟ ୦ ।୵
,, ୬ଷ୍ଠ ରତ୍ନାକର	ଟ ୦ ।୵
,, ୭ମ ରତ୍ନାକର	ଟ ୧୳
ବ୍ରହ୍ମବୈବର୍ତ୍ତପୁରାଣ ବ୍ରହ୍ମଖଣ୍ଡ	ଟ ୦ ୳୵
,, ପ୍ରକୃତିଖଣ୍ଡ	ଟ ୨୲
,, ଗଣେଶଖଣ୍ଡ	ଟ ୧୲
,, ଶ୍ରୀକୃଷ୍ଣଜନ୍ମଖଣ୍ଡ	ଟ ୨।୵
ବୃହତ୍ କେଶରୀ ପୁରାଣ ପ୍ରଥମସର୍ଗ	ଟ ୧।
,, ଦ୍ୱିତୀୟସର୍ଗ	ଟ ୧୲
,, ତୃତୀୟସର୍ଗ	ଟ ୧୲
,, ଚତୁର୍ଥସର୍ଗ	ଟ ୩।୵
,, ପଞ୍ଚମସର୍ଗ	ଟ ୦ ୳୵
ଶିବପୁରାଣ ପ୍ରଥମଖଣ୍ଡ	ଟ ୦ ୴
,, ଦ୍ୱିତୀୟଖଣ୍ଡ	ଟ ୦ ୴
,, ତୃତୀୟ ଖଣ୍ଡ	ଟ ୦ ୴
ନାରଦ ପୁରାଣ	ଟ ୧୲
ମତ୍ସ୍ୟପୁରାଣ	ଟ ୦ ।୵
ମାର୍କଣ୍ଡେୟପୁରାଣ (ସଚିତ୍ର)	ଟ ୧୲
କୂର୍ମପୁରାଣ ୧ମ ୨ୟ ଏକତ୍ର	ଟ ୧୲
,, ୩ୟ	ଟ ୦ ୴
ବସୁଦେବପୁରାଣ	ଟ ୦ ୴
ବିଲଙ୍କାରାମାୟଣ ପୂର୍ବଖଣ୍ଡ	ଟ ୦ ୴
ଏକତ୍ର ଉତ୍ତରଖଣ୍ଡ	ଟ ୦ ୴
ବିଚିତ୍ର ବିଲଙ୍କା ରାମାୟଣ	ଟ ୦ ।୵
ସଚିତ୍ର ଅଧ୍ୟାତ୍ମ ରାମାୟଣ	ଟ ୩୲
ରାଧାରସାମୃତଗୀତା	ଟ ୦ ।୵
ବୈଦେହୀଶବିଳାସ ୧ମ ଖଣ୍ଡ	ଟ ୧୲
,, ୨ୟ ଖଣ୍ଡ	ଟ ୧୲
,, ୩ୟ ଖଣ୍ଡ	ଟ ୧୲
,, ୪ର୍ଥ ଖଣ୍ଡ	ଟ ୧୳
ସପ୍ତଖଣ୍ଡ ହରିବଂଶ ୧ମ ଖଣ୍ଡ	ଟ ୧।
,, ,, ୨ୟ ଖଣ୍ଡ	ଟ ୧।
,, ,, ୩ୟ ଖଣ୍ଡ	ଟ ୧୳
,, ,, ୪ଥ ଖଣ୍ଡ	ଟ ୧୳
,, ,, ୫ମ ଖଣ୍ଡ	ଟ ୧୲
,, ,, ୬ଷ୍ଠ ଖଣ୍ଡ	ଟ ୨୲
,, ,, ୭ମ ଖଣ୍ଡ	ଟ ୦ ୴
ଶ୍ରୀମଦ୍ଭାଗବତ ୧ମ ସ୍କନ୍ଧ	ଟ ୦ ।
,, ୨ୟ ସ୍କନ୍ଧ	ଟ ୦ ୵
,, ୩ୟ ସ୍କନ୍ଧ	ଟ ୦ ।୵
,, ୪ର୍ଥସ୍କନ୍ଧ	ଟ ୦ ୳
,, ୫ମ ସ୍କନ୍ଧ	ଟ ୦ ।
,, ୬ଷ୍ଠ ସ୍କନ୍ଧ	ଟ ୦ ।
,, ୭ମ ସ୍କନ୍ଧ	ଟ ୦ ।୵
,, ୮ମ ସ୍କନ୍ଧ	ଟ ୦ ।୵
,, ୯ମ ସ୍କନ୍ଧ	ଟ ୦ ।୵
,, ୧୦ମ ସ୍କନ୍ଧ (ଗୋପ)	ଟ ୦ ।୵
,, ,, (ଦ୍ୱାରକା)	ଟ ୦ ୳୵
,, ୧୧ଶ ସ୍କନ୍ଧ	ଟ ୦ ୵
,, ୧୨ଶ ସ୍କନ୍ଧ	ଟ ୦ ।୵
,, ୧୩ଶ ସ୍କନ୍ଧ	ଟ ୦ ୵

ଅରୁଣୋଦୟ ପ୍ରେସ, ଚାନ୍ଦିନୀଚୌକ କଟକ
ପୋଃ ଅଃ ବୁଦ୍ଧଗୋପୀପୋକ । ପ୍ରୋପ୍ରାଇଟର—
ଶ୍ରୀ ରାମଚନ୍ଦ୍ର ମାଧ୍ୱ ।

Digitized by srujanika@gmail.com